# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଅଗଷ୍ଟ ୨୬/୨୦୧୮ (୧୬ ପୃଷ୍ଠା+ଛୁଟିଦିନ) Sambalpur, Sunday, August 26/ 2018 ★★

୧୪ଶ ଭାଗ ୨୪୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## 'ସଡ଼କ୍‌-୨'କୁ ଫେରିବେ ପୂଜା

ଅଭିନେତ୍ରୀ ପୂଜା ଭଟ୍ଟ 'ସଡ଼କ୍‌-୨'କୁ ଫେରୁଥିବା ପ୍ରକାଶ କରିଛନ୍ତି। ୧୯୯୧ରେ ନିର୍ମିତ 'ସଡ଼କ୍‌' ଫିଲ୍ମରେ ସଞ୍ଜୟ ଦତ୍ତ ଓ ପୂଜା ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ।

୦୨

୧୫

## ଦେବାଶିଷଙ୍କ ସ୍ଥାନରେ ରଶ୍ମି

ଦେବାଶିଷ ମହାନ୍ତିଙ୍କ ସ୍ଥାନରେ ରଶ୍ମିରଞ୍ଜନ ପରିଡ଼ା ଓଡ଼ିଶା ରଣ୍‌ଜୀ ଦଳର ନୂଆ କୋଚ୍‌ ଭାବେ ନିଯୁକ୍ତି ପାଇଛନ୍ତି।










ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୫୭ତମ ଜୟନ୍ତୀ ତିଥିରେ ଧରିତ୍ରୀ ପକ୍ଷରୁ ସାରସ୍ୱତ ପ୍ରଣାମ।

### ଏମ୍ସର ପ୍ରଥମ ସମାବର୍ତ୍ତନ ଉତ୍ସବରେ ଉପରାଷ୍ଟ୍ରପତିଙ୍କ ଆହ୍ୱାନ

# ଗ୍ରାମାଞ୍ଚଳରେ ପହଞ୍ଚୁ ଉନ୍ନତ ସ୍ୱାସ୍ଥ୍ୟସେବା

ଭୁବନେଶ୍ୱର,୨୫।୮ (ବ୍ୟୁରୋ)

ଭାରତର ଆତ୍ମା ଗ୍ରାମାଞ୍ଚଳରେ ରହିଛି। ଆମକୁ ବିଶେଷ ଭାବେ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। କେନ୍ଦ୍ର ସରକାର ପ୍ରାଥମିକତା ଦେଇ ଗ୍ରାମାଞ୍ଚଳ ଡାକ୍ତରଖାନାଗୁଡ଼ିକର ଭିତ୍ତିଭୂମିକୁ ସୁଦୃଢ଼ କରୁଛନ୍ତି। ଏକ୍ଷେତ୍ରରେ ଡାକ୍ତର, ନର୍ସ ଏବଂ ମେଡିକାଲ କର୍ମଚାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କୁ ଆଧୁନିକ ଚିକିତ୍ସା ପଦ୍ଧତି, ରୋଗ ନିରୂପଣ ଓ ସ୍ୱାସ୍ଥ୍ୟ ସଂକ୍ରାନ୍ତ ଗବେଷଣା ଉପରେ ଅଧିକ ମନୋନିବେଶ କରିବାକୁ ପଡ଼ିବ। ସେହିପରି ଡାକ୍ତରୀ ଶିକ୍ଷାରେ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରୀଛାତ୍ରମାନଙ୍କୁ ପ୍ରଥମେ ଗ୍ରାମାଞ୍ଚଳ ଡାକ୍ତରଖାନାରେ ରୋଗୀସେବାକୁ ଗୁରୁତ୍ୱ ଦେବାକୁ ପଡ଼ିବ। ଏହାଦ୍ୱାରା ଗ୍ରାମାଞ୍ଚଳ ବାସିନ୍ଦାଙ୍କ ଜୀବନଶୈଳୀ ଓ ରୋଗ, ସାମାଜିକ ଗୋଷ୍ଠୀ ଉପରେ ସେମାନେ ଅନେକ କିଛି ଜାଣିବାକୁ ପାଇବେ। ଭବିଷ୍ୟତରେ ଉତ୍ତମ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେମାନଙ୍କୁ ତାହା ସହାୟକ ହେବ ବୋଲି କହିଛନ୍ତି ଉପରାଷ୍ଟ୍ରପତି ଏମ. ଭେଙ୍କାୟା ନାଇଡୁ।



ଭୁବନେଶ୍ୱରସ୍ଥିତ ଏମ୍ସର ସମାବର୍ତ୍ତନ ଉତ୍ସବରେ ଉପରାଷ୍ଟ୍ରପତି ଏମ୍‌. ଭେଙ୍କାୟା ନାଇଡୁ ଉଦ୍‌ବୋଧନ ଦେଉଛନ୍ତି।

- ଚଳିତବର୍ଷ କାର୍ଯ୍ୟକ୍ଷମ ହେବ ୯୭୮ ଅନୁମୋଦିତ ଶଯ୍ୟା ଏବଂ ୧୧୨ ଶଯ୍ୟା ବିଶିଷ୍ଟ ଆଇସିୟୁ
- ଖୋଲିବ ଅଗ୍ନିଘାତ ଚିକିତ୍ସା ୟୁନିଟ, ଚର୍ମ ବ୍ୟାଙ୍କ, ୫୬୦ ରୋଗୀ ସମ୍ପର୍କୀୟ ରହିବା ପାଇଁ ରାତ୍ରି ଆଶ୍ରୟସ୍ଥଳ
- ଦେଶରେ ୨୨ ନୂଆ ଏମ୍ସ ନିର୍ମାଣ ଚାଲିଛି: କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

ଶନିବାର ପୂର୍ବାହ୍ନ ୧୦ଟାରେ ଆୟୋଜିତ ଭୁବନେଶ୍ୱର ଏମ୍ସର ପ୍ରଥମ ସମାବର୍ତ୍ତନ ଉତ୍ସବରେ ଉପରାଷ୍ଟ୍ରପତି ନାଇଡୁ ଉପରୋକ୍ତ ଉଦ୍‌ବୋଧନ ଦେବା ପୂର୍ବରୁ ପ୍ରଥମେ ଓଡ଼ିଆରେ କହିଥିଲେ 'ଆପଣମାନଙ୍କୁ ମୋର ନମସ୍କାର। ମୁଁ ଏମ୍ସ ଭୁବନେଶ୍ୱରର ସମାବର୍ତ୍ତନ ଉତ୍ସବକୁ ଆସିଥିବାରୁ ବହୁତ ଖୁସି। ଓଡ଼ିଶା ମୋତେ ବହୁତ ଭଲ ଲାଗେ। କାରଣ ଏହା ଜଗନ୍ନାଥଙ୍କ ଦେଶ।' ଏମ୍ସ ଅଡଟୋରିୟମ୍‌ ହଲରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପରାଷ୍ଟ୍ରପତି ନାଇଡୁ

☞ପୃଷ୍ଠା-୪






### ଆଜିର ସମ୍ପାଦକୀୟ

ବିଦେଶୀ ସହାୟତା

### ଆଜିର ମନ୍ତବ୍ୟ

"ରାଜନୀତି ପ୍ରବହମାନ ଜଳ ଭଳି ଅସ୍ଥିର।
-ସିଦ୍ଧାରାମାୟା, ପୂର୍ବତନ ମୁଖ୍ୟମନ୍ତ୍ରୀ, କର୍ଣ୍ଣାଟକ

## ଆଥ୍‌ଲେଟିକ୍ସରେ ତେଜିନ୍ଦର ଜିତିଲେ ପ୍ରଥମ ସ୍ୱର୍ଣ୍ଣ



ଜାକର୍ତ୍ତା, ୨୫।୮ (ପି.ଟି.)

ଏସିଆନ ଗେମ୍ସର ସପ୍ତମ ଦିବସରେ ଭାରତ ପାଇଁ ତାରକା ଶଟ୍‌ପୁଟର ତେଜିନ୍ଦର ପାଲ ସିଂ ତୁର ଟ୍ରାକ୍‌ ଆଣ୍ଡ ଫିଲ୍ଡରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥିସହ ପଞ୍ଜାବର ଏହି ଯୁବ ଖେଳାଳି ଭାରତ ପାଇଁ ☞ପୃଷ୍ଠା-୪

### ଜଗୁଆଳି ବିହୀନ ରେଳ ଫାଟକରେ ଦୁର୍ଘଟଣା

# ମାଲ୍‌ଗାଡ଼ି ଧକ୍କାରେ ହାଇୱା ଚୂର୍‌ମାର

ଝାରସୁଗୁଡ଼ା ଅଫିସ/ ବ୍ରଜରାଜନଗର. (ଡି.ଏନ୍‌.ଏ.) ୨୫।୮

ଝାରସୁଗୁଡ଼ା ଜିଲା ରାଜପୁରସ୍ଥିତ ଏକ ଜଗୁଆଳବିହୀନ ରେଳ ଫାଟକରେ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଛି। ଲେଭଲକ୍ରସିଂରେ ଅଚଳ ହୋଇପଡିଥିବା ଏକ ହାଇୱାକୁ ଧକ୍କା ଦେଇଛି ଏକ ମାଲବାହୀ ଟ୍ରେନ୍‌, ଫଳରେ ହାଇୱା ଚୂରମାର ହୋଇଯାଇଛି। ଏଥିସହ ଟ୍ରେନ୍‌ର ଗୋଟିଏ ୱାଗନ ଲାଇନଚ୍ୟୁତ ହୋଇଛି। ଖବର ପାଇ ଶନିବାର ସକାଳେ ରେଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଅନ୍ୟପକ୍ଷରେ ଏହି ଲେଭଲ କ୍ରସିଂରେ ଜଗୁଆଳି ମୁତୟନ କରିବା, ଉଭୟ ପାର୍ଶ୍ୱରେ ଆଲୋକୀକରଣ କରିବା ସହ ଓଭରବ୍ରିଜ୍‌ ନିର୍ମାଣ କାମ ତୁରନ୍ତ ଶେଷ କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

☞ପୃଷ୍ଠା-୪



ଦୁର୍ଘଟଣାଗ୍ରସ୍ତ ହାଇୱା ଓ ଟ୍ରେନବଗି ରାସ୍ତାକଡରେ ପଡିଛି।






### ଗୁରୁଦିବସକୁ କଳାଦିବସ ପାଳିବେ ଶିକ୍ଷକ

## ୬ରୁ ସମସ୍ତ ସ୍କୁଲ, କଲେଜ ବନ୍ଦ

ଭୁବନେଶ୍ୱର, ୨୫।୮ (ବ୍ୟୁରୋ)

ଓଡ଼ିଶା ସ୍କୁଲ ଶିକ୍ଷକ ଅଧ୍ୟାପକ ଓ କର୍ମଚାରୀ ମିଳିତ ମଞ୍ଚର ଅହୋରାତ୍ର ଧାରଣା ଶନିବାର ଦଶମ ଦିନରେ ପହଞ୍ଚିଛି। ଗତ ୧୬ ତାରିଖ ଶିକ୍ଷକଙ୍କ ଦାବି ଦିବସଠାରୁ ☞ପୃଷ୍ଠା-୪

### କିଛି ତଥ୍ୟ

ଗତ ୧୦ ମାସ ମଧ୍ୟରେ (ଚଳିତ ବର୍ଷ ଜୁନ ପର୍ଯ୍ୟନ୍ତ) ଘରୋଇ ବଜାରରେ ୧.୨ କୋଟି ନିଯୁକ୍ତି ସୃଷ୍ଟି ହୋଇଛି।
- କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ


NECC NATIONAL EGG CO-ORDINATION COMMITTEE 25.08.2018 Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 59 | 105 | 115 |
| CTC | 59 | 105 | 115 |
| DKL | 60 | 106 | 116 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 62 | 109 | 119 |

*Conditions Apply
Eggs Retail Price- 43/-Dozen
Issued in the Interest of Consumers


# ଆସିବ ନୂଆ ରାଜସ୍ୱ କୋଡ୍‌

ଭୁବନେଶ୍ୱର,୨୫।୮ (ବ୍ୟୁରୋ)

ବଦଳିଯିବ ୫୦ ବର୍ଷର ପୁରୁଣା ରାଜସ୍ୱ ଆଇନ। ଜମିଜମା ସଂକ୍ରାନ୍ତ ପ୍ରଚଳିତ ୭ଟି ଆଇନକୁ ଉଚ୍ଛେଦ କରାଯାଇ ଅଣାଯିବ ନୂଆ ଏକକ ଆଇନ। ଏହାର ନାମ ରଖାଯିବ ଓଡ଼ିଶା ଭୂମି ରାଜସ୍ୱ କୋଡ୍‌। ଏ ନେଇ ରାଜସ୍ୱ ବିଭାଗ ପକ୍ଷରୁ ଚିଠା କୋଡ୍‌ ପ୍ରସ୍ତୁତ କରାଯାଇଛି।

ଏହି ନୂତନ କୋଡ୍‌ରେ ଜମି ସମ୍ପର୍କିତ ରେକର୍ଡପତ୍ର ସରଳୀକରଣ କରାଯାଇଛି। ରାଜ୍ୟରେ ଜମିଜମା ସଂକ୍ରାନ୍ତ ୭ଟି ରାଜସ୍ୱ ଆଇନ କାର୍ଯ୍ୟକାରୀ ହେଉଛି । ସେହି ଆଇନଗୁଡ଼ିକ ହେଲା ଓଡ଼ିଶା ସର୍ଭେ ଓ ବନ୍ଦୋବସ୍ତ ଆଇନ ୧୯୫୮, ଓଡ଼ିଶା ଭୂସଂସ୍କାର ଆଇନ ୧୯୬୦, ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ଆଇନ ୧୯୬୨, ଓଡ଼ିଶା ଜମି ଅବରୋଧ ଆଇନ ୧୯୭୨, ଓଡ଼ିଶା ଚକବନ୍ଦୀ ଆଇନ ୧୯୭୨, ଓଡ଼ିଶା ଜମିଦାରୀ ଉଚ୍ଛେଦ ଆଇନ ୧୯୫୧ ଏବଂ ଓଡ଼ିଶା ସ୍ୱତନ୍ତ୍ର ସର୍ଭେ ଓ ବନ୍ଦୋବସ୍ତ ଆଇନ ୨୦୧୨ । ଏହି ୭ଟି ଆଇନକୁ ଉଚ୍ଛେଦ କରାଯାଇ ରାଜ୍ୟରେ କେବଳ ଗୋଟିଏ ଆଇନ କାର୍ଯ୍ୟକାରୀ କରାଯିବ। ଉକ୍ତ ଆଇନଗୁଡ଼ିକରେ ୨୯୯ଟି ଧାରା ରହିଥିବାବେଳେ ଚିଠା କୋଡ୍‌ରେ ମାତ୍ର ୧୦୭ଟି ଧାରା ରଖାଯାଇଛି। ଚିଠା ଆଇନରେ 'ଷ୍ଟାଣ୍ଡାର୍ଡ 'ଏକର' ଉଚ୍ଛେଦ କରାଯାଇ କେବଳ 'ଏକର' ବ୍ୟବହାର କରାଯିବ। ନୂତନ ଆଇନ କାର୍ଯ୍ୟକାରୀ ହେବା ପରେ ସରକାର ଆଉ ଚକବନ୍ଦୀ ପାଇଁ ନୋଟିସ ଜାରି କରିବେ ନାହିଁ। ଏହାକୁ ସମ୍ପୂର୍ଣ୍ଣ ଇଚ୍ଛାଧୀନ କରାଯାଇଛି। ଯେଉଁ ଚାଷୀ ଚାହିଁବେ ସେମାନେ ତହସିଲ କାର୍ଯ୍ୟାଳୟରେ ଆବେଦନ କରି ନିଜ ଜମିକୁ ଚକବନ୍ଦୀଭୁକ୍ତ କରିପାରିବେ। ଏହାଛଡା ବନ୍ଦୋବସ୍ତ ପାଇଁ ଥିବା ସମୟସୀମାକୁ ମଧ୍ୟ ଏହି ନୂତନ ଆଇନରେ ହଟାଇ ଦିଆଯାଇଛି। ତହସିଲରେ ଜମି ବନ୍ଦୋବସ୍ତ ସବୁ ସମୟରେ ହୋଇପାରିବ। ଏହାର କୌଣସି ନିର୍ଦ୍ଧାରିତ ସମୟ ରହିବ ନାହିଁ। ଜମି ମାଲିକ ନିଜ ଜମି ରେକର୍ଡରେ ହୋଇଥିବା ଭୁଲକୁ ଯେକୌଣସି ସମୟରେ ସଂଶୋଧନ ପାଇଁ ଆବେଦନ କରିପାରିବେ । ଚିଠା କୋଡ୍‌ର ଭୂସଂସ୍କାର ଆଇନରେ ଥିବା 'ରୟତ' ଏବଂ 'ଟେନାଣ୍ଟ'

☞ପୃଷ୍ଠା-୪

### ଜମିଜମା ସଂକ୍ରାନ୍ତ ଆଇନର ସରଳୀକରଣ

- ରଦ୍ଦହେବ ୭ ପୁରୁଣା ରାଜସ୍ୱ ଆଇନ
- ସବୁ ସମୟରେ ହେବ ବନ୍ଦୋବସ୍ତ
- ଇଚ୍ଛାଧୀନ ହେବ ଚକବନ୍ଦୀ
- ସରକାରୀ ଜମି ଦଖଲକାରୀଙ୍କୁ ମିଳିବନି ପଟ୍ଟା



"ନ୍ୟାୟଦେବା ହେଉଛି ଏକ ସାମ୍ବିଧାନିକ ନୀତି। କିନ୍ତୁ ଭିତ୍ତିଭୂମି ବିକାଶ ବିନା ଜଣେ ନ୍ୟାୟ ପାଇପାରିବ ନାହିଁ। ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ନ୍ୟାୟପାଳିକାର ମୌଳିକ ଭିତ୍ତିଭୂମି ବିକାଶ ଅପରିହାର୍ଯ୍ୟ।"

-ଜଷ୍ଟିସ ଦୀପକ ମିଶ୍ର, ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି



## ସଂକ୍ଷେପରେ

### ଜି. ସଥୀଶ୍ ରେଡ୍ଡୀ ଡିଆର୍‌ଡିଓ ମୁଖ୍ୟ



**ନୂଆଦିଲ୍ଲୀ, ୨୫।୮ (ପି.ଟି.):** ପ୍ରତିରକ୍ଷା ଗବେଷଣା ବିକାଶ ସଂସ୍ଥା (ଡିଆର୍‌ଡିଓ)ର ନୂଆ ଅଧକ୍ଷ ଭାବେ ଶନିବାର ନିଯୁକ୍ତ ହୋଇଛନ୍ତି ବିଶିଷ୍ଟ ବୈଜ୍ଞାନିକ ଜି. ସଥୀଶ୍ ରେଡ୍ଡୀ। ବର୍ତ୍ତମାନ ସେ ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନ୍‌ଙ୍କ ବୈଜ୍ଞାନିକ ଉପଦେଷ୍ଟା ଭାବେ କାର୍ଯ୍ୟ କରୁଛନ୍ତି। ଆଗାମୀ ଦୁଇବର୍ଷ ପର୍ଯ୍ୟନ୍ତ ସେ ଡିଆର୍‌ଡିଓ ମୁଖ୍ୟ ପଦବୀରେ ରହିବେ। କେନ୍ଦ୍ର କ୍ୟାବିନେଟର ନିଯୁକ୍ତି କମିଟି ତାଙ୍କ ପଦୋନ୍ନତିକୁ ଅନୁମୋଦନ କରିଛନ୍ତି। ରେଡ୍ଡୀ ମଧ ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗ (ଡିଡିଆର୍‌ଡି)ର ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବେ ବୋଲି କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ଏକ ବିଜ୍ଞପ୍ତିରୁ ଜଣାପଡ଼ିଛି। ପ୍ରକାଶ ଯେ, ଗତ ମେ'ରେ ଏସ୍. ଖ୍ରୀଷ୍ଟୋଫର୍‌ଙ୍କ କାର୍ଯ୍ୟକାଳ ଶେଷହେବା ପରେ ଡିଆର୍‌ଡିଓ ମୁଖ୍ୟ ପଦ ଖାଲି ପଡ଼ିଥିଲା। ମିସାଇଲ୍ ସିଷ୍ଟମ୍‌ର ଗବେଷଣା ଏବଂ ବିକାଶ ସମେତ ଏରୋସ୍ପେସ୍ ଟେକ୍ନୋଲୋଜି କ୍ଷେତ୍ରରେ ନିରନ୍ତର ଅବଦାନ ପାଇଁ ରେଡ୍ଡୀଙ୍କ ଖ୍ୟାତି ରହିଛି।

### ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଯବାନ ଶହୀଦ

**ଶ୍ରୀନଗର, ୨୫।୮ (ପି.ଟି.):** ଜମ୍ମୁ-କଶ୍ମୀରର କୁପ୍‌ୱାଡ଼ା ଜିଲା ଅନ୍ତର୍ଗତ କେରାନ୍ ସେକ୍ଟରରେ ନିୟନ୍ତ୍ରଣ ରେଖା ନିକଟରେ ଶନିବାର ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟିଛି। ଏଥିରେ ଜଣେ ଯବାନ ଶହୀଦ ହୋଇଛନ୍ତି। ଶହୀଦ ଯବାନ ଜଣକ ହେଲେ ନିହାଲ ଗୋରାଙ୍ଗ। ପାଟ୍ରୋଲିଂ ଡ୍ୟୁଟିରେ ମୁତୟନ ଥିବାବେଳେ ଗୋରାଙ୍ଗ ଲ୍ୟାଣ୍ଡମାଇନ୍ ସଂସ୍ପର୍ଶରେ ଆସିଥିଲେ। ତୁରନ୍ତ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

### ମୁଖ୍ୟମନ୍ତ୍ରୀ ହେବାକୁ ସିଦ୍ଧାରାମାୟାଙ୍କ ଇଚ୍ଛା

**ହସନ, ୨୫।୮:** ଶାସନ ଗାଦିରେ ବସିବା ନେଇ ଇଚ୍ଛା ପ୍ରକଟ କଲେ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା। କିନ୍ତୁ ଏହା କେବେ ସମ୍ଭବ ହୋଇପାରେ ସେ ନେଇ କିଛି କହିନାହାନ୍ତି କଂଗ୍ରେସ ନେତା। ଶନିବାର ରାଜ୍ୟର ହାଦିୟା ଜିଲାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସିଦ୍ଧାରାମାୟା କହିଛନ୍ତି, ଯଦି ରାଜ୍ୟବାସୀଙ୍କ ଆଶୀର୍ବାଦ ତାଙ୍କ ଉପରେ ଥାଏ, ତା'ହେଲେ ପୁଣିଥରେ ସେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇବେ। ତାଙ୍କ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କ ଏକମାତ୍ର ଲକ୍ଷ୍ୟ ଥିଲା ସିଦ୍ଧାରାମାୟା ମୁଖ୍ୟମନ୍ତ୍ରୀ ନ ହୁଅନ୍ତୁ। କିନ୍ତୁ ଜଗତରେ କାଳଚକ୍ର ବୋଲି କିଛି ଅଛି। ଶୀର୍ଷରେ ଥିବା ଲୋକ ଦିନେ ତଳକୁ ଖସେ ଏବଂ ତଳେ ଥିବା ଲୋକ ଦିନେ ଉପରକୁ ଉଠେ। ରାଜନୀତି ହେଉଛି ଏକ ଅସ୍ଥିର ଜଳଧାରା। ପୁଣିଥରେ ଶାସନ ଗାଦିକୁ ଫେରିବେ ବୋଲି ତାଙ୍କର ବିଶ୍ୱାସ ବୋଲି ସିଦ୍ଧାରାମାୟା କହିଛନ୍ତି।

# ଉଣେଇଶ ପାଇଁ ଅଣ୍ଟାଭିଡ଼ା

**ନୂଆଦିଲ୍ଲୀ, ୨୫।୮ (ପି.ଟି.)**

୨୦୧୯ ସାଧାରଣ ନିର୍ବାଚନ ପାଇଁ ଆଉ କେତେ ମାସ ବାକି ରହିଲା। ରଣକ୍ଷେତ୍ରକୁ ଓହ୍ଲାଇବା ପୂର୍ବରୁ ଏବେଠାରୁ ଆରମ୍ଭ ହେଲାଣି ପ୍ରସ୍ତୁତି ପର୍ବ। ଗତ ଲୋକ ସଭା ନିର୍ବାଚନରେ କ୍ଷମତା ହରାଇଥିବା କଂଗ୍ରେସ ଅଣ୍ଟାଭିଡ଼ିଲାଣି। ଆସନ୍ତା ନିର୍ବାଚନ ପାଇଁ କେନ୍ଦ୍ରର ଏହି ବିରୋଧୀ ଦଳ ସ୍ୱତନ୍ତ୍ର ଟିମ୍ ପ୍ରସ୍ତୁତ କରିଛି। ପ୍ରାଥମିକ ସ୍ତରରେ ୩ଟି ଗୁରୁତ୍ୱପୂର୍ଣ୍ଣ କମିଟି ଗଠନ କରିଛନ୍ତି କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ। ଦଳର ପୁରୁଖା ନେତାଙ୍କୁ ଏସବୁ କମିଟିର ଦାୟିତ୍ୱ ନ୍ୟସ୍ତ କରାଯାଇଛି। ନିର୍ବାଚନ ବେଳେ ସହଯୋଗିତା ରକ୍ଷାକରିବା ସହ ଇସ୍ତାହାର ପ୍ରକାଶ ଏବଂ ଦଳର ପ୍ରଚାର କାର୍ଯ୍ୟକୁ ଏମାନେ ନିୟନ୍ତ୍ରଣ କରିବେ। ରାଫେଲ୍ ଚୁକ୍ତି ଭଳି କେତେକ ପ୍ରସଙ୍ଗକୁ ଆୟୁଧ କରି କଂଗ୍ରେସ ନିର୍ବାଚନ ମଇଦାନରେ ଟକ୍କର ଦେବ ବୋଲି କୁହାଯାଉଛି।

କଂଗ୍ରେସ ମୁଖ୍ୟ ରାହୁଲ ୯ ସଦସ୍ୟ ବିଶିଷ୍ଟ କୋର୍ ଗ୍ରୁପ୍ କମିଟି ଗଢ଼ିଛନ୍ତି। ଏଥିରେ ବରିଷ୍ଠ ନେତା ଏ.କେ. ଆଣ୍ଟୋନୀ, ଗୁଲାମ୍ ନବୀ ଆଜାଦ, ପି. ଚିଦାମ୍ବରମ୍, ଅଶୋକ ଗେହଲଟ୍, ମଲ୍ଲିକାର୍ଜୁନ୍ ଖାର୍ଗେ, ଅହମ୍ମଦ ପଟେଲ, ଜୟରାମ ରମେଶ, ରଣଦୀପ ସୁର୍ଜେୱାଲା ଏବଂ କେ.ସି. ବେଣୁଗୋପାଳ ସଦସ୍ୟ ଅଛନ୍ତି। ଉପା ଅଧକ୍ଷା ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ଏମାନେ ପୂର୍ବରୁ



କାର୍ଯ୍ୟ କରିଛନ୍ତି। ଇସ୍ତାହାର ପ୍ରସ୍ତୁତି ଏବଂ ପ୍ରଚାର ଦାୟିତ୍ୱରେ କେତେଜଣ ପୁରୁଣା ନେତା ଥିବାବେଳେ ଆଉ କେତେଜଣ ନୂଆଁ ମୁହଁ ସାମିଲ କରାଯାଇଛି। ୧୯ ସଦସ୍ୟ ବିଶିଷ୍ଟ ଇସ୍ତାହାର କମିଟିରେ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ଚିଦାମ୍ବରମ୍, ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୟରାମ ରମେଶ, ସଲମାନ୍ ଖୁର୍ସିଦ, ଶଶୀ ଥରୁର୍, କୁମାରୀ ସେଲ୍‌ଜା, ମେଘାଳୟର ପୂର୍ବତନ ମୁଖ୍ୟମନ୍ତ୍ରୀ ମୁକୁଲ୍ ସଙ୍ଗମା ସଦସ୍ୟ ଅଛନ୍ତି। କଂଗ୍ରେସର ମୁଖ୍ୟ ମୁଖପାତ୍ର ସୁର୍ଜେୱାଲା, ପଞ୍ଜାବ ଅର୍ଥମନ୍ତ୍ରୀ ମନ୍‌ପ୍ରୀତ୍ ବାଦଲ, କଂଗ୍ରେସର ମହିଳା ଶାଖା ମୁଖ୍ୟ ସୁସ୍ମିତା ଦେବ, ଦଳର ରାଜ୍ୟ ସଭା ସଦସ୍ୟ ରାଜୀବ ଗୌଡ଼ା, ତାମ୍ରଧ୍ୱଜ ସାହୁ, ସାମ୍ ପିତ୍ରୋଦା ମଧ ଉକ୍ତ କମିଟିରେ ସଦସ୍ୟତା କରିବେ।

ରାହୁଲ ମଧ କଂଗ୍ରେସର ୧୩ ନେତାଙ୍କୁ

> **କଂଗ୍ରେସର ପ୍ରସ୍ତୁତି ଆରମ୍ଭ**
> - ୩ କମିଟି ଗଠନ କଲେ ରାହୁଲ
> - ପୁରୁଖା ନେତାଙ୍କୁ ପ୍ରାଧାନ୍ୟ
> - ରାଫେଲ ସମେତ ଏକାଧିକ ପ୍ରସଙ୍ଗରେ ହେବ ଟାର୍ଗେଟ
> - ମୋଦିଙ୍କ ପାଇଁ ଚ୍ୟାଲେଞ୍ଜ ନାହିଁ: ପାଶ୍ୱାନ

ନେଇ ଦଳର ପ୍ରଚାର ନିମିତ୍ତ ପବ୍ଲିସିଟି କମିଟି ଗଠନ କରିଥିବା ଏଆଇସିସିର ସାଙ୍ଗଠନିକ ସାଧାରଣ ସମ୍ପାଦକ ଗେହଲଟ୍ ଘୋଷଣା କରିଛନ୍ତି। ନିର୍ବାଚନବେଳେ ଭୋଟରଙ୍କ ପାଖରେ ଦଳର ବାର୍ତ୍ତା ପହଞ୍ଚାଇବା ଏହି କମିଟିର ମୁଖ୍ୟ କାର୍ଯ୍ୟ। ଏଥିରେ ସଦସ୍ୟ ଅଛନ୍ତି ସୁର୍ଜେୱାଲା, ଆନନ୍ଦ ଶର୍ମା, ମନୀଷ୍ ତିୱାରୀ, ରାଜୀବ ଶୁକ୍ଲାଙ୍କ ସମେତ ଭକ୍ତଚରଣ ଦାସ, ପ୍ରବୀଣ ଚକ୍ରବର୍ତ୍ତୀ, ମିଲିନ୍ଦ୍ ଦେଓରା। ତେବେ ଏସବୁ କମିଟିର ଆବାହକଙ୍କ ନାମ ପରେ ଘୋଷଣା ହେବ। କଂଗ୍ରେସ ଏବେ ନିର୍ବାଚନ ମୁଡ୍‌ରେ ଥିବା ଗେହଲଟ୍ କହିଛନ୍ତି।

ଖୁବ୍‌ଶୀଘ୍ର ନିର୍ବାଚନୀ ଇସ୍ତାହାର ପ୍ରସ୍ତୁତ କରିବା ସହ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଟକ୍କର ଦେବା ଲାଗି ରଣନୀତି ପ୍ରସ୍ତୁତ ହେବ ବୋଲି ସେ ସୂଚନା ଦେଇଛନ୍ତି। ଅପରପକ୍ଷେ ରାମବିଳାସ ପାଶ୍ୱାନ କହିଛନ୍ତି ଯେ, ୨୦୧୯ ନିର୍ବାଚନରେ ଏନ୍‌ଡିଏ ପୁଣି କ୍ଷମତାକୁ ଆସିବ। ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଇଁ ଏବେ କୌଣସି ଚ୍ୟାଲେଞ୍ଜ ନାହିଁ। ବିରୋଧୀ ଦଳଗୁଡ଼ିକୁ ରାହୁଲ ଏକାଠି କରି ଏନ୍‌ଡିଏକୁ ହରାଇବା ଲାଗି ଯେଉଁ ଆଶା ବାନ୍ଧିଛନ୍ତି, ତାହା ପୂରଣ ହେବ ନାହିଁ ବୋଲି ପାଶ୍ୱାନ କହିଛନ୍ତି।

ଗୋଟିଏ ପଟେ ସାଧାରଣ ନିର୍ବାଚନ ପାଇଁ ସାଙ୍ଗଠନିକ ଘୋଷଣା କରୁଥିବାବେଳେ ଅନ୍ୟପଟେ ରାଫେଲ୍ ଯୁଦ୍ଧବିମାନ କ୍ରୟ ନେଇ ହୋଇଥିବା ଚୁକ୍ତି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ମଧ କଂଗ୍ରେସ ଟାର୍ଗେଟ୍ କରିଛି। ମୋଦି ସରକାରଙ୍କ ଅମଳରେ ରାଫେଲ୍ ବିମାନର ମୂଲ୍ୟ ତିନିଥର ବଦଳିଛି। ତେଣୁ ଏହା ପଛରେ ଏକ ବଡ଼ ଦୁର୍ନୀତିର ଗନ୍ଧ ବାରି ହେଉଛି। ଏନେଇ ଖୋଲା ବିତର୍କ ଏବଂ ଉଚ୍ଚସ୍ତରୀୟ ତଦନ୍ତ ହେବା ଜରୁରୀ ବୋଲି ଶନିବାର ବରିଷ୍ଠ କଂଗ୍ରେସ ନେତା ଚିଦାମ୍ବରମ୍ ଦାବି କହିଛନ୍ତି।

# ନୌସେନା ପାଇଁ କ୍ରୟ ହେବ ୧୧୧ ସ୍ୱତନ୍ତ୍ର ହେଲିକପ୍ଟର

> **କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି**
> - ଡିଏସି ବୈଠକରେ ୪୬,୦୦୦ କୋଟି ଟଙ୍କାର ବ୍ୟୟ ମଞ୍ଜୁର
> - ବହୁଉପଯୋଗୀ ହେଲିକପ୍ଟର ପାଇଁ ଖର୍ଚ୍ଚ ହେବ ୨୧,୦୦୦ କୋଟି
> - ଅନ୍ୟାନ୍ୟ ପ୍ରତିରକ୍ଷା ସାମଗ୍ରୀ ପାଇଁ ୨୫,୦୦୦ କୋଟି ମଞ୍ଜୁର



**ନୂଆଦିଲ୍ଲୀ, ୨୫।୮ (ପି.ଟି.)**

ଭାରତର ସାମରିକ ଶକ୍ତି ବୃଦ୍ଧି ଲାଗି କେନ୍ଦ୍ର ସରକାର ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ନୌସେନାରେ ୧୧୧ ସ୍ୱତନ୍ତ୍ର ୟୁଟିଲିଟି (ବହୁଉପଯୋଗୀ) ହେଲିକପ୍ଟର ସାମିଲ କରିବା ଲାଗି ପ୍ରତିରକ୍ଷା ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି। ଏଥିପାଇଁ ଖର୍ଚ୍ଚ ହେବ ୨୧,୦୦୦ କୋଟି ଟଙ୍କା। ସେହିପରି ଅନ୍ୟାନ୍ୟ ପ୍ରତିରକ୍ଷା ସାମଗ୍ରୀ କ୍ରୟ ଲାଗି ପୃଥକ୍ ଭାବେ ଆଉ ୨୫,୦୦୦ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ମନ୍ତ୍ରଣାଳୟର ସର୍ବୋଚ୍ଚ ନିଷ୍ପତ୍ତିଗ୍ରହଣକାରୀ କମିଟି ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି)ର ବୈଠକରେ ଏ ସମ୍ପର୍କିତ ପ୍ରସ୍ତାବ ଗୃହୀତ ହୋଇଛି। ୪୬,୦୦୦ କୋଟି ଟଙ୍କାର ବ୍ୟୟବରାଦ ମଧ ଗ୍ରହଣ କରାଯାଇଛି।

ଭାରତରେ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ଲାଗି ବିଦେଶୀ କମ୍ପାନୀଗୁଡ଼ିକୁ ଆକୃଷ୍ଟ କରିବା ପାଇଁ ମହତ୍ତ୍ୱାକାଂକ୍ଷୀ ସାମରିକ ଭାଗିଦାରୀ (ଏସ୍‌ପି) ମଡେଲ ପ୍ରସ୍ତୁତ ହୋଇଛି। ଏହା ଅଧୀନରେ ପ୍ରଥମ ପ୍ରକଳ୍ପ ଭାବେ ବହୁଉପଯୋଗୀ ହେଲିକପ୍ଟର କ୍ରୟ ଲାଗି ମଞ୍ଜୁରୀ ପ୍ରଦାନ ଭଳି ଐତିହାସିକ ନିଷ୍ପତ୍ତି ନେଇଛି ଡିଏସି। ୧୧୧ଟି ସ୍ୱତନ୍ତ୍ର ହେଲିକପ୍ଟର ଶତ୍ରୁପକ୍ଷ ଉପରେ ଆକ୍ରମଣ କରିବା ସହ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ଏବଂ ସର୍ଭିଲାନ୍ସ ଅପରେଶନ ପାଇଁ ବ୍ୟବହାର ହେବ। ସେହିପରି ୨୪,୮୭୯.୧୬ କୋଟି ଟଙ୍କା ମୂଲ୍ୟରେ ଅନ୍ୟାନ୍ୟ ପ୍ରତିରକ୍ଷା ସାମଗ୍ରୀ କିଣିବା ପାଇଁ ଆଗତ ପ୍ରସ୍ତାବ ଡିଏସି ବୈଠକରେ ଗୃହୀତ ହୋଇଛି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ୧୫୦ଟି ଅତ୍ୟାଧୁନିକ '୧୫୫-ଏମ୍‌ଏମ୍ ତୋପ' କ୍ରୟ କରାଯିବ। ଏସବୁକୁ ସ୍ଥଳସେନାରେ ସାମିଲ କରାଯିବ। ଏଥିପାଇଁ ୩,୩୬୪.୭୮ କୋଟି ଟଙ୍କା ଖର୍ଚ୍ଚ ହେବ। ୧୫୫-ଏମ୍‌ଏମ୍ ତୋପର ଡିଜାଇନ୍ ଡିଆର୍‌ଡିଓ ଦ୍ୱାରା ହୋଇଛି। ବିଦେଶୀ କମ୍ପାନୀ ସହଯୋଗରେ ଏସବୁର ନିର୍ମାଣ ହେବ। ୨୪ଟି ନାଭାଲ ମଲ୍ଟିରୋଲ୍ ହେଲିକପ୍ଟର (ଏନ୍‌ଏମ୍‌ଆର୍‌ଏଚ୍) କିଣିବା ପାଇଁ ମଧ ଡିଏସି ଅନୁମତି ପ୍ରଦାନ କରିଛି। ଏହି ଧରଣର ହେଲିକପ୍ଟରଗୁଡ଼ିକ ବିମାନ ବହନକାରୀ, ବିଧ୍ୱଂସକାରୀ ଯୁଦ୍ଧଜାହାଜର ଅଂଶବିଶେଷ ହେବ। ସେହିପରି ସ୍ୱଳ୍ପ ଦୂରଗାମୀ ୧୪ଟି କ୍ଷେପଣାସ୍ତ୍ର ନିର୍ମାଣ ଲାଗି ଅନୁମୋଦନ ମିଳିଛି। ତନ୍ମଧ୍ୟରୁ ୧୦ କ୍ଷେପଣାସ୍ତ୍ର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହେବ। ଏହାଦ୍ୱାରା ଦେଶର ଆତ୍ମରକ୍ଷା କ୍ଷମତା ବୃଦ୍ଧି ହେବ।

ପ୍ରକାଶ ଯେ, ଗତବର୍ଷ ଅଗଷ୍ଟରେ ନୌସେନା ୧୧୧ ବହୁଉପଯୋଗୀ ଏବଂ ୧୨୩ ଏମ୍‌ଆର୍‌ଏଚ୍ ହେଲିକପ୍ଟର କ୍ରୟ ପାଇଁ ବିଶ୍ୱସ୍ତରରେ ଏକ ରିକ୍ୱେଷ୍ଟ ଫର୍ ଇନ୍‌ଫର୍‌ମେଶନ୍ (ଆର୍‌ଏଫଆଇ) ଜାରି କରିଥିଲା। ସ୍ୱତନ୍ତ୍ର କ୍ଷମତାବହନକାରୀ ହେଲିକପ୍ଟର କିଣିବା ପାଇଁ କେନ୍ଦ୍ର ସରକାରଙ୍କ ଉପରେ ମଧ ନୌସେନା ଚାପ ପକାଉଛି।

# ଦୁର୍ଗାବତୀ ନାମରେ ସନ୍ନି ଲିଓନ୍

**ବଲିଆ, ୨୫।୮ (ପି.ଟି.)**

ଉତ୍ତରପ୍ରଦେଶ ଭୋଟର ତାଲିକାରେ ସ୍ଥାନ ପାଇଛନ୍ତି ଅଭିନେତ୍ରୀ ସନ୍ନି ଲିଓନ୍। କିନ୍ତୁ ଏକ ଭିନ୍ନ ନାମରେ। ଫଟୋ ସନ୍ନିଙ୍କର କିନ୍ତୁ ନାମ ଦୁର୍ଗାବତୀ। ରାଜ୍ୟର ବଲିଆ ଜିଲାରେ ଦୁର୍ଗାବତୀ ନାମ୍ନୀ ଜଣେ ମହିଳାଙ୍କ ଭୋଟର ପରିଚୟପତ୍ରରେ ସନ୍ନିଙ୍କ ଫଟୋ ରହିଥିବା ଶନିବାର ଅଭିଯୋଗ ହୋଇଛି। ୨୦୧୯ ନିର୍ବାଚନ ପାଇଁ ପ୍ରସ୍ତୁତ ହୋଇଥିବା ଭୋଟର ତାଲିକାରେ ଏଭଳି ଅନେକ ତ୍ରୁଟି ଲକ୍ଷ୍ୟ କରାଯାଇଛି। ହାତୀ, ପାରା, ଠେକୁଆ ମଧ

**ୟୁପି ଭୋଟର ତାଲିକାରେ ତ୍ରୁଟି**




ଭୋଟର ତାଲିକାରେ ସ୍ଥାନ ପାଇଛନ୍ତି। କୱୁଁର ଅଙ୍କୁର ସିଂଙ୍କ କାର୍ଡରେ ହରିଣ ଫଟୋ ଥିବାବେଳେ କୱୁଁର ଗୌରବଙ୍କ କାର୍ଡରେ ପାରା ଫଟୋ ରହିଛି। କେବଳ ସେତିକି ନୁହେଁ ପୂର୍ବତନ ମୁଖ୍ୟମନ୍ତ୍ରୀ ମୁଲାୟମ ସିଂ ଯାଦବ ଏବଂ ଅଖିଳେଶ ଯାଦବଙ୍କ ଶାସନ କାଳରେ ମନ୍ତ୍ରୀ ଦାୟିତ୍ୱ ତୁଲାଇଥିବା ନାରଦ ରାଏଙ୍କ ଭୋଟର କାର୍ଡରେ ହାତୀ ଫଟୋ ଥିବା ଅଭିଯୋଗ ହୋଇଛି। ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟା ବେଳେ ଏହି ସବୁ ତ୍ରୁଟି ସାମ୍ନାକୁ ଆସିଥିଲା ଏବଂ ପରେ ଏହାର ସଂଶୋଧନ କରାଯାଇଛି।

## ଫୁର୍‌ସତ



### 'ସଡ଼କ୍-୨'କୁ ଫେରୁଛନ୍ତି ପୂଜା

**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତ୍ରୀ ପୂଜା ଭଟ୍ଟ 'ସଡ଼କ୍'ର ପରବର୍ତ୍ତୀ ଘଟଣାକ୍ରମକୁ ପୁଣି ଫେରିବାକୁ ସବୁମତେ ପ୍ରସ୍ତୁତ ଥିବା ପ୍ରକାଶ କରିଛନ୍ତି। ୧୯୯୧ରେ ନିର୍ମିତ ଏହି ଫିଲ୍ମରେ ସଞ୍ଜୟ ଦତ୍ତ ଏବଂ ପୂଜା ଭଟ୍ଟ ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ମହେଶ ଭଟ୍ଟ। ସଡ଼କ୍-୨ରେ ତାଙ୍କ ଅଂଶଗ୍ରହଣକୁ ପୂଜା ସୁନିଶ୍ଚିତ କରାଇଛନ୍ତି। ସଞ୍ଜୟ ଦତ୍ତ ଏଥିରେ ମୁଖ୍ୟ ଭୂମିକା ନେଇ କାହାଣୀର ପରବର୍ତ୍ତୀ ବୃତ୍ତାନ୍ତକୁ ଆହୁରି ରସୋତ୍ତୀର୍ଣ୍ଣ କରିବେ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଫିଲ୍ମ ସମ୍ପର୍କରେ ସେ ବିସ୍ତୃତ ବିବରଣୀ ଦେଇ ନ ଥିଲେ।

### ପବିତ୍ରତାର ପର୍ବ-ରକ୍ଷାବନ୍ଧନ

ଋତୁଚକ୍ରର ଆବର୍ତ୍ତନକ୍ରମେ ନାନାବିଧ ପର୍ବପର୍ବାଣି ପାଳନର ବ୍ୟବସ୍ଥା ବହୁ ପ୍ରାଚୀନ କାଳରୁ ଆମ ଭାରତ ବର୍ଷରେ ପାଳିତ ହୋଇଆସୁଛି। କର୍ମକ୍ଲାନ୍ତ ଜୀବନରେ ଆଧାତ୍ମିକ ଜ୍ଞାନର ଉପଲବ୍ଧି, କଳୁଷିତ ମନକୁ ଶୁଦ୍ଧ ତଥା ସାମାଜିକ ଜୀବନରେ କୁସଂସ୍କାର ଓ ସଙ୍କୀର୍ଣ୍ଣତା ଦୂରୀକରଣ ଏହି ପର୍ବ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ତନ୍ମଧ୍ୟରୁ ଶ୍ରାବଣ ପୂର୍ଣ୍ଣିମା ତିଥିରେ ଭାରତର କୋଣେ ଅନୁକୋଣେ ପାଳିତ ରକ୍ଷାବନ୍ଧନ ପର୍ବ ଆମ ଜନସମାଜରେ ବେଶ୍ ସୁପରିଚିତ।

ଏହି ପର୍ବ କାଳାନ୍ତରରେ ପ୍ରତ୍ୟେକ ଆତ୍ମା ପବିତ୍ର ହେବାର ସ୍ମରଣୀୟ ପର୍ବ। କୁହାଯାଏ : ଧର୍ଯ୍ୟତେ ଲୋକା ଯେନ ଇତି ଧର୍ମଃ। ଅର୍ଥାତ୍ ମନ, ବଚନ ଓ କର୍ମରେ ପବିତ୍ରତାର ଆଚରଣ ଧାରଣ ହିଁ ବାସ୍ତବିକ ଧର୍ମ ପଦବାଚ୍ୟ। ଏହି ପବିତ୍ରତା ହିଁ ମନୁଷ୍ୟ ଜୀବନକୁ ଶୃଙ୍ଖଳିତ କରେ ତଥା ସାମାଜିକ ଜୀବନକୁ ଧାରଣ କରି ରଖେ। ଭାରତୀୟ ସଂସ୍କୃତିରେ ଏହାକୁ ବ୍ରହ୍ମୋତ୍ସବ ମଧ କୁହାଯାଏ।

ପବିତ୍ର ରକ୍ଷାବନ୍ଧନ ଦିବସ ପରମ୍ପରାଗତ ମନୋଭାବକ ପର୍ବ ନୁହେଁ। ବରଂ ପବିତ୍ରତାର ବନ୍ଧନ ଦ୍ୱାରା ସତ୍ୟ ଧର୍ମର ରକ୍ଷା କରିବା ନିମନ୍ତେ ଉଦ୍ଦିଷ୍ଟ ଧାର୍ମିକ ପର୍ବ। ଜୀବନ ଏକ ପ୍ରସ୍ଫୁଟିତ ପୁଷ୍ପ ହେଲେ ପବିତ୍ରତା ଏହାର ସୁଗନ୍ଧ, ଆଧାତ୍ମିକ ଦୃଷ୍ଟିକୋଣରୁ ଏହି ପର୍ବ ଇନ୍ଦ୍ରିୟ ଉପରେ ବିଜୟପ୍ରାପ୍ତ କରାଇ ଜୀବନକୁ ଦିବ୍ୟଗୁଣରୂପୀ ସୁଗନ୍ଧଯୁକ୍ତ ପୁଷ୍ପରେ ପରିଣତ କରେ। କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ମାନବ ସମାଜ ଅନ୍ତର୍ନିହିତ ସୂକ୍ଷ୍ମ ଆଧାତ୍ମିକ ଚିନ୍ତାଧାରାଶୂନ୍ୟ ହୋଇଯାଇଛି। ପରିଣାମ ସ୍ୱରୂପ ଏହି ପର୍ବର ଆଧାତ୍ମିକ ରହସ୍ୟ ସ୍ଥୂଳ ପରମ୍ପରାର ରୂପ ନେଇଛି। ବିଶ୍ଳେଷଣ କଲେ ଏହା ଆଜି ମଧ ସେତେ ପରିମାଣରେ ପ୍ରାସଙ୍ଗିକ, ଯାହାକି ହଜାର ହଜାର ବର୍ଷ ପୂର୍ବେ ମଧ ଆଦୃତ ଥିଲା। ଆଜିର ଭୌତିକ ଯୁଗରେ ପ୍ରତ୍ୟେକ ବସ୍ତୁର ଅନ୍ତର୍ନିହିତ ସତ୍ୟର ଅନ୍ୱେଷଣ ପ୍ରୟୋଗଶାଳାରେ କରାଯାଏ। ସେ ଦୃଷ୍ଟିରୁ ଏହି ପର୍ବକୁ କେବଳ ମନୋରଞ୍ଜନର ସାଧନ ମଧ୍ୟରେ ସୀମିତ ରଖିବା ବାସ୍ତବତାଠାରୁ ବହୁଦୂରକୁ ଚାଲିଯିବା ସହ ସମାନ। ମନୁଷ୍ୟକୁ ନିଜ ପୂର୍ବ କର୍ମର ପରିଣାମ ସ୍ୱରୂପ ଶୋକ, ନିର୍ଧନତା ତଥା ଅନେକ ପ୍ରକାର ବିପଦର ସମ୍ମୁଖୀନ ହେବାକୁ ପଡିଥାଏ। ସେଥିରୁ ରକ୍ଷା ପାଇବା ପାଇଁ ପ୍ରଥମେ ନିଜ କର୍ମକୁ ଶ୍ରେଷ୍ଠ, ପବିତ୍ରତାଯୁକ୍ତ କରିବା ଆବଶ୍ୟକ।

**ବ୍ରହ୍ମାକୁମାରୀ ମଞ୍ଜୁ**



ଯେପର୍ଯ୍ୟନ୍ତ ମନୁଷ୍ୟ ନିଜ କର୍ମକୁ ଶ୍ରେଷ୍ଠ ତଥା ଦିବ୍ୟ ମଧୁର ନ କରିଛି, ସେ ପର୍ଯ୍ୟନ୍ତ ସୁରକ୍ଷାର କୌଣସି ଉପାୟ ନାହିଁ। ଏହି ରକ୍ଷାବନ୍ଧନ କୌଣସି ସ୍ଥୂଳ ରେଶମ ସୂତ୍ରର ବନ୍ଧନ ନୁହେଁ ବରଂ ଏହା ଧର୍ମ ଅଥବା ପବିତ୍ରତାର ପର୍ବ ଅଟେ। ରାଖୀଟିଏ ପ୍ରସ୍ତୁତ ହୋଇଥାଏ କେତୋଟି ରେଶମ ସୂତ୍ରର ସମଷ୍ଟିରେ କିନ୍ତୁ ତା'ର ମାହାତ୍ମ୍ୟ ଅତି ମହାନ୍ ଓ ବ୍ୟାପକ। ତାହା କୌଣସି ଉଚ୍ଚ, ଶ୍ରେଷ୍ଠ ଓ ପବିତ୍ର ମହାନ୍ ବିଚାରର ପ୍ରତୀକ ଅଟେ।

ଏହି ପର୍ବ ପାଳନ ପରମ୍ପରାର ଯେଉଁ ସୁଦୀର୍ଘ ଇତିହାସ ରହିଛି, ସେଥିରୁ ଅନେକ ଘଟଣା ଏହି ପର୍ବର ମହାନତା ସମ୍ପର୍କରେ ଆଲୋକପାତ କରିଥାଏ। ଏହି ରକ୍ଷାବନ୍ଧନ ଏପରି ଏକ ବନ୍ଧନ, ଯେଉଁ ପବିତ୍ର ସୂତ୍ରରେ ଅନୁବନ୍ଧିତ ହୋଇ ଦେବରାଜ ଇନ୍ଦ୍ର ଦିଗ୍‌ବିଜୟୀ ହୋଇପାରିଲେ। ମୋଗଲ ସମ୍ରାଟ ହୁମାୟୁନ୍ ରାଖୀର ମର୍ଯ୍ୟାଦା ବା ସର୍ତ୍ତ ପାଳନ ସକାଶେ ନିଜ ବଙ୍ଗ ବିଜୟ ଅଭିଯାନଠାରୁ ହିନ୍ଦୁ ଭଗ୍ନୀର ସୁରକ୍ଷାକୁ ଅଧିକ ମହତ୍ତ୍ୱ ପ୍ରଦାନ କରିଥିଲେ। ଏହି ସକାଶେ ଆଜି ପର୍ଯ୍ୟନ୍ତ ଜନମାନସରେ ଏହି ପର୍ବ ପାଳନ ଅବ୍ୟାହତ ରହିଛି।

କିନ୍ତୁ ବର୍ତ୍ତମାନର ସ୍ଥିତିକୁ ଅନୁଧ୍ୟାନ କଲେ ହୃଦୟଙ୍ଗମ କରିହୁଏ ଯେ, ଏକ ସୁକୋମଳ ରେଶମ ସୂତ୍ର ମାଧ୍ୟମରେ କାହାର ବା ସୁରକ୍ଷା କରାଯାଇପାରିବ ? ପ୍ରତ୍ୟେକ ବର୍ଷ ଭଉଣୀମାନେ ନିଜ ନିଜ ଭାଇକୁ ଏହି ରକ୍ଷାସୂତ୍ର ବାନ୍ଧିଥାଆନ୍ତି ଏବଂ ଭାଇମାନେ ପ୍ରତି ବଦଳରେ ନିଜ ପ୍ରାଣ ବିନିମୟରେ ଭଉଣୀଙ୍କ ସୁରକ୍ଷା ସକାଶେ ସଙ୍କଳ୍ପବଦ୍ଧ ହୋଇଥାଆନ୍ତି। କିନ୍ତୁ ପରିତାପର ବିଷୟ ଏହି କି ଯେ, ପ୍ରତିବର୍ଷ ଏହି ପର୍ବର ପୁନରାବୃତ୍ତି ହେଲେ ମଧ ଅଧୁନା ସମାଜରେ ଭଉଣୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବଢ଼ିବଢ଼ି ଚାଲିଛି। କେତେ ଅସହାୟ ଅବଳା ଭଉଣୀ ପ୍ରତିଦିନ ଅପହରଣ, ବଳାତ୍କାର ଏବଂ ଯୌତୁକରୂପୀ ରାକ୍ଷସର ଶିକାର ହେଉଛନ୍ତି। ଭାଇ ନିଜ ପ୍ରତିଜ୍ଞାକୁ ପାଳନ କରିବାରେ ଅସମର୍ଥ ହେଉଛି। ସାର୍ବଭୌମିକ ସତ୍ୟ ଏହି ଯେ, କୌଣସି ପାର୍ଥିବ ମନୁଷ୍ୟ ସର୍ବସମର୍ଥ ହୋଇପାରେନା। କାରଣ ସେ ସ୍ୱୟଂ କାଳର ଅଧୀନ। ତେଣୁ ଏଥିରୁ ପ୍ରତୀତ ହୁଏ ଯେ, ଏହି ରକ୍ଷାବନ୍ଧନ ପର୍ବର ଇତିହାସରେ କିଛି ଅନ୍ୟ ରହସ୍ୟ ଲୁକ୍କାୟିତ ରହିଛି।

ପ୍ରକୃତରେ ଏହି ପର୍ବ-ପବିତ୍ରତା ଅଥବା ଧର୍ମ ବା ଦିବ୍ୟଗୁଣ ଧାରଣର ପ୍ରତୀକ। ତେଣୁ ଆସନ୍ତୁ, ଆଜିର ଏହି ରକ୍ଷାବନ୍ଧନ ପର୍ବ ପାଳନ ଅବସରରେ ଏହାର ପ୍ରାସଙ୍ଗିକତାକୁ ହୃଦୟଙ୍ଗମ କରି ଏହାକୁ କେବଳ ପ୍ରଥା, ପରମ୍ପରା ବା ନିୟମ ରୂପେ ପାଳନ ନ କରି ଏହାର ମହତ୍ତ୍ୱକୁ ଜୀବନରେ ଧାରଣ କରିବାର ବଜ୍ର ଶପଥ ନେବା।

– ଶାନ୍ତିକୁଣ୍ଡ, ଗିରି ରୋଡ, ବ୍ରହ୍ମପୁର

## [ଇତିହାସର ଆଇନାରେ]

### ଅଗଷ୍ଟ ୨୬ର ପ୍ରମୁଖ ଘଟଣା

୧୯୭୦ ଅଗଷ୍ଟ ୨୬ରେ ଆମେରିକାରେ ସମାନତା ଦାବିରେ ମହିଳାମାନେ ବିଶାଳକାୟ ଧର୍ମଘଟ ଆରମ୍ଭ କରିଥିଲେ। ସମ୍ବିଧାନର ଅନୁଚ୍ଛେଦ ୧୯ ପ୍ରଣୟନର ୫୦ ବର୍ଷ ପୂର୍ତ୍ତି ଅବସରରେ ନ୍ୟାଶନାଲ୍ ଅର୍ଗାନାଇଜେଶନ୍ ଫର୍ ଓମେନ୍ ଅନଶନ କରିଥିଲେ। ଆର୍ଟିକିଲ୍ ୧୯ ମହିଳାଙ୍କୁ ଭୋଟ୍ ଦେବା ଅଧିକାର ପ୍ରଦାନ କରିଥାଏ। ଧର୍ମଘଟର ଉଦ୍ଦେଶ୍ୟ ଥିଲା ମହିଳାଙ୍କୁ କର୍ମକ୍ଷେତ୍ରରେ ଉଚିତ ସୁବିଧା ସୁଯୋଗ, ରାଜନୈତିକ ଅଧିକାର ଏବଂ ବିବାହରେ ସାମାଜିକ ସମାନତା ପ୍ରଦାନ କରିବା।

୧୮୮୩ ଅଗଷ୍ଟ ୨୬ରେ ଡଚ୍ ଇଷ୍ଟ ଇଣ୍ଡିଜ୍‌ରେ ଅବସ୍ଥିତ କ୍ରାକାଟୋଆ ପର୍ବତରୁ ବ୍ୟାପକ ଆଗ୍ନେୟ ଉଦ୍‌ଗିରଣ ହୋଇଥିଲା। ଏହାର ଦିନକ ପରେ ସେଥିରେ ଭୟଙ୍କର ବିସ୍ଫୋରଣ ଘଟିବା ସହ ଦ୍ୱୀପର ଅଧିକାଂଶ ଅଞ୍ଚଳ ଧ୍ୱଂସ ହୋଇଯାଇଥିଲା। କ୍ରମାଗତ ଭାବେ ୬ ମାସ ଧରି ଉଦ୍‌ଗିରଣ ଲାଗି ରହିଥିଲା।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ ହୋଇପାରେ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୮ | ୨୪.୩ |
| ଚାନ୍ଦବାଲି | ୩୩.୪ | ୨୬.୬ |
| କଟକ | ୩୧.୨ | ୨୫.୦ |
| ପାରାଦ୍ୱୀପ | ୩୨.୩ | ୨୭.୩ |
| ଭୁବନେଶ୍ୱର | ୩୦.୩ | ୨୬.୨ |
| ଗୋପାଳପୁର | ୩୩.୫ | ୨୭.୪ |
| ପୁରୀ | ୩୧.୮ | ୨୫.୭ |
| ଅନୁଗୋଳ | ୨୯.୧ | ୨୩.୦ |
| ବାରିପଦା | ୩୩.୬ | ୨୬.୨ |
| ଝାରସୁଗୁଡ଼ା | ୩୦.୪ | ୨୫.୮ |
| କେନ୍ଦୁଝର | ୨୯.୭ | ୨୪.୫ |
| ସମ୍ବଲପୁର | ୨୭.୮ | ୨୧.୫ |
| ସୁନ୍ଦରଗଡ଼ | --- | ୧୮.୦ |
| ହୀରାକୁଦ | ୨୭.୭ | ୨୦.୨ |
| ତାଳଚେର | --- | ୨୬.୦ |
| ଭବାନୀପାଟଣା | --- | ୨୪.୮ |
| ବଲାଙ୍ଗୀର | ୨୮.୮ | ୨୪.୫ |
| କୋରାପୁଟ | ୨୨.୬ | ୧୯.୬ |
| ଫୁଲବାଣୀ | ୨୫.୫ | ୨୧.୪ |
| ଟିଟିଲାଗଡ଼ | ୩୦.୦ | ୨୩.୦ |
| ମାଲକାନଗିରି | ୨୮.୦ | ୨୪.୫ |
| ସୋନପୁର | ୨୭.୮ | ୨୨.୬ |
| ଦାରିଙ୍ଗିବାଡ଼ି | ୨୩.୨ | ୧୮.୦ |
| ଢେଙ୍କାନାଳ | ୨୯.୬ | ୨୬.୦ |

ଡିଗ୍ରୀ ସେଲ୍‌ସିୟସ୍




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।


**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।
- ବ୍ୟାସଦେବ


Anuradha Biswal
Sports Personality
PLEDGE 'PLASTIC-FREE' ODISHA
#PlasticFreeOdisha
ଧରିତ୍ରୀ DHARITRI
TEAM
02 OCTOBER

## ସଂକ୍ଷେପରେ

## ଓଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୫।୮(ବ୍ୟୁରୋ):** ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ସ୍ତରରେ ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଶନିବାର ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ ନିଯୁକ୍ତି ଅନୁଯାୟୀ ବିଭୂତି ଭୂଷଣ ଦାସ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ, ଜୟନ୍ତ ନାରାୟଣ ଷଡଙ୍ଗୀ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରିବେ। ସେହିପରି ରାଜେନ୍ଦ୍ର ମିଶ୍ର ଓଡ଼ିଶା ରିୟଲ ଇଷ୍ଟେଟ୍ ରେଗୁଲେଟୋରୀ ଅଥରିଟିର ସଚିବ, ଲକ୍ଷ୍ମୀଧର ଦାସ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ଅତିରିକ୍ତ ସଚିବ, ମନୋଜ କୁମାର ମହାନ୍ତି ବିଡିଏ ସଚିବ, ରମାକାନ୍ତ ନାୟକ ନବରଙ୍ଗପୁର ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ବଦଳି ହୋଇଛନ୍ତି। ସେହିପରି ମାନସ ରଞ୍ଜନ ସାମଲ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଜମି ଅଧିକାରୀ, ବିନୟ କୁମାର ଦାଶ ପୁରୀର ଅତିରିକ୍ତ ଜିଲାପାଳ, ସୌଦାମିନୀ ସେଠୀ ଇଡ୍‌କୋ ଜମି ଅଧିକାରୀ ଏବଂ ଅନାମ ଚରଣ ପାତ୍ର ନୟାଗଡ ଡିଆରଡିଏର ପ୍ରକଳ୍ପ ଅଧିକାରୀ ଭାବେ ନୂତନ ନିଯୁକ୍ତି ପାଇଛନ୍ତି। ଉପରୋକ୍ତ ଅଫିସରମାନଙ୍କୁ ବାଦ୍ ଦେଲେ ନୃପରାଜ ସାହୁ, ଉଷାରାଣୀ ଦାସ, ରଜନୀ ଜାନି, ଶିବନାରାୟଣ ନନ୍ଦ, ଅଶୋକ କୁମାର ପଣ୍ଡା, ବିନୋଦିନୀ ପଣ୍ଡା, ପ୍ରଭାତ କୁମାର ମହାପାତ୍ର, ଦିଗନ୍ତ ରାଉତରାୟ, ଅଞ୍ଜନ କୁମାର ଦାଶ ଏବଂ ଶୁଭେନ୍ଦୁ କୁମାର ସାହୁଙ୍କ ବଦଳି କରାଯାଇଛି। ଶନିବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମୋଟ ୩୬ ଓଏଏସ୍ ଅଫିସରଙ୍କ ବଦଳି କରାଯାଇଛି।

## ସୋଲାଙ୍କି ହେଲେ ତ୍ରିପୁରା ରାଜ୍ୟପାଳ

ଅଗରତାଲା, ୨୫।୮(ପି.ଟି.): ତ୍ରିପୁରାର ନୂଆ ରାଜ୍ୟପାଳ ଭାବେ ଶନିବାର ଶପଥଗ୍ରହଣ କରିଛନ୍ତି କପ୍ତାନ୍ ସିଂ ସୋଲାଙ୍କି। ରାଜଭବନର ଦରବାର ହଲ୍‌ରେ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି ରାଜ୍ୟ ହାଇକୋର୍ଟର ମୁଖ୍ୟ ବିଚାରପତି ଅଜୟ ରସ୍ତୋଗୀ। ପୂର୍ବରୁ ସୋଲାଙ୍କି ୪ ବର୍ଷ ହରିୟାଣାର ରାଜ୍ୟପାଳ ଥିଲେ। ତାଙ୍କ ଶପଥ ସମାରୋହରେ ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଲବ କୁମାର ଦେବ, ତାଙ୍କ କ୍ୟାବିନେଟ ସହଯୋଗୀ, ମୁଖ୍ୟ ସଚେତକ କଲ୍ୟାଣୀ ରୟ ଏବଂ ମୁଖ୍ୟ ଶାସନ ସଚିବ ସଞ୍ଜୀବ ରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ। ପରେ ତ୍ରିପୁରା ଷ୍ଟେଟ୍ ରାଇଫଲ୍ସ ଯବାନମାନେ ନୂଆ ରାଜ୍ୟପାଳଙ୍କୁ ଗାର୍ଡ ଅଫ୍ ଅନର୍ ଦେଇଥିଲେ।




ଜାଲ୍ ଭିଜା ପାଇଁ ସିଙ୍ଗାପୁର ଯାଇ ପାରିଲେନି

## ମୁମ୍ବାଇରୁ ଗାଁକୁ ଫେରିଲେ ୩୬ ଓଡିଆ ଯୁବକ

**ରାଜନଗର,୨୫।୮(ଡି.ଏନ.ଏ.):** ସୁଦୂର ସିଙ୍ଗାପୁରର ଏକ କମ୍ପାନୀରେ ପାଣି ପାଇପ କାମ କରିବାକୁ ଆଶାୟୀ ଥିବା କେନ୍ଦ୍ରାପଡା ଜିଲା ଅନ୍ତର୍ଗତ ରାଜନଗର ଓ ଆଳି ଅଞ୍ଚଳର ୩୬ ଜଣ ଯୁବକ ଠକେଇର ଶିକାର ହୋଇଛନ୍ତି । ଏହି ଯୁବକମାନେ ସଂପୃକ୍ତ ଦଲାଲଙ୍କ ସହ ମୁମ୍ବାଇ ପର୍ଯ୍ୟନ୍ତ ଯାଇ ସେଠାରୁ ନିରାଶ ହୋଇ ଫେରି ଆସିଛନ୍ତି । ସେମାନଙ୍କ ମଧ୍ୟରୁ ରାଜନଗର ବ୍ଲକ ଚକ୍ରଧରପୁର ଗ୍ରାମର ଆଲୋକ ବାରିକ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଥାନାରେ ଏତଲା ଦେବା ପରେ ଘଟଣା ପଦାକୁ ଆସିଛି। ଜାଲ ଭିଜା ପାଇଁ ସେମାନେ ଯାଇ ନ ପାରି ଫେରି ଆସିଥିବା ବେଳେ ତାଙ୍କୁ ନେଇଥିବା ଦଲାଲ ଫେରାର ଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି ।

## ବଜ୍ରପାତରେ ଯୁବକ ମୃତ

**ଜଳେଶ୍ୱର, ୨୫।୮(ସ୍ୱ.ପ୍ର.):** ଶନିବାର ଝଡବର୍ଷା ବେଳେ ବଜ୍ରପାତ ହେବାରୁ ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅନ୍ତର୍ଗତ ଗୋପାଳ ପ୍ରସାଦ ଗ୍ରାମର ବରାଙ୍ଗଶାଳି ସାହିର ଶତ୍ରୁଘ୍ନ ସିଂଙ୍କ ମୃତ୍ୟୁ ହୋଇଯାଇଛି। ସେ ବିଲକୁ ପଣ୍ଡା ଚରାଇବାକୁ ଯାଇଥିବା ବେଳେ ବଜ୍ରାଘାତ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ପାଇଁ ହାତିଗଡ଼ ହସ୍‌ପିଟାଲକୁ ନେଇ ଯାଇଥିଲେ। ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ।

AMITY UNIVERSITY
B.ARCH
FINAL OPPORTUNITY FOR 2018 SESSION
Apply TODAY
CoA Council of Architecture
APPROVED BY COUNCIL OF ARCHITECTURE
DIRECT ADMISSION 2018
• JEE Mains Paper 2
• score of 136.5 with Maths or
• NATA Qualified
For Admission Pack, visit respective universities' website
www.amity.edu/gurugram www.amity.edu/lucknow
www.amity.edu/gwalior www.amity.edu/mumbai
www.amity.edu/jaipur www.amity.edu/raipur

# ଆଜିଠୁ ଉପକୂଳରେ ବର୍ଷା

## ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଭୁବନେଶ୍ୱର,୨୫।୮(ବ୍ୟୁରୋ)

ଉତ୍ତର ପଶ୍ଚିମ ବଙ୍ଗୋପସାଗର, ପଶ୍ଚିମବଙ୍ଗ ଏବଂ ଉତ୍ତର ଓଡିଶା ଉପକୂଳରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଲଘୁଚାପ ଯୋଗୁ ୩ ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବ। ୨୬ ତାରିଖ ସନ୍ଧ୍ୟାରୁ ପୁରୀ, ଗଞ୍ଜାମ, ଖୋର୍ଦ୍ଧା, କଟକ, ମୟୂରଭଞ୍ଜ, ବାଲେଶ୍ୱର, କଳାହାଣ୍ଡି, ବୌଦ୍ଧ, ସୋନପୁର ଏବଂ ସୁନ୍ଦରଗଡ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଢେଙ୍କାନାଳ, ଅନୁଗୋଳ, ଦେବଗଡ, ସମ୍ବଲପୁର, ବଲାଙ୍ଗୀର, ଝାରସୁଗୁଡା, ବରଗଡ ଓ କେନ୍ଦୁଝରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୭ରେ ବଲାଙ୍ଗୀର, କଳାହାଣ୍ଡି, ସମ୍ବଲପୁର, ଝାରସୁଗୁଡା, ବରଗଡ, ସୁନ୍ଦରଗଡ, ନୂଆପଡା, ସୋନପୁର ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ବଲାଙ୍ଗୀର, କଳାହାଣ୍ଡି, ବରଗଡ, ସୋନପୁର, ପୁରୀ, ଖୋର୍ଦ୍ଧା ଓ ବାଲେଶ୍ୱର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ୨୮ ତାରିଖରେ ବରଗଡ, ଝାରସୁଗୁଡା, ସୁନ୍ଦରଗଡ, ନୂଆପଡା, ନବରଙ୍ଗପୁର , ସମ୍ବଲପୁର ଏବଂ କେନ୍ଦୁଝର ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ। ଲଘୁଚାପ ଯୋଗୁ ସମୁଦ୍ର ଅଶାନ୍ତ ରହିବ। ଉପକୂଳରେ ଘଣ୍ଟାକୁ ୪୫ରୁ ୫୫ କିଲୋମିଟର ବେଗରେ ପବନ ବହିବ। ସମୁଦ୍ର ମଧ୍ୟକୁ ଯାଇଥିବା ମତ୍ସ୍ୟଜୀବୀମାନଙ୍କୁ ଶନିବାର ରାତି ସୁଦ୍ଧା ଫେରି ଆସିବାକୁ ପରାମର୍ଶ ଦିଆଯାଇଛି। ୨୭ ଓ ୨୮ ତାରିଖରେ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ଚେତାବନୀ ଦିଆଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ ସମ୍ବଲପୁରରେ ସର୍ବାଧିକ ୭୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ହୀରାକୁଦ ୯୦.୫, ବଲାଙ୍ଗୀର ୧୬.୩, ଗୋପ ୧୨.୩, ପୁରୀ ୫୧, ଫୁଲବାଣୀ ୨୩, କୋରାପୁଟ ୨୬.୪ ଏବଂ ମାଲକାନଗିରିରେ ୧୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

## ଡିଏସ୍‌ପିଙ୍କୁ ୨ ବର୍ଷ ଜେଲ୍

**କଟକ ଅଫିସ, ୨୫।୮:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପୋଲିସ ଡିଏସ୍‌ପି ନାରାୟଣ ଚନ୍ଦ୍ର ନାୟକଙ୍କୁ ଦଣ୍ଡିତ କରିଛନ୍ତି ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ। ୨ ବର୍ଷ ସଶ୍ରମ ଜେଲ୍ ସହ ୫୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଅର୍ଥ ଅନାଦାୟ ହେଲେ ତାଙ୍କୁ ଅଧିକ ୬ମାସ ସଶ୍ରମ ଜେଲ୍ ଭୋଗିବାକୁ ପଡିବ। ସେହିପରି ନାୟକଙ୍କ ଦଖଲରେ ଥାଇ ଠାବ ହୋଇଥିବା ସମସ୍ତ ଆୟବହିର୍ଭୂତ ସମ୍ପତ୍ତିକୁ ବାଜ୍ୟାପ୍ତ କରିବା ପାଇଁ ବିଚାରପତି ଆଦେଶ ଦେଇଛନ୍ତି। ସୂଚନାଥାଉ କି, ଅଭିଯୁକ୍ତ ଡିଏସ୍‌ପି ନାୟକ ଏବେ କନ୍ଧମାଳ ଜିଲାରେ କାର୍ଯ୍ୟରତ। ଭୁବନେଶ୍ୱର ପୋଲିସ କଣ୍ଟ୍ରୋଲ ରୁମ୍‌ରେ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରୁଥିବାବେଳେ ତାଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ୨୦୦୨ ଅଗଷ୍ଟ ୧୩ରେ ଭିଜିଲାନ୍ସ ପକ୍ଷରୁ ନାୟକଙ୍କ ଭଦ୍ରକ ସହରରେ ଥିବା ଆବାସିକ ଘର, ଭଦ୍ରକ ନାହାକାଣୀଡ଼ିଠାରେ ଥିବା ଘରେ ଚଢ଼ାଉ କରାଯାଇଥିଲା। ଯାଞ୍ଚ ପରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ୩୮/୨୦୦୨ରେ ଏକ ମାମଲା ରୁଜୁ ହୋଇଥିଲା। ନାୟକ ମୋଟ ୬ଲକ୍ଷ ୯୩ହଜାର ୩୧୯ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ଦର୍ଶାଇଥିଲା। ଏହାପରେ ମାମଲାଟି ବିଚାରାଧୀନ ଥିଲା। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି ସେକ୍ ହାଜିରୁଦ୍ଦିନ ମାମଲା ପରିଚାଳନା କରୁଥିଲେ।

ADMISSION OPEN 2018-20
B.Ed, B.P.Ed, B.H.Ed.
10th, +2, +3 (UG, PG, All stream) BCA, MCA, BLib, PGDCA, MSW, BBA, MEd., MPhil,
At Regular & Distance at lower rate Approved by UGC, NCTE & Equivalent to Odisha Board University
ADHYAN INSTITUTE OF EDUCATION
Jharsuguda, Sundargarh, Sambalpur, Deogarh, Boudh
Mob: 9937693353, 7008624254, 9337325436

ଓଡ଼ିଶାର ଘରେ ଘରେ ପରିଚିତ ।
ହାଇପାୱାର ସ୍କେବିଡଲ୍®
ମଲମ ଓ ଲୋସନ୍
ଯାଦୁ, ପାଣିକଛା ଓ ଗୋଡ଼ଫଟା ପାଇଁ ଫଳପ୍ରଦ

On the Occasion of Dasara, Hastashilpi presents
ହସ୍ତଶିଳ୍ପୀ
ସିଲ୍କ ଇଣ୍ଡିଆ™ 2018
Last 8 Days Only

24th Aug. to 2nd Sept. 2018 | 10.30 am to 8.30 pm
ସ୍ଥାନ: ଦ ନ୍ୟୁ ମ୍ୟାରିଅନ
All Credit & Debit Cards Accepted | Contact : +91 - 85534 16929 / +91 - 89717 57606
(Registered with O/o D C (H), Ministry of Textiles, Govt. of India)

ମହିଳା କର୍ମଚାରୀଙ୍କୁ ଅଶ୍ଳୀଳ ଇଙ୍ଗିତ

## ଅଭିଯୁକ୍ତଙ୍କୁ ନିର୍ଧୂମ୍ ଛେଚିଲେ ଲୋକେ



ଅଭିଯୁକ୍ତଙ୍କୁ ଗ୍ରାମବାସୀ ଖୁଣ୍ଟରେ ବାନ୍ଧି ମାଡ଼ ମାରୁଛନ୍ତି।

ଛେଣ୍ଡିପଦା,୨୫।୮(ଡି.ଏନ.ଏ./ସ୍ୱ.ପ୍ର.)

ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ବିଧବାଙ୍କୁ ଅଶ୍ଳୀଳ ଇଙ୍ଗିତ ସହ ଅନେକ ସମୟରେ ଫୋନ କରି ହଇରାଣ ହରକତ କରିବା ଓ ବିବାହ ପାଇଁ ପ୍ରସ୍ତାବ ଦେବା ଅଭିଯୋଗରେ ଶନିବାର ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କୁ ଖୁଣ୍ଟରେ ବାନ୍ଧି ନିର୍ଧୂମ୍ ମାଡ଼ ମାରିଛନ୍ତି। ସମ୍ପୃକ୍ତ ଅଭିଯୁକ୍ତ ହେଲେ ବାହାଳସାହି ପଞ୍ଚାୟତ ମୁଣ୍ଡାମାଳ ସାହିର ଲିଲିପ ସାହୁ। ଖବରପାଇ ଛେଣ୍ଡିପଦା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛି। ଏ ନେଇ ମହିଳା ଜଣକ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗରୁ ପ୍ରକାଶ, ସମ୍ପୃକ୍ତା ବିଧବା ଏକ ମହିଳା ହଷ୍ଟେଲରେ କର୍ମଚାରୀ ଭାବେ କାର୍ଯ୍ୟ କରୁଛନ୍ତି। ଅଧିକାଂଶ ସମୟରେ ଲିଲିପ ସେହି ହଷ୍ଟେଲକୁ ଯାଇ ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିଲେ। ଏପରିକି ତାଙ୍କ ମୋବାଇଲ ନମ୍ବର ସଂଗ୍ରହ କରି ଫୋନ ଯୋଗେ ନାନା ହଇରାଣ କରୁଥିଲେ। କୋର୍ଟରେ ରେଜିଷ୍ଟି ବିବାହ କରିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ। ଏଥିରେ ଅତିଷ୍ଠ ହୋଇ ମହିଳା ଜଣକ ପରିବାର ଲୋକଙ୍କୁ ଜଣାଇଥିଲେ। ଏହାପରେ ଅଭିଯୁକ୍ତଙ୍କ ଗତିବିଧି ଲକ୍ଷ୍ୟ କରି କୌଶଳକ୍ରମେ ତାଙ୍କୁ ଗ୍ରାମବାସୀ କାବୁ କରି ମାଡ଼ ମାରିଥିଲେ।



Cruise Control | Push Start/Stop & Touch Sensor Based Smart Entry System | Standard Dual Airbags & ABS with EBD | Big 420L Boot Space
For more information, SMS <AMAZE> to 53030 or log on to www.hondacarindia.com/honda-amaze.
353 OUTLETS 241 CITIES
Krishna Honda
Showroom & Workshop: Beldihi, Rourkela, PH : 7852941758



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................



ରାକ୍ଷୀ
ପରିବାରବର୍ଗ



ଭୁପତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## କକାଙ୍କ ଦା' ଚୋଟରେ ପୁତୁରା ଗୁରୁତର

ସଜନାଗଡ଼, ୨୫।୮(ଡି.ଏନ.ଏ.): ଖନ୍ତାପଡ଼ା ଥାନା ଜିରତାଳ ପଞ୍ଚାୟତ ଡାଲିଙ୍ଗିଆ ଗ୍ରାମର ଜଟିଆ ନାୟକ (୬୦)ଙ୍କ ଛେଳି ତାଙ୍କ ପୁତୁରା ପ୍ରଭାକର ନାୟକଙ୍କ ବିଲରେ ଧାନଗଛ ଖାଇବାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏନେଇ ଶୁକ୍ରବାର ଖନ୍ତାପଡ଼ା ଥାନାରେ ପୃଥକ୍ ମାମଲା ରୁଜୁ ହୋଇଛି। ଖନ୍ତାପଡ଼ା ଥାନା ପକ୍ଷରୁ ଉଭୟଙ୍କ ତରଫରୁ ଅପୋସ ବୁଝାମଣା ହେବା ଲାଗି ସ୍ଥିର ହୋଇଥିବା ବେଳେ ଶନିବାର ପୂର୍ବାହ୍ନରେ ସେହି ପୁରୁଣା କଥାକୁ ନେଇ ତର୍କବିତର୍କ ହୋଇଥିଲା। ପୁତୁରା ପ୍ରଭାକର ଓ ତାଙ୍କ ସ୍ତ୍ରୀ କବାଟ ଖୋଲୁଥିବା ବେଳେ କକା ଜଟିଆ ଏକ ଦା' ସାହାଯ୍ୟରେ ପୁତୁରା ବେକକୁ ଆଘାତ ଦେଇଥିଲେ। ଫଳରେ ପ୍ରଭାକର ଘଟଣାସ୍ଥଳରେ ଟଳି ପଡ଼ିଥିଲେ। ପ୍ରଭାକରଙ୍କ ସ୍ତ୍ରୀ ଏ ନେଇ କକା ଜଟିଆଙ୍କ ମୁଣ୍ଡକୁ ଆଘାତ କରିଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ପ୍ରଭାକରଙ୍କୁ ନୀଳଗିରି ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଆସିବ ନୂଆ...

ଶବ୍ଦକୁ ଉଚ୍ଛେଦ କରି ଜମି ମାଲିକ ଓ ଚାଷୀ ଶବ୍ଦ ବ୍ୟବହାର କରାଯିବ। ପୂର୍ବରୁ ୩୦ ବର୍ଷ ଧରି ସରକାରୀ ଜମି ମାଡିବସି ରହିଥିବା ବ୍ୟକ୍ତି ନିଜ ନାମରେ ପଟ୍ଟା ଆବେଦନ କରି ଜମିକୁ ରେକର୍ଡଭୁକ୍ତ କରି ନେଉଥିଲେ। ଏଭଳି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରଦ୍ଦ ରାଯାଇଛି। ପୁରୁଣା କାଳରୁ ପ୍ରଚଳିତ ହୋଇଆସୁଥିବା ସ୍ୱଳ୍ପ ଖଜଣା ବ୍ୟବସ୍ଥାକୁ ମଧ ଉଚ୍ଛେଦ କରାଯିବ। ଜମିର ବେଞ୍ଚମାର୍କ ମୂଲ୍ୟ ଅନୁସାରେ ଖଜଣା ନିର୍ଦ୍ଧାରଣ କରିବାକୁ ଚିଠା କୋଡ୍‌ରେ ପ୍ରସ୍ତାବ ଦିଆଯାଇଛି। ଚିଠା ଆଇନରେ ସର୍ଭେ ସମୟରେ ଆଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ସହ ଜମି ପାସ୍‌ବୁକ ପ୍ରସ୍ତୁତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଜମିଜମା ରେକର୍ଡରେ ପୂର୍ବରୁ ପ୍ରଚଳିତ ନଜୁଲ, ଗ୍ରାମକଣ୍ଠ, ପରମବୋକ, ଖାସମାହାଲ ଏବଂ ବେବନ୍ଦୋବସ୍ତ ରେକର୍ଡ ହୋଇଥିବା ଜମି ବିଷୟରେ ଉଲ୍ଲେଖ ନ ଥିବାରୁ ସରକାର ଏହା ଉପରେ ବିଶେଷ ଧ୍ୟାନଦେଇ ନିର୍ଦ୍ଧାରିତ ସମୟ ମଧ୍ୟରେ ଉପରୋକ୍ତ କିସମ ଜମିର ବନ୍ଦୋବସ୍ତ କରିବେ। ରାଜ୍ୟରେ ପ୍ରଚଳିତ ରାଜସ୍ୱ ଆଇନଗୁଡ଼ିକ ବହୁ ପୁରୁଣା ହୋଇଥିବାରୁ ସେଥିରୁ ଅଧିକାଂଶ ଏକପ୍ରକାର ଅକାମୀ ହୋଇଗଲାଣି। ବିଭିନ୍ନ ରାଜସ୍ୱ ଆଇନର ସରଳୀକରଣ କରି ଏକକ ରାଜସ୍ୱ କୋଡ୍ ପ୍ରଣୟନ କରିବା ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ପ୍ରସ୍ତାବ ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ନୂତନ ରାଜସ୍ୱ କୋଡ୍ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଗେଜେଟ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ରାଜସ୍ୱ କୋଡ୍ ପ୍ରସ୍ତୁତ କରିବା ପାଇଁ ରାଜ୍ୟ ସରକାର ଏକ ୧୨ ଜଣିଆ କମିଟି ଗଠନ କରିଛନ୍ତି। ରାଜସ୍ୱ ପର୍ଷଦ ସଭ୍ୟ ଏହାର ଅଧ୍ୟକ୍ଷ ଥିବାବେଳେ ୭ ଜଣ ବେସରକାରୀ ସଭ୍ୟଙ୍କୁ ମିଶାଇ ମୋଟ ୧୧ ଜଣ ସଦସ୍ୟ ରହିଛନ୍ତି। କମିଟି ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ଏହି ଚିଠା କୋଡ୍ ପ୍ରସ୍ତୁତ କରିଛନ୍ତି। ଚିଠା କୋଡ୍ ଉପରେ ଜନସାଧାରଣଙ୍କଠାରୁ ମତାମତ ଆହ୍ୱାନ କରାଯିବ। ୩ଟି ଆର୍‌ଡିସି ଅଞ୍ଚଳରେ କର୍ମଶାଳାର ଆୟୋଜନ କରାଯାଇ ଲୋକମାନଙ୍କୁ ନୂତନ ଆଇନ ଉପରେ ସଚେତନ କରାଯିବ। ମତାମତ ମିଳିବା ପରେ ଚୂଡ଼ାନ୍ତ କୋଡ୍ ପ୍ରସ୍ତୁତ କରାଯିବ ବୋଲି ରାଜସ୍ୱ ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଚିଠା କୋଡ୍ ପ୍ରସ୍ତୁତ ହେବା ପରେ କମିଟିର ପ୍ରଥମ ବୈଠକ ଶନିବାର ସଚିବାଳୟରେ ରାଜସ୍ୱମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭାଗୀୟ ସଚିବ, ଆର୍‌ଡିସି, ରାଜସ୍ୱ ପର୍ଷଦ ସଭ୍ୟ ଓ ବନ୍ଦୋବସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

### ମାଲ୍ ଗାଡି ଧକ୍କାରେ...

ସୁନ୍ଦରଗଡ ଜିଲା ଏମ୍‌ସିଏଲ୍ ଅଧୀନ ବସୁନ୍ଧରା କୋଇଲା ଖଣି ଅଞ୍ଚଳରୁ କୋଇଲା ପରିବହନ ଲାଗି ୨୦୧୩ ମସିହାରେ ସରଡେଗା-ଝାରସୁଗୁଡ଼ା ଟ୍ରେନ୍ ଲାଇନ୍ ନିର୍ମାଣ କାମ ଆରମ୍ଭ ହୋଇଥିଲା। ପ୍ରାୟ ୫୦.୩୦ କି.ମି. ବିଶିଷ୍ଟ ଏହି ଟ୍ରେନ୍ ଲାଇନ ନିର୍ମାଣ ଲାଗି କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ୧୦୪୪ କୋଟି ଟଙ୍କା ବ୍ୟୟ କରିଛି। ଗତ ୩ରୁ ୪ ମାସ ହେବ ଏହି ଲାଇନ୍ କାର୍ଯ୍ୟକ୍ଷମ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଏକ ହାଇୱା ରାଜପୁର ଜଗୁଆଳିବିହୀନ ଫାଟକ ଅତିକ୍ରମ କରୁଥିବା ବେଳେ ଅଚଳ ହୋଇପଡିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଚାଳକ ହାଇୱା ହଟାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ସେହି ସମୟରେ ଝାରସୁଗୁଡ଼ା ପଟୁ ଯାଉଥିବା ଏକ ମାଲବାହୀ ଟ୍ରେନ୍ ହାଇୱାକୁ ଧକ୍କା ଦେଇଥିଲା। ଏଥିରେ ହାଇୱା କ୍ଷତିଗ୍ରସ୍ତ ହେବା ସହ ମାଲବାହୀ ଟ୍ରେନର ଏକ ୱାଗନ ଲାଇନଚ୍ୟୁତ ହୋଇଥିଲା। ଶୁକ୍ରବାର ରାତିରେ ଘଟଣା ଘଟିଥିଲେ ମଧ୍ୟ ୭-୮ ଘଣ୍ଟା ପରେ ରେଲୱେ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ତେବେ ଏହି ଦୁର୍ଘଟଣାରେ କେହି ମୃତାହତ ହୋଇ ନାହାନ୍ତି। ବାରମ୍ବାର ଏହି ସ୍ଥାନରେ ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଲୋକେ ରେଳ କର୍ମଚାରୀଙ୍କୁ ଘେରାଉ କରି ନିଜର ଦାବି ଜଣାଇଥିଲେ। ସନ୍ଧ୍ୟାରେ ରାଜପୁର ସମିତିସଭ୍ୟ ଗଣେଶ ବାଗଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଝାରସୁଗୁଡ଼ା ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ଭେଟିଥିଲେ। ଜିଲାପାଳ ରେଳ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଓଭରବ୍ରିଜ୍ କାମ ଶୀଘ୍ର ସାରିବା, ଉଭୟପାର୍ଶ୍ୱରେ ଆଲୋକ ସୁବିଧା କରିବା ଏବଂ ଲେଭଲକ୍ରସିଂଠାରେ ଜଗୁଆଳି ମୁତୟନ କରିବାକୁ ସ୍ଥାନୀୟ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

### ଆଥ୍‌ଲେଟିକ୍ସରେ ତେଜିନ୍ଦର...

ଆଥଲେଟିକ୍ସରେ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ସଫଳତା ଭାରତୀୟ ଶିବିରରେ ଆନନ୍ଦ ଆଣିଦେଇଛି। ୨୩ ବର୍ଷୀୟ ତେଜିନ୍ଦର ରେକର୍ଡ ପ୍ରଦର୍ଶନ କରି ୨୦. ୭୫ ମିଟର ଶଟ୍‌ପୁଟ୍ ଫିଙ୍ଗି ଏହି ସଫଳତା ଅର୍ଜନ କରିଛନ୍ତି। ଏହି କ୍ରମରେ ଗତ ୬ ବର୍ଷ ଧରି ଓମ୍ ପ୍ରକାଶ କାରହାନାଙ୍କ ନାମରେ ଥିବା ୨୦.୬୯ ମିଟର ରେକର୍ଡକୁ ପଛରେ ପକାଇଛନ୍ତି। ଏହା ଏକ ଏସିଆନ ଗେମ୍ସ ରେକର୍ଡ ସାବ୍ୟସ୍ତ ହୋଇଛି। ସେ ମଧ ଏଥିସହ ନୂଆ ଜାତୀୟ ରେକର୍ଡ ସୃଷ୍ଟି କରିଛନ୍ତି। ଗତ ସିଜନରେ ସେ ଦମ୍‌ଦାର ପ୍ରଦର୍ଶନ କରି ଏହି ଇଭେଣ୍ଟରେ ଏସିଆନ ଆଥଲେଟମାନଙ୍କ ମଧ୍ୟରେ ଫେଭରାଇଟ ବିବେଚିତ ହୋଇଥିଲେ। ଗତବର୍ଷ ୨୦.୨୪ ମିଟର ଶଟପୁଟ୍ ଫିଙ୍ଗି ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ତେଜିନ୍ଦର ପ୍ରଥମ ଓ ଚତୁର୍ଥ ପ୍ରୟାସରେ ୧୯.୯୬ ମିଟର ଫିଙ୍ଗିଥିଲେ। ତେବେ ପଞ୍ଚମ ପ୍ରୟାସରେ ୨୦.୭୫ ମିଟର ଫିଙ୍ଗି ସମସ୍ତଙ୍କୁ ପଛରେ ପକାଇଥିଲେ। ଏହି ଇଭେଣ୍ଟରେ ଚାଇନାର ଲିଓ ୟାଙ୍ଗ୍ ୧୯. ୫୨ ମିଟର ଫିଙ୍ଗି ରୌପ୍ୟ ଓ କାଜାଖସ୍ତାନର ଇଭାନ ଇଭାନୋଭ ୧୯. ୪୦ ମିଟର ଫିଙ୍ଗି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ତେଜିନ୍ଦରଙ୍କ ବାପା ପଞ୍ଜାବର ଏକ ହସ୍ପିଟାଲରେ କର୍କଟ ରୋଗ ସହ ସଂଘର୍ଷ କରୁଛନ୍ତି। ଏଭଳି ପରିସ୍ଥିତିରେ ପ୍ରତିଯୋଗିତାରେ ସଫଳ ହେବା ତାଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ୍ ଥିଲା। ଶାରୀରିକ ଓ ମାନସିକ ଭାବେ ନିଜକୁ ଦୃଢ଼ କରି ଶେଷରେ ବାଜି ମାରିଛନ୍ତି। ସ୍ୱର୍ଣ୍ଣ ପଦକ ହାସଲ କରିବା ମୋର ଲକ୍ଷ୍ୟ ନ ଥିଲା। ତେବେ ୨୧ ମିଟର ପାର କରିବାକୁ ମୁଁ ଟାର୍ଗେଟ କରିଥିଲି। ୨-୩ ବର୍ଷ ହେବ ମୁଁ ଜାତୀୟ ରେକର୍ଡ ଭାଙ୍ଗିବାକୁ ଲକ୍ଷ୍ୟ ରଖିଥିଲି। ଶେଷରେ ମୁଁ ଏଥିରେ ସଫଳ ହୋଇଛି। ଏହି ସ୍ୱର୍ଣ୍ଣ ପଦକ ମୋ କ୍ୟାରିୟରର ସବୁଠାରୁ ବଡ଼ ସଫଳତା। ଏଥିପାଇଁ ମୋତେ ବହୁତ କଷ୍ଟ ସହିବାକୁ ଓ ତ୍ୟାଗ କରିବାକୁ ମଧ ପଡଛି। ୨ ବର୍ଷ ହେବ ମୋ ବାପା କ୍ୟାନସର ପାଇଁ ଚିକିତ୍ସିତ ହୋଇ ଆସୁଛନ୍ତି। ଏଭଳି ସ୍ଥିତିରେ ପୂରା ପରିବାର ମୋତେ ସମର୍ଥନ ଜଣାଇଛି। ଧର୍ମଶାଳାରେ ପ୍ରଶିକ୍ଷଣ ନେଉଥିବାରୁ ବହୁ ଦିନ ହେବ ମୁଁ ଘରକୁ ଯାଇ ନାହିଁ। ଏବେ ମୁଁ ବାପାଙ୍କୁ ଦେଖା କରିବି। ମୋ ସଫଳତା ପଛରେ କୋଚ୍ ଏମ୍.ଏସ୍. ଥିଲନଙ୍କ ପ୍ରଚ୍ଛନ୍ନ ଭୂମିକା ରହିଛି ବୋଲି ତେଜିନ୍ଦର କହିଛନ୍ତି।

### ୬ରୁ ସମସ୍ତ

ଅଦ୍ୟାବଧି ୬୦ ହଜାର ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ୧୦ଦିନ ହେଲା ଖରାବର୍ଷାକୁ ଖାତିର ନ କରି ଆନ୍ଦୋଳନ ଚଳାଇଛନ୍ତି। ଫଳରେ ୩୦ଲକ୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଛି। କିନ୍ତୁ ସରକାର ସେମାନଙ୍କ ଦାବି ପୂରଣ ନିମନ୍ତେ କୌଣସି ପଦକ୍ଷେପ ନେଇ ନ ଥିବାରୁ ଆନ୍ଦୋଳନକୁ ବ୍ୟାପକ କରିବ ବୋଲି ମିଳିତ ମଞ୍ଚର ଷ୍ଟିୟରିଂ କମିଟି ନିଷ୍ପତ୍ତି ନେଇଛି। ଦାବି ପୂରଣ ନ ହେଲେ ପରିସ୍ଥିତି ଭୟଙ୍କର ରୂପ ନେବ ବୋଲି ମିଳିତମଞ୍ଚର ତିନି ଆବାହକ ପବିତ୍ର ମହାଲା, ଗୋଲକ ନାୟକ ଓ ପ୍ରକାଶ ଚନ୍ଦ୍ର ମହାନ୍ତି ସରକାରଙ୍କୁ ସତର୍କ କରାଇଛନ୍ତି। ସରକାର ଯଦି ଆଗାମୀ ବିଧାନସଭା ପୂର୍ବରୁ ସମସ୍ୟାର ସମାଧାନ ନ କରନ୍ତି ତେବେ ଆସନ୍ତା ସେପ୍ଟେମ୍ବର ୫ ଗୁରୁଦିବସକୁ କଳାଦିବସ ରୂପେ ପାଳନ କରାଯିବ। ୬ତାରିଖରୁ ଓଡ଼ିଶାର ସମସ୍ତ ସ୍କୁଲ, କଲେଜ ବନ୍ଦ ରହିବ ବୋଲି କମିଟି ପକ୍ଷରୁ ଶନିବାର ଶ୍ରମିକ ଭବନଠାରେ ଆୟୋଜିତ ବୈଠକରେ ନିଷ୍ପତ୍ତି ହୋଇଛି।

# କବିତା ସଙ୍କଳନ, ସଙ୍ଗୀତ ଆଲବମ୍ 'ସୀମାହୀନ' ଉନ୍ମୋଚିତ




କବିତା ସଙ୍କଳନ ଏବଂ ସଙ୍ଗୀତ ଆଲବମ୍ 'ସୀମାହୀନ'କୁ ଲୋକାର୍ପଣ କରୁଛନ୍ତି (ବାମରୁ) ପ୍ରବଚକ ପଣ୍ଡିତ ମାତୃପ୍ରସାଦ ମିଶ୍ର, ଲେଖକ ତଥା ଗୀତିକାର ଶରତ କୁମାର ଦାଶ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ସ୍ତମ୍ଭକାର ଅରୁଣ କୁମାର ପଣ୍ଡା, ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ପଦ୍ମ ବିଭୂଷଣ ରଘୁନାଥ ମହାପାତ୍ର, ସ୍ତମ୍ଭକାର ବିଜୟାନନ୍ଦ ସିଂହ, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ ଓ ପେନ୍ ଇନ୍ ବୁକ୍ସର ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡା।

### ସ୍ଥାନିତ ହୋଇଛି ୫୧ କ୍ଷୁଦ୍ର କବିତା

ଭୁବନେଶ୍ୱର, ୨୫।୮(ବ୍ୟୁରୋ)

ବରିଷ୍ଠ କବି, ଗୀତିକାର ତଥା ଆୟକର କମିଶନର ଶରତ କୁମାର ଦାଶଙ୍କ ସପ୍ତମ କବିତା ସଙ୍କଳନ ଏବଂ ସଙ୍ଗୀତ ଆଲବମ୍ 'ସୀମାହୀନ' ଶନିବାର ରବୀନ୍ଦ୍ର ମଣ୍ଡପଠାରେ ଉନ୍ମୋଚିତ ହୋଇଯାଇଛି। ରାଜ୍ୟର ଅଗ୍ରଣୀ ପ୍ରକାଶନ ସଂସ୍ଥା ପେନ୍ ଇନ୍ ବୁକ୍ସ ପକ୍ଷରୁ ପ୍ରକାଶିତ ଏହି ସଙ୍କଳନରେ ୫୧ଟି କ୍ଷୁଦ୍ର କବିତା ସ୍ଥାନିତ ହୋଇଛି। ସଙ୍କଳନରୁ ୧୦ଟି କବିତାକୁ ନେଇ ଏକ ସଙ୍ଗୀତ ଆଲବମ୍ ପ୍ରସ୍ତୁତ ହୋଇଛି। ରାଜ୍ୟ ସଭା ସଦସ୍ୟ ତଥା ବରିଷ୍ଠ ସ୍ଥପତି ପଦ୍ମ ବିଭୂଷଣ ରଘୁନାଥ ମହାପାତ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ଲେଖକ ଓ ସ୍ତମ୍ଭକାର ବିଜୟାନନ୍ଦ ସିଂହ, ସ୍ତମ୍ଭକାର ଅରୁଣ କୁମାର ପଣ୍ଡା, ପ୍ରବଚକ ପଣ୍ଡିତ ମାତୃପ୍ରସାଦ ମିଶ୍ର ଅତିଥିଭାବେ ଯୋଗଦେଇ ଏହି କବିତା ସଙ୍କଳନ ଓ ସଙ୍ଗୀତ ଆଲବମ୍ 'ସୀମାହୀନ'କୁ ଲୋକାର୍ପଣ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ ଓ ପେନ୍ ଇନ୍ ବୁକ୍ସର ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡା ଉତ୍ସବରେ ଉପସ୍ଥିତ ଥିଲେ। ଲେଖକ ଶରତ କୁମାର ଦାଶ ଲେଖକୀୟ ବକ୍ତବ୍ୟ ରଖିଥିଲେ। ଏଥିରେ ପ୍ରାୟ କବିତା ଛନ୍ଦବଦ୍ଧ। କବିତାଗୁଡ଼ିକ ପ୍ରେମ, ବିରହ, ଭକ୍ତି, ସମର୍ପଣ ଓ ଜୀବନରେ ସୁଖ ଦୁଃଖର ଅନୁଭବ ସ୍ପନ୍ଦିତ ହୋଇଛି। ଯେତେବେଳେ କିଛି ଭାବନା ମନକୁ ଆନ୍ଦୋଳିତ କରେ ଓ ମନରୁ ଅପସରି କମ୍ପନ ସୃଷ୍ଟି କରେ ହୃଦୟରେ ସେତେବେଳେ କିଛି ଶବ୍ଦ ଖୁଣ୍ଟୁବୁଜୁ ହୋଇ କବିତାର ରୂପ ନେଇ ବାହାରି ଆସନ୍ତି ବୋଲି ଦାଶ ତାଙ୍କ ବକ୍ତବ୍ୟରେ କହିଥିଲେ। ପ୍ରେମ୍ ଆନନ୍ଦ ମୋର ନିର୍ଜୀବ କବିତାଗୁଡ଼ିକୁ ସଜୀବ ଭାବେ ତୋଳିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଉଛି ବୋଲି ଦାଶ କହିଥିଲେ।

ଏହି ଅବସରରେ ଅନ୍ୟତମ କବି ପ୍ରଣୀତା ମିଶ୍ରଙ୍କର ପ୍ରଥମ କବିତା ସଙ୍କଳନ 'ଉଡ଼ିବାକୁ ଦିଅ'କୁ ମଧ୍ୟ ଅତିଥିମାନେ ଉନ୍ମୋଚନ କରିଥିଲେ। ଉତ୍ସବ ପ୍ରାରମ୍ଭରେ କବି ଶରତ ଦାଶଙ୍କ ପୂର୍ବ ପ୍ରକାଶିତ କବିତା ସଙ୍କଳନ 'ଅସମାପିକା', 'ପୁନରପି' ଓ 'କୁହନାହିଁ କିଛି'ରୁ କେତେକ କବିତା ଯୁବ କବି ଦେବଦତ୍ତ ପତି, ଶୁଭଶ୍ରୀ ଶୁଭସ୍ମିତା ମିଶ୍ର ଓ ଶୁଭ କୁମାର ଦାଶ ପାଠ କରିଥିଲେ। ପରେ ପରେ ଓଡ଼ିଶାର ଜଣାଶୁଣା କଣ୍ଠଶିଳ୍ପୀ ଦୀପ୍ତିରେଖା, ହ୍ୟୁମାନ ସାଗର, ଆଶୁତୋଷ, ସତ୍ୟଜିତ୍, ଅନ୍ତରା, ଲୋପାମୁଦ୍ରା, ସବିଶେଷ ଓ ଦେବକୃପା ପ୍ରମୁଖ 'ସୀମାହୀନ' ଆଲବମ୍‌ର ସଙ୍ଗୀତ ପରିବେଷଣ କରିଥିଲେ। ଉତ୍ସବରେ ସମସ୍ତ ଅତିଥିଙ୍କ ସମେତ କଣ୍ଠଶିଳ୍ପୀ ଓ କାର୍ଯ୍ୟକ୍ରମ ସହ ଜଡ଼ିତ ସମସ୍ତ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବ ଲେଖକ ଶୁଭ୍ରାଂଶୁ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ। ସାମାଜିକ କର୍ମୀ ସୁଚିସ୍ମିତା ପୃଷ୍ଟି, ଶୁଭେନ୍ଦୁ ଦାସ, ଅଜୟ ନାୟକ, ରଜନୀକାନ୍ତ ତରାଇ ଓ ଗିରୀଶ ରଞ୍ଜନ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, କବି ଶରତ ଦାଶଙ୍କର ଇତିମଧ୍ୟରେ 'ଚିତ୍ରଲେଖା'(୨୦୧୫), 'ଶବ୍ଦସ୍ରୋତ'(୨୦୧୬), 'କଥାଥିଲା'(୨୦୧୬), 'ଅସମାପିକା'(୨୦୧୭), 'ପୁନରପି'(୨୦୧୭) ଓ 'କୁହନାହିଁ କିଛି'(୨୦୧୭) କବିତା ସଙ୍କଳନ ଏବଂ ସଙ୍ଗୀତ ଆଲବମ୍ ପ୍ରକାଶିତ ହୋଇ ବେଶ୍ ପ୍ରସିଦ୍ଧି ଅର୍ଜନ କରିଛି।

### ଗ୍ରାମାଞ୍ଚଳରେ ପହଞ୍ଚୁ.../ ପ୍ରଥମ ପୃଷ୍ଠାରୁ..

ଏବଂ ସମ୍ମାନିତ ଅତିଥି ଭାବେ ରାଜ୍ୟପାଳ ଗଣେଶୀ ଲାଲ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା, ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ ଯୋଗଦେଇଥିଲେ। ସଂସ୍ଥାନର ନିର୍ଦ୍ଦେଶିକା ଗୀତାଞ୍ଜଳି ବାଟ୍‌ମାନବନେ, ଡିନ୍ ବିକାଶ ଭଟ୍ଟ ଓ ରେଜିଷ୍ଟ୍ରାର ବି.ବି. ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଉପରାଷ୍ଟ୍ରପତି ନାଇଡୁ କହିଥିଲେ ଯେ, ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ମୁଁ ମନ୍ତ୍ରୀ ଥିଲି। ନବୀନ ବାବୁ ମଧ ମନ୍ତ୍ରୀ ଥିଲେ। ଜନସାଧାରଣଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ସଂସଦରେ ପ୍ରସ୍ତାବ ଆସିଲା। ୬ ରାଜ୍ୟରେ ଏମ୍ସ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଗଲା। ସେଗୁଡିକ ମଧ୍ୟରୁ ପ୍ରଥମେ ଭୁବନେଶ୍ୱରରେ ଏମ୍ସ ପ୍ରତିଷ୍ଠା କରାଗଲା। ଏବେ ୬ ଏମ୍ସ ଭିତରୁ ଭୁବନେଶ୍ୱର ଏମ୍ସ ବେଷ୍ଟ। ସେ ଆହୁରି କହିଥିଲେ ଯେ, ପ୍ରତ୍ୟେକ ବ୍ୟକ୍ତି ଓ ପରିବାରର ଉନ୍ନତ ସ୍ୱାସ୍ଥ୍ୟ ସହ ଦେଶର ଆର୍ଥିକ ପ୍ରଗତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ବର୍ତ୍ତମାନ ଜୀବନଶୈଳୀରେ ପରିବର୍ତ୍ତନ ଆସିଛି। ସେହି ଅନୁସାରେ ନୂଆ ରୋଗ ଦେଖାଦେଲାଣି। ଡାକ୍ତରମାନେ ହସ୍ପିଟାଲକୁ ଆସୁଥିବା ରୋଗୀ ଓ ଲୋକଙ୍କୁ କ୍ୟାନସର ଭଳି ମାରାତ୍ମକ ବ୍ୟାଧିର ବ୍ୟୟବହୁଳ ଚିକିତ୍ସା ଉପରେ ସଚେତନ କରାନ୍ତୁ। ବିଶେଷକରି ଫାଷ୍ଟଫୁଡ୍ ତଥା ଜଙ୍କ୍‌ଫୁଡ୍ ଭଳି ଖାଦ୍ୟଠାରୁ ଜନସାଧାରଣ କାହିଁକି ଦୂରେଇ ରହିବା ଠିକ୍ ସେନେଇ ଡାକ୍ତରମାନେ ମାର୍ଗଦର୍ଶନ କରାଇବା ଉଚିତ। ଡାକ୍ତରଙ୍କ ଉତ୍ତମ ପରାମର୍ଶ, ସମବେଦନା ରୋଗୀଙ୍କ ପାଇଁ କାଉଁରୀ ସ୍ପର୍ଶ ଭଳି କାମ କରିଥାଏ।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା କହିଥିଲେ, ଭୁବନେଶ୍ୱର ଏମ୍ସରେ ରାତ୍ରି ଆଶ୍ରୟସ୍ଥଳ ଏବଂ ଅଗ୍ନିଘାତ ଚିକିତ୍ସା ୟୁନିଟ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି, ଯାହା ଏହି ମେଡିକାଲର ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବ। ରାତ୍ରି ଆଶ୍ରୟସ୍ଥଳ(ଧର୍ମଶାଳା) ପାଇଁ ନାଲକୋର ୨୬ କୋଟି ଟଙ୍କା ଅନୁଦାନରେ କୋଠା ନିର୍ମାଣ କରାଯିବ। ଏଥିରେ ୫୬୦ ଜଣ ରୋଗୀ ସମ୍ପର୍କୀୟ ରହିପାରିବେ। ସେହିପରି ଏନଟିପିସିର ୧୪.୮୨ କୋଟି ଟଙ୍କା ଅନୁଦାନରେ ଅଗ୍ନିଘାତ ଚିକିତ୍ସା ୟୁନିଟ ନିର୍ମାଣ କରାଯିବ। ଅଗ୍ନିଘାତ ଚିକିତ୍ସା ୟୁନିଟ୍‌ରେ ୫୦ଟି ଶଯ୍ୟା, ୬ଶଯ୍ୟା ବିଶିଷ୍ଟ ଆଇସିୟୁ, ଏକ ଅସ୍ତ୍ରୋପଚାର ଗୃହ ଏବଂ ଏକ ହ୍ୱିର୍ଲପୁଲ ଶାୱାର ଜେଟ ସ୍ନାନ ବ୍ୟବସ୍ଥା ରହିବ। ପୋଡ଼ି ହୋଇଯାଇଥିବା ରୋଗୀଙ୍କ ପାଇଁ ଏଠାରେ ଚର୍ମ ବ୍ୟାଙ୍କ ସମେତ ୨୪ ଘଣ୍ଟିଆ ଚିକିତ୍ସା ବ୍ୟବସ୍ଥା ରହିବ। ଏବେ ଦେଶରେ ୨୨ଟି ଏମ୍ସ ନିର୍ମାଣାଧୀନ ରହିଥିବା କେନ୍ଦ୍ରମନ୍ତ୍ରୀ ନଡ୍ଡା ସୂଚନା ଦେବା ସହ ଚଳିତବର୍ଷ ଭୁବନେଶ୍ୱର ଏମ୍ସରେ ୯୭୮ଟି ଅନୁମୋଦିତ ଶଯ୍ୟା ଏବଂ ୧୧୨ଟି ଶଯ୍ୟା ବିଶିଷ୍ଟ ଆଇସିୟୁ କାର୍ଯ୍ୟକ୍ଷମ ହେବ ବୋଲି କହିଥିଲେ। ୨୦୧୭-୧୮ ବର୍ଷରେ ଭୁବନେଶ୍ୱର ଏମ୍ସର ଓପିଡିକୁ ୫,୫୪,୯୭୫ ଜଣ ରୋଗୀ ଆସିଥିବାବେଳେ ଆଇପିଡିକୁ ୧୮,୦୨୪ ଜଣ ଆସିଥିଲେ। ଗତବର୍ଷ ଅପେକ୍ଷା ଓପିଡି ରୋଗୀ ୩୦% ବଢ଼ିଥିବାବେଳେ ଆଇପିଡିରେ ୧୮% ବୃଦ୍ଧି ପାଇଛି। ଗତବର୍ଷ ଏହି ଡାକ୍ତରଖାନାରେ ୫,୭୨୨ଟି ବଡ଼ ଏବଂ ୪,୬୩୦ଟି ଛୋଟ ଅସ୍ତ୍ରୋପଚାର ହୋଇଛି। ବର୍ତ୍ତମାନ ଏଠାରେ ସର୍ବାଧିକ ସଂଖ୍ୟକ ନିୟମିତ ଅଧ୍ୟାପକ ଅଛନ୍ତି ଏବଂ ସର୍ବାଧିକ ସଂଖ୍ୟାରେ କାର୍ଯ୍ୟକ୍ଷମ ବିଭାଗ ରହିଛି। ବିଭିନ୍ନ କାର୍ଯ୍ୟକ୍ଷମ ବିଭାଗରେ ପିଜି ପାଠ୍ୟକ୍ରମ ଖୋଲାଯିବ, ଯାହା ଦେଶରେ ସ୍ପେଶାଲିଷ୍ଟ/ସୁପର ସ୍ପେଶାଲିଷ୍ଟ ଡାକ୍ତରମାନଙ୍କ ଅଭାବ ପୂରଣ କରିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ନଡ୍ଡା କହିଥିଲେ। ସେ ଆହୁରି କହିଥିଲେ ଯେ ମେଡ଼ିକାଲ କଲେଜ ଗୁଡ଼ିକରେ ନାମ ଲେଖାଇବା ନିମନ୍ତେ ଗୋଟିଏ କାଉନସେଲିଂ ବାଧ୍ୟତାମୂଳକ କରିବା ଲାଗି ସ୍ନାତକ ଡାକ୍ତରୀ ଶିକ୍ଷା ନିୟାମକ ଏବଂ ସ୍ନାତକୋତ୍ତର ଡାକ୍ତରୀ ଶିକ୍ଷା ନିୟାମକରେ ଆବଶ୍ୟକ ସଂଶୋଧନ କରାଯାଇଛି। ୨୦୧୪-୧୫ ପରଠାରୁ ୮,୫୦୦ ସ୍ନାତକୋତ୍ତର ଏବଂ ୧୬, ୦୦୦ ସ୍ନାତକ ସିଟ୍ ବୃଦ୍ଧି ପାଇଛି। ଦେଶର ୭୦ ମେଡିକାଲ କଲେଜରେ ସୁପର ସ୍ପେଶିଆଲିଟି ବ୍ଲକ ପ୍ରତିଷ୍ଠା ହୋଇଛି। ୫୮ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମେଡିକାଲ କଲେଜରେ ପରିଣତ କରାଯାଇଛି। ଚଳିତ ବର୍ଷ ବଜେଟରେ ୨୪ ନୂଆ ମେଡିକାଲ କଲେଜ ନିର୍ମାଣ ପାଇଁ ଘୋଷଣା କରାଯାଇଛି। ୨୦ ରାଜ୍ୟରେ କର୍କଟ ସଂସ୍ଥାନ ଏବଂ ୫୦ଟି ୩ୟ ସ୍ତରୀୟ କର୍କଟ ଚିକିତ୍ସା କେନ୍ଦ୍ର ମଧ ପ୍ରତିଷ୍ଠା କରାଯାଉଛି ବୋଲି ନଡ୍ଡା କହିଛନ୍ତି।

ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ, କେନ୍ଦ୍ର ସରକାର ଗତ ୩ ବର୍ଷରେ ରାଜ୍ୟକୁ ସ୍ୱାସ୍ଥ୍ୟସେବା କ୍ଷେତ୍ରର ବିକାଶ ପାଇଁ ପ୍ରାୟ ୩ ହଜାର କୋଟି ଟଙ୍କାର ସହାୟତା ଦେଇଛନ୍ତି। କେନ୍ଦ୍ର ସରକାର ସବୁ ସମୟରେ ଓଡ଼ିଶାକୁ ସହାୟତାର ହାତ ବଢାଇଛନ୍ତି। ଏଣୁ ରାଜ୍ୟ ସରକାର ସହଯୋଗର ହାତ ବଢ଼ାଇଲେ ଓଡ଼ିଶାର ଦ୍ରୁତ ଅଭିବୃଦ୍ଧି ଓ ବିକାଶ ହୋଇପାରିବ। ଅନେକ ଜଟିଳ ଅସ୍ତ୍ରୋପଚାର ପାଇଁ ବେଳେବେଳେ ରାଜ୍ୟର ରୋଗୀମାନଙ୍କୁ ବାହାରକୁ ଯିବାକୁ ପଡୁଛି। ଯୋଡ଼ାମୁଣ୍ଡ ଶିଶୁ ଜଗାବଳିଆଙ୍କ କ୍ଷେତ୍ରରେ ହୋଇଥିବା ଅସ୍ତ୍ରୋପଚାର ଭଳି ଜଟିଳ ଅସ୍ତ୍ରୋପଚାର ଭୁବନେଶ୍ୱର ଏମ୍ସରେ କିଭଳି କରାଯାଇପାରିବ ସେ ଦିଗରେ କର୍ତ୍ତୃପକ୍ଷ ଧ୍ୟାନଦେବାକୁ ସେ ପରାମର୍ଶ ଦେଇଥିଲେ। ପୂର୍ବ ଭାରତରେ ପ୍ରସିଦ୍ଧି ଅର୍ଜନ କରିଥିବା ଭୁବନେଶ୍ୱର ଏମ୍ସରେ ଆହୁରି ନୂଆ ବିଭାଗ ଖୋଲିବାର ଆବଶ୍ୟକତା ରହିଛି। ବିଶେଷକରି ଟ୍ରମା କେୟାର, କ୍ୟାନସର ଚିକିତ୍ସା, ଆଧୁନିକ ରୋଗ ନିରୂପଣ ବ୍ୟବସ୍ଥା କ୍ଷେତ୍ରରେ ଆଗେଇବାକୁ ପଡିବ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଆହୁରି କହିଥିଲେ ଯେ, ୧୫ ଜୁଲାଇ ୨୦୦୩ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏହି ଅନୁଷ୍ଠାନର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହି ଅନୁଷ୍ଠାନ ଏବେ ପୂର୍ଣ୍ଣାଙ୍ଗ ହସ୍ପିଟାଲରେ ପରିଣତ ହୋଇଛି। ବାଜପେୟୀଙ୍କର ସ୍ମୃତି ଉଦ୍ଦେଶ୍ୟରେ ଭୁବନେଶ୍ୱର ଏମ୍ସ ପରିସରରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ନଡ୍ଡା ଗ୍ରହଣ କରି ଖୁବ୍‌ଶୀଘ୍ର ବାଜପେୟୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଯିବ ବୋଲି ଘୋଷଣା କରିଥିଲେ।

ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି, ଭୁବନେଶ୍ୱର ଏମ୍ସ ଉତ୍ତମ ଏବଂ ଗୁଣାତ୍ମକ ଚିକିତ୍ସା ଯୋଗାଇ ଦେବା ଉଚିତ। ଏଥିପାଇଁ ରାଜ୍ୟ ସରକାର ଆବଶ୍ୟକ ସାହାଯ୍ୟ, ସହଯୋଗ ଯୋଗାଇ ଦେବେ। ଆମ୍ବୁଲାନ୍ସ, କେୟାର ଆମ୍ବୁଲାନ୍ସ ଏବଂ ସହଯୋଗୀ କର୍ମଚାରୀ ଯୋଗାଇ ଦେଇଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଜେନା କହିଛନ୍ତି। ଏମ୍ସ ନିର୍ଦ୍ଦେଶିକା ଗୀତାଞ୍ଜଳି ବାଟ୍‌ମାନବନେ ଏମ୍‌ବିବିଏସ ଏବଂ ବି.ଏସ୍. ନର୍ସିଂ ଶିକ୍ଷା ସହିତ ରୋଗୀସେବା ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ଉପରାଷ୍ଟ୍ରପତି ନାଇଡୁ ଏମ୍‌ବିବିଏସ୍‌ରେ ବେଷ୍ଟ ଗ୍ରାଜୁଏଟ ଅନଘା ମେନନ୍‌ଙ୍କୁ ସ୍ୱର୍ଣ୍ଣପଦକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏମବିବିଏସ୍‌ରେ ଅଙ୍କିତ କୁମାର ସାହୁ ଏବଂ ସୌମ୍ୟଜିତ୍ ଶତପଥୀ ସ୍ୱର୍ଣ୍ଣ ପଦକ ପାଇ ସମ୍ବର୍ଦ୍ଧିତ ହୋଇଥିବାବେଳେ ବି.ଏସ୍. ନର୍ସିଂରେ ଶିବାନୀ ଏବଂ ସିମ୍ରତ୍ କୌର ସ୍ୱର୍ଣ୍ଣ ପଦକ ପାଇ ସମ୍ବର୍ଦ୍ଧିତ ହୋଇଛନ୍ତି। ପରେ ଭୁବନେଶ୍ୱର ଏମ୍‌ପି ପାଟଶାଣୀ, କେନ୍ଦ୍ରମନ୍ତ୍ରୀ ପ୍ରଧାନ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ନଡ୍ଡା ଅନ୍ୟ ଏମବିବିଏସ୍ ଏବଂ ବି.ଏସ୍. ନର୍ସିଂରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଚନ୍ଦ୍ର ଏକାଦଶ ସ୍ଥାନରେ ରହି ପ୍ରେମଭାବକୁ ପ୍ରତ୍ୟକ୍ଷ ଦୃଷ୍ଟିରେ ଅବଲୋକନ କରୁଥିବାରୁ ସ୍ନେହ, ଶ୍ରଦ୍ଧାରେ ହୃଦୟ ବିଗଳିତ ରହିବ। ଚନ୍ଦ୍ର ଚତୁର୍ଥାଧିପତି ଯୋଗୁ ପରିବାରରେ ଆନନ୍ଦର ଲହରୀ ଛୁଟିବ। ଶନିଙ୍କ ଦୃଷ୍ଟି ମଧ୍ୟାହ୍ନରେ ସାଧାରଣ କଥାରେ କଳହ ଆଶଙ୍କା ଦେଖାଦେବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ କଳା, ସାହିତ୍ୟରେ ସ୍ଥିତି କେତେକାଂଶରେ ଭଲ ରହିବ।

**ବୃଷ** ରାଶ୍ୟାଧିପତି ଶୁକ୍ର ଅଷ୍ଟମଭାବସ୍ଥ ଶନିଙ୍କ ଦୃଷ୍ଟିରେ ସମ୍ପର୍କହାନି,ସନ୍ତାନ ହେତୁକ ଅଶାନ୍ତି, ସ୍ୱାସ୍ଥ୍ୟ ପାଇଁ ପ୍ରତିକୂଳ ରହିପାରେ। ତଥାପି ସୌଖୀନ ଦ୍ରବ୍ୟ, ବିଳାସ ବ୍ୟସନ,କାବ୍ୟ ସାହିତ୍ୟ ଚର୍ଚ୍ଚା, କଳା,ସଙ୍ଗୀତ,କ୍ରୀଡ଼ାରେ ନୈପୁଣ୍ୟତା ପ୍ରଦାନ କରିବେ। ବନ୍ଧୁମେଳରେ କୌଣସି ଆଲୋଚନା ପରିପ୍ରେକ୍ଷୀରେ ଠିକ୍ ନିଷ୍ପତ୍ତି ନେଇ ପାରିବେ ନାହିଁ।

**ମିଥୁନ** ଧନାଧିପ ଭାଗ୍ୟସ୍ଥାନରେ ଅର୍ଥପ୍ରାଚୁର୍ଯ୍ୟ ପ୍ରଦାନ କରି ଖୁସୀ ମନରେ ଦିନଟିକୁ ବିତାଇନେବେ। ଗତକାଲି ଯେଉଁ ବିଷୟ ନେଇ ଚିନ୍ତା କରୁଥିଲେ ଆଜି ତାହା କାମରେ କରି ଦେଖାଇ ପାରନ୍ତି। କିନ୍ତୁ ଶନିଙ୍କ ଦୃଷ୍ଟିରେ ଶୁକ୍ର ହେତୁ ପାରିବାରିକ ଓ ଅର୍ଥ ସମ୍ପର୍କକୁ ନେଇ ଭାବପ୍ରବଣତା ବୃଦ୍ଧି ପାଇବ। ବ୍ୟବସାୟ, ପରିବହନ, ନିର୍ମାଣରେ କାମଗୁଡ଼ିକ ଶୃଙ୍ଖଳିତ ହେବ।

**କର୍କଟ** ଷଷ୍ଠଭାବରୁ ଶନି ଦୃଷ୍ଟ ଅଷ୍ଟମ ଚନ୍ଦ୍ର ବିଭିନ୍ନ କାରଣକୁ ନେଇ ମାନସିକ ସ୍ଥିତିକୁ ସୁସ୍ଥ ରଖି ନ ପାରେ। ଆପଣଙ୍କର ଅତି ପ୍ରିୟ ବନ୍ଧୁଟି ପାଖରୁ ପ୍ରେରଣା ଲାଭ କରି ନୂତନ କାର୍ଯ୍ୟାରମ୍ଭ କରିପାରନ୍ତି। ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା ସହଜରେ ସମ୍ପନ୍ନ ହୋଇଯିବ। ପ୍ରତ୍ୟେକ କ୍ଷେତ୍ରରେ ବିରୋଧ କରୁଥିବା ବ୍ୟକ୍ତି ପ୍ରତି ଜଗିରଖି ଚଳିବା ଭଲ ହେବ।

**ସିଂହ** ସକାଳୁ ସକାଳୁ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ମନରେ ଉତ୍ସୁକତା ଦେଖାଦେବ । କର୍ମକ୍ଷେତ୍ରରେ କୌଣସି ସହକର୍ମୀ ବିରୁଦ୍ଧାଚରଣ କରିବା ସକାଶେ ଚେଷ୍ଟା କରିପାରନ୍ତି। ଗୃହ, ଯାନ ବାହନ କ୍ରୟ, ଭ୍ରମଣ, ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ । ସାହିତ୍ୟ, ଚର୍ଚ୍ଚା, ଗବେଷଣା, ଅନୁସନ୍ଧାନ ଓ ରାଜନୀତିରେ ଚେଷ୍ଟା ସଫଳ ହେବ ।

**କନ୍ୟା** ଅନେକ ଆଶା ନେଇ ଯାହା କରିବାକୁ ଯାଉଛନ୍ତି ସେଥିରେ ସଫଳତା ପାଇବା କଷ୍ଟକର ହୋଇପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ନ ପୂରାଇବା ଭଲ। ଆଲୋଚନା କ୍ଷେତ୍ରରେ ଇଚ୍ଛା ନ ଥିଲେ ମଧ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ।

**ତୁଳା** ଆଜିର କାମଗୁଡିକ ସଂଘର୍ଷପୂର୍ଣ୍ଣ ରହିବ ଅବଶ୍ୟ ପରିଶେଷରେ ଲକ୍ଷ୍ୟହାସଲ କରିପାରିବେ। ଅପରାହ୍ନରେ ଜଣେ ବନ୍ଧୁ ହଠାତ୍ ଆସି ଖୁସୀ ଖବର ସାଙ୍ଗକୁ କିଛି ଅର୍ଥ ଦେଇଯିବେ। ସାମାଜିକ ସ୍ତରରେ ତଥା ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ। ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବ, କିନ୍ତୁ ବିଶେଷ ଗୁରୁତର ହେବ ନାହିଁ ।

**ବିଛା** କର୍ମକ୍ଷେତ୍ରରେ ବହୁଦିଗରୁ ସହଯୋଗ,ସୁଖ ସମ୍ମାନ ପାଇ ଖୁସି ହେବେ। ଦୀର୍ଘ ଦିନରୁ ରହିଯାଇଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆଶାନୁରୂପ ଫଳ ପାଇ ଖୁସୀ ହେବେ। ଦୀର୍ଘଦିନର ବିବାଦୀୟ ଘଟଣାର ଅବସାନ ଘଟିବ, କିନ୍ତୁ ଏଥିପାଇଁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ।

**ଧନୁ** ବହୁତ ଦିନରୁ ମନରେ ଭାବୁଥିବା କଥାଟି କାର୍ଯ୍ୟରେ ପରିଣତ ହୋଇପାରିବା କଷ୍ଟକର ବ୍ୟାପର ମନେହେବ। ତଥାପି ବନ୍ଧୁଙ୍କ ସଦ୍‌ଭାବ, ସହକର୍ମୀମାନଙ୍କ ସହଯୋଗ କାମ ହାସଲକୁ ତ୍ୱରାନ୍ୱିତ କରିବ। ଅଫିସରେ ଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଭୁଲ୍ ଖବରଟିଏ ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଭ୍ରମଣ ହେତୁକ କ୍ଳାନ୍ତି ଦେଖାଦେଇପାରେ।

**ମକର** ପ୍ରିୟଜନଙ୍କ ପରାମର୍ଶରେ ହଠାତ୍ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। କର୍ମକ୍ଷେତ୍ରରେ ପୃଷ୍ଠସାହାଯ୍ୟର ପ୍ରତିଶ୍ରୁତି ପାଇ ମନୋବଳ କ୍ରମଶଃ ବୃଦ୍ଧି ପାଇବ। ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ କିନ୍ତୁ ବ୍ୟବସାୟିକ ଦିଗଟି ଭଲ ରହିବ। ଆଜିର ଯାତ୍ରା ଓ ଆନୁଷ୍ଠାନିକ କାମରୁ ସାମୟିକ ଖୁସୀ ରହିପାରନ୍ତି।

**କୁମ୍ଭ** ଚନ୍ଦ୍ରଙ୍କ ରାଶ୍ୟାବସ୍ଥାନରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିବା କାରଣରୁ ପ୍ରକୃତ ଆନନ୍ଦକୁ ଉପଭୋଗ କରି ପାରିବେ ନାହିଁ । କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ପ୍ରତିବନ୍ଧକକୁ ସାମ୍ନା କରିବାର ଧୈର୍ଯ୍ୟ ଧାରଣ କରି ମୁକାବିଲାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟ, ପରିବହନ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

**ମୀନ** ବୃହସ୍ପତିଙ୍କ ଦୃଷ୍ଟିରେ ଚନ୍ଦ୍ର ବ୍ୟୟାଧିକ୍ୟ, ଦୂରଯାତ୍ରା, କାର୍ଯ୍ୟରେ ବାଧା ସୃଷ୍ଟି କରିପାରେ। ପାରିବାରିକ କ୍ଷେତ୍ରରେ ରହିଆସିଥିବା ସମସ୍ୟା ହେତୁ ଦୁର୍ଭାବନା ବଢ଼ିବ। ପରିବହନ, ବ୍ୟବସାୟ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅସାବଧାନତାରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିବେ। ପୂର୍ବଭାଦ୍ରପଦ୍ ନକ୍ଷତ୍ର କେତେକାଂଶରେ ସଫଳତା ପାଇବେ।

ଆଜି ଗହ୍ମା ପୂର୍ଣ୍ଣିମା, ରକ୍ଷା ବନ୍ଧନ, ଶ୍ରୀମନ୍ଦିରରେ ବଳଭଦ୍ର ଜନ୍ମୋତ୍ସବ ଓ ରାଖୀଲାଗି, ଗୋବନ୍ଧାପନା ଓ ଗୋ ପୂଜା, ବୋଲବମ୍ ଯାତ୍ରା ଶେଷ, ହୟଗ୍ରୀବୋତ୍ପତ୍ତି, ଅଗଷ୍ଟ ୨୬ ତାରିଖ ରବିବାର, ବିଶ୍ୱ ପାକଶାଳା ଉଦ୍ୟାନ ଦିବସ (ଅଗଷ୍ଟ ଶେଷ ରବିବାର), ରାଶି, ନକ୍ଷତ୍ର ଦିବା ଘ୧୨।୫୩ମି. ପର୍ଯ୍ୟନ୍ତ ଧନିଷ୍ଠା/କୁମ୍ଭ, ମେଷ ରାଶିର ଘାତବାର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୫୧ମି. ମଧ୍ୟେ, ଘ୪।୫୫ମି. ଗତେ ଘ୬।୧୬ମି. ମଧ୍ୟେ ଅମୃତବେଳା । ଦିବା ଘ୮।୨୮ମି. ଗତେ ଘ୧୦।୦୫ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୩୦ମି. ଗତେ ଘ୬।୦୪ମି. ମଧ୍ୟେ ରାହୁକାଳ।



"ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

# ଡିସେମ୍ବର ସୁଦ୍ଧା ସବୁ ଅଞ୍ଚଳକୁ ପାଇପ୍ ଯୋଗେ ଜଳଯୋଗାଣ

**ଭୁବନେଶ୍ୱର, ୨୫।୮(ବ୍ୟୁରୋ)**

ଆସନ୍ତା ଡିସେମ୍ବର ସୁଦ୍ଧା ରାଜ୍ୟର ସମସ୍ତ ଅଞ୍ଚଳକୁ ପାଇପ୍ ଯୋଗେ ପାଣି ଯୋଗାଣ ନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଗ୍ରାମାଞ୍ଚଳରେ ପାନୀୟ ଜଳ ଭିତ୍ତିଭୂମି ନିର୍ମାଣ ପାଇଁ ବର୍ଷକୁ ସର୍ବନିମ୍ନ ୩୦୦୦ କୋଟି ଟଙ୍କା ବିନିଯୋଗ କରାଯିବ। ସଚିବାଳୟରେ ଶନିବାର ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମର ସମୀକ୍ଷା କରି ଏହା କହିଛନ୍ତି।

ବୈଠକରୁ ମିଳିଥିବା ସୂଚନାନୁଯାୟୀ, ରାଜ୍ୟର ସମସ୍ତ ସହରାଞ୍ଚଳରେ ଡିସେମ୍ବର ସୁଦ୍ଧା ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ। ସହରାଞ୍ଚଳରେ ଦୈନିକ ଆବଶ୍ୟକତା ୧୦୮୫ ମିଲିୟନ ଲିଟର ଲକ୍ଷ୍ୟ ପୂରଣ ମଧ୍ୟ ଚଳିତ ଆର୍ଥିକବର୍ଷ(୨୦୧୮-୧୯)ରେ ସମ୍ପୂର୍ଣ୍ଣ କରାଯିବ। ଏହି ଲକ୍ଷ୍ୟ ନିର୍ଦ୍ଧାରିତ ସମୟର ୪ ବର୍ଷ ପୂର୍ବରୁ ପୂରଣ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ସେହିପରି ୨୦୧୮-୧୯ ସୁଦ୍ଧା ୧୧,୩୨୫ କି.ମି. ଜଳ ଯୋଗାଣ ନେଟ୍‌ୱର୍କ ଲକ୍ଷ୍ୟ ପୂରଣ ହେବାକୁ ଯାଉଛି। ଗତବର୍ଷ ଏହି ନେଟ୍‌ୱର୍କ ୭୩୯୧ କି.ମି. ରହିଥିଲା। ସହରାଞ୍ଚଳରେ ପ୍ରତି ଘରକୁ ପାଇପ୍ ଯୋଗେ ପାଣି ଯୋଗାଇଦେବା ସରକାରଙ୍କ ପ୍ରାଥମିକତା। ତେଣୁ ଏନେଇ ଥିବା ସମସ୍ତ ପ୍ରକ୍ରିୟାକୁ ତୁରନ୍ତ ସାରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ବସୁଧା ଏବଂ ଅନ୍ୟାନ୍ୟ ବୃହତ୍ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଛି।

ଗ୍ରାମାଞ୍ଚଳ ପାନୀୟ ଜଳ ସମ୍ପର୍କରେ ବୈଠକରେ ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ଆଂଶିକ ସୁବିଧା ଥିବା ଜନବସତିକୁ ସମ୍ପୂର୍ଣ୍ଣ ପାନୀୟ ଜଳ ସୁବିଧା ଦିଆଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। କେବଳ ୨୦୧୪ରୁ ୨୦୧୮ ମଧ୍ୟରେ ୪୮,୭୬୬ ଆଂଶିକ ସୁବିଧା ଥିବା ଜନବସତିକୁ ସମ୍ପୂର୍ଣ୍ଣ ପାନୀୟ ଜଳ ସୁବିଧା ଦିଆଯାଇଛି। ପ୍ରତି ପଞ୍ଚାୟତର ସର୍ବନିମ୍ନ ୨ଟି ଗାଁକୁ ପାଇପ୍ ଯୋଗେ ପାଣି ଯୋଗାଇବା ପାଇଁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟର ୫୬୯୦ଟି ପଞ୍ଚାୟତର ଦୁଇଟି ଲେଖାଏ ଗାଁକୁ ପାନୀୟ ଜଳ ସୁବିଧା କରାଯାଇଥିବା ଜଣାପଡିଛି। ୨୦୧୭-୧୮ ଏବଂ ୨୦୧୮-୧୯ ପାଇଁ ନିର୍ଦ୍ଧାରିତ ସମସ୍ତ ବୃହତ୍ ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।



ସଚିବାଳୟରେ ଶନିବାର ଅନୁଷ୍ଠିତ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମର ସମୀକ୍ଷା କରୁଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**
- ଗ୍ରାମାଞ୍ଚଳରେ ଭିତ୍ତିଭୂମି ପାଇଁ ବାର୍ଷିକ ୩୦୦୦ କୋଟି ବ୍ୟୟବରାଦ ଲକ୍ଷ୍ୟ
- ୪୮,୭୬୬ ଜନବସତିକୁ ସମ୍ପୂର୍ଣ୍ଣ ପାନୀୟ ଜଳ ଯୋଗାଣ ସୁବିଧା

## ସଂକ୍ଷେପରେ



### ଏଆଇସିସି ପବ୍ଲିସିଟି କମିଟିରେ ଭକ୍ତ ଚରଣ ଦାସ

- କୋର୍ ଓ ଇସ୍ତାହାର କମିଟିରେ ଓଡ଼ିଶାରୁ କେହି ନାହାନ୍ତି

**ଭୁବନେଶ୍ୱର, ୨୫।୮(ବ୍ୟୁରୋ)**

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭକ୍ତ ଚରଣ ଦାସଙ୍କୁ ଏଆଇସିସି ପବ୍ଲିସିଟି କମିଟିରେ ସ୍ଥାନ ମିଳିଛି। ଭକ୍ତ ଚରଣ ବର୍ତ୍ତମାନ ପ୍ରଦେଶ କଂଗ୍ରେସ କମିଟିର ପ୍ରଚାର କମିଟି ଅଧ୍ୟକ୍ଷ ଅଛନ୍ତି। ତାଙ୍କ ନିଯୁକ୍ତି ନେଇ ଶନିବାର ଏଆଇସିସି ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

ପବ୍ଲିସିଟି କମିଟିରେ ସାରା ଦେଶରୁ ୧୩ ଜଣ ବରିଷ୍ଠ କଂଗ୍ରେସ ନେତା ସ୍ଥାନ ପାଇଛନ୍ତି। ଭକ୍ତଙ୍କ ବ୍ୟତୀତ ଉକ୍ତ କମିଟିରେ ମିଲିନ୍ଦ ଦେଓରା, ପ୍ରମୋଦ ତିୱାରୀ, ମନୀଷ ତିୱାରୀ, ରଣଦୀପ ସୁର୍ଜେୱାଲା, ଆନନ୍ଦ ଶର୍ମା ଏବଂ ରାଜୀବ ଶୁକ୍ଳା ପରି ପ୍ରମୁଖ ନେତା ରହିଛନ୍ତି। ପବ୍ଲିସିଟି କମିଟି ବ୍ୟତୀତ ଏଆଇସିସି ପକ୍ଷରୁ ୨୦୧୯ ସାଧାରଣ ନିର୍ବାଚନ ପାଇଁ ୯ ଜଣିଆ କୋର ଗ୍ରୁପ ଏବଂ ୧୯ ଜଣିଆ ଇସ୍ତାହାର କମିଟି ଗଠନ କରାଯାଇଛି। ହେଲେ କୋର ଗ୍ରୁପ ଏବଂ ଇସ୍ତାହାର କମିଟିରେ କୌଣସି ଓଡ଼ିଆ କଂଗ୍ରେସ ନେତା ସ୍ଥାନ ପାଇନାହାନ୍ତି।

## ଆମ ମୁଖ୍ୟମନ୍ତ୍ରୀ ଆମ କଥା

# ସ୍ୱଚ୍ଛତା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

**ସ୍ୱଚ୍ଛ ଗାଁକୁ ପୁରସ୍କାର ମିଳିବ**

**ଭୁବନେଶ୍ୱର, ୨୫।୮(ବ୍ୟୁରୋ)**

ସୁସ୍ଥ ରହିବା ସମସ୍ତଙ୍କ ଅଧିକାର ଓ ଦାୟିତ୍ୱ। ସୁସ୍ଥ ରହିବା ଦ୍ୱାରା ହିଁ ଆମେ ସମାଜ ପାଇଁ କିଛି କରିପାରିବା। ନାଗରିକମାନଙ୍କ ସ୍ୱାସ୍ଥ୍ୟ ସହ ଦେଶର ଅର୍ଥନୀତି ଓ ବିକାଶର ସମ୍ପର୍କ ଗଭୀର। ତେଣୁ ସୁସ୍ଥ ରହିବା ପାଇଁ ପରିବେଶକୁ ସଫା ରଖିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। 'ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ' ଜରିଆରେ ୧୦ଟି ଜିଲାର ଜନସାଧାରଣଙ୍କ ସହ ଭାବ ବିନିମୟ ବେଳେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।

ନିୟମିତ ବ୍ୟବଧାନରେ ଆମ ମୁଖ୍ୟମନ୍ତ୍ରୀ ଆମ କଥା କାର୍ଯ୍ୟକ୍ରମ ଦ୍ୱାରା ଜନସାଧାରଣଙ୍କ ସହ ଯୋଡି ହେଉଛନ୍ତି। ଶନିବାର ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭଲ ପରିବେଶ ସବୁବେଳେ ଭଲ କାମ ପାଇଁ ପ୍ରେରଣା ଦେଇଥାଏ। ତେଣୁ ଜନସାଧାରଣ ନିଜ ଘରେ ପାଇଖାନା ନିର୍ମାଣ କରନ୍ତୁ। ଏଥିସହ ପରିବାରର ସବୁ ସଦସ୍ୟ ଯେପରି ଏହାକୁ ବ୍ୟବହାର କରିବେ, ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ସ୍ୱଚ୍ଛତା ପାଇଁ ଜନସାଧାରଣ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମର ସୁଯୋଗ ନେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସ୍ୱଚ୍ଛତା ଦିଗରେ ତୃଣମୂଳସ୍ତରରେ ଜନସାଧାରଣଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କାର ମଧ୍ୟ ଘୋଷଣା କରିଛନ୍ତି। ସ୍ୱଚ୍ଛ ଗ୍ରାମ, ସୁସ୍ଥ ଗ୍ରାମ, ଏ ଦିଗରେ କାମ କରୁଥିବା ଗାଁ, ପଞ୍ଚାୟତ ଓ ବ୍ଲକଗୁଡିକୁ ପୁରସ୍କାର ପ୍ରଦାନ କରାଯିବ। 'ସ୍ୱଚ୍ଛତା, ଆଧ୍ୟାତ୍ମିକତାଠାରୁ ଅଧିକ' ବୋଲି ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ବାଣୀକୁ ସେ ଦୋହରାଇଛନ୍ତି। ସେହିପରି ସ୍ୱଚ୍ଛ ଗ୍ରାମ, ସୁସ୍ଥ ଗ୍ରାମକୁ ଏକ ଆନ୍ଦୋଳନ ଭାବରେ ଗଢି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

# ଟିଟୋଙ୍କୁ ରିମାଣ୍ଡରେ ଆଣିଲା ଜଗତପୁର ପୋଲିସ

**କଟକ ଅଫିସ/ ସାଲେପୁର, ୨୫।୮ (ଡି.ଏନ୍.ଏ.)**

- ଦେଢ଼ଘଣ୍ଟା ଜେରା, କଟକ ସାମ୍ରାଜ୍ୟର ଖୋଳତାଡ଼
- ଗିରଫ ହୋଇପାରନ୍ତି ଆଉ କେତେଜଣ ସହଯୋଗୀ

ଗ୍ୟାଙ୍ଗଷ୍ଟର ଟିଟୋ ଓରଫ ସୟଦ ଉସ୍ମାନ ଅଲ୍ଲୀଙ୍କୁ ଦୁଇଦିନିଆ ରିମାଣ୍ଡରେ ଆଣିଛି ଜଗତପୁର ପୋଲିସ। ଶନିବାର ଟିଟୋଙ୍କୁ ସାଲେପୁର ଜେଏମ୍ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା। ତାହିର ଅଲ୍ଲୀ ଗୁଲିକାଣ୍ଡ ଓ ଦାଦାବଟି ପାଇଁ ଧମକ ମାମଲାରେ ତାଙ୍କୁ ୪ଦିନିଆ ରିମାଣ୍ଡରେ ନେବାକୁ କଟକ କମିଶନରେଟ ପୋଲିସ ପକ୍ଷରୁ ଜଗତପୁର ଥାନା ପୋଲିସ ଆବେଦନ କରିଥିଲା। ସିଭିଲ ଜଜ୍ ଜୁନିୟର ଡିଭିଜନ ପୃଥ୍ୱୀରାଜ ପ୍ରଧାନ ଦୁଇ ଦିନିଆ ରିମାଣ୍ଡ ପାଇଁ ଅନୁମତି ଦେବା ପରେ ଟିଟୋଙ୍କୁ କଟକ ମର୍କତନଗର ଫେଜ-୨ ଥାନାକୁ ଅଣାଯାଇଥିଲା। ପ୍ରଥମ ଦିନରେ ଦେଢ଼ଘଣ୍ଟା ଜେରା କରାଯାଇଛି। ବିଶେଷକରି କଟକ ଅପରାଧ ସାମ୍ରାଜ୍ୟର ଆଉ କିଛି ନୂଆ ତଥ୍ୟ ପାଇବାକୁ ଚେଷ୍ଟା କରିଛି ପୋଲିସ। କଟକରେ କିଏ ତାଙ୍କ ଗ୍ୟାଙ୍ଗ୍ ଚଳାଉଥିଲା, ଆଉ କେଉଁମାନେ ସହଯୋଗୀ ଥିଲେ ଓ ଅନ୍ୟ କେଉଁ ଗ୍ୟାଙ୍ଗ୍ ତାଙ୍କ ସହ ହାତ ମିଳାଇ ଅପରାଧ ଘଟାଉଥିଲା, ଟେଣ୍ଡର ଫିକ୍ସିଂ ଓ ଦାଦାବଟି ଆଦାୟ ବ୍ୟତୀତ କୌଣସି ନୂଆ ଅପରାଧରେ ତାଙ୍କ ଗ୍ୟାଙ୍ଗ୍ ସକ୍ରିୟ ଥିଲା କି? ଜେରାବେଳେ ଏମିତି ଅନେକ ଦିଗ ଉପରେ ପୋଲିସ ଗୁରୁତ୍ୱ ଦେଇଥିଲା। ରିମାଣ୍ଡ ସରିବା ପରେ ସୋମବାର ସକାଳେ ଟିଟୋଙ୍କୁ ପୁଣି ସାଲେପୁର କୋର୍ଟରେ ହାଜର କରାଯିବ। ସରକାରଙ୍କ ପକ୍ଷରୁ ଆଇନଜୀବୀ ରବୀନ୍ଦ୍ର ପଣ୍ଡା ଓ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଦୀପକ କୁମାର ସାହୁ ମାମଲା ପରିଚାଳନା କରିଥିଲେ।

କଟକ ଡିସିପି ଅଖିଳେଶ୍ୱର ସିଂଙ୍କ କହିବା ମୁତାବକ, କେନ୍ଦ୍ରାପଡା ଅପରାଧ ଜଗତରେ ଟିଟୋ ଏକ ଚର୍ଚ୍ଚିତ ଚେହେରା। ଜଗତପୁର ତାହିର ଅଲ୍ଲୀ ଗୁଳିକାଣ୍ଡ ଏବଂ ଚାଉଳିଆଗଞ୍ଜ ଦାଦାବଟି ପାଇଁ ଧମକ ମାମଲାରେ ଗିରଫ ଅଭିଯୁକ୍ତମାନଙ୍କଠାରୁ ଟିଟୋ ଲିଙ୍କ୍ ପ୍ରମାଣ ମିଳିଥିଲା। ରିମାଣ୍ଡରେ ଅଣାଯିବା ପରେ ଦୁଇ ଜଣ ଥାନାଧିକାରୀ ଏବଂ ଜଣେ ଏସିପିଙ୍କୁ ନେଇ ଗଠିତ ଟିମ୍ ତାଙ୍କୁ ଜେରା କରୁଛି। କଟକର ଆଉ କେଉଁ ଅପରାଧୀ ଟିଟୋ ଲିଙ୍କ୍‌ରେ ଅଛନ୍ତି ତାହାର ଟିକିନିଖି ତଥ୍ୟ ହାସଲ ପାଇଁ ଉଦ୍ୟମ ଜାରି ରହିଛି। ନିଶ୍ଚିତ ସମ୍ପୃକ୍ତ ଅନ୍ୟ ସହଯୋଗୀମାନଙ୍କୁ ଧରାଯିବ ବୋଲି ଡିସିପି ସିଂ କହିଛନ୍ତି। ଜେରାରୁ ମିଳିଥିବା ସୂଚନା ଅନୁସାରେ, କଟକ ଅପରାଧ ଜଗତରେ କାହାକୁ ଜାଣନ୍ତି ବୋଲି ପୋଲିସ ପଚାରିଥିଲା। ଏପରି କି କମିଶନରେଟ ପୋଲିସ ପକ୍ଷରୁ ପ୍ରସ୍ତୁତ କଟକର ବଛା ବଛା ଅପରାଧୀଙ୍କ ତାଲିକାକୁ ଟିଟୋଙ୍କୁ ଦେଖାଇ ଜେରା କରାଯାଇଥିଲା। ସେହିଭଳି ଅନ୍ୟ କୌଣସି ନୂଆ ଅପରାଧରେ ସମ୍ପୃକ୍ତି ଥିବା ସନ୍ଦେହ କରି ଗୁଡ଼ାଇ ତୁଡ଼ାଇ ପ୍ରଶ୍ନ କରିଥିଲା ଏହି ଟିମ୍।

# ବ୍ୟବସାୟ ବୃଦ୍ଧିରେ ସହାୟକ ହୋଇଛି ଟାଟା ଏସିଇ

**ସମ୍ବଲପୁର,୨୫।୮(ବ୍ୟୁରୋ)**

ପ୍ରମୁଖ ବାଣିଜ୍ୟିକ ଯାନ ନିର୍ମାତା ଟାଟା ମୋଟର୍ସର କ୍ଷୁଦ୍ର ଓ ମଧ୍ୟମ ଶ୍ରେଣୀଭୁକ୍ତ ଟାଟା ଏସିଇକୁ ବହୁ ସଫଳତା ମିଳିଛି। ୨୦୦୫ରେ ଲଞ୍ଚ୍ ହୋଇଥିବା ଏହି ଯାନର ସ୍ୱତନ୍ତ୍ର ଚାହିଦା ରହିଛି। ବିଶେଷକରି ବ୍ୟବସାୟ କ୍ଷେତ୍ରରେ ଏହା ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି। ଏବେ ବଜାରରେ ଏହାର ୪ଟି ମଡେଲ ଉପଲବ୍ଧ ରହିଛି। ସେଥିମଧ୍ୟରୁ ଏସିଇ, ଏସ୍ ମେଗା, ସୁପରଏସ୍ ମିଣ୍ଟ ଓ ଏସ୍ ଜିପ୍ ଏକ୍ସେଲ ୧୨.୫ ଏଚପି ପାୱାର ଯୁକ୍ତ ୬.୩ ଫୁଟ ଓ ୭୦ ଏଚପି ପାୱାରର ୮.୭ ଫୁଟ ଡାଲା ବିଶିଷ୍ଟ ମଡ଼େଲଗୁଡ଼ିକ ଅନ୍ୟତମ। ଗତ ୧୩ ବର୍ଷ ଧରି ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଏହିସବୁ ମଡ଼େଲର ଯାନ ସଫଳତାର ସହ ବିକ୍ରି କରିଛି ଟାଟା ମୋଟର୍ସ। ଦେଶ ବ୍ୟାପୀ ୨୬୦୦ ସର୍ଭିସ ସେଣ୍ଟର ମଧ୍ୟ ରହିଛି। ଯାନ କ୍ରୟ କରିଥିବା ଗ୍ରାହକମାନଙ୍କ ମତରେ ଏହା ତାଙ୍କର ଜୀବନଶୈଳୀକୁ ବଦଳାଇ ଦେଇଛି। ଏହିପରି କେତେକ ଗ୍ରାହକଙ୍କୁ ଆମେ ଭେଟିଥିଲୁ ସମ୍ବଲପୁରସ୍ଥିତ ଟାଟା ମୋଟର୍ସ ଅଧିକୃତ ବିକ୍ରେତା ଜଲାନ ଅଟୋମୋବାଇଲସ୍‌ଠାରେ। ସମ୍ବଲପୁର ସହାଜବାହାଲର ଅରବିନ୍ଦ ତ୍ରିପାଠୀ କହନ୍ତି ୨୦୦୫ରେ ତାଙ୍କର ଛୋଟ ଟ୍ରାନ୍ସପୋର୍ଟେଶନ୍ ବିଜ୍‌ନେସ୍ ଥିଲା। ଯେତେବେଳେ ସେ ପ୍ରଥମେ ଟାଟା ଏସିଇ କ୍ରୟ କଲେ ସେତେବେଳେ ସେ ମାସକୁ କିସ୍ତି ବାବଦ ୧୦ ହଜାର ଟଙ୍କା ପଇଠ କରିବାକୁ ଭୟ କରୁଥିଲେ। ବର୍ତ୍ତମାନ ସେହି ଯାନ ତାଙ୍କୁ ତାଙ୍କ ଲକ୍ଷ୍ୟପଥରେ ଆଗେଇ ନେଇଛି। ବ୍ୟବସାୟ ବୃଦ୍ଧିରେ ଏହା ସହାୟକ ହୋଇଥିବାରୁ ସେ ଆଉ ୭ଟି ଟାଟା ଏସିଇ କିଣିଥିବା କହିଛନ୍ତି। ଗ୍ରାହକ ରବିନାରାୟଣ ଅଗ୍ରୱାଲଙ୍କୁ ମଧ୍ୟ ଏହି ଯାନ ଅନେକ ସଫଳତା ଦେଇଛି। ଉତ୍ପାଦ ବିତରଣ ପାଇଁ ୨୦୧୬ରେ ସେ କିଣିଥିଲେ ଏସଏଚ୍‌ଟି। ବର୍ତ୍ତମାନ ତାଙ୍କ ପାଖରେ ୩ଟି ଟାଟା ଏସିଇ ରହିଛି। ଏହି ଯାନର ବିଶେଷତା ସମ୍ପର୍କରେ ସେ କହନ୍ତି ଯେ, ମାଇଲେଜ୍ ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ଦୃଷ୍ଟିକୋଣରୁ ଏହା ବହୁ ଉପାଦେୟ।




{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
କ୍ଷେତ୍ରୀୟ ବ୍ୟବସାୟ କାର୍ଯ୍ୟାଳୟ, କ୍ଷେତ୍ର-୪, ଅଞ୍ଚଳ-୧, ଭୁବନେଶ୍ୱର

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

**ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨)ର ରୁଲ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା/ଜାମିନଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୯ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି।

ତେଣୁ ବିଶେଷତଃ ଋଣଗ୍ରହୀତା/ ଜାମିନଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।

ଋଣଗ୍ରହୀତାମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ।

| ଶାଖା/ ଋଣଗ୍ରହୀତାଙ୍କ ନାମ, ଠିକଣା / ଆକାଉଣ୍ଟ ନଂ. | ଜାମିନ୍‌ଦାର/ ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ନରଦା ଶାଖା** ଋଣଗ୍ରହୀତା: ଶ୍ରୀ କାଳନ୍ଦୀ ମଲ୍ଲିକ, ପିତା - ନାଥ ମଲ୍ଲିକ, ସା: ନରଦା, ପୋ: ତୁରିନ୍ତିରା, ଭାୟା: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା- ୭୫୨୧୦୨ / ଆକାଉଣ୍ଟ ନଂ.: ୧୧୪୩୪୬୦୨୮୩୧ । | ଜାମିନ୍‌ଦାରମାନେ: ୧) ଶ୍ରୀମତୀ ସୁନ୍ଦରୀ ମଲ୍ଲିକ, ସ୍ୱାମୀ: ଶ୍ରୀ ସୁରେନ୍ଦ୍ର ମଲ୍ଲିକ, ୨) ଶ୍ରୀ ନରେନ୍ଦ୍ର ମଲ୍ଲିକ, ୩) ଉଦୟ ନାଥ ମଲ୍ଲିକ, ୪) ନାଥ ମଲ୍ଲିକ, ସମସ୍ତଙ୍କ ଠିକଣା ସା: ନରଦା, ପୋ: ତୁରିନ୍ତିରା, ଭାୟା: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା- ୭୫୨୧୦୨/ **ସମ୍ପତ୍ତି ମାଲିକମାନଙ୍କ ନାମ: ଉଦୟ ନାଥ ମଲ୍ଲିକ, ନାଥ ମଲ୍ଲିକ, କାଳନ୍ଦୀ ମଲ୍ଲିକ** | ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ସା: ନରଦା, ତହସିଲ୍: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୪୧, ପ୍ଲଟ ନଂ.: ୪୫୬, ଏରିଆ : ଏକର ୦.୦୪ ଡିସିମିଲି, ଖାତା ନଂ.: ୩୪୬, ପ୍ଲଟ ନଂ.: ୪୫୭, ଏରିଆ : ଏକର ୦.୦୫ ଡିସିମିଲି, କିସମ: ଘରବାଡି । | ୦୭.୦୫.୨୦୧୮ | ୨୦.୦୮.୨୦୧୮ | ୩୦.୩.୨୦୧୮ ସୁଦ୍ଧା ଟ.୯,୮୯,୪୯୦.୮୧ ବର୍ତ୍ତମାନ ବକେୟା ୦୪.୦୭.୨୦୧୮ ସୁଦ୍ଧା ଟ.୧୦,୧୮,୮୪୧/- + ୦୫.୦୭.୨୦୧୮ ଠାରୁ ତତ୍‌ପରବର୍ତ୍ତି ସୁଧ ଏବଂ ସେବାବଦ ଖର୍ଚ୍ଚ |
| **ନରଦା ଶାଖା** ଋଣଗ୍ରହୀତା: ଶ୍ରୀ ଅରୁଣ କୁମାର ସ୍ୱାଇଁ, ପିତା - ୰ ମାଧବାନନ୍ଦ ସ୍ୱାଇଁ, ସା: ଘାସି ଅନ୍ଧୋଟି, ପୋ: ଦଳକଷୋଟି, ଭାୟା: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା- ୭୫୨୧୦୨ / ଆ।କା।ଉ ଣ୍ଟ ନଂ.: ୧୧୪୩୪୬୦୨୬୭୧ । | ଜାମିନ୍‌ଦାର: ୰ ମାଧବାନନ୍ଦ ସ୍ୱାଇଁ (ଜାମିନଦାର), ପିତା- ଯଦୁ ସ୍ୱାଇଁଙ୍କ ଆଇନ୍‌ଗତ ଉତ୍ତରାଧିକାରୀମାନେ ୧) ଶ୍ରୀମତୀ ସଞ୍ଜୁକ୍ତା ସ୍ୱାଇଁ, ସ୍ୱାମୀ: ୰ ମାଧବାନନ୍ଦ ସ୍ୱାଇଁ, ୨) ଶ୍ରୀ ତରୁଣ କୁମାର ସ୍ୱାଇଁ, ୩) ବରୁଣ କୁମାର ସ୍ୱାଇଁ, ୩) ଅରୁଣ କୁମାର ସ୍ୱାଇଁ, ସମସ୍ତଙ୍କ ପିତା- ୰ ମାଧବାନନ୍ଦ ସ୍ୱାଇଁ, ଠିକଣା- ସା: ଘାସିଅନ୍ଧୋଟି, ପୋ: ଦୋଳକସଟି, ଭାୟା: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା- ୭୫୨୧୦୨/ **ସମ୍ପତ୍ତି ମାଲିକମାନଙ୍କ ନାମ: ୰ ମାଧବାନନ୍ଦ ସ୍ୱାଇଁ,** ପିତା- ଯଦୁ ସ୍ୱାଇଁ। | ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ଘାସି ଅନ୍ଧୋଟି, ତହସିଲ୍: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୧୮, ପ୍ଲଟ ନଂ.: ୪୭୧, ଏରିଆ : ଏକର ୦.୦୨ ଡିସିମିଲି, ପ୍ଲଟ ନଂ.: ୪୭୬, ଏରିଆ : ଏକର ୦.୦୧ ଡିସିମିଲି, ପ୍ଲଟ ନଂ.: ୪୯୭, ଏରିଆ : ଏକର ୦.୦୨ ଡିସିମିଲି, କିସମ: ଘରବାଡି । | ୦୪.୦୫.୨୦୧୮ | ୨୦.୦୮.୨୦୧୮ | ୩୦.୩.୨୦୧୮ ସୁଦ୍ଧା ଟ.୯,୪୮,୦୧୬.୧୭ ବର୍ତ୍ତମାନ ବକେୟା ୦୪.୦୭.୨୦୧୮ ସୁଦ୍ଧା ଟ.୯,୭୭,୩୪୭/- + ୦୫.୦୭.୨୦୧୮ ଠାରୁ ତତ୍‌ପରବର୍ତ୍ତି ସୁଧ ଏବଂ ସେବାବଦ ଖର୍ଚ୍ଚ |
| **ନରଦା ଶାଖା** ଋଣଗ୍ରହୀତା: ଶ୍ରୀ ବାସୁଦେବ ସ୍ୱାଇଁ, ପିତା - ବୁଲେଇ ସ୍ୱାଇଁ, ସା: କେରାଣ୍ଡିଆବିନ୍ଧା, ପୋ: ରେଙ୍ଗାଳୋ, ଭାୟା: ନିମାପଡା, ଜିଲ୍ଲା: ଖୋର୍ଦ୍ଧା- ୭୫୨୧୦୨ / ଆକାଉଣ୍ଟ ନଂ.: ୩୦୩୨୩୬୦୦୩୩୯ | ଜାମିନ୍‌ଦାର: ଶ୍ରୀ ବାମଦେବ ସ୍ୱାଇଁ, ସା: କେରାଣ୍ଡିଆବିନ୍ଧା, ପୋ: ରେଙ୍ଗାଳୋ, ଭାୟା: ନିମାପଡା, ଜିଲ୍ଲା: ଖୋର୍ଦ୍ଧା- ୭୫୨୧୦୨ **ସମ୍ପତ୍ତି ମାଲିକମାନଙ୍କ ନାମ: ଶ୍ରୀ ବାସୁଦେବ ସ୍ୱାଇଁ।** | ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: କେରଣ୍ଡିଆବିନ୍ଧା, ତହସିଲ: ନିମାପଡା, ଜିଲ୍ଲା: ପୁରୀ, ଖାତା ନଂ.: ୭୧, ପ୍ଲଟ ନଂ.: ୧୫୮, ଏରିଆ : ଏକର ୦.୦୪ ଡିସିମିଲି, ପ୍ଲଟ ନଂ.: ୧୬୧, ଏରିଆ : ଏକର ୦.୦୨ ଡିସିମିଲି, ପ୍ଲଟ ନଂ.: ୧୨୫, ଏରିଆ : ଏକର ୦.୦୩ ଡିସିମିଲି, କିସମ: ଘରବାଡି । | ୩୦.୦୪.୨୦୧୮ | ୨୦.୦୮.୨୦୧୮ | ୩୦.୩.୨୦୧୮ ସୁଦ୍ଧା ଟ.୮,୬୧,୯୧୭/- ବର୍ତ୍ତମାନ ବକେୟା ୦୪.୦୭.୨୦୧୮ ସୁଦ୍ଧା ଟ.୮,୮୬,୭୦୨/- + ୦୫.୦୭.୨୦୧୮ ଠାରୁ ତତ୍‌ପରବର୍ତ୍ତି ସୁଧ ଏବଂ ସେବାବଦ ଖର୍ଚ୍ଚ |
| **ତୁଳସୀପୁର ଶାଖା** ଋଣଗ୍ରହୀତା: ମେସର୍ସ ମହାନ୍ତି ଚୁଡା ମିଲ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ମନମୋହନ ମହାନ୍ତି, ପିତା - ବୀର ମହାନ୍ତି, ସା: ତିରୁଣା, ପୋ: ସୋରଭା, ଭାୟା: ନୟାହାଟ, ଥାନା: ଗୋପ, ଜିଲ୍ଲା: ପୁରୀ/ ଆକାଉଣ୍ଟ ନଂ.:୩୨୪୦୨୩୨୦୩୪୭ | ଜାମିନ୍‌ଦାରମାନେ: ୧) ଶ୍ରୀ ଜଟାଧାରୀ ମହାନ୍ତି, ୨) ଶ୍ରୀ ଅମିନ ମହାନ୍ତି, ଉଭୟଙ୍କ ପିତା- ବୀର ମହାନ୍ତି, ସା: ତିରୁଣା, ପୋ: ସୋରଭା, ଭାୟା: ନୟାହାଟ, ଥାନା: ଗୋପ, ଜିଲ୍ଲା: ପୁରୀ/ **ସମ୍ପତ୍ତି ମାଲିକମାନଙ୍କ ନାମ: ଶ୍ରୀ ଜଟାଧାରୀ ମହାନ୍ତି, ଶ୍ରୀ ଅମିନ ମହାନ୍ତି, ଶ୍ରୀ ମନମୋହନ ମହାନ୍ତି,** ପିତା - ବୀର ମହାନ୍ତି । | ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ତିରୁଣା, ତହସିଲ୍, ଗୋପ, ଜିଲ୍ଲା: ପୁରୀ, ଖାତା ନଂ.: ୪୧୮/୫୦, ପ୍ଲଟ ନଂ.: ୧୦୦୫, ଏରିଆ : ଏକର ୦.୪୪ ଡିସିମିଲି, କିସମ: ଘରବାଡି । | ୦୪.୦୫.୨୦୧୮ | ୨୩.୦୮.୨୦୧୮ | ୨୦.୫.୨୦୧୮ ସୁଦ୍ଧା ଟ.୨,୮୧,୨୪୬/- ବର୍ତ୍ତମାନ ବକେୟା ୧୩.୦୮.୨୦୧୮ ସୁଦ୍ଧା ଟ.୨,୯୨,୭୪୬/- + ୧୪.୦୮.୨୦୧୮ଠାରୁ ତତ୍‌ପରବର୍ତ୍ତି ସୁଧ ଏବଂ ସେବାବଦ ଖର୍ଚ୍ଚ |

ସ୍ଥାନ : ଭୁବନେଶ୍ୱର
ତାରିଖ : ୨୪.୦୮.୨୦୧୮

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ










# ବିଦେଶୀ ସହାୟତା



ଆକାର ପଟେଲ

ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଭାରତ ବିଦେଶୀ ସହାୟତା ଗ୍ରହଣ କରିବ କି ନାହିଁ, ତାହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏଥିପାଇଁ ସରକାରୀ ନୀତି କ'ଣ ଅଛି, ସେ ବିଷୟରେ ବି ଅନେକଙ୍କ ମନରେ ସନ୍ଦେହ ଦେଖାଦେଇଛି। ତେଣୁ ସେ ବିଷୟରେ ଏଠାରେ ଆଲୋଚନା କରିବା ପ୍ରାସଙ୍ଗିକ ହେବ। କେରଳ ସରକାରଙ୍କ କହିବା ଅନୁସାରେ, ପ୍ରଳୟଙ୍କରୀ ବନ୍ୟା କ୍ଷତିର ମୁକାବିଲା ପାଇଁ ୨୬୦୦ କୋଟି ଟଙ୍କା ଦରକାର। କେନ୍ଦ୍ର ସରକାର କହୁଛନ୍ତି ୬୦୦ କୋଟି ଟଙ୍କା ଦେବେ। ଏଣେ କେରଳ ସରକାରଙ୍କ କହିବା ଅନୁସାରେ, ସଂଯୁକ୍ତ ଆରବ ଦେଶ (ଯାହା ଭିତରେ ଦୁବାଇ, ଆବୁ ଧାବି ଓ ଶାର୍‌ଜା ଅନ୍ତର୍ଭୁକ୍ତ) ୭୦୦ କୋଟି ଟଙ୍କା ଦେବାକୁ ପ୍ରସ୍ତାବ ଦେଇଛି। କିନ୍ତୁ ଭାରତ ସରକାର ତାହା ଗ୍ରହଣ କରିବାକୁ ରାଜି ନୁହନ୍ତି। ପୂର୍ବତନ ମନମୋହନ ସିଂ ସରକାରଙ୍କ ନୀତିକୁ ବିଦେଶୀ ସାହାଯ୍ୟ ଗ୍ରହଣ ଲାଗି ମନା କରିବାର କାରଣଭାବେ ଦର୍ଶାଯାଇଛି। ବୋଧହୁଏ ଦିଲ୍ଲୀର ଚାପରେ ପଡ଼ି ୟୁଏଇ ସରକାର କୌଣସି ସାହାଯ୍ୟ ପ୍ରସ୍ତାବ ଦିଆଯାଇ ନ ଥିଲା ବୋଲି ଏବେ କହୁଛନ୍ତି। ତେବେ ଭାରତରେ ନିଯୁକ୍ତ ଥାଇଲାଣ୍ଡ ରାଷ୍ଟ୍ରଦୂତ ନିଜେ ଲେଖିଛନ୍ତି: ''ଦୁଃଖର ସହ ଜଣାଇବାକୁ ପଡୁଛି ଯେ, ଭାରତ ସରକାର କେରଳ ବନ୍ୟା ପାଇଁ ବିଦେଶୀ ସହାୟତା ଗ୍ରହଣ କରିବାକୁ ମନା କରୁଛନ୍ତି। ହେ ଭାରତବାସୀ! ଏ ବିପଦ ବେଳେ ଆମର ହୃଦୟ ଆପଣମାନଙ୍କ ସହିତ ରହିଛି।'' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଗଷ୍ଟ ୧୮ ତାରିଖରେ ଦୁବାଇର ଶାସକଙ୍କ ସହ କଥା ହେବା ପରେ ଟୁଇଟ୍ କଲେ: ''ବିପର୍ଯ୍ୟୟ ସମୟରେ କେରଳବାସୀଙ୍କୁ ସହାୟତାର ହାତ ବଢ଼ାଇଥିବାରୁ ଶେଖ୍ ମହମ୍ମଦଙ୍କୁ ଅଶେଷ ଧନ୍ୟବାଦ। ତାଙ୍କର ଉଦ୍‌ବେଗ ଭାରତ ଓ ୟୁଏଇ ସରକାର ଏବଂ ଦୁଇ ଦେଶର ଜନସାଧାରଣଙ୍କ ମଧ୍ୟରେ ବିଶେଷ ବନ୍ଧନକୁ ପ୍ରତିଫଳିତ କରୁଛି।'' ଏଥିରୁ ଜଣାପଡୁଛି ଯେ, ସାହାଯ୍ୟ ପାଇଁ ସେମାନେ ପ୍ରସ୍ତାବ ଦେଇଥିଲେ, ଯାହାକୁ ପ୍ରତ୍ୟାଖ୍ୟାନ କରିଦିଆଯାଇଛି।

ତା'ହେଲେ ଆମ ସରକାରୀ ନୀତି କ'ଣ କହୁଛି? ୨୦୦୪ରେ ମନମୋହନ ସିଂ ସରକାର ହସ୍ତକ୍ଷେପ କରିଥିଲେ। ସେ ବର୍ଷ ପର୍ଯ୍ୟନ୍ତ ଭାରତ ବିଦେଶୀ ସହାୟତା ଗ୍ରହଣ କରିଆସୁଥିଲା। ୨୦୦୪ର ସୁନାମି ପରେ ସ୍ଥିର କରାଗଲା ଯେ, ବିପର୍ଯ୍ୟୟ ସମୟରେ ଲୋକଙ୍କୁ ଉଦ୍ଧାର କରିବା ଓ ରିଲିଫ୍ ଦେବା ପାଇଁ ଭାରତ କୌଣସି ବିଦେଶୀ ରାଷ୍ଟ୍ରରୁ ସହାୟତା ଗ୍ରହଣ କରିବ ନାହିଁ, କେବଳ ପୁନଃଥଇଥାନ କାର୍ଯ୍ୟ ନିମନ୍ତେ ସହାୟତା ଗ୍ରହଣ କରିବ। ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ପାଇଁ ତତ୍କାଳ ସହାୟତା ଦରକାର। ତେବେ ଏ କ୍ଷେତ୍ରରେ ବିଦେଶୀ ସହାୟତା ଗ୍ରହଣ କରିବାକୁ ମନା କରାଯିବାର କାରଣ କ'ଣ ହୋଇପାରେ? ଏହା ପଛରେ ଥିବା ପ୍ରଥମ କାରଣଟି ହେଲା: ସ୍ଥାନୀୟ ଲୋକମାନେ ହିଁ ଅଞ୍ଚଳ ସହ ପରିଚିତ। ବିଦେଶୀ ଲୋକମାନଙ୍କର ସେ ବିଷୟରେ କିଛି ଜ୍ଞାନ ନ ଥିବ ଏବଂ ସେମାନେ ସ୍ଥାନୀୟ ଭାଷା ବି ବୁଝିପାରିବେ ନାହିଁ। ଦ୍ୱିତୀୟ କାରଣ ହେଲା: ଭାରତରେ ସ୍ଥାୟୀ ଅମଲାତନ୍ତ୍ର ରହିଛି, ସେମାନଙ୍କର ଏ କାର୍ଯ୍ୟ ପାଇଁ ଯଥେଷ୍ଟ ସାମର୍ଥ୍ୟ ରହିଛି। ଭାରତର ମଧ୍ୟ ଏକ ବିଶାଳ ସାମରିକ ଓ ଅର୍ଦ୍ଧସାମରିକ ବାହିନୀ ରହିଛି, ଯେଉଁମାନଙ୍କୁ ଅନେକ ସମୟରେ ଏଭଳି ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଥାଏ। ତୃତୀୟ କାରଣ ହେଲା: ବିଦେଶୀମାନେ ଭାରତୀୟଙ୍କୁ ଉଦ୍ଧାର କରିବାଟା ଲୋକଙ୍କୁ ଭଲ ନ ଲାଗିପାରେ ଏବଂ ଏହା ଜାତୀୟ ଗୌରବର ପରିପନ୍ଥୀ। କିନ୍ତୁ ଦୀର୍ଘକାଳୀନ ଥଇଥାନ କାର୍ଯ୍ୟ ବେଳକୁ ଏ ସମସ୍ୟା ରହି ନ ଥାଏ। ମନମୋହନ ସିଂ ସରକାର ଏଭଳି ନିଷ୍ପତ୍ତି ନେବା ବେଳେ ଅନ୍ୟ କାରଣ କଥା ଚିନ୍ତା କରିଥାଇ ପାରନ୍ତି, ଯାହା ବିପର୍ଯ୍ୟୟ ପରିଚାଳନାର ଜାତୀୟ ନୀତିରେ ଉଲ୍ଲେଖ କରାଯାଇ ନାହିଁ। ମୋ ମତ ହେଉଛି, ପ୍ରଥମ ଓ ଦ୍ୱିତୀୟ କାରଣଟି ଯୁକ୍ତିଯୁକ୍ତ। ତେବେ କଂଗ୍ରେସ ତୃତୀୟ କାରଣ 'ଜାତୀୟ ଗୌରବ'କୁ ଗୁରୁତ୍ୱପୂର୍ଣ୍ଣ ମନେ କରୁଛି।

ବର୍ତ୍ତମାନ ଆମେ ଦେଖିବା ଥଇଥାନ ପାଇଁ ମଧ୍ୟ ବର୍ତ୍ତମାନର ସରକାର ୟୁଏଇ ଓ ଥାଇଲାଣ୍ଡର ସହାୟତା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେବା ପଛରେ କି କାରଣ ରହିଛି। ସମ୍ଭାବ୍ୟ କାରଣଗୁଡ଼ିକ ମଧ୍ୟରେ ରହିଛି: ପ୍ରଥମତଃ ସେମାନଙ୍କ ଟଙ୍କା ଆମର ଦରକାର ନାହିଁ। ଆମ ନାଗରିକଙ୍କ ଯତ୍ନ ନେବା ଲାଗି ଆମର ଯଥେଷ୍ଟ ସମ୍ବଳ ଅଛି। ଦ୍ୱିତୀୟତଃ ଆମେ କେତେକ ନିର୍ଦ୍ଦିଷ୍ଟ ଦେଶ (ଯଥା ଚାଇନା ଓ ପାକିସ୍ତାନ)ରୁ ସହାୟତା ନେବାକୁ ଚାହୁଁନାହୁଁ। ତେଣୁ ନିୟମଟାକୁ ସାର୍ବଜନୀନ କରିବା ଲାଗି ଆମେ ଅନ୍ୟ କୌଣସି ଦେଶରୁ ବି ସହାୟତା ନେବାକୁ ଚାହୁଁନାହୁଁ। ତୃତୀୟତଃ ଏହାଦ୍ୱାରା ଜାତୀୟ ଗୌରବ ହାନି ଘଟିବ। ବାହାର ଦେଶର ଲୋକମାନେ ସାହାଯ୍ୟ-ଗ୍ରହଣକାରୀ ଦେଶ ଭାବେ ଦେଖିବେ, ସାହାଯ୍ୟ-ଦାତା ଭାବେ ନୁହେଁ। ଏହାଛଡ଼ା ଅନ୍ୟ କାରଣ ବି ଥାଇପାରେ। ସରକାର ସେ ବିଷୟରେ କିଛି କହିନାହାନ୍ତି। ମୋ ମତରେ ପ୍ରଥମ କାରଣଟି ମିଥ୍ୟା। ଭାରତ ଏକ ଗରିବ ଦେଶ ଭାବେ ଜଣାଶୁଣା। ଦ୍ୱିତୀୟ ଓ ତୃତୀୟ କାରଣ ମଧ୍ୟ ସମସ୍ୟାଜନକ। ଯେଉଁ ଲୋକ ବା ସମ୍ପ୍ରଦାୟ ବିପଦଗ୍ରସ୍ତ ହୋଇଛି, ସେମାନେ ନିଷ୍ପତ୍ତି ନେବା ଦରକାର, ବିଦେଶୀ ସାହାଯ୍ୟ ସେମାନଙ୍କର ଦରକାର ନା ନାହିଁ ଏବଂ ଏହାଦ୍ୱାରା ସେମାନଙ୍କର ସମ୍ମାନହାନି ହେଉଛି ନା ନାହିଁ। ଜାତୀୟ ଗୌରବ ବୋଲି ବାସ୍ତବରେ କିଛି ନାହିଁ। ଏହା କାଳ୍ପନିକ କିନ୍ତୁ ସହାୟତା ବାସ୍ତବ। କେରଳ ସରକାରଙ୍କ କହିବା କଥା ହେଲା, ୟୁଏଇ ଏକ ସାଧାରଣ ଦେଶ ନୁହେଁ ଏବଂ ଏହାକୁ କେବଳ ଏକ ବିଦେଶୀ ରାଷ୍ଟ୍ର ଭାବେ ବିବେଚନା କରିବା ଉଚିତ ନୁହେଁ। ଏହା ହେଉଛି ଏପରି ଦେଶ, ଯେଉଁଠି ଅନେକ ଭାରତୀୟ ବିଶେଷତଃ ମାଲୟାଲୀମାନେ ଅଛନ୍ତି। ସେମାନଙ୍କର ସେ ଦେଶ ଗଠନରେ ବିରାଟ ସହଯୋଗ ଅଛି। ତେଣୁ ସେ ଦେଶରୁ କିଛି ସାହାଯ୍ୟ ମିଳିଲେ ତାକୁ କେବଳ ବିଦେଶୀ ଦାନ ହିସାବରେ ଗ୍ରହଣ କରିବା ଉଚିତ ନୁହେଁ। କେରଳ ସରକାରଙ୍କ ଏ ମତକୁ ଅଗ୍ରାହ୍ୟ କରିହେବ ନାହିଁ। ମନମୋହନ ସିଂଙ୍କର ଏକ ଭିନ୍ନ ନୀତି ଥିଲେ ମଧ୍ୟ ସେଥିରେ ଥିବା ଦୋଷତ୍ରୁଟିକୁ ନ ଦେଖିବା ଓ ତାକୁ ସଂଶୋଧନ ନ କରିବାର କୌଣସି କାରଣ ନାହିଁ। ଆମ ଲୋକମାନଙ୍କୁ ସେମାନଙ୍କର ବଡ଼ ବିପଦ ସମୟରେ ସାହାଯ୍ୟ ନ କରିବା ହେଉଛି ସେମାନଙ୍କ ପ୍ରତି ନିଷ୍ଠୁରତା।

Email: aakar.patel@gmail.com

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | D | | | 4 | 3 | | | | | C | | |
| | C | 5 | | A | | B | | | | | | 8 | | |
| | D | 4 | 3 | | | | 7 | 1 | | 9 | | | 5 | |
| | | | C | | 2 | 8 | | | | 7 | D | | | 0 |
| 2 | | 3 | | 8 | 7 | | | | A | B | | | | |
| | | | 6 | 4 | | | | | 3 | | 2 | | 8 | |
| | | | 1 | D | A | 5 | 6 | | | | | | | |
| | | | | | | | B | | | 1 | 7 | 9 | | |
| 9 | 5 | | | | | | 8 | | | | | 0 | 6 | A |
| | | | | | | 9 | | | | | 4 | 2 | 3 | |
| | | 6 | | | B | | 2 | | | | E | | 1 | |
| 3 | | | | 7 | 5 | | D | | | | | | E | 4 |
| | | 9 | 4 | | | 3 | | | B | 0 | | 6 | | |
| | | C | | 3 | 1 | 6 | | | | | | 5 | | |
| | 7 | 0 | 8 | | 6 | E | | | | | A | | D | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 8 | 2 | 4 | 1 | D | B | 3 | 6 | 7 | 0 | A | C | 5 | E |
| E | B | 1 | C | 9 | 3 | 8 | 2 | A | 4 | D | 5 | 7 | 0 | 6 |
| A | 3 | 5 | 7 | 0 | 2 | D | 4 | 9 | C | 6 | E | B | 8 | 1 |
| 0 | 7 | D | 6 | 8 | B | E | 5 | C | 3 | 1 | 2 | 4 | 9 | A |
| 6 | 4 | C | A | E | 5 | 7 | 0 | 1 | 9 | 8 | B | 2 | 3 | D |
| 7 | 0 | B | 1 | 5 | E | 6 | C | 8 | A | 2 | 4 | 3 | D | 9 |
| D | 6 | E | 8 | B | A | 3 | 1 | 4 | 5 | 9 | 7 | 0 | 2 | C |
| 5 | 9 | 3 | 2 | C | 4 | 0 | 7 | D | E | B | 1 | 6 | A | 8 |
| C | 2 | 8 | 9 | D | 7 | 5 | A | E | 0 | 3 | 6 | 1 | B | 4 |
| 1 | A | 4 | 3 | 6 | 0 | 2 | 9 | B | 8 | C | D | E | 7 | 5 |
| 2 | C | 6 | 5 | 7 | 9 | 4 | 8 | 0 | D | E | 3 | A | 1 | B |
| 8 | 1 | 7 | 0 | 4 | C | A | B | 2 | 6 | 5 | 9 | D | E | 3 |
| B | E | 9 | D | 2 | 8 | C | 6 | 3 | 1 | A | 0 | 5 | 4 | 7 |
| 3 | 5 | 0 | E | A | 1 | 9 | D | 7 | B | 4 | C | 8 | 6 | 2 |
| 4 | D | A | B | 3 | 6 | 1 | E | 5 | 2 | 7 | 8 | 9 | C | 0 |

ଗତକାଲିର ଉତ୍ତର

# ଗଡ଼ଜାତ ମିଶ୍ରଣ



ଶରତ ଚନ୍ଦ୍ର ମିଶ୍ର

ଓଡ଼ିଶାରେ ମୋଗଲ ଶାସନ (୧୫୬୮-୧୭୫୧)ର ପ୍ରାରମ୍ଭରେ ସମ୍ରାଟ୍ ଆକବରଙ୍କ ରାଜସ୍ୱ ମନ୍ତ୍ରୀ ତୋଡର ମଲ୍ଲ ଓଡ଼ିଶାକୁ ମୋଗଲବନ୍ଦୀ ଓ ଗଡ଼ଜାତ ଅଞ୍ଚଳ ମଧ୍ୟରେ ବିଭାଜିତ ଓ ଚିହ୍ନିତ କରାଇଥିଲେ। ମୋଗଲମାନଙ୍କ ପ୍ରତ୍ୟକ୍ଷ ଶାସନାଧୀନ ଉପକୂଳ ଅଞ୍ଚଳର ପାଞ୍ଚୋଟି ସରକାରକୁ ମୋଗଲବନ୍ଦୀ ଓ ଆଭ୍ୟନ୍ତରୀଣ ଅଞ୍ଚଳର ଭିନ୍ନ ଭିନ୍ନ ରାଜାମାନଙ୍କ ଅଧୀନରେ ଥିବା ଅଞ୍ଚଳକୁ ଗଡ଼ଜାତ କୁହାଗଲା। ମୋଗଲବନ୍ଦୀ ଅଞ୍ଚଳରେ ଫସଲର ଏକ ତୃତୀୟାଂଶ ରାଜସ୍ୱ ନିର୍ଣ୍ଣୟ ହେଲା। ଗଡ଼ଜାତ ରାଜ୍ୟଗୁଡ଼ିକ ସେମାନଙ୍କ ରାଜସ୍ୱର ଏକ ଷଷ୍ଠାଂଶ ପେସ୍କସ୍ ଭାବରେ ମୋଗଲ ସୁବାଦାରଙ୍କ ପାଖରେ ପେସ୍ କରି ବଶ୍ୟତା ସ୍ୱୀକାର କଲେ ଓ ଅର୍ଦ୍ଧ ସ୍ୱାଧୀନ ଭାବେ ରାଜତ୍ୱ କଲେ। ପରବର୍ତ୍ତୀ କାଳରେ ମରହଟ୍ଟା ଶାସକ ଓ ଇଷ୍ଟ ଇଣ୍ଡିଆ କମ୍ପାନୀ ଏଇ ବ୍ୟବସ୍ଥାକୁ ସ୍ୱୀକାର କରିନେଲେ। ମରହଟ୍ଟା ଓ କମ୍ପାନୀ ଶାସନ ସମୟରେ ରାଜାମାନଙ୍କ ଉପରେ ଅଧିକ ନିୟନ୍ତ୍ରଣ ଥିଲା ଓ ବାଙ୍କୀ, ଅନୁଗୋଳ ଗଡ଼ଜାତଦ୍ୱୟ ଖାସ୍‌ମହାଲ ହେଲେ। ସମ୍ବଲପୁରକୁ କମ୍ପାନୀ ନିଜ ଶାସନାଧୀନ କରି ମଧ୍ୟପ୍ରଦେଶ ସହ ପୁଣି ଯୁକ୍ତ କରାଇଲେ। ପ୍ରାୟ ପଚାଶ ବର୍ଷ ପରେ ୧୯୦୫ରେ ସମ୍ବଲପୁର ଓଡ଼ିଶାକୁ ଫେରି ଆସିଲା।

ସିପାହି ବିଦ୍ରୋହ (୧୮୫୭) ପରେ କମ୍ପାନୀ ଶାସନର ଅବସାନ ଘଟେ ଓ ଇଂରେଜ ସରକାର ଗଡ଼ଜାତ ରାଜ୍ୟମାନଙ୍କ ସହିତ ଶତ୍ରୁତା ପରିହାର କରି ସେମାନଙ୍କ ସହିତ ମିତ୍ରତା ସ୍ଥାପନ କରିବାର ଉଦ୍ୟମ କଲେ। ସିପାହି ବିଦ୍ରୋହକୁ ଓଡ଼ିଶା ଗଡ଼ଜାତର ରାଜାମାନେ ସମର୍ଥନ କରି ନ ଥିଲେ। ଗଡ଼ଜାତ ରାଜ୍ୟମାନଙ୍କୁ ସୁରକ୍ଷାର ଅଭୟ ପ୍ରଦାନ କରି ଏବଂ ସେମାନଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇ ଓ ପେସ୍କସ୍ ହାର ବୃଦ୍ଧି ନ କରି ଇଂରେଜମାନେ ନିଜ ସପକ୍ଷରେ ଏକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ସୃଷ୍ଟି କଲେ ଓ ରାଜାମାନେ ଏ ପରିବର୍ତ୍ତିତ ସ୍ଥିତିର ସୁଯୋଗ ନେଇ ଇଂରେଜ ସରକାରଙ୍କୁ ଅକୁଣ୍ଠ ସମର୍ଥନ କଲେ। ଗଡ଼ଜାତ ରାଜ୍ୟମାନଙ୍କୁ ବ୍ୟକ୍ତିତନ୍ତ୍ର ଓ ସ୍ୱେଚ୍ଛାଚାରିତା ଜାହିର କରିବାକୁ ୧୮୫୮ରୁ ୧୯୩୭ ମସିହା ପର୍ଯ୍ୟନ୍ତ ସୁବର୍ଣ୍ଣ ସୁଯୋଗ ମିଳିଗଲା। ନିଜ ରାଜ୍ୟକୁ ବାହ୍ୟଶତ୍ରୁ ଆକ୍ରମଣରୁ ରକ୍ଷା କରିବାର ଦାୟିତ୍ୱ ନାହିଁ। ପେସ୍କସ୍ ଠିକ୍ ସମୟରେ ଦାଖଲ କଲେ। ଇଂରେଜ ସରକାର ରାଜ୍ୟ ନେଇଯିବାର ଭୟ ନାହିଁ ଓ ଇଂରେଜ ସହଯୋଗ ଅବ୍ୟାହତ ରହିଲେ ଅତ୍ୟାଚାରିତ ପ୍ରଜାମାନଙ୍କର ସ୍ୱର ଉତ୍ତୋଳନ କରିବାର ସାହସ ନାହିଁ।

ଇଂରେଜ ସରକାର ଦେଶରେ ୧୮୫୮ ପରେ ନୂତନ ଶାସନ ପଦ୍ଧତି ଅନୁସରଣ କରି ପୋଲିସ, ଜେଲ, କୋର୍ଟ କଚେରି ଇତ୍ୟାଦିର ପୁନର୍ଗଠନ କରିବାରୁ ଗଡ଼ଜାତ ରାଜାମାନେ ସେମାନଙ୍କ ଅନୁକରଣରେ ଓ ପରୋକ୍ଷ ପ୍ରରୋଚନାରେ ଆଧୁନିକ ଅନୁଷ୍ଠାନମାନ ଗଠନ କରିବାକୁ ବାଧ୍ୟ ହୋଇଥିଲେ। ଅପରପକ୍ଷେ ପ୍ରିନ୍ସେସ୍ ପ୍ରୋଟେକ୍‌ଶନ ଆକ୍ଟ ଦ୍ୱାରା ରାଜ୍ୟମାନଙ୍କୁ ଅନେକ ସୁରକ୍ଷା ଓ ସୁବିଧା ପ୍ରଦାନ କରାଯାଇଥିଲା। ରାଜାମାନେ ପ୍ରକାରଭେଦରେ ବିଚାର, ଶାସନ, ରାଜସ୍ୱ ଓ ପୋଲିସ ବିଭାଗର ସର୍ବୋଚ୍ଚ କ୍ଷମତା ଉପଭୋଗ କରୁଥିଲେ। ଓଡ଼ିଶାର ଗଡ଼ଜାତ ରାଜ୍ୟମାନେ ଆୟ, ଆୟତନ ଓ ଲୋକସଂଖ୍ୟା ଇତ୍ୟାଦିର ମାନଦଣ୍ଡରେ କ, ଖ ଓ ଗ ଶ୍ରେଣୀଭୁକ୍ତ ଥିଲେ। କ ଶ୍ରେଣୀ ଗଡ଼ଜାତଗୁଡ଼ିକ ସ୍ୱାଧୀନତା ପରେ ପ୍ରାୟ ଜିଲା ହୋଇଗଲା ଓ ଖ ଶ୍ରେଣୀ ଗଡ଼ଜାତଗୁଡ଼ିକ ତାଳଚେର ବ୍ୟତୀତ ୧୯୯୩ ମସିହାରେ ଜିଲା ହୋଇଗଲେ। ଗ ଶ୍ରେଣୀ ଗଡ଼ଜାତଗୁଡ଼ିକ ଅନ୍ୟ ଜିଲା ସହିତ ମିଶିଗଲେ।

ଇଂରେଜ ସରକାର ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ଟ୍ରିବ୍ୟୁଟାରୀ ମାହାଲ ନାମକ ଏକ ପଦବୀ ଗଡ଼ଜାତମାନଙ୍କ ତତ୍ତ୍ୱାବଧାନ ନିମନ୍ତେ ସୃଷ୍ଟି କରିଥିଲେ। କଟକରେ ଅବସ୍ଥାପିତ କମିଶନର ଅନେକ ଦିନ ପର୍ଯ୍ୟନ୍ତ ସୁପରିଣ୍ଟେଣ୍ଡେଣ୍ଟ ଥିଲେ ଓ ପରବର୍ତ୍ତୀ କାଳରେ ସମଗ୍ର ପୂର୍ବଭାରତର ଗଡ଼ଜାତ ରାଜ୍ୟମାନଙ୍କ 'ଇଷ୍ଟର୍ନ ଷ୍ଟେଟ୍‌ସ ଏଜେନ୍ସି' ନାମକ ଏକ ଅନୁଷ୍ଠାନ ଗଠିତ ହୋଇ ତା'ର ତତ୍ତ୍ୱାବଧାନରେ କଲିକତାରେ ଜଣେ ରେସିଡେଣ୍ଟ ନିଯୁକ୍ତ ହେଲେ।

ଓଡ଼ିଶାର ଗଡ଼ଜାତ ରାଜା (୨୬) ଓ ଛତିଶଗଡ଼ର ରାଜା (୧୬)ମାନଙ୍କ ମଧ୍ୟରେ ଭାବଗତ ଓ ବୈବାହିକ ସମ୍ପର୍କ ଥିଲା। ଛତିଶଗଡର କେତେଜଣ ରାଜା ଓଡ଼ିଆ। ସେମାନଙ୍କ ରାଜକୁମାରମାନେ ଓ ରାୟପୁରର ରାଜକୁମାର କଲେଜରେ ସାଙ୍ଗ ହୋଇ ଶିକ୍ଷାଲାଭ କରୁଥିଲେ। ଓଡ଼ିଶାର ଅଳ୍ପ କେତୋଟି ରାଜ୍ୟରେ ଆଧୁନିକ ସୁଶାସନ ଥିଲା। ଓଡ଼ିଶାରେ ୧୯୩୭ ମସିହାରେ କଂଗ୍ରେସ ସରକାର ଗଠନ ହେଲା ପରେ ଢେଙ୍କାନାଳ, ତାଳଚେର, ନୀଳଗିରି ଓ ରଣପୁର ଆଦିରେ ପ୍ରଜାମଣ୍ଡଳ ଆନ୍ଦୋଳନ ତୀବ୍ର ହୋଇଉଠିଲା। କଂଗ୍ରେସ ସରକାର ୧୯୩୯ରେ ଇସ୍ତଫା ଦେଲା ପରେ ରାଜାମାନେ ଚାପମୁକ୍ତ ହୋଇ ଆନ୍ଦୋଳନକାରୀ ପ୍ରଜାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିଥିଲେ।

ଓଡ଼ିଶା ପ୍ରଦେଶ ଗଠନ ସମୟରେ ଓଡ଼ିଆ ଅଞ୍ଚଳକୁ ଚିହ୍ନଟ କରିବା ନିମନ୍ତେ ଅଟ୍‌ଲି କମିଟି ଗଠିତ ହୋଇଥିଲା। ଅଟ୍‌ଲି କମିଟିର ସୁପାରିସ (୧୯୩୦) ଥିଲା ଯେ, ଗଡ଼ଜାତମାନଙ୍କୁ ଓଡ଼ିଶାରେ ମିଶାଇ ଦିଆ ନ ଗଲେ ପ୍ରସ୍ତାବିତ ଓଡ଼ିଶା ପ୍ରଦେଶ ଆର୍ଥିକ ଦିଗରୁ ସବଳ ହୋଇପାରିବନି। ଓଡ଼ିଶା କଂଗ୍ରେସ ଓ ଗଡ଼ଜାତର ପ୍ରଜାମଣ୍ଡଳ ନେତାମାନେ ଏଇ ସୁପାରିସକୁ ଦୋହରାଇ ଗଡ଼ଜାତ ରାଜାମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରାଇଲେ ଓ ରାଜାମାନେ ନିଜର ସୁରକ୍ଷା ନିମନ୍ତେ ଦ୍ୱିତୀୟ ମହାଯୁଦ୍ଧ ସମୟରେ ଇଂରେଜ ସରକାରଙ୍କୁ ଅକୁଣ୍ଠ ସମର୍ଥନ ପ୍ରଦାନ କଲେ ଓ ଓଡ଼ିଶା କଂଗ୍ରେସକୁ ନିଜର ଶତ୍ରୁ ଭାବିଲେ।

ଦ୍ୱିତୀୟ ମହାଯୁଦ୍ଧ ପରେ ନିର୍ବାଚନ ହୋଇ ୧୯୪୬ ଏପ୍ରିଲରେ ହରେକୃଷ୍ଣ ମହତାବ ଓଡ଼ିଶାର ପ୍ରଧାନମନ୍ତ୍ରୀ ହେଲେ। ସେ କ୍ୟାବିନେଟ୍ ମିଶନ ପାଖରେ (୧୯୪୬) ଗଡ଼ଜାତମାନଙ୍କୁ ଓଡ଼ିଶାରେ ମିଶାଇଦେବାକୁ ଏକ ସ୍ମାରକପତ୍ର ଦାଖଲ କଲେ ଓ ସମ୍ବଲପୁରଠାରେ ୧୯୪୬ରେ ଗଡ଼ଜାତ ରାଜାମାନଙ୍କ ସହିତ ଏକ ଆଲୋଚନାରେ ସେମାନଙ୍କୁ ଓଡ଼ିଶାରେ ମିଶିଯିବା ନିମନ୍ତେ ପ୍ରବର୍ତ୍ତାଇ ଅସଫଳ ହେଲେ। ଗଡ଼ଜାତ ରାଜାମାନେ ନିଜ ମଧ୍ୟରେ ସଂଗଠିତ ହୋଇ ୧୯୪୬ ଜୁଲାଇରେ କଲିକତାଠାରେ Eastern States Union ନାମରେ ଏକ ସଂଗଠନ ଆରମ୍ଭ କଲେ। ଏଥିରେ ୨୩ଟି ଓଡ଼ିଶା ରାଜ୍ୟ ଓ ୧୬ଟି ଛତିଶଗଡ଼ ରାଜ୍ୟ ସଦସ୍ୟ ହୋଇଥିଲେ।

ସ୍ୱାଧୀନତା ପ୍ରାପ୍ତି ପରେ ଗଡ଼ଜାତ ରାଜାମାନେ କେନ୍ଦ୍ର ସରକାରଙ୍କ ସଙ୍ଗେ ଷ୍ଟାଣ୍ଡଷ୍ଟିଲ୍ ଚୁକ୍ତି ସମ୍ପାଦନ କରି ଆଭ୍ୟନ୍ତରୀଣ ଶାସନରେ ପୂର୍ଣ୍ଣ କ୍ଷମତା ଉପଭୋଗ କଲେ। ମୟୂରଭଞ୍ଜ ମହାରାଜା ପ୍ରଜାମାନଙ୍କ ପ୍ରତିନିଧିଙ୍କୁ ଶାସନ ଭାର ପ୍ରଦାନ କଲେ। ଶରତ ଚନ୍ଦ୍ର ଦାସ ମୟୂରଭଞ୍ଜର ପ୍ରଧାନମନ୍ତ୍ରୀ ହୋଇ ଶାସନ ଚଳାଇଲେ। ନୀଳଗିରିରେ ପ୍ରଜା ବିଦ୍ରୋହର ସୁଯୋଗ ନେଇ ଓଡ଼ିଶା ସରକାର ସେଠାକୁ ପୋଲିସ ପ୍ରେରଣ କରି ୧୯୪୭ ମସିହା ନଭେମ୍ବର ମାସରେ ନୀଳଗିରି ରାଜ୍ୟ ନିଜ ହାତକୁ ନେଇଗଲେ। ପ୍ରଜା ଆନ୍ଦୋଳନ ହେଲେ ଗଡ଼ଜାତ ରାଜାମାନେ ଆଉ ଓଡ଼ିଶା ସରକାରଙ୍କଠାରୁ ପୋଲିସ ସାହାଯ୍ୟ ପାଇବେ ନାହିଁ ବୋଲି ଏଥିରୁ ସ୍ପଷ୍ଟ ହୋଇଗଲା।

ତତ୍କାଳୀନ ଉପ ପ୍ରଧାନମନ୍ତ୍ରୀ ସର୍ଦ୍ଦାର ପଟେଲ ଓ ଭି.ପି. ମେନନ (ଡିସେମ୍ବର ୧୯୪୭) ଗଡ଼ଜାତ ରାଜାମାନଙ୍କଠାରୁ ଓଡ଼ିଶାରେ ମିଶ୍ରଣ ନିମନ୍ତେ ଏକପ୍ରକାର ବାଧ୍ୟ କରାଇ ଦସ୍ତଖତ କରାଇନେଲେ। କେବଳ ମୟୂରଭଞ୍ଜ ମହାରାଜା ନିଜର ଲୋକ ପ୍ରତିନିଧି ଶାସନ ଥିବା ଦର୍ଶାଇ ଦସ୍ତଖତ କଲେ ନାହିଁ। ବାକି ୨୫ଟି ଯାକ ରାଜ୍ୟ ପ୍ରିଭି ପର୍ସ, ପ୍ୟାଲେସରେ ପୋଲିସ ଗାର୍ଡ଼, ବିନା ଲାଇସେନ୍ସରେ ବନ୍ଧୁକ ଓ ନିଜର ମୋଟର ଗାଡ଼ି ପାଇଁ କୌଣସି ଟିକସ ନ ଦେଇ ନିଜ ଷ୍ଟେଟ୍‌ର ନମ୍ବର ପ୍ଲେଟ୍ ରଖିବା ଆଦି କିଛି ମନଭୁଲାଣିଆ ସୁବିଧା ପାଇ ରିକ୍ତ ହସ୍ତରେ ନିଜ ରାଜ୍ୟକୁ ଫେରିଲେ। ମୟୂରଭଞ୍ଜ ଓଡ଼ିଶାରେ ନ ମିଶିବାରୁ ଷଡ଼େଇକଳା ଓ ଖରସୁଆଁ ଭୌଗୋଳିକ ଭାବରେ ଓଡ଼ିଶାରୁ ବିଚ୍ଛିନ୍ନ ହୋଇଗଲା।

ଓଡ଼ିଶା ସରକାର ୧।୧।୧୯୪୮ରେ ଗଡ଼ଜାତମାନଙ୍କ ଶାସନ ଭାର ଗ୍ରହଣ କରି ପ୍ରତ୍ୟେକ ଗଡ଼ଜାତକୁ ଜଣେ ଆଡ୍‌ମିନିଷ୍ଟ୍ରେଟର ପ୍ରେରଣ କଲେ ଓ ସେମାନଙ୍କର ତତ୍ତ୍ୱାବଧାନ ନିମନ୍ତେ ନୀଳମଣି ସେନାପତିଙ୍କୁ ଚିଫ୍ ଆଡ୍‌ମିନିଷ୍ଟ୍ରେଟର ଭାବରେ ନିଯୁକ୍ତ କଲେ। ପ୍ରାୟ ଦଶ ମାସ ପରେ ଗଡ଼ଜାତଗୁଡ଼ିକୁ ଜିଲ୍ଲାରେ ସଂଗଠିତ କରାଗଲା। ଆଠଗଡ଼, ବଡ଼ମ୍ବା, ନରସିଂହପୁର ଓ ତିଗିରିଆ କଟକ ଜିଲାରେ ମିଶିଲା। ନୟାଗଡ଼, ରଣପୁର, ଦଶପଲ୍ଲା ଓ ଖଣ୍ଡପଡ଼ା ପୁରୀ ଜିଲାରେ ମିଶିଲା। ନୀଳଗିରି ଗଡ଼ଜାତ ଆଗରୁ ବାଲେଶ୍ୱରରେ ମିଶିସାରିଥିଲା। କଟକ ଜିଲାରୁ ଅନୁଗୋଳ ସବ୍‌ଡିଭିଜନକୁ ନେଇ ଢେଙ୍କାନାଳ ଜିଲାରେ ମିଶାଇ ଦିଆଗଲା। ତାଳଚେର, ପାଲଲହଡ଼ା, ଆଠମଲ୍ଲିକ ଓ ହିନ୍ଦୋଳ ଗଡ଼ଜାତ ଢେଙ୍କାନାଳରେ ମିଶିଲା। ମୟୂରଭଞ୍ଜ ଓ କେନ୍ଦୁଝର ଜିଲା ହୋଇ ରହିଲେ। ବଣେଇ ଓ ଗାଙ୍ଗପୁର ମିଶି ସୁନ୍ଦରଗଡ଼ ଜିଲା ହେଲା। ରେଢ଼ାଖୋଲ ଓ ବାମଣ୍ଡା ସମ୍ବଲପୁର ଜିଲାରେ ମିଶିଲା। ବଲାଙ୍ଗୀର ଓ ସୋନପୁର ଗୋଟିଏ ଜିଲା ହେଲା। ସମ୍ବଲପୁର ଜିଲାରୁ ନୂଆପଡ଼ା ସବ୍‌ଡିଭିଜନକୁ ନେଇ କଳାହାଣ୍ଡି ଜିଲାରେ ମିଶାଇ ଦିଆଗଲା। ବୌଦ୍ଧ ଗଡ଼ଜାତ ଫୁଲବାଣୀ ଜିଲାର ଅଂଶ ହୋଇ ରହିଲା। ଏଇପରି ଓଡ଼ିଶାର କଳେବର ୬ ଜିଲାରୁ ୧୩ ଜିଲାକୁ ବୃଦ୍ଧି ପାଇଲା। ପରବର୍ତ୍ତୀ କାଳରେ ୧୯୯୩ ମସିହାରେ ଜିଲା ପୁନର୍ଗଠନ ହୋଇ ୩୦ଟି ଜିଲା ହୋଇଛି।

ମୋଟାମୋଟି ଭାବରେ ଗଡ଼ଜାତ ମିଶ୍ରଣ ଓଡ଼ିଶାବାସୀଙ୍କ ପ୍ରତି ଶୁଭଙ୍କର ହୋଇଅଛି।

ମୋ-୯୯୩୭୪୨୨୫୨୧

# ଅଷ୍ଟ୍ରେଲିଆର ନୂଆ ନେତା

## ବ୍ୟକ୍ତିତ୍ୱ



ସ୍କଟ୍ ଜନ୍ ମୋରିସନ୍

ଅଷ୍ଟ୍ରେଲିଆ ରାଜନୀତିରେ କ୍ଷମତା ଯୁଦ୍ଧ ଅହରହ ଚାଲିଆସିଛି। ଏଇ ଏକ ଦଶନ୍ଧି ମଧ୍ୟରେ ଦେଶ ୬ ଜଣ ପ୍ରଧାନମନ୍ତ୍ରୀଙ୍କୁ ଦେଖି ସାରିଲାଣି। ୨୦୧୮ ଅଗଷ୍ଟ ୨୪ରେ ସ୍କଟ୍ ଜନ୍ ମୋରିସନ୍ ଅଷ୍ଟ୍ରେଲିଆର ନୂଆ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ସ୍କଟ୍‌ଙ୍କ ଦାୟିତ୍ୱ ଗ୍ରହଣ ପରେ ଲିବେରାଲ ପାର୍ଟି ମଧ୍ୟରେ ଦେଖା ଦେଇଥିବା ବିବାଦର ବସ୍ତୁତଃ ଅନ୍ତ ଘଟିଛି ବୋଲି କୁହାଯାଉଛି। ମାଲ୍‌କମ୍ ଟର୍ନବୁଲ୍ ସହଯୋଗୀଙ୍କ ବିରୋଧର ସମ୍ମୁଖୀନ ହୋଇ ଗାଦିଚ୍ୟୁତ ହେବା ପରେ ସ୍କଟ୍ ଆଭ୍ୟନ୍ତରୀଣ ଭୋଟରେ ପୂର୍ବତନ ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରୀ ପିଟର ଡଟନ୍‌ଙ୍କୁ ହରାଇଥିଲେ। ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ହୋଇ ପଡ଼ିଥିବା ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ପଦବୀ ଧାରଣ କରିଥିବାରୁ ଏବେ ସ୍କଟ୍‌ଙ୍କ ବ୍ୟକ୍ତିତ୍ୱ ଆଲୋଚନାକୁ ଆସିଛି।

ସ୍କଟ୍ ୧୯୬୮ ମେ ୧୩ରେ ଅଷ୍ଟ୍ରେଲିଆର ସିଡ୍‌ନୀଠାରେ ଜନ୍ମଗ୍ରହଣ କରିଥିଲେ। ସ୍କଟ୍‌ଙ୍କ ବ୍ୟକ୍ତିଗତ ଜୀବନ ଦେଖିଲେ ତାଙ୍କ ପିତା ଥିଲେ ପୋଲିସ ଅଫିସର ଓ ପରବର୍ତ୍ତୀ ସମୟରେ ମେୟର ହୋଇଥିଲେ। ସ୍କଟ୍ ପିଲା ବେଳେ ଅଭିନୟକୁ ଭଲ ପାଉଥିଲେ। ବିଭିନ୍ନ ଟେଲିଭିଜନ୍ କାର୍ଯ୍ୟକ୍ରମରେ ଭାଗ ନେଇ ଦର୍ଶକଙ୍କ ମଧ୍ୟରେ ପ୍ରଶଂସିତ ହୋଇଥିଲେ। ସିଡ୍‌ନୀ ବଏଜ୍ ହାଇସ୍କୁଲରୁ ପଢ଼ା ଶେଷ କରିବା ପରେ ୟୁନିଭର୍ସିଟି ଅଫ୍ ନ୍ୟୁ ସାଉଥ୍ ୱେଲ୍‌ସରୁ ସେ ଇକୋନୋମିକ୍ ଜୋଗ୍ରାଫି ବିଷୟରେ ଉଚ୍ଚଶିକ୍ଷା ଲାଭ କରିଥିଲେ। କୌତୂହଳର କଥା, ସ୍କଟ୍‌ଙ୍କୁ ଯେତେବେଳେ ୧୬ ବର୍ଷ; ସେତେବେଳେ ଜେନି ୱାରେନ୍‌ଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଯେତେବେଳେ ଉଭୟଙ୍କୁ ୨୧ ବର୍ଷ ହେଲା, ସେମାନେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ସେମାନଙ୍କର ଦୁଇ ଝିଅ ଅଛନ୍ତି।

ସ୍କଟ୍ ଅଭିନୟରେ ସଫଳ ହେବା ପରେ ଚାକିରି କରିବାକୁ ମନ ବଳାଇଥିଲେ। ୧୯୮୯ରୁ ୧୯୯୫ ଯାଏ ପ୍ରପର୍ଟି କାଉନ୍‌ସିଲ୍ ଅଫ୍ ଅଷ୍ଟ୍ରେଲିଆରେ ନ୍ୟାଶନାଲ ପଲିସି ଆଣ୍ଡ ରିସର୍ଚ୍ଚ ମ୍ୟାନେଜର ଭାବେ କାର୍ଯ୍ୟ କରିଥିଲେ। ରାଜନୀତିରେ ପ୍ରବେଶ କରିବା ପୂର୍ବରୁ ୧୯୯୮ରୁ ୨୦୦୦ ଯାଏ ନ୍ୟୁଜଲାଣ୍ଡ ଅଫିସ୍ ଅଫ୍ ଟୁରିଜମ୍ ଆଣ୍ଡ ସ୍ପୋର୍ଟରେ ସେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ସେ ଟୁରିଜମ୍ ଅଷ୍ଟ୍ରେଲିଆରେ ୨୦୦୪ରୁ ୨୦୦୬ ଯାଏ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇଥିଲେ। ତେବେ ୨୦୦୦ରୁ ୨୦୦୪ ମଧ୍ୟରେ ସ୍କଟ୍ ନ୍ୟୁ ସାଉଥ୍ ୱେଲ୍ସ ଲିବେରାଲ ପାର୍ଟିର ଷ୍ଟେଟ୍ ଡାଇରେକ୍ଟର ପଦବୀରେ ଅବସ୍ଥାପିତ ହୋଇଥିଲେ। ଏହିଠାରୁ ତାଙ୍କ ରାଜନୈତିକ ଜୀବନ ଆରମ୍ଭ ହୋଇଥିଲା। ଫଳରେ ସେ ଲୋକପ୍ରତିନିଧି ହେବା ପାଇଁ ନିର୍ବାଚନ ଲଢ଼ିଥିଲେ। ୨୦୦୭ ସଙ୍ଘୀୟ ନିର୍ବାଚନରେ ବିଜୟୀ ହୋଇ ସେ ପ୍ରଥମେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌କୁ ଯାଇଥିଲେ। ୨୦୧୦ ନିର୍ବାଚନ ପରେ ସେ ବିରୋଧୀ ଫ୍ରଣ୍ଟବେଞ୍ଚରେ ନିଯୁକ୍ତ ହୋଇଥିଲେ। ୨୦୧୩ରେ ମେଣ୍ଟ ବିଜୟୀ ହେବା ପରେ ଟୋନି ଆବଟଙ୍କ ସରକାରରେ ସ୍କଟ୍ ମୋରିସନ୍ ଇମିଗ୍ରେଶନ ଆଣ୍ଡ ବର୍ଡର ପ୍ରୋଟେକ୍‌ଶନ୍ ମନ୍ତ୍ରୀ ହୋଇ ପାରିଥିଲେ। କାର୍ଯ୍ୟ ପ୍ରତି ଏକନିଷ୍ଠଭାବ ତାଙ୍କୁ ଉପରକୁ ଉଠିବାରେ ସହାୟକ ହୋଇଥିଲା। ୨୦୧୪ରେ ମନ୍ତ୍ରିମଣ୍ଡଳରେ ହୋଇଥିବା ଅଦଳବଦଳରେ ତାଙ୍କୁ ସାମାଜିକ ସେବା କ୍ଷେତ୍ର ତୁଲାଇବାର ଦାୟିତ୍ୱ ମିଳିଥିଲା। ପୁଣି ୨୦୧୫ରେ ଟୋନି ଆବଟଙ୍କ ସ୍ଥାନରେ ମାଲକମ୍ ଟର୍ନବୁଲ ଦାୟିତ୍ୱ ନେବା ପରେ ସ୍କଟ୍ ଟ୍ରେଜରର୍ ହୋଇଥିଲେ। ୨୦୧୮ ଅଗଷ୍ଟରେ ଟର୍ନବୁଲ୍‌ଙ୍କ ନେତୃତ୍ୱକୁ ପିଟର ଡଟନ୍ ଚ୍ୟାଲେଞ୍ଜ କରିବା ପରେ ଆଭ୍ୟନ୍ତରୀଣ ଭୋଟ୍‌ର ଆବଶ୍ୟକତା ପଡ଼ିଥିଲା। ହେଲେ ସ୍କଟ୍‌ଙ୍କ ମୁଣ୍ଡରେ ପ୍ରଧାନମନ୍ତ୍ରୀଙ୍କ ଶିରପା ଲାଗିଥିଲ। ଜୀବନର ପ୍ରତି ପଦକ୍ଷେପରେ ସଫଳତାର ଶିଡ଼ି ଚଢୁଥିବା ସ୍କଟ୍‌ଙ୍କ ପାଇଁ ଏବର ପଦବୀ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ହୋଇପଡ଼ିଛି। ତାଙ୍କ ଶାସନ ଅଷ୍ଟ୍ରେଲିଆକୁ କିଭଳି ଆଗକୁ ନେବାରେ ସହାୟକ ହେବ, ଭବିଷ୍ୟତରେ ଜଣାପଡ଼ିବ।

–ଜିତେନ୍ଦ୍ର

## ଏଇ ଭାରତରେ

ବିରଳ ଅସ୍ତ୍ରୋପଚାର ଦ୍ୱାରା ଏକ ୭ ମାସର ଶିଶୁକନ୍ୟାର ଜୀବନରକ୍ଷା ହୋଇପାରିଛି। ଆଲିଗଡ ମୁସଲିମ୍ ୟୁନିଭର୍ସିଟିର ଜବାହରଲାଲ୍ ନେହେରୁ ମେଡିକାଲ କଲେଜ୍‌ର ଡାକ୍ତରମାନେ ଦୀର୍ଘ ୪ଘଣ୍ଟା ଅପରେଶନ୍ କରି ଶିଶୁର ଜନ୍ମଗତ ଅସଙ୍ଗତିକୁ ଦୂର କରିପାରିଛନ୍ତି। ଉକ୍ତ ଚିକିତ୍ସକ ଟିମ୍‌ର ନେତୃତ୍ୱ ନେଇଥିଲେ କାର୍ଡିଓଥୋରାସିକ୍ ସର୍ଜନ୍ ମହମ୍ମଦ୍ ହନିଫ୍ ବେଗ୍। ସଫଳ ଅସ୍ତ୍ରୋପଚାର ଦ୍ୱାରା ଆଲଗଡ଼୍‌ର ଜବାନ୍ ଏରିଆର ମାହିରା ନାମ୍ନୀ ଏହି ଶିଶୁକନ୍ୟା ପୁନର୍ଜୀବନ ଲାଭ କରିଛି। ଉକ୍ତ ଶିଶୁର ହାର୍ଟ ଚାମ୍ବର ମଧ୍ୟରୁ ଗୋଟିଏ ବିକଶିତ ହୋଇ ନ ଥିଲା ଏବଂ ତାଙ୍କ ହୃତ୍‌ପିଣ୍ଡରେ ଏକ କଣା ଥିଲା। ଏହାଦ୍ୱାରା ଦୂଷିତ ଓ ବିଶୁଦ୍ଧ ରକ୍ତ ମିଶିଯାଉଥିଲା। ଏଥିପାଇଁ ଶିଶୁଟି ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା ସହିତ ଅନ୍ୟାନ୍ୟ ସମସ୍ୟା ହେଉଥିଲା। ଶୁକ୍ରବାର ଏହି ଅସ୍ତ୍ରୋପଚାର କରାଯାଇଥିବା ବେଳେ ଶିଶୁଟି ବର୍ତ୍ତମାନ ସ୍ୱାଭାବିକ ଜୀବନଯାପନ କରିପାରିବ ବୋଲି ମେଡିକାଲ ସୂତ୍ରରୁ ପ୍ରକାଶ।

### ଚିରନ୍ତନୀ

ସିକତାର ସିକ୍ତ ବାୟୁ ଓଦା କରେ ପତା
ମୋ ବିରହେ ଆଜି ସେ କି ଲୁଚାଇଛି ବ୍ୟାଥା ?
(ବ୍ୟବଧାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୬ ଅଗଷ୍ଟ ୧୯୯୩

- ଭଡା ସମ୍ବନ୍ଧୀୟ ମାମଲାଗୁଡ଼ିକର ଫଇସଲା ପାଇଁ ରାଜ୍ୟସ୍ତରୀୟ ରେଣ୍ଟ ଟ୍ରିବ୍ୟୁନାଲ ଗଠନ ବ୍ୟବସ୍ଥା ଥିବା ଏକ ସମ୍ବିଧାନ ସଂଶୋଧନ ବିଲ୍ ଲୋକ ସଭାରେ ଗୃହୀତ।
- ମଙ୍ଗଳ ଗ୍ରହ ଅଭିମୁଖେ ଯାତ୍ରା କରିଥିବା ଆମେରିକାର ମହାକାଶଯାନ ଅବଜରଭର ମହାକାଶରେ ନିଖୋଜ।

## ପାଠକ ଶ୍ରେଷ୍ଠ ବିଚାରକ

### ଚିଲିକା ବଞ୍ଚାଅ

ମହାଶୟ,
ଧରିତ୍ରୀ (୧୪।୮)ର ସମ୍ପାଦକୀୟ ଅଗ୍ରଲେଖରେ 'ଚିଲିକା ବଞ୍ଚାଅ' ଅଭିଯାନରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ସଚିବଙ୍କୁ ପତ୍ର ଲେଖିବା ପାଇଁ ଆପଣଙ୍କ ପ୍ରସ୍ତାବ ସ୍ୱାଗତଯୋଗ୍ୟ । ମୁଁ ଆଶା କରୁଛି, ଓଡ଼ିଶାର ସଚେତନ ସମସ୍ତ ନାଗରିକ ନିଶ୍ଚିତରେ ଖଣ୍ଡିଏ ପୋଷ୍ଟକାର୍ଡରେ ନିଜର ପ୍ରତିବାଦ ଜଣାଇବେ। ଅନୁରୋଧ, ଧରିତ୍ରୀରେ ଉକ୍ତ ସଚିବଙ୍କ ସମ୍ପୂର୍ଣ୍ଣ ଠିକଣା (ଇଂଲିଶରେ) ପ୍ରକାଶ କରିବେ।

ଅମରେନ୍ଦ୍ର କର, ଗୋପାଳଗାଁ, ବାଲେଶ୍ୱର

ପାଠକଙ୍କ ଆଗ୍ରହ ଦେଖି ଠିକଣା ପ୍ରଦାନ କରାଗଲା।

Rajiv Nayan Choubey, IAS
Civil Aviation Secretary,
Rajiv Gandhi Bhawan,
Block-B, Safdarjung Airport Area,
Vasant Vihar, New Delhi,
PIN-110057

### ଅନାବଶ୍ୟକ ବିଧାନ ପରିଷଦ

ଅଦ୍ୟାବଧି ଓଡ଼ିଶା ଏକ ଗରିବ ରାଜ୍ୟ ହୋଇ ରହିଛି। ନଗଡାର ଅପପୁଷ୍ଟିଜନିତ ଶିଶୁମୃତ୍ୟୁ ଏବଂ ନବରଙ୍ଗପୁର ଜିଲ୍ଲାରେ ଖାଦ୍ୟାଭାବରୁ ଆମ୍ବଟାକୁଆ ଖାଇ ଲୋକମାନେ ଅକାଳ ମୃତ୍ୟୁ ଲଭିବା ଘଟଣା ଦାରିଦ୍ର୍ୟର ନଗ୍ନ ଉଦାହରଣ। ଏହାଛଡ଼ା ରାଜ୍ୟର ଗରିବ କୃଷିଶ୍ରମିକ, ଭାଗଚାଷୀ ତଥା କ୍ଷୁଦ୍ର ଓ ନାମମାତ୍ର ଚାଷୀ ଫସଲହାନି ଏବଂ ଋଣବୋଝ ସହି ନ ପାରି ଆତ୍ମହତ୍ୟା କରୁଛନ୍ତି। ରାଜ୍ୟ ମଧ୍ୟରେ କାମଧନ୍ଦା ନ ପାଇ ବାହାର ରାଜ୍ୟ ଏବଂ ବିଦେଶକୁ ଦାଦନ ଖଟିବାକୁ ଯାଉଥିବା ଗରିବ ଶ୍ରମିକ ଓ ଶିକ୍ଷିତ ବେକାରଙ୍କ ନିର୍ଯାତନା ଏବଂ ଅପମୃତ୍ୟୁ ଘଟଣା ବିଷୟରେ ରାଜ୍ୟ ସରକାର ଅବଗତ ଅଛନ୍ତି। ଯେଉଁ ରାଜ୍ୟରେ ବିଧାନସଭା ଠିକ୍‌ଭାବରେ ଚାଲିପାରେ ନାହିଁ ଏବଂ ଅଧିବେଶନକୁ ନିର୍ଦ୍ଧାରିତ ସମୟ ପୂର୍ବରୁ ବନ୍ଦ କରି ଦିଆଯାଏ, ସେଠାରେ କ'ଣ ପାଇଁ ବାର୍ଷିକ ୩୫ କୋଟି ଟଙ୍କା ବ୍ୟୟ ଅଟକଳରେ ବିଧାନ ପରିଷଦ ଗଠନ କରାଯିବ? ୪୯ ଜଣଙ୍କ ସ୍ୱାର୍ଥ ପାଇଁ ଓଡିଶାର କୋଟି କୋଟି ଗରିବ ଲୋକଙ୍କ ସ୍ୱାର୍ଥକୁ ଉପେକ୍ଷା କରାଯିବା ଯଥାର୍ଥ କି? ରାଜ୍ୟର ଋଣଭାର ଦିନକୁ ଦିନ ବଢି ଚାଲିଛି ଏବଂ ବିଧାନ ପରିଷଦ ଗଠନ ହେଲେ ଏହା ଆହୁରି ବଢିବ। ବର୍ତ୍ତମାନ ରାଜ୍ୟର ଋଣଭାର ପ୍ରାୟ ୯୩ ହଜାର କୋଟି ଟଙ୍କା, ଯାହାକି ଉଦ୍‌ବେଗଜନକ। ସୁତରାଂ ସରକାର ବିଧାନ ପରିଷଦ ଗଠନରୁ ନିବୃତ୍ତ ରହି ସେହି ୩୫ କୋଟି ଟଙ୍କାକୁ ରାଜ୍ୟର ୩୫୦୦ ପ୍ରକୃତ ଗରିବ ଏବଂ ନିଃସହାୟ ଲୋକଙ୍କ ମଧ୍ୟରେ ବାଣ୍ଟି ଦେଲେ ତାହା ନିଶ୍ଚିତ ଗରିବତାରଣ ନୀତିର ଉଦାହରଣ ସୃଷ୍ଟି କରିବ।

–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ତିହିଡି, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



“ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ

■ ଏମ୍ସ ସାଟେଲାଇଟ୍ ସେଣ୍ଟର ଲାଗି ଶିଳାନ୍ୟାସ

# ‘ବିକାଶରେ ଯୋଡ଼ିହେଲା ସ୍ୱର୍ଣ୍ଣିମ ଅଧ୍ୟାୟ’

ବାଲେଶ୍ୱର ଅଫିସ/ରେମୁଣା, ୨୫।୮(ଡି.ଏନ.ଏ.)

ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ର ଉପକେନ୍ଦ୍ର ଭାବେ ବାଲେଶ୍ୱରଠାରେ ପ୍ରସ୍ତାବିତ ସାଟେଲାଇଟ୍ ସେଣ୍ଟର ପ୍ରତିଷ୍ଠା ଲାଗି ଶନିବାର ଅପରାହ୍ନରେ ଶିଳାନ୍ୟାସ କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଏବଂ କେନ୍ଦ୍ର ପେଟ୍ରୋଲିୟମ୍ ଓ ଦକ୍ଷତା ବିକାଶ ବିଭାଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଭିତ୍ତିପ୍ରସ୍ତର ସ୍ଥାପନ କରି ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇଥିଲେ। କୌଣସି କାମ ଏକକାଳୀନ ଶେଷ ହୋଇପାରେ ନାହିଁ। ପର୍ଯ୍ୟାୟକ୍ରମେ କରିବାକୁ ପଡିଥାଏ। ବାଲେଶ୍ୱରଠାରେ ଏହି ସେଣ୍ଟର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଲୋକଙ୍କୁ ଉତ୍ତମମାନର ଚିକିତ୍ସା ସେବା ଯୋଗାଇ ଦିଆଯିବ। ରାଜନୀତିଠାରୁ ଏହାକୁ ଉର୍ଦ୍ଧ୍ୱରେ ରଖି କାର୍ଯ୍ୟ କରାଯିବ। ଏଠାରେ ଏମ୍ସ ସାଟେଲାଇଟ ସେଣ୍ଟର ସ୍ଥାପନ ବିକାଶ କ୍ଷେତ୍ରରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ନଡ୍ଡା ବକ୍ତବ୍ୟରେ କହିଥିଲେ।

ସାଢେ ୪ ବର୍ଷ ଶାସନକାଳ ମଧ୍ୟରେ କେନ୍ଦ୍ରରେ ଏନଡିଏ ସରକାର ପୂର୍ବ ପ୍ରସ୍ତାବିତ ଏହି ସେଣ୍ଟର ନିର୍ମାଣ କାର୍ଯ୍ୟ କରିପାରି ନ ଥିବାରୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। କେନ୍ଦ୍ରମନ୍ତ୍ରୀ ନଡ୍ଡାଙ୍କ ଭାଷଣରେ ଏହି ସମାଲୋଚନାର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ବାଲେଶ୍ୱର ଜିଲାର ଅନ୍ୟ ବିଧାୟକମାନଙ୍କର ଅନୁପସ୍ଥିତି ବାରି ହୋଇପଡିଥିଲା। ବାଲେଶ୍ୱର ସଦର ୧୬ନଂ ଜାତୀୟ ରାଜପଥ ନିକଟସ୍ଥ ରେମୁଣା ବ୍ଲକ ବାମପଦାଠାରେ ସାଟେଲାଇଟ୍ ସେଣ୍ଟର ନିର୍ମାଣ ଲାଗି ରାଜ୍ୟ ସରକାର ଯୋଗାଇ ଦେଇଥିବା ୨୫ ଏକର ଜମିରେ ଏହି ସେଣ୍ଟର ନିର୍ମାଣ କରାଯିବ। ଉକ୍ତ ଏମ୍ସ ପଡ଼ିଆ ପରିସରରେ ଆୟୋଜିତ ସଭାରେ କେନ୍ଦ୍ରମନ୍ତ୍ରୀ ନଡ୍ଡା କେନ୍ଦ୍ରସରକାରଙ୍କର ‘ଆୟୁଷ୍ମାନ ଭାରତ ଯୋଜନା’ ଉପରେ ଆଲୋକପାତ କରି ରାଜ୍ୟ ସରକାର ‘ଆଧାର’ ଆଳରେ ଏହାକୁ ରାଜନୀତୀକରଣ କରିବା ଦୁଃଖର ବିଷୟ ବୋଲି ପ୍ରକାଶ କରିଥିଲେ। ଉକ୍ତ ଯୋଜନାରେ ସାଧାରଣ ଲୋକେ ୫ଲକ୍ଷ ଟଙ୍କା ଲେଖାଏଁ ସ୍ୱାସ୍ଥ୍ୟବୀମା ସୁବିଧା ପାଇ ପାରିବେ। ବାଲେଶ୍ୱରବାସୀ ବମ୍ବେ, ଦିଲ୍ଲୀ, ଚେନ୍ନାଇ, କୋଲକାତା ଭଳି ସହରରେ ରହୁଥିଲେ ମଧ୍ୟ ଯୋଜନାର ସୁଫଳ ଓ ସ୍ୱାସ୍ଥ୍ୟସେବା ପାଇପାରିବେ। ଆଧାର ସହ ସେବାକୁ ଲିଙ୍କ୍ କରାଗଲେ ଅନ୍ୟ ପରିଚୟ ଆବଶ୍ୟକ ପଡିବ ନାହିଁ। ଓଡିଶାରେ ୯୩ ପ୍ରତିଶତ ଲୋକ ଆଧାର ସହିତ ଯୋଡ଼ି ହୋଇ ରହିଛନ୍ତି ବୋଲି ସେ କହିଥିଲେ। ଏହି ଅବସରରେ ପ୍ରତି ତିନି ସଂସଦୀୟ କ୍ଷେତ୍ରରେ ଗୋଟିଏ ମେଡିକାଲ କଲେଜ ଏବଂ ପ୍ରତି ରାଜ୍ୟରେ ଗୋଟିଏ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଲାଗି ମନ୍ତ୍ରାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ମୋଟ ୨୪ ନୂଆ ମେଡିକାଲ କଲେଜ ହେବ। ଏଥିମଧ୍ୟରେ ଭଦ୍ରକ, ଯାଜପୁର ଏବଂ ଢ଼େଙ୍କାନାଳ ସଂସଦୀୟ କ୍ଷେତ୍ରରେ ଗୋଟିଏ ଲେଖାଏ ମେଡିକାଲ କଲେଜ ହେବ। ସେହିପରି କଟକ, ବ୍ରହ୍ମପୁର ଓ ବୁର୍ଲା ମେଡିକାଲ କଲେଜରେ ସୁପର ସ୍ପେଶାଲିଟି ବ୍ଲକ ପାଇଁ ୫୬୦ କୋଟି ଟଙ୍କାର ବ୍ୟୟବରାଦ ହୋଇଛି ବୋଲି ସେ ସୂଚନା ଦେଇଥିଲେ।

କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ପ୍ରଧାନ ସଭାରେ ଉଦ୍‌ବୋଧନ ଦେଇ କହିଥିଲେ, ଏମ୍ସ ସାଟେଲାଇଟ୍ ସେଣ୍ଟର ସ୍ୱାସ୍ଥ୍ୟସେବାରେ ନୂଆ ଆନ୍ଦୋଳନ ସୃଷ୍ଟି କରିବ। ପରେ ଏହାକୁ ୩ଶହ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶିଆଲିଟି ହସ୍‌ପିଟାଲରେ ପରିଣତ କରାଯିବ। ଏହି ଅବସରରେ ପେଟ୍ରୋଲ ଦର ବୃଦ୍ଧିର କାରଣ ଉପରେ ଟିପ୍ପଣୀ ଦେଇ ବକ୍ତବ୍ୟ ସୁଲଭ ଢଙ୍ଗରେ ସେ କହିଥିଲେ, ‘ମୁଁ ନରେନ୍ଦ୍ର ମୋଦିଙ୍କ ହନୁମାନ। ମୋ ଲାଙ୍ଗୁଡ଼ରେ ନିଆଁ ଲଗାଅ ନାହିଁ। ଆୟୁଷ୍ମାନ ଯୋଜନା ଦେଶର ଗରିବଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସବୁଠୁ ବଡ ଯୋଜନା। ଏହାକୁ ରାଜ୍ୟ ପକ୍ଷରୁ ବିରୋଧ କରାଯିବା ଚିନ୍ତାର ବିଷୟ।’

ଶିଳାନ୍ୟାସ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ (ଆଇଟିଆର୍) ନିର୍ଦ୍ଦେଶକ ବିନୟ କୁମାର ଦାସ, କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ସୁନୀଲ କୁମାର ଶର୍ମା, ଉପସଚିବ ପ୍ରଦୀପ କୁମାର ରାୟ, ପୂର୍ବତନ ସଚିବ ସନ୍ଦୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱର ଏମ୍ସ ଶାଖା ନିର୍ଦ୍ଦେଶିକା ଡା. ଗୀତାଞ୍ଜଳି ସ୍ୱାଗତ ଭାଷଣ ଦେଇଥିଲେ। ସେ ମଧ୍ୟ ଅତିଥିମାନଙ୍କୁ ଉତ୍ତରୀୟ ଏବଂ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ। ଏମ୍ସର କର୍ମଚାରୀ ସୁବ୍ରତ ପତି ମଞ୍ଚ ପରିଚାଳନା କରିଥିଲେ।



ଏମ୍ସ ସାଟେଲାଇଟ୍ ସେଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଉପସ୍ଥିତ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ରବୀନ୍ଦ୍ର ଜେନା ଓ ରେମୁଣା ବିଧାୟକ ଗୋବିନ୍ଦ ଦାସ।

- ‘ଆୟୁଷ୍ମାନ ଭାରତ ଯୋଜନା’ ପ୍ରସଙ୍ଗ ଉଠାଇଲେ ନଡ୍ଡା
- ଭଦ୍ରକ, ଯାଜପୁର, ଢେଙ୍କାନାଳରେ ହେବ ମେଡିକାଲ କଲେଜ
- କଟକ, ବ୍ରହ୍ମପୁର, ବୁର୍ଲା ମେଡିକାଲ କଲେଜରେ ସୁପର ସ୍ପେଶିଆଲିଟି ବ୍ଲକ ଲାଗି ବ୍ୟୟବରାଦ
- ଧର୍ମେନ୍ଦ୍ର କହିଲେ, ‘ମୁଁ ନରେନ୍ଦ୍ର ମୋଦିଙ୍କ ହନୁମାନ, ଲାଙ୍ଗୁଡ଼ରେ ନିଆଁ ଲଗାଅ ନାହିଁ’

## ସଂକ୍ଷେପରେ

### ଋଣବୋଝ ସହି ନ ପାରି ଭାଗଚାଷୀଙ୍କ ଆତ୍ମହତ୍ୟା

**ବୁର୍ଲା/ବରଗଡ ଅଫିସ, ୨୫।୮-** ଋଣବୋଝ ସହି ନ ପାରି ବରଗଡ ଜିଲା ସଦର ଥାନା ଅନ୍ତର୍ଗତ ଡୁମେରପାଲି ଗ୍ରାମର ଭାଗଚାଷୀ ଜଗଦୀଶ ପାଣ୍ଡେ (୬୦) ବିଷପିଇ ଆତ୍ମହତ୍ୟା କରିଛନ୍ତି । ବୁର୍ଲା ପୋଲିସ ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୭୧୪/୧୮) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁସାରେ, ଜଗଦୀଶ ଭାଗ ଚାଷ କରିଥିବା ବେଳେ ଏଥିପାଇଁ ଲୋକଙ୍କଠାରୁ ଧାର କରଜ କରିଥିଲେ। ଗତ ରବି ଫସଲ ନଷ୍ଟ ହୋଇଯିବାରୁ ସେ ମାନସିକ ଅବସାଦ ମଧ୍ୟରେ ରହିଆସୁଥିଲେ। ଋଣ ପରିଶୋଧ କିଭଳି କରିବେ ସେ ନେଇ ଚିନ୍ତିତ ହୋଇପଡି ଗତ ୧୭ ତାରିଖ ରାତିରେ ବିଷ ଖାଇ ଦେଇଥିବା ମୃତକଙ୍କ ପୁଅ ରାକେଶ ପାଣ୍ଡେ ଅଭିଯୋଗ କରିଛନ୍ତି । ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି । ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।



### ୬ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ରେଢ଼ାଖୋଲ,୨୫।୮(ସ୍ୱ.ପ୍ର.)-** ବେଆଇନ ଗଞ୍ଜେଇ ଚୋରା ଚାଲାଣ ନେଇ ସମ୍ବଲପୁର ଜିଲା ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ହୋଇଛି। ଶନିବାର ନାକଟୀଦେଉଳ ବ୍ଲକ ବାଟଗାଁ ପଞ୍ଚାୟତ ଭାଲୁଗାଡ଼ିଆ ଗ୍ରାମରେ ହୋଇଥିବା ଏହି ଚଢ଼ାଉରେ ୬ କେଜି ଗଞ୍ଜେଇ ଜବତ ସହ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେ ହେଲେ ସେହି ଗ୍ରାମର ଜଗତ ନାଏକ (୫୮)। ଶନିବାର ସକାଳେ ଗଞ୍ଜେଇ ଚୋରାରେ ଚାଲାଣ ହେଉଥିବା ଖବର ପାଇ ରେଢ଼ାଖୋଲ ଅବକାରୀ ସବଇନ୍ସପେକ୍ଟର ଦିପ୍ତୀମୟୀ ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏ ସଂକ୍ରାନ୍ତରେ ଏକ ଅବକାରୀ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

### ସଡକ ଦୁର୍ଘଟଣା, ଜଣେ ମୃତ

**ପଡିଆବାହାଲ,୨୫।୮(ଡି.ଏନ.ଏ.)-** ସମ୍ବଲପୁର ଜିଲା ପଡ଼ିଆବାହାଲ ଖଲିଆପାଲି ଛକ ନିକଟରେ ଦୁର୍ଘଟଣା ଘଟିଛି। ଏଥିରେ କୁସନପୁରୀ ଗିରିପାଲି ଅଞ୍ଚଳର ଶ୍ରବଣ ପତି (୫୦)ଙ୍କ ଜୀବନ ଯାଇଛି। ବାହାମ ସେବା ସମବାୟ ସମିତିର ଭାଇସ ପ୍ରେସିଡେଣ୍ଟ ସୌଦାମିନୀ ତ୍ରିପାଠୀଙ୍କ ସ୍ୱାମୀ ଶ୍ରବଣ ସାଇକେଲରେ ଘରକୁ ଫେରୁଥିଲାବେଳେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ସେ ଲହୁଲୁହାଣ ହୋଇଥିଲେ। ଖବର ପାଇ ସ୍ଥାନୀୟ ଲୋକଙ୍କ ସହାୟତାରେ ସୋସାଇଟି ସଭାପତି ଅଶୋକ ପୁରୋହିତ ତାଙ୍କୁ ଉଦ୍ଧାର କରି ସଦର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ଶବ ବ୍ୟବଚ୍ଛେଦ କରାଯିବ।



ଜମନକିରା ମହାବିଦ୍ୟାଳୟରେ ଶିଳ୍ପଭିତ୍ତିକ ସଚେତନତା କାର୍ଯ୍ୟକ୍ରମ।

■ ଜମନକିରା ମହାବିଦ୍ୟାଳୟରେ ଶିଳ୍ପଭିତ୍ତିକ ସଚେତନତା କାର୍ଯ୍ୟକ୍ରମ

## ରଶ୍ମିତା ପଣ୍ଡା ସଫଳ ଉଦ୍ୟୋଗୀ ସମ୍ମାନିତ

ଜମନକିରା,୨୫।୮(ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ମହାବିଦ୍ୟାଳୟରେ ଶନିବାର ଶିଳ୍ପଭିତ୍ତିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ.ବସନ୍ତ କୁମାର ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ନାଏକ ମୁଖ୍ୟ ଅତିଥି, ଆଞ୍ଚଳିକ ଶିଳ୍ପ କେନ୍ଦ୍ର ସମ୍ବଲପୁରରୁ ଯୁଗ୍ମ ନିର୍ଦ୍ଦେଶକ ସାହା ଗଣ୍ଡ, ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ସାରଦା ସିଂ ବରିହା, ସହ କୃଷି ଅଧିକାରୀ ରମେଶ କୁମାର ପଟେଲ, କୁଟିର ଶିଳ୍ପ ସହ-ପରିଚାଳକ ବିନୟ କୁମାର ବହିଦାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଅଧ୍ୟାପକ ଢ଼ୋଲାମଣୀ ମେହେର ସ୍ୱାଗତ ଭାଷଣ, କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଖର୍ସନମାଲ ପଞ୍ଚାୟତ ଟାଙ୍ଗରପାଲି ଗାଁର ରଶ୍ମିତା ପଣ୍ଡାଙ୍କୁ ସଫଳ ଉଦ୍ୟୋଗୀ ଭାବେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ମୁଖ୍ୟଅତିଥି ସମ୍ମାନୀତ କରିଥିଲେ। ଯୁକ୍ତ ୩ ବିଭାଗର ଅଧ୍ୟକ୍ଷ ଅରୁଣ କୁମାର ପଟେଲ, ପ୍ରଧାପକ ଡ. କୃପାଶଙ୍କର ନାଥ, ପ୍ରଧାପିକା ସୁଷମା ପଟ୍ଟନାୟକ, ଅଧ୍ୟାପକ ପ୍ରଶାନ୍ତ ନାୟକ, ରମେଶ ଚନ୍ଦ୍ର ରାଉତ, ଡ. ତୃପ୍ତି ମିଶ୍ର, ଅରୁଣା ମିଶ୍ର, ପ୍ରଦୀପ କୁମାର ପଣ୍ଡା, ଅଧ୍ୟାପିକା ଡ. ଶିବାନୀ ବେହେରା, ନିବେଦିତା ସାହୁ, ଅର୍ଚ୍ଚନା ରାଉତ, କଲ୍ୟାଣୀ ସାହୁ, ଦିପ୍ତିମୟୀ ବିଶ୍ୱାଳ, ତୃପ୍ତିମୟୀ ମଲ୍ଲିକ, ଚନ୍ଦ୍ରିକା ସାହୁ, କୁଣ୍ଡଳୀ ମହାନନ୍ଦ, ସୁପର୍ଣ୍ଣା ପଟ୍ଟନାୟକ, ସୀମରନ ସିଂଦେଓ, ଚେତନା ଗଡ଼ତିଆ, ଶିବପ୍ରସାଦ ଘୋଷ, ସତ୍ୟନାରାୟଣ ପଟ୍ଟନାୟକ, ସ୍ୱାଗତ ତ୍ରିପାଠୀ, ପ୍ରୀତମ ସେଠ, ପିଇଟି ରଞ୍ଜନ ମହାକୁଳ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ କଲେଜର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ପରିଚାଳନାରେ ସହଯୋଗ କରିଥିଲେ। ସଭା କାର୍ଯ୍ୟ ଶେଷରେ ଶିଳ୍ପ ବିକାଶ ଅଧିକାରୀ ଦିନବନ୍ଧୁ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଲଗାଣ ବର୍ଷାରେ ଭାଙ୍ଗିଲା ଘର, ଉଜୁଡ଼ିଲା ଫସଲ

ନାକଟିଦେଉଳ,୨୫।୮(ଡି.ଏନ.ଏ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅଞ୍ଚଳରେ ଶୁକ୍ରବାର ରାତିରେ ହୋଇଥିବା ଲଗାଣ ବର୍ଷାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଧାନ କ୍ଷେତରେ ଘାଇ ଚାଷୀଙ୍କୁ ଚିନ୍ତାରେ ପକାଇଛି। ରାତି ପ୍ରାୟ ୯ଟାରୁ ଶନିବାର ସକାଳ ୬ ଯାଏଁ ଅବିଶ୍ରାନ୍ତ ମୁଷଳ ଧାରାରେ କଳାମେଘ ବର୍ଷି ଥିଲା। ଏହାର ପ୍ରଭାବରେ ବ୍ଲକ ଶିମିଳିପାଳ ଗ୍ରାମର ସାର୍ତ୍ତିକ ପ୍ରଧାନ ଏବଂ କୃଷ୍ଣ ଜାଲଙ୍କର ଘର ଏବଂ କାନ୍ଥ ଭୁଶୁଡ଼ି ପଡ଼ିଛି। ଏପରି କି ଶିମିଳିପାଳ କେନ୍ଦୁପତ୍ର ରେଞ୍ଜ୍ କାର୍ଯ୍ୟାଳୟର ପାଚେରି ମଧ୍ୟ ଭାଙ୍ଗିଛି। ଏ ନେଇ ଶନିବାର କ୍ଷତିଗ୍ରସ୍ତ ଲୋକେ ଡଇଁଚା ରାଜସ୍ୱ ଅଧିକାରୀଙ୍କୁ ଭେଟିଛନ୍ତି। ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

## ସାର୍ବଜନୀନ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ରେଙ୍ଗାଲି,୨୫।୮(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଠେଲକଲୋଇ ସାର୍ବଜନୀନ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଠେଲକଲୋଇସ୍ଥିତ ଦୁର୍ଗା ମଣ୍ଡପଠାରେ ଗ୍ରାମବାସୀଙ୍କ ଉପସ୍ଥିତିରେ ଦୁର୍ଗାପୂଜା କମିଟି ସଭାପତି ମନୋଜ କୁମାର ନାଥଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ସର୍ବସମ୍ମତିକ୍ରମେ ନୂତନ କମିଟି ଗଠନ କରାଯାଇଛି। ନୂତନ ସଭାପତି ଭାବେ ସନ୍ତୋଷ କୁମାର ନାଥ, ତରୁଣ ତ୍ରିପାଠୀ ଉପସଭାପତି, ପୂର୍ଣ୍ଣଚନ୍ଦ୍ର ନାଥ ସାଧାରଣ ସମ୍ପାଦକ, ଚିନ୍ମୟ କୁମାର ନାଥ କୋଷାଧ୍ୟକ୍ଷ, ସତ୍ୟନ୍ଦ୍ର ନାଥ ସହ କୋଷାଧ୍ୟକ୍ଷ, ଧର୍ମେନ୍ଦ୍ର କୁମାର ନାଥ ଅଡିଟର, ଆଶୁତୋଷ ପାଣି ସହ ଅଡିଟର ମନୋନୀତ ହୋଇଛନ୍ତି।



ଠେଲକଲୋଇସ୍ଥିତ ଦୁର୍ଗା ମଣ୍ଡପଠାରେ ଆୟୋଜିତ ବୈଠକ।




ଦଶାହ କାର୍ଯ୍ୟକ୍ରମରେ ମୁଣ୍ଡନ ହୋଇଥିବା ଦଳୀୟ କର୍ମୀ।

## ବାଜପେୟୀଙ୍କ ଦଶାହ କର୍ମରେ ତିଳତର୍ପଣ

■ ମୁଣ୍ଡନ ହେଲେ ୧୮ ଦଳୀୟ କର୍ମୀ

ନାକଟିଦେଉଳ,୨୫।୮(ଡି.ଏନ.ଏ.)

ବିଶିଷ୍ଟ ଜନନାୟକ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ଦଶାହ କ୍ରିୟା କର୍ମ ସମ୍ବଲପୁର ନାକଟିଦେଉଳ ବ୍ଲକ୍‌ରେ ପାଳିତ ହୋଇଛି। ପାରମ୍ପରିକ ରୀତିନୀତିରେ କ୍ରିୟାକର୍ମ ସମ୍ପାଦିତ ହୋଇଛି। ବ୍ଲକ୍ ଭାଜପା ପକ୍ଷରୁ ସ୍ଥାନୀୟ ହାଟପଦାଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ପରିଷଦ ସଭ୍ୟ ତଥା ନାକଟିଦେଉଳ ମଣ୍ଡଳ ସଭାପତି ପ୍ରମୋଦ ସାହୁ, ଯୁବ ମୋର୍ଚ୍ଚା ସଭାପତି ଦୀପକ ସାହୁ, ପ୍ରମୋଦ ମାଝୀ, ସ୍ୱଦେଶ ରଞ୍ଜନ ପ୍ରଧାନ, ପୁରନ୍ଦର ଧଳ, ଝସକେତନ ବେହେରା, ହରିହର ସାହୁ, ପ୍ରଶାନ୍ତ ଦାସ, ଆର୍ତ୍ତ ସାହୁଙ୍କ ସମେତ ୧୮ ଦଳୀୟ କର୍ମୀ ମୁଣ୍ଡନ ହୋଇ ନିକଟସ୍ଥ ଟିକିରା ଏବଂ ଚମ୍ପାଳି ନଦୀର ସଙ୍ଗମସ୍ଥଳରେ ବୁଡ ପକାଇଥିଲେ। ପରେ ତିଳତର୍ପଣ କରିଥିଲେ।

ଶନିବାର ମଧ୍ୟାହ୍ନରେ ସ୍ୱର୍ଗତ ବାଜପେୟୀଙ୍କ ଚିତାଭସ୍ମକୁ ଧରି ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେରା, ଉପସଭାପତି ସମର ପ୍ରଧାନ, ରାଜ୍ୟକାରିଣୀ ସଦସ୍ୟ ଗୋବିନ୍ଦ ଅଗ୍ରୱାଲ, ରେଢ଼ାଖୋଲ ବିଧାନ ସଭା ନିର୍ବାଚନ ମଣ୍ଡଳୀର ଦଳୀୟ ପ୍ରଭାରୀ ସୀମାଞ୍ଚଳ ଖଟେଇ ଏଠାରେ ପହଞ୍ଚିଥିଲେ। ଦଳୀୟ କର୍ମୀ ଏବଂ ଜନସାଧାରଣ ବସଷ୍ଟାଣ୍ଡଠାରୁ ହାଟପଦା ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରାରେ ସେମାନଙ୍କୁ ପାଛୋଟି ନେଇଥିଲେ। ଉପସ୍ଥିତ ଜନସାଧାରଣ ପୁଷ୍ପମାଲ୍ୟ ଅର୍ପଣ କରି ଚିତାଭସ୍ମକୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ଶତାଧିକ ଲୋକଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ରୁଦ୍ରନାରାୟଣ ଶତପଥି ପୁରୋହିତ ଭାବେ ଯୋଗଦେଇ ଦଶାହ ହୋମ କାର୍ଯ୍ୟ କରିଥିଲେ। ମୁଣ୍ଡନ ହୋଇଥିବା ଲୋକଙ୍କୁ ଶୁଦ୍ଧ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିସିଣ୍ଡା ମଣ୍ଡଳ ସଭାପତି ନେତ୍ରାନନ୍ଦ ରାଉଳ, କୁମାରେଶ ସ୍ୱାଇଁ, ସୁଜିତ ପ୍ରଧାନ, ଦେବାର୍ଚ୍ଚନ ସାହୁ, ଯଜ୍ଞେଶ୍ୱର ସାହୁ, ବିଜୟାନନ୍ଦ ପ୍ରଧାନଙ୍କ ସମେତ ବିଭିନ୍ନ ବର୍ଗର ଜନ ସାଧାରଣ ଓ ଦଳୀୟ କର୍ମୀ କାର୍ଯ୍ୟକ୍ରମରେ ଯୋଗଦାନ କରି ସ୍ୱର୍ଗତ ବାଜପେୟୀଙ୍କ ପ୍ରତି ଶ୍ରଦ୍ଧାସୁମନ ଜ୍ଞାପନ କରିବା ସହ ତାଙ୍କର ଜୀବନଚର୍ଯ୍ୟା କରିଥିଲେ।

## ଏ ସପ୍ତାହର ପ୍ରଶ୍ନ

୧- ଗୁଣୀ କି ଗୁଣ ଚିହ୍ନେ ଧୂଆଁ ପତରକୁ ମୁଣି ଚିହ୍ନେ, ପୁରୁଣା.......... ?
୨- ଏସିଆନ୍ ଗେମ୍‌ରେ କୁସ୍ତିରେ ଭାରତ ପାଇଁ ସ୍ୱର୍ଣ୍ଣ ଜିତିଥିବା ପ୍ରଥମ ମହିଳା ଖେଳାଳି....... ?
୩- କୋଫି ଆନନ୍ ଆଫ୍ରିକୀୟ ଦେଶ.......ଠାରେ ଜନ୍ମ ଗ୍ରହଣ କରିଥିଲେ ?
୪- କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୧୪ ମସିହାଠାରୁ.......... ଙ୍କ ଜନ୍ମ ଦିବସକୁ ଗୁଡ୍ ଗଭର୍ନାନ୍ସ ଡେ' ଭାବେ ପାଳନ କରାଯାଇ ଆସୁଛି ?
୫- ଭାରତୀୟ ମହିଳା କ୍ରିକେଟ୍ ଟିମ୍‌ର ବର୍ତ୍ତମାନ କୋଚ୍....... ?

## ଗତ ସପ୍ତାହର ଉତ୍ତର

୧- ଆନୀ ଯାୟିଦି
୨- ସେଫ୍ ସ୍ପେସେସ୍ ଫର୍ ୟୁଥ୍
୩- ରାଜସ୍ଥାନ
୪- ତାହିରା ସଫ୍‌ଦାର
୫- ଓଡ଼ିଶା

## ଉତ୍ତରଦାତା


ସ୍ମରଣିକା ଷଡ଼ଙ୍ଗୀ, କେନ୍ଦୁଝର


ସଞ୍ଜୟ ଦଳାଇ, ଭଦ୍ରକ


କ୍ଷୀରୋଦ ସାହୁ, କେନ୍ଦୁଝର

ବିଦ୍ର: ଉତ୍ତର ଲେଖି ଫଟୋ ସହ ନିମ୍ନ ଠିକଣାରେ ପଠାନ୍ତୁ। ଉତ୍ତର ସମ୍ପୂର୍ଣ୍ଣ ଠିକ୍ ହେଲେ ନାମ ସହ ଫଟୋ ଏହି ପୃଷ୍ଠାରେ ପ୍ରକାଶ ପାଇବ।
- ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା : dharitriagamiasha@gmail.com

# ହାଇଟେକ୍ ରାଖୀ



ଆଜି ହେଉଛି ରକ୍ଷା ବନ୍ଧନ। ଅର୍ଥାତ୍ ଭଉଣୀ ନିଜ ଭାଇର ମଙ୍ଗଳ ମନାସୀ ତା' ହାତରେ ବାନ୍ଧିଦିଏ ରକ୍ଷାକବଚ ସ୍ୱରୂପ ରାଖୀଟିଏ, ଆଉ ପ୍ରତିବଦଳରେ ଭାଇ ବି ସାରା ଜୀବନ ସବୁ ବିପଦ ଆପଦରୁ ଭଉଣୀକୁ ସୁରକ୍ଷିତ ରଖିବାର ଦିଏ ପ୍ରତିଶ୍ରୁତି। ଦିନ ଥିଲା ଏହି ପର୍ବରେ ପାଠ ପଢ଼ା, ଜବ୍ କିମ୍ବା ଅନ୍ୟାନ୍ୟ କାର୍ଯ୍ୟରେ ବାହାରେ ରହୁଥିବା ଭାଇ କିମ୍ବା ଭଉଣୀଙ୍କ ସହ ପ୍ରତିବର୍ଷ ହୋଇପାରୁ ନ ଥିଲା ଦେଖା। ଯେଉଁଥିଲାଗି ନିର୍ଭର କରିବାକୁ ପଡୁଥିଲା ପୋଷ୍ଟାଲ୍ ଉପରେ। କେତେବେଳେ ଠିକ୍ ସମୟରେ ରାଖୀ ମିଳି ଯାଉଥିଲା ତ କେବେ ଅପେକ୍ଷାରେ ସରିଯାଉଥିଲା ପୂର୍ଣ୍ଣମୀ, ଆଉ ଭାଇର ହାତ ରହିଯାଉଥିଲା ଖାଲି। ସେହିପରି ଭାଇର ପ୍ରତି ଉପହାରଟି ବି ଭଉଣୀ ପାଖେ ଯଥା ସମୟରେ ପହଞ୍ଚିବା ଅନେକ ସମୟରେ ହୋଇ ଯାଉଥିଲା ମୁସ୍କିଲ୍। ହେଲେ ଏବେ ସେ ସମୟ ଆଉ ନାହିଁ। ଆଜିର ଅନ୍‌ଲାଇନ୍ ତଥା ହାଇଟେକ୍ନିକାଲ ଯୁଗରେ ଭାଇ ଭଉଣୀ ଯେତେ ଦୂରରେ ଥାଆନ୍ତୁ ନା କାହିଁକି ରାଖୀ ଓ ଗିଫ୍ଟ ପହଞ୍ଚାଇବା ହୋଇ ପାରିଛି ଖୁବ୍ ସହଜ ଓ ସରଳ...

### ବଢ଼ୁଛି ନୂଆ ଡିଜାଇନ୍ ରାଖୀର ଡିମାଣ୍ଡ

ଦିନଥିଲା ଭଳିକି ଭଳି ରଙ୍ଗିନ ରେଶମୀ ଡୋରିର ରାଖୀ ହିଁ ବନ୍ଧା ଯାଉଥିଲା। ହେଲେ ଦିନକୁ ଦିନ ଏଥିରେ ମାଳି, ପର୍ଲ, ଷ୍ଟୋନ୍, ରୁଦ୍ରାକ୍ଷ, ମେଟାଲିକ୍ ଚେନ୍, ବ୍ରେସ୍‌ଲେଟ୍, ଏଡି ଷ୍ଟୋନ୍, କୁନ୍ଦନ ୱାର୍କ ଠାରୁ ଆରମ୍ଭ କରି ଅନେକ ଡିଜାଇନ୍ ରାଖୀର ଚାହିଦା ବଢ଼ିବାକୁ ଲାଗିଲା। ତେବେ ପ୍ରତିଥର ମାର୍କେଟକୁ କିଛି କିଛି ନୂଆ ଡିଜାଇନ୍ ରାଖୀ ଆସିବା ସହ ବେଶ୍ ଲୋକପ୍ରିୟ ମଧ୍ୟ ହେବାକୁ ଲାଗିଲା। ଠିକ୍ ଯେମିତି ଏଥର କଷ୍ଟମାଇଜ୍‌ଡ ରାଖୀର ଚାହିଦା ଅଧିକ ଥିବା ଦେଖିବାକୁ ମିଳୁଛି। ଏହା ଉଭୟ ମାର୍କେଟ୍ ଏବଂ ଅନ୍‌ଲାଇନ୍ ସାଇଟ୍ ଗୁଡିକରେ ଉପଲବ୍ଧ। ୱାର୍ଲ୍ଡସ୍ ବେଷ୍ଟ ବ୍ରଦର, ଲିଟିଲ୍ ବ୍ରୋ, ବିଗ୍ ବ୍ରୋ, ଲଭ୍ ୟୁ ଭାଇ ଆଦି ଲେଖାଥିବା ରାଖୀଠାରୁ ଆରମ୍ଭ କରି ବିଭିନ୍ନ ଇମୋଜୀ ଥିବା ଭଳି ଫଙ୍କି ଡିଜାଇନ୍ ରାଖୀର ଡିମାଣ୍ଡ ଅଧିକ ରହିଛି। କେବଳ ଏତିକି ନୁହେଁ ସ୍ୟାଣ୍ଡେଲ୍ ଉଡ୍, ଫ୍ଲାୱାର ଏବଂ ସିଡ୍ ରାଖୀ (ବିଭିନ୍ନ ମଞ୍ଜିରେ ପ୍ରସ୍ତୁତ) ଇକୋ ଫ୍ରେଣ୍ଡଲୀ ରାଖୀ ବି ଏଥର ନୂଆ ଟ୍ରେଣ୍ଡ ପାଲଟିଛି।

### ଗିଫ୍ଟର ନୂଆ ଅନ୍ଦାଜ୍

ଭାଇ ହାତରେ ରାଖୀ ବାନ୍ଧିଲେ ପ୍ରତିବଦଳରେ ପ୍ରୀତିଭରା ଉପହାରଟିଏ ମିଳିଥାଏ ଭଉଣୀକୁ। ଆଉ ଭାଇ ପାଖରେ ନ ଥିଲେ କେବେ କେବେ ଉପହାର ପୋଷ୍ଟାଲ୍‌ରେ ଆସି ପହଞ୍ଚେ ତ କେବେ ରହିଯାଏ ଆରବର୍ଷକୁ ବାକି। ତା'ଛଡା ଏହି ଉପହାର ମନ ପସନ୍ଦ ହେଉ ବା ନ ହେଉ ତାକୁ ଶ୍ରଦ୍ଧାରେ ଗ୍ରହଣ କରେ ଭଉଣୀ। ତେବେ ଦିନକୁ ଦିନ ବଦଳୁଥିବା ସମୟ ସହିତ ଗିଫ୍ଟ ଏବଂ ଏହାକୁ ଦେବାର ଉପାୟ ଉଭୟର ବଦଳିଛି ଅନ୍ଦାଜ୍। ଏବେ ସେଇ ପାରମ୍ପରିକ ଚକ୍‌ଲେଟ୍ କିମ୍ବା ଡ୍ରେସ୍ ଆଦିରେ ସୀମିତ ହୋଇ ନାହିଁ ଗିଫ୍ଟ, ବରଂ ବର୍ତ୍ତମାନ ଭଉଣୀକୁ ରାଖୀ ଉପହାର ମିଳୁଛି କିଛି ଅଭିନବ ଉପାୟରେ, ଯେଉଁଥିରେ କି ଅଜାଣତରେ ସାମିଲ ରହୁଛି ଭଉଣୀର ପସନ୍ଦ। ତେବେ ଚଳିତ ସିଜନ୍‌ରେ ବେଶ୍ ଡିମାଣ୍ଡରେ ଥିବା କିଛି ରାଖୀ ଗିଫ୍ଟ ଆଇଡିଆ...

***ରାଖୀ କାର୍ଡ:*** ଭାଇ ଭଉଣୀଙ୍କ ସୁନ୍ଦର ସମ୍ପର୍କଠୁ ଆରମ୍ଭ କରି ଭାଇର ମଙ୍ଗଳ କାମନା, ଉନ୍ନତି ଭଳି ବିଭିନ୍ନ ମେସେଜ୍ ଥିବା ରାଖୀ କାର୍ଡ ବିଶେଷ କରି ଅନ୍‌ଲାଇନ୍ ରାଖୀ କାର୍ଡର ଡିମାଣ୍ଡ ବର୍ତ୍ତମାନ ସର୍ବାଧିକ।

***ଗିଫ୍ଟ ଭାଉଚର:*** ନିଜ ପସନ୍ଦ ଅନୁଯାୟୀ ରାଖୀ ଉପହାର କିଣିବା ଉଦ୍ଦେଶ୍ୟରେ ବର୍ତ୍ତମାନ ଅନେକେ ଭଉଣୀଙ୍କୁ ତାଙ୍କ ଫେବରେଟ୍ ଷ୍ଟୋର କିମ୍ବା ଅନ୍‌ଲାଇନ୍ ସାଇଟ୍‌ର ଗିଫ୍ଟ ଭାଉଚର ଦେଉଥିବାର ଦେଖିବାକୁ ମିଳୁଛି। ଏହାଦ୍ୱାରା ନା ରହୁଛି ଭଉଣୀକୁ ପସନ୍ଦ ନ ହେବାର ଡର ନା ଏଣେ ତେଣେ ବୁଲି ବୁଲି ଗିଫ୍ଟ ଚଏସ୍ କରିବାର ଟେନ୍‌ସନ୍।

***ସ୍ପା ଏବଂ ବ୍ୟୁଟିପାର୍ଲରର ଭାଉଚର:*** ଝିଅମାନେ ସାଧାରଣତଃ ସାଜସଜା ପ୍ରିୟ। ତେଣୁ ସ୍ପା କିମ୍ବା ବ୍ୟୁଟିପାର୍ଲର ଯିବାକୁ ସେମାନେ ଭଲ ପାଆନ୍ତି। ଯାହାକୁ ଆଖିଆଗରେ ରଖି ବର୍ତ୍ତମାନ ଭଉଣୀର ମନ ଖୁସି କରିବା ଲାଗି କୌଣସି ଭଲ ବ୍ୟୁଟିପାର୍ଲରର ୬ମାସ କିମ୍ବା ବର୍ଷକିଆ କମ୍ବୋ ପ୍ୟାକ୍ ଅଫର ଭାଉଚର ଭଉଣୀକୁ ରାଖୀ ଗିଫ୍ଟ ଆକାରରେ ବି ଅନେକେ ଦେଉଥିବାର ଦେଖିବାକୁ ମିଳୁଛି।

***ଆବଶ୍ୟକତା ଅନୁଯାୟୀ ଗିଫ୍ଟ***

ନିଜ ଇଚ୍ଛାରେ ଭଉଣୀକୁ କିଛି ଗିଫ୍ଟ ଦେବା ଅପେକ୍ଷା ପରୋକ୍ଷରେ ଭଉଣୀର ଆବଶ୍ୟକତା ସମ୍ପର୍କରେ ଜାଣି ଉକ୍ତ ଜିନିଷକୁ ରାଖୀ ଗିଫ୍ଟ ଭାବେ ଭଉଣୀକୁ ଆପ୍ୟାୟିତ କରିବାର ମଜା ନିଆରା। ଯେଉଁ ଉପାୟ ବର୍ତ୍ତମାନ ଅନେକେ ଆପଣାଉଛନ୍ତି। ତେବେ ଏଥିରେ କେବଳ ଗହଣା, ଡ୍ରେସ୍, ଜୋତା ଇତ୍ୟାଦି ନୁହେଁ ବରଂ ଷ୍ଟଡି ମ୍ୟାଟେରିଆଲ୍ ଠୁ ଆରମ୍ଭ କରି ଇ ଗ୍ରାଜେଟ୍ ପର୍ଯ୍ୟନ୍ତ ଅନେକ କିଛି ରହୁଛି। ନଚେତ୍ ଭଉଣୀଙ୍କୁ ସାଙ୍ଗରେ ନେଇ ତାଙ୍କ ମନ ପସନ୍ଦର ଜିନିଷ କିଣାଇବା ସବୁଠୁ ସହଜ ତଥା ଭଲ ଉପାୟ।

***କୋଲାଜ୍ ଫଟୋ***

ପୂର୍ବରୁ ଭଉଣୀଙ୍କ ସହ ବିତାଇଥିବା ସବୁ ଅଭୁଲା ମୁହୂର୍ତ୍ତର ଫଟୋ ଗୁଡିକୁ କୋଲାଜ୍ କରି ଏକ ଫଟୋ ଫ୍ରେମ୍ କରି ଦେବାଠାରୁ ବେଷ୍ଟ ପ୍ରୀତି ଉପହାର ରାଖୀରେ ଆଉ କ'ଣ ବା ହୋଇପାରେ। ବର୍ତ୍ତମାନ ଏଭଳି ଉପହାର ପ୍ରତି ଅନେକେ ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି। କେବଳ ଏତିକି ନୁହେଁ ଏଭଳି ଫଟୋକୁ ଟିସାର୍ଟ, କଫି ମଗ୍ କିମ୍ବା ମୋବାଇଲ୍ ବ୍ୟାକ୍ କଭରରେ ମଧ୍ୟ ଅନେକେ ପ୍ରିଣ୍ଟ କରାଇ ଭଉଣୀକୁ ଉପହାର ଦେଉଥିବାର ଦେଖିବାକୁ ମିଳୁଛି।

**ରାଖୀ ଏବେ ଆଉ କେବଳ ସେଇ ପାରମ୍ପରିକ ଢଙ୍ଗରେ ସୀମିତ ହୋଇ ରହିନାହିଁ ସମୟ ସହ ରାଖୀର ରୂପ ସାଙ୍ଗକୁ ଏହାର ଉପହାରର ଅନ୍ଦାଜ୍‌ରେ ବି ଆସିଛି ଅନେକ ପରିବର୍ତ୍ତନ...**





### କ'ଣ କରନ୍ତି ଏମାନେ...



**କଲ୍ଲୋଲିନୀ ଜେନା**
*(ଛାତ୍ରୀ, ଏସ୍‌ସିଏସ୍ କଲେଜ, ପୁରୀ)*
ଭାଇ ସଫ୍ଟୱେର ଇଞ୍ଜିନିୟର ଭାବେ ପଶ୍ଚିମବଙ୍ଗରେ କାମ କରୁଛନ୍ତି। ତେଣୁ ଦୁଇବର୍ଷ ହେବ ରାଖୀ ପୂର୍ଣ୍ଣିମାରେ ଛୁଟିରେ ଘରକୁ ଆସିପାରୁ ନାହାନ୍ତି। ହେଲେ ପ୍ରତିଥର ତାଙ୍କ ମନ ପସନ୍ଦର ଷ୍ଟୋନ୍ ରାଖୀ ଆଉ ମିଠା କୋରିଅର ଯୋଗେ ତାଙ୍କ ପାଖକୁ ପଠାଇ ଥାଏ ଏବଂ ଶ୍ରୀମନ୍ଦିର ଯାଇ ତାଙ୍କ ଶୁଭ ମନାସୀଥାଏ । ଆଉ ସେ ଏହାକୁ ବାନ୍ଧିବା ସମୟରେ ଭିଡିଓ କଲିଂ କରି ଦେଖିଥାଏ। ଏହାଦ୍ୱାରା ଭାଇ ଦୂରରେ ଥିଲେ ସୁଦ୍ଧା ପାଖରେ ଥିବା ଭଳି ଅନୁଭବ ହୋଇଥାଏ।



**ଜ୍ୟୋତିରଞ୍ଜନ ସ୍ୱାଇଁ**
*(କର୍ମଜୀବୀ, ଶଙ୍ଖତ୍ରାସ, କଟକ)*
ରାଖୀ ପୂର୍ଣ୍ଣିମାରେ ଭଉଣୀଠୁ ଦୂରରେ ରହିବା ନିଶ୍ଚିତ ଭାବେ ଦୁଃଖ ଲାଗେ। ହେଲେ ଜବ୍ ପାଇଁ ଛତିଶଗଡ଼ରେ ରହିବାକୁ ହେଉଥିବାରୁ ପ୍ରତିବର୍ଷ ରାଖୀ ସମୟରେ ଛୁଟି ମିଳିବା ସମ୍ଭବ ହୋଇପାରୁ ନାହିଁ। ହେଲେ ବର୍ତ୍ତମାନର ହାଇଟେକ୍ ଯୁଗରେ ଯେତେ ଦୂରରେ ଥିଲେ ସୁଦ୍ଧା ଭଉଣୀର ରାଖୀ ପାଇବା ଏବଂ ତାକୁ କିଛି ଗିଫ୍ଟ ଦେବା ଉଭୟ ସହଜ ହୋଇଯାଇଛି। ଚଳିତ ବର୍ଷ ସେ ଅନ୍‌ଲାଇନ୍‌ରେ ପଠାଇଥିବା ରାଖୀ ମୁଁ ପାଇଛି। ତା'ର ଏକ ସ୍ମାର୍ଟଫୋନ୍ ଆବଶ୍ୟକ ଥିବାରୁ ଅନ୍‌ଲାଇନ୍‌ରେ ଅର୍ଡର କରି ଗିଫ୍ଟ ଆକାରରେ ପଠାଇବାକୁ ଭାବିଛି।



**ସୂର୍ଯ୍ୟ ନାରାୟଣ ଦାଶ**
*(କର୍ମଜୀବୀ, ପୁରୀ )*
୪ ବର୍ଷ ହେବ ମୋ ଭଉଣୀ ନ୍ୟୁୟର୍କରେ ରହୁଥିବାରୁ ରାଖୀ ପୂର୍ଣ୍ଣିମାରେ ବହୁତ୍ ମିସ୍ କରୁଛି। ହେଲେ ପ୍ରତିବର୍ଷ ସେ ମୋ ପାଇଁ ରାଖୀ, ମିଠା ଏବଂ କିଛି ଉପହାର ଅନ୍‌ଲାଇନ୍‌ରେ ନିଶ୍ଚୟ ପଠାଉଛି। ମୁଁ ମଧ୍ୟ ପ୍ରତି ବଦଳରେ ଇ କାର୍ଡ ଦ୍ୱାରା ନିଜର ଶୁଭେଚ୍ଛା ଜଣାଉଛି। ରାଖୀ ବାନ୍ଧିବା ସମୟରେ ଭିଡିଓ କଲ୍ କରିବା ଦ୍ୱାରା ସେ ଏଠାରେ ଉପସ୍ଥିତ ନ ଥିବା ଭଳି ମନେ ହେଉନି।

# ପ୍ଲାଷ୍ଟିକ୍ ବୋତଲରେ ପାଣି ପିଉଥିଲେ...

*ବର୍ତ୍ତମାନ ମଣିଷ ସମାଜ ପ୍ରତିଟି ଛୋଟବଡ଼ କାର୍ଯ୍ୟ ଲାଗି ପ୍ଲାଷ୍ଟିକ୍ ଉପରେ ଏତେ ନିର୍ଭରଶୀଳ ଯେ, ଏହା ବିନା କିଛି କଳ୍ପନା କରିବା ଯେପରି ଅସମ୍ଭବ ମନେହେଉଛି। ଉଦାହରଣ ସ୍ୱରୂପ ଆମେ ପ୍ଲାଷ୍ଟିକ୍ ପାଣିବୋତଲକୁ ନେଇପାରିବା। ଏହାର ଚାହିଦା ଯେ କେତେ ବେଶି ତାହା କେବଳ କହିବା ବାହୁଲ୍ୟ ମାତ୍ର। ହେଲେ, ଏହା ସ୍ୱାସ୍ଥ୍ୟ ପ୍ରତି କେତେ ହାନିକାରକ ସେ ଦିଗରେ ସମସ୍ତେ ଅବଗତ ନାହାନ୍ତି। ଜାଣନ୍ତୁ ସେ ସମ୍ପର୍କରେ...*





- ବାହାରକୁ ଯିବା ବେଳେ ସାଙ୍ଗରେ ପାଣି ବୋତଲଟିଏ କାହାର ବା ଲୋଡ଼ା ନ ଥାଏ। ହେଲେ, ଆପଣ ଜାଣନ୍ତିକି ପ୍ଲାଷ୍ଟିକ୍ ବୋତଲ କିମ୍ବା ଅନ୍ୟ କଣ୍ଟେନର ଭିତରେ ପାଣି ଅଧିକ ସମୟ ରହିବା ଏବଂ ତାହା ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିବା ଦ୍ୱାରା ପ୍ଲାଷ୍ଟିକ ଧୀରେ ଧୀରେ ତରଳିବା ଆରମ୍ଭ କରିଥାଏ। ବିଶେଷକରି ଗାଡ଼ିରେ ପାଣିବୋତଲ ଅଧିକ ସମୟ ରଖିବା କିମ୍ବା ଗାଡ଼ି ଷ୍ଟାର୍ଟ ରଖି ବାହାରକୁ ଯିବା ଦ୍ୱାରା ପାଣି ଗରମ ହେବା ସହ ଧୀରେ ଧୀରେ ପ୍ଲାଷ୍ଟିକ୍ ତରଳିଥାଏ। ଫଳରେ ସେଥିରୁ ଡାଇଅକ୍ସିନ୍ ନାମକ ଏକ ବିଷାକ୍ତ ପଦାର୍ଥ ନିର୍ଗତ ହୋଇଥାଏ, ଯାହାକି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ।
- ପ୍ଲାଷ୍ଟିକ୍ ବୋତଲରେ ଅଧିକ ସମୟ ପାଣି ରଖିଲେ ସେଥିରୁ ଫ୍ଲୋରାଇଡ୍, ଆର୍ସେନିକ୍ ଏବଂ ଆଲୁମିନିୟମ ଭଳି ଅନେକ ହାନିକାରକ ଉପାଦାନ ନିର୍ଗତ ହୋଇଥାଏ, ଯାହାକି ମଣିଷ ଶରୀର ପାଇଁ ସମ୍ପୂର୍ଣ୍ଣ ବିଷାକ୍ତ। ତେଣୁ ଏହି ପାଣି ପିଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ।
- କେବଳ ଏତିକି ନୁହେଁ, ପ୍ଲାଷ୍ଟିକ୍ ବୋତଲରେ ପାଣି ରଖି ପିଇବା ଦ୍ୱାରା ଶରୀରକୁ ବାଇଫେନିଲ୍ ଏ ନାମକ ଏକ ମାରାତ୍ମକ ଏଷ୍ଟ୍ରୋଜେନ୍ ମିମିକିଙ୍ଗ୍ କେମିକାଲ୍ ଯାଇଥାଏ। ଏହା ମେଦବହୁଳତା, ଡାଇବେଟିସ୍, ପ୍ରଜନନ ସମସ୍ୟା ଭଳି ଅନେକ ରୋଗର କାରଣ ସାଜିଥାଏ।
- ବର୍ତ୍ତମାନ ଗ୍ରାହକମାନଙ୍କୁ ଆକୃଷ୍ଟ କରିବା ଲାଗି ଅନେକ କମ୍ପାନୀ ଭିଟାମିନ୍ ଏନ୍‌ରିଚିଡ୍ ପାଣି ବିକ୍ରୟ କରୁଛନ୍ତି। ହେଲେ ପ୍ଲାଷ୍ଟିକ୍‌ର ହାନିକାରକ ଉପାଦାନ ସାଙ୍ଗକୁ ଏହି ପାଣିରେ ମିଶାଯାଉଥିବା ହାଇ ଫ୍ରୁକ୍ଟୋଜ୍ କର୍ନ ସିରପ୍ ଏବଂ ଫୁଡ୍ କଲର ଶରୀର ପାଇଁ ଅଧିକ କ୍ଷତିକାରକ ସାବ୍ୟସ୍ତ ହେଉଛି।
- ପ୍ଲାଷ୍ଟିକ୍ ବୋତଲରେ ପାଣି ପିଇବା ଦ୍ୱାରା ଶରୀରକୁ ଯାଉଥିବା ହାନିକାରକ ରାସାୟନିକ ପଦାର୍ଥ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରିଥାଏ। ଫଳରେ ଏହା ଏକାଧିକ ରୋଗର କାରଣ ହୋଇଥାଏ। ବିଶେଷକରି ଏଥିରେ ଥିବା ଥାଲେଟ୍ସ ନାମକ କେମିକାଲ ଲିଭର କ୍ୟାନ୍ସରର କାରଣ ସାଜିଥାଏ।

### ଜାଣନ୍ତୁ ଦୁନିଆ

# ଆମ ଦେଶରେ...

- ସାରା ଦେଶରେ ଇଲେକ୍ସନ୍ ସମୟରେ ଆବଶ୍ୟକ ହେଉଥିବା କଳା ରଙ୍ଗର କାଳି କର୍ନାଟକର ମହୀଶୂର ଠାରେ ପ୍ରସ୍ତୁତ ହୋଇଥାଏ।
- ଭାରତର ପ୍ରଥମ ପ୍ରାଇଭେଟ୍ ରେଡିଓ ଷ୍ଟେଶନ ପ୍ରଫେସର ଏମ୍‌ଭି. ଗୋପାଳସ୍ୱାମୀଙ୍କ ଦ୍ୱାରା ୧୯୩୫ ମସିହାରେ କର୍ନାଟକରେ ପ୍ରତିଷ୍ଠା ହୋଇଥିଲା।
- ସର୍ବାଧିକ ଡ୍ରାଏ ବିନ୍, ଚା, କ୍ଷୀର ଏବଂ କଦଳୀ ଉତ୍ପାଦନରେ ଆମ ଦେଶ ପୃଥିବୀରେ ଅଗ୍ରଣୀ ଥିବା ବେଳେ ରବର ଉତ୍ପାଦନରେ ୪ର୍ଥ ସ୍ଥାନରେ ରହିଛି। ତେବେ ଏଠାରେ ଉତ୍ପାଦନ ହେଉଥିବା ସମସ୍ତ ରବରରୁ ୯୧% କେବଳ କେରଳରୁ ଆସିଥାଏ।
- ପୃଥିବୀର ପ୍ରଥମ ଆୟୁର୍ବେଦିକ ରିସୋର୍ଟ 'ସୋମାଥିରାମ୍' କେରଳର କୋଭାଲାମ୍ ବେଳାଭୂମିରେ ପ୍ରତିଷ୍ଠା କରାଯାଇଛି।
- ପୃଥିବୀର ସବୁଠୁ ବଡ ବଡ ରୋଷେଇ ଘର ରହିଛି ଆମ ଦେଶରେ।
- ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ବାର୍ଷିକ ସର୍ବାଧିକ ସଂଖ୍ୟକ ରେକର୍ଡ କରିବାରେ ଆମ ଦେଶ ପୃଥିବୀର ତୃତୀୟ ସ୍ଥାନରେ ରହିଛି।
- ଶାମ୍ପୁ ପ୍ରଥମେ ଭାରତରେ ପ୍ରସ୍ତୁତ କରାଯାଇଥିଲା। ଏହି ଶାମ୍ପୁ ଶବ୍ଦ ସଂସ୍କୃତ ଶବ୍ଦ ଚମ୍ପୁରୁ ଉଦ୍ଧୃତ ଯାହାର ଅର୍ଥ ମସାଜ ବା ମାଲିସ୍ କରିବା।
- ଭାରତରେ ପୃଥିବୀର ସର୍ବାଧିକ ନିରାମିଷାଶୀ ବାସ କରନ୍ତି।
- ହୀରା ଖଣି ପ୍ରଥମେ ଭାରତରେ ମିଳିଥିଲା।



### ଟପ୍ ଟେନ୍

## ପୃଥିବୀର ସବୁଠୁ ବିଳାସପୂର୍ଣ୍ଣ ଜେଲ୍



୧. ବାସ୍ତୋଏ ପ୍ରିଜନ୍ .......... ନରୱେ
୨. ଏଚ୍‌ଏମ୍‌ପି ଆଡିୱେଲ୍........... ସ୍କଟ୍‌ଲାଣ୍ଡ
୩. ଅଟାଗୋ କରେକ୍ସନ୍ସ ଫାସିଲିଟି................ ନ୍ୟୁଜିଲାଣ୍ଡ
୪. ଜଷ୍ଟିସ୍ ସେଣ୍ଟର ଲିଓବେନ୍ ............................ ଅଷ୍ଟ୍ରିଆ
୫. ଆରାଞ୍ଜୁଏଜ୍ ପ୍ରିଜନ୍ ........................ ସ୍ପେନ୍
୬. ଚ୍ୟାମ୍ପ ଡଲନ୍ ପ୍ରିଜନ୍ ...................... ସ୍ୱିଜରଲାଣ୍ଡ
୭. ପୋଣ୍ଡୋକ୍ ବାମ୍ବୁ ପ୍ରିଜନ୍ .................. ଇଣ୍ଡୋନେସିଆ
୮. ଜେଭିଏ ପଲ୍‌ଓବ୍‌ଟିଲ୍ ପ୍ରିଜନ୍ . .................. ଜର୍ମାନୀ
୯. ସୋଲେଣ୍ଟୁନା ପ୍ରିଜନ୍ ..................... ସୁଇଜର୍‌ଲାଣ୍ଡ
୧୦. କ୍ୟୁବ୍ ପ୍ରିଜନ୍ ............................ ଫିଲିପାଇନ୍ସ



ଜଣେ ବଦନାମ୍ ହୋଇଗଲା ପରେ ଚାରି ଚାରି ମିଶିଲେ ଆଠ ହୁଏ ବୋଲି
ସେ କହିଲେ ମଧ ଲୋକେ ସହଜରେ ବିଶ୍ୱାସ କରନ୍ତି ନାହିଁ।
-ଜନ୍ ଟିଲୋଟ୍ସନ

## ସଂକ୍ଷେପରେ

### ରକ୍ଷା ବନ୍ଧନ ପାଇଁ ଚଳଚଞ୍ଚଳ ଦେବଗଡ଼

ଦେବଗଡ଼,୨୫।୮(ସ୍ୱ.ପ୍ର)
ପବିତ୍ର ପର୍ବ ରକ୍ଷାବନ୍ଧନ ବା ଗହ୍ମା ପୂର୍ଣ୍ଣିମା ଉତ୍ସବ ପାଇଁ ଦେବଗଡ ସହର ଚଳଚଞ୍ଚଳ ହୋଇପଡିଛି । ଲୋକଙ୍କ ରୁଚିକୁ ରଖି ଆଧୁନିକତାର ଛାପ ଦେଇ ସବୁ ବର୍ଷ ପରି ଚଳିତ ବର୍ଷ ନୂଆନୂଆ ଡିଜାଇନର ରାକ୍ଷୀ ବଜାରରେ ଉପଲବ୍ଧ ହୋଇଛି । ଗୋଲ୍ଡ ରାଖୀ, ସିଲଭର ରାଖୀ, ଫେନସି ରାଖୀ, କିଡ୍ସ ରାଖୀ, ଡିଜାଇନର୍ ରାକ୍ଷୀ ଏହିପରି ରାକ୍ଷୀ କିଣିବା ପାଇଁ ସହରରେ ୨୦ରୁ ଉର୍ଦ୍ଧ୍ୱ ଅସ୍ଥାୟୀ ରାକ୍ଷୀ ଦୋକାନମାନଙ୍କରେ ଭିଡ଼ ଜମିବାରେ ଲାଗିଛି। ୫ଟଙ୍କାରୁ ଆରମ୍ଭ କରି ୨ ହଜାର ଟଙ୍କା ମୂଲ୍ୟର ପର୍ଯ୍ୟନ୍ତ ରାକ୍ଷୀ ରହିଛି । ସେହିପରି ଦୂରଦୂରାନ୍ତରେ ରହୁଥିବା ନିଜର ଆତ୍ମୀୟ ପରିଜନଙ୍କ ପାଇଁ ଦୋକାନରେ ଭଉଣୀ ଏବଂ ଭାଇମାନେ ବିଭିନ୍ନ କିଶମର ରାକ୍ଷୀ କିଣୁଥିବା ଦେଖିବାକୁ ମିଳିଛି । ପୂର୍ବରୁ ଦୂରଦୂରାନ୍ତରେ ଥିବା ଭଉଣୀଭାଇମାନେ ପରସ୍ପରକୁ ଡାକଘର, କୋରିଅର, ବସ ସେବା ମାଧମରେ ରାକ୍ଷୀ ପଠାଉଥିଲେ । ହେଲେ ଏବେ ମୋବାଇଲ ଫୋନରେ ତଥା ସୋସିଆଲ ମିଡିଆରେ ମ୍ୟାସେଞ୍ଜର, ହ୍ୱାଟସଆପ୍, ଫେସବୁକ ଜରିଆରେ ରାକ୍ଷୀ ସମ୍ପର୍କିତ ବିଭିନ୍ନ ଫଟୋ ଅପ୍‌ଲୋଡ କରି ରାକ୍ଷୀର ବାର୍ତ୍ତା ଦେଇ ଏହି ପର୍ବକୁ ବଞ୍ଚାଇ ରଖିବାର ପ୍ରୟାସରେ ଲାଗି ପଡିଛନ୍ତି ।

### କମ୍ପ୍ୟୁଟର, କୌଶଳ ଶିକ୍ଷା ଶୁଭାରମ୍ଭ




କମ୍ପ୍ୟୁଟର ଶିକ୍ଷା କେନ୍ଦ୍ରରେ ମଞ୍ଚାସୀନ ଅତିଥିଗଣ।

ଦେବଗଡ,୨୫।୮(ସ୍ୱ.ପ୍ର.)- ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନସ୍ଥ ନେହେରୁ ଯୁବ କେନ୍ଦ୍ର ଦେବଗଡ ପକ୍ଷରୁ ରିଆମାଳ ବ୍ଲକସ୍ଥିତ ଡଟ୍ ଇନଷ୍ଟିଚ୍ୟୁଟ ଅଫ୍ ମଲଟି ମିଡିଆ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ରରେ ଶନିବାର ତିନି ମାସିଆ ମାଗଣା କମ୍ପ୍ୟୁଟର ଓ କୌଶଳ ଶିକ୍ଷାର ଶୁଭାରମ୍ଭ ହୋଇଯାଇଛି । ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏହି ଉତ୍ସବ। ଏଥିରେ ମୁଖ୍ୟ ଅତିଥି ଭାବେ ରିଆମାଳ ସମିତି ସଭ୍ୟ ଗାନ୍ଧୀଚରଣ ନାଏକ ଯୋଗଦେଇ କମ୍ପ୍ୟୁଟର ଶିକ୍ଷାର ଆବଶ୍ୟକତା ଏବଂ ଦୈନନ୍ଦିନ ଜୀବନରେ କୌଶଳ ଶିକ୍ଷାର ବ୍ୟବହାର ସମ୍ପର୍କରେ ଆଲୋକପାତ କରିଥିଲେ । ଶିକ୍ଷା କେନ୍ଦ୍ରର ନିର୍ଦ୍ଦେଶକ ରାକେଶ ଦାଶ ଉପସ୍ଥିତ ରହି ଏହି ସୁଯୋଗର ସଦୁପଯୋଗ କରିବା ସହ ଉପସ୍ଥିତ ତାଲିମାର୍ଥୀମାନଙ୍କୁ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ ।

ଧନକଉଡା ବ୍ଲକରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

# ୧୦୮ ପ୍ରକଳ୍ପକୁ ଅର୍ଥ ମଞ୍ଜୁର

■ ବ୍ଲକ ଅଧକ୍ଷା, ଉପାଧକ୍ଷ, ଜିଲା ପରିଷଦ ଅଧକ୍ଷଙ୍କ ସମେତ ଅନେକ ସରପଞ୍ଚ, ପିଏସି ସଭ୍ୟ ଅନୁପସ୍ଥିତ

ବୁର୍ଲା,୨୫।୮(ଡି.ଏନ.ଏ.)

ସମ୍ବଲପୁର ଜିଲା ଧନକଉଡା ବ୍ଲକ ଧନକଉଡା ଖେଳପଡିଆରେ ଶନିବାର ଅପରାହ୍ନ ୪ଟାରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ ପଞ୍ଚାୟତର ୧୦୮ ପ୍ରକଳ୍ପକୁ ଅନୁମୋଦନ ମିଳିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ କୋଟି ୨୫ଲକ୍ଷ ଅନୁଦାନ ମଞ୍ଜୁର କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ସମର୍ଥ ବର୍ମା ଅଧକ୍ଷତା କରିଥିଲେ। ଅତିଥି ଭାବେ ସାଂସଦ ନଗେନ୍ଦ୍ର ପ୍ରଧାନ, ରେଙ୍ଗାଲି ବିଧାୟକ ରମେଶ ପଟୁଆ, ସମ୍ବଲପୁର ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ଭାରପ୍ରାପ୍ତ ଡିଆରଡିଏ ପିଡି ରାଜେଶ ଅଗ୍ରୱାଲ, ସବକଲେକ୍ଟର ପ୍ରଦୀପ ସାହୁ ଉପସ୍ଥିତ ରହିଥିଲେ। କଏନଖଣ୍ଡା




ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧି।

ସରପଞ୍ଚ କନକଲତା ସାହୁ, ଡାଲବ ସରପଞ୍ଚ ମମତା ଭୋଇ, ବିଶାଲଖିଣ୍ଡା ସମିତି ସଭ୍ୟ କୁଶମହାନନ୍ଦ ଯୋଗଦାନ କରିଥିଲେ। ସାଂସଦ ବ୍ଲକ ପ୍ରତିନିଧି ହିରାଲାଲ ବେହେରାଙ୍କ ନେତୃତ୍ୱରେ ତଥା ବିଡିଓ ସରୋଜ କୁମାର ବିଶ୍ୱାଲଙ୍କ ତତ୍ତ୍ୱାବଧାନରେ ବିଜୁ ଯୁବ ବାହିନୀର ସହଯୋଗରେ ଶତାଧିକ ପୁରୁଷ ଓ ମହିଳା କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ। ପର୍ଯ୍ୟବେକ୍ଷକ କୁନା ବିହାରୀ ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବ୍ଲକ ପ୍ରଶାସନର ସମସ୍ତ ଅଧିକାରୀ, କର୍ମଚାରୀ ସହଯୋଗ କରିଥିଲେ। ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅନୁମୋଦିତ ପ୍ରକଳ୍ପଗୁଡ଼ିକୁ ସମୟ ସୀମା ମଧ୍ୟରେ ସଂପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ।

ତେବେ ଆମ ଗାଁ ଆମ ବିକାଶର ସଫଳ ରୂପାୟନ ପାଇଁ ନିଜ ଦଳୀୟ କର୍ମୀଙ୍କୁ ନେଇ ଖସଡ଼ା ପ୍ରସ୍ତୁତ କରାଯାଇଥିବା ବେଳେ ସରପଞ୍ଚ ସମିତି ସଭ୍ୟମାନଙ୍କୁ ମଧ ଉପେକ୍ଷା କରାଯାଇଥିବା ଅଭିଯୋଗକୁ ନେଇ ଅଧକ୍ଷା, ଉପାଧକ୍ଷ, ଅନେକ ସରପଞ୍ଚ, ସମିତି ସଭ୍ୟ କାର୍ଯ୍ୟକ୍ରମକୁ ଆସିନଥିବା ଜଣାପଡିଛି । ଏ ନେଇ ନାନାଦି ଚର୍ଚ୍ଚା ଦେଖିବାକୁ ମିଳିଥିଲା ।

## ସମ୍ବଲପୁରରେ ପହଞ୍ଚିଲା ବାଜପେୟୀଙ୍କ ଅସ୍ଥି କଳସ

ସମ୍ବଲପୁର,୨୫।୮(ବ୍ୟୁରୋ)

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଅସ୍ଥି କଳସ ଶନିବାର ସନ୍ଧ୍ୟାରେ ସମ୍ବଲପୁର ସହରରେ ପହଞ୍ଚିଛି। ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମାନେଶ୍ୱର, ଧନୁପାଲି ଓ ଜେଲ ଛକ ଦେଇ ଶୋଭାଯାତ୍ରାରେ କଳସକୁ ନିଆଯାଇ ତପସ୍ୱିନୀ ପ୍ରେକ୍ଷାଳୟରେ ପହଞ୍ଚିଥିଲା । ସେଠାରେ ବାଜପେୟୀଙ୍କ ଫଟୋଚିତ୍ର ସମ୍ମୁଖରେ ଅସ୍ଥି କଳସ ରଖି ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହାପରେ ବାଜପେୟୀଙ୍କ ଜୀବନୀକୁ ନେଇ ବୃତ୍ତ ଚିତ୍ର ହୋଇଥିଲା। ଅଟଳ ବିହାରୀ ବାଜପେୟୀ ସ୍ମୃତି କମିଟି ପକ୍ଷରୁ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ସେ ବହୁବିଧ ପ୍ରତିଭାର ଅଧିକାରୀ ଥିଲେ ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ ପାଇଛି । ବରିଷ୍ଠ ଶିକ୍ଷାବିତ ଡ. ଦ୍ୱାରିକାନାଥ ନାୟକ ଓ ଡ. ଶ୍ୟାମସୁନ୍ଦର ଧର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ବଲପୁର ଲୋକସଭା ଏମପି ନଗେନ୍ଦ୍ର ପ୍ରଧାନ, ରେଙ୍ଗାଲି ବିଧାୟକ ରମେଶ ପଟୁଆ, କୁଚିଣ୍ଡା ବିଧାୟକ ରବିନାରାୟଣ ନାୟକ, ଦେବଗଡ ବିଧାୟକ ନିତିଶ ଗଙ୍ଗୋଦେବ, ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ, ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା, ଭୀମସାର ନିର୍ଦ୍ଦେଶକ ପ୍ରଫେସର ଅଶ୍ୱିନୀ ପୂଜାହାରୀ, ଏସଡିଏ ଅଧକ୍ଷ ବିଜୟ କୁମାର ମହାନ୍ତି, ଝାରସୁଗୁଡା ବିଧାୟକ ନବକିଶୋର ଦାସ, ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପ୍ରାନ୍ତ ସଂଘ ଚାଳକ ବିପିନ ବିହାରୀ ନନ୍ଦ, ଆମ୍ ଆଦମୀ ପାର୍ଟି ଜିଲା ସଭାପତି ଭୂପେନ ସାହୁ , ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେର, ସିପିଆଇ ନେତା ଅଶୋକ ବିଶି, ଜିଲା ବିଜେଡି ସଭାପତି ପ୍ରମୋଦ ରଥ, ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। । ସୂଚନାଯୋଗ୍ୟ ଯେ, ଅଟଳ ବିହାରୀ ବାଜପେୟୀଙ୍କ ଅସ୍ଥି କଳସ ରବିବାର ଧର୍ମଶାଳା ଗଳିସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟକୁ ନିଆଯିବ। ସେଠାରେ ସାର୍ବଜନୀନ ଦର୍ଶନ ପାଇଁ ରଖାଯିବ। ଚଳିତ ମାସ ୨୭ ତାରିଖ ସମ୍ବଲପୁର ମହାନଦୀରେ ଅସ୍ଥି କଳସକୁ ବିସର୍ଜନ କରାଯିବ।

## ଛଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘୋଷା, ସ୍ତ୍ରୀ, ଧନ;**
**ଆଖିରୁ ନ କରିବ ଆନ ।**

କିଛି ପାଠକୁ ଘୋଷି ଘୋଷି ମନେରଖିବାକୁ ପଡ଼ିଥାଏ। ସେହି ପାଠକୁ ସବୁଦିନ ନ ପଢ଼ିଲେ ବା ନ ଦେଖିଲେ ପାଠ ଭୁଲିଯିବାର ସମ୍ଭାବନା ରହିଥାଏ। ସ୍ତ୍ରୀ ଏକାନ୍ତ ବ୍ୟକ୍ତିଗତ, ତା'ର ଭଲମନ୍ଦ ଦିଗ ପ୍ରତି ଦୃଷ୍ଟିଦେବା ସ୍ୱାମୀର କର୍ତ୍ତବ୍ୟ ହୋଇଥାଏ। ସେହିପରି ନିଜ ଧନ, ସମ୍ପତ୍ତି ପ୍ରତି ସତର୍କ ଦୃଷ୍ଟି ନ ଦେଲେ ତାହା ନଷ୍ଟ ବା ଚୋରି ହୋଇଯିବାର ଆଶଙ୍କା ରହିଥାଏ। ତେଣୁ ଏସବୁ ଉପରେ ସର୍ବଦା ଦୃଷ୍ଟିଦେବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଘଇତାର ଷାଠିଏ କାହାଣ ଋଣ,**
**ମାଇପ ବୋଲେ ମୋ ପେଇଁ ପଇଞ୍ଚ ପଟେ ଆଣ ।**

ସ୍ୱାମୀର ରୋଜଗାର ଉପରେ ସ୍ତ୍ରୀର ଅଧିକାର ଥାଏ। ସ୍ୱାମୀର ଆୟ ଦେଖି ନିଜର ଆବଶ୍ୟକତା ପୂରଣ କରିବା ସ୍ତ୍ରୀ ପକ୍ଷେ ଶୋଭାପାଇଥାଏ। ପରନ୍ତୁ ସ୍ୱାମୀ ଯେତେବେଳେ ଋଣଗ୍ରସ୍ତ ସେତେବେଳେ ସ୍ତ୍ରୀ ଧର୍ମ ରକ୍ଷା ନ କରି ନିଜ ସଉକ ପୂରଣ ପାଇଁ ଅଡିବସିବା ସ୍ତ୍ରୀ ପକ୍ଷେ ଅବିବେକୀର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଚେୟାରମେନ୍ କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଦେବଗଡ଼,୨୫।୮(ସ୍ୱ.ପ୍ର.)
ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ଅଗଷ୍ଟ୨୫ରୁ ୨୯ ପର୍ଯ୍ୟନ୍ତ ଆୟୋଜକ ଜିଲା ଆଥଲେଟିକ ଏସୋସିଏଶନ୍ ଓ ପୌର ପାରିଷଦର ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଇଣ୍ଟର ୱାର୍ଡ ଚେୟାରମେନ୍ କପ୍ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଦେବଗଡ ପୌରାଞ୍ଚଳର ୧୧ଟି ଟିମ ପରସ୍ପର ମଧ୍ୟରେ ଲିଗ ରାଉଣ୍ଡ ମ୍ୟାଚ ଖେଳିବାକୁ ଥିବାବେଳେ ଉଦଘାଟନୀ ମ୍ୟାଚ ୧୧ନଂ ୱାର୍ଡ ଓ ୭ନଂ ୱାର୍ଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚରେ ୧୧ନଂ ୱାର୍ଡର ଯୁବ ଖେଳାଳି ଅଜିତ ଦଣ୍ଡିଆ, ବୈଦ ପାଲ ଓ ଦେବରାଜ ଶଙ୍ଖାରୀଙ୍କ ଦମଦାର ପ୍ରଦର୍ଶନ ଯୋଗୁ ୩-୦ଗୋଲରେ ୭ନଂ ୱାର୍ଡକୁ ହରାଇ ପରବର୍ତ୍ତୀ ରାଉଣ୍ଡକୁ ପ୍ରବେଶ କରିଛି । ମ୍ୟାଚ ରେଫରୀ ଭାବେ ଧିରେନ୍ଦ୍ର ନାୟକ, ପୁରୁଷୋତ୍ତମ ସାହୁ, ମନୋଜ ନାୟକ, ଡିଲେଶ୍ୱର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ନିମନ୍ତ୍ରିତ ଅତିଥିଭାବେ ବରିଷ୍ଠ ଫୁଟବଲ ରେଫରୀ ହେମନ୍ତ ମହାପାତ୍ର, ଡିଏସଓ ଚନ୍ଦନ ସାହୁ, ସଂଘର ଉପସଭାପତି ସତ୍ୟନାରାୟଣ ମିଶ୍ର, ସହ ସମ୍ପାଦକ ଡିଲେଶ୍ୱର ପ୍ରଧାନ, ପରାମର୍ଶଦାତା ମହମ୍ମଦ ନାସୀର ଖାଁ, ବେଣୁଧର ଗଡନାୟକ, ସଭ୍ୟ ପ୍ରଫୁଲ୍ଲ ନାୟକ, ଯୋଗ ଦେଇଥିଲେ ।

## ସମ୍ବଲପୁର ବିଧାୟିକାଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର,୨୫।୮(ବ୍ୟୁରୋ)
ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ଉତ୍କଳମଣୀ ଗୋପବନ୍ଧୁ ଦାସ ପ୍ରତିଭା ସମ୍ମାନ ଗ୍ରହଣ କରି ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଶନିବାର ସମ୍ବଲପୁରରେ ପହଞ୍ଚିଛନ୍ତି । ଏହାପରେ ସହରରେ ଉତ୍ସବର ବାତାବରଣ ଦେଖାଦେଇଛି । ପୂର୍ବାହ୍ନ ସାଢ଼େ ୧୧ଟାରେ ବିଜେଡି ଜିଲା ସଭାପତି ପ୍ରମୋଦ ରଥ, ଟାଉନ ସଭାପତି ପ୍ରଫୁଲ୍ଲ ଦାସ, ବୁର୍ଲା ଟାଉନ ସଭାପତି ଦେବାଶିଷ ନନ୍ଦ, ସୋସିଆଲ୍ ଷ୍ଟାର କ୍ଲବର ଆତିଫ୍ ଆଲାମ୍, ସମ୍ବଲର ସୁବ୍ରତ ପଣ୍ଡା ଓ ରାମଦାସ ପଣ୍ଡା ବିଧାୟିକାଙ୍କୁ ସ୍ୱାଗତ କରିଥିଲେ । ଏହାପରେ ଷ୍ଟେଶନରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଶାନ୍ତିନଗରରେ ପହଞ୍ଚିଥିଲା। ଅପରାହ୍ନ ୩ଟାରେ ଶାନ୍ତିନଗରାସ୍ଥିତ ବିଧାୟିକାଙ୍କ କାର୍ଯ୍ୟାଳୟରେ ଦଳୀୟ ସମ୍ବର୍ଦ୍ଧନା ସଭା ହୋଇଥିଲା । ଜିଲା ସଭାପତି ଅଧକ୍ଷତା କରିଥିଲେ। ଏସଡିଏ ଅଧକ୍ଷ ବିଜୟ ମହାନ୍ତି, ଶ୍ରମିକ ନେତା ଗୋକୁଳ ମେହେର, ବିହାରୀଲାଲ ପନସାରୀ, ଅଶୋକ ସେନାପତି, ବାମଦେବ ଷଡଙ୍ଗୀ, ମହମ୍ମଦ ଅଜିମ୍ ଅଞ୍ଜୁ, ରବି ରଞ୍ଜନ ପୂଜାରୀ, ମହିଳା ମୋର୍ଚ୍ଚା ଟାଉନ ସଭାପତି ଡା. ସୁମିତ୍ରା ଅଗ୍ରୱାଲ ଯୋଗଦେଇ କହିଥିଲେ ଯେ, ବିଧାୟିକାଙ୍କ ଅକ୍ଲାନ୍ତ ପରିଶ୍ରମ ଓ ସମ୍ବଲପୁରକୁ ବିକଶିତ ଧାରାରେ ସାମିଲ କରିଥିବାରୁ ଶ୍ରେଷ୍ଠ ବିଧାୟିକା ସମ୍ମାନ ପାଇଛନ୍ତି। ଏହା ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଅଟେ। ସୁରଜ ବିଶ୍ୱାଳ, ମଦନ ମହାନନ୍ଦ, ସୌରିନାରାୟଣ ପାଣିଗ୍ରାହୀ କାଯର୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସମ୍ବର୍ଦ୍ଧନା ଉତ୍ତରରେ ବିଧାୟିକା କହିଥିଲେ ଯେ, ଏହି ପ୍ରତିଭା ପୁରସ୍କାର ସମ୍ବଲପୁରବାସୀଙ୍କ ଶ୍ରେୟ ଅଟେ। ମିଳିଥିବା ୫୦ହଜାର ପୁରସ୍କାର ଅର୍ଥ ରାଶିକୁ ଏକ ପ୍ରାଥମିକ ସ୍କୁଲକୁ ସେ ଦାନ କରିବେ ବୋଲି ଘୋଷଣା କରିଥିଲେ ।

## ସ୍ୱଭାବ କବିଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର,୨୫।୮(ବ୍ୟୁରୋ)
ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀକୁ ଦୃଷ୍ଟିରେ ରଖି ସମ୍ବଲପୁର ଦୂରଦର୍ଶନ ଶନିବାର ବିନ୍ଧୁରୁ ସିନ୍ଧୁ ସ୍ୱରାଞ୍ଜଳି କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛି। ସକାଳ ସାଢ଼େ ୭ଟା ଓ ରାତି ସାଢ଼େ ୧୧ଟାରେ ଏହି କାର୍ଯ୍ୟକ୍ରମ ପ୍ରସାରିତ ହେଉଛି । ଏହା ସୋମବାର (୨୭ ତାରିଖ) ପୂର୍ବାହ୍ନ ସାଢ଼େ ୯ଟାରେ ଦୂରଦର୍ଶନ (ଡିଡି-୧)ରେ ପ୍ରସାରିତ ହେବ। ଯୁବ ସଙ୍ଗୀତ ନିର୍ଦ୍ଦେଶକ ସ୍ୱରାଜ ଦାଶଙ୍କ ସ୍ୱର ସଂଯୋଜନାରେ ବିନ୍ଧୁରୁ ସିନ୍ଧୁ ସଙ୍ଗୀତ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ଏଥିରେ ହୃଦାନନ୍ଦ ଗଡ଼ତିଆ, ସୋନାଲ ପଣ୍ଡା, ସ୍ମୃତି ମିଶ୍ର କଣ୍ଠଦାନ କରିଛନ୍ତି। ସେହିପରି ନଳିନୀ କାନ୍ତ ପ୍ରଧାନ, ଶୁଭମ ପଟ୍ଟନାୟକ, ଅଭିନାଷ ସାହୁ, ଲୋଟସ୍ ନାୟକ, ଦୀପକ ମିଶ୍ର ଓ ସୁରେନ୍ଦ୍ର ପାଣିଗ୍ରାହୀ ବାଦ୍ୟଯନ୍ତ୍ରରେ ସହଯୋଗ କରିଛନ୍ତି। ଶ୍ରଦ୍ଧାଞ୍ଜଳି ପ୍ରଧାନ କାର୍ଯ୍ୟକ୍ରମ ଉପସ୍ଥାପନ କରିଛନ୍ତି ।

## କଳଜିରାରେ ବନ୍ୟା ପାଣି, ଯାତାୟାତ ବାଧାପ୍ରାପ୍ତ

ଦେବଗଡ, ୨୫।୮(ସ୍ୱ.ପ୍ର.)

ଶୁକ୍ରବାର ରାତିରୁ ଦେବଗଡ ଜିଲାର ବିଭିନ୍ନ ସ୍ଥାନରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗରହିଥିବାରୁ ଏହାର ପ୍ରଭାବରେ ଜିଲାର କେତେକ ନାଳରେ ବନ୍ୟା ପାଣି ବୋହି ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଛି। ଏହି ପରିପ୍ରେକ୍ଷୀରେ ବାରକୋଟ ବ୍ଲକ ଅଧୀନ ବଳମ-ଟୁସୁଲାକୁ ଯୋଗାଯୋଗ କରୁଥିବା କଳାଜିରା ନାଳରେ ବନ୍ୟା ପାଣି ପ୍ରବଳ ବେଗରେ ବହୁଥିବାରୁ ଯିବା ଆସିବାରେ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏପରିକି ଅନେକ ଚାଷ

**ଦେବଗଡରେ ଲଗାଣ ବର୍ଷା**

ଜମି ଜଳମଗ୍ନ ହୋଇପଡିଥିବାବେଳେ ରାସ୍ତାଘାଟରେ ଖାଲଖମା ସୃଷ୍ଟି ହୋଇଥିବାବେଳେ ପୋଲ ଉପରେ ବିପଦଶଙ୍କୁଳ ଅବସ୍ଥାରେ ଲୋକେ ଯିବା



ଲଘୁଚାପ ବର୍ଷାରେ ରାସ୍ତାରେ ପାଣି ଚାଲିଛି।

ଆସିବା କରୁଛନ୍ତି । ସେହିପରି ରିଆମାଳ ବ୍ଲକର ରେଙ୍ଗାଲବେଡା-ଟାବଡା ରାସ୍ତାରେ ମଧ ବନ୍ୟାପାଣି ବହୁଥିବାରୁ ଲୋକେ ଯିବା ଆସିବାରେ ହଇରାଣ ହରକତ ହେଉଥିବା ଜଣାପଡିଛି। ଅନ୍ୟପକ୍ଷରେ ଶନିବାର ସନ୍ଧ୍ୟାରୁ ମଧ ଲଗାଣ ବର୍ଷା ଲାଗି ରହିଛି।

## କେରଳ ବନ୍ୟା ବିପନ୍ନଙ୍କୁ ଆର୍ଥିକ ସହାୟତା

ସମ୍ବଲପୁର,୨୫।୮ (ବ୍ୟୁରୋ)

ସାକ୍ଷୀପଡ଼ା ଇଦ୍‌ଗା କମିଟି ପକ୍ଷରୁ ଶନିବାର କେରଳ ବନ୍ୟା ବିପନ୍ନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। କମିଟିର ଏକ ପ୍ରତିନିଧି ଦଳ ସମ୍ବଲପୁର ଜିଲାପାଳ ଅଫିସସ୍ଥିତ ଜରୁରୀକାଳୀନ ଅଧିକାରୀ ସଞ୍ଜୀବ କୁମାର ପୂଜାରୀଙ୍କୁ ୩୭ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି । ପ୍ରତିନିଧି ଦଳରେ ସଭାପତି ଜୁଲଫିକର୍ ଅଲ୍ଲି ଭଟ୍ଟୋ, ଏସ କେ ସୌକତ୍, ମହମ୍ମଦ ସବିର୍, ହାଜି ମୁଜା, ହାଜି ଆରିଫ୍ ହୁସେନ୍, ମହମ୍ମଦ ଜୁବେର୍, ମହମ୍ମଦ ହସିମ୍, ମହମ୍ମଦ ସୁବାନ୍, ଇଂ. ମହମ୍ମଦ ନିଜାମ୍, ଆଇନଜୀବୀ ମହମ୍ମଦ ସବୀର ଅହମ୍ମଦ, ନବାବ କାଦ୍ରୀ ପ୍ରମୁଖ ସାମିଲ ଥିଲେ। ସୂଚନାଯୋଗ୍ୟ ଯେ, ଗତ ଅଗଷ୍ଟ ୨୨ ତାରିଖ ପବିତ୍ର ଇଦ୍-ଉଲ୍ ଜୁହାରେ ସାକ୍ଷୀପଡ଼ା ଇଦ୍‌ଗାଠାରେ ସାମୁହିକ ନମାଜ୍ ପାଠ କରାଯାଇଥିଲା। ବିଶ୍ୱଶାନ୍ତି, ଭାରତ ବିକାଶ ଓ କେରଳ ବନ୍ୟା ବିପନ୍ନଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରାଯାଇଥିଲା। ଏଥିସହ ଇସଲାମ୍ ଧର୍ମାବଲମ୍ବୀମାନେ ଶକ୍ତି ଅନୁସାରେ ଅର୍ଥ ଦାନ କରିଥିଲେ । ଏଥିରୁ ୩୭ ହଜାର ଟଙ୍କା ସଂଗୃହୀତ ହୋଇଥିଲା ।

## ଫଟୋରେ ଖବର




କେରଳ ବନ୍ୟା ବିପନ୍ନଙ୍କୁ ସାହାଯ୍ୟ ପାଇଁ ଜମନକିରାରେ ଶୁକ୍ରବାର ଯୁବକମାନେ ବୁଲି ବୁଲି ଲୋକଙ୍କଠାରୁ ଆର୍ଥିକ ସହାୟତା ସଂଗ୍ରହ କରୁଛନ୍ତି।





ଶନିବାର ସମ୍ବଲପୁର ଟାଙ୍ଗରପାଲି ସିଦ୍ଧେଶ୍ୱର ବେର୍ଣ୍ଣ ଶିଶୁ ବିଦ୍ୟାମନ୍ଦିରରେ ସଂକୁଳସ୍ତରୀୟ ବିଜ୍ଞାନ ମେଳାରେ ଛାତ୍ରୀଛାତ୍ର ପ୍ରକଳ୍ପ ବୁଲି ଦେଖୁଛନ୍ତି (ବାମ)। ବିଚାରକମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି ।

## ସଂକୁଳସ୍ତରୀୟ ବିଜ୍ଞାନ ମେଳା

ସମ୍ବଲପୁର,୨୫।୮(ବ୍ୟୁରୋ)

■ ୫୧ ପ୍ରକଳ୍ପ ପ୍ରଦର୍ଶିତ
■ ଭାଗ ନେଲେ ୨୧୦ ଛାତ୍ରୀଛାତ୍ର

ସଂକୁଳସ୍ତରୀୟ ବିଜ୍ଞାନ ମେଳା ୨୦୧୮-୧୯ ଶନିବାର ଟାଙ୍ଗରପାଲି ସିଦ୍ଧେଶ୍ୱରବେର୍ଣ୍ଣ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସ୍କୃତ, ଗଣିତ, ବିଜ୍ଞାନ ବିଭାଗରେ ପ୍ରଶ୍ନମଞ୍ଚ, ପତ୍ରବାଚକ, ପ୍ରୟୋଗ ଓ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ଓ ଗଣିତରେ ୫୧ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେହିପରି ବିଭିନ୍ନ ବିଭାଗରେ ୨୧୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଅବସରପ୍ରାପ୍ତ ବରିଷ୍ଠ ବିଜ୍ଞାନ ଶିକ୍ଷକ ମନୁଲାଲ ପ୍ରସାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାର ଶୁଭାରମ୍ଭ କରିଥିଲେ। ସମ୍ବଲପୁର ବିଭାଗ ନିରୀକ୍ଷକ ପ୍ରଦୀପ କୁମାର ମିଶ୍ର, ସଂକୁଳ ପ୍ରମୁଖ ଆନନ୍ଦ କୁମାର ସାହୁ, ପରିଚାଳନା ସମିତି ସଭାପତି ଡ. ଉତ୍ତମ କୁମାର ପ୍ରଧାନ, ସମ୍ପାଦକ ହେମାଞ୍ଚଳ ମହାପାତ୍ର, କୋଷାଧକ୍ଷ ଶଙ୍କର ପ୍ରସାଦ ନାୟକ, ରଞ୍ଜନ କୁମାର ବିଶ୍ୱାଳ, ପୀତାମ୍ବର ଭୋଇ, ପ୍ରମୋଦ କୁମାର ପାଢ଼ୀ ସମ୍ମାନିତ ଅତିଥି ଥିଲେ। ସଂକୁଳ ସଂଯୋଜକ ଦିଲୀପ କୁମାର ପାଢ଼ୀ ଉତ୍ସବରେ ଉଦ୍ଦେଶ୍ୟ ଜ୍ଞାପନ, ଦୀନବନ୍ଧୁ ଦାଶ ପରିଚୟ ପ୍ରଦାନ, ଯୁଗ୍ମ ସମ୍ପାଦକ ଭୀଷ୍ମ କୁମାର ମେହେର ଧନ୍ୟବାଦ ଦେଇଥିଲେ। ବାସନ୍ତିରାଣୀ ପଣ୍ଡା ଓ ଦିପ୍ତିମୟୀ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବ୍ୟୋମକେଶ ଭୋଇ, ସୁଭଦିତା ମିଶ୍ର, ସଂଯୁକ୍ତା ମିଶ୍ର, ସଞ୍ଜୟ ଦାଶ, ସବୀର ରଞ୍ଜନ ନାଥ, ଧନପତି ମହାପାତ୍ର, ଦେବବ୍ରତ ବାରିକ, ସୁସ୍ମିତା ପଣ୍ଡା, ଏହେସାସ୍ ହୁସେନ୍, ମଧୁରୀମା ଦାଶ, ସୁସ୍ମିତା ଖଟୁଆ, ମଧୁମିତା ଦାଶ, ଶୁଶାନ୍ତ କୁମାର ସାଥୁଆ, ପ୍ରିୟଙ୍କା ମହାପାତ୍ର, ବିଜୟିତା ଦାଶ, ପ୍ରିୟଙ୍କା ବେହେରା, ମୋନାଲିସା ବାରିକ, ଡି. ଏଲିଜା ଗୌଡ ବିଚାରକ ଭାବେ ଯୋଗ ଦେଇଥିଲେ ।



ପ୍ରଥମେ ବିହନ ଫୋପାଡ଼ି ଦେଇ ପରେ ଶସ୍ୟ ସଂଗ୍ରହ କଲାପରି,
ପ୍ରଥମେ ପରର ଉପକାର କରିଗଲେ ଶେଷରେ ନିଜର ଉପକାର ହୁଏ।
- ସେନେକା



## ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

# ୨୦୯ ପଞ୍ଚାୟତ ପାଇଁ ୪୯.୬୯ କୋଟି ମଞ୍ଜୁର

ଭୁବନେଶ୍ୱର, ୨୫।୮(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ୯ଟି ଜିଲାର ୧୦ଟି ବ୍ଲକ ଅନ୍ତର୍ଗତ ୨୦୯ ପଞ୍ଚାୟତ ପାଇଁ ୪୯.୬୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସଚିବାଳୟରେ ଶନିବାର ହୋଇଥିବା ଏହି କାର୍ଯ୍ୟକ୍ରମ ଜରିଆରେ ଗଞ୍ଜାମ ଜିଲାର ଆସ୍କା ବ୍ଲକ, ପୁରୀର ପିପିଲି, ନୂଆପଡାର ନୂଆପଡା, ଭଦ୍ରକ ଜିଲାର ଭଦ୍ରକ, କେନ୍ଦୁଝର ଜିଲାର ସଦର, ଖୋର୍ଦ୍ଧା ଜିଲାର ଭୁବନେଶ୍ୱର ଓ ଜଟଣୀ, ସମ୍ବଲପୁରର ଢଙ୍କାଉଡା, ବରଗଡର ଝାରବନ୍ଧ ଏବଂ କନ୍ଧମାଳ ଜିଲାର ଫୁଲବାଣୀ ବ୍ଲକର ବିଭିନ୍ନ ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିଲା।

ଆସ୍କା ବ୍ଲକ ପାଇଁ ୬.୫୦ କୋଟି, ପିପିଲ ପାଇଁ ୬.୫୭ କୋଟି, ନୂଆପଡା ପାଇଁ ୫.୮୨ କୋଟି, ଭଦ୍ରକ ପାଇଁ ୯ କୋଟି , କେନ୍ଦୁଝର ସଦର ବ୍ଲକ ପାଇଁ ୬ କୋଟି ଟଙ୍କା ମଞ୍ଜୁର ହୋଇଛି। ସେହିପରି ଜଟଣୀ ବ୍ଲକ ପାଇଁ ୩.୭୫ କୋଟି , ଢଙ୍କାଉଦା ପାଇଁ ୨.୨୫ କୋଟି , ଝାରବନ୍ଧ ପାଇଁ ୨.୮୦ କୋଟି ଏବଂ ଫୁଲବାଣୀ ବ୍ଲକ ପାଇଁ ୨ କୋଟି ଟଙ୍କାର ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି।

୧୦ଟି ବ୍ଲକର ମୋଟ ୧୬୫୦ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଶନିବାର କାର୍ଯ୍ୟକ୍ରମକୁ ମିଶାଇ ରାଜ୍ୟର ୧୬୫ ବ୍ଲକର ୩୭୧୭ ଗ୍ରାମ ପଞ୍ଚାୟତ ବିଭିନ୍ନ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏ ପର୍ଯ୍ୟନ୍ତ ୩୪, ୧୧୨ ପ୍ରକଳ୍ପ ପାଇଁ ୮୪୩. ୬୫ କୋଟି ଟଙ୍କା ମଞ୍ଜୁର ହୋଇଛି।

## ଆଶା କର୍ମୀ ବଞ୍ଚାଇଲେ ଗର୍ଭବତୀଙ୍କ ଜୀବନ

ମାଲକାନଗିରି,୨୫।୮ (ଡି.ଏନ.ଏ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଅଞ୍ଚଳର ସୁମିତ୍ରା ସେଠୀ ନାମକ ଜଣେ ଆଶାକର୍ମୀ ସାହାସିକତା ପରିଚୟ ଦେଇ ଜଣେ ଗର୍ଭବତୀଙ୍କ ଜୀବନ ରକ୍ଷା କରିଛନ୍ତି । ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ସାରିଆଗୁଡା ଗ୍ରାମର ଜଣେ ଗର୍ଭବତୀ ମହିଳାଙ୍କ ପ୍ରସୂତି ସମ୍ପର୍କରେ ଆଶା କର୍ମୀ ସୁମିତ୍ରା ଖବର ପାଇବା ପରେ ତୁରନ୍ତ ୩ କି.ମି. ଚାଲି ଚାଲି ଯାଇ ଏକ ମାଛଧରା ଡଙ୍ଗା ସାହାଯ୍ୟରେ ନଦୀ ପାର ହୋଇ ସାରିଆଗୁଡା ଗ୍ରାମକୁ ଯାଇଥିଲେ। ସେଠାରେ ଗର୍ଭବତୀଙ୍କ ପ୍ରସବ ସମ୍ଭବ ନ ହେବାରୁ ସେ ତୁରନ୍ତ ତାଙ୍କୁ ପରିବାର ଲୋକଙ୍କ ସହାୟତାରେ ଧରି କିଛିକିଛି ବାଟ ଚଲାଇ ନଦୀଘାଟ ପର୍ଯ୍ୟନ୍ତ ଆଣିଥିଲେ। ପରେ ଡଙ୍ଗାରେ ପାର କରାଇ ଆମ୍ବୁଲାନ୍ସ ଯୋଗେ ଚିତ୍ରକୋଣ୍ଡା ମେଡିକାଲକୁ ନେଇଥିଲେ। ନିକଟରେ ଏକ ନାଳ ଥିବାରୁ ସାରିଆଗୁଡା ବର୍ତ୍ତମାନ ବାହ୍ୟଜଗତରୁ ବିଚ୍ଛିନ୍ନ ରହିଛି। ସେଥି ପାଇଁ ଗ୍ରାମକୁ ଆମ୍ବୁଲାନ୍ସ ଯାଇପାରି ନ ଥିଲା। ତେବେ ଆଶା କର୍ମୀଙ୍କ ସାହସ ଯୋଗୁ ସମ୍ପୃକ୍ତା ମହିଳାଙ୍କ ଚିତ୍ରକୋଣ୍ଡା ଡାକ୍ତରଖାନାରେ ପୁତ୍ର ସନ୍ତାନଟିଏ ଜନ୍ମ ହୋଇଛି। । ଉଭୟ ମାଆ ଏବଂ ଶିଶୁ ସୁସ୍ଥ ଅଛନ୍ତି। ଆଶାକର୍ମୀଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ପ୍ରସଂଶା କରାଯାଇଛି।


OFFICE OF THE
**CHIEF DISTRICT MEDICAL & PHO, BALASORE**
(CENTRAL WAREHOUSE)

**No.: 10839** **Date: 25.08.2018**

**TENDER CALL NOTICE**

Sealed tender is invited from Wholesalers / C&F / Manufacturers for supply of Medicines & Medical Consumables from time to time in various schemes in the current financial year so as to reach the DMO (MS)-cum-Superintendent, DHH, Balasore latest by 17.09.2018 through Regd. Post/Speed Post only. The same will be opened on 18.09.2018 at 11 A.M. in Chamber of the undersigned in the presence of the tenderers or their authorized representative. The opening process will not be postponed if the tenderers will not be present on the scheduled date & time. Details are available in the tender paper which can be downloaded from **www.baleswar.nic.in** & deposit the tender paper cost Rs.2000.00 in shape of DD in the name of ZSS, Balasore with tender paper which is non-refundable.

**Sd./- Chief District Medical & PHO, Balasore**

The Odisha Small Industries Corporation Ltd.
( A Government of Odisha Undertaking) )
*(An ISO:9001:2008 certified Govt.Company)*
Industrial Estate, Madhupatna, CUTTACK – 753 010. Odisha
Tel No. : 0671-0671-234 4992, 2342606 Fax : 0671-2341875/2342561
e-mail: osicltd@gmail.comosicltd@rediffmail.com website: osicltd.in

**EXPRESSION OF INTEREST**

The Odisha Small Industries Corporation Ltd., (OSIC), a Govt. of Odisha Undertaking, having its Regd. Office at Madhupatna, Industrial Estate, Cuttack-753010, invites "Expression of Interest" from recognized ISO Certification bodies for Certification of ISO 9001: 2015.
For further details and other specifications please log on to our website: www.osicltd.in.

**MANAGING DIRECTOR**

**OFFICE OF THE MUNICIPAL COUNCIL, RAJGANGPUR**
**DIST- SUNDARGARH, PIN- 770017**
Mail Id-rajgangpurmunicipality@gmail.com, Ph-06624-220454

**QUOTATION CALL NOTICE**

**No.4071** **Date 25.08.2018**

Rajgangpur Municipality invites sealed quotation from suppliers/Authorized Dealers for supply of (i) Chain Saw (Petrol) & (ii) 3 Seated waiting chair (Pure Stainless Steel) and the document proof should be attached with the quotation paper. Intending quotationers can submit their quotation paper in the prescribed quotation documents which can be available in the office of the undersigned on payment of Rs. 600/- in shape of M.R. of each quotation from dt. 27/08/2018 to dt. 03/09/2018 (up to 5.00 P.M.) .The quotation shall be submitted in sealed cover separately for the above equipments make to the undersigned through Regd. Post./Speed Post or in person along with their credentials, GST, If dealer/authorization dealership in original from the manufacturer, Warranty Period, Specifications, EMD 1% of quoted price, MR of quotation paper cost details should be attached with the quotation, so as to reach the undersigned on or before dt .06/09/2018 at 4.00 P.M. The quotation will be opened on Dt 07.09.2018 at 4.00 PM .The intending quotationers shall have to submit EMD in shape of Bank Draft in any nationalized bank favor of "Executive Officer, Rajgangpur Municipality" payable at Rajgangpur against the item along with sealed Quotation in time, failing which quotation will not be considered .The authority reserves the right to accept or cancel any or all quotations without assigning any reason thereof.

*Sd./- Executive Officer, Rajgangpur Municipality*

**OFFICE OF THE NOTIFIED AREA COUNCIL, KHALLIKOTE**
Letter No. 2159 Date: 23.08.18

**1st CORRIGENDUM NOTICE**

The following changes have been made to the Quotation Call Notice No.2123, Dt.14.08.18.
Date of sale of quotation paper- **17.08.2018** to **Dt.27.08.2018** upto **5.00 PM**
Last date of receipt of the quotation paper- **Dt.28.08.18** upto **01.00 PM**
Date of opening of the quotation paper- **28.08.18** at **03.00 PM**
EMD to be deposited- **Rs. 10,000/-** in shape of DD in favour of **Executive Officer, NAC, Khallikote** payable at Khallikote.
All other terms and conditions other than specified in this corrigendum shall remain unaltered.

**Sd./- Executive Officer**
**NAC, Khallikote**

**STATE INSTITUTE FOR DEVELOPMENT OF ARTS & CRAFTS (SIDAC)**
SIDAC
Handlooms, Textiles & Handicrafts Department, Government of Odisha

**No.1396** **Date:25.08.2018**

**EXPRESSION OF INTEREST**

State Institute for Development of Arts & Crafts (SIDAC) on behalf of Handlooms, Textiles & Handicrafts Department, Govt. of Odisha is going to organize **13th Toshali National Crafts Mela** during **December 2018** at **Janata Maidan, Bhubaneswar**.

Expression of Interest (EOI) in sealed cover are invited from interested architect / architectural firms having required eligibility, past experience and expertise in relevant field to provide end to end service for organizing such type of mega events. The interested architects / architectural firms are to inspect the ground **"Janata Maidan"** and collect required information regarding its location, size, and available amenities to cater the requirement of the event. The EOI should be submitted in the prescribed format in two separate bids i.e "Technical Bid" & "Financial Bid". The last date of submission of sealed offers in the office at SIDAC is up to **1:00 PM** on **dt.17.09.2018.** The "Technical Bids" will be opened at **3:00 PM** on **dt.17.09.2018** in presence of the tenderer or their authorised representatives. The "Financial Bids" of only selected architect / architectural firms will be opened on suitable date and time with intimation to the selected bidders.

The bid documents may be collected from the office of SIDAC, Handicrafts Complex, Gandamunda, Bhubaneswar-751030, Tel. No.: 0674-2350318 on payment of bid document cost or may be downloaded from the webistes: **www.sidacodisha.org.in** and **www.odisha.gov.in/textiles**.

**The authority reserves the right to accept or reject any or all the offers without assigning any reason thereof.**

Sd/- **Member Secretary**

**OFFICE OF THE ENGINEER-IN-CHIEF, RURAL WATER SUPPLY & SANITATION**
**JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA**
Tel: 0674-2395734, FAX: 0674-2394946, email: cerwssodisha@gmail.com

**NOTICE INVITING BID**

**NATIONAL COMPETITIVE BIDDING THROUGH e-PROCUREMENT FOR EXECUTION OF RURAL PIPED WATER SUPPLY PROJECTS IN DIFFERENT DISTRICTS ON EPC CONTRACT**
No. 7273, Date: 20.08.2018

**Request for Proposal (RFP)**

**No. 626-O:-** The Engineer-in-Chief, RWSS, (Water Supply) Odisha, Bhubaneswar, on behalf of the Governor of Odisha is engaged in the execution, operation & maintenance of water supply projects to the villages of different districts in the State of Odisha & as part of this endeavour, Government of Odisha has decided to undertake the work as mentioned below (the "Project") under EPC contract (Engineering, Procurement & Construction) basis & has decided to carry out the bid process for selection of the eligible Contractors to whom the projects under the package may be awarded eventually for construction as well as operation and maintenance for a period of 5 years.

| Package No. | Name of work | Bid Identification No. | Indicative project cost (Rs. in crore) | Period of completion & O&M Period | Availability of Bid document for online Bidding | |
|---|---|---|---|---|---|---|
| | | | | | From | To |
| Pkg-I | Execution of 2 nos. individual Rural Piped Water Supply Project pertaining to Khordha / Dhenkanal districts including 5 years O&M on EPC contract under the package | EIC, RWSS-13 / 18-19 | 317.70 | 24 (Twenty four months) & 60 (Sixty months) | 17.00 hrs. of 28.08.2018 | 17.00 hrs. of 28.09.2018 |
| Pkg-II | Execution of 2 nos. individual Rural Piped Water Supply Project pertaining to Boudh districts including 5 years O&M on EPC contract under the package | EIC, RWSS-14/18-19 | 405.36 | 24 (Twenty four months) & 60 (Sixty months) | 17.00 hrs. of 28.08.2018 | 17.00 hrs. of 28.09.2018 |

Name & address of officer inviting Bid : Engineer-in-Chief, RWSS Jal "O" Parimal Bhawan, Unit-V, Bhubaneswar, Ph: 0674-2395734/ 0674-2531533, email: cerwssodisha@gmail.com
Further details can be seen from the e-Procurement portal http://tendersorissa.gov.in
25040/11/0012/1819 *Sd./- Engineer-in-Chief, RWSS*

**e-Procurement Notice for Road Work Identification No. 06/EERW/BLS/2018-19**

628-O

1. Name of the work : Road
2. Total No. of works : 1 No.
3. Estimated Cost : Estimated Cost Rs. 53.05 Lakh
4. Class of Contractor : 'B' & 'A' Class
5. Time of Completion : 3 Months (Three Calendar months)
6. Other details :

| Procurement Officer | Bid Identification | Availability of tender online for bidding | | Last date & time of seeking tender clarification | Date & time of opening of tender in the Office of the Executive Engineer, R.W. Division, Balasore | |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | |
| Executive Engineer, Rural Works Division, Balasore | 06/ EERW/ BLS/ 2018-19 | 27.08.2018 at 11.00AM | 05.09.2018 upto 5.00PM | 04.09.2018 upto 1.00PM | Technical Bid- 07.09.2018 at 11.30AM | Financial Bid- 10.09.2018 at 11.30AM |

Further details can be seen from the website www.tendersodisha.gov.in
25108/11/0006/1819 *Sd./- Executive Engineer, R.W. Division, Balasore*

**GOVERNMENT OF ODISHA** 401-B
**OFFICE OF THE SUPERINTENDING ENGINEER, SOUTHERN (R&B) CIRCLE, BERHAMPUR**
Phone: 0680-2281582, FAX: 0680-2281582, e-mail: sescpwd@yahoo.co.in

**INVITATIONS FOR BIDS (IFB) [e-Procurement]**

Bid Identification No. S.E, S.C (R&B)-BAM-08/2018-19
No. 2958 // Dated: 13.08.2018

1) The Superintending Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road works as detailed in the table below.
2) Nature of work : Road works
3) No. of work : 07 Nos.
4) Tender Cost : Rs.10,000/- (online)
5) Class of Contractor : "B", "A" & Special Class
6) Availability of Bid document in the website : From 27.08.2018 10.00 AM to 11.09.2018 4.00 PM
7) Date of Opening of Bid : 12.09.2018 at 11.30 AM
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in.
9) Any addendum / corrigendum / cancellation of tender can also be seen in the said website only.

*Sd./- Superintending Engineer*
34103/11/0022/1819 *Southern (R&B) Circle, Berhampur*

# ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

ଓଡ଼ିଶା

(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର,
ୟୁନିଟ୍-୮, ଭୁବନେଶ୍ୱର- ୭୫୧୦୧୨

ସଂଖ୍ୟା : ୧୦୦୩୮ / IND-II-PH-757 ତାରିଖ : ୨୫.୦୮.୨୦୧୮

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ପାରାଦୀପ ପୋର୍ଟ ଟ୍ରଷ୍ଟ ଓଡ଼ିଶାର ଜଗତ୍‌ସିଂହପୁର ଜିଲ୍ଲା ଅନ୍ତର୍ଗତ ଷଣ୍ଢକୁଦାଠାରେ ପ୍ରସ୍ତାବିତ ବାହାର ପୋତାଶ୍ରୟର ଉନ୍ନତୀକରଣ, ପଶ୍ଚିମ ଡକ୍ ସହିତ ଭିତର ପୋତାଶ୍ରୟ ଓ ପୁରୁଣା ବର୍ଥଗୁଡ଼ିକର ଯାନ୍ତ୍ରୀକରଣ କାର୍ଯ୍ୟ ସମୂହ** ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ ''ସର୍ବସାଧାରଣ ଶୁଣାଣି'' **ତା ୧୭।୦୮।୨୦୧୮ ରିଖ ଦିବା ୧୦.୩୦ ଘଟିକା ସମୟରେ ଜଗତ୍‌ସିଂହପୁର ଜିଲ୍ଲା, ପାରାଦୀପ ମଧୁବନସ୍ଥିତ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପଠାରେ** ହେବାକୁ ଧାର୍ଯ୍ୟ ହୋଇଥିଲା। ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦପତ୍ର ଯଥା: "Indian Express" ଏବଂ ''ଧରିତ୍ରୀ'ରେ ତା.୧୪।୦୭।୨୦୧୮ ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା। କିନ୍ତୁ ତା।୧୭।୦୮।୨୦୧୮ ରିଖ ସରକାରୀ ଛୁଟି ଘୋଷଣା କରାଯିବାରୁ ଉକ୍ତ ଦିନ ହେବାକୁ ଥିବା ସର୍ବସାଧାରଣ ଶୁଣାଣିକୁ ସ୍ଥଗିତ ରଖାଯାଇଥିଲା। ଉକ୍ତ ସର୍ବସାଧାରଣ ଶୁଣାଣି **ତା୨୯।୦୯।୨୦୧୮ ରିଖ ଦିବା ୧୦.୩୦ ଘଟିକା ସମୟରେ ଜଗତ୍‌ସିଂହପୁର ଜିଲ୍ଲା, ପାରାଦୀପ, ମଧୁବନସ୍ଥିତ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପଠାରେ** ହେବାକୁ ପୁନଃ ନିର୍ଦ୍ଧାରିତ ହୋଇଛି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମିତ୍ତ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା. ୧୪.୦୯.୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମିତ୍ତ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କ ଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମିତ୍ତ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି।

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇ ପାରିବେ। ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା.୨୯.୦୯.୨୦୧୮ ରିଖ ଦିବା ୧୦.୩୦ ଘଟିକା ସମୟରେ ଜଗତ୍‌ସିଂହପୁର ଜିଲ୍ଲା, ପାରାଦୀପ, ମଧୁବନସ୍ଥିତ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଜଗତ୍‌ସିଂହପୁର**।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଜଗତ୍‌ସିଂହପୁର**।
୩. ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଜଗତ୍‌ସିଂହପୁର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର- ୭୫୧ ୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ପାରାଦୀପ**।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ୱେବ୍ ସାଇଟ୍ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ପାରାଦୀପସ୍ଥିତ** ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./- ସଦସ୍ୟ ସଚିବ**

# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସିନାପାଲି

ବିଜ୍ଞାପନ ସଂଖ୍ୟା: ୨୦୯୦ ତାରିଖ: ୨୩।୦୮।୨୦୧୮

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ କାର୍ଯ୍ୟସୂଚୀ ମୁତାବକ ୨୦୧୭-୧୮ ଆର୍ଥିକ ବର୍ଷ ଦ୍ୱିତୀୟ ପର୍ଯ୍ୟାୟ ଅକ୍ଟୋବର ୨୦୧୭ରୁ ମାର୍ଚ୍ଚ ୨୦୧୮ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥା ଦ୍ୱାରା ସମ୍ପାଦିତ ହୋଇଥିବା ମନରେଗା (ଏମ୍.ଜି.ଏନ୍.ଆର୍.ଇ.ଜି.ଏ.) ପ୍ରକଳ୍ପ ଗୁଡ଼ିକର ନିର୍ଦ୍ଦେଶ ମୁତାବକ କ୍ଷେତ୍ର ତଦନ୍ତ ପୂର୍ବକ ଗ୍ରାମପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟ ଗ୍ରାମରେ ସାମାଜିକ ସମୀକ୍ଷାଜନିତ ଗ୍ରାମସଭା ପୂର୍ବାହ୍ନ ଘ.୯.୦୦ ସମୟରେ ଅନୁଷ୍ଠିତ ହେବ। କ୍ଷେତ୍ର ତଦନ୍ତରେ ସହଯୋଗ ପୂର୍ବକ ଗ୍ରାମସଭାରେ ବହୁଳ ସଂଖ୍ୟାରେ ଉପସ୍ଥିତ ରହିବା ପାଇଁ ସମସ୍ତ ଲୋକ ପ୍ରତିନିଧି, ପଞ୍ଚାୟତିରାଜ ପ୍ରତିନିଧି ଏବଂ ଜନସାଧାରଣଙ୍କୁ ଅନୁରୋଧ।

| ସାମାଜିକ ସମୀକ୍ଷା ପର୍ଯ୍ୟାୟ | ଗ୍ରାମ ପଞ୍ଚାୟତର ନାମ | ସାମାଜିକ ସମୀକ୍ଷା | | | ବ୍ଲକ ସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମ ତାରିଖ | ଗ୍ରାମସଭା ପରିଚାଳନା କରିବା ପାଇଁ ନୋଡ଼ାଲ ଅଫିସର |
|---|---|---|---|---|---|---|
| | | ଆରମ୍ଭ ତାରିଖ | ଶେଷ ତାରିଖ | ଗ୍ରାମସଭା ତାରିଖ | | |
| ପ୍ରଥମ | କୁସୁମଯୋର, ଖର୍ସେଲ, ବରଗାଁ, ଭରୁଆମୁଣ୍ଡା, କେନ୍ଦୁମୁଣ୍ଡା, ହାତୀବନ୍ଧା, ଘୁଚାଗୁଡ଼ା, ଗୋର୍ଲା | ୨୭।୦୮।୨୦୧୮ | ୦୩।୦୯।୨୦୧୮ | ୦୩।୦୯।୨୦୧୮ | ୧୭।୧୧।୨୦୧୮ | ସମ୍ପୃକ୍ତ ଗ୍ରାମପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରା.ରୋ.ସେ., କନିଷ୍ଠ ଯନ୍ତ୍ରୀ / ଜି.ପି.ଟି.ଏ. / BPM I/c, BLC-I |
| ଦ୍ୱିତୀୟ | ଝାରବନ୍ଧ, ଟିମନପୁର, ସିନାପାଲି, ନିଲଜୀ, ନଙ୍ଗଲବୋଡ଼, ଖଇରପଦର, ଘଣ୍ଟିଗୁଡ଼ା, ରାଣୀମୁଣ୍ଡା | ୦୪।୦୯।୨୦୧୮ | ୧୦।୦୯।୨୦୧୮ | ୧୦।୦୯।୨୦୧୮ | | ସମ୍ପୃକ୍ତ ଗ୍ରାମପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରା.ରୋ.ସେ., କନିଷ୍ଠ ଯନ୍ତ୍ରୀ / ଜି.ପି.ଟି.ଏ. / BPM I/c, BLC-I |
| ତୃତୀୟ | ସିଂଗଝର, ମଖାପଦର, ଲିଟିଗୁଡ଼ା, ନୂଆମାଲପଡ଼ା, କରଣବାହାଲି, ଘାଟମାଲ | ୧୭।୦୯।୨୦୧୮ | ୨୪।୦୯।୨୦୧୮ | ୨୪।୦୯।୨୦୧୮ | | ସମ୍ପୃକ୍ତ ଗ୍ରାମପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରା.ରୋ.ସେ., କନିଷ୍ଠ ଯନ୍ତ୍ରୀ / ଜି.ପି.ଟି.ଏ. / BPM I/c, BLC-I |
| ଚତୁର୍ଥ | ଗୋଡ଼ାଲ, ଗୁଣ୍ଡାବାହାଲି, ନୂଆପଡ଼ା, କଇଁଟପଦର, ଚଟିଆଗୁଡ଼ା | ୨୫।୦୯।୨୦୧୮ | ୦୧।୧୦।୨୦୧୮ | ୦୧।୧୦।୨୦୧୮ | | ସମ୍ପୃକ୍ତ ଗ୍ରାମପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରା.ରୋ.ସେ., କନିଷ୍ଠ ଯନ୍ତ୍ରୀ / ଜି.ପି.ଟି.ଏ. / BPM I/c, BLC-I |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସିନାପାଲି

ODISHA HOCKEY MEN'S WORLD CUP
ସର୍ବ ଶିକ୍ଷା ଅଭିଯାନ
ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ
ODISHA INDIA'S BEST KEPT SECRET.

**DISTRICT PROJECT OFFICE**
**RTE-SSA, SUNDARGARH**
**Notification No........../G.C./dt.............**

**NOTIFICATION**

It is hereby informed to all concerned that in pursuance to the advertisement No. 1345 dated 13.07.2018 published in "The Sambad" & "The Dharitri" the Draft list of all candidates and rejected list who had applied for engagement of staff in different KGBVs of Sundargarh district has been uploaded in the Sundargarh district website www.sundergarh.nic.in and the same in available at District Project Office, Sarva Shikshya Abhiyan, Sundargarh. For objection if any, the last date of filling-up of objection is on or before 07.09.2018 in District Project Office, Sarva Shikshya Abhiyan, At/ Po- Sundargarh, Dist- Sundargarh through Speed Post or by hand. The objection will not be accepted after 07.09.2018.

**Sd./- DPC, RTE-SSA, Sundargarh**

OFFICE OF THE
**NOTIFIED AREA COUNCIL, BARPALI**
**No.: 1542** **Date: 24.08.18**

**Bid Identification No.- EOBRP/06/2018-19**

The Notified Area Council, Barpali invites online bid in single cover system through e-Procurement.

| | | |
|---|---|---|
| Tender reference No. | : | EOBRP/06/2018-19 |
| Name of Work | : | Civil Works out of "UNNATI" & SBM |
| Total No. of Works | : | 14 (Fourteen) |
| Value of Works | : | Rs.2,65,611/- to 3,48,595/- |
| Date of availability of Tender for Online bidding | : | From 1.00 P.M. Dt.25.08.18 upto 5.00 P.M. Dt.01.09.18 |
| Hard copy of Bid received | : | Upto 5.00 P.M. on Dt.04.09.18 |
| Date of Opening of Bids | : | At 11.00 A.M. on Dt.05.09.18 |
| Name and address of the Officer of Inviting Bid | : | Executive Officer, Notified Area Council, Barpali |

Further details can be seen from procurement portal the website: **http://tendersorissa.gov.in**.

**Sd./- Executive Officer**
**NAC, Barpali**




## BRIDE WANTED

Kalinga Vaishya Kumuti groom 6' / 28 years, Pharmaceutical MNC. 8093973530, 9438296801. D-63357

Brahmin boy 1989 B.Tech NIT MBA Xavier Software Bangalore. 7008967858. D-62780

## GROOM WANTED

Divorcee bride Govt. Officer 38, Clerk 33 (Caste-no-bar). Contact: 7873374269. D-63480

Now Matrimonial ads. only on Wednesday & Sunday
Book 1 Get 1 FREE

Suitable officer match in Govt./ PSU is invited for wheatish beautiful Odia Brahmin PSU Bank Officer 5'4"/ 26 years father is higher grade officer in Central Autonomous body. Contact: 8637282066. D-62779




## SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

**1500 sqft. gharabari boundary plot at Mancheswar, Bhubaneswar. 9124232466, 9437460564.** D-64891

Immediate ready for construction land at Rasulgarh near Hitech square (NH-5) @16,20,000/- 9437033320. D-63576

Yellowzone ଘରବାରି boundary corner immediate construction at Jagannathvihar. Contact: 8480447967. D-63039

Bhubaneswar ପିତାପଲ୍ଲିଠାରେ NHରୁ 700 mtr. ଦୂରତାରେ boundary wall campus ମଧ୍ୟରେ 30' ରାସ୍ତା ଥାଇ demarcated sthitiban plot ବିକ୍ରିହେବ। 9337110700, 9692619663. D-63575

**3BHK full furnished flat with all modern amenities for sale. Ideally located in the heart of the smart city. BMC Bhawani Enclave, residential part of Bhawani Complex, Saheed Nagar, Bhubaneswar. 9337404932.** D-61491

2BHK flat sale at SBI Colony, Kesura & କେସୁରାରେ ଘରବାରି ପ୍ଲଟ ପିଚୁ ରୋଡ୍‌କୁ ଲାଗି ମିଳୁଛି। 8480447967. D-63040

BDA approved land=2600 construction= 1400 building at Chakeisiani few plots at Satya Vihar for immediate sale. Details: 7008304833. (ବିଷ୍ଣୁ) D-7975

ମେହେରପଲ୍ଲୀ ମୌଜାରେ ରାସ୍ତାନଥିବା plot କେସୁରା highway ପାଖରେ ସୁଲଭ ମୂଲ୍ୟରେ ମିଳୁଛି। 8480447967. D-63041

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି। 9583032439. D-63588

Chakeisianiରେ yellowzone ଘରବାଡି boundary corner plot ମିଳୁଛି। Contact: 8480447967. D-63042

**3BHK duplex 38 Lakh near Balianta, residential plot near KIIT, Jagannath Temple, Trisulia, Trinath Bazar, Janal. 8249065546, 9938340505, 9040033905.** D-63590

Bhubaneswar low cost plot Pitapalli NH side, investment Barakuda 110/-. 7437853535. D-63591

ଭୁବନେଶ୍ୱରର ଅରଗୁଳ IIT ନିକଟରେ ଘରଉପଯୋଗି ଜାଗା **sqft.- 180/-ରେ ମିଳୁଛି। Indramani Parida: 9938737955.** D-63586

ଉତ୍ତରାରୁ 5km. ଦୂରରେ ଘରବାରି boundary plot with 20' road 260/-ରେ ମିଳୁଛି। 8480447967. D-63075

Gharabari plot Garage Chhak- 2,600/-, Jharapada- 1,700/-, Dhauli- 1,650/-, KEC- 800/-, Jaispatna- 350/-, 120/-. 8249447089. D-7999

New 3BHK duplex near VSS Nagar, Chakeisihani, 2650 sqft. plot at Jharapada. 9439541870, 7978723473. D-8000

Yellowzone ଘରବାରି plot ଝାରପଡ଼ା back side ମହାଦେବ ନଗରରେ ମିଳୁଛି। 8480447967. D-63076

Mega duplex house sales near Patia Raghunathpur with all mordern amenities. 8455826156. D-63592

Gharabari plot available near Kateni chhak adjacent Chandaka- Pitapalli highway, 5km from SUM Hospital Rs 550/- Psqft. Contact: 8339076535. D-63479

ପାହାଳ NH-5 ଠାରୁ ୬୦୦ ମିଟର ଦୂରତାରେ ୮୦ଫୁଟ ରୋଡକୁ ଲାଗି ଓ ୩୦ଫୁଟ ଇଣ୍ଟରନାଲ୍ ରୋଡଥାଇ ଜାଗା ବିକ୍ରି ହେଉଛି। 9438361586, 9439914523. D-8025

Booking duplex 4BHK 1500 sqft. Tankapani road Sai Temple 38,19,000/- simplex 2BHK 1200 sqft. 26,19,000/-. 7735738102. D-8027

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.30 Lakhs Contact: 9937059891, 8908312315, 8908292617.** D-8063

Simplex/ flat 2/3BHK Hanspal, Nakhara ready to move. 7992916484. D-62778

4BHK duplex at Balianta (land- 1400 construction- 2100) @ 50 Lakh residential gharabari land at Patrapada @ 2100, Malipada @ 1050, Nuagaon @ 800. Contact: M.Planets: 9861022055, 9938219397. D-8032

Book on 3BHK flats at OMFED Chandrasekharpur. Price 4800/- sqft. 7008394927. D-62782

Luxurious ready to move 3BHK flat BJB Nagar, Bhubaneswar, genuine buyer contact Deepak: 9937329999. D-61494

**ରସୁଲଗଡରୁ 2km. distance duplex 46,00,000/-, Kalinga Studio ଠାରୁ 3km. distance 37,00,000/- bank finance available, 9658061480, 7873380165.** D-63073

Bhubaneswar AIIMS Hospital, DOON School 30' road gharabari possession plot. 9438763122. D-62775

One BHK flat for sale near Seabeach, Puri with modern facilities. Contact: 0674-2561050, 8260011011. D-7917

NH- 5କୁ ଲାଗି ପାହାଳଠାରେ near Jagannath Temple 2BHK flat ବିକ୍ରି ହେବ। Contact: 9040001011. D-8024

Flats at Puri Studio 1/2BHK book @ 1 Lakh. 9124289585. D-8037

Offer ପିତାପଲ୍ଲି NH-5 side/ Xavier University backside ସୁଲଭ ମୂଲ୍ୟରେ plot. 9438355001. D-63595

## PURCHASE

Immediately wanting duplex, simplex independent house (broker Excuse). Contact: 9668244274. D-48714

A reputed realestate company requires land in around Cuttack and Bhubaneswar on basis of outright sharing and marketing contact: 9937816565, 9583944403. D-64897




Construction of home and shop with branded materials for 450/- and 1000/-. Mob: 9176647692. D-7923

**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & architect plan– SMPL: 9439483779.** D-8062

## GENERAL

## SALE

Furnished ac restaurant Lewis Road, Ravi Talkies Square, Bhubaneswar. 9437283845, 8249310165. D-63358

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-63593

ବଲ୍କା କାଠ ହୋଲସେଲରେ ବିକ୍ରିହେବ ଫୁଲନଖରା କଟକ ଯୋଗାଯୋଗ: 7809525452. D-63074

Office/ computer table 10 nos. @ 2000/- immediate sale Bhubaneswar. 7008967858. D-62781

## LEASE

Running Diagnostic centre available on lease at Chandin Chowck, Cuttack. Contact: 7008813110. D-7941




650 sqft. first floor office space near HDFC, ICICI Bank District Centre, Chandrasekharpur. 9337015101. D-62776

2BHK independent house near Kananvihar, Phase-II opposite Kanan tower. 9861476740. D-62777

**Living rooms furnished & exclusive ample parking near AIIMS, BBSR. Call: 7008682059.** D-61019

One BHK fully furnished house at Acharyavihar, preferable for single working bachelor. Contact: 7978067072. D-7949

3BHK flats with all modern amenities available for rent near Studio Chhack, Sum Hospital, Bhubaneswar. Contact: 7873983006, 7008683634, 9348302543. D-64102

Accomodation in Forest Park available on rent 16,000/- for family only. Government Corporate Executive prefer. 9337120003. D-36452

## ACCOMMODATION

Wanted 800-1000 sqft. space for office & computer education centre (Maitri Vihar/ Jaydev Vihar/ Nayapalli/ Acharya Vihar/ CRP Square). Call: 9853483658, 9938720683. D-64101




Shivam logistic packers movers. Household/ car relocation countrywide. 9777044177, 9338461133. D-7836

A-class packers & movers. Household relocation countrywide. 9338820222, 9938534188. D-7979




"Ashribad Spa" is reputed ayurvedic clinic provided all type herbal body massage by well trained ladies therapist. Contact: 9040050502. D-64840

Rejuvenate and ayurvedic full body massage by smart therapist. 9114402304. D-64841

Pamper yourself this Mansoon profesional massage contact Purple Orchid. 9776598888. D-64842

Experience full body massage with us by experts. Enquiry: 7377048581. D-64884

Herbal full body massage smart boys therapist home service available. Phone: 9937929638. D-7970

All type of massage and good therapy full body massage Sai herbal spa. 7609005923. D-64201

Bangkok spa special offer 50% off on all 1hrs any full body massage. 9861688844, 8018739084. D-63582

G.S Spa herbal full body massage ladies/ gents. 9078429117, 7683840853. D-63072

Fully refreshed/ relaxed body massage by expert therapist, Shastrinagar. 7377984773. D-64894

Newly opening ayurvedic body massage in joint pains, smart therapist. 9776383819. D-64895

Newly opening ayurvedic body massage smart therapist, Shree Herbal. 7750020754. D-64896

Ayurvedic full body massage ladies / gents smart expert therapist. 9114697517. D-63043

Herbal full body massage by smart/ expert therapist. Contact: 8338067247. D-64900

Physiotherapy and Herbal massage by trained ladies/ Gents Therapist- 7008773793. D-63478

BBSR opening newly ayurvedic full body massage ladies & gents. 7438851534, 7609923705. D-38524




Class-III- X CBSE/ ICSE student for Math, Science English tuition. 9090864953. D-62783




T-shirts dealership at zero deposit direct from factory latest collections. 9998819325, 9106521055 precious Enterprises, Surat. D-8043

## LOST

ମୋର ମହକିଲ ଶ୍ରୀ ସତ୍ୟପ୍ରିୟ ନାୟକଙ୍କର ସତ୍ୟରଞ୍ଜନ ଦାସଙ୍କ ନାମରେଥିବା ଭୁବନେଶ୍ୱର ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାର ଦଲିଲ୍ ନଂ ୯୧୮, ୯୧୯ ତା୨୫।୦୧।୨୦୦୮ ଏବଂ ଦଲିଲ ନଂ– ୩୭୨୮ ଓ ୩୭୨୯ ତା୧୧।୦୪।୨୦୦୮, ମୌଜା– ମେଣ୍ଢାଶାଳର ଅସଲି ଦଲିଲଗୁଡିକ ତା୧୫।୦୯।୨୦୧୩ରିଖ ଦିନ ଦିବା ୯.୩୦ମି. ଗାଡିରେ ଯାଉଥିବା ସମୟରେ ବରମୁଣ୍ଡା ଛକଠାରୁ ଖଣ୍ଡଗିରି ଛକ ମଧ୍ୟରେ କେଉଁଠାରେ ଖସି ପଡିଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଆନ୍ତି କିମ୍ବା କେହି ଏହାର ଦାବିଦାର ଥାନ୍ତି ତେବେ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଶ୍ରୀ ଶୈଳେନ୍ଦ୍ର କୁମାର ସ୍ୱାଇଁ, ଅଧିବକ୍ତା, ଭୁବନେଶ୍ୱର, ଫୋନ– 9938833036. D-8038

**ପାଠକଙ୍କ ପାଇଁ ସୁଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LOST

I Sri Bidyadhar Nayak, S/o- Late Ishwar Chandra Nayak have lost the Regd. Sale Deed No.- 4560/2000, 6944/2000 somewhere. I have not created any charge, mortgage lien with any financial institution by mortgaging the same if someone finds the same kindly inform in mobile No.- 9437263213. Bidyadhar Nayak. D-8045

**Birthday Wishes**



**Monalisha Jena**

Many many Happy returns of the day to my dear Dhana. God Blesse you. Heartly wishes from: Baba, Didi, Mummy, Didi, Nana, Gugu, Bapa, Bou. D-8042

**6th Birthday Wishes**



(Rakhi)

**Jagsobha Mishra**

ତୋର ଶୁଭ ଷଷ୍ଠ ଜନ୍ମଦିନ ଅବସରରେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ତୋର ଚଲାପଥ କୁସୁମିତ ହେଉ। ତୋର ମଙ୍ଗଳାକାଂକ୍ଷୀ– ଅଜା, ଆଈ, ମାମୁ, ମଉସା, ମାଉସୀ, ପିଉସା, ପିଉସୀ, ବବ୍‌ଲୁ। ଧ–୮୦୨୯

**Birthday Wishes**



(Aadi)

**Nishant**

S/o- Nisith & Mitali
Patitapaban Patna, Nimapada

Happy Birthday Aadi... May everything that makes you happy be yours today, tomorrow & always. Stay blassed lots of best wishes from- Little, Lucky, Family Pipli. D-8030

**6th Birthday Wishes**



(Pihu)

**Janisha Paikaray**

Orakala, Botanda,
Sundarpada, BBSR

Happy Birthday, we hope you have the happiest birthday. Enjoy your special day. Best wishes from: Paikaray Family. D-64108

**୧୮ତମ ଜନ୍ମଦିନ ଶୁଭେଚ୍ଛା**



**କଳ୍ପନିଗମ**

ବାବା, ଧାରା ଶ୍ରାବଣର ପୂର୍ଣ୍ଣମୀ ତିଥି, ସେଦିନ ଜନ୍ମିତ ହେଲା ମୋ ନାତି। ଏତେ ବଡ ଭାଗ୍ୟ ପାଇଛୁ ତୁହି ଗୁରୁ ଜନ୍ମଦିନେ ଜନ୍ମିତ ହୋଇ ତାଙ୍କ ଆଶୀର୍ବାଦ ତୋ ସାଥେ ଥାଉ ତୋ ସାରାଜୀବନ ଆଲୋକିତ ହେଉ, ପ୍ରସ୍ଫୁଟିତ ହେଉ, ବିକଶିତ ହେଉ। ଏତିକି ପ୍ରାର୍ଥନା ତୋ ପାଇଁ ମୋର ଆଈ, ଅଜା, ମାମା, ବାପା। ଧ–୭୯୪୬

**3rd Birthday Wishes**



(Babul)

**Smarak Shreeyan Parida**

Chend, Phase-1, Rourkela

ଅନେକ ଅନେକ ଶୁଭେଚ୍ଛା
ପରିବାର: ବାପା, ମା, ବଡବାପା, ମିମି, ତୁହୀନା, ପ୍ରଥମ, ମାମୁ, ଅଜା, ଆଈ। ଧ–୬୪୦୦୮

**ପଞ୍ଚମ ଜନ୍ମଦିନ ଶୁଭେଚ୍ଛା**



(ଗୁଗୁ)

**ଆଦର୍ଶ ବେହେରା**

ଖଜୁରିପଡ଼ା, ଫୁଲବାଣୀ, କନ୍ଧମାଳ

ଆଜି ଶୁଭ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ସେ ତୁମ ଚଲାପଥ କୁସୁମିତ କରନ୍ତୁ ଏବଂ ନୀରୋଗ ରଖନ୍ତୁ। ଶୁଭେଚ୍ଛା ସହ: ଜେଜେମା, ଅଜା, ଆଈ, ଆୟୁଷ ଭାଇ, ବାପା, ମା, ମାମୁ, ମାଉସୀ, ବନ୍ଧୁ ଓ ପରିବାରବର୍ଗ। ଧ–୮୦୪୦

**6th Birthday Wishes**



(Ashu)

**Ashutosh Nayak**

Belapada, Garia, Nayagarh

Happy Birthday, wishing you joy and happiness in life. Have a great day. Best wishes from- Nayak Family. D-64109

**4th Birthday Wishes**



(Raja)

**Sai Shivam Sahoo**

Rampa, Bari, Jajpur

ମା' ତାରିଣୀଙ୍କ କୃପାରୁ ତୋର ଭବିଷ୍ୟତ ଉଜ୍ଜ୍ୱଳ ଓ ଚଲାପଥ କୁସୁମିତ କରିବା ସହ ତୋତେ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଅଜା, ଆଈ, ବଡବାପା, ବଡ ମାମା, ବାପା, ମାମା, ଦାଦା, ଖୁଡୀ, ପିଉସା, ପିଉସୀ, ମାମୁ, ମାଇଁ, ଗୁଲୁ ଦିଦି, ଗୁନୁ ଦିଦି, ଇସୁ ଦିଦି, ହରି ଭାଇ, ଓମ୍ ଭାଇ, ନିମାଇଁ ଭାଇ ଓ ଅନ୍ୟାନ୍ୟ ପରିବାରବର୍ଗ। ଧ–୮୦୩୯

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



(ରାଖୀ)

**ସୋନମ ମହାନ୍ତି**

ନୂଆସାହି, ଶାଣ୍ଡରା, ସାକ୍ଷୀଗୋପାଳ, ଚୌଦ୍ୱାର, କଟକ

ଆଜି ଜନ୍ମଦିନ ଘେନ ମୋ ପ୍ରଣାମ ସୃଷ୍ଟିକର୍ତ୍ତା ତୁମେ ପ୍ରଭୁ ନାରାୟଣ, ପ୍ରାର୍ଥନା କରୁଛୁ ତୁମ ଶ୍ରୀଚରଣେ ଆଶୀର୍ବାଦ କର ପ୍ରଭୁ ଏ କୁନି ସୋନମେ। ଶୁଭେଚ୍ଛା ସହ: ବଡବାପା, ବୋଉ, ବାବା, ମାମା, ଭାଇ, ଭଉଣୀ, ଅଜା, ଆଈ, ମାଉସୀ ଓ ବନ୍ଧୁପରିଜନ। ଧ–୮୦୩୫

## CLASSIFIED BOOKING STATIONS

**SAGAR COMMUNICATION**
Damana Square, Chandrasekharpur, BBSR-16, Infront of Metro Homes & IDBI Bank. Mr. Sagar Sahoo, Ph: 9861237341, 0674-2744077.

**PANCHAMUKHI ADVERTISERS**
Baramunda, Jagannath Vihar, Lane no-4, Road No-2, BBSR. Mr. Prasanta Kumar Nayak, Mob: 9438689186.

**SABARI COMMUNICATION**
Bhejaput, Damanjodi, Koraput, Contact: Mr. Ashoka Khara, Mob: 9437182158, 9668847771.

**AMAN ADDCARE**
Niranjan Sahoo, Plot No.-114/7, Airport Square, Bhimpur, BBSR, Mob : 9937426436

**Orissa Research Foundation & Educational Trust**
Plot No-1732/A, Gobinda Prasad, Bomikhal, BBSR-10, Contact: Mr. Pradeep Kumar Patra. Mob: 8270703878, 0674-6506655.

**SUMIT COMMUNICATION**
Hruda Nanda Behera, Plot No.- 983, Mancheswar, BBSR, Mob : 9938965727

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674- 2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674- 2590575, 9937064680

**MAHALAXMI VARIETY STORE**
Badagada Brit Colony, J. K. Panigrahy, Mob : 9437941222

**KANAN COMPUTERS**
Samantrapur, Ramakanta Sasmal, Mob : 9437439164

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**MAA SARALA ENTERPRISERS**
N-5/37, Nayapalli, BBSR, Tushar Pattnaik, 8018202611

**BISHNUPRIYA COMMUNICATION**
Shop No.-5, Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

**STUDIO MUNNA PHOTOGRAPHY**
N-6, 311, IRC Village, Nayapali, BBSR, Chitta Ranjan Patra, Mob- 9337180581, 9124380581

**EUREKA ADVERTISER**
N-6/259, IRC Village, Nayapali, BBSR, Nihar Ranjan Mohanty, Ph:0674-2360820, 9337111752

**ANITA ADVERTISERS**
S-17, BDA Market Complex, Nilakantha Nagar, near Passport Office, Nayapalli, BBSR-12, Chinmaya Choudhury, Ph: 9338991113, 9337661113, 0674-2564277

**TAMANNA COMMUNICATION**
Plot-2132/4177(B), Vivekananda Marg, BBSR-2, Babina/ Dudu Mohanty, Mob-9438092141, 9937073667

**GYANA BHANDAR**
Tamando, Bhubaneswar, Rohit Behera, Ph: 9438621987

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg, Unit-IV, BBSR, Kalicharan Satpathy, Ph- 2394630, 3254186, 9090835267

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ**



**ସ୍ୱର୍ଗତ ପର୍ଶୁରାମ ବ୍ରହ୍ମା**

ଅବସରପ୍ରାପ୍ତ I.A.S ଓ ବରିଷ୍ଠ ପ୍ରଶାସକ
ଆବିର୍ଭାବ: ୦୮।୦୪।୧୯୨୮
ତିରୋଧାନ: ୧୫।୦୮।୨୦୧୮
B-23, ବିଜେବି ନଗର, ଭୁବନେଶ୍ୱର

ଆମମାନଙ୍କୁ ଶୋକସାଗରରେ ଭସାଇ ଦେଇ ଆପଣ ଆରପାରିକୁ ଚାଲିଗଲେ। ଆପଣଙ୍କ ଆଦର୍ଶ, ସ୍ନେହ, ସରଳତା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ଅମାୟିକ ବ୍ୟବହାର ଆମମାନଙ୍କ ପାଇଁ ଚିର ପାଥେୟ ହେଉ। ଆପଣଙ୍କ ମହାନ୍ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଓ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ବିନ୍ଦୁ (ଧର୍ମପତ୍ନୀ), ପୂର୍ଣ୍ଣେନ୍ଦୁ ଓ ମାମୀ (ପୁତ୍ର, ପୁତ୍ରବଧୂ), ପ୍ରଫେସର ବିଜୟ ରଥ, ଜ୍ୟୋସ୍ନା (ଜ୍ୟେଷ୍ଠ ଜାମାତା, କନ୍ୟା), ଅଶୋକ ଶତପଥି, ମାଗୁନୀ (କନିଷ୍ଠ ଜାମାତା, କନ୍ୟା), ନାତି, ନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁ ଏବଂ ପରିବାରବର୍ଗ (ନିଆଳ ମଲ୍ଲୀପୁର ଶାସନ, ଖୋର୍ଦ୍ଧା)। ଧ–୮୦୩୬

**ଏକାଦଶାହ ଉପଲକ୍ଷେ ସ୍ମୃତି ତର୍ପଣ**



**✓ ଯୋଗେଶ୍ୱର ମିଶ୍ର**

ଆବିର୍ଭାବ : ୦୭.୦୫.୧୯୪୨
ବଲ୍ଲୁଆଡ଼ି, ଯାଜପୁର ଟାଉନ୍
ତିରୋଧାନ : ୧୬.୦୮.୨୦୧୮
N-4/291, ଆଇ.ଆର.ସି.ଭିଲେଜ୍, ଭୁବନେଶ୍ୱର

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ! ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥
ଆପଣ ହଠାତ୍ ଗୋଟିଏ ମୁହୂର୍ତ୍ତ ଭିତରେ ଇହଧାମ ତ୍ୟାଗ କଲେ ଏହା ଆମ ସ୍ୱପ୍ନର ବାହାରେ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟ ପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଆପଣଙ୍କର ଅମର ଆତ୍ମା ପରମାତ୍ମାରେ ଲୀନ ହେଉ ଏହା ଆମର ଜଗତରନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ : ପୁଅ-ବୋହୂ, ଝିଅ-ଜ୍ୱାଇଁ ନାତି-ନାତୁଣୀ ଓ ପରିବାରବର୍ଗ
ଧ–୬୧୪୯୩

| | |
|---|---|
| Dollar | 69.92 |
| Sensex (85) | 38,251.80 |
| Nifty (25.65) | 11,557.10 |
| Gold (₹ 250) | 30,900.00 |
| Silver (₹400) | 38,250.00 |

"୧୧ଟି ରଣଖିଲାପୀ କମ୍ପାନୀର ୬୨ ହଜାର କୋଟି ଟଙ୍କା ଏନ୍‌ପିଏ ସମାଧାନ ଲାଗି ପ୍ରୟାସ ଚାଲିଛି।

– ରଜନୀଶ କୁମାର, ଏସ୍‌ବିଆଇ ଅଧ୍ୟକ୍ଷ



"୨୧ହଜାର କୋଟି ଟଙ୍କା ବ୍ୟୟ କରି ବେଦାନ୍ତ ଇଲେକ୍ଟ୍ରୋଷ୍ଟିଲ ଷ୍ଟିଲ କମ୍ପାନୀର ଉତ୍ପାଦନ କ୍ଷମତାକୁ ବାର୍ଷିକ ୨.୫ ମିଲିୟନ ଟନକୁ ବୃଦ୍ଧି କରିବ।

– ନବୀନ ଅଗ୍ରୱାଲ, ଅଧ୍ୟକ୍ଷ ବେଦାନ୍ତ



■ସୋମବାର ସରୁଛି ଦେବାଳିଆ ଆଇନର ସମାଧାନ ଅବଧି

# ଟଣା ହେବେ ୬୦ କମ୍ପାନୀ

ନୂଆଦିଲ୍ଲୀ,୨୫-୮

ବ୍ୟାଙ୍କରପ୍ସି କୋଡ ଅଧୀନରେ ଏନପିଏ (ଅନାଦାୟ ଋଣ) ସମାଧାନ ଲାଗି ରିଜର୍ଭ ବ୍ୟାଙ୍କ ଚଳିତ ବର୍ଷ ଫେବୃୟାରୀ ୧୨ରେ ବ୍ୟାଙ୍କଗୁଡିକ ପାଇଁ ୬ ମାସର ସମୟସୀମା ଧାର୍ଯ୍ୟ କରିଥିଲେ। ଏହି ଅବଧି ଭିତରେ ଋଣ ନେଇ ପରିଶୋଧ କରି ନଥିବା କମ୍ପାନୀ ସମ୍ପୃକ୍ତ ବ୍ୟାଙ୍କ ସହ ଆଲୋଚନା କରି ଏନପିଏର ସମାଧାନ କରିପାରିବେ। ସୋମବାର ଆରବିଆଇର ଏହି ସମୟସୀମା ଅବଧି ଶେଷ ହୋଇଯିବ। ଏହାପରେ ପ୍ରାୟ ୩.୫ ଲକ୍ଷ କୋଟି ଟଙ୍କାର ଋଣ ନେଇ ପରିଶୋଧ କରି ନ ଥିବା ୬୦କମ୍ପାନୀ ବିରୋଧରେ ବ୍ୟାଙ୍କ ସମୂହ ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ(ଏନସିଏଲଟି)ର ଦ୍ୱାରସ୍ଥ ହେବାକୁ ଯାଉଛନ୍ତି। ଆସନ୍ତା ସପ୍ତାହରେ ଏହି କମ୍ପାନୀଗୁଡିକ ବିରୋଧରେ ଟ୍ରିବ୍ୟୁନାଲରେ ମାମଲା ଦାୟର କରାଯିବ।





ପ୍ରାପ୍ତ ବିବରଣୀରୁ ଜଣାପଡିଛି ଯେ, ଋଣଖିଲାପୀ ୬୦ କମ୍ପାନୀ ମଧ୍ୟରେ ଥିବା ୧୧ଟି ଷ୍ଟେଟ ବ୍ୟାଙ୍କରୁ ପ୍ରାୟ ୬୨ ହଜାର କୋଟି ଟଙ୍କାର ଋଣ ନେଇ ଆଉ ପରିଶୋଧ କରିନାହାନ୍ତି। ବ୍ୟାଙ୍କରପ୍ସି କୋଡ ଅନୁଯାୟୀ ୧୮୦ ଦିନ ଭିତରେ ଏହି କମ୍ପାନୀଙ୍କ ସହ ଏସବିଆଇର ଏନପିଏ ସମାଧାନ ହୋଇଯିବା କଥା। ସମୟ ପାଖେଇ ଆସୁଥିବା ବେଳେ ଏହା ସମ୍ଭବ ହୋଇପାରୁ ନାହିଁ। ଏଦିଗରେ ଏସବିଆଇ ଯଥାସାଧ୍ୟ ଚେଷ୍ଟା ଚଳାଇଛି ବୋଲି ବ୍ୟାଙ୍କର ଅଧ୍ୟକ୍ଷ ରଜନୀଶ କୁମାର ହାଇଦ୍ରାବାଦରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରକାଶ କରିଛନ୍ତି। ଆରବିଆଇ ସର୍କୁଲାର ଅନୁଯାୟୀ ୨ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଋଣଖିଲାପୀ କ୍ଷେତ୍ରରେ ୬ ମାସ ମଧ୍ୟରେ ଏନପିଏ ସମାଧାନ ହେବା ଦରକାର। ଏହି ସମୟସୀମା ମଧ୍ୟରେ ସମାଧାନ ପନ୍ଥା ନ ବାହାରିଲେ ସମ୍ପୃକ୍ତ ବ୍ୟାଙ୍କ ଅଥବା ବ୍ୟାଙ୍କ ସମୂହ ଏନସିଏଲଟିରେ ମାମଲା ଦାଏର କରିପାରିବେ ଏବଂ ଋଣଖିଲାପୀ କମ୍ପାନୀଙ୍କୁ ଦେବାଳିଆ ଘୋଷଣା କରାଯିବ। ରେଟିଂ ଏଜେନ୍ସି ଇକ୍ରାର ଅନୁଧ୍ୟାନ ଅନୁଯାୟୀ ଏଭଳି ୭୦ ଋଣଖିଲାପୀ କମ୍ପାନୀ ରହିଛନ୍ତି ଯାହାର ଏନପିଏ ପରିମାଣ ପ୍ରାୟ ୩.୮ଲକ୍ଷ କୋଟି ଟଙ୍କାରେ ପହଞ୍ଚିଲାଣି। ସେପ୍ଟେମ୍ବର ପହିଲା ସୁଦ୍ଧା ଏସମସ୍ତ କମ୍ପାନୀଙ୍କ ସହ ଏନପିଏ ସମାଧାନ ହୋଇଯିବା ଆବଶ୍ୟକ। ଇତିମଧ୍ୟରେ ୪ ଲକ୍ଷ କୋଟି ଟଙ୍କାର ୪୦ ଋଣଖିଲାପୀଙ୍କ ବିରୋଧରେ ଏନସିଏଲଟିରେ ମାମଲା ଦାଏର ହୋଇଛି। ଏହି କମ୍ପାନୀଙ୍କ ଛଡା ୨.୫ ଲକ୍ଷ କୋଟି ଟଙ୍କାର ଏନପିଏ ଥିବା ୩୪ ଶକ୍ତି ପ୍ରକଳ୍ପ ସମ୍ପର୍କରେ ସମାଧାନ ପନ୍ଥା ଖୋଜି ବାହାର କରିବା ଲାଗି ଆରବିଆଇ ଇତିମଧ୍ୟରେ ବ୍ୟାଙ୍କଗୁଡିକୁ ନିର୍ଦ୍ଦେଶ ଦେଇ ସାରିଛି। ଏସବିଆଇ ଅଧ୍ୟକ୍ଷ କୁମାରଙ୍କ ମତରେ ଚାପଗ୍ରସ୍ତ ୧୧ କମ୍ପାନୀଙ୍କ ମଧ୍ୟରୁ ୭କୁ କିଣିବା ଲାଗି କ୍ରେତା ମାନେ ଆଗ୍ରହ ପ୍ରଦର୍ଶନ କରିଛନ୍ତି।

## ସାପ୍ତାହିକ ସମୀକ୍ଷା

### ସର୍ବୋଚ୍ଚ ସ୍ତରରେ ମାର୍କେଟ ବନ୍ଦ

ମୁମ୍ବାଇ,୨୫-୮



ଷ୍ଟକ ମାର୍କେଟରେ ବର୍ତ୍ତମାନ ବୁଲ୍ ରନ ଚାଲିଛି। କ୍ରମାଗତ ୫ମ ସପ୍ତାହ ହେବ ସେନସେକ୍ସ ରେକର୍ଡ ସର୍ବୋଚ୍ଚ ସ୍ତର ଛୁଇଁଛି। ଚଳିତ ସପ୍ତାହରେ ଏହା ୩୦୩.୯୨ ପଏଣ୍ଟ ବୃଦ୍ଧି ପାଇ ୩୮,୨୫୧.୮୦ରେ ପହଞ୍ଚିଛି। ସେହିପରି ୫୦ ଶେୟାର ବିଶିଷ୍ଟ ନିଫ୍ଟିରେ ୮୬.୩୫ ପଏଣ୍ଟ ବୃଦ୍ଧି ପରିଲକ୍ଷିତ ହେବାରୁ ଏହା ଚଳିତ ସପ୍ତାହର କାରବାର ସେସନରେ ୧୧,୫୫୭.୧୦ ପଏଣ୍ଟରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଘରୋଇ ଫଣ୍ଡ ଏବଂ ଏଫଆଇଆଇଙ୍କ ନିବେଶ ବୃଦ୍ଧି ଓ କେତେକ ବଛା ବଛା ଶେୟାର ପ୍ରତି ନିବେଶକଙ୍କ ଆଗ୍ରହ ଯୋଗୁ ହେଭିୱେଟ ଶେୟାର ଗୁଡିକରେ ବୃଦ୍ଧି ପରିଲକ୍ଷିତ ହୋଇଥିଲା। ସପ୍ତାହ ଆରମ୍ଭରେ ସେନସେକ୍ସ ୩୮,୦୭୫.୦୭ ପଏଣ୍ଟରେ କାରବାର ଆରମ୍ଭ କରି ୩୮,୪୮୭.୬୩ରେ ସର୍ବକାଳୀନ ସ୍ତରରେ ପହଞ୍ଚି ସପ୍ତାହ ଶେଷରେ ୩୮,୨୫୧.୮୦ରେ ବନ୍ଦ ହୋଇଥିଲା। ଫଳରେ ସେନସେକ୍ସରେ ୦.୮୦ ପ୍ରତିଶତ ଅର୍ଥାତ ୩୦୩.୦୨ ପଏଣ୍ଟ ବୃଦ୍ଧି ଦେଖିବାକୁ ମିଳିଥିଲା। ଗତ ୪ ସପ୍ତାହ ଭିତରେ ସେନସେକ୍ସରେ ୧୬୭୬.୭୮ ପଏଣ୍ଟ ଅର୍ଥାତ ପ୍ରାୟ ୪.୫୬ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ଚଳିତ ସପ୍ତାହରେ ନିଫ୍ଟି ୧୧୫୦୨.୧୦ରେ କାରବାର ଆରମ୍ଭ କରି ଏକ ସମୟରେ ୧୧,୬୨୦.୭୦ର ରେକର୍ଡ ସ୍ତରରେ ପହଞ୍ଚି ସପ୍ତାହ ଶେଷରେ ୮୬.୫୦ ପଏଣ୍ଟ ବୃଦ୍ଧି ସହ ୧୧,୫୫୭.୧୦ରେ ବନ୍ଦ ହୋଇଥିଲା।

## ଖବର ଏଇ ସପ୍ତାହ

### ଉଷା ଅନନ୍ତ ସୁବ୍ରମଣ୍ୟନଙ୍କୁ ଜାମିନ

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ୧୪,୦୦୦ କୋଟି ମହାଘୋଟାଲା ମାମଲାରେ ଆଲ୍ଲାହାବାଦ ବ୍ୟାଙ୍କର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ତଥା ସିଇଓ ଉଷା ଅନନ୍ତ ସୁବ୍ରମଣ୍ୟନଙ୍କୁ ସିବିଆଇର ସ୍ୱତନ୍ତ୍ର କୋର୍ଟ ସୋମବାର ଜାମିନ ପ୍ରଦାନ କରିଛନ୍ତି। ଉକ୍ତ ମାମଲାରେ ଉଷାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଷ୍ଟ୍ରପତି ଚଳିତ ମାସ ଅନୁମୋଦନ ପ୍ରଦାନ କରିଥିଲେ।

### ଇଂଲଣ୍ଡରେ ନୀରବ ମୋଦି

ପିଏନ୍‌ବି ଋଣ ଘୋଟାଲାରେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ନୀରବ ମୋଦି ଇଂଲଣ୍ଡରେ ରହୁଥିବା ସ୍ପଷ୍ଟ ହୋଇଛି। ଇଣ୍ଟରପୋଲ ପକ୍ଷରୁ ଏ ନେଇ ସୂଚନା ରହିଛି। ପିଏନ୍‌ବି ଘୋଟାଲା ପ୍ରଘଟ ହେବା ଆଗରୁ ନୀରବ ଦେଶ ଛାଡି ପଳାୟନ କରିଥିଲେ। ସେ କେଉଁଠାରେ ରହୁଥିଲେ ସେ ନେଇ ସ୍ପଷ୍ଟ ସୂଚନା ସରକାରଙ୍କ ନିକଟରେ ନ ଥିଲା।

### ଟଙ୍କା ମୂଲ୍ୟ ହ୍ରାସ ଚିନ୍ତାଜନକ ନୁହେଁ

ଡଲାରର ବିନିମୟ ମୂଲ୍ୟ ତୁଳନାରେ ଟଙ୍କା ୭୦ ସ୍ତର ଟପିଥିବା ଜଣାପଡିଛି। ଟଙ୍କା ମୂଲ୍ୟ ହ୍ରାସ କ୍ଷେତ୍ରରେ ଏହା ଏକ ଐତିହାସିକ ରେକର୍ଡ। ମାତ୍ର ଟଙ୍କାର ମୂଲ୍ୟ ହ୍ରାସ ସରକାରଙ୍କ ପାଇଁ ବିଶେଷ ଭାବେ ଚିନ୍ତାର କାରଣ ନୁହେଁ ବୋଲି ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି।

### ଘରୋଇ ଆଇନ ଲାଗୁ ପାଇଁ ହ୍ୱାଟ୍‌ସଆପ୍‌କୁ ନିର୍ଦ୍ଦେଶ

ହ୍ୱାଟ୍‌ସଆପ୍ ସିଇଓ କ୍ରିସ ଡାନିଏଲ୍ସ ନିକଟରେ ଭାରତ ଗସ୍ତରେ ଆସିଥିବା ବେଳେ ଘରୋଇ ବଜାରରେ ରହିଥିବା ଆଇନକୁ ଶୀଘ୍ର କାର୍ଯ୍ୟକାରୀ କରାଇବା ଲାଗି ସରକାର ତାଙ୍କୁ ପରାମର୍ଶ ଦେଇଛନ୍ତି। ମିଥ୍ୟା ଖବରର ମୂଳ ଉତ୍ସ ସମ୍ପର୍କରେ ପତ୍ତା ଲଗାଇବା ପାଇଁ କମ୍ପାନୀକୁ ସରକାର କହିଥିବା ବେଳେ ଏହା ଅରାଜି ବ୍ୟକ୍ତି କରିଛି। ମାତ୍ର ସରକାର ତାଙ୍କର ପକ୍ଷକୁ ନେଇ ଅଟଳ ଥିବା ଜଣାଯାଇଛି।

### ଟ୍ୟାକ୍ସ ହେଭେନ୍‌ରେ କମୁଛି ଭାରତୀୟଙ୍କ ଜମା

ଟିକସ ଫାଙ୍କିବା ଲାଗି ଟାକ୍ସ ହେଭେନ ବା ଟିକସ ଚୋରି ଭୂସ୍ୱର୍ଗ କୁହାଯାଉଥିବା ଦେଶ ଗୁଡିକରେ ଭାରତୀୟଙ୍କ ଜମାରେ ହ୍ରାସ ଘଟୁଛି। ୨୦୧୩ ଠାରୁ ୨୦୧୭ ମଧ୍ୟରେ ଏହି ଦେଶଗୁଡିକରେ ଜମା ଏବଂ ଅଣ ବ୍ୟାଙ୍କ ଋଣ କ୍ଷେତ୍ରରେ ବିଶେଷ ଭାବେ ହ୍ରାସ ଘଟିଥିବା ଜଣା ପଡିଛି। ବ୍ୟାଙ୍କ ଫର ଇଣ୍ଟରନ୍ୟାଶନାଲ ସେଟେଲମେଣ୍ଟ (ବିଆଇଏସ୍)ର ଜଣେ ଅଧିକାରୀ ଏ ନେଇ ସୂଚନା ଦେଇଛନ୍ତି।

# ବୁଣାକାରଙ୍କ ପ୍ରଡକ୍ଟ ମାର୍କେଟିଂକୁ ପ୍ରାଥମିକତା



ସିଲ୍କ ପ୍ରଡକ୍ଟର ଚାହିଦା ବର୍ତ୍ତମାନ ବୃଦ୍ଧି ହେଉଥିବା ଦେଖାଯାଉଛି। ଦେଶରେ ବିଭିନ୍ନ ରାଜ୍ୟର ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ସିଲ୍କ ସାମଗ୍ରୀର ସ୍ୱତନ୍ତ୍ରତା ମଧ୍ୟ ରହିଛି। ମାତ୍ର ଗୋଟିଏ ଛାତ ତଳେ ବିଭିନ୍ନ ରାଜ୍ୟର ସିଲ୍କ ପ୍ରଡକ୍ଟ ଲାଭ କରିବା ଏକ କଷ୍ଟକର କାର୍ଯ୍ୟ। ଲୋକଙ୍କୁ ଗୋଟିଏ ସ୍ଥାନରେ ବିଭିନ୍ନ ରାଜ୍ୟର ସିଲ୍କ ପ୍ରଡକ୍ଟ ଉପଲବ୍ଧ କରାଇବା ଲାଗି ଶୁକ୍ରବାରଠାରୁ ଭୁବନେଶ୍ୱରର ହୋଟେଲ ନ୍ୟୁ ମ୍ୟାରିୟନଠାରେ ଆରମ୍ଭ ହୋଇଛି 'ଜାତୀୟ ସିଲ୍କ ଇଣ୍ଡିଆ ଏକ୍ସପୋ-୨୦୧୮'। ୧୦ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ପ୍ରଦର୍ଶନୀ ତଥା ବିକ୍ରି ମେଳାର ଗ୍ରାହକମାନେ ୧୯ ରାଜ୍ୟର ବୁଣାକାରଙ୍କ ନିକଟରୁ ବିଭିନ୍ନ ବର୍ଗର ସିଲ୍କ ଉତ୍ପାଦ ଲାଭ କରିବାକୁ ସକ୍ଷମ ହେବେ। ବୁଣାକାରଙ୍କ ପାଇଁ ଏକକ ପ୍ଲାଟଫର୍ମ ପ୍ରଦାନ କରୁଥିବା ହସ୍ତଶିଳ୍ପୀ ନାମକ ଏନଜିଓ ପକ୍ଷରୁ ଉକ୍ତ ଏକ୍ସପୋ ଆୟୋଜିତ ହେଉଛି। ଘରୋଇ ବଜାରରେ ସିଲ୍କ ଉତ୍ପାଦର ବିକ୍ରି ଲାଗି ଉନ୍ନତ ପ୍ଲାଟଫର୍ମ ତଥା ଶିଳ୍ପୀଙ୍କ ଉନ୍ନତି ଦିଗରେ ଅନୁଷ୍ଠାନ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ଓ ଆଗାମୀ ଯୋଜନା ଉପରେ ହସ୍ତଶିଳ୍ପୀର ପରିଚାଳନା ନିର୍ଦ୍ଦେଶକ ଅଭିନନ୍ଦ ଧରିତ୍ରୀକୁ ଦେଇଥିବା ସାକ୍ଷାତକାରର ଏକ କିୟଦଂଶ....

**■ ଓଡିଶା ସମେତ ବିଭିନ୍ନ ରାଜ୍ୟରେ ସିଲ୍କ ପ୍ରଡକ୍ଟର ରେସ୍‌ପନ୍ସ କିଭଳି ରହିଛି?**

❖ ସିଲ୍କ ପ୍ରଡକ୍ଟର ଚାହିଦା ଦିନକୁ ଦିନ ବୃଦ୍ଧି ହେଉଥିବା ନଜରକୁ ଆସିଛି। ଚାହିଦା ବୃଦ୍ଧି ଯୋଗୁ ଅଧିକ ଲୋକ ମେଳାକୁ ଆସି ପ୍ରଡକ୍ଟ ଚୟନ କରିବା ସହ କ୍ରୟ ମଧ୍ୟ କରୁଛନ୍ତି। ଓଡିଶାରେ ମଧ୍ୟ ଆମେ ଭଲ ରେସପନ୍ସ ଦେଖିବାକୁ ପାଉଛୁ। ଏଠାରେ ଚଳିତ ବର୍ଷ ୩୦% ଅଧିକ ଗ୍ରାହକ ଆସିବେ ବୋଲି ଆଶା ରହିଛି।

**■ କେଉଁଭଳି ବଜାର ଉପରେ ଧ୍ୟାନ ରହିଛି । ହସ୍ତଶିଳ୍ପୀ ବାର୍ଷିକ କେତେ ପ୍ରଦର୍ଶନୀ ଆୟୋଜନ କରୁଛି?**

❖ଦେଶର ପ୍ରମୁଖ ସହରରେ ଆମେ ପ୍ରଦର୍ଶନୀ ଆୟୋଜନ କରୁଛୁ। ଲୋକମାନେ ସିଧାସଳଖ ବୁଣାକାରଙ୍କ ସାମଗ୍ରୀ ବିନା କୌଣସି ମଧ୍ୟସ୍ଥଙ୍କ ସହାୟତାରେ ଲାଭ କରୁଛନ୍ତି। ବଜାରରେ ଉପଲବ୍ଧ ସାମଗ୍ରୀରେ ବିଭିନ୍ନ କମିଶନ ରହୁଥିବା ବେଳେ ଏଠାରେ ଗ୍ରାହକ ସିଧାସଳଖ ବୁଣାକାରଙ୍କ ନିକଟରୁ ପ୍ରଡକ୍ଟ କିଣୁଛନ୍ତି। ଏଣୁ ବଜାର ଦର ଅପେକ୍ଷା ଏକ୍ସପୋରେ ଦର ଅପେକ୍ଷାକୃତ କମ୍ ରହୁଛି। ଦେଶରେ ପ୍ରାୟ ବର୍ଷକୁ ୧୧୦ଟି ଏଭଳି ପ୍ରଦର୍ଶନୀ ଆୟୋଜନ କରାଯାଉଛି।

**■ ହସ୍ତଶିଳ୍ପୀ ପ୍ଲାଟଫର୍ମରେ କେତେ ସଂଖ୍ୟକ ବୁଣାକାର ତଥା ଶିଳ୍ପୀ ଯୋଡି ହୋଇଛନ୍ତି?**

❖ବର୍ତ୍ତମାନ ସୁଦ୍ଧା ଆମ ପ୍ଲାଟଫର୍ମରେ ଓଡିଶା ସମେତ ବିଭିନ୍ନ ରାଜ୍ୟରୁ ପ୍ରାୟ ୪୦୦ ବୁଣାକାର ତଥା ହସ୍ତଶିଳ୍ପୀ ଯୋଡିହୋଇଛନ୍ତି। ଏହି ସଂଖ୍ୟାରେ ଦିନକୁ ଦିନ ବୃଦ୍ଧି ଘଟୁଛି। ଓଡିଶାରେ ବୁଣାକାର ସାମଗ୍ରୀର ଭଲ ଚାହିଦା ରହିଥିବାରୁ ଏଠାରେ ମଧ୍ୟ ଅଧିକ ସଂଖ୍ୟାରେ ବୁଣାକାର ଆମ ସହ ଯୋଡି ହେଉଥିବା ଦେଖାଯାଉଛି।

**■ ଗ୍ରାହକଙ୍କୁ ଉନ୍ନତ ପ୍ରଡକ୍ଟ ଯୋଗାଣ ନେଇ କ'ଣ କହିବେ?**

❖ଗ୍ରାହକଙ୍କୁ ଉନ୍ନତ ଉତ୍ପାଦ ଯୋଗାଣ ନେଇ ସର୍ବଦା ଯତ୍ନବାନ ଅଛୁ। ଗ୍ରାହକମାନେ ଗୋଟିଏ ସ୍ଥାନରେ ଦେଶର ପ୍ରାୟ ୧୯ ରାଜ୍ୟରୁ ବୁଣାକାରଙ୍କ ସାମଗ୍ରୀ ଏଠାରେ ଲାଭ କରିବାକୁ ସକ୍ଷମ ହେଉଛନ୍ତି। ପ୍ରଡକ୍ଟକୁ ପ୍ରସ୍ତୁତ କରୁଥିବା ଲୋକଙ୍କଠାରୁ ଗ୍ରାହକ ସିଧାସଳଖ ଏହାକୁ ଲାଭ କରୁଛନ୍ତି। ଗ୍ରାହକଙ୍କ ପ୍ରଡକ୍ଟ ପ୍ରସ୍ତୁତକର୍ତ୍ତାଙ୍କ ମଧ୍ୟରେ ଏକ ଚ୍ୟାନେଲ ପ୍ରସ୍ତୁତ କରିବାକୁ ଆମେ ସକ୍ଷମ ହୋଇଛୁ।

**■ ମେଳାରେ ଗ୍ରାହକଙ୍କ ଲାଗି କ'ଣ ସବୁ ରିହାତି ବ୍ୟବସ୍ଥା ହୋଇଛି?**

❖ଗ୍ରାହକଙ୍କ ଚାହିଦା ବୃଦ୍ଧିକୁ ଧ୍ୟାନରେ ରଖି ଆମେ ବିଭିନ୍ନ ପଦକ୍ଷେପ ନେଉଛୁ। ଲୋକଙ୍କର ଚାହିଦା ମୁତାବକ ଷ୍ଟଲ ଚୟନ, ଉତ୍ପାଦ ମହଜୁଦ କରିବା, ଭଲ ବୁଣାକାରଙ୍କୁ ସୁଯୋଗ ଦେବା ଭଳି ବିଭିନ୍ନ ପଦକ୍ଷେପ ଉପରେ କାର୍ଯ୍ୟ କରୁଛୁ। ଗ୍ରାହକଙ୍କୁ ପ୍ରଡକ୍ଟ ଉପରେ ୨୦% ଡିସ୍‌କାଉଣ୍ଟ ପ୍ରଦାନ କରାଯାଉଛି।

**■ ସିଲ୍କ ସାମଗ୍ରୀକୁ ଅନ୍‌ଲାଇନ ପ୍ଲାଟଫର୍ମରେ ବିକ୍ରି ନେଇ କିଛି ପଦକ୍ଷେପ ନେଇଛନ୍ତି କି?**

❖ ହଁ, ସିଲ୍କ ସାମଗ୍ରୀକୁ ଅନ୍‌ଲାଇନ ମାର୍କେଟିଂ ଲାଗି ଏକକ ପ୍ଲାଟଫର୍ମ ପ୍ରସ୍ତୁତ ହୋଇ ସାରିଛି। ଏହା ଆଗାମୀ ୬ ମାସ ମଧ୍ୟରେ କାର୍ଯ୍ୟକାରୀ ହେବ ବୋଲି ଆଶା କରୁଛୁ। ସେହିଭଳି ବଜାର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହେଉଥିବା ବେଳେ ବୁଣାକାରଙ୍କୁ ବିଭିନ୍ନ ତାଲିମ୍ ପ୍ରଦାନ, ଉତ୍ପାଦର ବିକ୍ରି ଲାଗି ଉନ୍ନତ ମାର୍କେଟିଂ ବ୍ୟବସ୍ଥା ଉପରେ ଧ୍ୟାନ ରହିଛି।

– ରିପୋର୍ଟ: **ସତ୍ୟାନନ୍ଦ ନାୟକ**

## ନୂଆ ଉତ୍ପାଦ

### ମଣ୍ଟେକାର୍ଲୋର ମନସୁନ୍ କଲେକ୍ସନ



ପ୍ରମୁଖ ଫ୍ୟାଶନ ବ୍ରାଣ୍ଡ ମଣ୍ଟେକାର୍ଲୋ ପକ୍ଷରୁ ମନସୁନ୍ କଲେକ୍ସନର ଶୁଭାରମ୍ଭ ହୋଇଛି। ଏହି କଲେକ୍ସନରେ କମ୍ପାନୀ ଆକର୍ଷଣୀୟ କଲର ଏବଂ ଡିଜାଇନ ବଜାରକୁ ଛାଡିଛି। ଏହା ମଧ୍ୟରେ ଶର୍ଟସ, କ୍ୟାପ୍ରି, ଟିସ୍, ଟପ୍ସ, ବରମୁଡା, ପୋଲୋ ଟିସ୍ ଭଳି ବିଭିନ୍ନ ବର୍ଗର ପୋଷାକ ରହିଛି। ଏହା ମଧ୍ୟରେ ଉଭୟ ପୁରୁଷ ଏବଂ ମହିଳାଙ୍କ ଫ୍ୟାଶନ ସାମିଲ ରହିଥିବା କମ୍ପାନୀର ଏମ୍‌ଡି ମୋନିକା ଓସ୍ୱାଲ କହିଛନ୍ତି।

### ନୋକିଆ ୬.୧ ପ୍ଲସ୍, ୫.୧ ପ୍ଲସ୍



ନୋକିଆର ମୂଳ କମ୍ପାନୀ ଏଚ୍‌ଏମ୍‌ଡି ଗ୍ଲୋବାଲ ପକ୍ଷରୁ ବଜାରକୁ ଆସିଛି ନୂଆ ୬.୧ ପ୍ଲସ ଏବଂ ୫.୧ ପ୍ଲସ । ଏହି ମଡେଲଗୁଡିକରେ ଅଲ୍ ସ୍କ୍ରିନ ଡିଜାଇନ୍, ଉନ୍ନତ ପ୍ରଦର୍ଶନ, ସ୍ମାର୍ଟ ଏଆଇ ଡିଜାଇନିଂ ଭଳି ଫିଚର ରହିଛି। ଏହା ନୋକିଆ ଡଟ୍ କମ୍, ଫୋନ ଏବଂ ଫ୍ଲିପକାର୍ଟରେ ଉପଲବ୍ଧ ହେଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ନୂଆ ନିଯୁକ୍ତି

### ୟୁ.କେ. ବର୍ମା ଆସୋଚାମ୍ ମହାସଚିବ



ଶିଳ୍ପ ସଂଘ ଦି ଆସୋସିଏଟେଡ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଅଫ୍ ଇଣ୍ଡିଆ(ଆସୋଚାମ)ର ନୂଆ ମହାସଚିବ ଭାବେ ଉଦୟ କୁମାର ବର୍ମା ଗୁରୁବାର ଯୋଗ ଦେଇଛନ୍ତି। ବର୍ମା ଜଣେ ଅବସରପ୍ରାପ୍ତ ପ୍ରଶାସକ ଥିବାବେଳେ ବର୍ତ୍ତମାନର ମହାସଚିବ ଡି.ଏସ୍ ରାୱତଙ୍କ ସ୍ଥାନରେ ସେ କାର୍ଯ୍ୟ କରିବେ। ରାୱତ ଆସୋଚାମର ମହାସଚିବ ପଦବୀରେ ଦୀର୍ଘ ୧୪ ବର୍ଷ କାର୍ଯ୍ୟ କରିବା ପରେ ଉକ୍ତ ପଦବୀ ଛାଡିଥିବା ସଂଘ ଏକ ଇସ୍ତାହାରରେ ପ୍ରକାଶ କରିଛି। ଅପରପକ୍ଷରେ ବର୍ମା ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଭାବେ କାର୍ଯ୍ୟ କରିବା ସହ ୨୦୧୩ ଜୁନ ୩୦ରେ ଅବସର ଗ୍ରହଣ କରିଥିଲେ।

# ସେପ୍ଟେମ୍ବରରୁ ରେଲୱେରେ ସଂଶୋଧିତ ଫ୍ଲେକ୍ସି ଫେୟାର ସ୍କିମ୍

ନୂଆଦିଲ୍ଲୀ,୨୫-୮





ରେଲୱେ ସେପ୍ଟେମ୍ବରରୁ ସଂଶୋଧିତ ଫ୍ଲେକ୍ସି ଫେୟାର ସ୍କିମକୁ ଲାଗୁ କରିବାକୁ ଯାଉଛି। କେତେକ ରୁଟ୍‌ରେ ବିମାନ ଯାତ୍ରା ସମାନ ଭଡା ଦେଉଥିବା ଯାତ୍ରୀଙ୍କ ପାଇଁ ଏହା ଖୁସି ଆଣିବ। ଅଫ ସିଜନରେ ଏହି ଯୋଜନାକୁ ସାମୟିକ ସ୍ଥଗିତ ରଖିବା ପାଇଁ ରେଳ ମନ୍ତ୍ରଣାଳୟ ବିଚାର କରୁଛି। କାରଣ ଏହି ସମୟରେ ପ୍ରିମିୟମ ଟ୍ରେନଗୁଡିକରେ ପ୍ରାୟ ୩୦ ପ୍ରତିଶତ ସିଟ୍‌ରେ ଯାତ୍ରୀ ଯାଉଛନ୍ତି। ତେବେ ଅନ୍ୟ ଏକ ବିକଳ୍ପ ସ୍ୱରୂପ ହମସଫର ଟ୍ରେନ ଭଳି ଫ୍ଲେକ୍ସି ଫେୟାର ସ୍କିମରେ ସଂଶୋଧନ କରିବାକୁ ବିଚାର କରାଯାଉଛି। ଏହି ସଂଶୋଧିତ ସ୍କିମରେ ବେସ୍ ପ୍ରାଇସ ଠାରୁ ୧୫% ଅଧିକ ରେଟ୍‌ରେ ସିଟ୍ ବିକ୍ରି କରାଯିବ। ପ୍ରିମିୟମ ଟ୍ରେନଗୁଡିକରେ ଫ୍ଲେକ୍ସି ଫେୟାର ସ୍କିମ ଆରମ୍ଭ କରାଯାଇଥିଲା। ଯାତ୍ରୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏଭଳି ସ୍କିମ ଅଣାଯାଇଥିଲା। ଉଦ୍ଦେଶ୍ୟ ଥିଲା ଯାତ୍ରା ଆରମ୍ଭ ଠାରୁ ପହଞ୍ଚିବା ପର୍ଯ୍ୟନ୍ତ ସିଟ୍ ଯେପରି ଖାଲି ନ ହୁଏ। ଏହାଦ୍ୱାରା ଅଧିକ ରାଜସ୍ୱ ଆଦାୟ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ଏହି ସ୍କିମ ସେପରି ଲାଭଜନକ ହେଲାନି। ପ୍ରତି ୧୦ ପ୍ରତିଶତ ସିଟ୍ ବିକ୍ରି ପରେ ଏହି ସ୍ଲାବ ବଦଳାଯିବ। ଏହାବାଦ ଅନ୍ୟ ଏକ ବିକଳ୍ପ ସ୍ୱରୂପ ସରକାର କମ୍ ବ୍ୟସ୍ତବହୁଳ ରୁଟ୍‌ରେ ପ୍ରିମିୟମ ଟ୍ରେନରେ ଏହି ସ୍କିମ ଅଧୀନରେ ଆସନ ସଂରକ୍ଷଣ ଲାଗି ଯାତ୍ରୀଙ୍କୁ ଡିସକାଉଣ୍ଟ ଅଫର କରାଯିବ। ତେବେ ସ୍କିମର ସମ୍ପୂର୍ଣ୍ଣ ରୂପରେଖ କ'ଣ ହେବ ସେନେଇ ଆସନ୍ତା ସପ୍ତାହରେ ଘୋଷଣା କରାଯିବ ବୋଲି ଜଣାପଡିଛି। ସୂଚନାଥାଉକି, ସିଏଜି ତାଙ୍କ ରିପୋର୍ଟରେ ଫ୍ଲେକ୍ସି ଫେୟାର ସ୍କିମକୁ ତୀବ୍ର ସମାଲୋଚନା କରିଥିଲେ। ବିମାନ ଠାରୁ ଅଧିକ ଭଡା ଟ୍ରେନ ଯାତ୍ରୀ ଦେଉଛନ୍ତି ବୋଲି ସିଏଜି ଅଭିଯୋଗ କରିଥିଲେ। ସିଏଜିର ରିପୋର୍ଟ ପରେ ରେଳ ମନ୍ତ୍ରଣାଳୟ ଉକ୍ତ ସ୍କିମରେ ସଂଶୋଧନ କରିବାକୁ ନିଷ୍ପତ୍ତି ନେଇଛନ୍ତି।


## ପଞ୍ଚାୟତ ସମିତି କାର୍ଯ୍ୟାଳୟ,ମ.ରାମପୁର

### ବିଜ୍ଞାପନ

ବିଜ୍ଞାପନ କ୍ରମାଙ୍କ ୨୨୦୮ / ତାରିଖ ୨୩.୮.୧୮

ଏତଦ୍ୱାରା ମ.ରାମପୁର ପଞ୍ଚାୟତ ସମିତି ଅଧୀନସ୍ଥ ସମସ୍ତ ଗ୍ରାମପଞ୍ଚାୟତର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ୨୦୧୭-୧୮ ଆର୍ଥିକ ବର୍ଷର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅଧୀନରେ ସଂପୃକ୍ତ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି, ଗ୍ରାମପଞ୍ଚାୟତ ଏବଂ ବିଭାଗୀୟ ସଂସ୍ଥାସ୍ତରରେ ସମ୍ପାଦିତ ବିଭିନ୍ନ ପ୍ରକଳ୍ପ ସମୂହରେ ବ୍ୟବହୃତ ହୋଇଥିବା ଶତ ପ୍ରତିଶତ ହାଜିରି ନାମାବଳୀ (ମଷ୍ଟର ରୋଲ)ଯାଞ୍ଚ ତଥା ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ଶତ ପ୍ରତିଶତ ହାଜିରି ନାମାବଳୀ (ମଷ୍ଟରରୋଲ) ଯାଞ୍ଚ ଓ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମରେ ସଂପୃକ୍ତ ଗ୍ରାମ ପଞ୍ଚାୟତ ନୋଡାଲ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଗ୍ରାମ୍ୟ ସମ୍ବଳ ବ୍ୟକ୍ତି, ଗ୍ରାମ ସଂଯୋଜକ, ବିଭାଗୀୟ ଅଧିକାରୀ, ସ୍ଥାନୀୟ ଯୁବକ ସଂଘର ସଭାପତି/ସମ୍ପାଦକ ବା କର୍ମକର୍ତ୍ତା ଓ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିପାରିବେ ।

### ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ

| ସାମାଜିକ ସମୀକ୍ଷା ପର୍ଯ୍ୟାୟ | ଗ୍ରାମପଞ୍ଚାୟତର ନାମ | ଆରମ୍ଭ ତାରିଖ | ଶେଷ ତାରିଖ | ଗ୍ରାମସଭା ତାରିଖ | ଜନଶୁଣାଣି ତାରିଖ | ସମୟ |
|---|---|---|---|---|---|---|
| ୧ମ ପର୍ଯ୍ୟାୟ | ବାରବନ୍ଧା,ମ.ରାମପୁର, ପଣ୍ଡକାମାଳ,ମୁଡିଂ, ନୁନ୍‌ପୁର ସାଇଦଲଙ୍ଗା, ସାଲେପାଲି | ୩୦.୦୮.୨୦୧୮ | ୦୪.୦୯.୨୦୧୮ | ୦୪.୦୯.୨୦୧୮ | ୨୪.୧୦.୨୦୧୮ | ପୂର୍ବାହ୍ନ ୧୦ ଘଣ୍ଟା |
| ୨ୟ ପର୍ଯ୍ୟାୟ | ବମକ, ଡୁଡୁକାରଞ୍ଜା,ଅଲାତରା ଗୋଛାଡେଙ୍ଗେନ, ମଦନପୁର ଡମ୍-କର୍ଲାଖୁଣ୍ଟା | ୦୫.୦୯.୨୦୧୮ | ୧୧.୦୯.୨୦୧୮ | ୧୧.୦୯.୨୦୧୮ | ୨୪.୧୦.୨୦୧୮ | ପୂର୍ବାହ୍ନ ୧୦ ଘଣ୍ଟା |
| ୩ୟ ପର୍ଯ୍ୟାୟ | ମାଣିକେରା, ମୋହନଗିରି, ଉର୍ଲାଦାନି, ଦେଢଶୁଲି,ସିଙ୍ଗପୁର ଲୁବେନଗଡ | ୧୮.୦୯.୨୦୧୮ | ୨୪.୦୯.୨୦୧୮ | ୨୪.୦୯.୨୦୧୮ | ୨୪.୧୦.୨୦୧୮ | ପୂର୍ବାହ୍ନ ୧୦ ଘଣ୍ଟା |

*ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମ.ରାମପୁର*



## APICOL

The Agricultural Promotion and Investment Corporation of Odisha Ltd.
(A wholly owned corporation of the Government of Odisha)
Baramunda, Bhubaneswar – 751 003, Odisha
Tel: (0674)2354125, Fax: (0674)2354006
Website : www.apicol.co.in , E-mail: apicol96@yahoo.com / info@apicol.co.in

**Engagement of NODAL OFFICERS for popularization and implementation of Mukhyamantri Krushi Udyog Yojana (MKUY) under State Agriculture Policy, 2013**

Applications are invited from eligible candidates for engagement of Mukhyamantri Krushi Udyog Yojana (MKUY) Nodal Officers - one in each district of the State except Koraput and Malkangiri. The prescribed application form, detailed terms of reference including qualifications, experience, remuneration and other required conditions in respect of the above posts can be downloaded from our website i.e., **www.apicol.co.in / www.apicol.nic.in**. The application form complete in all respect along with self attested copies of all certificates, mark sheets in support of academic qualifications, experience etc. are to be sent by Speed Post/Registered Post/Courier to the undersigned. The last date of receipt of applications is 10.09.2018.

Date: 25-08-2018 sd/- MANAGING DIRECTOR



ଫିନିଶ୍ ଲାଇନ୍ ଅତିକ୍ରମ କରୁଛନ୍ତି ଦୂତୀ ଚାନ୍ଦ।

# ୧୦୦ମି. ସେମିରେ ଦୂତୀ

**ଜାକର୍ତ୍ତା, ୨୫।୮(ପି.ଟି.)**

ଦେଶର ଦ୍ରୁତତମ ଧାବିକା ତଥା ତାରକା ଓଡ଼ିଆ ମହିଳା ସ୍ପ୍ରିଣ୍ଟର ଦୂତୀ ଚାନ୍ଦ ଶନିବାର ଟ୍ରାକ ଆଣ୍ଡ ଫିଲ୍ଡରେ ଅଭିଯାନ ଆରମ୍ଭ କରିଛନ୍ତି। ଆଶାନୁରୂପ ପ୍ରଦର୍ଶନ କରି ଜାତୀୟ ରେକର୍ଡଧାରୀ ଦୂତୀ ମହିଳା ୧୦୦ମିଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ହିଟ୍‌ରେ ସେ ୧୧. ୩୮ ସେକେଣ୍ଡ ସମୟ ନେଇ ଏହି ସଫଳତା ଅର୍ଜନ କରିଛନ୍ତି।

ଚତୁର୍ଥ ଲେନ୍‌ରେ ଦୌଡ଼ି ଦୂତୀ ଦ୍ୱିତୀୟ ହିଟ୍‌ରେ କାଜାଖସ୍ତାନର ଓଲଗା ସାଫ୍ରୋନୋଭ (୧୧. ୪୬) ଓ ଉଜ୍‌ବେକିସ୍ତାନର ନିଗିନା ଶାରିପୋଭା (୧୧.୫୯)ଙ୍କୁ ପଛରେ ପକାଇ ବିଜୟୀ ହୋଇଥିଲେ। ତେବେ ଦୂତୀ ତାଙ୍କ ଜାତୀୟ ରେକର୍ଡଠାରୁ ଅପେକ୍ଷାକୃତ ମନ୍ଥର ଗତିରେ ଦୌଡ଼ିଥିଲେ। ଗତ ଜୁନ୍ ମାସରେ ସେ ଗୁଆହାଟୀରେ ସେ ଜାତୀୟ ରେକର୍ଡ ୧୧.୨୯ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡ ସ୍ଥାପନ କରିଥିଲେ।

ସେହିପରି ଅନ୍ୟତମ ସ୍ପ୍ରିଣ୍ଟ ସେନସେସନ ହିମା ଦାସ ମହିଳା ୪୦୦ ମିଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେ ୫୧. ୦୦ ସେକେଣ୍ଡ ସମୟ ନେଇ ଏହି ସଫଳତା ଅର୍ଜନ କରିବା ସହ ନୂଆ ଜାତୀୟ ରେକର୍ଡ ମଧ୍ୟ ସୃଷ୍ଟି କରିଛନ୍ତି। ଏହି କ୍ରମରେ ସେ ମନଜିତ କୌରଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ୧୪ ବର୍ଷର ଜାତୀୟ ରେକର୍ଡ (୫୧. ୦୫)କୁ ପଛରେ ପକାଇଛନ୍ତି। ହିମା ତାଙ୍କ ହିଟ୍‌ରେ ଫେଭରାଇଟ ବାହାରିନର ସାଲୱା ନାସିର (୫୦.୮୬)ଙ୍କୁ ପଛରେ ପକାଇଥିଲେ।

ସେହିପରି ମହିଳା ୧୦,୦୦୦ମିଟର ଦୌଡ଼ରେ ସୁରିୟା ଲଙ୍ଗନାଥନ ୩୨: ୪୨.୦୮ ଓ ସଞ୍ଜୀବନୀ ବାବୁରାଓ ୩୩: ୧୩.୦୬ ସେକେଣ୍ଡ ସମୟ ନେଇ ଯଥାକ୍ରମେ ଷଷ୍ଠ ଓ ନବମ ସ୍ଥାନରେ ରହିଥିଲେ। ଲଙ୍ଗ ଜମ୍ପରେ ଏମ୍. ଶ୍ରୀଶଙ୍କର ମଧ୍ୟ ଫାଇନାଲକୁ କ୍ୱାଲିଫାଏ କରିଛନ୍ତି। କ୍ୱାଲିଫିକେଶନ ରାଉଣ୍ଡରେ ସେ ୭. ୮୩ ମିଟର ଡେଇଁ ଚତୁର୍ଥ ସ୍ଥାନରେ ରହିବା ସହ ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ହାମର ଥ୍ରୋ'ରେ ସରିତା ସିଂ ନିରାଶ କରିଛନ୍ତି। ଯୋଗ୍ୟତାପର୍ଯ୍ୟାୟରେ ସେ ୬୨. ୦୩ ମିଟର ଫିଙ୍ଗି ପଞ୍ଚମ ସ୍ଥାନରେ ରହିଥିଲେ। ଫାଇନାଲକୁ ଉଠିବା ପାଇଁ ଏହା ଯଥେଷ୍ଟ ନ ଥିଲା।

# ୪୦୦ ମି. ଦୌଡ଼: ସେମିରେ ଆନାସ, ରାଜୀବ

**ଜାକର୍ତ୍ତା,୨୫।୮(ପି.ଟି.)**



ମହମ୍ମଦ ଆନସ

ଏସିଆନ୍ ଚାମ୍ପିୟନ ମହମ୍ମଦ ଆନସ ଓ ଆରୋକିଆ ରାଜୀବ ପୁରୁଷ ବିଭାଗର ୪୦୦ ମିଟର ଦୌଡ଼ ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଜାତୀୟ ରେକର୍ଡ ଅଧିକାରୀ ଆନସ ନିଜ ହିଟ୍‌ରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ସେ ଦୌଡ଼କୁ ୪୫.୬୩ ସେକେଣ୍ଡରେ ଶେଷ କରିଥିଲେ। ସେହିଭଳି ରାଜୀବଙ୍କୁ ରେସ୍ ଶେଷ କରିବା ଲାଗି ୪୬.୬୨ ସେ. ଲାଗିଥିଲା। ଆନସ ସହଜରେ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ରେସ୍ ଜିତି ନେଇଥିଲେ। ତାଙ୍କ ପଛରେ କ୍ୱାତାର ମହମ୍ମଦ ଆବାସ (୪୫.୮୧ ସେ.) ଓ ଶ୍ରୀଲଙ୍କାର କଲିଙ୍ଗା କୁମାରାଗେ (୪୫.୯୯ ସେ.) ରହିଥିଲେ। ହାଇଜମ୍ପ ଇଭେଣ୍ଟରେ ଚେତନ ବାଲାସୁବ୍ରମନିୟମ ଫାଇନାଲରେ ପ୍ରବେଶ କରିଛନ୍ତି। ସେ ୨.୧୫ ମିଟର ଉଚ୍ଚତା ହାସଲ କରି ପଦକ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଅଂଶଗ୍ରହଣ କରିଥିବା କୌଣସି ଆଥ୍‌ଲେଟ ସିଧାସଳଖ ଫାଇନାଲ ପାଇଁ ଧାର୍ଯ୍ୟ ୨.୨୦ ମି. ଉଚ୍ଚତା ଛୁଇଁ ପାରି ନ ଥିଲେ।

## ହାଇଜମ୍ପ ଫାଇନାଲରେ ଚେତନ

ଏସିଆନ ଗେମ୍ସ ପୁରୁଷ ହାଇଜମ୍ପରେ ଭାରତର ଚେତନ ବାଲାସୁବ୍ରମନିୟମ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଯୋଗ୍ୟତା ପର୍ଯ୍ୟାୟରେ ଚେତନ ୨.୧୫ ମିଟର ଡେଇଁ ଏହି ସଫଳତା ହାସଲ କରିଛନ୍ତି। ତେବେ କୌଣସି ପ୍ରତିଯୋଗୀ ଅଟୋମେଟିକ କ୍ୱାଲିଫିକେଶନ ମାର୍କ ୨.୨୦ ମିଟରକୁ ଛୁଇଁବାକୁ ସକ୍ଷମ ହୋଇ ପାରିନ ଥିଲେ। ୨.୧୫ ମିଟର ଡେଇଁବା ପୂର୍ବରୁ ଚେତନ ୨.୦୫ ମି. ଡେଇଁଥିଲେ। ତେବେ ଶେଷରେ ଚେତନ ଫାଇନାଲରେ ଜାଗା ପାଇବାକୁ ସକ୍ଷମ ହୋଇଥିଲେ।

# ପ୍ରାଜନେଶଙ୍କୁ ୨୦ ଲକ୍ଷ ଟଙ୍କା ପୁରସ୍କାର



**ଚେନ୍ନାଇ, ୨୫।୮(ପି.ଟି.)**

ଏସିଆନ ଗେମ୍ସ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଥିବା ପ୍ରାଜନେଶ ଗୁଣେଶ୍ୱରନଙ୍କୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ କେ. ପାଲାନିସାମୀ ୨୦ ଲକ୍ଷ ଟଙ୍କା ପୁରସ୍କାର ଦେବାକୁ ଘୋଷଣା କରିଛନ୍ତି। ପ୍ରଜନେଶ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଦେଇଛନ୍ତି ଓ ତାଙ୍କର ଏହି ସଫଳତାରେ ଆମେ ବେଶ୍ ଆନନ୍ଦିତ ବୋଲି ପାଲାନିସାମୀ ଏକ ଚିଠି ଲେଖି ପ୍ରାଜନେଶଙ୍କୁ ଜଣାଇଛନ୍ତି। ଏଥି ପାଇଁ ସରକାରଙ୍କ ତରଫରୁ ସେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏସିଆନ ଗେମ୍ସ ବ୍ରୋଞ୍ଜ ପଦକ ବିଜେତାଙ୍କୁ ୨୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ୨୦୧୧ ଡିସେମ୍ବରରେ ସେତେବେଳର ମୁଖ୍ୟମନ୍ତ୍ରୀ ଜେ. ଜୟଲଳିଥା ଘୋଷଣା କରିଥିଲେ ବୋଲି ପାଲାନିସାମୀ ମନେ ପକାଇ ଏହି କଥା କହିଛନ୍ତି। ଆଗକୁ ପ୍ରାଜନେଶ ରାଜ୍ୟ ତଥା ଦେଶ ପାଇଁ ଅଧିକରୁ ଅଧିକ ପଦକ ହାସଲ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଉଲ୍ଲେଖଥାଉ କି, ତାମିଲନାଡୁ ଜନ୍ମିତ ପ୍ରାଜନେଶ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଉଜବେକିସ୍ତାନର ଡେନିସ ଇସ୍ତୋମିନଙ୍କଠାରୁ ୨-୬, ୨-୬ ସେଟରେ ପରାସ୍ତ ହୋଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ସ୍କ୍ୱାଶ୍‌ରେ ଭାରତୀୟଙ୍କୁ ୩ ବ୍ରୋଞ୍ଜ

**ଜାକର୍ତ୍ତା, ୨୫।୮(ପି.ଟି.)**



ସୌରଭ ଘୋଷାଲ

ଏସିଆନ ଗେମ୍ସର ସପ୍ତମ ଦିବସରେ ଭାରତର ପ୍ରତିଯୋଗୀମାନେ ସ୍କ୍ୱାଶ୍‌ରେ ୩ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଅଭିଜ୍ଞ ସୌରଭ ଘୋଷାଲ, ଦୀପିକା ପାଲିକଲ ଓ ଜ୍ୟୋତ୍ସ୍ନା ଚିନାପ୍ପା ସ୍କ୍ୱାଶ ସିଙ୍ଗଲ୍ସ ଇଭେଣ୍ଟରେ ବ୍ରୋଞ୍ଜ ଜିତିଛନ୍ତି। ଏହି ଖେଳାଳିମାନେ ସେମାନଙ୍କ ସେମିଫାଇନାଲ ମ୍ୟାଚରେ ପରାସ୍ତ ହେବା ଫଳରେ ରୌପ୍ୟ ଓ ସ୍ୱର୍ଣ୍ଣ ପଦକ ଦୌଡ଼ରୁ ବାଦ୍ ପଡିଛନ୍ତି। ଖେଳାଳିମାନେ ସେମିରୁ ବାଦ ପଡିଥିଲେ ମଧ୍ୟ ଏହା ଭାରତ ପାଇଁ ଏସିଆନ ଗେମ୍ସରେ ଶ୍ରେଷ୍ଠ ପ୍ରଦର୍ଶନ ସାବ୍ୟସ୍ତ ହୋଇଛି। ପୂର୍ବରୁ ୨୦୧୪ ସଂସ୍କରଣରେ ଭାରତ ସିଙ୍ଗଲ୍ସରେ ଦୁଇଟି ପଦକ ହାସଲ କରିଥିଲା। ସେତେବେଳେ ଘୋଷାଲ ରୌପ୍ୟ ଓ ଦୀପିକା ବ୍ରୋଞ୍ଜ ପଦକ ଜିତିଥିଲେ।

ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଘୋଷାଲ ହଂକଂର ଚୁନ ମଙ୍ଗ୍ ଅଉଙ୍କଠାରୁ ୧୨-୧୦, ୧୩- ୧୧, ୬-୧୧, ୬-୧୧, ୬-୧୧ରେ ପରାସ୍ତ ହୋଇଥିଲେ। ଜବରଦସ୍ତ ସଂଘର୍ଷ କରିଥିଲେ ମଧ୍ୟ ଶେଷରେ ଘୋଷାଲଙ୍କୁ ହାରିବାକୁ ପଡିଥିଲା। ଦ୍ୱିତୀୟ ସେଟ୍ ଶେଷବେଳକୁ ବାମପାଦରେ ଆଘାତ ପାଇଥିଲି ଓ ଏହି କାରଣରୁ ଖେଳ ପ୍ରଭାବିତ ହୋଇଥିଲା ବୋଲି ଘୋଷାଲ କହିଛନ୍ତି। ତେବେ ପ୍ରତିପକ୍ଷ ଖେଳାଳି ମୋଠାରୁ ଭଲ ପ୍ରଦର୍ଶନ କରିଥିଲେ ବୋଲି ଘୋଷାଲ ସ୍ୱୀକାର କରିଛନ୍ତି।

ସେହିପରି ମହିଳା ସିଙ୍ଗଲ୍ସରେ ଦୀପିକା ମାଲେସିଆର ନିକୋଲ ଡେଭିଡଙ୍କଠାରୁ ସେମିରେ ପରାସ୍ତ ହୋଇଥିଲେ। ପ୍ରଥମ ଦୁଇଟି ଗେମ୍‌ରେ ଦୀପିକା ୫-୨, ୪-୧ରେ ଅଗ୍ରଣୀ ହୋଇଥିଲେ ମଧ୍ୟ ୩୫ ବର୍ଷୀୟା ଅଭିଜ୍ଞା ନିକୋଲ ପ୍ରତ୍ୟାବର୍ତ୍ତନ କରିଥିଲେ ଓ ଶେଷରେ ବାଜି ମାରିଥିଲେ। ଏହି ମ୍ୟାଚରେ ଦୀପିକା ୧୧-୭, ୧୧-୯, ୧୧-୬ରେ ପରାଜୟ ବରଣ କରିଥିଲେ। ନିକୋଲଙ୍କ ଅଭିଜ୍ଞତା ଆଗରେ ଦୀପିକାଙ୍କ ପ୍ରଦର୍ଶନ ଫିକା ପଡିଥିଲା। ଦୀପିକା ଚାପକୁ ହ୍ୟାଣ୍ଡେଲ କରିପାରି ନ ଥିଲେ। ଗତ ୧୦ ବର୍ଷ ହେବ ନିକୋଲ ବିଶ୍ୱର ୧ ନମ୍ବର ଖେଳାଳି ରହି ଆସିଛନ୍ତି। ତେଣୁ ତାଙ୍କୁ ମୁକାବିଲା କରିବା ସେତେଟା ସହଜ ନ ଥିଲା। ତେବେ ପ୍ରଦର୍ଶନ ନେଇ ମୁଁ ସନ୍ତୁଷ୍ଟ ବୋଲି ଦୀପିକା କହିଛନ୍ତି।

ଅନ୍ୟପଟେ ମହିଳା ସିଙ୍ଗଲ୍ସ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଚିନାପ୍ପା ଆଉ ଜଣେ ମାଲେସିଆ ଖେଳାଳି ଶିବାସନଗାରି ସୁବ୍ରମନିୟମଙ୍କଠାରୁ ୧୨-୧୦, ୬- ୧୧, ୧୧-୯ରେ ପରାସ୍ତ ହୋଇଥିଲେ। ଜ୍ୟୋତ୍ସ୍ନାଙ୍କ ପାଇଁ ଏହା ହେଉଛି ପ୍ରଥମ ଏସିଆନ ଗେମ୍ସ ସିଙ୍ଗଲ୍ସ ପଦକ। ଏସିଆନ ଗେମ୍ସର ଗତ ୩ଟି ସଂସ୍କରଣରେ ସେ ଖାଲି ହାତରେ ଘରକୁ ଫେରିଥିଲେ। ଶିବା ମୋ ଠାରୁ ଭଲ ପ୍ରଦର୍ଶନ କରିଥିଲେ। ଏହି ଏହି ପରାଜୟକୁ ଭୁଲି ଆମେ ମହିଳା ଟିମ୍ ଇଭେଣ୍ଟରେ କିପରି ସ୍ୱର୍ଣ୍ଣ ଜିତିବୁ ସେ ନେଇ ଫୋକସ କରିବୁ ବୋଲି ଦୀପିକା କହିଛନ୍ତି। ଏହି ଇଭେଣ୍ଟ ପୂର୍ବରୁ ଆମକୁ ସଂଗଠିତ ହେବାକୁ ପଡିବ। ପୂର୍ବରୁ ୨୦୧୪ ସଂସ୍କରଣରେ ଭାରତୀୟ ମହିଳା ଦଳ ରୌପ୍ୟ ପଦକ ହାସଲ କରିଥିଲା। ଭାରତୀୟ ସ୍କ୍ୱାଶ୍ ଖେଳାଳି କିଛି ସମୟ ପାଇଁ ବିନା କୋଚ୍‌ରେ ପ୍ରସ୍ତୁତି କରିଥିଲେ। ତେବେ ଖେଳାଳିମାନଙ୍କ ମଧ୍ୟରେ ପରସ୍ପର ସହଯୋଗ କାରଣରୁ ଆମେ ଏତେ ବାଟରେ ପହଞ୍ଚିଛୁ ବୋଲି ଦୀପିକା କହିଛନ୍ତି।

# ଖାଲି ହାତରେ ଫେରିଲେ ରିକର୍ଭ ତୀରନ୍ଦାଜ

**ଜାକର୍ତ୍ତା, ୨୫।୮ (ପି.ଟି.)**

ଏସିଆନ ଗେମ୍ସରେ ଭାରତୀୟ ରିକର୍ଭ ତୀରନ୍ଦାଜମାନେ ବିଫଳ ପ୍ରଦର୍ଶନ କରି ଖାଲି ହାତରେ ସ୍ୱଦେଶ ଫେରିଛନ୍ତି। ଉଭୟ ପୁରୁଷ ଓ ମହିଳା ଦଳ ଟିମ୍ ଇଭେଣ୍ଟଗୁଡିକର କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ଏହା ପୂର୍ବରୁ ବ୍ୟକ୍ତିଗତ ରିକର୍ଭ ଇଭେଣ୍ଟଗୁଡିକରେ ମଧ୍ୟ ଭାରତୀୟ ପୁରୁଷ ଓ ମହିଳା ଖେଳାଳିମାନେ ସାଂଘାତିକଭାବେ ବିଫଳ ହୋଇଥିଲେ। ମହିଳା ଦଳ ଚାଇନିଜ ତାଇପେଠାରୁ ୨-୬ରେ ପରାସ୍ତ ହୋଇଛି।

# କ୍ୱାର୍ଟରରେ ସାଇନା, ସିନ୍ଧୁ

**ଜାକର୍ତ୍ତା,୨୫।୮**

ଭାରତୀୟ ପୁରୁଷ ଶଟଲରମାନେ ନିରାଶ କରିଥିଲେ ମଧ୍ୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ ଓ ପି. ଭି. ସିନ୍ଧୁ ପଦକ ଆଶା ଉଜ୍ଜୀବିତ ରଖିଛନ୍ତି। ଦୁଇ ମହିଳା ଶଟଲର ବିଜୟ ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ଜିତିଥିବା ସାଇନା ୨ୟ ରାଉଣ୍ଡରେ ଇଣ୍ଡୋନେସିଆର ଘରୋଇ ଖେଳାଳି ଫିତ୍ରିଆନି ଫିତ୍ରିଆନିଙ୍କୁ ୨୧-୬, ୨୧-୧୪ ଗେମ୍‌ରେ ହରାଇ ଦେଇଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ବିଶ୍ୱ ଚାମ୍ପିୟନଶିପ୍ ଓ ଅଲିମ୍ପିକ୍ ରୌପ୍ୟ ପଦକଧାରୀ ସିନ୍ଧୁ ୨୧-୧୨, ୨୧-୧୫ ବ୍ୟବଧାନରେ ୨୨ତମ ର୍ୟାଙ୍କ ମାରିସ୍କା ତୁଞ୍ଜୁଙ୍ଗଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟ ଲାଗି ତାଙ୍କୁ ୩୫ ମିନିଟ୍ ଲାଗିଥିଲା। ସାଇନା ପରବର୍ତ୍ତୀ ମୁକାବିଲାରେ ୪ର୍ଥ ସିଡ୍ ରାତଚାନୋକ ଇଣ୍ଟାନନ ଓ କୋରିଆର ସୁଙ୍ଗ ଜି ହ୍ୟୁନଙ୍କ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌ର ବିଜେତାଙ୍କୁ ଭେଟିବେ। ସେହିଭଳି ସିନ୍ଧୁଙ୍କୁ ଶ୍ରୀଲଙ୍କାର କାଭିଡି ସିରିମାନାଗେ କିମ୍ବା ଥାଇଲାଣ୍ଡର ନିଚୋନ ଜିନ୍ଦପଲ ଭେଟିବେ। ଅନ୍ୟପକ୍ଷରେ ସାତ୍ୱିକ ସାଇରାଜ ରାନ୍‌କିରେଡ୍ଡୀ ଓ ଚିରାଗ ସେଠୀଙ୍କ ପୁରୁଷ ଡବଲ୍ସ ଯୋଡ଼ି ଦ୍ୱିତୀୟ ରାଉଣ୍ଡ ଅତିକ୍ରମ କରିବାକୁ ସକ୍ଷମ ହୋଇନାହାନ୍ତି।

# ମହିଳା ହକି ଦଳ ସେମିଫାଇନାଲରେ

**ଜାକର୍ତ୍ତା, ୨୫।୮ (ପି.ଟି.)**

ଭାରତୀୟ ମହିଳା ହକି ଦଳ ଏସିଆନ ଗେମ୍ସରେ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଶନିବାର ଅନୁଷ୍ଠିତ ଏକ ମ୍ୟାଚରେ ଦଳ ଗତଥରର ଚାମ୍ପିୟନ ଦକ୍ଷିଣ କୋରିଆକୁ ୪-୧ ଗୋଲରେ ପରାସ୍ତ କରିଛି। ୫୩ ମିନିଟ ପର୍ଯ୍ୟନ୍ତ ଖେଳ ୧-୧ ସ୍ତରରେ ରହିଥିଲା। ମାତ୍ର ଚତୁର୍ଥ କ୍ୱାର୍ଟରରେ ଭାରତ ୩ ମିନିଟରେ ୩ଟି ଗୋଲ ସ୍କୋର କରି ମ୍ୟାଚ ଜିତି ନେଇଥିଲା। ନବନିତ କୌର ୧୬ତମ ମିନିଟ୍‌ରେ ଏକ ଗୋଲ ସ୍କୋର କରି ଭାରତକୁ ୧-୦ରେ ଅଗ୍ରଣୀ କରିଥିଲେ। କୋରିଆର ୟୁରିମ୍ ଲି (୨୦ତମ) ଏକ ପେନାଲ୍ଟି ଷ୍ଟ୍ରୋକ୍‌କୁ ଗୋଲରେ ପରିଣତ କରି ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲେ। ଉଭୟ ଦଳ ମ୍ୟାଚ ଜିତିବା ଲାଗି ଜୋରଦାର ପ୍ରୟାସ ଜାରି ରଖିଥିଲେ। ଏହି ପରିସ୍ଥିତିରେ ଗୁର୍‌ଜିତ (୫୪ତମ ଓ ୫୫ତମ) ଦୁଇଟି ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଭାରତକୁ ୩-୧ରେ ଆଗୁଆ କରାଇଥିଲେ। ଏହାର ୧ ମିନିଟ ବ୍ୟବଧାନରେ ବନ୍ଦନା କାଟାରିଆ (୫୬ତମ) ଏକ ଫିଲ୍ଡ ଗୋଲ କରିବା ଦ୍ୱାରା କୋରିଆଠାରୁ ଭାରତ ମ୍ୟାଚ ଛଡ଼ାଇ ନେଇଥିଲା। ବିଶ୍ୱର ୯ ନମ୍ବର ର୍ୟାଙ୍କିଙ୍ଗପ୍ରାପ୍ତ ଭାରତ ଉନ୍ନତ ଖେଳ ପ୍ରଦର୍ଶନ ସହ ମ୍ୟାଚର ଅଧିକାଂଶ ସମୟ ଖେଳକୁ ନିଜ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହୋଇଥିଲା। ଅନ୍ୟପକ୍ଷରେ ଭାରତର ଡିଫେନ୍ସକୁ ଭେଦ କରିବା ୧୦ ନମ୍ବର ର୍ୟାଙ୍କିଙ୍ଗପ୍ରାପ୍ତ କୋରିଆ ଦଳ ପକ୍ଷେ କଷ୍ଟକର ଥିଲା। ତେବେ ସେମାନେ କେତୋଟି ସୁନ୍ଦର ପ୍ରତିଆକ୍ରମଣ କରି ଭାରତ ଦଳକୁ ଚକିତ କରିଦେଇଥିଲା। ଶନିବାର ଏହି ବିଜୟ ଦ୍ୱାରା ଭାରତ ୩ଟି ମ୍ୟାଚରୁ ୯ ପଏଣ୍ଟ ସହ ଗ୍ରୁପ୍ ବି'ର ଶୀର୍ଷ ସ୍ଥାନ ଅଧିକାର କରିଛି। ଦକ୍ଷିଣ କୋରିଆ (୬ ପଏଣ୍ଟ) ଓ ଥାଇଲାଣ୍ଡ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି। ଭାରତ ଅଗଷ୍ଟ ୨୭ରେ ଏହାର ଶେଷ ଗ୍ରୁପ୍ ମ୍ୟାଚ ଥାଇଲାଣ୍ଡ ବିପକ୍ଷରେ ଖେଳିବ। ଅନ୍ୟପକ୍ଷରେ ପୁରୁଷ ହକିରେ ଗତଥରର ଚାମ୍ପିୟନ ଭାରତ ରବିବାର ଗ୍ରୁପ୍ ଏ'ରେ ଦକ୍ଷିଣ କୋରିଆ ସହ ମୁକାବିଲା କରିବ।



ବ୍ୟାଡ୍‌ମିଣ୍ଟନ: ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟରଫାଇନାଲ୍ ଅବସରରେ ସାଇନା ନେହ୍ୱାଲ।

# ବ୍ରିଜ୍‌ରେ ଭାରତକୁ ୨ ପଦକ ମିଳିବା ନିଶ୍ଚିତ

**ଜାକର୍ତ୍ତା, ୨୫।୮ (ପି.ଟି.)**

ପ୍ରଥମଥର ପାଇଁ ଏସିଆନ ଗେମ୍ସରେ ପଦାର୍ପଣ କରିଥିବା କ୍ରୀଡ଼ା ବ୍ରିଜ୍‌ରେ ଭାରତକୁ ଅତିକମ୍‌ରେ ଦୁଇଟି ପଦକ ମିଳିବା ନିଶ୍ଚିତ ହୋଇଛି। ଏହି ଇଭେଣ୍ଟରେ ଭାରତୀୟ ପୁରୁଷ ଓ ମିକ୍ସଡ ଟିମ ସେମିଫାଇନାଲରେ ପ୍ରବେଶ କରିବା ପରେ ଏହା ସ୍ପଷ୍ଟ ହୋଇଛି। ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ପରେ ପୁରୁଷ ବ୍ରିଜ୍ ଟିମ୍ ଚତୁର୍ଥ ଓ ମିକ୍ସଡ ଟିମ୍ ଦ୍ୱିତୀୟ ସ୍ଥାନରେ ରହିଥିଲା। ୧୩ଟି କ୍ୱାଲିଫିକେଶନ ରାଉଣ୍ଡ ପରେ ପୁରୁଷ ଦଳ ଚତୁର୍ଥ ସ୍ଥାନରେ ରହିଥିଲା। ସେହିପରି ୭ଟି କ୍ୱାଲିଫିକେଶନ ରାଉଣ୍ଡ ପରେ ମିକ୍ସ ଟିମ୍ ଶୀର୍ଷରେ ରହିଥିଲା। ସେମିଫାଇନାଲରେ ଶୀର୍ଷ ସ୍ଥାନରେ ଥିବା ଦଳ ଚତୁର୍ଥ ଓ ଦ୍ୱିତୀୟ ସ୍ଥାନରେ ଥିବା ଦଳ ତୃତୀୟ ଦଳକୁ ଭେଟିବ। ସେମିଫାଇନାଲରେ ପରାଜିତ ଦଳ ବ୍ରୋଞ୍ଜ ଜିତିବା ନିଶ୍ଚିତ। ତେବେ ଭାରତୀୟ ସୁପର ମିକ୍ସଡ ଟିମ ସେମିଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଥିଲା। ୬ ଜଣିଆ ଭାରତୀୟ ପୁରୁଷ ଦଳରେ ଜାଗ୍ଗୀ ଶିବଦାସାନୀ, ରାଜେଶ୍ୱରୀ ତେୱାରୀ, ଅଜୟ ଖାରେ, ରାଜୁ ତୋଲାନି, ଦେବବ୍ରତ ମଜୁମଦାର ଓ ସୁମିତ ମୁଖାର୍ଜୀ ସାମିଲଥିଲେ। ସେହିପରି ମିକ୍ସଡ ଟିମ୍‌ରେ କିରଣ ଖଣ୍ଡେଲୱାଲ, ବାଚିରାଜୁ ସତ୍ୟନାରାୟଣ, ଗୋପୀନାଥ ମାନ୍ନା ଓ ରାଜୀବ ଖଣ୍ଡେଲୱାଲ ସାମିଲ ରହିଛନ୍ତି। ପୁରୁଷ ଦଳର ହାରାହାରି ବୟସ ୫୨ ଓ ମିକ୍ସଡ ଟିମ୍‌ର ବୟସ ୫୭ ରହିଛି। ଏସିଆନ ଗେମ୍ସରେ ପ୍ରଥମଥର ପାଇଁ ବ୍ରିଜ୍ କ୍ରୀଡ଼ାକୁ ସାମିଲ କରାଯାଇଛି।



"ମୁଁ ଏପର୍ଯ୍ୟନ୍ତ ଏକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିନାହିଁ। ଏହା ବିନା ବିଶ୍ୱ ର୍ୟାଙ୍କିଙ୍ଗରେ ନମ୍ବର ୱାନ ହେବାରେ କୌଣସି ମାନେ ନାହିଁ ।
–ସିମୋନା ହାଲେପ୍, ରୋମାନିଆ ଟେନିସ ଖେଳାଳି



"ଭାରତ ଏ' କ୍ରିକେଟ ଦଳ ସହ ଇଂଲଣ୍ଡ ଟୁର୍ ମୋତେ ଟେଷ୍ଟ ପଦାର୍ପଣରେ ଭଲ ପ୍ରଦର୍ଶନ କରିବାରେ ସହାୟକ ହୋଇଥିଲା ।
–ରିଶଭ ପନ୍ତ, ଭାରତର ଉଇକେଟକିପର ବ୍ୟାଟ୍ସମ୍ୟାନ

## ସଂକ୍ଷେପରେ

### ସୁଦୀପଙ୍କୁ ଅନୁମତି ଦେବ ନାହିଁ ରେଲୱେ



**ନୂଆଦିଲ୍ଲୀ, ୨୫।୮ (ପି.ଟି.):** ଆସନ୍ତା ସିଜନରେ ସୁଦୀପ ଚାଟାର୍ଜୀଙ୍କୁ ବେଙ୍ଗଲ ତରଫରୁ ଖେଳିବା ଲାଗି ଅନୁମତି ଦେବ ନାହିଁ ଭାରତୀୟ ରେଲୱେ। ବାମହାତୀ ସୁଦୀପ ହେଉଛନ୍ତି ବେଙ୍ଗଲ କ୍ରିକେଟ ଦଳର ଅନ୍ୟତମ ପ୍ରମୁଖ ବ୍ୟାଟ୍ସମ୍ୟାନ। ସେ ମେଟ୍ରୋ ରେଲ୍‌ର ଜଣେ କର୍ମଚାରୀ ଅଟନ୍ତି। ରେଲୱେ ତାଙ୍କୁ ଅଗଷ୍ଟ ୨୯ରେ କର୍ନେଲ ସିଂ ଷ୍ଟାଡିୟମରେ ହେବାକୁଥିବା ଏହାର ପ୍ରି-ସିଜନ କ୍ୟାମ୍ପ ପାଇଁ ଡକାଇଛି। ଅନୁଷ୍ଟୁପ ମଜୁମଦାର ମଧ ଏହି କ୍ୟାମ୍ପକୁ ଡକରା ପାଇଛନ୍ତି। ସୁଦୀପ ହେଉଛନ୍ତି ବେଙ୍ଗଲର ନମ୍ବର ୩ ବ୍ୟାଟ୍ସମ୍ୟାନ। ବର୍ତ୍ତମାନ ସେ ଦୁଲିପ ଟ୍ରଫିରେ ଇଣ୍ଡିଆ ଗ୍ରୀନ ତରଫରୁ ଖେଳୁଛନ୍ତି। ଏହି ଦଳର ଓପନିଂ ମ୍ୟାଚରେ ସେ ୮୨ରନ ସ୍କୋର କରିଛନ୍ତି। ଉଭୟ ଚାଟାର୍ଜୀ ଓ ମଜୁମ୍‌ଦାର ଗତ ସିଜନ ବେଳେ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ (ଏନଓସି) ହାସଲ କରିବାରେ ସମର୍ଥ ହୋଇଥିଲେ। କିନ୍ତୁ ଏଥର ସେମାନଙ୍କୁ ଏନଓସି ମିଳିବ ନାହିଁ। ରେଲୱେଜ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ଆର୍‌ଏସ୍‌ପିବି) ସମ୍ପାଦକ ରେଖା ଯାଦବ କହିଛନ୍ତି, ଏହି କ୍ରୀଡ଼ାବିତ୍‌ଙ୍କ ଉପରେ ରେଲୱେର ପ୍ରଥମ ଅଧିକାର ରହିଛି। ଏହି ବର୍ଷ ସୁଦୀପ ଓ ଅନୁଷ୍ଟୁପ୍‌ଙ୍କ କ୍ୟାମ୍ପରେ ରିପୋର୍ଟ କରିବାକୁ ପଡ଼ିବ ଏବଂ ସେମାନଙ୍କୁ ରେଲୱେ ପାଇଁ ଖେଳିବାକୁ ପଡ଼ିବ।

# ରଶ୍ମିରଞ୍ଜନ ଓଡ଼ିଶା ରଣ୍‌ଜୀର ନୂଆ କୋଚ୍

**କଟକ ଅଫିସ,୨୫।୮**

ଓଡ଼ିଶା କ୍ରିକେଟରେ ଟେଡି ନାମରେ ପରିଚିତ ତଥା ପୂର୍ବତନ କ୍ରିକେଟର ରଶ୍ମିରଞ୍ଜନ ପରିଡ଼ାଙ୍କୁ ରାଜ୍ୟ ରଣ୍‌ଜୀ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ପୂର୍ବତନ କୋଚ୍ ଦେବାଶିଷ ମହାନ୍ତି ଜାତୀୟ ଜୁନିୟର ଦଳର ଚୟନକର୍ତ୍ତା ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ରଶ୍ମିରଞ୍ଜନଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅର୍ପଣ କରାଯାଇଛି ବୋଲି ଶନିବାର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ଘୋଷଣା କରାଯାଇଛି। ରାଜ୍ୟ ଦଳରୁ ପ୍ରତିନିଧିତ୍ୱ କରିଥିବା ରଶ୍ମିରଞ୍ଜନ ବ୍ୟାଟିଂ ବଳରେ ନିଜ ପ୍ରତିଭାର ଭରପୂର ପ୍ରଦର୍ଶନ କରିଥିଲେ ମଧ ସିନିୟର ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ପ୍ରଥମ ଥର ନିମନ୍ତେ ପାଇଛନ୍ତି। ଆଗାମୀ ସିଜନ୍‌ରେ ଓଡ଼ିଶାର ସ୍ଥିତିକୁ ରଣ୍‌ଜୀ ପଏଣ୍ଟ ଟେବୁଲ ତାଲିକାରେ ରଶ୍ମିରଞ୍ଜନ କିପରି ବଜାୟ ରଖିବେ ତାହା ନିଶ୍ଚିତ ରୂପେ ତାଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେବ। ତେବେ ରବିବାରଠାରୁ ଦଳର ପ୍ରସ୍ତୁତି ଶିବିରରେ ଯୋଗ ଦେଇ ଆଗାମୀ ସିଜନ୍ ନିମନ୍ତେ ରଣକୌଶଳର ଯୋଜନା କରାଯିବ ବୋଲି ରଶ୍ମିରଞ୍ଜନ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଅନ୍ୟପକ୍ଷରେ ଚଳିତ ସିଜନ ନିମନ୍ତେ ସିନିୟର ପୁରୁଷ ଦଳ ଚୟନକର୍ତ୍ତା ରଶ୍ମିରଞ୍ଜନ ରହିଥିଲେ।



ରଶ୍ମିରଞ୍ଜନ ପରିଡ଼ା।

ଏବେ ରଶ୍ମିରଞ୍ଜନ କୋଚ୍ ଭାର ସମ୍ଭାଳିବା ପରେ କୃଳମଣି ପରିଡ଼ାଙ୍କୁ ଏହି ସ୍ଥାନରେ ଅବସ୍ଥାପିତ କରାଯାଇଛି।

ଡାହାଣହାତୀ ବ୍ୟାଟ୍ସମ୍ୟାନ ରଶ୍ମିରଞ୍ଜନ ୧୯୯୪-୯୫ ସିଜନ୍‌ରେ ରାଜ୍ୟ ପକ୍ଷରୁ ଉଭୟ ପ୍ରଥମ ଶ୍ରେଣୀ ଓ ଲିଷ୍ଟ-ଏ ମ୍ୟାଚ୍‌ରେ ପଦାର୍ପଣ କରି ୨୦୧୫-୧୬ ସିଜନ ପର୍ଯ୍ୟନ୍ତ ଖେଳିଛନ୍ତି। ଦୀର୍ଘ ୨୧ବର୍ଷ ଧରି ସେ କ୍ରିକେଟରେ ଜଡ଼ିତ ରହିବା ପରେ ୨୦୧୫-୧୬ ସିଜନ୍‌ରେ କୋଚ୍ କ୍ୟାରିୟର ଆରମ୍ଭ କରିଥିଲେ। ଅନ୍ୟପକ୍ଷରେ ରଶ୍ମୀରଞ୍ଜନ କେବଳ ଓଡ଼ିଶା ନୁହେଁ ୫ଟି ରାଜ୍ୟରୁ ଖେଳିବାର ରେକର୍ଡ ମଧ ରଖିଛନ୍ତି। ୧୯୯୪ରୁ ୨୦୦୮ ମସିହା ପର୍ଯ୍ୟନ୍ତ ସେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବା ପରେ ୨୦୦୮ରୁ ୨୦୦୯ ଆସାମ, ୨୦୧୦-୨୦୧୩ ରାଜସ୍ଥାନ, ୨୦୧୩-୨୦୧୪ ବିଦର୍ଭ ଓ ୨୦୧୪-୧୫ ସିଜନ୍ ସେ ହିମାଚଳପ୍ରଦେଶ ପକ୍ଷରୁ ଖେଳିଥିଲେ। ଖେଳାଳି କ୍ୟାରିୟର ଶେଷ କରିବା ପରେ ୨୦୧୫-୧୬ ସିଜନ୍‌ରେ ଓଡ଼ିଶା ସିନିୟର ଦଳର ବ୍ୟାଟିଂ କୋଚ୍ ରହିଥିଲେ। ପରେ ୨୦୧୬-୧୭ ରେ ୧୯ବର୍ଷରୁ କମ୍ ବାଳକ ଦଳର ମୁଖ୍ୟ କୋଚ୍ ଓ ୨୦୧୭-୧୮ ସିଜନ୍‌ରେ ଟେକ୍ନିକାଲ ଡାଇରେକ୍ଟର ଭାବେ ଦାୟିତ୍ୱ ବହନ କରିଛନ୍ତି। ସୂଚନାଥାଉକି, ରଶ୍ମିରଞ୍ଜନ ସମୁଦାୟ ୧୩୯ଟି ପ୍ରଥମଶ୍ରେଣୀ ମ୍ୟାଚ୍‌ରୁ ୮୩୧୭ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୧୬ଟି ଶତକ ଓ ୫୧ଟି ଅର୍ଦ୍ଧଶତକ ରହିଛି। ପ୍ରଥମଶ୍ରେଣୀ କ୍ରିକେଟରେ ୨୨୦ରନ୍ ହେଉଛି ରଶ୍ମିରଞ୍ଜନଙ୍କ ସର୍ବାଧିକ ସ୍କୋର। ୬୬ଟି ଲିଷ୍ଟ-ଏ ମ୍ୟାଚ୍ ଖେଳିଥିବା ରଶ୍ମିରଞ୍ଜନ ୨ଟି ଶତକ ଓ ୧୫ଟି ଅର୍ଦ୍ଧଶତକ ସହାୟତାରେ ମୋଟ୍ ୨୦୬୩ ରନ୍ କରିଛନ୍ତି। ଲିଷ୍ଟ-ଏ ଫର୍ମାଟରେ ୧୨୨ରନ୍ ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ରହିଛି।

### ବ୍ୟାଟିଂ କ୍ରମ ନିର୍ଦ୍ଧାରଣକୁ ଫୋକସ୍

ଦଳ ଚୟନ ଓ ପ୍ରସ୍ତୁତି ଶିବିରରେ ରବିବାର ଯୋଗ ଦେବି। ଏଥିନେଇ ଦାୟିତ୍ୱ ପାଇବା ପରେ ଅର୍ଥାତ ଶନିବାରଠାରୁ ହିଁ ଆଗାମୀ ସିଜନ ନିମନ୍ତେ ଯୋଜନା ଆରମ୍ଭ କରି ସାରିଛି ବୋଲି ରାଜ୍ୟ ସିନିୟର କ୍ରିକେଟ ଦଳର ନୂତନ କୋଚ୍ ଭାବେ ନିଯୁକ୍ତ ହୋଇଥିବା ରଶ୍ମିରଞ୍ଜନ କହିଛନ୍ତି। ଦଳ ଚୟନ ଉପରେ ବିଶେଷ ଭାବେ ଧ୍ୟାନ ଦିଆଯିବ। ସିନିୟର ଦଳର ବିଭିନ୍ନ ଫର୍ମାଟରେ ଦମଦାର ପ୍ରଦର୍ଶନ କରିବା ଭଳି ଖେଳାଳି ରାଜ୍ୟରେ ଅଛନ୍ତି। ସେମାନଙ୍କ ମଧ୍ୟରେ ସମନ୍ୱୟ କିପରି ସୃଷ୍ଟି କରାଯିବ ତାହା ମୂଳଲକ୍ଷ୍ୟ। ଏହାଛଡ଼ା କେଉଁ ବ୍ୟାଟ୍ସମ୍ୟାନ କେଉଁ ବ୍ୟାଟିଂ କ୍ରମରେ ପିଚ୍‌କୁ ଆସିଲେ ଟିମ୍ ପାଇଁ ଲାଭଦାୟକ ହେବ ସେ ଦିଗରେ ବିଶେଷ ଭାବେ ଦୃଷ୍ଟି ଦିଆଯିବ ବୋଲି ୪୧ ବର୍ଷୀୟ ରଶ୍ମିରଞ୍ଜନ କହିଛନ୍ତି। ସିଜିନ୍ ଆରମ୍ଭ ହେବାକୁ ଅନେକ ଦିନବାକି ରହିଛି, ଏହା ମଧ୍ୟରେ ଯୋଜନା ଅନୁସାରେ ସମସ୍ତ କାର୍ଯ୍ୟକୁ କରିବାକୁ ହେବ ବୋଲି ଏହି ପ୍ରାକ୍ତନ ଡାହାଣହାତୀ ବ୍ୟାଟ୍ସମ୍ୟାନ ପ୍ରକାଶ କରିଛନ୍ତି।

## ଡାଇମଣ୍ଡ ଲିଗ୍ ଆଇଏଏଏଫ୍ ରାଡାରରେ ଭାରତ

**ଜାକର୍ତ୍ତା, ୨୫।୮ (ପି.ଟି.)**

ଭାରତକୁ ଡାଇମଣ୍ଡ ଆଥଲେଟିକ୍ସ ଲିଗ୍ ଆୟୋଜନ ଅଧିକାର ମିଳିପାରେ। ଏହି ସୂଚନା ଦେଇଛନ୍ତି ଆଇଏଏଏଫ୍ (ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ୍ସ) ସଭାପତି ସେବାଷ୍ଟିଆନ କୋ'। ଡାଇମଣ୍ଡ ଲିଗ୍‌ରେ ବିଶ୍ୱର ଟପ୍ ଆଥଲେଟମାନେ ଅଂଶଗ୍ରହଣ କରିଥାନ୍ତି। ଏହା ବିଶ୍ୱର ସମସ୍ତ ବଡ଼ ବଡ଼ ସହରରେ ଆୟୋଜିତ ହେବା ଉଚିତ୍ ବୋଲି ଏଠାରେ ଏସିଆ ଗେମ୍ସ ପାଇଁ ଆସିଥିବା କୋ' ଶନିବାର ଖବରଦାତାମାନଙ୍କୁ କହିଛନ୍ତି। ଡାଇମଣ୍ଡ ଲିଗ୍ ୟୁରୋପୀୟ ଦେଶଗୁଡ଼ିକରେ ଆୟୋଜିତ ହୋଇ ଆସୁଛି। କିନ୍ତୁ ଏହା ଏସିଆର ଦିଲ୍ଲୀ, ଟୋକିଓ, ବେଜିଂ ଭଳି ସହରରେ ଆୟୋଜିତ ହେବା ଦରକାର। ଡାଇମଣ୍ଡ ଲିଗ୍ ହେଉଛି ଏକ ୧୪ ଲେଗ୍ ବିଶିଷ୍ଟ ସିରିଜ। ଏଥିରେ ଟପ୍ ଆଥ୍‌ଲେଟମାନେ ଆର୍ଥିକ ପୁରସ୍କାର ଓ ପଏଣ୍ଟ ପାଇଁ ଅଂଶଗ୍ରହଣ କରିଥାନ୍ତି। ୨୦୧୦ରୁ ଗୋଲଡେନ ଲିଗ୍ ସ୍ଥାନରେ ଡାଇମଣ୍ଡ ଲିଗ୍ ଆୟୋଜିତ ହୋଇ ଆସୁଛି। ଏହା ଏବେ ସୁଦ୍ଧା ୟୁରୋପରେ ଆୟୋଜିତ ହୋଇ ଆସୁଛି। ଏହା କିପରି ନୂଆ ନୂଆ ସହରଗୁଡ଼ିକରେ ଆୟୋଜିତ ହୋଇ ପାରିବ ସେ ନେଇ ଉଦ୍ୟମ ଚାଲିଛି ବୋଲି କୋ' କହିଛନ୍ତି।

### ଆଇଏସ୍‌ଏଲ୍-୫ ଏଟିକେ-କେରଳା ବ୍ଲାଷ୍ଟର୍ସ ଉଦ୍‌ଘାଟନୀ ମ୍ୟାଚ୍

**ମୁମ୍ବାଇ,୨୫।୮(ପି.ଟି.):** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ର ୫ମ ସଂସ୍କରଣ ଆଗାମୀ ସେପ୍ଟେମ୍ବର ୨୯ ତାରିଖଠାରୁ ଆରମ୍ଭ ହେବ। କୋଲକାତାର ବିବେକାନନ୍ଦ ଯୁବା ଭାରତୀ କ୍ରୀଡ଼ାଙ୍ଗନଠାରେ ହେବାକୁ ଥିବା ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ଦୁଇ ଥର ଚାମ୍ପିୟନ ଆଟଲେଟିକୋ କୋଲକାତା ଓ କେରଳା ବ୍ଲାଷ୍ଟର୍ସ ପରସ୍ପରକୁ ଭେଟିବେ। ଆଇଏସ୍‌ଏଲ ଆୟୋଜକଙ୍କ ପକ୍ଷରୁ ଶନିବାର ଚଳିତ ସିଜନର ଅଧା ମ୍ୟାଚ୍‌ର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଆୟୋଜକଙ୍କ ପକ୍ଷରୁ କୁହାଯାଇଛି, ଆଗାମୀ ସିଜନରେ ୩ ବିରତି ରହିବ। କାରଣ ଚଳିତ ବର୍ଷ ଡିସେମ୍ବରରେ ଭାରତୀୟ ଫୁଟ୍‌ବଲ ଦଳ ଏଏଫ୍‌ସି ଏସିଆ କପ୍‌ରେ ଅଂଶଗ୍ରହଣ କରିବ। ଏଥିନେଇ ସାମ୍ଭାବ୍ୟ ଦଳରେ ସ୍ଥାନ ପାଇଥିବା ଖେଳାଳିଙ୍କୁ ନେଇ ଅଭ୍ୟାସ ଶିବିର ଆୟୋଜନ କରାଯିବ। ପ୍ରଥମ ବିରତିର ପରବର୍ତ୍ତୀ କାର୍ଯ୍ୟସୂଚୀ ଆଗାମୀ ଦିନରେ ଘୋଷଣା କରାଯିବ। ଲିଗ୍‌ର ପ୍ରତ୍ୟେକ ମ୍ୟାଚ୍ ସନ୍ଧ୍ୟା ୭.୩୦ରୁ ଆରମ୍ଭ ହେବ।



ନୂଆ ଜାତୀୟ ଜୁନିୟର ଚୟନକର୍ତ୍ତା ଦେବାଶିଷ ମହାନ୍ତିଙ୍କୁ ସହିଦ୍ ସ୍ପୋର୍ଟିଂ ସମ୍ପାଦକ ପଙ୍କଜ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି।

### ଗୋଟିଏ ଓଭରରେ ୩୦ ରନ୍ ମାରିଲେ ପୋଲାର୍ଡ

**ଗୁଏନା,୨୫।୮**

ବିସ୍ଫୋରକ ୱେଷ୍ଟଇଣ୍ଡିଜ୍ ବ୍ୟାଟ୍ସମ୍ୟାନ କିରୋନ ପୋଲାର୍ଡ ଚଳିତ କାରାବିୟାନ ପ୍ରିମିୟର ଲିଗ୍‌ର ଏକ ମ୍ୟାଚ୍‌ର ଗୋଟିଏ ଓଭର୍‌ରେ ୩୦ ରନ୍ ମାରିଛନ୍ତି। ତାଙ୍କ ଇନିଂସ୍ ଯୋଗୁ ଚଳିତ ଲିଗ୍‌ରେ ସେଣ୍ଟ ଲୁସିଆ ଷ୍ଟାର ଦଳ ପ୍ଲେ-ଅଫ୍ ଖେଳିବା ଆଶା ଉଜ୍ଜୀବିତ ରହିଛି। ଶୁକ୍ରବାର ରାତିରେ ଗୁଏନା ଆମାଜନ ୱାରିଅର୍ସ ଓ ସେଣ୍ଟ ଲୁସିଆ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ୱାରିଅର୍ସ ଦଳ ଧାର୍ଯ୍ୟ ଓଭରରେ ୯ ଉଇକେଟ ହରାଇ ୧୪୦ ରନ୍ କରିପାରିଥିଲା। ଲୋ ସ୍କୋରିଂ ମ୍ୟାଚ୍‌ରେ ୧୪୧ ରନ୍‌ର ଟାର୍ଗେଟ ନେଇ ଓହ୍ଲାଇଥିବା ସେଣ୍ଟ ଲୁସିଆ ଦଳ ୧୭ ଓଭର୍ ବେଳକୁ ୧୧୦ ରନ୍ କରିଥିଲା। ଫଳରେ ବିଜୟ ଲାଗି ଦଳକୁ ଅନ୍ତିମ ୧୮ ବଲରେ ୩୧ ରନ୍‌ର ଆବଶ୍ୟକତା ଥିଲା। ୧୮ତମ ଓଭର୍ ବୋଲିଂ କରିବାକୁ ଆସିଥିବା ଲେଗ ସ୍ପିନର ଦେବେନ୍ଦ୍ର ବିସୁଙ୍କ ଓଭର୍‌ରେ ପୋଲାର୍ଡ ୩୦ ରନ୍ ମାରି ମ୍ୟାଚ୍ ଜିତିବା ନିଶ୍ଚିତ କରିଥିଲେ। ଏହି ଓଭରରେ ଡାହଣହାତୀ ବ୍ୟାଟ୍ସମ୍ୟାନ ୩ ଲେଖାଏ ଛକା ଓ ଚୌକା ମାରିଥିଲେ।



ଚାମ୍ପିୟନ ଜାପାନ ଦଳ।

### ■୨୦ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍

## ଜାପାନ ପ୍ରଥମଥର ଚାମ୍ପିୟନ

**ଭାନେସ(ଫ୍ରାନ୍ସ),୨୫।୮(ଏଏଫ୍‌ପି)**

ଏଠାରେ ଚାଲିଥିବା ୨୦ ବର୍ଷରୁ କମ୍ ମହିଳା ଫୁଟ୍‌ବଲ ବିଶ୍ୱକପ୍ ଟୁର୍ନାମେଣ୍ଟରେ ଜାପାନ ଚାମ୍ପିୟନ ହୋଇଛି। ଫାଇନାଲରେ ସ୍ପେନକୁ ୧-୩ ଗୋଲରେ ହରାଇ ଜାପାନ ପ୍ରଥମ ଥର ଲାଗି ବିଶ୍ୱସ୍ତରୀୟ ଇଭେଣ୍ଟରେ ଟାଇଟଲ ହାତେଇଛି। ଟୁର୍ନାମେଣ୍ଟରେ ଜର୍ମାନୀ ଓ ଆମେରିକା ଫେଭରାଇଟ୍ ଦଳ ଭାବେ ଅଂଶଗ୍ରହଣ କରିଥିଲେ। ଉଭୟ ଦେଶ ଗତ ୮ ସଂସ୍କରଣରୁ ୬ ଟାଇଟଲ ହାସଲ କରିଥିଲେ। ହିନାଟା ମିୟାଜାୱା ୩୮ତମ ମିନିଟରେ ପ୍ରଥମ ଗୋଲ ଦେଇଥିଲେ। ତାଙ୍କ ପରେ ସାଓରି କାରାଦା (୫୭ତମ) ଓ ଫୁକା ନାଗାନୋ (୬୪ତମ) ଗୋଲ ସ୍କୋର କରିଥିଲେ। ଆୟୋଜକ ଫ୍ରାନ୍ସକୁ ପେନାଲ୍ଟି ଶୁଟ୍‌ଆଉଟରେ ଇଂଲଣ୍ଡ ପରାସ୍ତ କରି ୩ୟ ସ୍ଥାନ ଅଧିକାର କରିଛି।

### ବ୍ଲାକ ପାନ୍ଥର ଡ୍ରେସକୁ ନିଷିଦ୍ଧ କଲା ଫ୍ରେଞ୍ଚ ଓପନ



**ପ୍ୟାରିସ,୨୫।୮(ଏଏଫ୍‌ପି):** ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନ ପୂର୍ବତନ ଶୀର୍ଷ ର୍ୟାଙ୍କଧାରୀ ମହିଳା ଖେଳାଳି ସେରେନା ୱିଲିୟମ୍ସଙ୍କୁ ଏଠାରେ ବ୍ଲାକ ପାନ୍ଥର ଡ୍ରେସ ପରିଧାନ କରିବାକୁ ବାରଣ କରିଛି। ହଲିଉଡ୍ ଫିଲ୍ମ 'ବ୍ଲାକ ପାନ୍ଥର'ରୁ ପ୍ରେରିତ ଡ୍ରେସ ପିନ୍ଧି ସେ ଚଳିତ ବର୍ଷ ଟୁର୍ନାମେଣ୍ଟରେ ଖେଳିଥିଲେ। ଏହାକୁ ପରିଧାନ କରିବା ପରେ ଯୋଦ୍ଧା ରାଜକୁମାରୀଙ୍କ ଭଳି ଅନୁଭବ ହେଉଛି ବୋଲି ସେ କହିଥିଲେ। ତେବେ ଫ୍ରେଞ୍ଚ ଟେନିସ୍ ଫେଡେରେଶନ (ଏଫ୍‌ଟିଟି) ନିଷ୍ପତ୍ତି ନେଇଛି ଯେ, ଏହି ବ୍ଲାକ ପାନ୍ଥର କିମ୍ବା ଆଖିକୁ ଆକୃଷ୍ଟ କଲା ଭଳି ପୋଷାକ ପରିଧାନ କରିବାକୁ ଅନୁମତି ମିଳିବ ନାହିଁ। "ଚଳିତ ବର୍ଷ ସେରେନା ପରିଧାନ କରିଥିବା ପୋଷାକକୁ ଆଉ ଗ୍ରହଣ କରାଯିବ ନାହିଁ। କ୍ରୀଡ଼ା ଓ ସ୍ଥାନ ପ୍ରତି ଖେଳାଳିଙ୍କ ସମ୍ମାନ ରହିବା ଆବଶ୍ୟକ" ବୋଲି ଏଫ୍‌ଏଫ୍‌ଟି ସଭାପତି ବର୍ନାର୍ଡ ଗିଡିସେଲି କହିଛନ୍ତି।

## 'ଓଡ଼ିଆଙ୍କ ପ୍ରତି ଅନ୍ୟାୟ ହେବ ନାହିଁ'

**ଭୁବନେଶ୍ୱର, ୨୫।୮(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶାର କ୍ରିକେଟ ପ୍ରତିଭାଙ୍କ ପ୍ରତି ଅନ୍ୟାୟ କରାଯିବ ନାହିଁ ବୋଲି ନୂଆ କରି ନିଯୁକ୍ତ ହୋଇଥିବା ଜାତୀୟ ଜୁନିୟର ଚୟନକର୍ତ୍ତା ତଥା ପୂର୍ବତନ ଟେଷ୍ଟ କ୍ରିକେଟର ଦେବାଶିଷ ମହାନ୍ତି କହିଛନ୍ତି। ତେବେ ଦଳରେ ସ୍ଥାନ ପାଇବାକୁ ହେଲେ ଜଣେ ଖେଳାଳିଙ୍କୁ ଭଲ ପ୍ରଦର୍ଶନ କରିବା ନିହାତି ଜରୁରୀ ବୋଲି ସେ ସ୍ପଷ୍ଟ କରିଛନ୍ତି। ଜାତୀୟ ଚୟନକର୍ତ୍ତା ନିଯୁକ୍ତ ହେବା ପରେ ଦେବାଶିଷ ସ୍ଥାନୀୟ ସହୀଦ ସ୍ପୋର୍ଟିଂ କ୍ଲବରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ଏହା କହିଛନ୍ତି। ରାଜ୍ୟର ତୃତୀୟ ବ୍ୟକ୍ତି ଭାବେ ଦେବାଶିଷ ଜାତୀୟସ୍ତରରେ ଚୟନକର୍ତ୍ତା ନିଯୁକ୍ତ ହୋଇଛନ୍ତି। ଏହି ଦାୟିତ୍ୱକୁ ନେଇ ସେ ବେଶ୍ ଉତ୍ସାହିତ ଅଛନ୍ତି ଓ ଏହାକୁ ସୁଚାରୁ ରୂପେ ତୁଲାଇବାକୁ ଚେଷ୍ଟା କରିବେ। ତେବେ ଏହା ପୂର୍ବରୁ ଚୟନ କମିଟି ମୁଖ୍ୟ ଓ ଅନ୍ୟ ଚୟନକର୍ତ୍ତାଙ୍କ ବିଚାର ସହ ପ୍ରଥମେ ଅବଗତ ହେବାକୁ ପଡିବ। ସମସ୍ତଙ୍କୁ ସାଥିରେ ନେଇ ଯିବାକୁ ହେବ ବୋଲି ସେ କହିଛନ୍ତି।

ନୂଆ ଦାୟିତ୍ୱ ନେଇ କୌଣସି ଚାପ ନାହିଁ। କିନ୍ତୁ ନିରପେକ୍ଷ ଭାବେ ଶ୍ରେଷ୍ଠ ପ୍ରତିଭାଙ୍କୁ ଚୟନ କରିବା ନିଶ୍ଚିତ ଭାବେ ଏକ ଚ୍ୟାଲେଞ୍ଜ୍। ପୁଣି ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନଙ୍କ ସମେତ ବହୁ ବଡ଼ ବଡ଼ ତାରକାଙ୍କ ପୁଅ ଜୁନିୟର କ୍ରିକେଟରେ ବେଶ୍ ସକ୍ରିୟ ରହିଛନ୍ତି। ତେବେ ଏମାନଙ୍କ କାରଣରୁ ଦଳ ଚୟନରେ କୌଣସି ଚାପ ସୃଷ୍ଟି ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ପ୍ରଥମେ ଜଣେ କ୍ରିକେଟର, ପରେ କୋଚ୍ ଓ ଏବେ ଚୟନକର୍ତ୍ତା ଭୂମିକାରେ ଅବତୀର୍ଣ୍ଣ ହେବାକୁ ଯାଉଛି। ସବୁ ଭୂମିକାର ଚ୍ୟାଲେଞ୍ଜ ଭିନ୍ନ। ଆଉ ଗୋଟିଏ ଦିନ ପରେ ବାଙ୍ଗାଲୋରରେ ପ୍ରଥମଥର ପାଇଁ ଚୟନ କମିଟି ବୈଠକଙ୍‌ରେ ଯୋଗଦେବେ। ଆଗକୁ ଆୟୋଜନ ହେବାକୁ ଥିବା ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଓ ଜୁନିୟର ଏସିଆ କପ୍ ପାଇଁ ଦଳ ଚୟନ ହେବ। ତେଣୁ ପ୍ରଦର୍ଶନ ଭଲ ଥିଲେ କୌଣସି ଓଡ଼ିଆ ତଥା ପୂର୍ବାଞ୍ଚଳ ଖେଳାଳି ଅବହେଳିତ ହେବେ ନାହିଁ। କେତେକ ଓଡ଼ିଆ କ୍ରିକେଟର ଅଛନ୍ତି, ଯେଉଁମାନେ ଜାତୀୟ ଦଳରେ ସାମିଲ ହେବାର ଯୋଗ୍ୟତା ରଖୁଛନ୍ତି ବୋଲି ସେ କହିଛନ୍ତି। ମିଳିଥିବା ନୂଆ ଦାୟିତ୍ୱ ପାଇଁ ଦେବାଶିଷଙ୍କୁ ସହୀଦ୍ ସ୍ପୋର୍ଟିଂ କ୍ଲବ୍ ତରଫରୁ ବିଶେଷ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବ ସମ୍ପାଦକ ପଙ୍କଜ ପଟ୍ଟନାୟକ ତାଙ୍କୁ ସମ୍ମାନିତ କରିଥିଲେ।

## ଇଣ୍ଡିଆ 'ବି', ଅଷ୍ଟ୍ରେଲିଆ 'ଏ' ବିଜୟୀ

**ବେଙ୍ଗାଲୁରୁ, ୨୫।୮(ପି.ଟି.)**

ମୟଙ୍କ ଅଗ୍ରୱାଲ ଓ ଟ୍ରାଭିସ୍ ହେଡ୍‌ଙ୍କ ଶତକ ବଳରେ ଶନିବାର ଏଠାରେ ଖେଳାଯାଇଥିବା ଚତୁଃରାଷ୍ଟ୍ରୀୟ ସିରିଜର ୨ଟି ମୁକାବିଲାରେ ଯଥାକ୍ରମେ ଇଣ୍ଡିଆ 'ବି' ଓ ଅଷ୍ଟ୍ରେଲିଆ 'ଏ' ବିଜୟ ହାସଲ କରିଛନ୍ତି। ଇଣ୍ଡିଆ 'ବି' ୭ ଉଇକେଟ୍‌ରେ ଇଣ୍ଡିଆ 'ଏ'କୁ ଏବଂ ଅଷ୍ଟ୍ରେଲିଆ 'ଏ' ୩୨ ରନରେ ଦକ୍ଷିଣ ଆଫ୍ରିକା 'ଏ' ଟିମ୍‌କୁ ପରାସ୍ତ କରିଛନ୍ତି। ମନିଷ ପାଣ୍ଡେଙ୍କ ନେତୃତ୍ୱାଧୀନ ଇଣ୍ଡିଆ 'ବି' ଦଳ ୪ର୍ଥ ମ୍ୟାଚ୍‌ରୁ ୨ୟ ବିଜୟ ସହ ୧୨ ପଏଣ୍ଟ ପାଇ ଚାରିଦଳୀୟ ପଏଣ୍ଟ ତାଲିକାର ଶୀର୍ଷ ସ୍ଥାନରେ ରହିଛି। ସମାନ ସଂଖ୍ୟକ ମ୍ୟାଚ୍ ଖେଳି ଇଣ୍ଡିଆ 'ଏ' ପ୍ରଥମ ପରାଜୟ ସହ ୯ ପଏଣ୍ଟ ପାଇ ତାଲିକାର ୨ୟ ସ୍ଥାନରେ ରହିଛି। ଅପରପକ୍ଷର ଅଷ୍ଟ୍ରେଲିଆ 'ଏ' ଓ ଦକ୍ଷିଣ ଆଫ୍ରିକା 'ଏ' ଯଥାକ୍ରମେ ୮ ଓ ୪ ପଏଣ୍ଟ ସହ ତାଲିକାର ୩ୟ ଓ ୪ର୍ଥ ସ୍ଥାନରେ ରହିଛନ୍ତି।

ଶନିବାର ଆଲୁର କେଏସ୍‌ସିଏ ଗ୍ରାଉଣ୍ଡରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଶ୍ରେୟାସ ଆୟାରଙ୍କ ନେତୃତ୍ୱାଧୀନ ଇଣ୍ଡିଆ 'ଏ' ଦଳ ୪୯ ଓଭରରେ ୨୧୭ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ଅମ୍ବାତି ରାୟୁଡୁ ୪୮, କ୍ରିଷ୍ଣାପ୍ପା ଗୌଥମ ୩୫, ସଞ୍ଜୁ ସାମସନ ୩୨ ରନ କରିଥିଲେ। ଇଣ୍ଡିଆ 'ବି'ର ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ସର୍ବାଧିକ ୪ଟି ଉଇକେଟ୍ ମିଳିଥିଲା। ଜବାବରେ ମୟଙ୍କ ଅଗ୍ରୱାଲଙ୍କ ୧୨୪ ରନ (୧୪ ଚୌକା, ୩ ଛକା)ବଳରେ ଇଣ୍ଡିଆ 'ବି' ୪୧.୪ ଓଭରରେ ୩ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଶୁବମନ ଗିଲ ୪୨, ଇଶାନ କିଶାନ ୨୫, ମନିଷ ପାଣ୍ଡେ ୨୧ ରନ କରିଥିଲେ।

### ମୟଙ୍କ, ହେଡ୍‌ଙ୍କ ଶତକ



ଇଣ୍ଡିଆ-ବି'ର ମୟଙ୍କ ଅଗ୍ରୱାଲ ଓ ଶୁବମନ ଗିଲ୍।

### ହେଡ୍‌ଙ୍କ ଆଗରେ ଫିକା ପଡ଼ିଲେ ଜୋଣ୍ଡୋ

ଏମ୍.ଏ. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ସଂଘର୍ଷ କରିଥିଲେ ମଧ ଦକ୍ଷିଣ ଆଫ୍ରିକା 'ଏ'କୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ 'ଏ' ଅଧିନାୟକ ଟ୍ରାଭିସ୍ ହେଡ୍ (୧୧୦)ଙ୍କ ଶତକ ବଳରେ ନିର୍ଦ୍ଧାରିତ ୫୦ ଓଭରରେ ୫ ଉଇକେଟ୍ ହରାଇ ୩୨୨ ରନ କରିଥିଲା। ଡି ଆର୍ସି ଶର୍ଟ (୪୯), ମାର୍ନସ ଲାବସଚେଞ୍ଜନେ (୬୫) ଓ ମ୍ୟାଟ୍ ରେନଶ (୪୨) ଉପଯୋଗୀ ଇନିଂସ ଖେଳିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା 'ଏ' ଅଧିନାୟକ ଖାୟା ଜୋଣ୍ଡୋଙ୍କ ବିସ୍ଫୋରକ ଶତକ (୧୦୭ ରନ, ୪ ଚୌକା, ୭ ଛକା) ସତ୍ତ୍ୱେ ୪୮.୪ ଓଭରରେ ୨୯୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଦଳର ମିଚେଲ ସ୍ୱିପସନ ୩ଟି ଉଇକେଟ୍ ଅକ୍ତିଆର କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ଅଗଷ୍ଟ ୨୬/୨୦୧୮ Sambalpur, Sunday, August 26/ 2018

## ସଂକ୍ଷେପରେ

### ଚିକିତ୍ସା ଅବହେଳାରୁ ଆଖି ବୁଜିଲେ ପ୍ରସୂତି

ଉଦଳା, ୨୫।୮ (ଡି.ଏନ.ଏ.)- ରୋଗୀଙ୍କୁ ଜୀବନ ଦାନ ଦେଉଥିବା ଡାକ୍ତରଖାନାରେ ଚିକିତ୍ସା ଅବହେଳାରୁ ଜଣେ ପ୍ରସୂତିଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ମୟୂରଭଞ୍ଜ ଜିଲା ଉଦଳାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। କପ୍ତିପଦା ଥାନା ଅନ୍ତର୍ଗତ ପଦ୍ମପୋଖରୀ ଗ୍ରାମର ତପନ ମହାପାତ୍ରଙ୍କ ସ୍ତ୍ରୀ ରଶ୍ମିତା ଶୁକ୍ରବାର ସକାଳେ ପ୍ରସବ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ଚିକିତ୍ସା ଲାଗି ଉଦଳା ଡାକ୍ତରଖାନାକୁ ନେଇଥିଲେ। ସ୍ତ୍ରୀ ଏବଂ ପ୍ରସୂତି ବିଭାଗରେ ସକାଳ ୯ ଟାରେ ରଶ୍ମିତାଙ୍କୁ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଥିବାବେଳେ ମଧ୍ୟାହ୍ନରେ ସେ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ନବଜାତ ଶିଶୁକନ୍ୟା ଓ ପ୍ରସୂତିଙ୍କୁ ସମ୍ପୃକ୍ତ ୱାର୍ଡର ଏକ କ୍ୟାବିନ୍‌ରେ ରଖାଯାଇଥିଲା। ରାତି ପ୍ରାୟ ୧୧ଟା ବେଳକୁ ଅତ୍ୟଧିକ ରକ୍ତସ୍ରାବ ହେବାରୁ ରଶ୍ମିତାଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା। ଅସହ୍ୟ ଯନ୍ତ୍ରଣା ଓ ଅସହାୟତା ମଧ୍ୟରେ ରଶ୍ମିତା ସବୁ ଦିନ ପାଇଁ ଆଖି ବୁଜି ଦେଇଥିଲେ।

# ମହିଳାଙ୍କ ସହ ମିଶି ଚାରା ରୋପଣ କଲେ ବିଡିଓ

**ବରଗଡ଼ ଅଫିସ୍,୨୫।୮**

କାର୍ଯ୍ୟ ଦିବସରେ ଜଣେ ବିଡ଼ିଓ ଖେତକୁ ଯିବା ଏବଂ ସେଠାରେ ଚାଷୀଙ୍କ ସହିତ କାମ କରିବା ସହଜରେ ବିଶ୍ୱାସ ହୋଇ ନ ପାରେ। ମାତ୍ର ଶନିବାର ବରଗଡ଼ ଜିଲାର ଦୁର୍ଗମ ଅଞ୍ଚଳ ପାଇକମାଳ ବିଡିଓ ସରୋଜିନୀ ପ୍ରସନ୍ନ କୁଲୁ ଛେତଗାଁ ପଞ୍ଚାୟତ ଅଧୀନ ବ୍ରାହ୍ମଣଡିହି ଗ୍ରାମରେ ପହଞ୍ଚି ସେଠାକାର ମହିଳା ଚାଷୀଙ୍କ ସହିତ ଖେତରେ କାମ କରିଥିଲେ । ଘଟଣାଟି ଏଠାରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ବିଡିଓ କୁଲୁଙ୍କ ଏଭଳି ପ୍ରୟାସ ମହିଳା ଚାଷୀଙ୍କ ଆତ୍ମବିଶ୍ୱାସ ବଢାଇଛି ବୋଲି ଆଲୋଚନା ହେଉଛି ।

ଛେତଗାଁରେ ସରକାରଙ୍କ ମହିଳା କିଷାନ ସଶକ୍ତୀକରଣ ପରିଯୋଜନା କାର୍ଯ୍ୟକ୍ରମ ଚାଲିଛି। ଓଡ଼ିଶା ଜୀବିକା ମିଶନ ଓ ଓରମାସର ମିଳିତ ଆନୁକୂଲ୍ୟରେ ଏହି ଯୋଜନାରେ ପାଇକମାଳ ବ୍ଲକର ୫୦୦ ମହିଳା ଚାଷୀଙ୍କୁ ନେଇ ୫ଟି ଉତ୍ପାଦନକାରୀ ଗୋଷ୍ଠୀ ଗଠନ କରାଯାଇଛି । ମହିଳା ଚାଷୀଙ୍କୁ ସାମିଲ କରିବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷରୋପଣ ଏବଂ ବଜାରୀକରଣ ଏହି ଯୋଜନାର ମୂଳଲକ୍ଷ୍ୟ। ପ୍ରଥମ ପର୍ଯ୍ୟାୟରେ ତୁଳସୀ ବିହନରୁ ଚାରା ଉତ୍ପାଦନ କରାଯାଇଥିଲା। ମାର୍ଟ, କୃଷି ବିଜ୍ଞାନ କେନ୍ଦ୍ର ଏବଂ ବରଗଡ଼ ଓଡ଼ିଶା ଜୀବିକା ମିଶନ ସହାୟତାରେ ଶନିବାର ଛେତଗାଁରେ କାର୍ଯ୍ୟକ୍ରମ ହୋଇଥିଲା ଏବଂ ଅନୁକୂଳ ପାଗ ଯୋଗୁ ଚାଷୀମାନେ ଚାରାରୋପଣ ପାଇଁ ଜମି ପ୍ରସ୍ତୁତ କରିଥିଲେ । ସେଠାକୁ ପରିଦର୍ଶନରେ ଯାଇ ପାଇକମାଳ ବିଡିଓ ମହିଳା ଚାଷୀଙ୍କ ସହିତ ସାମିଲ ହୋଇ ଚାରାରୋପଣ କରିଥିଲେ ।


ମହିଳା ଚାଷୀଙ୍କ ସହିତ ଖେତରେ ବିଡିଓ ଚାରାରୋପଣ କରୁଛନ୍ତି ।













Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ



### ଲଗାଣ ବର୍ଷାରେ ଘର ଭାଙ୍ଗିଲା, ବର୍ତ୍ତିଲେ ପରିବାର

**ତରଭା, ୨୫।୮(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ଏନଏସି ୮ନଂ ୱାର୍ଡରେ ଲଗାଣ ବର୍ଷାରେ ଜଣେ ବ୍ୟକ୍ତିଙ୍କ ମାଟି ଖପର ଘର ଭାଙ୍ଗି ଯାଇଛି। ହେଲେ ସୌଭାଗ୍ୟବଶତଃ ଗୃହକର୍ତ୍ତା ସୁବାଷ ପାଣ୍ଡେ ଓ ତାଙ୍କ ପରିବାର ଲୋକେ ଘରେ ନ ଥିବାରୁ ନିଶ୍ଚିତ ବିପଦରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ହେଲେ ଘରେ ଥିବା ସମସ୍ତ ଆସବାବପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଛି। ଖବର ପାଇ ୮ନଂ ୱାର୍ଡ କାଉନସିଲର ପ୍ରଦୀପ ମାହାଣା, ଏନଏସି କନିଷ୍ଠ ଯନ୍ତ୍ରୀ ତରୁଣ କୁମାର ମୁର୍ମୁ ଘଟଣାସ୍ଥଳକୁ ଯାଇ ସରଜମିନ ତଦନ୍ତ କରିଥିଲେ। ବିପନ୍ନ ପରିବାରକୁ ଏନଏସି ତରଫରୁ ପଲିଥିନ ଯୋଗାଇ ଦିଆଯାଇଛି। ସୁବାଷ ପାଣ୍ଡେଙ୍କ ଲିଖିତ ଆବେଦନକୁ ତହସିଲଦାରଙ୍କ ପାଖକୁ ପଠାଇ ଦେବୁ ବୋଲି ଏନଏସି କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

### ନୂଆଖାଇ ଭେଟଘାଟ ପ୍ରସ୍ତୁତି

**ପଲସାଗୋରା, ୨୫।୮(ଡି.ଏନ.ଏ.):** କଣ୍ଟାମାଳ ବ୍ଲକ ପଲସାଗୋରା ମାଁ ଭୈରବୀ କଳା ପରିଷଦ ଆନୁକୂଲ୍ୟରେ ଚଳିତ ବର୍ଷ-୨୦୧୮ ନୂଆଖାଇ ଭେଟଘାଟ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ବସନ୍ତ କୁମାର କ୍ଷେତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୂଆଖାଇ ପାଳନ ଉପରେ ଆଲୋଚନା ହୋଇଥିଲା। ଭେଟଘାଟ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳର ସାଂସ୍କୃତିକ ଦଳ ଓ ସ୍ଥାନୀୟ କଳାକାରମାନେ ଯୋଗଦେବାର କାର୍ଯ୍ୟକ୍ରମ ଥିବା କମିଟି ସମ୍ପାଦକ ମନୋଜ ମହାନ୍ତ ପ୍ରକାଶ କରିଥିଲେ।

### ବାଜପେୟୀଙ୍କ ଅସ୍ଥି କଳସ ବୌଦ୍ଧରେ ପହଞ୍ଚିଲା

**ବୌଦ୍ଧ, ୨୫।୮(ସ୍ୱ.ପ୍ର):** ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ବାଜପେୟୀଙ୍କ ଚିତାଭସ୍ମ ଅସ୍ଥି କଳସ ଗ୍ରହଣ କରି ଶନିବାର ସକାଳେ ବୌଦ୍ଧରେ ପହଞ୍ଚିଛି। ଏହାକୁ ଜିଲା ଭାଜପା କାର୍ଯ୍ୟାଳୟରେ ରଖାଯାଇଥିବା ବେଳେ ଆସନ୍ତା ୨୭ତାରିଖ ସକାଳ ୧୦ଟାରେ ଟାଉନହଲଠାରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ରଖାଯିବ। ଅପରାହ୍ନ ୩ରେ ନଗର କୀର୍ତ୍ତନରେ ସହର ପରିକ୍ରମା କରି ଶ୍ରୀ ଚନ୍ଦ୍ରଚୂଡ଼ ମନ୍ଦିର ନିକଟ ଚିରଘାଟଠାରେ ବିସର୍ଜନ କରାଯିବ। ଅପରାହ୍ନ ୪ଟା ୩୦ମି ସମୟରେ ଟାଉନହଲ ପରିସରରେ ଏକ ସର୍ବସାଧାରଣ ସ୍ମୃତିଚାରଣ ସଭା ଆୟୋଜନ କରାଯିବ। ଏହି ସଭାରେ ବିଭିନ୍ନ ରାଜନୈତିକ ଦଳ, ଆଧାତ୍ମିକ, ସାମାଜିକ, ସରକାରୀ ଓ ବେସରକାରୀ ଅନୁଷ୍ଠାନର ବ୍ୟକ୍ତିମାନେ ଉପସ୍ଥିତ ରହିବେ ବୋଲି ଦଳ ପକ୍ଷରୁ କୁହାଯାଇଛି।

---

ସ୍କୁଲକୁ ଘେରିଛି ପାଣି

# ବର୍ଷା ହେଲେ ପାଠପଢ଼ା ବନ୍ଦ

**ବୀରମହାରାଜପୁର, ୨୫।୮(ଡି.ଏନ.ଏ.)**

ବର୍ଷା ହେଲେ ସ୍କୁଲକୁ ଯାଇ ପାଠପଢିବା ବିଦ୍ୟାର୍ଥୀଙ୍କ ପାଇଁ କଷ୍ଟକର ହୋଇପଡୁଛି। ସେହି ସ୍କୁଲର ଶିକ୍ଷକମାନେ ମଧ୍ୟ ସମଦଶା ଭୋଗୁଛନ୍ତି। ସ୍କୁଲ ପରିସରରେ ଥିବା ଏକମାତ୍ର ନଳକୂପ ପାଣି ଭିତରେ ଲୁଚି ରହୁଥିବାରୁ ମଧ୍ୟାହ୍ନଭୋଜନରେ ଖାଦ୍ୟ ପ୍ରସ୍ତୁତି ଏବଂ ପିଲାଙ୍କ ବ୍ୟବହାର ସକାଶେ ଅସୁବିଧା ସୃଷ୍ଟି କରୁଛି। ଏପରିକି ଦୂଷିତ ପାଣି ପାଇବାକୁ ସଭିଏଁ ବାଧ୍ୟ ହେଉଥିବା ଜଣାପଡିଛି। ଏଭଳି ଅଭାବନୀୟ ଦୃଶ୍ୟ ସାମ୍ନାକୁ ଆସିଛି ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମହଦା ପଞ୍ଚାୟତ ଅଧୀନ ଆପଟ ନୂଆଁପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ।

୫ ଶ୍ରେଣୀ ବିଶିଷ୍ଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସଂଖ୍ୟା ୭୦ରୁ ଅଧିକ। ଶିକ୍ଷାଦାନ ପାଇଁ ନିଯୁକ୍ତି ପାଇଛନ୍ତି ୨ଜଣ ଶିକ୍ଷକ। ଶନିବାର ସକାଳେ ଏହି ଆପଟ ନୂଆଗଡ଼ ଗ୍ରାମର ୱାର୍ଡମେମ୍ବର ନବଦ୍ୱୀପ ଜଗଦଲାଙ୍କଠାରୁ ସ୍କୁଲର ହାଲଚାଲ ନେଇ ଫୋନ ଯୋଗେ ଯାହା ଖବର ମିଳିଲା ସ୍ଥିତି ପରଖିବାରେ ଅଧିକ ଦୂରବସ୍ଥାର ଚିତ୍ର ନଜରକୁ ଆସିଥିଲା।



ସ୍କୁଲ ଯିବା ରାସ୍ତାରେ ଜମାହୋଇଛି ପାଣି। ପିଲାମାନେ ପାଣିରେ ପଶି ନଳକୂପରୁ ପାଣି ସଂଗ୍ରହ କରୁଛନ୍ତି।

ସ୍କୁଲର ପ୍ରଧାନଶିକ୍ଷକ ଶ୍ୟାମ ସୁନ୍ଦର ତ୍ରିପାଠୀ, ପରିଚାଳନା କମିଟି ସଭାପତି ବିନୋଦ ଜଗଦଲା, ୱାର୍ଡସଭ୍ୟ ଜଗଦଲାଙ୍କ କହିବା ଅନୁସାରେ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା ନିର୍ମାଣ ବେଳେ ଯେଉଁ ଗାତ ଖୋଳାଯାଇଥିଲା ତାହାକୁ ପୋତିବା କିମ୍ବା ଏକ କଲର୍ଭଟ ନିର୍ମାଣ ଦିଗରେ ସମ୍ପୃକ୍ତ ବିଭାଗ ଦୃଷ୍ଟି ଦେଲେ ନାହିଁ। ଫଳରେ ଗତ ୨ବର୍ଷ ହେଲା ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ପିଲାଙ୍କୁ ଏ ପ୍ରକାରେ ବିଷମ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି। ଉତ୍ତୋଳନ କରାଯାଉଥିବା ଫଟୋ ହିଁ ବୟାନ କରୁଛି ଛୋଟ ଛୋଟ ଛାତ୍ରୀଛାତ୍ରଙ୍କ ଅକୁହା କଥା।

---

ଦ୍ୱିତୀୟ ଦିନରେ ଯୁବଚାଷୀ ଆମରଣ ଅନଶନ

# ସମର୍ଥନ କଲେ ଉଲୁଣ୍ଡା ଅଞ୍ଚଳବାସୀ

**ଉଲୁଣ୍ଡା, ୨୫।୮(ଡି.ଏନ.ଏ.)**

୨୦୧୭ରେ ମରୁଡିର ଶିକାର ହୋଇଥିବା ଉଲୁଣ୍ଡା ବ୍ଲକର ଚାଷୀକୂଳ ଫସଲ ବୀମାର ସଠିକ ଆକଳନର ଅଭାବ ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜାନରେ ତ୍ରୁଟି ଯୋଗୁଁ ଆବଶ୍ୟକ ବୀମାରାଶିରୁ ବଞ୍ଚିତ ହୋଇଛନ୍ତି। ଏହାର ପ୍ରତିକାର ଦାବି ନେଇ ବ୍ଲକ କାର୍ଯ୍ୟାଳୟ ପରିସର ଶହୀଦସ୍ତମ୍ଭ ସାମ୍ନାରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରୁ ଆମରଣ ଅନଶନରେ ବସିଛନ୍ତି ଯୁବଚାଷୀ ତ୍ରିଲୋଚନ ପୁରୋହିତ। ଶନିବାର ତାଙ୍କର ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଥିଲେ ସୁଦ୍ଧା ଜିଲା ପ୍ରଶାସନ ତାଙ୍କ ନିକଟରେ ପହଞ୍ଚି ନାହିଁ। ଜିଲାପାଳ ମଧୁସୂଦନ ମିଶ୍ର ଶନିବାର ଉଲୁଣ୍ଡା ଗସ୍ତରେ ଆସିବା ଖବର ପାଇ ବ୍ଲକ ପରିସରରେ ବହୁ ଚାଷୀ ଠୁଳ ହୋଇଥିବା ବେଳେ ଘଟଣାସ୍ଥଳକୁ ନ ଆସି ଫେରି ଯାଇଥିବାରୁ ଚାଷୀଙ୍କ ମନରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଅଞ୍ଚଳର ଚାଷ ସମସ୍ୟା ନେଇ ଆମରଣ ଅନଶନରେ ବସିଥିବା ତ୍ରିଲୋଚନଙ୍କୁ ବ୍ଲକ କୃଷକ ସମନ୍ୱୟ ସଂଗଠନ ସମେତ ସାଧାରଣ ଜନତା ସମର୍ଥନ ଜଣାଇଛନ୍ତି। କୃଷକ ସମନ୍ୱୟ ସଂଗଠନର ସମ୍ପାଦକ ସତ୍ୟନାରାୟଣ ପଧାନଙ୍କ ନେତୃତ୍ୱରେ କାମପାଳ ପାତ୍ର, ରଘୁନାଥ ମହାକୁର, ବୃନ୍ଦାବନ ପଧାନ, ଦିଲ୍ଲିପ ପୁରୋହିତ, ପୂର୍ଣ୍ଣଚନ୍ଦ୍ର ପଧାନ, ସଞ୍ଜୀବ ପୁରୋହିତ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚଡେଇପଙ୍କ ସରପଞ୍ଚ ଦୁର୍ଯ୍ୟୋଧନ ପର୍ଡିଆ, ଗଙ୍ଗାଧର ମହାକୁର, କୁଶ ଭୋଇ, ପ୍ରଭୁଦତ ବସ୍ତିଆ, ରାଧାକାନ୍ତ ମହାକୁର, ଆନନ୍ଦ ବାରିକ, ବିନୋଦ ପାତ୍ର ପ୍ରମୁଖ ଚାଷୀ ତ୍ରିଲୋଚନଙ୍କ ଅନଶନକୁ ସମର୍ଥନ ଜଣାଇ ଶନିବାର ଧାରଣାରେ ବସିଥିଲେ। ଉଲୁଣ୍ଡା ବିଡିଓ ବିଜୟ କୁମାର ସଏ ଶନିବାର ତ୍ରଲୋଚନଙ୍କୁ ଆନ୍ଦୋଳନରୁ ଓହରି ଯିବା ପାଇଁ ଅନୁରୋଧ କରିଥିଲେ ହେଁ ସେ ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଆମରଣ ଅନଶନ ଜାରୀ ରଖିବେ ବୋଲି ପ୍ରକାଶ କରିଥିଲେ। ଅପରାହ୍ନରେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ତ୍ରିଲୋଚନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

---

# ୧୮୪ଜଣଙ୍କ ଚକ୍ଷୁ ପରୀକ୍ଷା ହେଲା

**ସୋନପୁର, ୨୫।୮(ନି.ପ୍ର.)**

ସୋନପୁର ରାଜ କଲେଜରେ ମାଗଣା ଚକ୍ଷୁ ପରୀକ୍ଷଣ ଶିବିର ଶନିବାର ଆୟୋଜିତ ହୋଇଯାଇଛି। ଯୁବ ରେଡକ୍ରସ ଶାଖା ପକ୍ଷରୁ ମହାନଦୀ ନେତ୍ର ଚିକିତ୍ସାଳୟର ପଣ୍ଡାପାଲି, ବୀରମହାରାଜପୁର ସହଯୋଗରେ ଶିବିର ଆୟୋଜିତ ହୋଇଥିଲା। ଶିବିରରେ କଲେଜର ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ମୋଟ ୧୮୪ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୫ଜଣଙ୍କର ଚକ୍ଷୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ ହୋଇଛି। ସେହିପରି ୯୦ଜଣଙ୍କୁ ଚଷମା ପିନ୍ଧିବାକୁ ପରାମର୍ଶ ଦିଆଯାଇଛି। ନେତ୍ର ଚିକିତ୍ସାଳୟର ଚକ୍ଷୁ ସହାୟକ ସୁଜିତ କୁମାର ଥାପାଙ୍କ ନେତୃତ୍ୱରେ ଟେକ୍‌ନିସିଆନ ସତ୍ୟନାରାୟଣ ଦାସ, ଭି. ଟି ବିକାଶ ମେହେର, ଗୌତମ କୁମ୍ଭାର, ନିମାଇଁ ଚରଣ ଦଳବେହେରା, ଭକ୍ତ ଚରଣ ରଣା ଓ ଅନିଲ କୁମାର ଚକ୍ଷୁ ପରୀକ୍ଷା କରିଥିଲେ। କଲେଜର ଅଧକ୍ଷ ଡ. କେଦାରନାଥ ମିଶ୍ର, ଉପାଧକ୍ଷ ଭାସ୍କର ପ୍ରସାଦ ମିଶ୍ର, ଗଣିତ ପ୍ରାଧ୍ୟାପକ ପଲସ୍ତି ସାହୁ, ପଦାର୍ଥ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ତରୁଣ କୁମାର ମିଶ୍ର ପ୍ରମୁଖ ଶିବିରକୁ ଉଦ୍‌ଘାଟନ କରି ମଣିଷଙ୍କ ସେବା ହିଁ ପ୍ରକୃତ ଈଶ୍ୱର ସେବା ବୋଲି କହିବା ସହିତ ଏହି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ପ୍ରାଣୀବିଜ୍ଞାନ ବିଭାଗର ଅଧାପକ ତଥା ଯୁବ ରେଡକ୍ରସର ଜିଲା ସଂଯୋଜକ ଉମାକାନ୍ତ ନାଗ ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।



ଶିବିରରେ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

---

## ବୀରମହାରାଜପୁରରେ ବାଜପେୟୀଙ୍କ ଅସ୍ଥିକଳସ

**ବୀରମହାରାଜପୁର, ୨୫।୮(ଡି.ଏନ.ଏ.)**

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଅସ୍ଥିକଳସ ଶନିବାର ବୀରମହାରାଜପୁରଠାରେ ପହଞ୍ଚିବାବେଳେ ଭାଜପା ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି। ଉକ୍ତ କଳସ ସହ ଜିଲା ସଭାପତି ବିଜୟ ମହାକୁର, ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଜିଲା ସାଧାରଣ ସମ୍ପାଦକ ମହେନ୍ଦ୍ର ମହାନନ୍ଦ, ଦଳର ବରିଷ୍ଠ ନେତା ଅଶୋକ ପୃଷ୍ଟି ଓ ସୁମନ୍ତ ଜଗଦଲା ଏଠାରେ ପହଞ୍ଚିବା ପରେ ସ୍ଥାନୀୟ ବସ୍‌ଷ୍ଟାଣ୍ଡରୁ ଏକ ଶୋଭାଯାତ୍ରାରେ ବସ୍ତି ପରିକ୍ରମା କରାଯାଇଥିଲା। ରବିବାର ବିନିକା ନିକଟ ମହାନଦୀର ପାପକ୍ଷୟ ଘାଟରେ ଅସ୍ଥି ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାରୁ ସୋନପୁର ଅଭିମୁଖେ ଶୋଭାଯାତ୍ରାକୁ ବିଦାୟ ଦିଆଯାଇଥିଲା। ଏଠାରେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଗାୟତ୍ରୀ ପାଣିଗ୍ରାହୀ, ସାଧାରଣ ସମ୍ପାଦିକା ନଳିନୀ ପଣ୍ଡା, ଉପସଭାପତି ସତ୍ୟବ୍ରତ ମିଶ୍ର, ମଣ୍ଡଳ ସାଧାରଣ ସମ୍ପାଦକ ଗୌତମ ପଣ୍ଡା, ଦଳୀୟନେତା ରଘୁବୀର ପାଣିଗ୍ରାହୀ, ଭୋଳାଶଙ୍କର ବାଘ, ଆଶ୍ରୟ ମହାନନ୍ଦ, ସତ୍ୟମୋହନ ବେଦପାଣି, ହୃଷିକେଶ ପଣ୍ଡା ପ୍ରମୁଖ ସାମିଲ ଥିଲେ।

### ଭାଲୁ କାମୁଡାରେ ଜଣେ ଗୁରୁତର

**ପୁରୁଣାକଟକ, ୨୫।୮(ଡି.ଏନ.ଏ.)**

ବୌଦ୍ଧ ଜିଲା ଧଳପୁର ପଞ୍ଚାୟତ ସାକୁସିଙ୍ଗା ଗ୍ରାମର ନନ୍ଦିକିଶୋର ଭୋକ୍ତା (୪୫)ଙ୍କୁ ଶନିବାର ସକାଳେ ଭାଲୁ ଆକ୍ରମଣ କରିଛି। ଫଳରେ ସେ ଗୁରୁତର ଆହତ ହୋଇ ପୁରୁଣାକଟକ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ନନ୍ଦିକିଶୋର ଚାଷ କାର୍ଯ୍ୟ ପାଇଁ ଗ୍ରାମ ନିକଟସ୍ଥ ବିଲକୁ ଯିବାବେଳେ ବାଟରେ ୨ଟି ଛୁଆ ସହ ଏକ ମାଈ ଭାଲୁ ହାବୁଡରେ ପଡିଯାଇଥିଲେ।

---

ଏମ୍‌ଜିଏନଆରଇଜିଏସ୍‌ର ବ୍ଲକସ୍ତରୀୟ ଜନଶୁଣାଣି

# ୧୬୫୬ ପ୍ରକଳ୍ପରୁ ୧୦୮୩ ସମ୍ପୂର୍ଣ୍ଣ



ଜନଶୁଣାଣିରେ ଉପସ୍ଥିତ ଏଡିଏମ, ବ୍ଲକ ଅଧକ୍ଷା, ଏମଜିଏନଆରଇଜିଏସ ଲୋକପାଳ ଓ ବିଡିଓ ପ୍ରମୁଖ।

**ସୋନପୁର, ୨୫।୮(ନି.ପ୍ର.)**

**ସୋନପୁର ପଞ୍ଚାୟତ ସମିତି**
- ୧୫୧୩୫ ପରିବାରକୁ ମିଳିଛି ଜବ୍‌କାର୍ଡ
- ୧୬୯୧୭ଟି କାର୍ଯ୍ୟ ଦିବସ ସୃଷ୍ଟି ହୋଇଛି

ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଯୋଜନା କାର୍ଯ୍ୟକାରିତାରେ ସ୍ୱଚ୍ଛତା ରଖିବା ସହିତ ଶ୍ରମିକଙ୍କୁ ୧୫ଦିନ ମଧ୍ୟରେ ପ୍ରାପ୍ୟ ପ୍ରଦାନ ଉପରେ ପଣ୍ଡା ଗୁରୁତ୍ୱାରୋପ କରିଥିଲେ। ଗତ ଆର୍ଥିକ ବର୍ଷରେ ଏହି ବ୍ଲକରେ ୧୬୫୬ଟି ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଥିବା ବେଳେ ୧୦୮୩ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଏ ବାବଦରେ ୪୮୪.୧୩ ଲକ୍ଷ ଖର୍ଚ୍ଚ ହୋଇଛି। ୧୫୧୩୫ ପରିବାରଙ୍କୁ ଜବ୍‌କାର୍ଡ ମିଳିଥିଲା। ସେଥିମଧ୍ୟରୁ ୬୬୯୯ ପରିବାରକୁ କାର୍ଯ୍ୟ ଯୋଗାଇ ଦିଆଯାଇଛି। ମୋଟ ୧୬୯୧୭ଟି କାର୍ଯ୍ୟ ଦିବସ ସୃଷ୍ଟି ହୋଇଛି। ୬୮ ଜଣଙ୍କୁ ୧୦୦ ଦିନର କାମ ମିଳିଥିବା ସମୀକ୍ଷାରୁ ଜଣାପଡିଥିଲା। ତେବେ ଏହି ଜନଶୁଣାଣିରେ ଶ୍ରମିକଙ୍କ ଉପସ୍ଥାନ ନଗଣ୍ୟ ଥିଲା। ଯେଉଁମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ ସେମାନେ ଅନୁପସ୍ଥିତ ଥିଲେ। ୧୦୦ ଦିନର କାମ ପାଇଥିବା ଶ୍ରମିକଙ୍କ ମଧ୍ୟରୁ ମାତ୍ର ୯ଜଣ ଶ୍ରମିକ ଜନଶୁଣାଣିରେ ଉପସ୍ଥିତ ଥିଲେ। ଏହି ଅବସରରେ ବିଶିମୁଣ୍ଡା ପଞ୍ଚାୟତ ଡୁଙ୍ଗୁରିପାଲି ଗ୍ରାମର ଶ୍ରମିକ ମହେଶ୍ୱର ପଲିଆ ଓ ମୟୂରଉଡାନ ପଞ୍ଚାୟତ କିର୍ତ୍ତିପୁର ଗ୍ରାମର ବିଶ୍ୱାମିତ୍ର ଭେଶ୍ରା ଅଭିଯୋଗ କରିଥିଲେ। ଏହି ଯୋଜନାରେ କାର୍ଯ୍ୟ କରିଥିଲେ ହେଁ ଦେଢ ମାସ ହେଲା ସେମାନଙ୍କୁ ମଜୁରି ମିଳୁ ନ ଥିବା ଦର୍ଶାଇଥିଲେ। ଜନଶୁଣାଣିରେ ବ୍ଲକ ଅଧକ୍ଷା ମନ୍ଦାକିନୀ ନାଗ, ଭାରପ୍ରାପ୍ତ ବିଡିଓ ନିରଞ୍ଜନ ନାୟକ, ଏମଜିଏନଆରଇଜିଏସ ଲୋକପାଳ ବାବୁଲାଲ ଦାସ ଓ କମିଟି ସଭ୍ୟ ଦୀନନାଥ ବାଗ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ଏପିଇଓ ପ୍ରଦ୍ୟୁମ୍ନ କୁମାର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲା ବେଳେ ସହାୟକ ଅଶ୍ୱିନି କୁମାର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସହକାରୀ ଯନ୍ତ୍ରୀ ଇଂ ଦୁଶାସନ ସାହୁ, ୧୪ ଟି ପଞ୍ଚାୟତର ଲୋକ ପ୍ରତିନିଧି, କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆରଏସ ଉପସ୍ଥିତ ଥିଲେ।

---

# ୨୫ ଦଫା ଦାବି ନେଇ ୨୯ରେ ପ୍ରତିବାଦ ସଭା

**ବୌଦ୍ଧ, ୨୫।୮(ସ୍ୱ.ପ୍ର)**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବୌଦ୍ଧ ଜିଲା କମିଟି ପକ୍ଷରୁ ୨୫ ଦଫା ଦାବି ନେଇ ଆସନ୍ତା ୨୯ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏକ ପ୍ରତିବାଦ ସଭା ସହ ଅନଶନ କରାଯିବ ବୋଲି ଜିଲା ସମ୍ପାଦକ ଅବକାଶ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ସେ କହିଛନ୍ତି, ବୌଦ୍ଧ ଜିଲା ଅବହେଳିତ ହୋଇପଡିଥିବା ବେଳେ ଏଠାକାର ଜନସାଧାରଣଙ୍କ ପାଖରେ ସରକାରୀ ଯୋଜାନା ପହଞ୍ଚି ପାରିନାହିଁ। ଦଳ ପକ୍ଷରୁ ଆସନ୍ତା ୨୭ ତାରିଖଠାରୁ ହରଭଙ୍ଗା ବ୍ଲକର ତଳଗାଁ ପଞ୍ଚାୟତରୁ ଏକ ବିରାଟ ସାଇକେଲ ରାଲି ବାହାରି ବିଭିନ୍ନ ଅଞ୍ଚଳ ଗସ୍ତ କରିବା ପରେ ୨୯ରେ ବୌଦ୍ଧରେ ପହଞ୍ଚିବ। ସେଠାରେ ପ୍ରତିବାଦ ସଭା କରାଯିବ ବୋଲି ସେ କହିଛନ୍ତି।

---

# ଟ୍ରାଫିକ ସଚେତନତା ଶିବିର

**ତରଭା, ୨୫।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ଏଇଏସ କଲେଜ ପରିସରରେ ଶନିବାର ଟ୍ରାଫିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଶମ୍ଭୁଭୂଷଣ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତରଭା ଥାନା ଆଇଆଇସି ସୁରୁବାବୁ ଛତ୍ରିଆ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଏସଆଇ ଅଞ୍ଜଳି ମଲ୍ଲିକ, ଏସ.ଆଇ ନିତେଶ ବେହେରା ଓ ପଶ୍ଚିମାଞ୍ଚଳ ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ମଞ୍ଚାସୀନ ଥିଲେ। ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ ଟ୍ରାଫିକ ନିୟମ ମାନି ଚଳିଲେ ଦୁର୍ଘଟଣା ହ୍ରାସ ହୋଇ ପାରିବେ ବୋଲି ସଚେତନ କରାଇଥିଲେ। ଟ୍ରାଫିକ ସଚେତନତା ସଂଯୋଜକ ଭୋସାଗର ହେଲମେଟର ବ୍ୟବହାର, ଗାଡି ପାର୍କିଂ ବ୍ୟବସ୍ଥା, ଡ୍ରାଇଭିଂ ଲାଇସେନ୍ସର ଆବଶ୍ୟକତା ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ପରେ ଟ୍ରାଫିକ ସଚେତନତା ଉପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଠିକ୍ ଉତ୍ତରଦାତାଙ୍କୁ ପୁରସ୍କୃତ କରାଯାଇଥିଲା। ଇତିହାସ ବିଭାଗ ଅଧ୍ୟାପିକା ସୁଶ୍ରୀ ମିନତୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଲାଇବ୍ରେରିଆନ ଦେବେନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ପୋଲିସ ଓ କଲେଜର କର୍ମଚାରୀମାନେ ସହଯୋଗ କରିଥିଲେ।



ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

---

## ଜ୍ଞାନବିଜ୍ଞାନ ମେଳାରେ ୨୨୨ ପ୍ରକଳ୍ପ

**ଉଲୁଣ୍ଡା, ୨୫।୮(ଡି.ଏନ.ଏ.)**

ଉଲୁଣ୍ଡା ସଦରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁବାଟିକାର ୫୯ଟି, ପ୍ରଥମ ଶ୍ରେଣୀର ୨୭ଟି, ଦ୍ୱିତୀୟ ୩୪, ତୃତୀୟ ୨୬, ଚତୁର୍ଥ ୪୦, ପଞ୍ଚମ ୧୫, ଷଷ୍ଠ ୧୦, ସପ୍ତମ ୮ ଏବଂ ଅଷ୍ଟମ ଶ୍ରେଣୀରେ ୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅନୁଷ୍ଠାନର ପ୍ରଧାନଆଚାର୍ଯ୍ୟ ଲବ ଭରାସାଗର ଏବଂ ବିଜ୍ଞାନ ପ୍ରମୁଖ ଶୁଭଶ୍ରୀ କର୍ଣ୍ଣ ମିଳିତ ଭାବେ ମେଳାକୁ ଉଦ୍‌ଘାଟନ କରିଥିଲେ। ପ୍ରଦର୍ଶନୀକୁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଆସି ଦେଖିବା ସହ କୁନିକୁନି ବୈଜ୍ଞାନିକଙ୍କୁ ଉତ୍ସାହିତ କରିଥିଲେ। ଶେଷ ପର୍ଯ୍ୟାୟରେ ଶିଶୁବର୍ଗର ମଙ୍ଗେଶ ଆଚାର୍ଯ୍ୟ, ବିମଳେଶ୍ୱର ପୁରୋହିତ ଓ ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା ପରିଷଦର ସମ୍ପାଦକ ଟିକେଶ୍ୱର ପାଣ୍ଡିଆ ଅତିଥି ଭାବେ ଯୋଗ ଦେଇଥିଲେ। ନନ୍ଦକିଶୋର ତ୍ରିପାଠୀ, ଦିଲିପ ପୂଜାହାରୀ, ଅମର କୁମାର ସିଂହ ବିଚାରକ ଭାବେ ଯୋଗ ଦେଇଥିଲେ।

---

ବିନିକାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ପ୍ରତିବାଦ

# ସରକାରୀ କାର୍ଯ୍ୟାଳୟରେ ତାଲା, ଉତ୍ତେଜନା

**ସୋନପୁର, ୨୫।୮(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ବିନିକାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ। ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଏହା ଅଧିନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଡାକ୍ତର, କର୍ମଚାରୀ ପଦବୀ ଖାଲି ପଡିଛି। ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ଗତ ୬ତାରିଖରୁ ଚାଲିଥିବା ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଛି। ଏହି ଆନ୍ଦୋଳନ ପ୍ରତି ଜନସମର୍ଥନ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ଭଳି ଶନିବାର ମଧ ସ୍ଥାନୀୟ ସଚେତନ ଯୁବ ସମାଜ ପକ୍ଷରୁ ବିନିକା ସହରର ସମସ୍ତ ସରକାରୀ କାର୍ଯ୍ୟାଳୟରେ ତାଲା ପକାଯାଇଥିଲା। ତେବେ ପୂର୍ବାହ୍ନରେ ପୋଲିସ ଉପସ୍ଥିତିରେ ସମସ୍ତ ସରକାରୀ ଅଫିସ ଖୋଲିବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ହୋଇଥିଲା। ବିନିକା ତହସିଲ ଅଫିସ ଖୋଲିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ତହସିଲଦାର ଅଲେଖ ପୁଟା ଅଫିସ ଭିତରେ ଥିବା ବେଳେ ଜନସାଧାରଣ ବାହାରେ ହୋହଲ୍ଲା କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏପରି କି ତହସିଲଦାର, ସୋନପୁର ଏସ୍‌ଡିପିଓ ମିହିର ପଣ୍ଡା ଓ ବିନିକା ଆଇଆଇସି କଲ୍ୟାଣୀ ବେହେରା ତହସିଲ ଅଫିସ ଭିତରେ ଥିବା ବେଳେ ଆନ୍ଦୋଳନକାରୀ ବାହାରୁ ତାଲା ପକାଇ ଦେଇଥିଲେ। ପରେ ଜେଏମ୍‌ଏଫସି କୋର୍ଟ, ତହସିଲ, ବ୍ଲକ, ଏନଏସି କାର୍ଯ୍ୟାଳୟ ସମେତ ବିଭିନ୍ନ ବ୍ୟାଙ୍କ, ପୋଷ୍ଟ ଅଫିସକୁ ଆନ୍ଦୋଳନକାରୀମାନେ ପିକେଟିଂ କରି ବନ୍ଦ କରିଥିଲେ।



ବିନିକା ତହସିଲ ଅଫିସ ସମ୍ମୁଖରେ ଆନ୍ଦୋଳନକାରୀ ଓ ପୋଲିସ ମୁହାଁମୁହିଁ।

ଅପରପକ୍ଷରେ ସାମ୍ବାଦିକ ସଂଘ ପକ୍ଷରୁ

**ସାମ୍ବାଦିକ ସଂଘର ଧାରଣା ୨୦ ଦିନରେ**

ତହସିଲ ଅଫିସ ସମ୍ମୁଖରେ ଚାଲିଥିବା ଧାରଣା ଶନିବାର ୨୦ ଦିନରେ ପହଞ୍ଚିଛି। ଶନିବାର ଧାରଣାସ୍ଥଳରେ ବଲାଙ୍ଗୀର ଜିଲା କଂଗ୍ରେସ କମିଟି ସଭାପତି ଦିଲ୍ଲୀପ କୁମାର ବେହେରା, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆନନ୍ଦ ବାରିକ୍, କଂଗ୍ରେସ ନେତା ରବିନ୍ଦ୍ର ହୋତା, ସନ୍ତୋଷ ପଣ୍ଡା, ନରେନ୍ଦ୍ର ସାହୁ, ସ୍ୱପ୍ନେଶ୍ୱର ପୃଷ୍ଟି, ପ୍ରଦୀପ ସେଠୀ, ଉମାକାନ୍ତ ଦୀପ, ଆଲୋକ ରଞ୍ଜନ ହୋତା, ସୁମନ୍ତ ସାହୁ, ଭାଜପା ନେତା ସମ୍ବିତ ନେପାକ, ସମାଜିକ କର୍ମୀ ବିଶ୍ୱମ୍ବର ମିଶ୍ର, ଆଦିବାସୀ କଲ୍ୟାଣ ସଂଘର ନଗର ସଭାପତି କରନ୍‌ଜିତ ଭୋଇ, ବିନିକା ମତ୍ସ୍ୟଜୀବୀ ସଂଘର ସମ୍ପାଦକ ରମାକାନ୍ତ ସେଠୀ, ଯୁବସଂଗଠକ ପ୍ରିୟ ରଞ୍ଜନ ହୋତା, ଚନ୍ଦ୍ର ଶେଖର ଓଝା ଓ ଅଭିନାଶ ବଡେଇ ପ୍ରମୁଖ ସାମିଲ ହୋଇ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ।

## ସଂକ୍ଷେପରେ

### ଋଣବୋଝ ସହି ନ ପାରି ଭାଗଚାଷୀଙ୍କ ଆତ୍ମହତ୍ୟା

**ବୁର୍ଲା/ବରଗଡ ଅଫିସ, ୨୫।୮:** ଋଣବୋଝ ସହି ନ ପାରି ବରଗଡ ଜିଲା ସଦର ଥାନା ଅନ୍ତର୍ଗତ ଡୁମେରପାଲି ଗ୍ରାମର ଭାଗଚାଷୀ ଜଗଦୀଶ ପାଣ୍ଡେ (୬୦) ବିଷପିଇ ଆତ୍ମହତ୍ୟା କରିଛନ୍ତି । ବୁର୍ଲା ପୋଲିସ ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୭୧୪/୧୮) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁସାରେ, ଜଗଦୀଶ ଭାଗ ଚାଷ କରିଥିବା ବେଳେ ଏଥିପାଇଁ ଲୋକଙ୍କଠାରୁ ଧାର କରଜ କରିଥିଲେ। ଗତ ରବି ଫସଲ ନଷ୍ଟ ହୋଇଯିବାରୁ ସେ ମାନସିକ ଅବସାଦ ମଧ୍ୟରେ ରହିଆସୁଥିଲେ। ଋଣ ପରିଶୋଧ କିଭଳି କରିବେ ସେ ନେଇ ଚିନ୍ତିତ ହୋଇପଡି ଗତ ୧୭ ତାରିଖ ରାତିରେ ବିଷ ଖାଇ ଦେଇଥିବା ମୃତକଙ୍କ ପୁଅ ରାକେଶ ପାଣ୍ଡେ ଅଭିଯୋଗ କରିଛନ୍ତି । ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି । ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

### ସ୍ୱାମୀ-ସ୍ତ୍ରୀ ଝଗଡା, ସ୍ୱାମୀଙ୍କ ଆତ୍ମହତ୍ୟା

**ଅତାବିରା, ୨୫।୮ (ଡି.ଏନ.ଏ):** ଅତାବିରା ଥାନା ରେଙ୍ଗାଲି କ୍ୟାମ୍ପର ଗୋଟିଏ ପରିବାରର ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଝଗଡା ହେବାରୁ ସ୍ୱାମୀ ବେକରେ ଦଉଡି ଲଗାଇ ଶନିବାର ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଦିଲୀପ ପ୍ରଧାନ (୨୩) । ଖବର ପାଇ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ଶବ ଜବତ କରି ବରଗଡ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୯/୧୮) ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି । ଏ ସମ୍ପର୍କରେ ଆଇଆଇସି ଗୌରାଙ୍ଗ ଚରଣ ସାହୁଙ୍କୁ ପଚରାଯିବାରୁ ସ୍ୱାମୀ ସ୍ତ୍ରୀ ଝଗଡା ଯୋଗୁ ଦିଲୀପ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ସେ କହିଥିଲେ ।

### ଜ୍ଞାନ ବିଜ୍ଞାନ ମେଳା

ଭେଡ଼େନ,୨୫।୮(ଡ଼ି.ଏନ.ଏ): ଭେଡ଼େନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ସାହୁଙ୍କ ପରିଚାଳନାରେ ହୋଇଥିବା ଏହି କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ଦୀନଦୟାଲ ଗ୍ରାମଜ୍ୟୋତି ଯୋଜନାର ବିଭାଗୀୟ ମୁଖ୍ୟ ଜୟନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି, ଭେଡ଼େନ ସଙ୍କୁଳ ପ୍ରମୁଖ ଅଶ୍ୱିନୀ କୁମାର ଦାଶ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସରୋଜ କୁମାର ମିଶ୍ର, ସମ୍ପାଦକ ବିବେକାନନ୍ଦ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ମେଳାରେ ୫୯ଟି ପ୍ରକଳ୍ପ ସ୍ଥାନୀତ ହୋଇଥିଲା । ଏହାସହ ସଂସ୍କୃତି ଜ୍ଞାନ, ବିଜ୍ଞାନ, ଗଣିତ ପ୍ରଶ୍ନମଞ୍ଚ, ଗଣିତ ବିଜ୍ଞାନର ପ୍ରୟୋଗ ତଥା ପତ୍ରବାଚନ କାର୍ଯ୍ୟକ୍ରମ ହୋଇଥିଲା। ମୋତିଲାଲ ରଣା, ଦୀନବନ୍ଧୁ ପ୍ରଧାନ, ଶିଶୁପାଳ ନାୟକ, ସଞ୍ଜୀବ ନାୟକ, ସତ୍ୟ ନାରାୟଣ ଗଡ଼ତିଆ, ତନ୍ମୟ ଖମାରୀ, ଆନନ୍ଦ କର୍ମି, ନାରାୟଣ ଭୋଇ, ପ୍ରଦୀପ କୁମାର ସାହୁ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରିଥିଲେ । ଉଦଯାପନୀ ଉତ୍ସବରେ ଅକ୍ଷୟ କୁମାର ପଣ୍ଡା ଏବଂ ଗଦାଧର ପଣ୍ଡା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

### ସଙ୍ଗୀତ, ବକ୍ତୃତା ପ୍ରତିଯୋଗିତା

**ଜାମଟିକ୍ରା, ୨୫।୮(ଡି.ଏନ.ଏ.):** ଅତାବିରା ବ୍ଲକ ଅନ୍ତର୍ଗତ ପତ୍ରାପାଲି ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ବରିଷ୍ଠ ବିଭାଗ ସଂଗୀତରେ ସ୍ୱପ୍ନା ବଣିଆଁ, ମନୋଜ ଭୁଏ ଏବଂ ଶିବା ଭଏନା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ବକ୍ତୃତାରେ ସିଲି କର୍ଣ୍ଣ ସିତଯ୍ୟା କୁମାର ଏବଂ ସତ୍ୟବତୀ କର୍ଣ୍ଣ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି କନିଷ୍ଠ ବିଭାଗର ସଂଗୀତ୍ରରେ ବିଭୂତି ଭୂଷଣ ମହାନନ୍ଦ, ପ୍ରବୀଣ ଗଡୁଆ ଓ ମମିତା ଗେଜୋ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ବିଶି ଓ ସହକାରୀ ଶିକ୍ଷକ ନନ୍ଦିଘୋଷ ଭୁଏ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବବଲି ଗଡତିଆ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଭିନୟରେ ଗଙ୍ଗାଧର କାବ୍ୟ

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୨୫।୮

ରବିବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମ ଜୟନ୍ତୀ । ଏହି ପରିପ୍ରେକ୍ଷୀରେ ବରଗଡ଼ ଜିଲାର ପ୍ରାଥମିକ ସ୍କୁଲରୁ ଆରମ୍ଭ କରି ହାଇସ୍କୁଲ ପର୍ଯ୍ୟନ୍ତ ପ୍ରାୟ ଅଢ଼େଇ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସକାଳ ସାଢ଼େ ୮ଟାରେ ଏକାସାଥୀରେ ଏକ ସମୟରେ ଗୋଟିଏ ସ୍ୱରରେ ଗଙ୍ଗାଧରଙ୍କ ରଚିତ ବିଶ୍ୱ ଜୀବନ ହେ, ବିଶ୍ୱଦେଖ ମଧୁମୟ, ମଙ୍ଗଳେ ଅଇଲା ଉଷା ଏବଂ ଜନ୍ମଦାତ୍ରୀ ମାତୃଭୂମି ଗୀତ ବୋଲିବେ। ସୋମବାର ବରଗଡ଼ ସୌଖୀନ ରଙ୍ଗମଞ୍ଚରେ ଶିଶୁ କଳାକାରମାନେ ଅଭିନୟ କରିବେ ନୃତ୍ୟ ନାଟିକା ପ୍ରଣୟବଲ୍ଲରୀ । ଏହାସହିତ କବିଙ୍କ କାବ୍ୟ କବିତାକୁ ନେଇ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନର ମଧ୍ୟ କାର୍ଯ୍ୟକ୍ରମ ରହିଛି । ଗଙ୍ଗାଧରଙ୍କ ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଜିଲା ଶିକ୍ଷା ବିଭାଗର ଏଭଳି ପ୍ରୟାସକୁ ନେଇ ଏକ ଉପସ୍ଥାପନା ।

#### ଶିଶୁ କଳାକାର କୁହନ୍ତି...


"ଏଥର ମୋତେ ଦୁଷ୍ମନ୍ତ ରାଜାଙ୍କ ଚରିତ୍ରରେ ଅଭିନୟ କରିବାର ସୁଯୋଗ ମିଳିଥିବାରୁ ମୁଁ ଆନନ୍ଦିତ । ଅଭିନୟ ଅଭ୍ୟାସବେଳେ ଆରମ୍ଭରୁ ଟିକିଏ ଅଡୁଆ ଲାଗୁଥିଲା । -**ଜ୍ୟୋତିର୍ମୟୀ ଜେନା**


"ନୃତ୍ୟ ପ୍ରତି ମୋର ସ୍ୱତନ୍ତ୍ର ରୁଚି ରହିଛି । ପ୍ରଥମଥର ପାଇଁ ଗଙ୍ଗାଧର ସାହିତ୍ୟ ଆଧାରିତ ଓଡ଼ିଶୀରେ ନାଚିବାର ସୁଯୋଗ ପାଇ ନିଜକୁ ଧନ୍ୟ ମନେ କରୁଛି ।-**ଭାଗ୍ୟଶ୍ରୀ ସାହୁ**


"ମୁଁ ନୃତ୍ୟ ନିର୍ଦ୍ଦେଶକଙ୍କ ପରାମର୍ଶ ଅନୁସାରେ ଅଭ୍ୟାସ ଜାରି ରଖିଛି । ବହୁତ ସୁନ୍ଦର ନିର୍ଦ୍ଦେଶନା ଦିଆଯାଉଛି । ଆଶା ରଖିଛି ନିଶ୍ଚିତ ଭାବେ ମୋର ଅଭିନୟ ପୂର୍ବାପେକ୍ଷା ଅଧିକ ଉଚ୍ଚକୋଟୀର ହେବ ।-**ରୀମା ରଣା**


"ଚଳିତବର୍ଷ ଜିଲାସାରା ସବୁ ସ୍କୁଲର ଛାତ୍ରୀଛାତ୍ର ଏକ ସ୍ୱରରେ ଗଙ୍ଗାଧରଙ୍କ ରଚିତ ଗୀତ ଗାନ କରିବୁ । ଏହା ଆମ ପାଇଁ ଗର୍ବ ଓ ଗୌରବର ବିଷୟ ।-**ସୌମ୍ୟା ସାଗରିକା ସାହୁ**


"ମୁଁ ବହୁତ ଗୀତ ଗାଇଛି । କିନ୍ତୁ ଗଙ୍ଗାଧରଙ୍କ ଗୀତ ଗାଇବା ମୋ ପାଇଁ ଏକ ଭିନ୍ନ ଅନୁଭୂତି । ଥରେ ନୁହେଁ, ବାରମ୍ୱାର ଏହି ଗୀତ ଗାଇବାକୁ ଇଚ୍ଛା ହେଉଛି । କାରଣ କବି ଆମ ଗର୍ବ ଓ ଗୌରବ ।-**ପ୍ରତୀକ୍ଷା ସା**

# ହିରୋ ମୋଟୋକର୍ପର ଗୁରୁଦକ୍ଷିଣା ଅଫର

ବରଗଡ଼ ଅଫିସ୍,୨୫।୮

ଗୁରୁ କିମ୍ବା ଶିକ୍ଷକ ହେଉଛନ୍ତି ଆମ ସମାଜର ଅତ୍ୟନ୍ତ ଆବଶ୍ୟକୀୟ ବ୍ୟକ୍ତି ବିଶେଷ। ଆମ ଜୀବନରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ରହିଛି । ତେଣୁ ସେହି ଶିକ୍ଷକ ସମାଜକୁ ଆହୁରି ସଶକ୍ତ କରିବା ଉଦ୍ଦେଶ୍ୟରେ ଆମେ ଗୁରୁଦିବସ ପାଳନ କରିଥାଉ। ଏହି ପରିପ୍ରେକ୍ଷୀରେ ଦେଶର ଅଗ୍ରଣୀ ମୋଟର ସାଇକେଲ ନିର୍ମାତା ହିରୋ ମୋଟୋକର୍ପ ଆଣିଛି ଗୁରୁ ଦକ୍ଷିଣା ନାମରେ ଏକ ସ୍ୱତନ୍ତ୍ର ବ୍ୟବସାୟିକ ଯୋଜନା । ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଅଧ୍ୟାପିକା, ଅଧ୍ୟାପକ ଏହି ଯୋଜନାରେ କମ୍ପାନୀର ଯେକୌଣସି ମୋଟର ସାଇକେଲ କିମ୍ବା ସ୍କୁଟର କିଣି ୨ହଜାର ଟଙ୍କାର ସ୍ୱତନ୍ତ୍ର ରିହାତି ପାଇପାରିବେ । ଏହି ଗୁରୁ ଦକ୍ଷିଣା ଯୋଜନାରେ ଦେଶର ସମସ୍ତ ସରକାରୀ, ବେସରକାରୀ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଅଧ୍ୟାପିକା, ଅଧ୍ୟାପକ, ପ୍ରଫେସର ଏପରିକି ଅଙ୍ଗନୱାଡ଼ି କର୍ମୀମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ଆସନ୍ତା ସେପ୍ଟେମ୍ବର ୧୪ତାରିଖ ପର୍ଯ୍ୟନ୍ତ ଏହି ଯୋଜନା ରହିଥିବାବେଳେ ବରଗଡ଼ ଆକାଶ ମୋଟର୍ସ ସମେତ ଅଞ୍ଚଳର ସମସ୍ତ ହିରୋ ପ୍ରାଧିକୃତ ବିକ୍ରୟ କେନ୍ଦ୍ରରେ ଏହି ସୁବିଧା ଉପଲବ୍ଧ ଅଛି ବୋଲି ଆକାଶ ମୋଟର୍ସର ସୋ ରୁମ ମ୍ୟାନେଜର ବସନ୍ତ କୁମାର ସାହୁ ଜଣାଇଛନ୍ତି । ଏହାବ୍ୟତୀତ ସ୍ୱଳ୍ପ ସୁଧହାର ଏବଂ ଅତିକମ୍ ଡାଉନ ପେମେଣ୍ଟରେ ଲୋନ ସୁବିଧା ମଧ୍ୟ ରହିଥିବା ସେ ପ୍ରକାଶ କରିଛନ୍ତି ।

## ଝାରବନ୍ଧ ବ୍ଲକ: ୭୧ ପ୍ରକଳ୍ପକୁ ୨.୮୦ କୋଟି ମଞ୍ଜୁର

ଝାରବନ୍ଧ, ୨୫।୮(ଡି.ଏନ.ଏ.)

ଝାରବନ୍ଧ ବ୍ଲକରେ ଶନିବାର ଅପରାହ୍ନ ୪ଟାରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ତେବେ ବିଏସଏନଏଲ ନେଟୱର୍କ ଫେଲ ଯୋଗୁ ମୁଖ୍ୟମନ୍ତ୍ରୀଙ୍କ ସହ ଲୋକମାନଙ୍କ ସିଧାସଳଖ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା । ଶେଷରେ ମୁଖ୍ୟମନ୍ତ୍ରୀ ଫ୍ୟାକ୍ସ ମାଧ୍ୟମରେ ପ୍ରକଳ୍ପଗୁଡିକୁ ଅନୁମୋଦନ କରିଥିବା ଜିଲ୍ଲାପାଳ ଇନ୍ଦ୍ରମଣୀ ତ୍ରିପାଠୀ ସୂଚନା ଦେଇଥିଲେ । ଝାରବନ୍ଧ ବ୍ଲକର ୧୪ଟି ଗ୍ରାମପଞ୍ଚାୟତର ୭୧ଟି ପ୍ରକଳ୍ପକୁ ମୋଟ ୨ କୋଟି ୮୦ଲକ୍ଷ ଅନୁଦାନ ମଞ୍ଜୁର ହୋଇଥିବା ସୂଚନା ରହିଛି । ବ୍ଲକ ଅଧ୍ୟକ୍ଷ ବିଜୟ କେତନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ, ବରଗଡ ଏମ୍ପି ପ୍ରଭାସ ସିଂ, ପୂର୍ବତନ ମନ୍ତ୍ରୀ ବିଜୟ ରଞ୍ଜନ ସିଂ ବରିହା, ଜିଲାପାଳ ତ୍ରିପାଠୀ, ଉପଜିଲାପାଳ ଦୌଲତ ଚନ୍ଦ୍ରକାର, ପାଇକମାଳ ବିଡିଓ ସରୋଜିନୀ ପ୍ରସନ୍ନ କୁଲୁ, ପଦ୍ମପୁର ବିଡିଓ ଏଲିଜା ମିଶ୍ର, ପିଡି କୃତିବାସ ରାଉତ, ପାଇକମାଳ ବ୍ଲକ ଅଧ୍ୟକ୍ଷ ଅଲତାବ ମହମ୍ମଦ, ବ୍ଲକ ବିଜେଡି ସଭାପତି ଜତୀନ୍ଦ୍ର ହାତୀ, ଏମ୍ପି ପ୍ରତିନିଧି ହୃଷିକେଶ ବରିହା, ଝାରବନ୍ଧ ବିଡିଓ ସନ୍ତୋଷ କୁମାର କାଲେତ ଏବଂ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟ ଉପସ୍ଥିତ ଥିଲେ । ଶେଷରେ ପିଡି କୃତିବାସ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।


ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ, ଏମ୍ପି ଓ ଅନ୍ୟମାନେ ।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ବରଗଡ଼ ଅଫିସ୍,୨୫।୮

ବରଗଡ଼-ଭଟଲି ରାସ୍ତାର ବରଡ଼ୋଲ ଡାଙ୍ଗ ଛକ ନିକଟରେ ଶନିବାର ରାତ୍ରି ୯ଟାରେ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ପରିଚୟ ମିଳିପାରିନାହିଁ । ସେ ଏକ ସାଇକେଲ ଯୋଗେ ଯାଉଥିବାବେଳେ ତାଙ୍କୁ ଅଜଣା ଗାଡ଼ି ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେବା ପରେ ପିସିଆର ଭ୍ୟାନ ସେଠାକୁ ପହଞ୍ଚି ଆହତ ଯୁବକଙ୍କୁ ଚିକିତ୍ସା ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଛି ।

## ସାପ କାମୁଡାରେ ମହିଳା ମୃତ

ବିଜେପୁର,୨୫।୮(ଡି.ଏନ.ଏ)

ବିଜେପୁର ଥାନା ଅନ୍ତର୍ଗତ କୁର୍ଳୁଟା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତା ମହିଳା ହେଲେ ଉକ୍ତ ଗ୍ରାମର ସଦାନନ୍ଦ ଡନସନାଙ୍କ ସ୍ତ୍ରୀ ଉର୍ମିଳା ଡନସନା(୨୪) । ଶୁକ୍ରବାର ସନ୍ଧ୍ୟାରେ ସେ କୌଣସି କାମରେ ଘର ପଛପଟ ବାଡ଼ିକୁ ଯାଇଥିବାବେଳେ ଏକ ବିଷଧର ସର୍ପ ତାଙ୍କୁ ଦଂଶନ କରିଥିଲା। ପରିବାର ଲୋକେ ତାଙ୍କୁ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ଏ ନେଇ ବିଜେପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୯/୧୮) ରୁଜୁ ହୋଇଛି । ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇଛି ।

## ଜଳବାୟୁ ପରିବର୍ତ୍ତନ ସାକ୍ଷରତା ଶିବିର

ପଦ୍ମପୁର, ୨୫।୮ (ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର କନସିଂହା ଗ୍ରାମପଞ୍ଚାୟତର ସାରସମାଲଠାରେ ଶୁକ୍ରବାର ବ୍ଲକସ୍ତରୀୟ ଜଳବାୟୁ ପରିବର୍ତ୍ତନ ଉପରେ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ତ୍ରିରଙ୍ଗା ଯୁବକ ସଂଘ ସମ୍ପାଦକ ବ୍ୟାସଦେବ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନାବାର୍ଡର ସରୋଜ କୁମାର ଜେନା ମୁଖ୍ୟଅତିଥି, ପୂର୍ଣ୍ଣଚନ୍ଦ୍ର ଦୋରା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଓ କୃଷି ଉପରେ ଆଲୋକପାତ କରିଥିଲେ । ତ୍ରିରଙ୍ଗା ଯୁବକ ସଂଘର ଶୁକଦେବ ସ୍ୱାଇଁ, ବିବେକାନନ୍ଦ ସ୍ୱାଇଁ, ହୃଦାନନ୍ଦ ନାଏକ ସହଯୋଗ କରିଥିଲେ । ଅଶୋକ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## କେରଳ ବନ୍ୟା ପ୍ରପୀଡ଼ିତଙ୍କ ପାଇଁ ଅର୍ଥ ସଂଗ୍ରହ

ବରଗଡ଼ ଅଫିସ୍,୨୫।୮

କେରଳ ବନ୍ୟା ପ୍ରପୀଡ଼ିତଙ୍କ ରିଲିଫ ପାଇଁ ବରଗଡ଼ ବିଜେଡ଼ି ପଞ୍ଚାୟତ କଲେଜ କ୍ୟାମ୍ପସ କମିଟି ପକ୍ଷରୁ ୧୪ହଜାର ଟଙ୍କା ସହାୟତା ରାଶି ସଂଗ୍ରହ କରାଯାଇଛି। ଶନିବାର ଏହି ସହାୟତା ରାଶିକୁ ଜୋନାଲ ସଭାପତି ବୈକୁଣ୍ଠ ପ୍ରଧାନଙ୍କୁ ହସ୍ତାନ୍ତର କରାଯାଇଛି । ସଂଗୃହୀତ ସହାୟତା ରାଶିକୁ କେରଳ ବନ୍ୟା ପ୍ରପୀଡ଼ିତ ରିଲିଫ ପାଣ୍ଠିକୁ ପଠାଯିବ ବୋଲି ସୂଚନା ଦିଆଯାଇଛି । ବରଗଡ଼ ପଞ୍ଚାୟତ କଲେଜ ଛାତ୍ର ସଂସଦ ସଭାପତି ଲିପନ ଦାଶ, ସମ୍ପାଦକ ଅଜିତ ଦୀପ, ସହସମ୍ପାଦିକା ଶ୍ୱେତା ମହାନ୍ତି ପ୍ରମୁଖ ଏହି ସହାୟତା ରାଶି ସଂଗ୍ରହରେ ଅଂଶଗ୍ରହଣ କରିଥିଲେ । ସଂଗୃହୀତ ସହାୟତା ରାଶି ହସ୍ତାନ୍ତର ସମୟରେ ବରଗଡ଼ ଜିଲା ବିଜୁ ଛାତ୍ର ଜନତା ସଭାପତି କରନ ସିକନ୍ଦର, କାର୍ଯ୍ୟକାରୀ ସଭାପତି ଅଭିନାଶ ବାଗ, ଉପସଭାପତି ସଞ୍ଜୟ କୁମ୍ଭାର, ସମ୍ବଲପୁର ଜୋନ ସମ୍ପାଦକ ଚନ୍ଦନ ଗୁପ୍ତା, ଉପସଭାପତି ରାହୁଲ ସାହୁ, ରାଜ୍ୟ ସମ୍ପାଦକ ଶୁଭ୍ରାଂଶୁ ପାଢ଼ୀ, ଜୋନାଲ ସମ୍ପାଦକ ଶିବାଜୀ ନାୟକ ଉପସ୍ଥିତ ଥିଲେ ।


କେରଳ ବନ୍ୟା ପ୍ରପୀଡ଼ିତଙ୍କ ପାଇଁ ଅର୍ଥ ସଂଗ୍ରହ କରିଥିବା ବିଜୁ ଛାତ୍ର ଜନତାର ସଭ୍ୟମାନେ ।

## ବିଜ୍ଞାନମେଳାରେ ୪୭ ପ୍ରକଳ୍ପ

ଅମ୍ବାଭୋନା, ୨୫।୮(ଡି.ଏନ.ଏ.)

ଅମ୍ବାଭୋନା ବ୍ଲକ ଭୁକ୍ତା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଶନିବାର ଭଟଲି ସଙ୍କୁଳସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି । ଏହି ମେଳାକୁ ସାମାଜିକ କର୍ମୀ ଗୁନାରୁ ପଧାନ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ମୋହନ ଗୌନ୍ତିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜ୍ଞାନମେଳାରେ ବାଳବର୍ଗରୁ ୨୪ଟି ପ୍ରକଳ୍ପ ଏବଂ ଶିଶୁବର୍ଗରୁ ୨୭ଟି ପ୍ରକଳ୍ପ ସମୁଦାୟ ୪୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଅବସରପ୍ରାପ୍ତ ଶିକ୍ଷକ ହାରଚନ ପଟେଲ, ପ୍ରଧାନ ଆଚାର୍ଯ୍ୟ ରଘୁନାଥ ବଗର୍ତ୍ତି, ସଭାପତି ପ୍ରଦୀପ ନାୟକ, ଭଟଲି ସଂକୁଳ ସଂଯୋଜକ ଅମୃତ ପଟେଲ, ସଙ୍କୁଳ ପ୍ରମୁଖ ଆନନ୍ଦ ସାହୁ ମଞ୍ଚାସୀନ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

## କେଉଁଟିପାଲି ହତ୍ୟାକାଣ୍ଡ, ୨ ଅଟକ

ମନମୁଣ୍ଡା, ୨୫।୮(ଡି.ଏନ.ଏ.)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଗୋଛାପଡାର ମୀନକେତନ ପୁଟେଲ ହତ୍ୟାକାଣ୍ଡ ଘଟଣାରେ ପୋଲିସ ଶନିବାର ୨ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ବୁଧବାର ରାତି ୮ଟାବେଳେ ମୀନକେତନ ଘରୁ ବାହାରକୁ ଯାଇଥିଲେ ଓ ଗୁରୁବାର ସକାଳ ୬ଟାରେ କେଉଟିପାଲିର ଏକ ବିଲରେ ତାଙ୍କ ମୃତଦେହ ପଡିଥିବା ପରିବାର ଲୋକେ ଦେଖିଥିଲେ। ମୃତକଙ୍କ ବଡଭାଇ ଚୈତନ୍ୟ ଏହାକୁ ଏକ ହତ୍ୟାକାଣ୍ଡ ବୋଲି ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲା। ଶୁକ୍ରବାର ଫୁଲବାଣୀରୁ ସ୍ନିଫର କୁକୁର ଆସି ଘଟଣାସ୍ଥଳରେ ତଦନ୍ତ କରିଥିଲା ।

## ତୃତୀୟ ଦିନ ପାଇଁ ପଲସଦା ପ୍ୟାକ୍ସରେ ତାଲା ବନ୍ଦ

ପଦ୍ମପୁର, ୨୫।୮(ଡି.ଏନ.ଏ.)

ଚାଷୀମାନେ ଫସଲ ବୀମା ଦାବିରେ ପଦ୍ମପୁର ବ୍ଲକ ପଲସଦା ପ୍ରାଥମିକ କୃଷି ସେବା ସମବାୟ ସମିତିକୁ ତୃତୀୟ ଦିନ ପାଇଁ ତାଲା ବନ୍ଦ କରି ରଖିଛନ୍ତି । ଶୁକ୍ରବାର ପଦ୍ମପୁର ସହକାରୀ ନିବନ୍ଧକ ପହଞ୍ଚିଥିଲେ ମଧ୍ୟ କୌଣସି ସମାଧାନ ହୋଇ ନ ଥିଲା । ଚାଷୀଙ୍କ ଦାବିକୁ ବୋଡାସମ୍ବର କୃଷକ ସଙ୍ଗଠନ ଓ ଲଖମରା ଆଞ୍ଚଳିକ କୃଷକ ସଙ୍ଗଠନ ସମର୍ଥନ ଜଣାଇଛି । ଏହି ଆନ୍ଦୋଳନରେ ପ୍ରେମରାଜ ସିଂ ବରିହା, ପିତାମ୍ବର ସାହୁ, ଅମୃତ ସାହୁ, ମହେନ୍ଦ୍ର ସାହୁ, ଅରୂପା ପଟେଲ, ମଧୁ ମେହେର ପ୍ରମୁଖ ସାମିଲ ହୋଇଛନ୍ତି ।

## ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ


ସୋହେଲାରେ ଖେଳକୁଦ ପ୍ରତିଯୋଗିତା ଚାଲିଛି ।

ସୋହେଲା,୨୫।୮(ଡି.ଏନ.ଏ.)

ସୋହେଲା ବ୍ଲକସ୍ତରୀୟ ୧୪ ଓ ୧୭ ବର୍ଷରୁ କମ୍ ବୟସର ବାଳିକା ବାଳକମାନଙ୍କ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି । ଦୁଇ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଏଥିରେ ମୋଟ ୩୪୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ ୧୦୦ ଜଣ ବାଳିକା ଓ ୨୪୦ଜଣ ବାଳକ ଭାଗ ନେଇଥିଲେ । ବିଦ୍ୟାଳୟରୁ ଜୋନସ୍ତର ଏବଂ ଜୋନ ସ୍ତରରୁ କୃତୀତ୍ୱ ଅର୍ଜନ କରି ବ୍ଲକସ୍ତରକୁ ଆସିଥିବା ଛାତ୍ରୀଛାତ୍ରମାନଙ୍କ ପ୍ରତିଯୋଗିତାରୁ ଖେଳକୁଦର ବ୍ଲକ ଟିମ୍ ଚୟନ କରାଯାଇଥିଲା । ଉଦ୍‌ଯାପନୀ ଦିବସରେ ଜିଲା କ୍ରୀଡା ଶିକ୍ଷା ନିରୀକ୍ଷକ ଗିରିଜା ଶଙ୍କର ନାଥ ଓ ପ୍ରଶାନ୍ତ ଭୋଇ ଅତିଥି ଭାବେ ଯୋଗ ଦେଇଥିଲେ । ଚୟନ ହୋଇଥିବା ଖେଳାଳିମାନଙ୍କୁ ବିଭିନ୍ନ ବିଦ୍ୟାଳୟରେ ପ୍ରଶିକ୍ଷଣ ଦିଆଯିବ ବୋଲି ବିଇଓ ହେମସାଗର ମହାନନ୍ଦ ସୂଚନା ଦେଇଛନ୍ତି ।

## କ୍ୟାନ୍‌ସର ହସ୍‌ପିଟାଲ ପାଇଁ ଦସ୍ତଖତ ଅଭିଯାନ

ପାଇକମାଳ,୨୫।୮(ଡି.ଏନ.ଏ)

ବରଗଡ ଜିଲା ସଦର ମହକୁମା ଠାରେ କ୍ୟାନସର ଡାକ୍ତରଖାନା ସ୍ଥାପନ ପାଇ ଓଡିଶା ସରକାରଙ୍କ ନିକଟରେ ଜିଲାବାସୀ ଦାବି କରିଆସୁଛନ୍ତି । ପାଇକମାଳ ଅଞ୍ଚଳବାସୀ ଏହାକୁ ସମର୍ଥନ କରିଛନ୍ତି । ଏହି କ୍ରମରେ ଶନିବାର ନାଗରିକ କମିଟି ତରଫରୁ ଦସ୍ତଖତ ଅଭିଯାନ ହୋଇଥିଲା । ହଜାର ହଜାର ଲୋକ ଦସ୍ତଖତ ଦେଇ ଏହି କାର୍ଯ୍ୟକ୍ରମକୁ ସମର୍ଥନ ଜଣାଇଥିଲେ ।

# ଗୁଣାତ୍ମକ ଶିକ୍ଷା ନିର୍ଣ୍ଣାୟକ ଭୂମିକା ନିଏ

ବରଗଡ଼ ଅଫିସ୍,୨୫।୮

ସମାଜକୁ ଜୀବନ୍ତ ଗଢ଼ି ତୋଳିବାରେ ଗୁଣାତ୍ମକ ଶିକ୍ଷାର ଯଥେଷ୍ଟ ଭୂମିକା ରହିଛି। ଗୁଣାତ୍ମକ ଶିକ୍ଷା ହିଁ ଛାତ୍ରର ନୈତିକ ବିକାଶରେ ସହାୟକ ହୋଇଥାଏ ଏବଂ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ଶନିବାର ଦାସରୀ ବୀର ରାଜୁ ଏବଂ ଗୁନ୍ନମ ରାମଚନ୍ଦ୍ର ମେମୋରିଆଲ ଟ୍ରଷ୍ଟର ଦ୍ୱାଦଶ ପ୍ରତିଷ୍ଠା ଦିବସ ଉପଲକ୍ଷେ ବିକାଶ ଟେକ୍ନିକାଲ କ୍ୟାମ୍ପସରେ ଅନୁଷ୍ଠିତ ସ୍ନାତକ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ଦୀପକ କୁମାର ବେହେରା ଏହି ମତବ୍ୟକ୍ତ କରିଛନ୍ତି । ବିକାଶ ଶିକ୍ଷାନୁଷ୍ଠାନ ଦ୍ୱାରା ଛାତ୍ରୀଛାତ୍ରଙ୍କ ଶିକ୍ଷାର ଉନ୍ନତି ପାଇଁ ଯୋଗାଇ ଦିଆଯାଉଥିବା ସମସ୍ତ ଭିତ୍ତିଭୂମି ଏବଂ ଶୃଙ୍ଖଳିତ ବ୍ୟବସ୍ଥା ସହିତ ଗ୍ରାଜୁଏଶନ ଡେ ଭଳି ନିଆରା ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ତାଙ୍କ ବକ୍ତବ୍ୟରେ କହିଥିଲେ, ଗ୍ରାଜୁଏଶନ ଡେ ଏକ ପବିତ୍ର ଉତ୍ସବ । ଯେଉଁଠାରେ ଜଣେ ଛାତ୍ର ନିଜ ଦୀର୍ଘବର୍ଷର ପରିଶ୍ରମର ସଫଳତାକୁ ଅନୁଭବ କରିଥାଏ । ସ୍ନାତକ ପରିଧାନରେ ସଜ୍ଜିତ ହୋଇ ଡିଗ୍ରୀ ହାସଲ କରିବାର ଆନନ୍ଦକୁ ଉପଲବ୍ଧି କରେ । ବିକାଶ ଗ୍ରୁପର ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ସ୍ନାତକପତ୍ର ଗ୍ରହଣ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ବିକାଶ ଟେକ୍ନିକାଲ କ୍ୟାମ୍ପସ ଅନ୍ତର୍ଗତ ବିକାଶ ଡିଗ୍ରୀ କଲେଜ, ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟ, ବିକାଶ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିରୁ ଚଳିତବର୍ଷ ଉତ୍ତୀର୍ଣ୍ଣ ହୋଇଥିବା ସ୍ନାତକ ଛାତ୍ରୀଛାତ୍ରଙ୍କୁ ସ୍ନାତକପତ୍ର ପ୍ରଦାନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ବିଜ୍ଞାନ, ବାଣିଜ୍ୟ, ବିଜନେସ ଆଡ଼ମିନିଷ୍ଟ୍ରେଶନ, କମ୍ପ୍ୟୁଟର ଆପ୍ଲିକେଶନ ତଥା ଇଞ୍ଜିନିୟରିଂ ବିଭାଗର ମୋଟ୍ ୧୨୦ଜଣ ଛାତ୍ରୀଛାତ୍ର ଉତ୍ସବରେ ଯୋଗଦେଇ ସମ୍ବର୍ଦ୍ଧିତ ହୋଇଥିଲେ । ବିଶ୍ୱବିଦ୍ୟାଳୟସ୍ତରରେ ବିଭିନ୍ନ ବିଭାଗରେ ଶ୍ରେଷ୍ଠ ବିବେଚିତ ହୋଇଥିବା ୧୮ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ବିଜ୍ଞାନ ବିଭାଗର ଆକାଂକ୍ଷା ସାହୁ, ବାଣିଜ୍ୟ ବିଭାଗର ବିନୀତା ଅଗ୍ରୱାଲ, ବିଜିନେସ ଆଡ଼ମିନିଷ୍ଟ୍ରେଶନ ବିଭାଗର ଚାନ୍ଦନୀ ଅଗ୍ରୱାଲ, କମ୍ପ୍ୟୁଟର ଆପ୍ଲିକେଶନର ସୁଚରୀତା ଖଟୁଆ, ଇଞ୍ଜିନିୟରିଂ ବିଭାଗର ସଙ୍ଗୀତା ସ୍ୱାଇଁଙ୍କୁ ଶ୍ରେଷ୍ଠ ସ୍ନାତକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ୭ଶହରୁ ଅଧିକ ଛାତ୍ରୀଛାତ୍ର, ଅଭିଭାବକ ଯୋଗ ଦେଇଥିଲେ । ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣାଙ୍କ ଜୀବନୀ ଉପରେ ଆଧାରିତ ଏକ ଏକ ସର୍ଟ ଭିଡ଼ିଓ ମୁଖ୍ୟଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା, ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର କୋ ଅର୍ଡ଼ିନେଟର ଇଂ ପୂର୍ଣ୍ଣେନ୍ଦୁ ମିଶ୍ର, ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର କୋ ଅର୍ଡ଼ିନେଟର ଆର.ଏସ.ଭି କ୍ରୀଷ୍ଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ୍ର ପ୍ରଧାନ ସ୍ୱାଗତ ଭାଷଣ ଓ ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

#### ବିକାଶରେ ଗ୍ରାଜୁଏଶନ ଡେ



ଜଣେ ଛାତ୍ରୀଙ୍କୁ ସ୍ନାତକପତ୍ର ସହିତ ସମ୍ବର୍ଦ୍ଧିତ କରାଯାଉଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୬ ଅଗଷ୍ଟ, ୨୦୧୮

ଅହଂଭାବଟି ତୁମକୁ ଟିକିଏ ଫୁଲେଇ ଦେଇପାରେ, କିନ୍ତୁ ତାହା ବୋଲି ତୁମକୁ ଉପରକୁ ଉଠାଇ ପାରିବ ନାହିଁ।
- ଜନ୍ ରସ୍କିନ୍



## ସଂକ୍ଷେପରେ

### ଜୋନସ୍ତରୀୟ ଭାଜପା କର୍ମୀ ସମ୍ମିଳନୀ

**ଟିକ୍ରାପଡା, ୨୫।୮ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡାଠାରେ ଭାଜପାର ଟିକ୍ରାପଡା ଜୋନ ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜୋନ ସଭାପତି ବାସୁଦେବ ଚୌହାନ ଏଥିରେ ଅଧ୍ୟକ୍ଷତା କରିଥିଲେ। କରୁଣାସିନ୍ଧୁ ପସାୟତ ସଭା ସଂଯୋଜନା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେନ୍ଦ୍ର ଠାକୁର, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସାଗରିକା ଗୁରୁ, ଜିଲା ପ୍ରଭାରୀ ପ୍ରତିମା ମିଶ୍ର, ଜିଲା ସାଧାରଣ ସମ୍ପାଦିକା ରୀତା ପାଣିଗ୍ରାହୀ, ସୋସିଆଲ ମିଡିଆ ସଂଯୋଜିକା ବନଶ୍ରୀ ଆଚାର୍ଯ୍ୟ, ଜିଲା ଓବିସି ମୋର୍ଚ୍ଚା ଉପସଭାପତି ଅକ୍ଷୟ ରଣା ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଗଦାଧର ବଗର୍ତ୍ତୀ, ପିଣ୍ଟୁ ବଗର୍ତ୍ତୀ, ମହେନ୍ଦ୍ର ଅମାତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି ନେଇ ତତ୍ପରତା

**ଖପ୍ରାଖୋଲ, ୨୫।୮ (ଡି.ଏନ.ଏ.):** ଆଗାମୀ ସୋମବାର ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହେବ। ଏଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେଇଛି। ଜିଲାସ୍ତରରରେ ପ୍ରତି ସୋମବାର ଅଭିଯୋଗ ଶୁଣାଣି ହେଉଥିବା ବେଳେ ବିଭିନ୍ନ ସମୟରେ ବ୍ଲକ କାର୍ଯ୍ୟାଳୟ ମାନଙ୍କରେ ମଧ୍ୟ ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ଅନୁଷ୍ଠିତ ହୋଇଥାଏ। ଏନେଇ ପାଟଣାଗଡ ଏଡିପିଆରଓ ରୀତାକାନ୍ତି ବଳିଆର ସିଂ ସୂଚନା ଦେଇଛନ୍ତି। ଖପ୍ରାଖୋଲ ସହକାରୀ ଯନ୍ତ୍ରୀ ସୌମ୍ୟ କିଶୋର ଜୟପୁରିଆ କିଭଳି ଜନସାଧାରଣ ନିଜ ଆପତ୍ତି ଅଭିଯୋଗ ଜିଲା ପ୍ରଶାସନ ପାଖରେ ଜଣାଇ ପାରିବେ ସେନେଇ ପ୍ରଶାସନ ପ୍ରୟାସ ଜାରି ରଖିଥିବା କହିଛନ୍ତି।

### ବିଦ୍ୟାଳୟ ଉନ୍ନତିରେ ସହଯୋଗ କରିବେ ପ୍ରାକ୍ତନ ଛାତ୍ର

**ମୁରିବାହାଲ, ୨୫।୮ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ରାଜ୍ୟ ସରକାରଙ୍କର ମୋ ବିଦ୍ୟାଳୟ କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ବିଦ୍ୟାଳୟଠାରେ ପୁରାତନ ଛାତ୍ରମାନଙ୍କୁ ନେଇ ଶନିବାର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପୀତବାସ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟର ୧୯୮୩ରୁ ୨୦୧୮ବ୍ୟାଚର ଛାତ୍ରମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ମୋ ବିଦ୍ୟାଳୟ କାର୍ଯ୍ୟକ୍ରମର କାର୍ଯ୍ୟକାରିତା, ପୁରାତନ ଛାତ୍ରମାନଙ୍କ ଦ୍ୱାରା ବିଦ୍ୟାଳୟ ବିକାଶ ଉପରେ ଅବଗତ କରାଇଥିଲେ। ଏହା ସହ ଆସନ୍ତା ୧ ସେପ୍ଟେମ୍ବରଠାରୁ ବିଦ୍ୟାଳୟରେ ସାମୂହିକ ଭାବେ ବୈଠକରେ ବସିବାର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ବିଦ୍ୟାଳୟ ଗେଟ, ସଭାଗୃହ ଓ ସାଇକେଲ ଷ୍ଟାଣ୍ଡ ତିଆରି କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମରେ ରାମରତନ ମେହେର, କିଶୋର କୁମାର ନାୟକ, ଶ୍ରୀବତ୍ସ ବେହେରା, ଦୁର୍ଗାନନ୍ଦ ମହାକୁର, ବନବିହାରୀ ଯୋଶୀ, ନାରାୟଣ ସାହୁ ପ୍ରମୁଖ ସ୍କୁଲକୁ ଆର୍ଥିକ ସହାୟତା ଦେବା ପାଇଁ ଘୋଷଣା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଜ୍ଞାନ ଶିକ୍ଷକ ରାଜକୁମାର ଭୋଇ, ପ୍ରଦୀପ ପୁଟେଲ ସହଯୋଗ କରିଥିଲେ।

■ ମୁକ୍ତ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ଚୟନକୁ ବିରୋଧ

# ପରୀକ୍ଷା ବର୍ଜନ କରିବେ ୪୦ପରୀକ୍ଷାର୍ଥୀ

**ମୁରିବାହାଲ, ୨୫।୮ (ଡି.ଏନ.ଏ.)**

ମୁକ୍ତ ବିଦ୍ୟାଳୟ ପରୀକ୍ଷା ଦେବା ପାଇଁ ବଲାଙ୍ଗୀର ଜିଲା ମୁରିବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ଫର୍ମପୂରଣ କରିଥିବା ୪୦ପରୀକ୍ଷାର୍ଥୀଙ୍କ ପରୀକ୍ଷା କେନ୍ଦ୍ର ବଲାଙ୍ଗୀରରେ ପଡିଛି। ଏହାର ପ୍ରତିବାଦ କରିଛନ୍ତି ପରୀକ୍ଷାର୍ଥୀ। ଆସନ୍ତା ୨୯ ତାରିଖରେ ହେବାକୁ ଥିବା ପରୀକ୍ଷା ନ ଦେବା ପାଇଁ ଶନିବାର ସେମାନେ ସାମୂହିକ ନିଷ୍ପତ୍ତି ନେଇଛନ୍ତି। ଖବର ନେବାରୁ ଜଣାଯାଏ କି, ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗ୍ରାମାଞ୍ଚଳରେ ଯୁବତୀଯୁବକମାନଙ୍କୁ ଶିକ୍ଷିତ କରିବା ପାଇଁ ୨୦୧୫-୧୬ ବର୍ଷଠାରୁ ବ୍ଲକସ୍ତରରେ ମୁକ୍ତ ବିଦ୍ୟାଳୟ ମାଟ୍ରିକ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା କରାଯାଉଛି। ସେହିଦିନଠାରୁ ମୁରିବାହାଲ ଉଚ୍ଚ ବିଦ୍ୟାଳୟରେ ଫର୍ମ ପୂରଣ କରାଯାଉଛି। ଟିଟିଲାଗଡ ସବ୍‌ଡିଭିଜନର ବିଭିନ୍ନ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର କରାଯାଇଥାଏ। ହେଲେ ଚଳିତ ବର୍ଷ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବା ସେହି ୪୦ପରୀକ୍ଷାର୍ଥୀ ବଲାଙ୍ଗୀର ସହର ବାଳିକା ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବାକୁ ସ୍ଥିର ହୋଇଛି। ଶୁକ୍ରବାର ଏହା ଜଣା ପଡିବା ପରେ ପରୀକ୍ଷାର୍ଥୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବଲାଙ୍ଗୀର ୧୦୦କି.ମି. ଦୂରତ୍ୱକୁ ଯାଇ ପରୀକ୍ଷା ଦେବା ସେମାନଙ୍କ ପକ୍ଷରେ ସମ୍ଭବ ନୁହେଁ ବୋଲି କହିଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ପ୍ରତି ୧୦କି.ମିରେ ପରୀକ୍ଷା କେନ୍ଦ୍ର ହେବା ନିୟମ ଥିବାବେଳେ ମୁକ୍ତ ବିଦ୍ୟାଳୟର ପରୀକ୍ଷାର୍ଥୀମାନେ ୧୦୦କି.ମି ଦୂରତ୍ୱରେ କେଉଁ ଆଧାରରେ ପରୀକ୍ଷା ଦେବେ ବୋଲି ପ୍ରଶ୍ନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ମୁରିବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ଫର୍ମ ପୂରଣ କରିଥିବା ୪୦ପରୀକ୍ଷାର୍ଥୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଶତାଧିକ କିଲୋମିଟର ଅଧିକ ଆର୍ଥିକ ଖର୍ଚ୍ଚାନ୍ତରେ ଯିବା ସମ୍ଭବ ହେଉ ନ ଥିବା ଅଭିଯୋଗ କରି ସେମାନେ ସାମୂହିକଭାବ ପରୀକ୍ଷା ନ ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ। ଅବିଳମ୍ବେ ପରୀକ୍ଷା କେନ୍ଦ୍ର ପରିବର୍ତ୍ତନ କରିବାକୁ ମାମୀ ରଣା, ଲୋଚନ ଧରୁଆ, ବଡିଆନି ତାଣ୍ଡି, ଈଶ୍ୱର ପୁଟେଲ, ଟୟସେନ ଯୋଶୀ, ଦେବବ୍ରତ ବାଗ, ପ୍ରଫୁଲ୍ଲ ହରିପାଲ, ନନ୍ଦଲାଲ ବାଗ, କମଳାପୁଞ୍ଜି ପ୍ରମୁଖ ଦାବି କରିଛନ୍ତି।


ପରୀକ୍ଷା ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିବା ପରୀକ୍ଷାର୍ଥୀମାନେ।

### ଦକ୍ଷତା ବିକାଶ, କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ

**ବଲାଙ୍ଗୀର ଅଫିସ, ୨୫।୮**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ପଥରଚେପା ଓଡିଶା ଆଦର୍ଶ ବିଦ୍ୟାଳୟରେ ଶନିବାର ଦକ୍ଷତା ବିକାଶ ଓ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ କ୍ଷମାନିଧି ଝାଙ୍କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଗିରିଜା ଶଙ୍କର ରଥ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ମନୁଷ୍ୟର ବିକାଶ ଓ ସମୃଦ୍ଧି କିପରି ତାର ଚୟନ ଶକ୍ତି ଉପରେ ନିହିତ ସେ ବିଷୟରେ କହିଥିଲେ। ନିଜର ଆଗ୍ରହ, ରୁଚି, ଦକ୍ଷତା ଓ ସାମର୍ଥ୍ୟକୁ ଦେଖି ଭବିଷ୍ୟତ କ୍ୟାରିୟର ଚୟନ ତଥା ନିଜର ସ୍ୱପ୍ନ ଓ ଜୀବନର ଲକ୍ଷ୍ୟକୁ ସଫଳ କରିବା ଉପଯୋଗୀ ବିଷୟ ଚୟନ ଉପରେ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀମାନଙ୍କୁ ସେ ଦିଗଦର୍ଶନ ଦେଇଥିଲେ। ଅଧ୍ୟକ୍ଷ ଝାଙ୍କର ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ବିଷୟ ଚୟନ ଓ କ୍ୟାରିୟର କାଉନସେଲିଂର ଉପାଦେୟତା ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

ଜିଲା ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟକାରିଣୀ ବୈଠକ

# ଆନ୍ଦୋଳନରେ ସାମିଲ ହେବନି

**ବଲାଙ୍ଗୀର ଅଫିସ, ୨୫।୮**

ବଲାଙ୍ଗୀର କଲେଜଛକଠାରେ ନୂତନ ପେନ୍‌ସନ ଯୋଜନାଭୁକ୍ତ(ଏନ୍‌ପିଏସ୍) ପ୍ରାଥମିକ ଶିକ୍ଷକ ସଂଘର ଏକ ଜରୁରୀ ବୈଠକ ଜିଲା ସଭାପତି ଶିତୋଷ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ନୂତନ ଭାବେ କନିଷ୍ଠ ଶିକ୍ଷକରୁ ନିୟମିତ ପ୍ରାଥମିକ ଶିକ୍ଷକ ମାନ୍ୟତା ପାଇଥିବା ସମସ୍ତ ଶିକ୍ଷକଙ୍କୁ ବ୍ଲକସ୍ତରରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ (ଏନ୍‌ପିଏସ୍) ଗତ ୧୨ତାରିଖର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ନିଷ୍ପତ୍ତିକୁ ଏହି ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ରାଜ୍ୟସ୍ତରରେ ଗଠିତ ମିଳିତ ମଞ୍ଚର ପ୍ରୟାସକୁ ସ୍ୱାଗତ କରାଯାଇଥିଲା। କିନ୍ତୁ ମିଳିତ ମଞ୍ଚରେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ(ଏନ୍‌ପିଏସ୍) ଦାବି ମୁତାବକ ଓଡିଶାର ସମସ୍ତ ପ୍ରାଥମିକ ଶିକ୍ଷକଙ୍କୁ ଷଷ୍ଠ ବେତନ କମିଶନ ଅନୁଯାୟୀ ୨୮୦୦/- ଗ୍ରେଡପେ ଦରମା ପ୍ରଦାନ ସହ ସପ୍ତମ ବେତନ କମିଶନକୁ ସଂଶୋଧନ କରିବା, କନିଷ୍ଠ ଶିକ୍ଷକଙ୍କୁ ୨୫ପ୍ରତିଶତ ଦରମା ବୃଦ୍ଧି ସହିତ ପ୍ରତିବର୍ଷ ୧୦ପ୍ରତିଶତ ହାରରେ ବୃଦ୍ଧି, ପ୍ରାଥମିକ ଶିକ୍ଷକ ଏକ୍ସ କ୍ୟାଡରକୁ ଉଚ୍ଛେଦ କରି ଟେଜେରି ମାଧ୍ୟମରେ ଦରମା ପ୍ରଦାନ, ସମସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଯୋଗ୍ୟତା ଅନୁସାରେ ବିଷୟଭିତ୍ତିକ ଶିକ୍ଷକ ନିଯୁକ୍ତି କରିବା ଏବଂ କଳା ଶିକ୍ଷକ ଓ କ୍ରୀଡା ଶିକ୍ଷକମାନଙ୍କର ଚାକିରି ସର୍ତ୍ତାବଳୀ ଲାଗୁ କରିବା ଇତ୍ୟାଦି ଦାବି ଉପସ୍ଥାପନ କରାଯାଇଥିଲା। ମିଳିତ ମଞ୍ଚ ବୈଠକରେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ (ଏନ୍‌ପିଏସ୍)ର ଦାବିକୁ ଉପେକ୍ଷା କରାଯାଇଥିବାରୁ ଜିଲା କାର୍ଯ୍ୟକାରିଣୀ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବୈଠକରେ ମିଳିତ ମଞ୍ଚ ଆଭିମୁଖ୍ୟ ସ୍ପଷ୍ଟ ନଥିବାରୁ ଏବଂ ବ୍ଲକସ୍ତରରୁ ଜିଲାସ୍ତର ପର୍ଯ୍ୟନ୍ତ ମିଳିତ ମଞ୍ଚ ଗଠନ ନ କରି ତରବରିଆ ଭାବେ ଆନ୍ଦୋଳନ ଡାକରା ଦିଆଯାଇଥିବାରୁ ଶିକ୍ଷକଙ୍କ ମଧ୍ୟରେ ଏକ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ସୃଷ୍ଟି ହେଉଥିବାରୁ ଏହି ଆନ୍ଦୋଳନରେ ବଲାଙ୍ଗୀର ଜିଲା ପ୍ରାଥମିକ ଶିକ୍ଷକ ସଂଘ (ଏନ୍‌ପିଏସ୍) ସାମିଲ ନ ହେବାକୁ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ସମ୍ପାଦକ ଚକାନନ୍ଦ କର୍ଣ୍ଣ, କରୁଣା ପଟେଲ, ରଜନୀକାନ୍ତ ପଟେଲ, ଆଶିଷ ସିଂ ଭୋଇ, ଅଂଜନ ସାଏ, ସନ୍ତୋଷ କୁମାର ଗୁପ୍ତା, କମଳ ସାହୁ, ବଳଭଦ୍ର ଜୁଏଡ, ସୁମନ ସାହୁ ପ୍ରମୁଖ ସମସ୍ତ ବ୍ଲକର ବ୍ଲକ ପ୍ରତିନିଧି, ଜିଲା ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।


ସ୍ୱଚ୍ଛ ଭାରତ ଅଭିଯାନ ପରିପ୍ରେକ୍ଷୀରେ ଟିଟିଲାଗଡ ସେଣ୍ଟ ଆନ୍ନି ସ୍କୁଲର ଛାତ୍ରୀଛାତ୍ରମାନେ ସହରରେ ସଫେଇ କରିବା ସହ ସଚେତନତା ଶୋଭାଯାତ୍ରାରେ ବାହାରିଛନ୍ତି।

### ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳାରେ ୧୬୦ପ୍ରକଳ୍ପ

**ଗୁଡଭେଲା, ୨୫।୮ (ଡି.ଏନ.ଏ.)**

ତୁଷୁରା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଶନିବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ତୁଷୁରା ତହସିଲଦାର ଚନ୍ଦ୍ରମଣୀ ନାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ୧ମରୁ ୧୦ମ ଶ୍ରେଣୀର ଛାତ୍ରୀଛାତ୍ରମାନେ ୧୬୦ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ ପ୍ରଭାତୀ ବେହେରା ଓ ସଞ୍ଜୟ ସାହୁ ପ୍ରକଳ୍ପ ନିରୀକ୍ଷଣ କରିଥିଲେ। ପ୍ରଧାନଆଚାର୍ଯ୍ୟ ରବିନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ତୁଷୁରା କଲେଜ ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପରିଚାଳନା କମିଟି ସମ୍ପାଦକ ତଥା ଆଶୁକବି ହେମନ୍ତ ଦାଶ, ସୁଦାମ ଚରଣ ନନ୍ଦ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।

### କେରଳ ପୀଡିତଙ୍କ ପାଇଁ ୧ଲକ୍ଷର ସହାୟତା

**ଟିଟିଲାଗଡ, ୨୫।୮ (ଡି.ଏନ.ଏ.)**

କେରଳରେ ପ୍ରଳୟଙ୍କାରୀ ବନ୍ୟା ନେଇ ଅନେକ ଲୋକଙ୍କ ଧନଜୀବନ ହାନି ହୋଇଥିବା ନେଇ ଓଡିଶା ସରକାର ମଧ୍ୟ କେରଳବାସୀଙ୍କ ପାଇଁ ସହାୟତାର ହାତ ବଢାଇଛନ୍ତି। ଏନେଇ ରାଜ ଜ୍ୟୋତି ସେବା ସମିତିର ସଭାପତି ତଥା ଓମଭେଲି ସ୍କୁଲ ଅଧ୍ୟକ୍ଷ ଦୀପକ ସାହୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ସାହୁଙ୍କ ସହ ତାଙ୍କ ଜ୍ୟେଷ୍ଠ ପୁତ୍ର ଆୟୁଷ ସାହୁ, ପୂର୍ବତନ ନୂଆପଡା ବିଧାୟକ ରାଜୁ ଢୋଲକିଆ ପ୍ରମୁଖ ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ୧ ଲକ୍ଷ ଟଙ୍କାର ଚେକ ରାଶି ପ୍ରଦାନ କରିଛନ୍ତି।

# ବାଜପେୟୀଙ୍କୁ କବିତାରେ ଶ୍ରଦ୍ଧାଞ୍ଜଳି

## କଦମ୍ ମିଳାକର ଚଲନା ହୋଗା କାର୍ଯ୍ୟକ୍ରମ



ବଲାଙ୍ଗୀର ଗାନ୍ଧୀ ଭବନଠାରେ କଦମ୍ ମିଳାକର ଚଲ୍‌ନା ହୋଗା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀର ଅଫିସ, ୨୫।୮**

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କୁ ଶନିବାର କବିତାରେ ଭବ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସ୍ଥାନୀୟ ଗାନ୍ଧୀ ଭବନଠାରେ କଦମ୍ ମିଳାକର୍ ଚଲ୍‌ନା ହୋଗା ଶୀର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଜିଲା ସାମ୍ବାଦିକ ସଂଘ ସଭାପତି ହରି ନାରାୟଣ ପୂଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ପୂର୍ବତନ ସିଡିଏମ୍‌ଓ ଡା ଜ୍ୟୋତି ସାହୁ, କବି ମୋହନଲାଲ ଅଗ୍ରୱାଲ ଓ ଗୁରୁଶ୍ରୀ ଘାସିରାମ ମିଶ୍ର ଅତିଥି ଭାବେ ଯୋଗଦେଇ ଅଟଳ ବିହାରୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅଟଳଙ୍କ ବିୟୋଗରେ ସାରା ଦେଶ କିଭଳି ମ୍ରିୟମାଣ ହୋଇଥିଲା ଓ ସମଗ୍ର ବିଶ୍ୱ କିଭଳି ତାଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଇଥିଲା ତାହା କହିଥିଲେ। ପୋଖରାନ୍ ପରମାଣୁ ପରୀକ୍ଷା, କାରଗିଲ ଯୁଦ୍ଧ ବିଜୟ, ପ୍ରଧାନମନ୍ତ୍ରୀ ସଡକ, ସ୍ୱର୍ଣ୍ଣ ଚତୁର୍ଭୁଜ ଭଳି ଯୁଗାନ୍ତକାରୀ ଯୋଜନା କାର୍ଯ୍ୟକାରୀ କରି ସେ ଭାରତବର୍ଷକୁ ଏକ ସ୍ୱାଭିମାନୀ ରାଷ୍ଟ୍ର ଭାବେ ଗଢ଼ି ତୋଳିବାକୁ ଉଦ୍ୟମ କରିଥିଲେ ବୋଲି ବକ୍ତାମାନେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ସତ୍ୟ ସୁନ୍ଦର ଭଞ୍ଜ ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ରାଜୀବ ଲୋଚନ ଆଚାର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ କଦମ୍ ମିଳାକର୍ ଚଲ୍‌ନା ହୋଗା କାର୍ଯ୍ୟକ୍ରମରେ ବହୁ କବି ମର୍ମସ୍ପର୍ଶୀ କବିତା ମାଧ୍ୟମରେ ସ୍ୱର୍ଗତ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିରେ କବି କୌତୁକ ପନ୍ଦର, ଜଗଦାନନ୍ଦ ଛୁରିଆ, ରକ୍ଷଣ ବିଶ୍ୱାଳ, ଡା ଜ୍ୟୋତି ସାହୁ, ମନରଞ୍ଜନ ଯୋଷୀ, ସୀମା ମହାପାତ୍ର, ଆନନ୍ଦ ଚନ୍ଦ୍ର ସାହୁ, ସନାତନ ଠାକୁର, ମୋହନଲାଲ ଅଗ୍ରୱାଲ, ପ୍ରତାପ ଚନ୍ଦ୍ର ରଥ, କସ୍ତୁରୀ ରଥ, ସତ୍ୟ ମିଶ୍ର, ଜୟ ପ୍ରକାଶ ଅଗ୍ରୱାଲ, ବୀରେନ୍ଦ୍ର କୁମାର ଝାଙ୍କର, ଧୀରେନ୍ଦ୍ର ନାରାୟଣ ସିଂଦେଓ, ଅନୁପ୍ରିୟା ମିଶ୍ର ଓ ଅନ୍ୟମାନେ କବିତା ପାଠ କରି ସ୍ୱର୍ଗତ ବାଜପେୟୀଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶେଷରେ ଯୁଧିଷ୍ଠିର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଶ୍ରୋତା, କବିତାପ୍ରେମୀ ଓ ବାଜପେୟୀ ପ୍ରେମୀ ଉପସ୍ଥିତ ଥିଲେ।

ସାମାଜିକ ସମୀକ୍ଷା ବୈଠକ

# ପୂରଣ ହେଉନି ଜବ୍‌କାର୍ଡ

**ଖପ୍ରାଖୋଲ, ୨୫।୮ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ମହାତ୍ମା ଏମଜିଏନଆରଇଜିଏସର ସାମାଜିକ ସମୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ପ୍ରତିନିଧି ଲୋକନାଥ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାହାସ ବିହାରୀ ମଲ୍ଲିକ, ସରପଞ୍ଚ ସୁରେଶ ପୂଜାରୀ, ବ୍ଲକ ସାମାଜିକ ସମୀକ୍ଷକ ଅଭୟ ତ୍ରିପାଠୀ, କନିଷ୍ଠ ଯନ୍ତ୍ରୀ ସାଗରିକା ଜେନା ପ୍ରମୁଖ ଯୋଗଦେଇଥିଲେ। ଯୋଜନାର ସଫଳ ରୂପାୟନ ସହିତ ସ୍ୱଚ୍ଛତା ଓ ଉତରଦାୟିତ୍ୱ ବୃଦ୍ଧି ପାଇଁ ସାମାଜିକ ସମୀକ୍ଷାର ଆବଶ୍ୟକତା ଉପରେ ସେମାନେ ଆଲୋକପାତ କରିଥିଲେ। ୭ଦିନ ଧରି ଗ୍ରାମ୍ୟ ସମ୍ବଳ କର୍ମୀମାନଙ୍କ ଦ୍ୱାରା ବିଭିନ୍ନ ଗାଁ ବୁଲି ଦେଖିଥିବା ବିଭିନ୍ନ ସମସ୍ୟା ଉପସ୍ଥାପିତ ହୋଇଥିବା ବେଳେ ଏଫଟିଓ ପରେ ବି ମାସମାସ ଧରି ଶ୍ରମିକଙ୍କୁ ପାଉଣା ମିଳି ନ ଥିବା ଅଭିଯୋଗ ହୋଇଥିଲା। ସେହିପରି କେତେକ ଶ୍ରମିକଙ୍କ ଜବକାର୍ଡ ଗାଁସାଥି ପାଖରେ ରହିଛି। ଏପରିକି ଜବକାର୍ଡଗୁଡିକ ଆଦୌ ପୂରଣ ହୋଇ ନ ଥିବାରୁ ଶ୍ରମିକମାନେ ନିଜ କାମ ଏବଂ ମଜୁରି ସମ୍ପର୍କରେ ଠିକ୍ ଭାବରେ ଜାଣି ପାରୁ ନ ଥିବା ନେଇ ଭିଆରପିମାନେ ଉପସ୍ଥାପନା କରିଥିଲେ। ଗାଁ ସାଥିଠାରୁ ଜବକାର୍ଡ ଶ୍ରମିକମାନଙ୍କୁ ଦେବା ସହ ୧୫ଦିନ ମଧ୍ୟରେ ସମସ୍ତ ଜବକାର୍ଡ ପୂରଣ କରିବାକୁ ଗ୍ରାମସଭାରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ପଞ୍ଚାୟତ, ବ୍ଲକ ଓ ଅନ୍ୟ କାର୍ଯ୍ୟ ନିର୍ବାହୀ ବିଭାଗ ସମସ୍ତ କାଗଜପତ୍ର ସହ ବୈଠକରେ ଉପସ୍ଥିତ ରହିବା କଥା। ହେଲେ ଏହି ବୈଠକରେ ଜଙ୍ଗଲ ବିଭାଗର କୌଣସି ପ୍ରତିନିଧି କିମ୍ବା ଫାଇଲ ପତ୍ର ଉପସ୍ଥାପିତ ହୋଇ ନ ଥିଲା। ଜିଆରଏସ ପ୍ରଦୀପ କୁମାର ଶତପଥୀ, ଗ୍ରାମ୍ୟ ସମ୍ବଳ କର୍ମୀ ଚନ୍ଦ୍ରବତୀ ସେଠ, ଦିଲସାଦ ବାନୁଙ୍କ ସମେତ ଶ୍ରମିକମାନେ ଉପସ୍ଥିତ ଥିଲେ।


ନାନ୍ଦୁପଲା ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସାମାଜିକ ସମୀକ୍ଷା ବୈଠକ।

# ସମ୍ବିଧାନ ସୁରକ୍ଷା ଆନ୍ଦୋଳନ, ଦାବିପତ୍ର

**ଲୋଇସିଂହା, ୨୫।୮ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ସମ୍ବିଧାନ ସୁରକ୍ଷା ସମିତି ପକ୍ଷରୁ ସମ୍ବିଧାନ ସୁରକ୍ଷା ଆନ୍ଦୋଳନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମିତି ପକ୍ଷରୁ ତହସିଲ ଏବଂ ବ୍ଲକ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ତହସିଲଦାର କର୍ଣ୍ଣ ମଲ୍ଲିକ, ବିଡିଓ ରାମଚନ୍ଦ୍ର ଖାଡିଆଙ୍କ ଜରିଆରେ ସମ୍ବିଧାନ ସୁରକ୍ଷା ପାଇଁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତିଙ୍କ ଉଦ୍ଦେଶ୍ୟରେ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ସମ୍ବିଧାନ ପୋଡିଥିବା ମନୁବାଦୀ ସଂଗଠନର ଅସାମିଜକ ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି ହୋଇଥିଲା। ସମ୍ବିଧାନ ସୁରକ୍ଷା ସମିତି ଆହ୍ୱାନ କ୍ରମେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆ ବର୍ଗ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ପକ୍ଷରୁ ଆନ୍ଦୋଳନରେ ସାମିଲ ହୋଇ ଅଗ୍ରେସନ ଭବନରୁ ତହସିଲ ଅଫିସ ଏବଂ ବ୍ଲକ କାର୍ଯ୍ୟାଳୟକୁ ଏକ ରାଲିରେ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ବଳଦେବ ଭୋଇ, ଶ୍ୟାମସୁନ୍ଦର ଭୋଇ, ନିହାର ରଞ୍ଜନ ବେହେରା, ଲାଲମନ ନାଗଙ୍କ ସମେତ ବହୁ ବକ୍ତା ଗତ ଅଗଷ୍ଟ ୯ ତାରିଖ ଦିନ ଦିଲ୍ଲୀ ଜନ୍ତରମନ୍ତରଠାରେ ମନୁବାଦି ସଂଗଠନ ପକ୍ଷରୁ ସମ୍ବିଧାନକୁ ଜାଳି ପୋଡିବା ଏବଂ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଡକରଙ୍କୁ ପ୍ରତି ଅପମାନିତ କରିବା ଘଟଣାରେ ତୀବ୍ର ନିନ୍ଦା କରିଥିଲେ। ଏହା ରାଷ୍ଟ୍ର ବିରୋଧୀ କାର୍ଯ୍ୟ ତେଣୁ ଏପରି ବ୍ୟକ୍ତି ବିଶେଷି ପ୍ରତି ସରକାର କଠୋର ଆଭିମୁଖ୍ୟ ପୋଷଣ କରିବାକୁ ଦାବି କରିଥିଲେ।



ସମ୍ବିଧାନ ସୁରକ୍ଷା ସମିତି ପକ୍ଷର ବାହାରିଥିବା ଶୋଭାଯାତ୍ରା।



ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଦେଲେ ଆଉ ଗୋଟିଏ ପାଇଁ ଆପେ ଆପେ ବାଟ ଫିଟିଯାଏ।
- ଆର. ଡବ୍ଲ୍ୟୁ. ଇମରସନ୍

## ସଂକ୍ଷେପରେ

### ଉତ୍କଳ କରାଟେ ସ୍କୁଲ ଉଦ୍‌ଘାଟିତ

**କଣ୍ଟାବାଞ୍ଜି,୨୫।୮(ଡି.ଏନ୍.ଏ.):** କଣ୍ଟାବାଞ୍ଜି ସହରରେ ଉତ୍କଳ କରାଟେ ସ୍କୁଲ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଏନଏସି କଲ୍ୟାଣ ମଣ୍ଡପରେ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ଥାନା ଆଇଆଇସି ଆନନ୍ଦ ଚନ୍ଦ୍ର ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଓକିଲ ସଂଘ ସଭାପତି ବ୍ରଜଶ୍ୟାମ ଗୁରୁ, ଲାୟନ୍ସ ପବ୍ଲିକ ସ୍କୁଲ ଅଧକ୍ଷ ଭି.ଭି.ରାମନ୍ନାମୂର୍ତ୍ତୀ, ବିଜୟ କୁମାର ବଂସଲ, କାଉନସିଲର ଲୀନା ବାରିକ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କିଶୋର ମଜଖଣ୍ଡ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ସମ୍ପାଦକ ଜଶପାଲ ସୁନା, ଅବଦୁଲ ରଫିକଙ୍କ ସହ ସମସ୍ତ ସଭ୍ୟ ସହଯୋଗ କରିଥିଲେ।

### ଲଗାଣ ବର୍ଷାରେ ଘର ଭାଙ୍ଗିଲା, ବର୍ତ୍ତିଲେ ପରିବାର

**ତରଭା, ୨୫।୮(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ଏନଏସି ୮ନଂ ୱାର୍ଡରେ ଲଗାଣ ବର୍ଷାରେ ଜଣେ ବ୍ୟକ୍ତିଙ୍କ ମାଟି ଖପର ଘର ଭାଙ୍ଗି ଯାଇଛି। ହେଲେ ସୌଭାଗ୍ୟବଶତଃ ଗୃହକର୍ତ୍ତା ସୁବାଷ ପାଣ୍ଡେ ଓ ତାଙ୍କ ପରିବାର ଲୋକେ ଘରେ ନ ଥିବାରୁ ନିଶ୍ଚିତ ବିପଦରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ହେଲେ ଘରେ ଥିବା ସମସ୍ତ ଆସବାବପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଛି। ଖବର ପାଇ ୮ନଂ ୱାର୍ଡ କାଉନସିଲର ପ୍ରଦୀପ ମାହାଣା, ଏନଏସି କନିଷ୍ଠ ଯନ୍ତ୍ରୀ ତରୁଣ କୁମାର ମୁର୍ମୁ ଘଟଣାସ୍ଥଳକୁ ଯାଇ ସରଜମିନ ତଦନ୍ତ କରିଥିଲେ। ବିପନ୍ନ ପରିବାରକୁ ଏନଏସି ପକ୍ଷରୁ ପଲିଥିନ ଯୋଗାଇ ଦିଆଯାଇଛି। ସୁବାଷ ପାଣ୍ଡେଙ୍କ ଲିଖିତ ଆବେଦନକୁ ତହସିଲଦାରଙ୍କ ପାଖକୁ ପଠାଇ ଦେବୁ ବୋଲି ଏନ୍ଏସି କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

### ନୂଆଖାଇ ଭେଟଘାଟ ପ୍ରସ୍ତୁତି

**ପଲସାଗୋରା,୨୫।୮(ଡି.ଏନ.ଏ.):** କର୍ଣ୍ଣାମାଳ ବ୍ଲକ ପଲସାଗୋରା ମାଁ ଭୈରବୀ କଳା ପରିଷଦ ଆନୁକୂଲ୍ୟରେ ଚଳିତ ବର୍ଷ-୨୦୧୮ ନୂଆଖାଇ ଭେଟଘାଟ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ବସନ୍ତ କୁମାର କ୍ଷେତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୂଆଖାଇ ପାଳନ ଉପରେ ଆଲୋଚନା ହୋଇଥିଲା। ଭେଟଘାଟ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳର ସାଂସ୍କୃତିକ ଦଳ ଓ ସ୍ଥାନୀୟ କଳାକାରମାନେ ଯୋଗଦେବାର କାର୍ଯ୍ୟକ୍ରମ ଥିବା କମିଟି ସମ୍ପାଦକ ପ୍ରକାଶ କରିଥିଲେ।

# ଚୋରା ରନ୍ଧାମଦ ର୍‍ୟାକେଟ୍ ସକ୍ରିୟ

**ବଲାଙ୍ଗୀର ଅଫିସ, ୨୫।୮**

ବଲାଙ୍ଗୀର ଜିଲାରେ ଚୋରା ରନ୍ଧାମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଏହି ବେଆଇନ କାମରେ ଏକ ବଡ ଧରଣର ର୍‍ୟାକେଟ୍ ସକ୍ରିୟ ଥିବା ଜଣାପଡିଛି। ଜଙ୍ଗଲ ଭିତରେ ରନ୍ଧା ମଦ ତିଆରି ଚାଲିଥିବା ନେଇ ଖବର ପାଇବା ପରେ ଅବକାରୀ ବିଭାଗର ମୋବାଇଲ ସ୍କ୍ୱାର୍ଡ ଗତ କିଛିଦିନ ହେଲା ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ପରେ ବେଆଇନ କାରବାରର ଖୁଲାସା ହୋଇଛି।



**ବଲାଙ୍ଗୀର ଜିଲା**

- ମଦ ତିଆରିରେ ୟୁରିଆ ସାର, ବ୍ୟାଟେରି ଗୁଣ୍ଡ ମିଶାଯାଉଛି
- ଦଣ୍ଡପାଣି ଜଙ୍ଗଲରେ ମିଳିଲା ରନ୍ଧାମଦ ଆଡ୍ଡା
- ଅବକାରୀ ଦଳକୁ ଦେଖି ମଦ ରନ୍ଧାଳି ଖସି ପଳାଇଲେ

ବଲାଙ୍ଗୀର ଜିଲା ଲୋଇସିଂହା ରେଞ୍ଜ ଅନ୍ତର୍ଗତ ଦଣ୍ଡପାଣି ଜଙ୍ଗଲରେ ଦୀର୍ଘଦିନ ହେଲା ଏକ ରନ୍ଧାମଦ ର୍‍ୟାକେଟ୍ ସକ୍ରିୟ ଥିବା ଖବର ଅବକାରୀ ବିଭାଗକୁ ମିଳିଥିଲା। ବିଭାଗର ମୋବାଇଲ ସ୍କ୍ୱାର୍ଡ ଅତର୍କିତ ଚଢ଼ାଉ କରିଥିଲେ। ହେଲେ ମଦ ବେପାରୀମାନେ ଏ ସମ୍ପର୍କରେ ଖବର ପାଇବା ପରେ ସ୍ଥାନ ଛାଡି ଫେରାର ହୋଇଯିବାକୁ ସକ୍ଷମ ହୋଇଥିଲେ। ତେବେ ସେମାନେ ରନ୍ଧାମଦ ସାମଗ୍ରୀ, ମହୁଲ ପୋଚ, ୟୁରିଆ ସାର ଓ ଅନ୍ୟାନ୍ୟ ସାମଗ୍ରୀ ଛାଡି ପଳାଇଥିଲେ। ଅବକାରୀ ଦଳ ଘଟଣାସ୍ଥଳରୁ ୩ ଶହ କେଜି ମହୁଲ ପୋଚ ଜବତ କରିବା ସହ ୨୫ ଲିଟର ଦେଶୀ ରନ୍ଧାମଦ, ଦୁଇଟି ବଡ ଆଲୁମିନିୟମ ଡେକ୍ଚି, ଅନ୍ୟାନ୍ୟ ସାମଗ୍ରୀ ଜବତ୍ କରିଥିଲେ। ଆଖପାଖ ଜଙ୍ଗଲରେ ଖାନ୍‌ତଲାସୀ କରିଥିଲେ ମଧ୍ୟ ଚୋରା ରନ୍ଧା ମଦ ବେପାରୀଙ୍କ ପତ୍ତା ମିଳି ନ ଥିଲା। ଜବତ୍ ସାମଗ୍ରୀରେ ୟୁରିଆ ସାର ଜବତ୍ ହେବା ପରେ ମଦ ରନ୍ଧାଳୀମାନେ ମଦ ତିଆରି ବେଳେ ସାର ପ୍ରୟୋଗ କରୁଥିବା ସ୍ପଷ୍ଟ ହୋଇଛି। ଅଧିକ ନିଶା ପାଇଁ ମଦରେ ୟୁରିଆ ସାର ବ୍ୟବହାର କରାଯାଉଛି। ଏହାବାଦ୍ ଅଧିକ ନିଶା ପାଇଁ ମଦ ତିଆରି ବେଳେ ରନ୍ଧାଳୀମାନେ ବ୍ୟାଟେରୀ ଗୁଣ୍ଡ ମଧ୍ୟ ସେଥିରେ ପକାଉଥିବା ଜଣାପଡିଛି। ଏଭଳି ଅଖାଦ୍ୟ ପ୍ରୟୋଗ ହେଉଥିବାରୁ ଏହି ରନ୍ଧା ଦେଶୀମଦ ପାନ କରି ଲୋକେ ମୃତ୍ୟୁମୁଖରେ ପଡିବା ଆଶଙ୍କା ବୃଦ୍ଧି ପାଉଛି। କିଛି ବର୍ଷ ପୂର୍ବେ ଜିଲାର ଆଗଲପୁର ବ୍ଲକ ଗଣ୍ଡପାଲିଠାରେ ଏଭଳି ଦେଶୀ ରନ୍ଧାମଦ ପାନ ଯୋଗୁଁ ୭ ଜଣଙ୍କ ମୃତ୍ୟୁ ହୋଇଥିଲା। ଏବେ ପୁଣି ଥରେ ଜିଲାରେ ଏଭଳି ମଦମୃତ୍ୟୁ ଆଶଙ୍କା ଦେଖାଦେଇଛି। ବଲାଙ୍ଗୀର ଅବକାରୀ ଟିମ୍ ଗତ ୨୨ତାରିଖ ରନ୍ଧାମଦ କାରବାରରେ ବରକାନୀ ଉତ୍ସବପାଲି ଗାଁର କୈବର୍ତ୍ତ ବାଗଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୨୩ ତାରିଖ ଦିନ ଦଣ୍ଡପାଣି ଜଙ୍ଗଲରେ ଅତର୍କିତ ଚଢ଼ାଉ କରିଥିଲେ ମଧ୍ୟ ଦେଶୀ ରନ୍ଧାମଦ ପ୍ରସ୍ତୁତକାରୀମାନେ ସେଠାରୁ ଖସି ଯିବାକୁ ସକ୍ଷମ ହୋଇଛନ୍ତି। ତେବେ ବଲାଙ୍ଗୀର-ବରଗଡ ଜିଲା ସୀମାନ୍ତ ଅଞ୍ଚଳରେ ଦୀର୍ଘଦିନରୁ ଦେଶୀ ରନ୍ଧାମଦ କାରବାର ଚାଲିଥିବା ଜଣାପଡିଛି। ଏ ଦିଗରେ ଅବକାରୀ ବିଭାଗ, ଜିଲା ପ୍ରଶାସନ ଓ ପୋଲିସ ବିଭାଗ ତତ୍ପରତା ପ୍ରକାଶ ନ କଲେ ଜିଲାରେ ପୁଣି ଥରେ ମଦମୃତ୍ୟୁ ଆଶଙ୍କା ଦେଖାଦେବା ସ୍ପଷ୍ଟ ହୋଇଛି। ଦେଶୀ ରନ୍ଧାମଦ ବେପାରୀଙ୍କ ସହ ସଲାସୁତରା ଯୋଗୁଁ ଏହି ର୍‍ୟାକେଟ୍‌ର ପର୍ଦ୍ଦାଫାଶ ହେଉ ନ ଥିବା ଏବଂ ଅବକାରୀ ବିଭାଗ ଚଢ଼ାଉ ପାଇଁ ଯିବା ଆଗରୁ ମଦ ପ୍ରସ୍ତୁତକାରୀ ସୂଚନା ପାଇ ସେଠାରୁ ଫେରାର ମାରିବାକୁ ସକ୍ଷମ ହେଉଥିବା ଚର୍ଚ୍ଚାର ବିଷୟ ହୋଇଛି।

### ଜ୍ଞାନବିଜ୍ଞାନ ମେଳାରେ ୨୨୨ ପ୍ରକଳ୍ପ

**ଉଲୁଣ୍ଡା,୨୫।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ସଦରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁବାଟିକାର ୫୯ଟି, ପ୍ରଥମ ଶ୍ରେଣୀର ୨୭ଟି, ଦ୍ୱିତୀୟ ୩୪, ତୃତୀୟ ୨୬, ଚତୁର୍ଥ ୪୦, ପଞ୍ଚମ ୧୫, ଷଷ୍ଠ ୧୦, ସପ୍ତମ ୮ ଏବଂ ଅଷ୍ଟମ ଶ୍ରେଣୀରେ ୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅନୁଷ୍ଠାନର ପ୍ରଧାନଆଚାର୍ଯ୍ୟ ଲବ ଭରାସାଗର ଏବଂ ବିଜ୍ଞାନ ପ୍ରମୁଖ ଶୁଭଶ୍ରୀ କର୍ଣ୍ଣ ମିଳିତ ଭାବେ ମେଳାକୁ ଉଦ୍‌ଘାଟନ କରିଥିଲେ। ଅପରାହ୍ନ ପ୍ରାୟ ଗୋଟାଏ ପର୍ଯ୍ୟନ୍ତ ପ୍ରଦର୍ଶନୀକୁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଆସି ଦେଖିବା ସହ କୁନିକୁନି ବୈଜ୍ଞାନିକଙ୍କୁ ଉତ୍ସାହିତ କରିଥିଲେ। ଶେଷ ପର୍ଯ୍ୟାୟରେ ଶିଶୁବର୍ଗର ମଙ୍ଗେଶ ଆଚାର୍ଯ୍ୟ ଓ ବିମଳେଶ୍ୱର ପୁରୋହିତଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଗୁଡଭେଲା ବିଡିଓ ନିଲମ୍ବିତ

## ସେପ୍ଟେମ୍ବର ୩ ସୁଦ୍ଧା ବ୍ଲକ ଆକାଉଣ୍ଟସ୍ ଅଡିଟ୍ ନିର୍ଦ୍ଦେଶ

**ବଲାଙ୍ଗୀର ଅଫିସ/ଗୁଡଭେଲା (ଡି.ଏନ.ଏ.), ୨୫।୮**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ବିଡିଓ ବିଜ୍ଞାନ କୁମ୍ଭାରଙ୍କୁ ନିଲମ୍ବିତ କରାଯାଇଛି। ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଶନିବାର ଚିଠି କରାଯାଇ ଏ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ଜାରି କରାଯାଇଛି। ଉକ୍ତ ନିର୍ଦ୍ଦେଶନାମାରେ ବିଡିଓ କୁମ୍ଭାରଙ୍କୁ ତାଙ୍କ ମନ୍ଦ ଆଚରଣ ଏବଂ ବିଭାଗୀୟ ନିର୍ଦ୍ଦେଶନାମା ଅବମାନନା ଯୋଗୁଁ ନିଲମ୍ବିତ କରାଯାଇଥିବା ଉଲ୍ଲେଖ କରାଯାଇଛି। ବିଡିଓ କୁମ୍ଭାର ଗୁଡଭେଲା ବ୍ଲକରେ ହେବାକୁ ଥିବା ଆକାଉଣ୍ଟସ୍ ଅଡିଟ୍ ପାଇଁ ଆସିଥିବା ସରକାରୀ ଅଧିକାରୀଙ୍କ ଟିମ୍‌କୁ ପ୍ରତିରୋଧ କରି ଅଡିଟ୍ କରିବାକୁ ଦେଇ ନ ଥିଲେ। ତାଙ୍କର ଏଭଳି ପଦକ୍ଷେପ ଯୋଗୁଁ ବଲାଙ୍ଗୀର ଜିଲାପାଳ, ରାଜ୍ୟ ସରକାର ଅଡୁଆରେ ପଡିବା ସହ ଏହି ବ୍ଲକରେ ଅଡିଟ୍ କାର୍ଯ୍ୟ ସମ୍ପାଦନା ହୋଇ ନ ଥିବା ସୂଚନା ମିଳିଛି। ବିଡିଓଙ୍କ ନିଲମ୍ବନ ନିର୍ଦ୍ଦେଶନାମାକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯିବା ସହ ଆସନ୍ତା ୩ସେପ୍ଟେମ୍ବର ସୁଦ୍ଧା ଏହି ବ୍ଲକ୍‌ର ଅଡିଟ କାର୍ଯ୍ୟକୁ ସମ୍ପାଦନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ରହିଥିବା ଦର୍ଶାଯାଇଛି।

ଗୁଡଭେଲା ବ୍ଲକରେ ୨୦୧୬-୧୭ ଓ ୨୦୧୭-୧୮ଆର୍ଥିକ ବର୍ଷର ସ୍ପେଶାଲ ଅଡିଟ୍ ହୋଇନାହିଁ। ଜିଲାର ଅନ୍ୟ ୧୩ଟି ବ୍ଲକରେ ଅଡିଟ୍ କାର୍ଯ୍ୟ ସମ୍ପାଦନ ହୋଇଥିଲେ ମଧ୍ୟ ବିଡିଓ କୁମ୍ଭାର ଓ କ୍ୟାଶିଅର ପ୍ରଭାତ ମଲ୍ଲିକଙ୍କ ଯୋଗୁଁ ଏଠାରେ ସ୍ପେଶାଲ ଅଡିଟ୍ ହୋଇ ନ ଥିବା ଅଭିଯୋଗ ହୋଇଥିଲା। ଗୁଡଭେଲା ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ଦୋରା ଓ ଅନ୍ୟ ସମସ୍ତ ସମିତି ସଭ୍ୟ ଗୁଡଭେଲା ବ୍ଲକରେ ଘୋର ଅନିୟମିତତା ଓ ସରକାରୀ ଅର୍ଥ ଆତ୍ମସାତ୍ ହୋଇଥିବା ନେଇ ଜିଲାପାଳ, ପଞ୍ଚାୟତିରାଜ ବିଭାଗ ପ୍ରଧାନ ସଚିବଙ୍କୁ ଅଭିଯୋଗ କରିଥିଲେ। ୨୦୧୬-୧୭ ଓ ୨୦୧୭-୧୮ ଆର୍ଥିକ ବର୍ଷରେ ଗୁଡଭେଲା ବ୍ଲକକୁ ଅଡିଟ୍ କରିବା ପାଇଁ ଅଡିଟ୍ ଟିମ୍ ଆସିଥିଲେ ମଧ୍ୟ ବିଭିନ୍ନ ବାହାନା ଦେଖାଇ ବିଡିଓ କୁମ୍ଭାର ଅଡିଟ୍ ଟିମ୍‌କୁ ଅଡିଟ୍ କରିବାକୁ ଦେଇ ନ ଥିବା ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ଜିଲାପାଳ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ମଧ୍ୟ ବିଡିଓ କୁମ୍ଭାରଙ୍କୁ ଚିଠି ଲେଖି ଅବଗତ କରିଥିଲେ ମଧ୍ୟ ସେ ଏହାକୁ ବେଖାତିର କରିଥିବା ଅଭିଯୋଗ ହୋଇଥିଲା। ଫଳରେ ଏହି ବ୍ଲକରେ ଆକାଉଣ୍ଟସ୍ ଅଡିଟ୍ ହୋଇ ନ ଥିଲା। ବିଡିଓଙ୍କ ଏଭଳି କାର୍ଯ୍ୟକଳାପକୁ ନେଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ଅନ୍ୟ ସମିତି ସଭ୍ୟମାନେ ବ୍ଲକ ଘେରାଉ ଚେତାବନୀ ଦେଇଥିଲେ। ବିଡିଓ କୁମ୍ଭାର ଓ କ୍ୟାଶିଅର ମଲ୍ଲିକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଥିଲେ। ବିଡିଓଙ୍କ ବଦଳି ଦାବି କରି ଆନ୍ଦୋଳନ ଧମକ ଦେବା ପରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ଟିଟିଲାଗଡ ବିଧାୟିକାଙ୍କ ମଧ୍ୟରେ ଟଣାଓଟରା ଆରମ୍ଭ ହୋଇଥିବା ଚର୍ଚ୍ଚାର ବିଷୟ ହୋଇଥିଲା। ତେବେ ଶନିବାର ପଞ୍ଚାୟତିରାଜ ବିଭାଗ ପକ୍ଷରୁ ବିଡିଓ କୁମ୍ଭାରଙ୍କୁ ନିଲମ୍ବିତ କରାଯିବାକୁ ବିଭାଗୀୟ ନିର୍ଦ୍ଦେଶନାମା ଜାରି ହେବା ଏବଂ ଗୁଡଭେଲା ବ୍ଲକର ଅଡିଟ୍ ତାରିଖ ଧାର୍ଯ୍ୟ ହେବା ପରେ ଘଟଣା ଅଧିକ ଚର୍ଚ୍ଚାର ବିଷୟ ହୋଇଛି।

### ଟ୍ରାଫିକ ସଚେତନତା ଶିବିର

**ତରଭା, ୨୫।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ଏଇଏସ କଲେଜ ପରିସରରେ ଶନିବାର ଟ୍ରାଫିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଶମ୍ଭୁଭୂଷଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତରଭା ଥାନା ଆଇଆଇସି ସୁରୁବାବୁ ଛତ୍ରିଆ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଏସଆଇ ଅଞ୍ଜଳି ମଲ୍ଲିକ, ଏସ.ଆଇ ନିତେଶ ବେହେରା ଓ ପଶ୍ଚିମାଞ୍ଚଳ ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ମଞ୍ଚାସୀନ ଥିଲେ। ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ ଟ୍ରାଫିକ ନିୟମ ମାନି ଚଳିଲେ ଦୁର୍ଘଟଣା ହ୍ରାସ ହୋଇ ପାରିବେ ବୋଲି ସଚେତନ କରାଇଥିଲେ। ଟ୍ରାଫିକ ସଚେତନତା ସଂଯୋଜକ ଭୋସାଗର ହେଲମେଟର ବ୍ୟବହାର, ଗାଡି ପାର୍କିଂ ବ୍ୟବସ୍ଥା, ଡ୍ରାଇଭିଂ ଲାଇସେନ୍ସର ଆବଶ୍ୟକତା ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ପରେ ଟ୍ରାଫିକ ସଚେତନତା ଉପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଠିକ୍ ଉତ୍ତରଦାତାଙ୍କୁ ପୁରସ୍କୃତ କରାଯାଇଥିଲା।

# ପୋତି ହୋଇଛି ଡ୍ରେନ୍, ରାସ୍ତାରେ ଭାସୁଛି ପାଣି



କାଦୁଅ ଓ ଆବର୍ଜନା ପୂର୍ଣ୍ଣ ରାସ୍ତା।

**ଲୋଇସିଂହା,୨୫।୮(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା କୁମ୍ଭାରପଡା ଛକ ପୂର୍ବ ଗଳି ରାସ୍ତା କାଦୁଅରେ ଭର୍ତ୍ତି ରହିଛି। ଏହି ପଡାରେ ରହୁଥିବା ପରିବାର ଲୋକେ ଯାତାୟାତବେଳେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପ୍ରତିକାର ପାଇଁ ପଡାର ମହିଳାମାନେ ଗତ ପଞ୍ଚାୟତ ବୈଠକରେ ଅଭିଯୋଗ କରିଥିଲେ। ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଅଭିଯୋଗମତେ, ପଞ୍ଚାୟତର ୫ନଂ ୱାର୍ଡରେ ପଡା ଅବସ୍ଥିତ। ପଡାରେ ପ୍ରାୟ ୧୫ ପରିବାର ବସବାସ କରୁଛନ୍ତି। ଡ୍ରେନଗୁଡିକ ପୋତି ହୋଇଯିବା ଯୋଗୁ ଉଦ୍‌ବୃତ୍ତ ବର୍ଷା ଜଳ ନିଷ୍କାସନ ହୋଇ ପାରୁନାହିଁ। ଫଳସ୍ୱରୂପ ଏହିପଡାର ମୁଖ୍ୟ ପ୍ରବେଶ ପଥରେ ବର୍ଷା ଜଳ ଓ କାଦୁଅ ଜମି ରହୁଛି। ଏହି ଗଳିରାସ୍ତା ପାଣି କାଦୁଅରେ ଅପରିଷ୍କାର ହୋଇଯାଇଥିବାରୁ ଲୋକେ ଆବର୍ଜନା କୁଣ୍ଡ ଭାବି ଘରର ବର୍ଜ୍ୟବସ୍ତୁ ପକାଉଥିବାର ଦେଖାଯାଇଛି। ପଞ୍ଚାୟତ ପକ୍ଷର ଶୀଘ୍ର ଏହାର ପ୍ରତିକାର କରା ନ ଗଲେ ମହିଳାମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ୧୮୪ଜଣଙ୍କ ଚକ୍ଷୁ ପରୀକ୍ଷା ହେଲା

**ସୋନପୁର,୨୫।୮(ନି.ପ୍ର.)**

ସୋନପୁର ରାଜ କଲେଜରେ ମାଗଣା ଚକ୍ଷୁ ପରୀକ୍ଷଣ ଶିବିର ଶନିବାର ଆୟୋଜିତ ହୋଇଯାଇଛି। ଯୁବ ରେଡକ୍ରସ ଶାଖା ପକ୍ଷରୁ ମହାନଦୀ ନେତ୍ର ଚିକିତ୍ସାଳୟର ପଣ୍ଡାପାଲି, ବୀରମହାରାଜପୁର ସହଯୋଗରେ ଶିବିର ଆୟୋଜିତ ହୋଇଥିଲା। ଶିବିରରେ କଲେଜର ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ମୋଟ ୧୮୪ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୫ଜଣଙ୍କର ଚକ୍ଷୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ ହୋଇଛି। ସେହିପରି ୯୦ଜଣଙ୍କୁ ଚଷମା ପିନ୍ଧିବାକୁ ପରାମର୍ଶ ଦିଆଯାଇଛି। ନେତ୍ର ଚିକିତ୍ସାଳୟର ଚକ୍ଷୁ ସହାୟକ ସୁଜିତ କୁମାର ଥାପାଙ୍କ ନେତୃତ୍ୱରେ ଟେକ୍‌ନିସିଆନ ସତ୍ୟନାରାୟଣ ଦାସ, ଭି. ଟି ବିକାଶ ମେହେର, ଗୌତମ କୁମ୍ଭାର, ନିମାଇଁ ଚରଣ ଦଳବେହେରା, ଭକ୍ତ ଚରଣ ରଣା ଓ ଅନିଲ କୁମାର ଚକ୍ଷୁ ପରୀକ୍ଷା କରିଥିଲେ। କଲେଜର ଅଧ୍ୟକ୍ଷ ଡ. କେଦାରନାଥ ମିଶ୍ର, ଉପାଧ୍ୟକ୍ଷ ଭାସ୍କର ପ୍ରସାଦ ମିଶ୍ର, ଗଣିତ ପ୍ରାଧ୍ୟାପକ ପଲସ୍ତି ସାହୁ, ପଦାର୍ଥ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ତରୁଣ କୁମାର ମିଶ୍ର ପ୍ରମୁଖ ଶିବିରକୁ ଉଦ୍‌ଘାଟନ କରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘୋଷା, ସ୍ତ୍ରୀ, ଧନ;**
**ଆଖିରୁ ନ କରିବ ଆନ।**

କିଛି ପାଠକୁ ଘୋଷି ଘୋଷି ମନେରଖିବାକୁ ପଡ଼ିଥାଏ। ସେହି ପାଠକୁ ସବୁଦିନ ନ ପଢ଼ିଲେ ବା ନ ଦେଖିଲେ ପାଠ ଭୁଲିଯିବାର ସମ୍ଭାବନା ରହିଥାଏ। ସ୍ତ୍ରୀ ଏକାନ୍ତ ବ୍ୟକ୍ତିଗତ, ତା'ର ଭଲମନ୍ଦ ଦିଗ ପ୍ରତି ଦୃଷ୍ଟିଦେବା ସ୍ୱାମୀର କର୍ତ୍ତବ୍ୟ ହୋଇଥାଏ। ସେହିପରି ନିଜ ଧନ, ସମ୍ପତ୍ତି ପ୍ରତି ସତର୍କ ଦୃଷ୍ଟି ନ ଦେଲେ ତାହା ନଷ୍ଟ ବା ଚୋରି ହୋଇଯିବାର ଆଶଙ୍କା ରହିଥାଏ। ତେଣୁ ଏସବୁ ଉପରେ ସର୍ବଦା ଦୃଷ୍ଟିଦେବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଘଇତାର ଷାଠିଏ କାହାଣ ଋଣ,**
**ମାଇପ ବୋଲେ ମୋ ପେଇଁ ପଇଞ୍ଚ ପଟେ ଆଣ।**

ସ୍ୱାମୀର ରୋଜଗାର ଉପରେ ସ୍ତ୍ରୀର ଅଧିକାର ଥାଏ। ସ୍ୱାମୀର ଆୟ ଦେଖି ନିଜର ଆବଶ୍ୟକତା ପୂରଣ କରିବା ସ୍ତ୍ରୀ ପକ୍ଷେ ଶୋଭାପାଇଥାଏ। ପରନ୍ତୁ ସ୍ୱାମୀ ଯେତେବେଳେ ଋଣଗ୍ରସ୍ତ ସେତେବେଳେ ସ୍ତ୍ରୀ ଧର୍ମ ରକ୍ଷା ନ କରି ନିଜ ସଉକ ପୂରଣ ପାଇଁ ଅଡିବସିବା ସ୍ତ୍ରୀ ପକ୍ଷେ ଅବିବେକୀର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ଏମ୍ସ ସାଟେଲାଇଟ୍ ସେଣ୍ଟର ଲାଗି ଶିଳାନ୍ୟାସ

# 'ବିକାଶରେ ଯୋଡ଼ିହେଲା ସ୍ୱର୍ଣ୍ଣିମ ଅଧ୍ୟାୟ'

**ବାଲେଶ୍ୱର ଅଫିସ/ରେମୁଣା, ୨୫।୮(ଡି.ଏନ.ଏ.)**



ଏମ୍ସ ସାଟେଲାଇଟ୍ ସେଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଉପସ୍ଥିତ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ରବୀନ୍ଦ୍ର ଜେନା ଓ ରେମୁଣା ବିଧାୟକ ଗୋବିନ୍ଦ ଦାସ।

ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ର ଉପକେନ୍ଦ୍ର ଭାବେ ବାଲେଶ୍ୱରଠାରେ ପ୍ରସ୍ତାବିତ ସାଟେଲାଇଟ୍ ସେଣ୍ଟର ପ୍ରତିଷ୍ଠା ଲାଗି ଶନିବାର ଅପରାହ୍ନରେ ଶିଳାନ୍ୟାସ କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଏବଂ କେନ୍ଦ୍ର ପେଟ୍ରୋଲିୟମ୍ ଓ ଦକ୍ଷତା ବିକାଶ ବିଭାଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଭିତ୍ତିପ୍ରସ୍ତର ସ୍ଥାପନ କରି ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇଥିଲେ। କୌଣସି କାମ ଏକକାଳୀନ ଶେଷ ହୋଇପାରେ ନାହିଁ। ପର୍ଯ୍ୟାୟକ୍ରମେ କରିବାକୁ ପଡିଥାଏ। ବାଲେଶ୍ୱରଠାରେ ଏହି ସେଣ୍ଟର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଲୋକଙ୍କୁ ଉତ୍ତମମାନର ଚିକିତ୍ସା ସେବା ଯୋଗାଇ ଦିଆଯିବ। ରାଜନୀତିଠାରୁ ଏହାକୁ ଊର୍ଦ୍ଧ୍ୱରେ ରଖି କାର୍ଯ୍ୟ କରାଯିବ। ଏଠାରେ ଏମ୍ସ ସାଟେଲାଇଟ ସେଣ୍ଟର ସ୍ଥାପନ ବିକାଶ କ୍ଷେତ୍ରରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ନଡ୍ଡା ବକ୍ତବ୍ୟରେ କହିଥିଲେ।

ସାଢେ ୪ ବର୍ଷ ଶାସନକାଳ ମଧ୍ୟରେ କେନ୍ଦ୍ରରେ ଏନଡିଏ ସରକାର ପୂର୍ବ ପ୍ରସ୍ତାବିତ ଏହି ସେଣ୍ଟର ନିର୍ମାଣ କାର୍ଯ୍ୟ କରିପାରି ନ ଥିବାରୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। କେନ୍ଦ୍ରମନ୍ତ୍ରୀ ନଡ୍ଡାଙ୍କ ଭାଷଣରେ ଏହି ସମାଲୋଚନାର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ବାଲେଶ୍ୱର ଜିଲାର ଅନ୍ୟ ବିଧାୟକମାନଙ୍କର ଅନୁପସ୍ଥିତି ବାରି ହୋଇପଡିଥିଲା। ବାଲେଶ୍ୱର ସଦର ୧୬ନଂ ଜାତୀୟ ରାଜପଥ ନିକଟସ୍ଥ ରେମୁଣା ବ୍ଲକ ବାମପଦାଠାରେ ସାଟେଲାଇଟ୍ ସେଣ୍ଟର ନିର୍ମାଣ ଲାଗି ରାଜ୍ୟ ସରକାର ଯୋଗାଇ ଦେଇଥିବା ୨୫ ଏକର ଜମିରେ ଏହି ସେଣ୍ଟର ନିର୍ମାଣ କରାଯିବ। ଉକ୍ତ ଏମ୍ସ ପଡ଼ିଆ ପରିସରରେ ଆୟୋଜିତ ସଭାରେ କେନ୍ଦ୍ରମନ୍ତ୍ରୀ ନଡ୍ଡା କେନ୍ଦ୍ରସରକାରଙ୍କର 'ଆୟୁଷ୍ମାନ ଭାରତ ଯୋଜନା' ଉପରେ ଆଲୋକପାତ କରି ରାଜ୍ୟ ସରକାର 'ଆଧାର' ଆଳରେ ଏହାକୁ ରାଜନୀତୀକରଣ କରିବା ଦୁଃଖର ବିଷୟ ବୋଲି ପ୍ରକାଶ କରିଥିଲେ। ଉକ୍ତ ଯୋଜନାରେ ସାଧାରଣ ଲୋକେ ୫ଲକ୍ଷ ଟଙ୍କା ଲେଖାଏଁ ସ୍ୱାସ୍ଥ୍ୟବୀମା ସୁବିଧା ପାଇ ପାରିବେ। ବାଲେଶ୍ୱରବାସୀ ବମ୍ବେ, ଦିଲ୍ଲୀ, ଚେନ୍ନାଇ, କୋଲକାତା ଭଳି ସହରରେ ରହୁଥିଲେ ମଧ୍ୟ ଯୋଜନାର ସୁଫଳ ଓ ସ୍ୱାସ୍ଥ୍ୟସେବା ପାଇପାରିବେ। ଆଧାର ସହ ସେବାକୁ ଲିଙ୍କ୍ କରାଗଲେ ଅନ୍ୟ ପରିଚୟ ଆବଶ୍ୟକ ପଡିବ ନାହିଁ। ଓଡିଶାରେ ୯୩ ପ୍ରତିଶତ ଲୋକ ଆଧାର ସହିତ ଯୋଡ଼ି ହୋଇ ରହିଛନ୍ତି ବୋଲି ସେ କହିଥିଲେ। ଏହି ଅବସରରେ ପ୍ରତିତିନି ସଂସଦୀୟ କ୍ଷେତ୍ରରେ ଗୋଟିଏ ମେଡିକାଲ କଲେଜ ଏବଂ ପ୍ରତି ରାଜ୍ୟରେ ଗୋଟିଏ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଲାଗି ମନ୍ତ୍ରାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ମୋଟ ୨୪ ନୂଆ ମେଡିକାଲ କଲେଜ ହେବ। ଏଥିମଧ୍ୟରେ ଭଦ୍ରକ, ଯାଜପୁର ଏବଂ ଢେଙ୍କାନାଳ ସଂସଦୀୟ କ୍ଷେତ୍ରରେ ଗୋଟିଏ ଲେଖାଏ ମେଡିକାଲ କଲେଜ ହେବ। ସେହିପରି କଟକ, ବ୍ରହ୍ମପୁର ଓ ବୁର୍ଲା ମେଡିକାଲ କଲେଜରେ ସୁପର ସ୍ପେଶାଲିଟି ବ୍ଲକ ପାଇଁ ୫୬୦ କୋଟି ଟଙ୍କାର ବ୍ୟୟବରାଦ ହୋଇଛି ବୋଲି ସେ ସୂଚନା ଦେଇଥିଲେ।

- 'ଆୟୁଷ୍ମାନ ଭାରତ ଯୋଜନା' ପ୍ରସଙ୍ଗ ଉଠାଇଲେ ନଡ୍ଡା
- ଭଦ୍ରକ, ଯାଜପୁର, ଢେଙ୍କାନାଳରେ ହେବ ମେଡିକାଲ କଲେଜ
- କଟକ, ବ୍ରହ୍ମପୁର, ବୁର୍ଲା ମେଡିକାଲ କଲେଜରେ ସୁପର ସ୍ପେଶାଲିଟି ବ୍ଲକ ଲାଗି ବ୍ୟୟବରାଦ
- ଧର୍ମେନ୍ଦ୍ର କହିଲେ, 'ମୁଁ ନରେନ୍ଦ୍ର ମୋଦିଙ୍କ ହନୁମାନ, ଲାଙ୍ଗୁଡ଼ରେ ନିଆଁ ଲଗାଅ ନାହିଁ'

କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ପ୍ରଧାନ ସଭାରେ ଉଦ୍‌ବୋଧନ ଦେଇ କହିଥିଲେ, ଏମ୍ସ ସାଟେଲାଇଟ୍ ସେଣ୍ଟର ସ୍ୱାସ୍ଥ୍ୟସେବାରେ ନୂଆ ଆନ୍ଦୋଳନ ସୃଷ୍ଟି କରିବ। ପରେ ଏହାକୁ ୩ଶହ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶିଆଲିଟି ହସ୍‌ପିଟାଲରେ ପରିଣତ କରାଯିବ। ଏହି ଅବସରରେ ପେଟ୍ରୋଲ ଦର ବୃଦ୍ଧିର କାରଣ ଉପରେ ଟିପ୍ପଣୀ ଦେଇ ବକ୍ତବ୍ୟ ସୁଲଭ ଢଙ୍ଗରେ ସେ କହିଥିଲେ, 'ମୁଁ ନରେନ୍ଦ୍ର ମୋଦିଙ୍କ ହନୁମାନ। ମୋ ଲାଙ୍ଗୁଡ଼ରେ ନିଆଁ ଲଗାଅ ନାହିଁ। ଆୟୁଷ୍ମାନ ଯୋଜନା ଦେଶର ଗରିବଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସବୁଠୁ ବଡ ଯୋଜନା। ଏହାକୁ ରାଜ୍ୟ ପକ୍ଷରୁ ବିରୋଧ କରାଯିବା ଚିନ୍ତାର ବିଷୟ।'

ଶିଳାନ୍ୟାସ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ (ଆଇଟିଆର୍) ନିର୍ଦ୍ଦେଶକ ବିନୟ କୁମାର ଦାସ, କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ସୁନୀଲ କୁମାର ଶର୍ମା, ଉପସଚିବ ପ୍ରଦୀପ କୁମାର ରାୟ, ପୂର୍ବତନ ସଚିବ ସନ୍ଦୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱର ଏମ୍ସ ଶାଖା ନିର୍ଦ୍ଦେଶିକା ଡା. ଗୀତାଞ୍ଜଳି ସ୍ୱାଗତ ଭାଷଣ ଦେଇଥିଲେ। ସେ ମଧ୍ୟ ଅତିଥିମାନଙ୍କୁ ଉତ୍ତରୀୟ ଏବଂ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ। ଏମ୍ସର କର୍ମଚାରୀ ସୁବ୍ରତ ପତି ମଞ୍ଚ ପରିଚାଳନା କରିଥିଲେ।



“ ବିପଦରେ ପଡ଼ି ଘାଣ୍ଟି ହେଲେ ଓ କ୍ଷତି ସହିଲେ
ହିଁ ଲୋକ ବିଜ୍ଞ ଓ ନମ୍ର ହୋଇଯାଏ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ସାପ କାମୁଡ଼ାରେ ନାବାଳିକା ମୃତ

**ରାଉରକେଲା ଅଫିସ/ ବେଦବ୍ୟାସ, ୨୫।୮ (ଡି.ଏନ.ଏ.)**- ସାପ କାମୁଡାରେ ଗୁରୁତର ଜଣେ ନାବାଳିକାଙ୍କ ଶନିବାର ସକାଳୁ ଚିକିତ୍ସାଧୀନ ଅବସ୍ଥାରେ ଆରଜିଏଚରେ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବିରକେରା କାଲୁଆ ଟୋଲା ଅଞ୍ଚଳ ବାସିନ୍ଦା କାଇତୁ ଏକ୍କାଙ୍କ ଝିଅ ପାର୍ବତୀ(୧୩)। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ ୩୮/୧୮) ରୁଜୁ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ସୂଚନାନୁସାରେ ପାର୍ବତୀ ଶୁକ୍ରବାର ଘରେ ଶୋଇଥିବା ବେଳେ ରାତି ପ୍ରାୟ ୨ଟା ସମୟରେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ) ଆଣିଥିଲେ ହେଁ ସକାଳ ୬ଟାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

**ରାଉରକେଲା ଅଫିସ,୨୫।୮**- ଶିବାଜୀ ମାର୍ଗଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି। ଏଥିରେ ହୃଷୀକେଶ ରାୟ ମହାବିଦ୍ୟାଳୟ ଅଧକ୍ଷ ଭବେଶ ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସଂକୁଳ ପ୍ରମୁଖ ହରିଶ୍ଚନ୍ଦ୍ର ପାଣିଗ୍ରାହୀ, ସଂକୁଳ ସଂଯୋଜକ ସୁରେଶ ଶତପଥୀ, ବିଦ୍ୟାଳୟ ପରିଚାଳନା କମିଟି ସହ ସଚିବ ନିରୋଦ ମହାପାତ୍ର, ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ମିଶ୍ର ଓ ଜଗଦା ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ୨୭୦ଜଣ ବିଦ୍ୟାର୍ଥୀ ଭାଗ ନେଇଥିଲେ। ୪୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

### କେରଳ ବନ୍ୟାବିପନ୍ନଙ୍କ ପାଇଁ ରିଲିଫ ସଂଗ୍ରହ

**ରାଉରକେଲା ଅଫିସ,୨୫।୮**- ଭାରତ ଗଣତାନ୍ତ୍ରିକ ଯୁବ ସଂଗଠନ(ଡିୱାଇଏଫଆଇ) ପକ୍ଷରୁ କେରଳ ବନ୍ୟା ବିପନ୍ନଙ୍କ ପାଇଁ ରିଲିଫ ସଂଗ୍ରହ ଆରମ୍ଭ କରାଯାଇଛି। ଏଥିରେ ସଂଗଠନର ବହୁ ଯୁବକ ସାମିଲ ହୋଇଛନ୍ତି। ସହରର ବିଭିନ୍ନ ସ୍ଥାନ ବୁଲି ଲୋକଙ୍କୁ ସ୍ୱେଚ୍ଛାକୃତ ଭାବେ ସକ୍ଷମ ଅନୁସାରେ ଦାନ ଦେବାକୁ ନିବେଦନ କରିଛନ୍ତି। କେରଳରେ ପ୍ରଳୟଙ୍କରୀ ବନ୍ୟା ଯୋଗୁ ଶତାଧିକଙ୍କ ଜୀବନ ହାନି ଘଟିଛି। ଲକ୍ଷାଧିକ ବାସିନ୍ଦା ବାସହରା ହୋଇ ଭୋକ ଉପାସରେ ପଡି ରହିଛନ୍ତି। ଏପରି ଅବସ୍ଥାରେ ଲୋକେ ବିଭିନ୍ନ ରିଲିଫ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି। ଏଥିରେ କିଛି ଓଡିଆ ମଧ ଅତି ଦୁଃଖଦ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ଓଡିଶା ସମେତ ବିଭିନ୍ନ ରାଜ୍ୟରୁ ସହଯୋଗ କରାଯାଉଛି ବନ୍ୟା ଦୁର୍ଗତଙ୍କୁ। ଏପରି ଅବସ୍ଥାରେ ଡିୱାଇଏଫଆଇ ସୁନ୍ଦରଗଡ ଜିଲା କମିଟି ପକ୍ଷରୁ ରିଲିଫ ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି। ଜିଲା ସଭାପତି ରାଜକିଶୋର ପ୍ରଧାନ, ବିଶ୍ୱଜିତ ମାଝି, ବିନୟ ବେହୁରିଆ, ଦିବାକର ମହାରଣା, ହିତେଶ ମଲ୍ଲିକ, ଶ୍ରମିକ ନେତା ଶ୍ରୀମନ୍ତ ବେହେରା, ବି.ପି. ମହାପାତ୍ର, ଅରୁ ଦାସ ଓ କିଶୋର ତନ୍ତୀ ପ୍ରମୁଖ ସାମିଲ ହୋଇଥିଲେ।

## ଆର୍‌ଏସ୍‌ପି ୫ନଂ. ବ୍ଲାଷ୍ଟ ଫର୍ନେସରେ ଅଘଟଣ

# ଗରମ ପାଣି ପଡ଼ି ଶ୍ରମିକ ଗୁରୁତର

**ରାଉରକେଲା ଅଫିସ,୨୫।୮**

ଆରଏସପିରେ ଗତ ବୁଧବାର ପୂର୍ବାହ୍ନ ସାଢେ ୧୧ଟାରେ ଅଘଟଣ ଘଟିଛି। ହେଲେ ଶନିବାର ଏହା ପଦାକୁ ଆସିଛି। ସେଦିନ ୫ନଂ. ବ୍ଲାଷ୍ଟ ଫର୍ନେସରେ ମାସିକିଆ ଶଟ୍‌ ଡାଉନ କାମ ଚାଲିଥିଲା। ଏତିକି ବେଳେ କାଷ୍ଟ ହାଉସ ଟେରୋମିଟରରେ ସଂଯୁକ୍ତ ହୋସ ପାଇପ ଖୋଲାଯିବା ସମୟରେ ଠିକାଶ୍ରମିକ ସୁବାସ ପାଣିଗ୍ରାହୀ, ଶିବୁ ଦେ ଓ ସୁରେଶ ନାୟକ ଫୁଟନ୍ତା ଗରମ ପାଣି ସଂସ୍ପର୍ଶରେ ଆସି ଦୁର୍ଘଟଣାର ଶିକାର ହୋଇଛନ୍ତି। ଗୁରୁତର ଠିକା ଶ୍ରମିକ ପାଣିଗ୍ରାହୀଙ୍କୁ ଆଇଜିଏଚ ପଠାଯାଇଥିଲା। ତାଙ୍କ ଅବସ୍ଥା ସଂକଟାପର୍ଣ୍ଣ ରହିଥିବା ବେଳେ ସେ ଆଇଜିଏଚ ବର୍ନ ସେଣ୍ଟର ୪ ନଂ ବେଡ୍‌ରେ ରହି ଚିକିତ୍ସିତ ହେଉଛନ୍ତି। ତାଙ୍କ ଶରୀରର ଡାହାଣ ହାତ, ପେଟ ଓ ପିଠି ଫର୍ନେସରୁ ବାହାରୁଥିବା ଫୁଟନ୍ତା ଗରମ ପାଣି ପଡିବାରୁ ୬୦ ପ୍ରତିଶତ ସିଝି ଯାଇଛି। ତେବେ ଏପରି ଦୁର୍ଘଟଣା

**ଢିଲା ସୁରକ୍ଷା ବ୍ୟବସ୍ଥା**

ମନୁଷ୍ୟକୃତ ଓ ଅକ୍ଷମଣୀୟ ବୋଲି କହିଛନ୍ତି ହିନ୍ଦ୍‌ ମଜଦୁର ସଭା ନେତା ଶିବଚରଣ ବୋଇତି। କର୍ତ୍ତୃପକ୍ଷଙ୍କ ବେଖାତିର ମନୋଭାବ ଯୋଗୁ ନିରିହ ଶ୍ରମିକ ଜଣଙ୍କ ଆଜି ଜୀବନ ସହ ସଂଗ୍ରାମ କରୁଛନ୍ତି।

ସର୍ବଦା ଆରଏସ୍‌ପି କର୍ତ୍ତୃପକ୍ଷ ସୁରକ୍ଷା ବ୍ୟବସ୍ଥା ପ୍ରତି ଅଣଦେଖା ମନୋଭାବ ପୋଷଣ କରୁଛନ୍ତି ବୋଲି ବୋଇତି ଅଭିଯୋଗ କରିଛନ୍ତି। ଯଦି ସମ୍ପୃକ୍ତ ଠିକା ଶ୍ରମିକଙ୍କୁ ସୁରକ୍ଷା ନିୟମ ସମ୍ପର୍କରେ ବୁଝାଯାଇ ଘଟଣା ସ୍ଥଳକୁ ପଠାଯାଇଥାନ୍ତା ତାହା ହେଲେ ଏହି ଦୁର୍ଘଟଣା ଘଟି ନ ଥାନ୍ତା ବୋଲି ସେ ମତ ପ୍ରକାଶ କରିଛନ୍ତି। ଏପରି ଅବସ୍ଥାରେ ରାଜ୍ୟ ସରକାରଙ୍କ କାରଖାନା ଓ ବାଷ୍ପିତ ବିଭାଗ ସହକାରୀ ନିର୍ଦ୍ଦେଶକ ଘଟଣାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଗଠନ ପକ୍ଷରୁ ଦିଗମ୍ବର ମହାନ୍ତି, ହରେକୃଷ୍ଣ ପାଢ଼ୀ, ମହେଶ୍ୱର ମହାପାତ୍ର, ପ୍ରଫୁଲ୍ଲ ପଣ୍ଡା ଓ ସଂଜିତଲାଲ ମୁଖୀ ପ୍ରମୁଖ ଏକ ବିବୃତିରେ ଦାବି କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଆହତ ଅନ୍ୟ ଦୁଇ ଶ୍ରମିକଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଥିଲା।



ବେଆଇନ ନିର୍ମାଣ ଉଚ୍ଛେଦ ଚାଲିଛି।

## ବେଆଇନ ନିର୍ମାଣ ଭାଙ୍ଗିଲା ମହାନଗର ନିଗମ

**ରାଉରକେଲା ଅଫିସ,୨୫।୮**

ପୁରୁଣା ଟ୍ୟାକ୍ସି ଷ୍ଟାଣ୍ଡ ନିକଟ ନାଳ ଉପରେ ହୋଇଥିବା ବେଆଇନ ନିର୍ମାଣକୁ ଶନିବାର ମହାନଗର ନିଗମ ପକ୍ଷରୁ ଭାଙ୍ଗି ଦିଆଯାଇଛି। ନାଳ ଉପରେ ଏଭଳି ଜବରଦଖଲ ଯୋଗୁ ଜଳ ନିଷ୍କାସନ ହୋଇ ପାରୁ ନ ଥିଲା। ବାରମ୍ବାର ସଫେଇ ସତ୍ତ୍ୱେ ଅକାମୀ ରହୁଥିଲା ଏହି ନାଳ। ଏପରି ଅବସ୍ଥାରେ ସ୍ଥାନୀୟ ବାସିନ୍ଦାଙ୍କ ସହମତି କ୍ରମେ ନାଳ ଉପରେ ଜବର ଦଖଲ ଉଚ୍ଛେଦ କରିଛି ଆରଏମ୍‌ସି। ଏଣିକି ଆଉ ବର୍ଷା ଜଳ ନିଷ୍କାସନରେ ସମସ୍ୟା ଉପୁଜିବ ନାହିଁ ବୋଲି କୁହାଯାଉଛି।



ବୈଜ୍ଞାନିକ ମନୋଭାବ ବିକାଶ ନେଇ ଏକ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥି।

## ବୈଜ୍ଞାନିକ ମନୋଭାବ ବିକାଶ ନେଇ ପ୍ରଶିକ୍ଷଣ ଶିବିର

**ରାଉରକେଲା ଅଫିସ,୨୫।୮**

ବୈଜ୍ଞାନିକ ମନୋଭାବ ବିକାଶ ନେଇ ଏକ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ଡ. ଶଶୀକାନ୍ତ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପ୍ରଫେସର ଧନେଶ୍ୱର ସାହୁ, ଆଲୋଚକ ଭାବେ ଡ. ଅଜିତ ବେହେରା, ସାମାଜିକ କର୍ମୀ ସତ୍ୟପ୍ରିୟ ମହାନ୍ତି, ଅଧାପିକା ରାଜବାଳା ତ୍ରିପାଠୀ, ରାମକୃଷ୍ଣ ବିଶ୍ୱାଳ, ସାମାଜିକ କର୍ମୀ ବିଘ୍ନେଶ୍ୱର ସାହୁ ଓ ଆଡଭୋକେଟ ଅର୍ଜ୍ଜୁନ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ସଭାପତି ଆଚାର୍ଯ୍ୟ ଏଥିରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବା ପଛରେ ରହିଥିବା ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ସାମାଜିକ କର୍ମୀ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନାରେ ମୁଖ୍ୟଅତିଥି ସାହୁ ବୈଜ୍ଞାନିକ ମନୋଭାବ କ'ଣ ଓ କାହିଁକି ଉପରେ ନିଜ ମତ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ବିଜ୍ଞାନ ଦୁଇଟି ମୌଳିକ ସିଦ୍ଧାନ୍ତ ଉପରେ ପର୍ଯ୍ୟବସିତ।

ପ୍ରଥମ ସିଦ୍ଧାନ୍ତ ଯାହା ଘଟୁଛି ତାହା ପ୍ରାକୃତିକ। ପ୍ରତ୍ୟେକ ଘଟଣା ବିଷୟରେ ଆମେ ଜାଣୁ ବା ନ ଜାଣୁ ଏହାର ପ୍ରାକୃତିକ କାରଣ ରହିଛି। ବିଜ୍ଞାନ ଓ ଟେକ୍ନୋଲୋଜି ମଧ୍ୟରେ ରହିଥିବା ପ୍ରାର୍ଥକ୍ୟ ଉପରେ ସାହୁ ଆଲୋକପାତ କରି ଅନେକ ଶିକ୍ଷଣୀୟ ତଥ୍ୟ ପ୍ରଦାନ କରିଥିଲେ। ଡ. ଅଜିତ ବେହେରା ବୈଜ୍ଞାନିକ ସୃଷ୍ଟି ତତ୍ତ୍ୱ ଉପରେ ସବିଶେଷ ଆଲୋଚନା କରିଥିଲେ। ବକ୍ତା ସତ୍ୟପ୍ରିୟ ମହାନ୍ତି ଏହି ଅବସରରେ ନାରୀ ସଚେତନତା ଉପରେ ନିଜ ମତ ପ୍ରକାଶ କରିଥିଲେ। ସେହିଭଳି ଅନ୍ୟ ମଞ୍ଚାସୀନ ଅତିଥି ମଧ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରି କୁଶିକ୍ଷା, ଅଶିକ୍ଷା ଓ ଅନ୍ଧବିଶ୍ୱାସ ଦୂର ନେଇ ଗୁରୁତ୍ୱାରୋପ କରିଥିଲେ। ଏଥିରେ ରାମଚନ୍ଦ୍ର ଷଡଙ୍ଗୀ, ଅଦିତି ବେହେରା, ବାସନ୍ତୀ ଆଚାର୍ଯ୍ୟ, ବିକ୍ରମ ନାୟକ, ଅଦ୍ୱୈତ ବିଶ୍ୱାଳ, କୁଞ୍ଜବିହାରୀ ରାଉତ, ଗଗନବିହାରୀ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ହେମନ୍ତ ତାଣ୍ଡିଆ ଧନ୍ୟବାଦ ପ୍ରଦାନ କରିଥିଲେ।

## ଗ୍ରାମ୍ୟ ଜଳଯୋଗାଣ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟିଲେ ବିଜେଡି ସମ୍ପାଦକ

**ସୁନ୍ଦରଗଡ଼, ୨୫।୮ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ତଳସରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସବଡେଗା ବ୍ଲକ ଡମକୁଡା ଗ୍ରାମପଞ୍ଚାୟତର ବଣପାହାଡ ଘେରା ଗାଁ ପେରୁଆଭାଡି ଗ୍ରାମରେ ବସବାସ କରୁଥିବା ୩୦ଟି ପରିବାରର ପ୍ରାୟ ୧୪୦ଜଣଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଅପହଞ୍ଚ ହୋଇଛି। ସେମାନେ ପାଖରେ ଥିବା ଝରଣା ଓ କୂଆର ଦୂଷିତ ଜଳ ଉପରେ ନିର୍ଭରଶୀଳ। ଏହି ଜଳ ବ୍ୟବହାର କରି ଗ୍ରାମବାସୀ ଅନେକ ସମୟରେ ଝାଡାବାନ୍ତି ଭଳି ମହାମାରୀ ରୋଗ ଭୋଗିଥାଆନ୍ତି। ହାତୀ ଉପଦ୍ରବ ମଧ୍ୟ ଲାଗିରହିଥିବାରୁ ଗ୍ରାମବାସୀ ବର୍ଷସାରା ଫସଲହାନି ଯୋଗୁ କ୍ଷତିଗ୍ରସ୍ତ ହୋଇଛନ୍ତି। ହାତୀ ଉପଦ୍ରବ ଯୋଗୁ ଘଟୁଥିବା କ୍ଷୟକ୍ଷତି ଓ ଏହାର ନିରାକରଣ ପାଇଁ ଜିଲା ବିଜେଡି ସମ୍ପାଦକ ସୁଦାମ ଭୋଇ ଏହି ଗ୍ରାମକୁ ପରିଦର୍ଶନରେ ଯାଇଥିବା ବେଳେ ଗ୍ରାମବାସୀଙ୍କ ପାନୀୟଜଳ ସମସ୍ୟା ଅଭିଯୋଗ ପାଇଥିଲେ। ପରେ ଶନିବାର ଜିଲା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ନାଥ ନାଏକଙ୍କୁ ସାକ୍ଷାତ କରି ଏହାର ପ୍ରତିକାର ନିମନ୍ତେ ଦାବି କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ସେକ୍ଟର-୯ ଦୁର୍ଗାପୂଜା କମିଟି ବୈଠକରେ ନୂଆ କର୍ମକର୍ତ୍ତା ଚୟନ

**ରାଉରକେଲା ଅଫିସ,୨୫।୮**

ସେକ୍ଟର-୯ ଦୁର୍ଗା ପୂଜା କମିଟି ବୈଠକ ସ୍ଥାନୀୟ କମ୍ୟୁନିଟି ସେଣ୍ଟରଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ସଦାଶିବ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ସାଧାରଣ ସମ୍ପାଦକ ଜୟନ୍ତ ମଲିକ ସଂଯୋଜନା କରିଥିଲେ। ଏହି ଅବସରରେ ଗତ ଦୁର୍ଗା ପୂଜା ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ କୋଷାଧକ୍ଷ ରାଜେନ୍ଦ୍ର ଜେନା। ଏହାକୁ ସର୍ବ ସମ୍ମତିକ୍ରମେ ଗ୍ରହଣ କରାଯିବା ପରେ ଚଳିତ ପୂଜା ପାଳନ ନେଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ରୂପେ ଦିଲ୍ଲୀପ ପ୍ରଧାନ ଓ କାର୍ଯ୍ୟକାରୀ ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କୁ ଦାଇତ୍ୱ ପ୍ରଦାନ କରାଯାଇଥିଲା। ଉପସଭାପତି ଭାବେ ସୁଦେବ ମହାନ୍ତି, ପ୍ରଫୁଲ୍ଲ ରାଉତ, ଉମାକାନ୍ତ ସାହୁ, ରବିନାରାୟଣ ପରିଡ, ମହେନ୍ଦ୍ର ଦାସ ଓ ଭାଗବତ ନାୟକଙ୍କୁ ଚୟନ କରାଯାଇଥିଲା। ସାଧାରଣ ସମ୍ପାଦକ ରୂପେ ପ୍ରଶାନ୍ତ ଗଡନାୟକ ରହିଥିବା ବେଳେ ସଂଗଠନ ସମ୍ପାଦକ ଦାଇତ୍ୱରେ ପ୍ରସନ୍ନ ମହାନ୍ତି ଓ ସତ୍ୟନାରାୟଣ ସେଠଙ୍କୁ ନୂତନ ଦାଇତ୍ୱ ପ୍ରଦାନ କରାଯାଇଥିଲା। ସେହିଭଳି ଯୋଗାଯୋଗ ତଥା ସମନ୍ୱୟ ସମ୍ପାଦକ ରୂପେ ବିଜୟ ସାହୁଙ୍କୁ ଚୟନ କରାଯାଇଥିବା ବେଳେ ସହ ସମ୍ପାଦକ ଭାବେ ଜଗଦୀଶ ବେହେରା, ସୋମାୟା ସୋରେନ, ରାଜେନ୍ଦ୍ର ଜେନା, ରାକେଶରଞ୍ଜନ ଦାସ, ଗଦାଧର ବେହେରା ଓ ପରିକ୍ଷୀତ ଗୁରୁଙ୍କୁ ମନୋନୀତ କରାଯାଇଛି। କମିଟି କୋଷାଧକ୍ଷ ଦାଇତ୍ୱରେ ଭାଗ୍ୟଧର ସାହୁଙ୍କୁ ରଖାଯାଇଥିବା ବେଳେ ହିସାବ ନିରୀକ୍ଷକ ରୂପେ ଅଛନ୍ତି ଅଶୋକ ମଣ୍ଡଳ। ଏଥିସହ ଉପଦେଷ୍ଟା ମଣ୍ଡଳୀରେ ସ୍ଥାନୀୟ ଅଞ୍ଚଳର କିଛି ବରିଷ୍ଠ ନାଗରିକଙ୍କୁ ରଖାଯାଇଛି।

# ମତ, ମତାନ୍ତର ଭୁଲି ଦଳ ପାଇଁ କର୍ମୀ କାମ କରନ୍ତୁ

**ରାଉରକେଲା ଅଫିସ,୨୫। ୮**

ଜାତୀୟ କଂଗ୍ରେସର ଅଧକ୍ଷ ରାହୁଲ ଗାନ୍ଧୀଙ୍କ ଆହ୍ୱାନ କ୍ରମେ ଶନିବାର ରାଉରକେଲା ଜିଲା କଂଗ୍ରେସ କମିଟି ପକ୍ଷରୁ ପ୍ରୋଜେକ୍ଟ ଶକ୍ତି ଓ ମୋ ବୁଥ ମୋ ଗୌରବ କାର୍ଯ୍ୟକ୍ରମର ସଫଳତା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସେକ୍ଟର-୨୧ କଂଗ୍ରେସ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କର୍ମୀ ଓ ନେତୃମଣ୍ଡଳୀ ପ୍ରୋଜେକ୍ଟ ଶକ୍ତି ଜରିଆରେ ନିଜ ଭୋଟ ପରିଚୟ ପତ୍ର ମାଧ୍ୟମରେ



ବୈଠକରେ କଂଗ୍ରେସର ନେତୃବୃନ୍ଦ ଓ କର୍ମୀ।

ମୋବାଇଲ ଦ୍ୱାରା ସିଧାସଳଖ ଶକ୍ତି ମିଶନ ସହ ଯୋଡି ହୋଇଥିଲେ। ପ୍ରୋଜେକ୍ଟ ଶକ୍ତି ମାଧ୍ୟମରେ ଦଳୀୟ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ତଥା କଂଗ୍ରେସ ଦ୍ୱାରା ଅନୁପ୍ରାଣିତ ଲୋକଙ୍କୁ ଏଥିରେ ଯୋଡାଯାଇ ପାରିବ ବୋଲି କୁହାଯାଇଥିଲା। ଜିଲା କଂଗ୍ରେସ ସଭାପତି ରବି ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନବ ନିଯୁକ୍ତ ରାଜ୍ୟ ସମ୍ପାଦକ ରଶ୍ମି ପାଢୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ସବିର ହୁସେନ ନିଜ ବକ୍ତବ୍ୟରେ ରାହୁଲ ଗାନ୍ଧୀଙ୍କ ମିଶନକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ନିଜ ବକ୍ତବ୍ୟରେ କହିଥିଲେ ଆମେ ଆସନ୍ତା ସାଧାରଣ ନିର୍ବାଚନରେ ସେତେବେଳେ ସଫଳ ହେବା ଯେତେବେଳେ ପ୍ରତ୍ୟକ କର୍ମୀ ମତ ମତାନ୍ତର ଭୁଲି ଏକାଠି ଦଳ ପାଇଁ କାମ କରିବେ। ଏଣୁ ସମସ୍ତେ ଏକଜୁଟ ହୋଇ ଦଳ ପାଇଁ କାମ କରିବାକୁ ମହାପାତ୍ର ଆହ୍ୱାନ ଦେଇଥିଲେ। ଏଥିରେ ଅଜିତ ସାମଲ, ମହିଳା ସଭାନେତ୍ରୀ ପ୍ରଭାତୀ ମିଶ୍ର, କୀର୍ତ୍ତନ ଦାସ, ଗଜେନ୍ଦ୍ର ତନ୍ତି, ଫାରୁକ ଖାନ, ଦିନବନ୍ଧୁ ଭୋଳ, ସୋମନାଥ ପଣ୍ଡା, ସନ୍ତୋଷ ତନ୍ତି, ଯୁବ କଂଗ୍ରେସ ସଭାପତି ପ୍ରବୋଧ ଦାସ, ଶିବୁ ଦୀପ, ବିନୋଦ ରାଉତ ଓ ଲକ୍ଷ୍ମୀପ୍ରିୟା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଲୁଗା ଦୋକାନରୁ ଲୁଟ୍ ଉଦ୍ୟମ ବିଫଳ

**ରାଉରକେଲା ଅଫିସ, ୨୫।୮**

ସେକ୍ଟର ୨୨ ତଥା ଟାଙ୍ଗରପାଲି ଥାନା ଅଧୀନ ଏକ ଲୁଗା ଦୋକାନରେ ଶନିବାର ରାତି ସାଢ଼େ ୯ଟାରେ ୩ଜଣ ଦୁର୍ବୃତ୍ତ ଦୋକାନ ଭିତରେ ପଶି ଲୁଟପାଟ କରିବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି। ଏକ ବାଇକ୍‌ରେ ଦୁର୍ବୃତ୍ତ ୩ଜଣ ପହଞ୍ଚି ଦୋକାନ ମାଲିକଙ୍କୁ ପିସ୍ତଲ ଦେଖାଇଥିଲେ। ହେଲେ ଲୁଗା ଦୋକାନର ମାଲିକ ସୁମିତ୍ ଅଗ୍ରୱାଲ୍ ୩ ଲୁଟେରାଙ୍କ ସହ ଲଢ଼ି ସେମାନଙ୍କଠାରୁ ପିସ୍ତଲ ଛଡ଼ାଇ ରଖିବାରେ ସଫଳ ହୋଇଥିଲେ। ଏଣୁ ଦୁର୍ବୃତ୍ତମାନେ ଖସି ପଳାଇଥିଲେ।

## ସନ୍ତୋଷୀ ମନ୍ଦିର ବାର୍ଷିକୋତ୍ସବ ପାଇଁ କଳସ ଶୋଭାଯାତ୍ରା

**ରାଉରକେଲା ଅଫିସ,୨୫।୮**

ପ୍ରତି ବର୍ଷ ପରି ଏ ବର୍ଷ ମଧ ସେକ୍ଟର-୬ରେ ଥିବା ମା' ସନ୍ତୋଷୀ ମନ୍ଦିର ବାର୍ଷିକୋତ୍ସବ ପାଳନ ନେଇ ଶନିବାର ସନ୍ଧ୍ୟାରେ ଏକ କଳସ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ରକ୍ଷାବନ୍ଧନ ଉପଲକ୍ଷେ ଆୟୋଜିତ ଏହି ଦୁଇ ଦିନିଆ ଉତ୍ସବରେ ମା'ଙ୍କ ପୂଜାର୍ଚ୍ଚନା ସହ ଯାଜ୍ଞାହୁତି ଅନୁଷ୍ଠିତ ହେବ। ଶନିବାର ଆୟୋଜିତ କଳସ ଶୋଭାଯାତ୍ରାରେ ସ୍ଥାନୀୟ ମହିଳା ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ରବିବାର ସକାଳୁ ପୂଜାର୍ଚ୍ଚନା ଆରମ୍ଭ କରାଯିବା ନେଇ କମିଟି ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି।



ସନ୍ତୋଷୀ ମନ୍ଦିର ବାର୍ଷିକ ଉତ୍ସବ ପାଇଁ କଳସ ଶୋଭାଯାତ୍ରା ବାହାରିଛି।

## ଉନ୍ନୟନ କାର୍ଯ୍ୟକୁ ବିରୋଧ କରୁଛନ୍ତି ପେସା ସପକ୍ଷବାଦୀ

**ରାଉରକେଲା ଅଫିସ, ୨୫।୮**

ସେକ୍ଟର-୧୯ ଆମ୍ବାଗାନ ଅଞ୍ଚଳରେ ଶନିବାର ପାନପୋଷ ଉପଖଣ୍ଡ ଅନ୍ତର୍ଗତ ୪ଟି ବ୍ଲକ୍‌ର ସରପଞ୍ଚଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସରପଞ୍ଚ ସଂଘ ସଭାପତି ନରସିଂହ ମିଞ୍ଜ ଅତିଥି ରୂପେ ଯୋଗ ଦେଇଥିଲେ। ଉପସ୍ଥିତ ସରପଞ୍ଚମାନେ ନିଜ ଅଞ୍ଚଳର ସମସ୍ୟା ତଥା ବିକାଶ ନେଇ ଆଲୋଚନା କରିଥିଲେ। ସଭାପତି ମିଞ୍ଜ କହିଥିଲେ ଯେ, ଲୋକେ ଯେଉଁ ଆଶା ଆକାଂକ୍ଷା

**ସରପଞ୍ଚ ସଂଘ ବୈଠକ**

ନେଇ ଆମକୁ ନିର୍ବାଚିତ କରିଛନ୍ତି ତାହାକୁ ପୂରଣ କରିବା ଦିଗରେ ସରପଞ୍ଚ ତଥା ଅନ୍ୟ ନିର୍ବାଚିତ ପ୍ରତିନିଧିମାନେ ନିଷ୍ଠା ପ୍ରକାଶ କରିବା ଆବଶ୍ୟକ।

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ନିକଟରେ କିଭଳି ସରକାରୀ ଯୋଜନା ଠିକ ରୂପେ ପହଞ୍ଚି ପାରିବ ସେ ନେଇ ଦୃଷ୍ଟି ଦେବାକୁ ସଭାପତି ମିଞ୍ଜ ପରାମର୍ଶ



ଆମ୍ବାଗାନଠାରେ ସରପଞ୍ଚ ସଂଘ ବୈଠକରେ ୪ଟି ବ୍ଲକ୍‌ର ସରପଞ୍ଚମାନେ।

ପ୍ରଦାନ କରିଥିଲେ। ଏହି ଅବସରରେ କୁହାଯାଇଥିଲା ଯେ, ପେସା ଆଇନ ସମର୍ଥକ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟକାରୀ କରାଯାଉଥିବା କିଛି ଉନ୍ନୟନ କାମ ଓ ସରକାରୀ ଯୋଜନାକୁ ବିରୋଧ କରୁଛନ୍ତି। ଅନ୍ୟପକ୍ଷେ ବିଭିନ୍ନ ପଞ୍ଚାୟତରେ ବସା ଯାଇଥିବା ସୋଲାର ପାଣି ଟାଙ୍କି ଗୁଡିକ ଅଚଳ ରହୁଥିବାରୁ ଏହା ବଡ ସମସ୍ୟା ପାଲଟିଥିବା କହିଥିଲେ ଉପସ୍ଥିତ ସରପଞ୍ଚମାନେ। ଅଚଳ ପାଣି ଟାଙ୍କିଗୁଡିକୁ ମରାମତି ନେଇ ବିଭିନ୍ନ ସମୟରେ ଦାବି କାରାଯିବା ସତ୍ତ୍ୱେ ଉପରିସ୍ଥ ଅଧିକାରୀ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ କରାଯାଇଥିଲା। ପାନପୋଷ ସବ୍‌ଡିଭିଜନରେ ସରପଞ୍ଚ ସଂଘ ପାଇଁ ଏକ ସଭାଗୃହ ବ୍ୟବସ୍ଥା କରିବାକୁ ଏଥିରେ ପ୍ରସ୍ତାବ ଆଗତ କରାଯାଇଥିଲା। ପରେ ଏ ନେଇ ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ରଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ବୈଠକରେ ୩୭ଜଣ ସରପଞ୍ଚ ଉପସ୍ଥିତ ଥିଲେ।



ଚାଷୀ ମୂଲିଆଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବା ଅର୍ଥ ସାମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରିବା ସଙ୍ଗେ ସମାନ।
- ଭଗବତୀ ଚରଣ ପାଣିଗ୍ରାହୀ



## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ୨ ଯୁବକ ଗୁରୁତର

**କୋଲାବିରା,୨୫।୮(ଡି.ଏନ.ଏ.)**
ଝିଲ୍ଲାପାଲି ଏବଂ ଭାଡିମାଲ ରାସ୍ତା ମଝିରେ ଥିବା ଏକ ପୋଲ ନିକଟରେ ଶନିବାର ଅପରାହ୍ନରେ ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୨ ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି । ଏ ଦୁହିଁଙ୍କୁ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାକୁ ନିଆଯାଇଛି।

ଲାଇଡା ଗ୍ରାମର ସୁରଜ ଦରକା ଏବଂ କୋଲାବିରା ଗୌଡପଡାର ତାଙ୍କ ମଉସା ପୁଅ ବିକାଶ ବିଜାର (୧୭) କୋଲାବିରା ଅନ୍ତର୍ଗତ ଝିଲ୍ଲାପାଲି ଗ୍ରାମକୁ ଯାଇ ଅପରାହ୍ନ ୨ଟାରେ ଫେରୁଥିଲେ। ଝିଲ୍ଲାପାଲି ଏବଂ ଭାଡିମାଲ ରାସ୍ତା ମଝିରେ ଥିବା ଏକ ପୋଲ ନିକଟରେ ବିପରୀତ ଦିଗରୁ ଆସୁଥିବା ସୁନ୍ଦରଗଡ ଜିଲା ଭଷ୍ମା ଥାନା ଅଧୀନ କୁଣ୍ଡୁକେଲା ଗ୍ରାମର ସଂଜିତ ସିଂହ ଜଣେ ସାଙ୍ଗ ସହିତ ଆସୁଥିବା ସମୟରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ କୋଲାବିରା ଗ୍ରାମର ବିକାଶ ବିଜାର ଗୁରୁତର ଆହତ ହେବା ସହ ସଂଜ୍ଞାହୀନ ହୋଇଯାଇଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପ୍ରଥମେ କୋଲାବିରା ଓ ପରେ ଝାରସୁଗୁଡା ନିଆଯାଇଥିଲା, ମାତ୍ର ଅବସ୍ଥା ଗୁରୁତର ଥିବାରୁ ତୁରନ୍ତ ବୁର୍ଲା ନିଆଯାଇଥିଲା। ତାଙ୍କର ମୁଣ୍ଡ ଏବଂ ଛାତିରେ ଆଘାତ ଲାଗିଛି। ସଂଜିତ ସିଂ ମଧ ଗୁରୁତର ଆହତ ହୋଇ ଝାରସୁଗୁଡାରେ ଚିକିତ୍ସାଧୀନ ଅଛନ୍ତି। ସୁରଜ ଏବଂ ଅନ୍ୟ ଜଣେ ସାଙ୍ଗ ସାମାନ୍ୟ ଆହତ ହୋଇଛନ୍ତି। ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି। ଏ ସଂକ୍ରାନ୍ତରେ ଲଇକେରା ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ ହୋଇଛି।

### ବ୍ଲେଡରେ ଆକ୍ରମଣ ଘଟଣାର ଅଭିଯୁକ୍ତ ଗିରଫ

**ଝାରସୁଗୁଡା ଅଫିସ,୨୫।୮**
କରଜ ଟଙ୍କା ଦେଣନେଣକୁ ନେଇ ଝାରସୁଗୁଡା ବିଟିଏମ୍ ଫାଣ୍ଡି ଅଞ୍ଚଳରେ ହୋଇଥିବା ଆକ୍ରମଣ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସରବେର୍ଣ୍ଣାର ଧର୍ମେନ୍ଦ୍ର ଓରାମ(୨୦)। ଗତ ଜୁନ୍ ୫ ତାରିଖରେ କରଜ ଦେଣନେଣକୁ ନେଇ ଧର୍ମେନ୍ଦ୍ର ଏବଂ ସୁମିତଙ୍କ ମଧରେ ବିବାଦ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଧର୍ମେନ୍ଦ୍ର ଏକ ବ୍ଲେଡରେ ସୁମିତଙ୍କ ତଣ୍ଟିକୁ କାଟି ଫେରାର ହୋଇଯାଇଥିଲେ। ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରିଥିଲା। ଶନିବାର ଧର୍ମେନ୍ଦ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ଷଡ଼ଯନ୍ତ୍ରର ଶିକାର ହେଲେ କର୍ମଚାରୀ

# ଜେଏସ୍‌ପିଏଲ୍‌ରୁ ସ୍କ୍ରାପ୍ ଚାଲାଣରେ ଲାଞ୍ଚ କାରବାର

**ଝାରସୁଗୁଡା ଅଫିସ,୨୫।୮**

ଶିଳ୍ପ ପ୍ରତାରଣାର ଶିକାର ହୋଇଛନ୍ତି ଝାରସୁଗୁଡାବାସୀ। ଲୋକେ ନିଯୁକ୍ତି ହରାଇଛନ୍ତି। ଠିକାଦାର ସେମାନଙ୍କ ପାଉଣା ହରାଇ ଚିନ୍ତାରେ ଅଛନ୍ତି। ଗୋଟିଏ ପଟେ କାରଖାନା କର୍ତ୍ତୃପକ୍ଷଙ୍କ ବେଆଇନ୍ କାମ, ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଷଡଯନ୍ତ୍ରରେ ଜର୍ଜରିତ କର୍ମଚାରୀ ଏବଂ ଠିକାଦାର। ଅନ୍ୟପକ୍ଷରେ ଦଲାଲ ଆଉ ନେତା ଟଙ୍କା ନେଇ ପୋଲିସ ସହାୟତାରେ ଷଡଯନ୍ତ୍ରର ଶିକାର କର୍ମଚାରୀ ଏବଂ ଠିକାଦାରଙ୍କୁ ସର୍ବସ୍ୱାନ୍ତ କରିବାରେ ଲାଗିପଡିଛନ୍ତି ବୋଲି ଅଭିଯୋଗ ହୋଇଛି। ବେଆଇନ୍ ଭାବେ କାରଖାନାରେ ତାଲା ପକାଇ ଚାଲିଯାଇଥିବା ଜୈନ୍ ଷ୍ଟିଲ୍ ଆଣ୍ଡ ପାୱାର(ଜେଏସ୍‌ପିଏଲ୍)ରୁ କମ୍ପାନୀ ଯନ୍ତ୍ରାଂଶ ପାର କରାଇବାରେ ନ୍ୟସ୍ତସ୍ୱାର୍ଥ ନେତା ଟଙ୍କା ନେଇଥିବା ବେଳେ ପୋଲିସ ଏଥିରେ ମଧ୍ୟସ୍ଥ ସାଜିଛି। ପୋଲିସ ସୁରକ୍ଷାରେ ଶୁକ୍ରବାର ୭ ଗାଡି ସ୍କ୍ରାପ ଚାଲାଣ ହୋଇଛି। ଏପରି ପରିସ୍ଥିତିରେ ଚାକିରି ହରାଇଥିବା କର୍ମଚାରୀ ଏବଂ ଟଙ୍କା ନିବେଶ କରିଥିବା ଠିକାଦାର କେବଳ ଭଗବାନଙ୍କ ଭରଷାରେ ରହିଛନ୍ତି। ଜେଏସ୍‌ପିଏଲ୍‌ରୁ ସ୍କ୍ରାପ୍ ଚାଲାଣରେ ବହୁ ପରିମାଣର ଟଙ୍କା କାରବାର ହୋଇଥିବା ମଧ୍ୟ ଅଭିଯୋଗ ଆସିଛି।



ବନ୍ଦ ପଡିଥିବା ଜେଏସପିଏଲ୍ କାରଖାନା।

ଦୁର୍ଲଗାସ୍ଥିତ ଜେଏସ୍‌ପିଏଲ୍ କାରଖାନା ୨୦୧୨ ମସିହାରେ ପୂର୍ବ ନୋଟିସ ନ ଦେଇ ଉତ୍ପାଦନ ବନ୍ଦ କରି ଦେଇଥିଲା। ସେବେଠାରୁ କାରଖାନା ଆଉ ଖୋଲିନି। ଇତିମଧ୍ୟରେ ୬ ବର୍ଷ ବିତିଯାଇଥିଲେ ମଧ କମ୍ପାନୀ କର୍ତ୍ତୃପକ୍ଷ କାରଖାନା ପୁନଃପ୍ରଚଳନ ପାଇଁ ଆଗ୍ରହ ପ୍ରକାଶ କରିନାହାନ୍ତି। କର୍ମଚାରୀଙ୍କ ବାରମ୍ବାର ଦାବି ସତ୍ତ୍ୱେ କମ୍ପାନୀ କର୍ତ୍ତୃପକ୍ଷ କର୍ଣ୍ଣପାତ ନ କରିବାରୁ ଶେଷରେ ଜିଲା ଶ୍ରମ ବିଭାଗରେ ୨୦୧୫ରେ କମ୍ପାନୀ ନାଁରେ ଏକ ମାମଲା ରୁଜୁ କରିଥିଲେ କର୍ମଚାରୀ। ବେଆଇନ୍ ଭାବେ କମ୍ପାନୀ ବନ୍ଦ ହୋଇଥିବାରୁ କର୍ମଚାରୀଙ୍କ ଦାବି ମୁତାବକ ବକେୟା ପାଉଣା ବାବଦରେ ୨କୋଟି ୮୧ ଲକ୍ଷ ୭୩ ହଜାର ୫୭୭ ଟଙ୍କା ପ୍ରଦାନ କରିବାକୁ ୨୦୧୭ରେ ଜିଲା ଶ୍ରମ ବିଭାଗ ଜେଏସ୍‌ପିଏଲ୍ କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ କମ୍ପାନୀ କର୍ତ୍ତୃପକ୍ଷ ଶ୍ରମ ବିଭାଗର ନିର୍ଦ୍ଦେଶକୁ କର୍ଣ୍ଣପାତ କରି ନ ଥିଲେ।

ଶେଷରେ କମ୍ପାନୀ କର୍ତ୍ତୃପକ୍ଷ ହୁଡ୍‌କୋ ଏବଂ ଅନ୍ୟାନ୍ୟ ବ୍ୟାଙ୍କ ଜରିଆରେ ସ୍କ୍ରାପ ବିକ୍ରି ପାଇଁ ନିଲାମ ବିଜ୍ଞପ୍ତି ପ୍ରକାଶ କରିଥିଲା। ନିଲାମୀ ହାତେଇଥିବା କଲିକତାର ର୍ୟାକ୍ ସ୍ୱଞ୍ଜୀ କମ୍ପାନୀ ସ୍କ୍ରାପ ନେବାକୁ ଆସି ଜିଲା ପ୍ରଶାସନର ସହାୟତା ଲୋଡିଥିଲା। କିନ୍ତୁ କର୍ମଚାରୀ ଏବଂ ଠିକାଦାରଙ୍କ ପାଉଣା ବକେୟା ଥିବାରୁ ପ୍ରଶାସନିକ ସହଯୋଗ ମିଳି ନ ଥିଲା। ଅନ୍ୟପକ୍ଷରେ ଶ୍ରମ ବିଭାଗ ଜୁଲାଇ ୩୧ ତାରିଖରେ କର୍ମଚାରୀ ଏବଂ ଠିକାଦାରଙ୍କ ବକେୟା ପାଉଣା ସମ୍ପର୍କରେ ହୁଡ୍‌କୋ ଏବଂ ଜେଏସ୍‌ପିଏଲ୍‌କୁ ନୋଟିସ ଜରିଆରେ ଅବଗତ କରାଇଥିଲା। ମାତ୍ର ଶ୍ରମ ବିଭାଗକୁ ଏହାର ଉତ୍ତର ମିଳି ନ ଥିଲା। ସ୍କ୍ରାପ୍ ନିଲାମୀ ହାତେଇଥିବା ର୍ୟାକ୍ ସ୍ୱଞ୍ଜୀ କମ୍ପାନୀ ଜଣେ ନ୍ୟସ୍ତସ୍ୱାର୍ଥ ନେତାଙ୍କୁ ହାତକରି ପୋଲିସ ସହାୟତାରେ ଶୁକ୍ରବାର ୭ ଗାଡି ସ୍କ୍ରାପ ଚାଲାଣ କରିଛି। ଶ୍ରମିକ, ଠିକାଦାରଙ୍କ ବକେୟା ପାଉଣା ପ୍ରଦାନ ମାମଲାକୁ କର୍ଣ୍ଣପାତ କରୁ ନ ଥିବା କମ୍ପାନୀ କର୍ତ୍ତୃପକ୍ଷଙ୍କ ପାଇଁ ଦଲାଲ ସାଜିଛନ୍ତି ନେତା। ଏଥିରେ ପୋଲିସ ସହଯୋଗୀ ଭୂମିକା ନିର୍ବାହ କରି ଲାଭବାନ ହୋଇଥିବା ଅଭିଯୋଗ ହେଉଛି। ଏ ବାବଦରେ ଜିଲା ଶ୍ରମ ଅଧିକାରୀ କୃଷ୍ଣ ମୋହନ ରାଉତଙ୍କୁ ପଚାରିବାରୁ ସେ କହିଲେ, ଜେଏସ୍‌ପିଏଲ୍ ବିରୋଧରେ କର୍ମଚାରୀ ଅପିଲ କରିଥିଲେ। ବକେୟା ଦରମା ବାବଦ ଟଙ୍କା ପ୍ରଦାନ କରିବାକୁ ଶ୍ରମ ଅଫିସ ତରଫରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏପରି କି ହୁଡ୍‌କୋକୁ ମଧ ନୋଟିସ ଦିଆଯାଇଥିଲା। ହେଲେ କେହି କର୍ଣ୍ଣପାତ କରୁନାହାନ୍ତି। ଏ ବାବଦରେ ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି କହିଛନ୍ତି ଯେ, କର୍ମଚାରୀ କରିଥିବା ମାମଲାରେ ହୁଡ୍‌କୋକୁ ପକ୍ଷଭୁକ୍ତ କରାଯାଇନାହିଁ। ଏପରି କି କର୍ମଚାରୀଙ୍କ ପାଖରେ କୌଣସି ସ୍ଥଗିତାଦେଶ ନ ଥିବାରୁ ସ୍କ୍ରାପ୍ ଚାଲାଣ ରୋକିଲେ ଆଇନଗତ ସମସ୍ୟା ସୃଷ୍ଟି ହେବ। ସ୍ଥଗିତାଦେଶ ଆଣିବା ପରେ ସ୍କ୍ରାପ ଚାଲାଣ ବନ୍ଦ କରାଯିବ ବୋଲି ସେ କହିଛନ୍ତି।

## ସେପ୍ଟେମ୍ବର ୨୨ରେ ଝାରସୁଗୁଡା ବିମାନବନ୍ଦର ଉଦ୍‌ଘାଟନ

**ଝାରସୁଗୁଡା ଅଫିସ,୨୫।୮**

ଝାରସୁଗୁଡା ବିମାନବନ୍ଦରକୁ ପ୍ରଥମେ ୨ବି ଏବଂ ପରେ ୪ସି ଲାଇସେନ୍ସ ମିଳି ସାରିଛି। ଭିତ୍ତିଭୂମି, ସୁରକ୍ଷା, ନିରାପତ୍ତା, ସେବା, ସୁବିଧା ଦୃଷ୍ଟିରୁ ଏହି ବିମାନବନ୍ଦର ପୂରା ପ୍ରସ୍ତୁତ ହୋଇସାରିଛି। ବର୍ତ୍ତମାନ ଅପେକ୍ଷା ଉଦ୍‌ଘାଟନକୁ। ଏହି ପ୍ରତୀକ୍ଷା ମଧ ଶେଷ ହେବାକୁ ଯାଉଛି। ତେବେ ଏହି ଉଦ୍‌ଘାଟନ ସେପ୍ଟେମ୍ବର ୨୨ ତାରିଖରେ ହେବ ବୋଲି ସୂଚନା ମିଳିଛି। ଝାରସୁଗୁଡା ବିମାନବନ୍ଦରର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବେ ବୋଲି ଭାରତୀୟ ଜନତା ଦଳ ସୂତ୍ରରୁ ସୂଚନା ମିଳିଛି। ଏଣୁ ଭାଜପା ତରଫରୁ ପ୍ରଚାର ପ୍ରସାର ମଧ ଆରମ୍ଭ ହୋଇ ସାରିଲାଣି। ଏହି ସୂଚନା ସତ ହେଲେ ଖୁବଶୀଘ୍ର ଝାରସୁଗୁଡା ଲୋକେ ବିମାନସେବାର ସୁବିଧା ପାଇପାରିବେ। ସୂଚନାଯୋଗ୍ୟ, ପୂର୍ବରୁ ମଧ ବାରମ୍ବାର ଉଦ୍‌ଘାଟନୀ ତାରିଖ ସ୍ଥିର ହୋଇଛି। ପ୍ରଚାର ହୋଇଛି। କିନ୍ତୁ ଉଦ୍‌ଘାଟନ ହୋଇପାରିନାହିଁ।

# କୁଲତା ସମାଜ ଅଢାପଡା ଉପପୀଠ ପୀଠ ଘୋଷିତ

**ଲଖନପୁର,୨୫।୮(ଡି.ଏନ୍.ଏ.)**

ବାବା ବିଶାଶହେ କୁଲତା ସମାଜ ଅଢାପଡା ଉପପୀଠ ତରଫରୁ ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ଅଢାପଡା ରଣେଶ୍ୱର ରାମଚଣ୍ଡୀ ମନ୍ଦିର ସଭାଗୃହରେ ଶନିବାର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପପୀଠର ସଭାପତି ରଘୁମଣି ପ୍ରଧାନଙ୍କ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ଅଞ୍ଚଳର ୪ଗୁଡି ଓ ଗୋଟିଏ ସଙ୍ଗଠନର କର୍ମକର୍ତ୍ତା, ସଦସ୍ୟ ଯୋଗ ଦେଇଥିଲେ। ଏଥିମଧ୍ୟରେ ଅଢାପଡା, ତିଲିଆ, ପଣ୍ଡରୀ, ପିପିଲିକାନୀ ଗୁଡି ଓ ବନ୍ଧବାହାଲ ସଙ୍ଗଠନ ରହିଥିଲା। ଏହିସବୁ ଗୁଡି ଓ ସଙ୍ଗଠନ କଦଳୀପିଠା ପୀଠ ସହିତ ରହି କାର୍ଯ୍ୟ କରୁଥିଲେ। ସାମାଜିକ ସୁବିଧା ସୁଯୋଗ ଆଦିକୁ ଦୃଷ୍ଟିରେ ରଖି ଉପରୋକ୍ତ ଗୁଡି ଓ ସଙ୍ଗଠନକକୁ ନେଇ ଏକ ସ୍ୱତନ୍ତ୍ର ପୀଠ ଗଠନ ପାଇଁ ଗତ ୧୯୭୨ ମସିହାରୁ ଦାବି ହୋଇଆସୁଥିଲା। ଦୀର୍ଘ ୪୬ ବର୍ଷପରେ ଦାବି ପୂରଣ ହୋଇ ଅଢାପଡା ଉପପୀଠକୁ ପୀଠ ଭାବେ ସର୍ବସମ୍ମତିକ୍ରମେ ଶନିବାର ଘୋଷଣା କରାଯାଇଛି । ଏହି ନୂଆପୀଠକୁ ଅଢାପଡା ଉପପୀଠ ସଭାପତି ରଘୁମଣି ପ୍ରଧାନ ଓ ଅନ୍ୟ କର୍ମକର୍ତ୍ତାମାନେ ପରିଚାଳନା କରିବେ। ଏ ସମ୍ପର୍କରେ ସାଧାରଣ ବୈଠକରେ ସର୍ବ ସମ୍ମତିକ୍ରମେ ଏକ ପ୍ରସ୍ତାବ ଗୃହୀତ ହୋଇଛି । ଏହି ଗୃହୀତ ପ୍ରସ୍ତାବ ସମାଜ ମହାସଭାର ଦୃଷ୍ଟି ଆକର୍ଷଣ ପାଇଁ ପଠାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ନୂଆପୀଠ ଘୋଷଣା ପରେ ସମାଜର ଉନ୍ନତି ପାଇଁ କି ପ୍ରକାର ଗଠନ ମୂଳକ ପଦକ୍ଷେପ ଗ୍ରହଣ କରାଯିବ ତାହା ଉପରେ ମତାମତ ଗ୍ରହଣ କରାଯାଇଥିଲା। ଏଥିରେ ସମାଜର ଶିକ୍ଷା, ନାରୀ ସଶକ୍ତିକରଣ, ବିଭିନ୍ନ ଜନସଚେତନତା ଆଦି କାର୍ଯ୍ୟ କରିବା ପାଇଁ ମତ ପ୍ରକାଶ ପାଇଥିଲା । ଏଥିରେ କୁଲତା ସମାଜ ଜିଲା ସାଧାରଣ ସମ୍ପାଦକ ଗୌତମ ପ୍ରଧାନ, ପିପିଲିକାନୀ ସାତପାଲି ଗୁଡି ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ, ଅଢାପଡା ପାଞ୍ଚପାଲି ଗୁଡି ସଭାପତି ଉପେନ୍ଦ୍ର ଭୋଇ, ବାଗମୁଣ୍ଡା ବାରପାଲିଡିହ ତିଲିଆ ଗୁଡି ସମ୍ପାଦକ ରୂପଧର ସାହୁ, ପଣ୍ଡରୀ ସାତପାଲି ଗୁଡି ସମ୍ପାଦକ ସଞ୍ଜୀବ ସାହୁ, ରେମଣ୍ଡା ଉପଗୁଡି ସଭାପତି ନାରାୟଣ ପ୍ରଧାନ, କୁଡାଲୋଇ ଉପଗୁଡି ସଭାପତି ଅଖିଳ ଭୋଇ, ଗଜପତି ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ, ସନ୍ତୋଷ ପ୍ରଧାନ, ବେଦବ୍ୟାସ ଭୋଇ, ଦୟାସାଗର ବଢେଇ, ଜୀବର୍ଦ୍ଧନ ପ୍ରଧାନ, ଯଦୁମଣି ବାରିକ, ଭାଗବତ ସା, ବନମାଳୀ ବିଶ୍ୱାଳ, ଭୂତେଶ ପ୍ରଧାନ, ଦେବେନ୍ଦ୍ର ବଢେଇ, ଉଦ୍ଧବ ସାହୁ ପ୍ରମୁଖ ଶତାଧିକ କର୍ମକର୍ତ୍ତା ଓ ସଦସ୍ୟ ଯୋଗ ଦେଇଥିଲେ। ସନ୍ତୋଷ ପ୍ରଧାନ ଧନ୍ୟବାଦ ଦେଇଥିଲେ।



ସାଧାରଣ ବୈଠକରେ ଯୋଗ ଦେଇଥିବା ଗୁଡି ଓ ଉପଗୁଡିର କର୍ମକର୍ତ୍ତା ଓ ସଦସ୍ୟମାନେ।

# କାର୍ ଜବତ, ୬ ଅଟକ

**ଲଖନପୁର,୨୫।୮(ଡି.ଏନ୍.ଏ.)**

ଗତ ୨୩ ତାରିଖରେ ଅପହରଣ ହୋଇଥିବା ଛତିଶଗଡର ଏକ କାରକୁ ପୋଲିସ୍ ଜବତ କରିଛି । ଏହି ଘଟଣାରେ ସମ୍ପୃକ୍ତ ଥିବା ସମ୍ବଲପୁର ଅଞ୍ଚଳର ୬ଜଣ ଯୁବକଙ୍କୁ ପୋଲିସ୍ ଅଟକ ରଖି ପଚରା ଉଚରା ଚଳାଇଛି। କାର ମାଲିକ ଛତିଶଗଡ ଭିଲାଇର ଅରୁଣ ସାହୁ କୁମ୍ଭାରବନ୍ଧ ଫାଣ୍ଡିରେ ତାଙ୍କ କାର ଅପହରଣ ନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ୍ ବନହରପାଲି ଥାନାରେ ଏକ ମାମଲା (ନଂ.୧୦୩/୧) ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣା ପୋଲିସ୍ ଶେଷରେ ପର୍ଦ୍ଦାଫାଶ କରିବାରେ ସଫଳ ହୋଇଛି।

ଗତ ୨୨ତାରିଖ ରାତିରେ ଭିଲାଇର ଅରୁଣ ସାହୁ ତାଙ୍କ ସାଥୀ କାର (ସିଜି୦୭ ଏଡବ୍ଲୁ ୧୨୦୧)ରେ ସମ୍ବଲପୁର ଆସିଥିଲେ। ୨୩ତାରିଖରେ ସକାଳେ ଅରୁଣ ଓ ତାଙ୍କର ଅନ୍ୟ ଜଣେ ସାଥୀ କାର୍ ଯୋଗେ ହୀରାକୁଦ ବନ୍ଧ ଦେଖିବାକୁ ବାହାରି ଥିଲେ। ହେଲେ ସେମାନେ ରାସ୍ତା ଜାଣି ନ ଥିବାରୁ ୨ଜଣ ଯୁବକଙ୍କୁ ହୀରାକୁଦ ଯିବାକୁ ରାସ୍ତା ପଚାରିଥିଲେ। ରାସ୍ତା ବତାଇବା ପାଇଁ ଏହି ୨ଜଣ ଯୁବକ ସେମାନଙ୍କ କାର୍‌ରେ ବସିଥିଲେ। ଏହାର ସୁଯୋଗ ନେଇ ଯୁବକ ଦ୍ୱୟ ଯୋଜନାବଦ୍ଧ ଭାବେ ଅନ୍ୟସାଥୀମାନଙ୍କୁ ଜଣାଇଥିଲେ। ଖବର ପାଇ ଅନ୍ୟସାଥୀମାନେ କାର୍‌ର ପିଛା କରିଥିଲେ। ବାଟରେ ମାରଣସ୍ତ୍ର ଦେଖାଇ କାର୍‌କୁ ହୀରାକୁଦ ନେବା ପରିବର୍ତ୍ତେ ରେଙ୍ଗାଲି ଦେଇ ରମ୍ଭେଲା ବ୍ରିଜ ଆଡକୁ ନେଇଯାଇଥିଲେ। ସେଠାରେ ସେମାନଙ୍କ ନିକଟରୁ ଟଙ୍କା ଓ ମୋବାଇଲ୍ ଛଡାଇ ନେଇଥିଲେ। ଏ ସମ୍ପର୍କରେ ଅରୁଣ ପୋଲିସ୍‌ରେ ଅଭିଯୋଗ କରିଥିଲେ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

କେନ୍ଦ୍ରୀୟ ସ୍ୱଚ୍ଛ, ପରିମଳ ପର୍ଯ୍ୟବେକ୍ଷକ ଦଳର କୋଲାବିରା ବ୍ଲକ ଗସ୍ତ

# ରାତାରାତି ପ୍ରସ୍ତୁତି ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷ ନାକେଦମ୍

**କୋଲାବିରା,୨୫।୮(ଡି.ଏନ.ଏ.)**

ଦେଶରେ ସ୍ୱଚ୍ଛ ତଥା ପରିମଳ ବ୍ୟବସ୍ଥା କିପରି ଚାଲିଛି ତାହାର ଅନୁଧ୍ୟାନ ପାଇଁ ସ୍ୱଚ୍ଛ ସର୍ବେକ୍ଷଣ ଗ୍ରାମୀଣ -୨୦୧୮ କାର୍ଯ୍ୟକ୍ରମ ଜାରି ରହିଛି। ଏହି ଅବସରରେ କେନ୍ଦ୍ରୀୟ ପାନୀୟ ଜଳ ଓ ପରିମଳ ପର୍ଯ୍ୟବେକ୍ଷଣ ସମିତି ପକ୍ଷରୁ ଏକ ପ୍ରତିନିଧି ଦଳ ଶନିବାର କୋଲାବିରା ବ୍ଲକ ଗସ୍ତରେ ଆସିଛନ୍ତି। ଏହି ଦଳ କୋଲାବିରା ବ୍ଲକ ସମାସିଂହା ପଞ୍ଚାୟତର ଜଳଡିହି ଏବଂ କୁମ୍ଭାରମାଲ ଗସ୍ତ କରିଥିଲେ। ଏହି ଦଳ ସହ ବ୍ଲକ ପ୍ରଶାସନିକ ଅଧିକାରୀମାନେ ସାମିଲ ହୋଇଥିଲେ। ଏହି ଦଳ ଜଳଡିହି ଗ୍ରାମର ଗ୍ରାମ୍ୟରାସ୍ତା, ଅଙ୍ଗନୱାଡି କେନ୍ଦ୍ରର ଶୌଚାଳୟ, ଭୋଜନ କାର୍ଯ୍ୟକ୍ରମ, ଶ୍ରେଣୀ କକ୍ଷ ପରିଦର୍ଶନ କରିଥିଲେ। ଏଇସବୁ ସ୍ଥାନରେ ଥିବା ପାଇଖାନା, ପାନୀୟ ଜଳ, ରାସ୍ତାଘାଟ ଆଦି ପରିଦର୍ଶନ କରିଥିଲେ। ସ୍ୱଚ୍ଛ ପରିମଳ ସମ୍ପର୍କରେ ଉପରୋକ୍ତ ଅନୁଷ୍ଠାନର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ତେବେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଦଳର ଅଚାନକ ଗସ୍ତ ସମ୍ପର୍କରେ ବ୍ଲକ ପ୍ରଶାସନ ଶୁକ୍ରବାର ଖବର ପାଇବା ପରେ ପଞ୍ଚାୟତ ଅଞ୍ଚଳରେ ସଫେଇ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାତାରାତି ସଫେଇ କରାଯାଇ ଡଷ୍ଟବିନ ଯୋଗାଡ କରାଯାଇଥିଲା। ଏଥିପାଇଁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ନାକେଦମ ହେବାକୁ ପଡିଥିଲା। କେନ୍ଦ୍ରୀୟ ଟିମ୍‌କୁ ଦେଖାଇବା ପାଇଁ କୋଲାବିରା, ସମାସିଂହା ବଜାରର ବିଭିନ୍ନ ସ୍ଥାନରେ ରଖା ଯାଇଥିଲା। ଅଞ୍ଚଳର ସଫେଇ ଏବଂ ଡଷ୍ଟବିନ ଦେଖି ସ୍ଥାନୀୟ ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

କେନ୍ଦ୍ରୀୟ ଦଳ ଏ ସବୁର ଫଟୋ ଉଠାଇ ଏକ ରିପୋର୍ଟ ପ୍ରସ୍ତୁତ କରିବେ। ଏହାର ରିପୋର୍ଟ ବିଭାଗୀୟ ମନ୍ତ୍ରଣାଳୟକୁ ପ୍ରଦାନ କରାଯିବ ବୋଲି ଜଣାପଡିଛି। ଏହି ଅବସରରେ ଏକ ସମୀକ୍ଷା ବୈଠକ କରାଯାଇଥିଲା। ଏଥିରେ କେନ୍ଦ୍ରୀୟ ଦଳର ବ୍ରହ୍ମ ପୃଷ୍ଟି ଓ ଅତିଷ୍ଠା ମହାରଣା, ସିଡିପିଓ ପୁଣ୍ୟବତୀ ହେଲେନ ଖେସ୍, ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଗିରିଧାରୀ ଭୋଇ, ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ରଂଜିତବାଲା ଦାସ୍, ହିମାଂଶୁ ଶେଖର ସା, ବ୍ଲକ କନିଷ୍ଠ ଯନ୍ତ୍ରୀ କିଶୋର କାନ୍ତି ଚୌହାନ, ପଦ୍ମଚରଣ ପ୍ରଧାନ, ସୂର୍ଯ୍ୟନାରାୟଣ ଲେଙ୍କା, ସମାସିଂହା ସରପଞ୍ଚ ହେମନ୍ତ କୁମାର ସାହୁ, ଶିକ୍ଷକ ପ୍ରେମାନନ୍ଦ ନାୟକ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ଆଶାକର୍ମୀ, ଅଙ୍ଗନବାଡି କର୍ମୀ, ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ରବୀନ୍ଦ୍ର ବେହେରା, ସଭାପତି ଚେତାନନ୍ଦ ନଇ ଓ କର୍ମକର୍ତ୍ତା ଯୋଗଦେଇ ମତ ରଖିଥିଲେ।



କେନ୍ଦ୍ରୀୟ ପ୍ରତିନିଧି ଦଳକୁ ସ୍ୱାଗତ କରାଯାଇଛି।

# ବେଲପାହାଡ଼ ଭେଣ୍ଡିଂଜୋନ୍, ବସ୍‌ଷ୍ଟାଣ୍ଡ ପାଇଁ ଜମି ଚିହ୍ନଟ

## ଅନୁମୋଦନ ପାଇଁ ଜିଲା କମିଟିକୁ ସୁପାରିସ

**ଝାରସୁଗୁଡା ଅଫିସ,୨୫।୮**

ଝାରସୁଗୁଡା ଜିଲା ବେଲପାହାଡ ପୌରାଞ୍ଚଳର ବହୁବିଧ ଆବଶ୍ୟକତା ପାଇଁ ସରକାରୀ ଜମି ଚିହ୍ନଟ ହୋଇଛି। ଚିହ୍ନଟ ହୋଇଥିବା ଜମିର ବିବରଣୀ ଜିଲା ସାଇଟ୍ ସିଲେକ୍ସନ୍ କମିଟି ନିକଟକୁ ପଠାଯାଇଛି। କମିଟିର ଅନୁମୋଦନ ପରେ ଜମି ଲଖନପୁର ତହସିଲରୁ ବେଲପାହାଡ ପୌରପରିଷଦକୁ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହେବ ବୋଲି ବେଲପାହାଡ ପୌର ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ଲଖନପୁର ତହସିଲ ଅନ୍ତର୍ଗତ ବେଲପାହାଡ ଛୁଆଲିବେଣ୍ଟାଠାରେ ଖାତା ନଂ ୧୧୨ ଏବଂ ପ୍ଲଟ ନଂ ୧୦୫୧ରେ ୩.୩୦୦ ଏକର ପତିତ ଜମିରେ ଭେଣ୍ଡିଂ ଜୋନ ନିର୍ମାଣ, ବେଲପାହାଡ ଖାତା ନଂ.୧୨୬୭ର ୧.୪୮୦ ଏକର ଜମିରେ ଶ୍ମଶାନ ଏବଂ ୧.୦୮୦ ଏକର ଗୋଚର ଜମିରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ଉପରୋକ୍ତ ବିକାଶମୂଳକ କାମ ପାଇଁ ଝାରସୁଗୁଡା ପୌର ପରିଷଦ ତରଫରୁ ଜମି ଯୋଗାଇଦେବାକୁ ଲଖନପୁର ତହସିଲକୁ ଅନୁରୋଧ କରାଯାଇଥିଲା। ତହସିଲ କାର୍ଯ୍ୟାଳୟ ତରଫରୁ ଜମି ଚିହ୍ନଟ କରି ଜିଲା କମିଟି ନିକଟକୁ ପଠାଯାଇଛି। କମିଟି ଅନୁମୋଦନ ପରେ କାମ ଆରମ୍ଭ ହେବ।

# ବିଡ଼ି ଶ୍ରମିକଙ୍କୁ କଲବଲ କରା ନ ଯାଉ

**କୋଲାବିରା,୨୫।୮(ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣା ନୀତିର ପ୍ରତିବାଦ କରି ଓଡିଶାର ଗରିବ ବିଡି ଶ୍ରମିକମାନେ ଚେତାବନୀ ଦେଇଛନ୍ତି। ବିଡି ଶ୍ରମିକ କଲ୍ୟାଣ କମିଶନର ଭୁବନେଶ୍ୱରଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କ୍ରମରେ କୋଲାବିରା ଅଞ୍ଚଳର ସମାସିଂହା ଶାଖା ଅଧୀନ ସମସ୍ତ ବିଡି ମୁନ୍‌ସି, ବିଡି କାରିଗର ସମାସିଂହା ସରପଞ୍ଚ ହେମନ୍ତ କୁମାର ସାହୁଙ୍କ ନେତୃତ୍ୱରେ ସମାସିଂହାସ୍ଥିତ ବିଡି ଶ୍ରମିକ ଚିକିତ୍ସାଳୟରେ ଅବସ୍ଥାପିତ ବିଭାଗୀୟ ଚିକିତ୍ସା ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ସରପଞ୍ଚ, ନାଏବ ସରପଞ୍ଚ ଯଶୋବନ୍ତି ବିଶ୍ୱାଳ, ସମସ୍ତ ବିଡି ମୁନସି ଏବଂ ବିଡି କାରିଗର ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ବାହାରିଥିଲେ। ଏମାନେ ସମାସିଂହା ଗ୍ରାମ ପରିକ୍ରମା କରିବା ପରେ ଚିକିତ୍ସାଧିକାରୀଙ୍କ ଜରିଆରେ ଦାବିପତ୍ର ଉପସ୍ଥାପନ କରାଯାଇଥିଲା।




ପ୍ଲାକାର୍ଡ ମାଧମରେ ବିଡି ଶ୍ରମିକମାନେ ନିଜ ଦାବି ଜଣାଉଛନ୍ତି।

ସରକାରଙ୍କ ପକ୍ଷରୁ ହଲିଡେ ହୋମ୍ ଯୋଜନାକୁ ବନ୍ଦ କରିବାର ପ୍ରୟାସକୁ ବିରୋଧ କରାଯାଇଛି। ଗୃହନିର୍ମାଣ ଯୋଜନାରେ ୩୦ ହଜାରୁ ଅଧିକ ହିତାଧିକାରୀ ଅନଲାଇନ ଆବେଦନ କରି ସାରିଥିଲେ ମଧ୍ୟ ଅଦ୍ୟାବଧି ଦରଖାସ୍ତ ଉପରେ କଲ୍ୟାଣ କମିଶନର କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି। ବିଡି ଶ୍ରମିକଙ୍କ ପିଲାଙ୍କ ପାଇଁ ଶିକ୍ଷା ସମ୍ବନ୍ଧୀୟ ଯୋଜନା ପିଲାଙ୍କ ନିକଟରେ ପହଞ୍ଚି ପାରୁନି। ବର୍ତ୍ତମାନ ପ୍ରଦାନ କରାଯାଉଥିବା ବୃତ୍ତି ହାରକୁ ୪ଗୁଣ ବୃଦ୍ଧି କରାଯାଉ। ଦୀର୍ଘଦିନ ଧରି ଚାଲିଆସିଥିବା ବିଡି ତିଆରି କାମକୁ କେନ୍ଦ୍ର ସରକାର ନାନା ଆଳରେ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ପ୍ରୟାସ ଚଳାଇଛନ୍ତି। ଏହାଦ୍ୱାରା ଓଡିଶାର ପ୍ରାୟ ୫ଲକ୍ଷରୁ ଅଧିକ ବିଡି ପରିଚୟ ପତ୍ରଧାରୀ ତଥା ତାଙ୍କ ପରିବାର ବର୍ଗ ମିଶି ୧୫ ଲକ୍ଷରୁ ଅଧିକ ଲୋକ କର୍ମ ସଂସ୍ଥାନ ନ ପାଇ ଭୋକ ଉପାସରେ କାଳାତିପାତ କରୁଛନ୍ତି। ଗୋଟିଏ ପଟେ ସରକାର ବିଡି ଶିଳ୍ପକୁ ସମ୍ପୂର୍ଣ୍ଣରୂପେ ବନ୍ଦ କରିବାକୁ ଚକ୍ରାନ୍ତ କରୁଥିବା ବେଳେ ଅନ୍ୟପଟେ ଶ୍ରମିକ କଲ୍ୟାଣ ସଂସ୍ଥା ସହାୟତାରେ ବିଡି ଶ୍ରମିକମାନଙ୍କ ଚିହ୍ନଟ ପ୍ରକ୍ରିୟା କରି ପରିଚୟ ପତ୍ର ଦେବାର ପ୍ରହସନ ମଧ୍ୟ ଜାରି ରଖିଛନ୍ତି। ଏଭଳି ପ୍ରହସନ କରି ଗରିବ ବିଡି ଶ୍ରମିକମାନଙ୍କୁ ହନ୍ତସନ୍ତ କରା ନ ଯାଉ ବୋଲି ଏହି ଦାବିପତ୍ରରେ ଉଲ୍ଲେଖ ରହିଛି। ସର୍ବୋପରି ଶ୍ରମିକ ମଙ୍ଗଳ ସଂସ୍ଥା ବର୍ତ୍ତମାନ ସମ୍ପୂର୍ଣ୍ଣ ସ୍ଥାଣୁ ଅବସ୍ଥାରେ ରହିଛି। କୌଣସି ଶ୍ରମିକ ପ୍ରଚଳିତ ଥିବା ଶ୍ରମିକ ମଙ୍ଗଳ ଯୋଜନାରେ ଉପକୃତ ହୋଇପାରୁ ନାହାନ୍ତି। ଶ୍ରମିକ ମଙ୍ଗଳ ସଂସ୍ଥାକୁ ପୁନର୍ବାର ପୂର୍ବପରି କାର୍ଯ୍ୟକ୍ଷମ କରିବା ପାଇଁ ଦାବି କରାଯାଇଛି।



ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା ହେଉଚି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ହେମଗିରରେ ସ୍ୱଚ୍ଛତା ସର୍ବେକ୍ଷଣ ଗ୍ରାମୀଣ ୨୦୧୮

**ହେମଗିର, ୨୫।୮ (ଡି.ଏନ.ଏ.)**- ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନକୁ ସଫଳ କରିବା ପାଇଁ ହେମଗିରରେ ସ୍ୱଚ୍ଛତା ସର୍ବେଶ୍ରଣ ଗ୍ରାମୀଣ -୨୦୧୮ ଆରମ୍ଭ କରାଯାଇଛି। ଏଥିପାଇଁ କନିକା ଓ ଲୁଆବାହାଲଠାରେ ଏହା ଆରମ୍ଭ କରାଯାଇଛି। କାର୍ଯ୍ୟକ୍ରମକୁ ସ୍ୱଚ୍ଛଗ୍ରାହୀମାନଙ୍କ ପକ୍ଷରୁ ଆୟୋଜନ କରାଯାଇଥିଲା। ଏଥିରେ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ୱାର୍ଡମେମ୍ବର, ଅଙ୍ଗନୱାଡି କର୍ମୀ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର, ଗ୍ରାମବାସୀ ସାମିଲ ହୋଇଥିଲେ। ଏମାନଙ୍କୁ ନେଇ ଏକ ପଟୁଆରରେ ଗ୍ରାମ ପରିକ୍ରମା କରିଥିଲେ। ଲୋକଙ୍କୁ ଗାଁ ଦାଣ୍ଡ ପରିଷ୍କାର ପରିଚ୍ଛନ୍ନ ସାଙ୍ଗକୁ ବାହାରେ ମଳତ୍ୟାଗ ନ କରିବା, ମଶାରୀ ଟାଙ୍ଗି ଶୋଇବା, ବାଟଘାଟ ସଫା ରଖିବା ଭଳି ସ୍ୱଚ୍ଛତା ଉପରେ ଗାଁ ଲୋକଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ । ଏହି ଉଭୟ କାର୍ଯ୍ୟକ୍ରମରେ କନିକା ସରପଞ୍ଚ ସୁନିତା ମାଝୀ, ସମିତି ସଭ୍ୟା ଗୀତାଞ୍ଜଳି ଭୋଇ, ସୁନ୍ଦରଗଡ ଜିଲାସ୍ତରୀୟ ସଂଯୋଜକ ଅନୀଲ କୁମାର ପଟେଲ, ଆରଡବ୍ଲୁଏସଏସ ଯନ୍ତ୍ରୀ କୁନା କିଷାନ, ପରେଶ ଚନ୍ଦ୍ର ଟୁଡୁ, ବ୍ଲକ କୋ ଅପରେଟିଭ ସୁନୀଳ ପଣ୍ଡା, ପର୍ଶୁରାମ ସା ପ୍ରମୁଖ ସାମିଲ ଥିଲେ। ସେହିପରି ଲୁଆବାହାଲଠାରେ ସ୍ୱାଚ୍ଛଗ୍ରାହୀ କବିତା ସା, ବାଳକୃଷ୍ଣ ପଟେଲ, କୁଳମଣି ମିଶ୍ର ତଥା ଶିକ୍ଷକ ଶିକ୍ଷୟିତ୍ରୀ ଓ ବହୁ ଛାତ୍ରୀ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

# ଡକାୟତ ଗ୍ୟାଙ୍ଗ୍‌ର ୧୩ ଗିରଫ

**ସୁନ୍ଦରଗଡ଼ ,୨୫।୮ (ଡି.ଏନ୍.ଏ)**

ବିଭିନ୍ନ ରାସ୍ତାରେ ଲୁଟ୍ ଓ ଡକାୟତି ଭଳି ବିଭିନ୍ନ ମାମଲାରେ ସମ୍ପୃକ୍ତ ଆନ୍ତଃଜିଲା ଡକାୟତି ଗ୍ୟାଙ୍ଗର ୧୩ ଜଣଙ୍କୁ ଗିରଫ କରିବାରେ ସୁନ୍ଦରଗଡ଼ ପୋଲିସ ସକ୍ଷମ ହୋଇଛି। ପୋଲିସ ସେମାନଙ୍କ ନିକଟରୁ ୨ଟି ଦେଶୀ ପିସ୍ତଲ, ଭୁଜାଲି, ୫ଟି ବାଇକ୍, ନଗଦ ୧୨ ହଜାର ୬୪୦ଟଙ୍କା ଓ ଡକାୟତି ଘଟଣାରେ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଶନିବାର ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ର ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି। ଏହି ଡକାୟତି ଗ୍ୟାଙ୍ଗ ସୁନ୍ଦରଗଡ଼ ଓ ପଡୋଶୀ ଝାରସୁଗୁଡା, ସମ୍ବଲପୁର ସୀମାବର୍ତ୍ତୀ ଅଞ୍ଚଳରେ ବିଭିନ୍ନ ଲୁଟ୍, ଡକାୟତି, ରାହାଜାନୀ ଭଳି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ଜାଣିପାରିଛି।

ଏସ୍‌ପିଙ୍କ ସୂଚନା ମୁତାବକ ଗତ ଜୁନ୍ ୮ତାରିଖରେ ଧରୁଆଡିହି ଥାନା ଅନ୍ତର୍ଗତ ତଳସରା ବିଜାଡିହି ରାସ୍ତାରେ ପଡୋଶୀ ସମ୍ବଲପୁର ଜିଲା ବାମରାସ୍ଥିତ ଭାରତ ଫାଇନାନ୍ସ ଲିମିଟେଡ କମ୍ପାନୀର ସୁମିତ ବେହେରା ନାମକ ଜଣେ କର୍ମଚାରୀ ବାଇକ୍‌ରେ ଯାଉଥିବାବେଳେ ରାସ୍ତାରେ ୪ଜଣ ଲୁଟେରା ତାଙ୍କୁ ପିସ୍ତଲ ଦେଖାଇ ୭୩ ହଜାର ଟଙ୍କା ଲୁଟି ନେଇଥିଲେ। ଏ ନେଇ ଫାଇନାନ୍ସ କମ୍ପାନୀର ଏହି କର୍ମଚାରୀଙ୍କ ଅଭିଯୋଗ କ୍ରମେ ପୋଲିସ ଧରୁଆଡିହି ଥାନାରେ ଏକ ମାମଲା (ନଂ. ୫୧/ ୨୦୧୮) ରୁଜୁ କରିଥିଲା।



ଏସ୍‌ପି ସୌମ୍ୟା ମିଶ୍ର ଖବରଦାତା ସମ୍ମିଳନୀରେ ଡକାୟତ ଗ୍ୟାଙ୍ଗ୍ ସମ୍ପର୍କରେ ସୂଚନା ଦେଉଛନ୍ତି।

**ପୋଲିସର ସଫଳତା**

- ୨ ଦେଶୀ ପିସ୍ତଲ , ଭୁଜାଲି ଜବତ
- ୫ ବାଇକ୍ ସହ ୧୨,୬୪୦ଟଙ୍କା ଜବତ
- ୩ ଲୁଟ୍ ସାମଗ୍ରୀ କିଣିଥିଲେ

ଲୁଟେରାମାନଙ୍କୁ ଧରିବା ପାଇଁ ଅନୁସନ୍ଧାନ ଚଳାଇଥିଲା। ଲୁଟ୍ ପରେ ଲୁଟେରାମାନଙ୍କ ମଧ୍ୟରୁ ଜଣେ ହରିୟାନା ଚାଲିଯାଇଥିଲେ। ସେ ଫେରିବା ପରେ ଧରୁଆଡିହି ଥାନା ଅଧିକାରୀ ମିଲି ସାହୁ ଏହି ଥାନା ଅନ୍ତର୍ଗତ ଫିଲିଙ୍ଗିବାହାଲ ଗ୍ରାମର ସମୀର ନାଏକ (୧୯) ଓ ରବି ମିରିଗ (୨୨)ଙ୍କୁ ଥାନାକୁ ଆଣି ପଚରାଉଚରାବେଳେ ଏହି ଲୁଟେରାଙ୍କ ନେଟ ୱର୍କ ସମ୍ପର୍କରେ ସୂଚନା ପାଇଥିଲେ। ଲୁଟ୍ ଘଟଣାରେ ସେମାନେ ସମ୍ପୃକ୍ତ ଥିବା ଓ ଏହାର ମାଷ୍ଟରମାଇଣ୍ଡ ବଡ଼ଗାଁ ସାହାଜବାହାଲ ଗ୍ରାମର ସୁବ୍ରତ ଓରଫ୍ ଶୁଭମ ନାଗ (୨୪) ଓ ବିରବିରା ଗ୍ରାମର ପ୍ରକାଶ ଜୟପୁରିଆ ବୋଲି ଜଣାପଡିଥିଲା। ଏମାନେ ଏକ ସୁସଙ୍ଗଠିତ ଡକାୟତି ଗ୍ୟାଙ୍ଗର ନେଟୱର୍କ ଚଳାଇ ବିଭିନ୍ନ ଥାନା ଅଞ୍ଚଳରେ ଲୁଟ, ଡକାୟତି ଘଟଣାମାନ ଘଟାଇ ଆତଙ୍କ ସୃଷ୍ଟି କରୁଥିଲେ। ପୋଲିସ ସମୀର, ରବିଙ୍କୁ ଗିରଫ କରିବା ପରେ ବିରବିରା ଗ୍ରାମର ପ୍ରକାଶ ଜୟପୁରିଆ ଓ ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ଅଞ୍ଚଳର ଏକ କୁଲର ମେକାନିକ ମହେଶ ସିଂ ଓରଫ ଗୁଡି (୨୧)ଙ୍କୁ ଗିରଫ କରିଥିଲା। ମହେଶ ସିଂ ଓରଫ ଗୁଡି ବାମରା ଅଞ୍ଚଳର ଫାଇନାନ୍ସ କର୍ମଚାରୀଙ୍କ ଗତିବିଧି ଉପରେ ନଜର ରଖି ଏହି ଲୁଟେରାମାନଙ୍କୁ ସୂଚନା ଦେଉଥିଲେ। ଫାଇନାନ୍ସ କର୍ମଚାରୀଙ୍କଠାରୁ ଟଙ୍କା ଲୁଟ୍ ପରେ ଏହି ଲୁଟେରାମାନେ ମଚାମରା ଗ୍ରାମର ରାମ ରୋହିଦାସଙ୍କୁ ଟାବଲେଟ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରୀ କରି ଲୁଟ ଟଙ୍କା ଭାଗବଣ୍ଟାକରି କୁତ୍ରା ପଞ୍ଚରାଠାରେ ପ୍ୟାଣ୍ଟ, ସାର୍ଟ କିଣି ଖାଇପିଇ ମଉଜ କରି ଫେରାର୍ ହୋଇଯାଇ ଥିଲେ। ଏହି ଗ୍ୟାଙ୍ଗର ଅନ୍ୟତମ ମାଷ୍ଟର ମାଇଣ୍ଡ ବଡ଼ଗାଁ ସାହାଜବାହାଲର ଶୁଭମ ନାଏକ, ପ୍ରକାଶ ଜୟପୁରିଆ ଓ ବିରିବିରା ଗ୍ରାମର ସୁବ୍ରତ ଶେଖର ଦେଓ କିଞ୍ଜିରିକେଲା, ଭଷ୍ମା ଥାନାରେ ଏକ ଡକାୟତି ଘଟଣା ସମେତ ଝାରସୁଗୁଡା ଜିଲା ଲଇକେରା ଥାନା ଅଞ୍ଚଳରେ ଲୁଟ୍ ମାମଲାରେ ସମ୍ପୃକ୍ତ ଥିବା ସୂଚନା ଦେଇଛନ୍ତି। ସେହିପରି ଶୁକ୍ରବାର ବିଳମ୍ବିତ ରାତିରେ ସଦର ଥାନା ପୋଲିସ କରମଡିହି ବଜରଙ୍ଗ ମନ୍ଦିର ପଛପାଖ ସାଇଲୋପଡା ନିକଟରେ ଡକାୟତି ଯୋଜନା ପାଇଁ ଉଦ୍ୟମ କରୁଥିବା ଏକ ଡକାୟତି ଦଳର ୪ଜଣଙ୍କୁ ଗିରଫ କରିବାରେ ମଧ୍ୟ ସକ୍ଷମ ହୋଇଛି। ଏମାନେ ହେଲେ ତଳସରା ଥାନା ଅନ୍ତର୍ଗତ ଯମୁନାଟିକଟମାଟି ଗ୍ରାମର ଅପରାଧୀ ଏମ୍.ଡି ନବାବ ଖାନ୍ (୪୭), ଟାଙ୍ଗର ଗାଁର ଦୀପକ ଆପାଟ (୨୬), ଡୁମଲିଆ ଗ୍ରାମର କ୍ଷୀରୋଦ ବେହେରା (୨୪) ଓ ସବଡେଗାର ବାସୁଦେବ ସେନାପତି (୨୪)। ପୋଲିସ ଏମାନଙ୍କ ନିକଟରୁ ଗୋଟିଏ ଦେଶୀ ପିସ୍ତଲ, ଗୋଟିଏ ବଜାଜ ପଲସର ଓଡି ୧୬ସି ୧୮୬୬, ଏକ ସ୍କୁଟି ଓଆର ୧୬ଡି ୫୯୮୧ , ଗୋଟିଏ ଛୁରି, ମୋଟରସାଇକେଲ ଚେନ୍, ଲଙ୍ଗାଗୁଣ୍ଡ, ୬ରାଉଣ୍ଡ ଅଫୁଟା ଗୁଳି, ୪ଟି ମୁଖା, ଟର୍ଚ୍ଚ ଲାଇଟ୍ ସହ ୪ଟି ମୋବାଇଲ ଫୋନ୍, ନଗଦ ୧୨ହଜାର ୬୪୦ଟଙ୍କା ଜବତ କରିଛି। ଏହି ୪ଟି ଲୁଟ ଓ ଡକାୟତି ଘଟଣାରେ ଧରୁଆଡିହି, ଭଷ୍ମା, କିଞ୍ଜିରିକେଲା ଓ ସଦର ଥାନାରେ ପୃଥକ, ପୃଥକ ଭାବେ ୪ଟି ମାମଲା ରୁଜୁ ହୋଇଛି। ମୋଟ ୧୩ଜଣଙ୍କୁ ଗିରଫ କରାଯାଇ ଶନିବାର କୋର୍ଟ ଚାଲାଣ କରାଯାଇଛି। ଏହି ୧୩ଜଣଙ୍କ ମଧ୍ୟରେ ବଡଗାଁ ମଚାମରା ଗ୍ରାମର ରାମରୋହି ଦାସ (୧୯), ଧରୁଆଡିହି ଗ୍ରାମର ବେଣୁଧର ନାଥ (୩୫) ଓ ସମ୍ବଲପୁର ଗୋବିନ୍ଦପୁର ଥାନା ଅଞ୍ଚଳର ଚନ୍ଦନ ବର୍ମାଙ୍କୁ ଲୁଟ ସାମଗ୍ରୀ କିଣିବା ଅଭିଯୋଗରେ ମଧ୍ୟ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ସଦର ଏସଡିପିଓ ବଳଭଦ୍ର ଦୀପ, ସଦର ଥାନା ଆଇଆଇସି ରମାକାନ୍ତ ସାଏ, ଧରୁଆଡିହି ଥାନା ଅଧିକାରୀ ମିଲି ସାହୁ, ଭଷ୍ମାଥାନା ଆଇଆଇସି ଅନୀତା ପ୍ରଧାନ ,ଏସ.ଆଇ ଅନୀଲ ପରିଡା, କିଞ୍ଜିରିକେଲା ଥାନା ଅଧିକାରୀ ବିଦେଶୀ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

### ମଦ ଜବତ : ୯ ଗିରଫ

**ଲହୁଣୀପଡା, ୨୫।୮ (ଡି.ଏନ.ଏ.)**

ଲହୁଣୀପଡା ଅବକାରୀ ବିଭାଗ ଓ ପୋଲିସର ମିଳିତ ଭାବେ ଶନିବାର ବିଭିନ୍ନ ସ୍ଥାନରେ ଚଢାଉ କରି ବିପୁଳ ପରିମାଣର ଦେଶୀ ମହୁଲି ମଦ ଓ ମଦ ପ୍ରସ୍ତୁତ ସାମଗ୍ରୀ ଜବତ କରାଯାଇଛି। ଏହା ସହିତ ନଅଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜ୍ୟମୁଣ୍ଡା ପଞ୍ଚାୟତ ଗମଲେଇ ସାପ୍ତାହିକ ହାଟରେ ବେନିୟମ ଦେଶୀ ମହୁଲ ମଦ କାରବାର ଉପରେ ଚଢାଉ କରିଥିଲେ। ଚାନ୍ଦିପୋଷ ଥାନା ଅନ୍ତର୍ଗତ ବାଙ୍କି, କୁମାକେଲା , ମୁଷାବିରା, ବଡଗାଁରେ ଚଢାଉ କରିଥିଲେ। ଏହି ଚଢାଉ ବେଳେ ମାଜିଷ୍ଟ୍ରେଟ ଭାବେ ସରୋଜ କୁମାର ପୃଷ୍ଟେଠଙ୍କ ସହିତ ଅବକାରୀ ଇନ୍ସପେକ୍ଟର ପଦ୍ମଲୋଚନ ପ୍ରଧାନ, ସବଇନ୍ସପେକ୍ଟର ନିରଞ୍ଜନ ନାୟକ, ସୁରେଶ ଚନ୍ଦ୍ର ତାଣ୍ଡି, ଏଏସଆଇ ତନୁ କିଶୋର ପାତ୍ର, ପ୍ରଶାନ୍ତ ପତିଙ୍କ ନେତୃତ୍ୱରେ ଏବଂ ଲହୁଣୀପଡା ପୋଲିସ ଫୋର୍ସଙ୍କ ସହିତ ଚଢାଉ କରାଯାଇଥିଲା। ବାଙ୍କି ଗ୍ରାମର ପୂର୍ଣ୍ଣ ପାତ୍ର, ମୁଷାବିରାର ବିରାଙ୍ଗ ଓରାମ, କୁମାକେଲାର ନର ଓରାମ, ଅଞ୍ଜେ ଓରାମ, ନନ୍ଦୁଆ ଓରାମ, ଭୋଗରା ତ୍ରିଲୋଚନ ମାହାନ୍ତ, ବଡଗଡାଁର ପ୍ରଦୀପ ଓରାମ ପ୍ରମୁଖଙ୍କଠାରୁ ମୋଟ ୮୪ ଲିଟର ଦେଶୀ ମହୁଲି ମଦ ଜବତ କରିବା ସହିତ ଡେକଚି, ଖିଲନି, ବାଲଟି ଏବଂ ମଦ ଭର୍ତ୍ତିବୋତଲ ଜବତ କରିଥିଲେ। ମୁଷାବିରା ଓ ବାଙ୍କିଅଞ୍ଚଳରୁ ପ୍ରାୟ ତିନିଶହ କିଲୋଗ୍ରାମ ମହୁଲ ପୋଚ ଉଦ୍ଧାର କରି ନଷ୍ଟ କରି ଦେଇଥିଲେ । ସେହି ବଣେଇସ୍ଥିତ କନ୍ତପୋଡିଠାରେ ଥିବା ଏକ ଢାବା ଉପରେ ଚଢାଉ କରି ବିଦେଶୀ ମଦ ଜବତ କରିଥିଲେ।

# ଏଆଇଟିୟୁସି ପକ୍ଷରୁ ଧାରଣା, ଦାବିପତ୍ର ପ୍ରଦାନ

**ସୁନ୍ଦରଗଡ଼,୨୫।୮(ଡି.ଏନ୍.ଏ)**

ଏଆଇଟିୟୁସି ସହବନ୍ଧିତ ଓଡିଶା ଫରେଷ୍ଟ ଉଡ ଏଗ୍ରିକଲଚର ଏଣ୍ଡ ବିଲଡିଂ କନଷ୍ଟ୍ରକସନ୍ ୱାର୍କସ ୟୁନିୟନ ପକ୍ଷରୁ ଶନିବାର ଧାରଣା ସହ ଦାବିପତ୍ର ଦିଆଯାଇଛି। ଏଆଇଟିୟୁସି ଜିଲା ସମ୍ପାଦକ କମଳ ଷଣ୍ଡଙ୍କ ନେତୃତ୍ୱରେ ସ୍ଥାନୀୟ ନାରୀକଲ୍ୟାଣ କେନ୍ଦ୍ର ଠାରୁ ଶତାଧିକ ନିର୍ମାଣ ଶ୍ରମିକ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସଭାପତି ଦୁର୍ଗା ଚରଣ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶ୍ରମିକଙ୍କର ବିଭିନ୍ନ ସମସ୍ୟାର ସମାଧାନ ଦାବିନେଇ ସଙ୍ଗଠନ ନେତୃବୃନ୍ଦ ଉଦ୍‌ବୋଧନ ଦେଇଥିଲେ। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଶ୍ରମିକମାନଙ୍କର ସୁବିଧା ଏବଂ ପରିଚୟପତ୍ର ପ୍ରଦାନରେ ବିଳମ୍ବ ଓ ପାତରଅନ୍ତର ନୀତି ନେଇ କ୍ଷୋଭ ପ୍ରକାଶ କରିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ସାକ୍ଷାତ କରି ନିର୍ମାଣ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଦାବି କରିଥିଲେ। ସଙ୍ଗଠନର ଏକ ପ୍ରତିନିଧି ଦଳ ଆଲୋଚନା କରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ସ୍ମାରକପତ୍ରରେ ସୁନ୍ଦରଗଡସ୍ଥିତ ଅତିରିକ୍ତ ଜିଲା ଶ୍ରମ କାର୍ଯ୍ୟାଳୟକୁ ଜିଲା ଶ୍ରମ କାର୍ଯ୍ୟାଳୟର ମାନ୍ୟତା, ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କୁ ୧ମାସ ଭିତରେ ସୁବିଧା ପ୍ରଦାନ, ୨୦୧୬ ମସିହାରୁ ସମସ୍ତ ସୁବିଧା ୧୫ଦିନମଧ୍ୟରେ ପ୍ରଦାନ, ୪ଡିସିମିଲ ଲେଖାଏଁ ଘରଡିହ, ମାସିକ ୩ହଜାର ଟଙ୍କା ପେନସନ୍ ,ଆବେଦନ କରୁଥିବା ଶ୍ରମିକଙ୍କୁ ୩୦ଦିନମଧ୍ୟରେ ପରିଚୟ ପତ୍ର ପ୍ରଦାନ, ନିର୍ମାଣ ଶ୍ରମିକଙ୍କ ସେସ ଆଦାୟକୁ କଡାକଡି କରାଯିବା, ନିର୍ମାଣ ଶ୍ରମିକଙ୍କୁ ବାସଗୃହ ପ୍ରଦାନ, ଶିକ୍ଷା ସହାୟତା ରାଶି ଦ୍ୱିଗୁଣିତ, ଖଣି ଖାଦାନରେ ସ୍ଥାନୀୟ ଯୁବତୀ, ଯୁବକଙ୍କୁ ନିଯୁକ୍ତି ପ୍ରଦାନ ଆଦି ଦାବି ଅନ୍ତର୍ଭୁକ୍ତ। ଏହି କାର୍ଯ୍ୟକ୍ରମରେ ଏଆଇଟିୟୁସି ରାଜ୍ୟ ସମ୍ପାଦକ ଅଶୋକ ଦାଶ ଯୋଗଦେଇ ଗତ ଅଗଷ୍ଟ ୯ରୁ ବାହାରିଥିବା ଶ୍ରମିକ ସଚେତନତା ଯାତ୍ରା ଓ ଆସନ୍ତା ସେପ୍ଟେମ୍ବର ୧୮ରେ ଭୁବନେଶ୍ୱର ଠାରେ ବିଧାନ ସଭା ସମ୍ମୁଖରେ ହେବାକୁ ଥିବା ଶ୍ରମିକ ମହାସମାବେଶ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟର ନିଶାକର ଲରିଆ, ବଂଶୀଧର କାଉଡି, ଡୋରଥିଆ ଏକ୍କା, ଗୋଲାପୀ ବନଛୋର, ସତ୍ୟ ରୋହିଦାସ ଓ ଶୁକମଣି ଦେହେରି ପ୍ରମୁଖ ସଙ୍ଗଠନର ନେତୃବୃନ୍ଦ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




ଏଆଇଟିୟୁସି ପକ୍ଷରୁ ସୁନ୍ଦରଗଡ଼ରେ ଶୋଭାଯାତ୍ରା।

### ସୁନ୍ଦରଗଡ଼ରେ ପହଞ୍ଚିଲା ବାଜପେୟୀଙ୍କ ଚିତାଭସ୍ମ

**ସୁନ୍ଦରଗଡ଼,୨୫।୮ (ଡି.ଏନ୍.ଏ)**

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ପବିତ୍ର ଚିତାଭସ୍ମ ଶନିବାର ଅପରାହ୍ନରେ ସୁନ୍ଦରଗଡରେ ଭାଜପା ନେତୃବୃନ୍ଦଙ୍କ ଦ୍ୱାରା ପହଞ୍ଚିଛି । ଜିଲା ଭାଜପା କାର୍ଯ୍ୟାଳୟ ଠାରେ ଏହି ପବିତ୍ର ଚିତାଭସ୍ମକୁ ଆସନ୍ତା ସୋମବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ରଖାଯିବାକୁ ସ୍ଥିର ହୋଇଛି । ସୁନ୍ଦରଗଡ ଜିଲା ଭାଜପା କାର୍ଯ୍ୟାଳୟ ଠାରେ ଏହି ପବିତ୍ର ଚିତା ଭସ୍ମ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ଦର୍ଶନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହାପରେ ସ୍ଥାନୀୟ ଇବ୍ ନଦୀର ମହାଦେବପଡା ଘାଟ ଠାରେ ପବିତ୍ର ଚିତାଭସ୍ମ ବିସର୍ଜନ ପରେ ସେହିଦିନ ୨ଟା ୩୦ମିରେ ମାଦ୍ରୀ କାଲୋ ଭବନଠାରେ ଏକ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେବ। ଏଥିରେ ସମସ୍ତ ଜନସାଧାରଣ ଯୋଗଦେବାକୁ ଜିଲା ଭାଜପା ସଭାପତି ବଟକିଶୋର ମିଶ୍ର ଅନୁରୋଧ କରିଛନ୍ତି।

# ସେକ୍ଟର ୧୫ ଥାନାରେ ଆମ ପୋଲିସ ବୈଠକ

**ରାଉରକେଲା ଅଫିସ,୨୫। ୮**

ସେକ୍ଟର-୧୫ ଥାନା ଅଧିକାରୀ ମନ୍ଦା ହାଁସଦାଙ୍କ ଅଧ୍ୟକ୍ଷତାରେ ଶନିବାର ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପସ୍ଥିତ ସଭ୍ୟ ସ୍ଥାନୀୟ ଅଞ୍ଚଳର ଆଇନଶୃଙ୍ଖଳା ନେଇ ଆଲୋଚନା କରିଥିଲେ। ସଭ୍ୟ ସମର ରଂଜନ ଦାସ କହିଥିଲେ ଯେ, ସେକ୍ଟର- ୧୫ ଅଞ୍ଚଳର କେତକ ସ୍ଥାନରେ ଷ୍ଟ୍ରିଟ ଲାଇଟ ଅଭାବରୁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଏ ଦିଗରେ ଦୃଷ୍ଟି ଦିଆଯିବା ଆବଶ୍ୟକ। ଅକ୍ଷୟ ବେହେରା କହିଥିଲେ ରାସ୍ତାଘାଟର ଦୁରବସ୍ଥା ନେଇ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ସ୍ଥାନୀୟ ଅଞ୍ଚଳରେ ଥିବା ବିଦେଶୀ ମଦ ଦୋକାନ ସମ୍ମୁଖରେ ଆଡ୍ଡା ଜମୁଥିବାରୁ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବାକୁ ଥାନାଧିକାରୀ ହାଁସଦାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ କେଦାର ଦାସ, ସବିର ଅଲ୍ଲୀ ଖାନ, ଖଗେଶ୍ୱର ବାରିକ, ଅକ୍ଷୟ ବେହେରା ଯୋଗେଶ ଝା, ମନୋଜ ପ୍ରଧାନ, ଅକ୍ଷୟ ଲେଙ୍କା, ଅରୁଣ ମହାପାତ୍ର ଓ ତରୁଣ ପଶାୟତ ପ୍ରମୁଖ ଉପସ୍ଥିତ ଥିଲେ।



ଆମ ପୋଲିସ ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଅନ୍ୟମାନେ।

### ବନବିଭାଗ ଦ୍ୱାରା ବଜ୍ରକାପ୍ତା ଉଦ୍ଧାର

# ୨ଅଭିଯୁକ୍ତ ଗିରଫ,କୋର୍ଟ ଚାଲାଣ

**ଲେଫ୍ରିପଡା,୨୫।୮(ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବନ ବିଭାଗ ଦ୍ୱାରା ଶୁକ୍ରବାର ରାତ୍ରିରେ ଏକ ବଜ୍ରକାପ୍ତା ଉଦ୍ଧାର କରାଯାଇଛି। ଏହା ସହ ସ୍କୋର୍ପିଓ ସିଜି-୧୨ଟି-୦୧୬୭ କୁ ଜବତ୍ କରାଯାଇଛି। ଦୁଇ ଅଭିଯୁକ୍ତଙ୍କୁ ଶନିବାର ଗିରଫକରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ଛତିଶଗଡ଼ ଯଶପୁର ଜିଲା ଅନ୍ତର୍ଗତ କଂସାବେଲ ଥାନାର ସିକ୍ରା ଗ୍ରାମର ହେରତୋ ଖାଲଖୋ (୩୦) ଏବଂ ବାଗ୍‌ବାହାଲ ଥାନା ଅନ୍ତର୍ଗତ କୁଡକେଲ ଖଜରିଗ୍ରାମର ରାଧେଶ୍ୟାମ ଯାଦବ (୩୮)। ସୂଚନା ଅନୁଯାୟୀ ଅଭିଯୁକ୍ତ ଦ୍ୱୟ ଛତିଶଗଡ ରାଜ୍ୟରୁ ବଜ୍ରକାପ୍ତାକୁ ଆଣୁଥିବା ସମୟରେ ଲେଫ୍ରିପଡା ବନାଞ୍ଚଳର ସୁଖାଯୋରଠାରେ ବନବିଭାଗ ଅଧିକାରୀଗଣ କୌଣସି ସୂତ୍ରରୁ ଖବରପାଇ ଚଢାଉ କରିଥିଲେ। ଚଢାଉ ସମୟରେ ୧୧କେଜି ଓଜନର ଏକ ବଜ୍ରକାପ୍ତାକୁ ଉଦ୍ଧାର କରିଥିଲେ। ଏ ନେଇ ଲେଫ୍ରିପଡା ବନବିଭାଗ ପକ୍ଷରୁ ମାମଲା (ନଂ. ୭୫/୨୦୧୮) ରୁଜୁ କରାଯାଇଛି। ଏହି ଚଢାଉରେ ଲେଫ୍ରିପଡା ବନବିଭାଗର ରେଞ୍ଜର ଲାଲୁ ମଗର, ଫରେଷ୍ଟର ଚିତ୍ତରଞ୍ଜନ ପୁରୋହିତ, ଫରେଷ୍ଟଗାର୍ଡ ଲକ୍ଷ୍ମୀ ବେହେରା, ଏଲ.କେ.ଦେବ୍, ପାରାଷ୍ଟାଫ୍ ଝସକେତନ ତଣ୍ଡିଆ, ମନୋଜ ନାଏକ,ଏବଂ ଆଣ୍ଟି ଡିପ୍ରେସନ୍ ସ୍କ୍ୱାଡ୍ ଅଭୟ ପଟେଲ, ପ୍ରାଣବନ୍ଧୁ ସେଠୀ, ଅର୍ଜୁନ ଓରାମ ପ୍ରମୁଖ ସାମିଲ ରହିଥିଲେ।



ଲେଫ୍ରିପଡା ବନ ବିଭାଗ ଦ୍ୱାରା ଉଦ୍ଧାର ବଜ୍ରକାପ୍ତା ଓ ଗିରଫ ଅଭିଯୁକ୍ତ।

### ସ୍କୁଲ ପାଚେରି ଯୋଗୁ ଗ୍ରେଭୟାର୍ଡ ଅବରୋଧ ଅଭିଯୋଗ

# ୧୫ ଘଣ୍ଟା ଧରି ମୃତଦେହ ପଡ଼ିରହିଲା

**କୁଆଁରମୁଣ୍ଡା,୨୫।୮(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ କୁଆଁରମୁଣ୍ଡା ଶବରବସ୍ତିର ଶିବ ମୁଣ୍ଡା(୪୫)ଙ୍କ ଶୁକ୍ରବାର ରାତି ପ୍ରାୟ ୧ଟାରେ ମୃତ୍ୟୁ ହୋଇଥିଲା। ପରେ ମୃତଦେହ ପାରମ୍ପରିକ ସାପ୍ତାହିକୀ ମଙ୍ଗଳବଜାର ପଛ ପାର୍ଶ୍ୱରେ ଥିବା ଗ୍ରେଭୟାର୍ଡ (ସମାଧିସ୍ଥଳକୁ) ନେବା ପାଇଁ ବ୍ୟବସ୍ଥା ହୋଇଥିଲା। ମାତ୍ର ଗ୍ରେଭୟାର୍ଡକୁ ଯିବା ପାଇଁ ପୂର୍ବ ରାସ୍ତାଟି କୁଆଁରମୁଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟ ପକ୍ଷରୁ ପାଚେରି ନିର୍ମାଣ କରାଯାଇଛି। ଫଳରେ ସମାଧିସ୍ଥଳକୁ ଯିବା ପାଇଁ କୌଣସି ରାସ୍ତା ନ ଥିବାରୁ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ଏ ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ସେମାନେ ସ୍କୁଲ ଭିତର ଦେଇ ମୃତଦେହ ଯିବାକୁ ଅନୁମତି ଦେଇ ନ ଥିଲେ। ଫଳରେ ପରିବାର ଲୋକେ ସ୍ଥାନୀୟ ସମିତି ସଭ୍ୟ ରାଜେଶ ହାଁସଦା, ଯୁବନେତା ସଞ୍ଜୀବ ପ୍ରତାପ ସିଂଦେଓ, ରାଜେଶ କେର୍କେଟା ଓ ଅନ୍ୟମାନଙ୍କୁ ନେଇ କୁଆଁରମୁଣ୍ଡା ତହସିଲକୁ ଯାଇଥିଲେ। ତହସିଲଦାର ଦିଲ୍ଲୀପ ଶତପଥିଙ୍କୁ ଘଟଣା ସମ୍ପର୍କରେ ଜଣାଇ ସମାଧାନ କରିବାକୁ ଅନୁରୋଧ କରିଥିଲେ। ତହସିଲଦାର ଘଟଣା ବିଷୟରେ ଅବଗତହୋଇ ବାଳିକା ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଓ କୁଆଁରମୁଣ୍ଡା ବିଇଓ ସଦାନନ୍ଦ ପଧାନଙ୍କୁ ତହସିଲକୁ ଡକାଇ ଘଟଣାର ସମାଧାନ ପାଇଁ ଉଦ୍ୟମ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା। ଏହା ପରେ ଅପରାହ୍ନ ୫ଟାରୁ ଆନ୍ଦୋଳନକାରୀମାନେ ମୃତଦେହକୁ ତହସିଲ ସମ୍ମୁଖସ୍ଥ ୧୪୩ ନମ୍ବର ଜାତୀୟ ରାଜପଥରେ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଫଳରେ ଯାତ୍ରୀମାନଙ୍କୁ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗିବାକୁ ପଡିଥିଲା। ଶେଷରେ ପାନପୋଷ ଉପଜିଲାପାଳ ବିଶ୍ୱଜିତ୍ ମହାପାତ୍ର କୁଆଁରମୁଣ୍ଡା ତହସିଲରେ ପହଞ୍ଚି ବୀରମିତ୍ରପୁର ଏସ୍‌ଡିପିଓ ପି.କେ ପାତ୍ରଙ୍କ ଉପସ୍ଥିତିରେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଶେଷରେ ସମାଧିସ୍ଥଳକୁ ମୃତଦେହ ଯିବା ପାଇଁ ଜବରଦଖଲ ସରକାରୀ ଜମିରୁ ସେମାନଙ୍କୁ ହଟାଯାଇ ରାସ୍ତା ନିର୍ମାଣ କରାଯିବ ବୋଲି ଉପଜିଲାପାଳ ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ। ଏହା ସହ ସାମୟିକଭାବେ ମୃତଦେହକୁସମାଧିସ୍ଥଳକୁ ନେବା ପାଇଁ ସ୍କୁଲ ପାଚେରିର ପାଖାପାଖି ୪ ଫୁଟ ଭାଙ୍ଗିବା ପାଇଁ ଗୋଷ୍ଠୀ ଶିକ୍ଷାଧିକାରୀ ସଦାନନ୍ଦ ପଧାନଙ୍କୁ ପରାମର୍ଶ ଦେଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ପଧାନ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କୁ ଏଥିରେ ରାଜି କରାଇବା ପରେ ରାଜପଥରୁ ମୃତଦେହ ଉଠିଥିଲା। ଏହା ପରେ ରାତି ପ୍ରାୟ ସାଢେ ୮ଟାରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଅନ୍ୟପକ୍ଷରେ ପାଚେରି ଭାଙ୍ଗିବା ସ୍ଥଳରେ ସ୍ଥାନୀୟ ତହସିଲଦାର ଶତପଥି, ବୀରମତ୍ରପୁର ଏସ୍‌ଡିପିଓ ପାତ୍ର, ବୀରମିତ୍ରପୁର ଥାନାଧିକାରୀ ଦେବକୀ ନାଏକ, କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ମନୋଜ ନାଏକଙ୍କ ସହ ପୋଲିସ ଫୋର୍ସ ଉପସ୍ଥିତ ଥିଲେ। ଏଥିସହ ମୃତଦେହ ସତ୍କାର ପରେ ପାଚେରିର ଯେତିକି ଅଂଶ ଭଙ୍ଗାଯାଇଥିବ ତାହାକୁ ପ୍ରଶାସନ ପକ୍ଷରୁ ତୁରନ୍ତ ମରାମତି କରାଯିବ ବୋଲି ଉପଜିଲାପାଳ ମହାପାତ୍ର ଶିକ୍ଷା ବିଭାଗକୁ ପ୍ରତିଶ୍ରୁତି ଦେଇଛନ୍ତି।

**କୁଆଁରମୁଣ୍ଡା**

- ତହସିଲ ପ୍ରଶାସନ ସହ ଆଲୋଚନା
- ୩ ଘଣ୍ଟା ରାଜପଥ ଅବରୋଧ
- ଉପଜିଲାପାଳଙ୍କ ହସ୍ତକ୍ଷେପ
- ପ୍ରତିଶ୍ରୁତି ପରେ ଅବରୋଧ ହଟିଲା





ମୃତଦେହ ରଖି ଆନ୍ଦୋଳନ କରୁଛନ୍ତି ସ୍ଥାନୀୟ ଲୋକେ (ବାମ)। ଉପଜିଲାପାଳ ବିଶ୍ୱଜିତ୍ ମହାପାତ୍ରଙ୍କ ସହ ସ୍ଥାନୀୟ ଜନପ୍ରତିନିଧି ସମାଧାନର ବାଟ ନେଇ ଆଲୋଚନା କରୁଛନ୍ତି।



ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା ହେଉଚି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
- ମହାତ୍ମା ଗାନ୍ଧୀ



# ଡକାୟତ ଗ୍ୟାଙ୍ଗ୍‌ର ୧୩ ଗିରଫ

ସୁନ୍ଦରଗଡ଼ ,୨୫।୮ (ଡି.ଏନ୍.ଏ)

ବିଭିନ୍ନ ରାସ୍ତାରେ ଲୁଟ୍ ଓ ଡକାୟତି ଭଳି ବିଭିନ୍ନ ମାମଲାରେ ସମ୍ପୃକ୍ତ ଆନ୍ତଃଜିଲା ଡକାୟତି ଗ୍ୟାଙ୍ଗର ୧୩ ଜଣଙ୍କୁ ଗିରଫ କରିବାରେ ସୁନ୍ଦରଗଡ଼ ପୋଲିସ ସକ୍ଷମ ହୋଇଛି। ପୋଲିସ ସେମାନଙ୍କ ନିକଟରୁ ୨ଟି ଦେଶୀ ପିସ୍ତଲ, ଭୁଜାଲି, ୫ଟି ବାଇକ୍, ନଗଦ ୧୨ ହଜାର ୬୪୦ଟଙ୍କା ଓ ଡକାୟତି ଘଟଣାରେ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଶନିବାର ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ର ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି। ଏହି ଡକାୟତି ଗ୍ୟାଙ୍ଗ ସୁନ୍ଦରଗଡ଼ ଓ ପଡୋଶୀ ଝାରସୁଗୁଡା, ସମ୍ବଲପୁର ସୀମାବର୍ତ୍ତୀ ଅଞ୍ଚଳରେ ବିଭିନ୍ନ ଲୁଟ୍, ଡକାୟତି, ରାହାଜାନୀ ଭଳି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ଜାଣିପାରିଛି।

ଏସ୍‌ପିଙ୍କ ସୂଚନା ମୁତାବକ ଗତ ଜୁନ୍ ୮ତାରିଖରେ ଧରୁଆଡିହି ଥାନା ଅନ୍ତର୍ଗତ ତଳସରା ବିଜାଡିହି ରାସ୍ତାରେ ପଡୋଶୀ ସମ୍ବଲପୁର ଜିଲା ବାମରାସ୍ଥିତ ଭାରତ ଫାଇନାନ୍ସ ଲିମିଟେଡ କମ୍ପାନୀର ସୁମିତ ବେହେରା ନାମକ ଜଣେ କର୍ମଚାରୀ ବାଇକ୍‌ରେ ଯାଉଥିବାବେଳେ ରାସ୍ତାରେ ୪ଜଣ ଲୁଟେରା ତାଙ୍କୁ ପିସ୍ତଲ ଦେଖାଇ ୭୩ ହଜାର ଟଙ୍କା ଲୁଟି ନେଇଥିଲେ। ଏ ନେଇ ଫାଇନାନ୍ସ କମ୍ପାନୀର ଏହି କର୍ମଚାରୀଙ୍କ ଅଭିଯୋଗ କ୍ରମେ ପୋଲିସ ଧରୁଆଡିହି ଥାନାରେ ଏକ ମାମଲା (ନଂ. ୫୧/ ୨୦୧୮) ରୁଜୁ କରିଥିଲା।



ଏସ୍‌ପି ସୌମ୍ୟା ମିଶ୍ର ଖବରଦାତା ସମ୍ମିଳନୀରେ ଡକାୟତ ଗ୍ୟାଙ୍ଗ୍ ସମ୍ପର୍କରେ ସୂଚନା ଦେଉଛନ୍ତି।

**ପୋଲିସର ସଫଳତା**

- ୨ ଦେଶୀ ପିସ୍ତଲ , ଭୁଜାଲି ଜବତ
- ୫ ବାଇକ୍ ସହ ୧୨,୬୪୦ଟଙ୍କା ଜବତ
- ୩ ଲୁଟ୍ ସାମଗ୍ରୀ କିଣିଥିଲେ

ଲୁଟେରାମାନଙ୍କୁ ଧରିବା ପାଇଁ ଅନୁସନ୍ଧାନ ଚଳାଇଥିଲା। ଲୁଟ୍ ପରେ ଲୁଟେରାମାନଙ୍କ ମଧ୍ୟରୁ ଜଣେ ହରିୟାନା ଚାଲିଯାଇଥିଲେ। ସେ ଫେରିବା ପରେ ଧରୁଆଡିହି ଥାନା ଅଧିକାରୀ ମିଲି ସାହୁ ଏହି ଥାନା ଅନ୍ତର୍ଗତ ଫିଲିଙ୍ଗିବାହାଲ ଗ୍ରାମର ସମୀର ନାଏକ (୧୯) ଓ ରବି ମିରିଗ (୨୨)ଙ୍କୁ ଥାନାକୁ ଆଣି ପଚରାଉଚରାବେଳେ ଏହି ଲୁଟେରାଙ୍କ ନେଟ ୱର୍କ ସମ୍ପର୍କରେ ସୂଚନା ପାଇଥିଲେ। ଲୁଟ୍ ଘଟଣାରେ ସେମାନେ ସମ୍ପୃକ୍ତ ଥିବା ଓ ଏହାର ମାଷ୍ଟରମାଇଣ୍ଡ ବଡ଼ଗାଁ ସାହାଜବାହାଲ ଗ୍ରାମର ସୁବ୍ରତ ଓରଫ୍ ଶୁଭମ ନାଗ (୨୪) ଓ ବିରବିରା ଗ୍ରାମର ପ୍ରକାଶ ଜୟପୁରିଆ ବୋଲି ଜଣାପଡିଥିଲା। ଏମାନେ ଏକ ସୁସଙ୍ଗଠିତ ଡକାୟତି ଗ୍ୟାଙ୍ଗର ନେଟ୍‌ୱର୍କ ଚଳାଇ ବିଭିନ୍ନ ଥାନା ଅଞ୍ଚଳରେ ଲୁଟ, ଡକାୟତି ଘଟଣାମାନ ଘଟାଇ ଆତଙ୍କ ସୃଷ୍ଟି କରୁଥିଲେ। ପୋଲିସ ସମୀର, ରବିଙ୍କୁ ଗିରଫ କରିବା ପରେ ବିରବିରା ଗ୍ରାମର ପ୍ରକାଶ ଜୟପୁରିଆ ଓ ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ଅଞ୍ଚଳର ଏକ କୁଲର ମେକାନିକ ମହେଶ ସିଂ ଓରଫ ଗୁଡି (୨୧)ଙ୍କୁ ଗିରଫ କରିଥିଲା। ମହେଶ ସିଂ ଓରଫ ଗୁଡି ବାମରା ଅଞ୍ଚଳର ଫାଇନାନ୍ସ କର୍ମଚାରୀଙ୍କ ଗତିବିଧି ଉପରେ ନଜର ରଖି ଏହି ଲୁଟେରାମାନଙ୍କୁ ସୂଚନା ଦେଉଥିଲେ। ଫାଇନାନ୍ସ କର୍ମଚାରୀଙ୍କଠାରୁ ଟଙ୍କା ଲୁଟ୍ ପରେ ଏହି ଲୁଟେରାମାନେ ମଚାମରା ଗ୍ରାମର ରାମ ରୋହିଦାସଙ୍କୁ ଟାବଲେଟ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରୀ କରି ଲୁଟ ଟଙ୍କା ଭାଗବଣ୍ଟାକରି କୁତ୍ରା ପଞ୍ଚରାଠାରେ ପ୍ୟାଣ୍ଟ, ସାର୍ଟ କିଣି ଖାଇପିଇ ମଉଜ କରି ଫେରାର୍ ହୋଇଯାଇ ଥିଲେ। ଏହି ଗ୍ୟାଙ୍ଗର ଅନ୍ୟତମ ମାଷ୍ଟର ମାଇଣ୍ଡ ବଡ଼ଗାଁ ସାହାଜବାହାଲର ଶୁଭମ ନାଏକ, ପ୍ରକାଶ ଜୟପୁରିଆ ଓ ବିରିବିରା ଗ୍ରାମର ସୁବ୍ରତ ଶେଖର ଦେଓ କିଞ୍ଜିରିକେଲା, ଭଷ୍ମା ଥାନାରେ ଏକ ଡକାୟତି ଘଟଣା ସମେତ ଝାରସୁଗୁଡା ଜିଲା ଲଇକେରା ଥାନା ଅଞ୍ଚଳରେ ଲୁଟ୍ ମାମଲାରେ ସମ୍ପୃକ୍ତ ଥିବା ସୂଚନା ଦେଇଛନ୍ତି। ସେହିପରି ଶୁକ୍ରବାର ବିଳମ୍ବିତ ରାତିରେ ସଦର ଥାନା ପୋଲିସ କରମଡିହି ବଜରଙ୍ଗ ମନ୍ଦିର ପଛପାଖ ସାଇଲୋପଡା ନିକଟରେ ଡକାୟତି ଯୋଜନା ପାଇଁ ଉଦ୍ୟମ କରୁଥିବା ଏକ ଡକାୟତି ଦଳର ୪ଜଣଙ୍କୁ ଗିରଫ କରିବାରେ ମଧ୍ୟ ସକ୍ଷମ ହୋଇଛି। ଏମାନେ ହେଲେ ତଳସରା ଥାନା ଅନ୍ତର୍ଗତ ଯମୁନାଟିକଟମାଟି ଗ୍ରାମର ଅପରାଧୀ ଏମ୍.ଡି ନବାବ ଖାନ୍ (୪୭), ଟାଙ୍ଗର ଗାଁର ଦୀପକ ଆପାଟ (୨୬), ତୁମଲିଆ ଗ୍ରାମର କ୍ଷୀରୋଦ ବେହେରା (୨୪) ଓ ସବଡେଗାର ବାସୁଦେବ ସେନାପତି (୨୪)। ପୋଲିସ ଏମାନଙ୍କ ନିକଟରୁ ଗୋଟିଏ ଦେଶୀ ପିସ୍ତଲ, ଗୋଟିଏ ବଜାଜ ପଲସର ଓଡି ୧୬ସି ୧୮୬୬, ଏକ ସ୍କୁଟି ଓଆର ୧୬ଡି ୫୯୮୧ , ଗୋଟିଏ ଛୁରି, ମୋଟରସାଇକେଲ ଚେନ୍, ଲଙ୍ଗାଗୁଣ୍ଡ, ୬ରାଉଣ୍ଡ ଅଫୁଟା ଗୁଳି, ୪ଟି ମୁଖା, ଟର୍ଚ୍ଚ ଲାଇଟ୍ ସହ ୪ଟି ମୋବାଇଲ ଫୋନ୍, ନଗଦ ୧୨ହଜାର ୬୪୦ଟଙ୍କା ଜବତ କରିଛି। ଏହି ୪ଟି ଲୁଟ ଓ ଡକାୟତି ଘଟଣାରେ ଧରୁଆଡିହି, ଭଷ୍ମା, କିଞ୍ଜିରିକେଲା ଓ ସଦର ଥାନାରେ ପୃଥକ, ପୃଥକ ଭାବେ ୪ଟି ମାମଲା ରୁଜୁ ହୋଇଛି। ମୋଟ ୧୩ଜଣଙ୍କୁ ଗିରଫ କରାଯାଇ ଶନିବାର କୋର୍ଟ ଚାଲାଣ କରାଯାଇଛି। ଏହି ୧୩ଜଣଙ୍କ ମଧ୍ୟରେ ବଡଗାଁ ମଚାମରା ଗ୍ରାମର ରାମରୋହି ଦାସ (୧୯), ଧରୁଆଡିହି ଗ୍ରାମର ବେଣୁଧର ନାଥ (୩୫) ଓ ସମ୍ବଲପୁର ଗୋବିନ୍ଦପୁର ଥାନା ଅଞ୍ଚଳର ଚନ୍ଦନ ବର୍ମାଙ୍କୁ ଲୁଟ ସାମଗ୍ରୀ କିଣିବା ଅଭିଯୋଗରେ ମଧ୍ୟ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ସଦର ଏସଡିପିଓ ବଳଭଦ୍ର ଦୀପ, ସଦର ଥାନା ଆଇଆଇସି ରମାକାନ୍ତ ସାଏ, ଧରୁଆଡିହି ଥାନା ଅଧିକାରୀ ମିଲି ସାହୁ, ଭଷ୍ମାଥାନା ଆଇଆଇସି ଅନୀତା ପ୍ରଧାନ ,ଏସ.ଆଇ ଅନୀଲ ପରିଡା, କିଞ୍ଜିରିକେଲା ଥାନା ଅଧିକାରୀ ବିଦେଶୀ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

## ମଦ ଜବତ : ୯ ଗିରଫ

ଲହୁଣୀପଡା, ୨୫।୮ (ଡି.ଏନ.ଏ.)

ଲହୁଣୀପଡା ଅବକାରୀ ବିଭାଗ ଓ ପୋଲିସର ମିଳିତ ଭାବେ ଶନିବାର ବିଭିନ୍ନ ସ୍ଥାନରେ ଚଢାଉ କରି ବିପୁଳ ପରିମାଣର ଦେଶୀ ମହୁଲି ମଦ ଓ ମଦ ପ୍ରସ୍ତୁତ ସାମଗ୍ରୀ ଜବତ କରାଯାଇଛି। ଏହା ସହିତ ନଅଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜ୍ୟମୁଣ୍ଡା ପଞ୍ଚାୟତ ଗମଲେଇ ସାପ୍ତାହିକ ହାଟରେ ବେନିୟମ ଦେଶୀ ମହୁଲ ମଦ କାରବାର ଉପରେ ଚଢାଉ କରିଥିଲେ। ଚାନ୍ଦିପୋଷ ଥାନା ଅନ୍ତର୍ଗତ ବାଙ୍କି, କୁମାକେଲା , ମୃଷାବିରା, ବଡଗାଁରେ ଚଢାଉ କରିଥିଲେ। ଏହି ଚଢାଉ ବେଳେ ମାଜିଷ୍ଟ୍ରେଟ ଭାବେ ସରୋଜ କୁମାର ପୃଷ୍ଟେଠଙ୍କ ସହିତ ଅବକାରୀ ଇନ୍ସପେକ୍ଟର ପଦ୍ମଲୋଚନ ପ୍ରଧାନ, ସବଇନ୍ସପେକ୍ଟର ନିରଞ୍ଜନ ନାୟକ, ସୁରେଶ ଚନ୍ଦ୍ର ତାଣ୍ଡି, ଏଏସଆଇ ତନୁ କିଶୋର ପାତ୍ର, ପ୍ରଶାନ୍ତ ପତିଙ୍କ ନେତୃତ୍ୱରେ ଏବଂ ଲହୁଣୀପଡା ପୋଲିସ ଫୋର୍ସଙ୍କ ସହିତ ଚଢାଉ କରାଯାଇଥିଲା। ବାଙ୍କି ଗ୍ରାମର ପୂର୍ଣ୍ଣ ପାତ୍ର, ମୃଷାବିରାର ବିରାଙ୍ଗ ଓରାମ, କୁମାକେଲାର ନର ଓରାମ, ଅଞ୍ଜେ ଓରାମ, ନନ୍ଦୁଆ ଓରାମ, ଭୋଗରା ତ୍ରିଲୋଚନ ମାହାନ୍ତ, ବଡଗତାଁର ପ୍ରଦୀପ ଓରାମ ପ୍ରମୁଖଙ୍କଠାରୁ ମୋଟ ୮୪ ଲିଟର ଦେଶୀ ମହୁଲି ମଦ ଜବତ କରିବା ସହିତ ଡେକଚି, ଖିଲନି, ବାଲଟି ଏବଂ ମଦ ଭର୍ତ୍ତିବୋତଲ ଜବତ କରିଥିଲେ। ମୃଷାବିରା ଓ ବାଙ୍କିଅଞ୍ଚଳରୁ ପ୍ରାୟ ତିନିଶହ କିଲୋଗ୍ରାମ ମହୁଲ ପୋଚ ଉଦ୍ଧାର କରି ନଷ୍ଟ କରି ଦେଇଥିଲେ । ସେହି ବଣେଇସ୍ଥିତ କନ୍ତପୋଡିଠାରେ ଥିବା ଏକ ଢାବା ଉପରେ ଚଢାଉ କରି ବିଦେଶୀ ମଦ ଜବତ କରିଥିଲେ।

## ସଂକ୍ଷେପରେ

### ହେମଗିରରେ ସ୍ୱଚ୍ଛତା ସର୍ବେକ୍ଷଣ ଗ୍ରାମୀଣ ୨୦୧୮

ହେମଗିର, ୨୫।୮(ଡି.ଏନ.ଏ.)- ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନକୁ ସଫଳ କରିବା ପାଇଁ ହେମଗିରରେ ସ୍ୱଚ୍ଛତା ସର୍ବେଶ୍ରଣ ଗ୍ରାମୀଣ -୨୦୧୮ ଆରମ୍ଭ କରାଯାଇଛି। ଏଥିପାଇଁ କନିକା ଓ ଲୁଆବାହାଲଠାରେ ଏହା ଆରମ୍ଭ କରାଯାଇଛି। କାର୍ଯ୍ୟକ୍ରମକୁ ସ୍ୱଚ୍ଛଗ୍ରାହୀମାନଙ୍କ ପକ୍ଷରୁ ଆୟୋଜନ କରାଯାଇଥିଲା। ଏଥିରେ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ୱାର୍ଡମେମ୍ବର, ଅଙ୍ଗନୱାଡି କର୍ମୀ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର, ଗ୍ରାମବାସୀ ସାମିଲ ହୋଇଥିଲେ। ଏମାନଙ୍କୁ ନେଇ ଏକ ପଟୁଆରରେ ଗ୍ରାମ ପରିକ୍ରମା କରିଥିଲେ। ଲୋକଙ୍କୁ ଗାଁ ଦାଣ୍ଡ ପରିଷ୍କାର ପରିଚ୍ଛନ୍ନ ସାଙ୍ଗକୁ ବାହାରେ ମଳତ୍ୟାଗ ନ କରିବା, ମଶାରୀ ଟାଙ୍ଗି ଶୋଇବା, ବାଟଘାଟ ସଫା ରଖିବା ଭଳି ସ୍ୱଚ୍ଛତା ଉପରେ ଗାଁ ଲୋକଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ । ଏହି ଉଭୟ କାର୍ଯ୍ୟକ୍ରମରେ କନିକା ସରପଞ୍ଚ ସୁନିତା ମାଝୀ, ସମିତି ସଭ୍ୟା ଗୀତାଞ୍ଜଳି ଭୋଇ, ସୁନ୍ଦରଗଡ ଜିଲାସ୍ତରୀୟ ସଂଯୋଜକ ଅନୀଳ କୁମାର ପଟେଲ, ଆରଡବ୍ଲ୍ୟୁଏସଏସ ଯନ୍ତ୍ରୀ କୁନା କିଷାନ, ପରେଶ ଚନ୍ଦ୍ର ଟୁଡୁ, ବ୍ଲକ କୋ ଅପରେଟିଭ ସୁନୀଳ ପଣ୍ଡା, ପର୍ଶୁରାମ ସା ପ୍ରମୁଖ ସାମିଲ ଥିଲେ। ସେହିପରି ଲୁଆବାହାଲଠାରେ ସ୍ୱାଚ୍ଛଗ୍ରାହୀ କବିତା ସା, ବାଳକୃଷ୍ଣ ପଟେଲ, କୁଳମଣି ମିଶ୍ର ତଥା ଶିକ୍ଷକ ଶିକ୍ଷୟିତ୍ରୀ ଓ ବହୁ ଛାତ୍ରୀ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

### ଗୋରୁ କାଟିବା ଅଭିଯୋଗରେ ଜଣେ ଗିରଫ

ଲଖନପୁର,୨୫।୮(ଡି.ଏନ୍.ଏ.)- ଝାରସୁଗୁଡା ଜିଲା ଲଖନପୁର ଥାନା ଅଧୀନ ସିହାଂରପୁର ଗ୍ରାମରେ ଗୋରୁ (ବଳଦ) କାଟିବାକୁ ନେଇ ଉତ୍ତେଜନା ଦେଖା ଦେଇଛି। ଖବର ପାଇ ଲଖନପୁର ଥାନା ପୋଲିସ୍ ଗ୍ରାମରେ ପହଞ୍ଚି ଏହାର ତଦନ୍ତ କରିଛି। ଏ ନେଇ ବଳଦ ମାଲିକ ଗ୍ରାମର ଦୀଲିପ ସାହୁ ଲଖନପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ୍ ଲଖନପୁର ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ପୋଲିସ୍ ସେହି ଗ୍ରାମର ରମେଶ ବାରିକ ଓ ତାଙ୍କ ସ୍ତ୍ରୀଙ୍କୁ ଥାନାକୁ ନେଇ ଅଟକ ରଖିଥିଲା। ଅଟକ ଦମ୍ପତିଙ୍କ ମଧ୍ୟରୁ ପୋଲିସ୍ ସ୍ତ୍ରୀଙ୍କୁ ଛାଡିଦେଇ ସ୍ୱାମୀ ରମେଶଙ୍କୁ ଗିରଫ କରିଛି। ଦୀଲିପ ସାହୁ ଗତ ୧୦ଦିନ ତଳେ ଏକ ବଳଦ ରମେଶଙ୍କୁ ପାଳିବା ପାଇଁ ଦେଇଥିଲେ। ରମେଶ ବଳଦକୁ ଘରେ ରଖି ଲାଳନ ପାଳନ କରିଥିଲେ। ଏଥିମଧ୍ୟରେ ରମେଶଙ୍କ ଘର ନିକଟ ଜଙ୍ଗଲରେ ଗୋରୁମାଂସ ପଡିଥିବା ଗାଁଲୋକେ ଦେଖିବାକୁ ପାଇଥିଲେ । ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖା ଦେଇଥିଲା। ଉତ୍ତେଜିତ ଗ୍ରାମବାସୀଙ୍କର ସନ୍ଦେହ ରମେଶଙ୍କ ଉପରେ ହୋଇଥିଲା । ଗ୍ରାମବାସୀ ରମେଶଙ୍କୁ ପଚରା କରିଥିଲେ । ପ୍ରଥମେ ରମେଶ ମାନି ନ ଥିଲେ । ପୋଲିସ୍ ରମେଶଙ୍କ ଘର ଉପରେ ଚଢାଉ କରି କିଛି ଗୋରୁ ମାଂସ ଜବତ କରିଥିଲା । ରମେଶ ଓ ତାଙ୍କ ସ୍ତ୍ରୀଙ୍କୁ ଥାନାକୁ ନେଇ ପଚରା ଉଚରା କରିଥିଲା। ରମେଶ ପୋଲିସ୍ ନିକଟରେ କହିଛନ୍ତି ଯେ, ବଳଦ ମରିଯିବା ପରେ ତାକୁ ସ୍ୱାମୀ,ସ୍ତ୍ରୀ ଉଭୟ ମିଶି କାଟି ଦେଇଛନ୍ତି।

### ପଣ୍ଡରୀ ସ୍କୁଲ୍‌ରୁ ଚୋରି ଚାଉଳ ଉଦ୍ଧାର, ଜଣେ ଅଟକ

ଲଖନପୁର,୨୫।୮(ଡି.ଏନ୍.ଏ.)- ଝାରସୁଗୁଡା ଜିଲା ଲଖନପୁର ଥାନା ଅଧୀନ ପଣ୍ଡରୀ ଗ୍ରାମର ଉଚ୍ଚ ପ୍ରାଥମିକ ସ୍କୁଲ୍‌ରୁ ଚୋରି ଯାଇଥିବା ଚାଉଳକୁ ପୋଲିସ୍ ସେହି ଗ୍ରାମରୁ ଶନିବାର ଉଦ୍ଧାର କରିଛି । ଏହି ଘଟଣାରେ ପୋଲିସ୍ ଗ୍ରାମର ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଗତ ୨୧ତାରିଖରେ ସ୍କୁଲ୍ ଥିଲା। ପର ଦିନ ଛୁଟି ଥିବାରୁ ସ୍କୁଲ୍ ବନ୍ଦ ରହିଥିଲା। ୨୩ ତାରିଖ ସକାଳୁ ସ୍କୁଲ୍ ଖୋଲିଲାବେଳକୁ ସ୍କୁଲର ତାଲା ଭଙ୍ଗା ହୋଇଛି। ଘର ଭିତରେ ରହିଥିବା ମଧ୍ୟାହ୍ନ ଭୋଜନ ଚାଉଳକୁ କେହି ଚୋରି କରି ନେଇଥିଲେ। ଏ ନେଇ ସ୍କୁଲ୍ ପ୍ରଧାନ ଶିକ୍ଷକ ସୁବାସ ଶତପଥୀ ଓ ସ୍କୁଲ୍ ପରିଚାଳନା କମିଟି ସଭାପତି ନରେନ୍ଦ୍ର ବାଗ ଲଖନପୁର ଥାନାରେ ଲିଖିତ ଭାବେ ଜଣାଇଥିଲେ।

# ଏଆଇଟିୟୁସି ପକ୍ଷରୁ ଧାରଣା, ଦାବିପତ୍ର ପ୍ରଦାନ

ସୁନ୍ଦରଗଡ଼,୨୫।୮(ଡି.ଏନ୍.ଏ)

ଏଆଇଟିୟୁସି ସହବନ୍ଧିତ ଓଡିଶା ଫରେଷ୍ଟ ଉଡ ଏଗ୍ରିକଲଚର ଏଣ୍ଡ ବିଲଡିଂ କନଷ୍ଟ୍ରକସନ୍ ୱର୍କସ ୟୁନିୟନ ପକ୍ଷରୁ ଶନିବାର ଧାରଣା ସହ ଦାବିପତ୍ର ଦିଆଯାଇଛି। ଏଆଇଟିୟୁସି ଜିଲା ସମ୍ପାଦକ କମଳ ଷଣ୍ଢଙ୍କ ନେତୃତ୍ୱରେ ସ୍ଥାନୀୟ ନାରୀକଲ୍ୟାଣ କେନ୍ଦ୍ର ଠାରୁ ଶତାଧିକ ନିର୍ମାଣ ଶ୍ରମିକ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସଭାପତି ଦୁର୍ଗା ଚରଣ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶ୍ରମିକଙ୍କର ବିଭିନ୍ନ ସମସ୍ୟାର ସମାଧାନ ଦାବିନେଇ ସଙ୍ଗଠନ ନେତୃବୃନ୍ଦ ଉଦ୍‌ବୋଧନ ଦେଇଥିଲେ। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଶ୍ରମିକମାନଙ୍କର ସୁବିଧା ଏବଂ ପରିଚୟପତ୍ର ପ୍ରଦାନରେ ବିଳମ୍ବ ଓ ପାତରଅନ୍ତର ନୀତି ନେଇ କ୍ଷୋଭ ପ୍ରକାଶ କରିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ସାକ୍ଷାତ କରି ନିର୍ମାଣ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଦାବି କରିଥିଲେ। ସଙ୍ଗଠନର ଏକ ପ୍ରତିନିଧି ଦଳ ଆଲୋଚନା କରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ସ୍ମାରକପତ୍ରରେ ସୁନ୍ଦରଗଡସ୍ଥିତ ଅତିରିକ୍ତ ଜିଲା ଶ୍ରମ କାର୍ଯ୍ୟାଳୟକୁ ଜିଲା ଶ୍ରମ କାର୍ଯ୍ୟାଳୟର ମାନ୍ୟତା, ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କୁ ୧ମାସ ଭିତରେ ସୁବିଧା ପ୍ରଦାନ, ୨୦୧୬ ମସିହାରୁ ସମସ୍ତ ସୁବିଧା ୧୫ଦିନମଧ୍ୟରେ ପ୍ରଦାନ, ୪ଡିସିମିଲ ଲେଖାଏଁ ଘରଡିହ, ମାସିକ ୩ହଜାର ଟଙ୍କା ପେନସନ୍ ,ଆବେଦନ କରୁଥିବା ଶ୍ରମିକଙ୍କୁ ୩୦ଦିନମଧ୍ୟରେ ପରିଚୟ ପତ୍ର ପ୍ରଦାନ, ନିର୍ମାଣ ଶ୍ରମିକଙ୍କ ସେସ ଆଦାୟକୁ କଡାକଡି କରାଯିବା, ନିର୍ମାଣ ଶ୍ରମିକଙ୍କୁ ବାସଗୃହ ପ୍ରଦାନ, ଶିକ୍ଷା ସହାୟତା ରାଶି ଦ୍ୱିଗୁଣିତ, ଖଣି ଖାଦାନରେ ସ୍ଥାନୀୟ ଯୁବତୀ, ଯୁବକଙ୍କୁ ନିଯୁକ୍ତି ପ୍ରଦାନ ଆଦି ଦାବି ଅନ୍ତର୍ଭୁକ୍ତ। ଏହି କାର୍ଯ୍ୟକ୍ରମରେ ଏଆଇଟିୟୁସି ରାଜ୍ୟ ସମ୍ପାଦକ ଅଶୋକ ଦାଶ ଯୋଗଦେଇ ବିଧାନ ସଭା ସମ୍ମୁଖରେ ହେବାକୁ ଥିବା ଶ୍ରମିକ ମହାସମାବେଶ ସମ୍ପର୍କରେ ସୂଚନା ଦେଇଥିଲେ।




ଏଆଇଟିୟୁସି ପକ୍ଷରୁ ସୁନ୍ଦରଗଡ଼ରେ ଶୋଭାଯାତ୍ରା।

## ସୁନ୍ଦରଗଡ଼ରେ ପହଞ୍ଚିଲା ବାଜପେୟୀଙ୍କ ଚିତାଭସ୍ମ

ସୁନ୍ଦରଗଡ଼,୨୫।୮ (ଡି.ଏନ୍.ଏ)

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ପବିତ୍ର ଚିତାଭସ୍ମ ଶନିବାର ଅପରାହ୍ନରେ ସୁନ୍ଦରଗଡରେ ଭାଜପା ନେତୃବୃନ୍ଦଙ୍କ ଦ୍ୱାରା ପହଞ୍ଚିଛି । ଜିଲା ଭାଜପା କାର୍ଯ୍ୟାଳୟ ଠାରେ ଏହି ପବିତ୍ର ଚିତାଭସ୍ମକୁ ଆସନ୍ତା ସୋମବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ରଖାଯିବାକୁ ସ୍ଥିର ହୋଇଛି । ସୁନ୍ଦରଗଡ ଜିଲା ଭାଜପା କାର୍ଯ୍ୟାଳୟ ଠାରେ ଏହି ପବିତ୍ର ଚିତା ଭସ୍ମ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ଦର୍ଶନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହାପରେ ସ୍ଥାନୀୟ ଇବ୍ ନଦୀର ମହାଦେବପଡା ଘାଟ ଠାରେ ପବିତ୍ର ଚିତାଭସ୍ମ ବିସର୍ଜନ ପରେ ସେହିଦିନ ୨ଟା ୩୦ମିରେ ମାଦ୍ରୀ କାଲୋ ଭବନଠାରେ ଏକ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେବ। ଜନସାଧାରଣ ଯୋଗଦେବାକୁ ଜିଲା ଭାଜପା ସଭାପତି ବଟକିଶୋର ମିଶ୍ର ଅନୁରୋଧ କରିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘୋଷା, ସ୍ତ୍ରୀ, ଧନ;**
**ଆଖିରୁ ନ କରିବ ଆନ ।**

କିଛି ପାଠକୁ ଘୋଷି ଘୋଷି ମନେରଖିବାକୁ ପଡ଼ିଥାଏ। ସେହି ପାଠକୁ ସବୁଦିନ ନ ପଢ଼ିଲେ ବା ନ ଦେଖିଲେ ପାଠ ଭୁଲିଯିବାର ସମ୍ଭାବନା ରହିଥାଏ। ସ୍ତ୍ରୀ ଏକାନ୍ତ ବ୍ୟକ୍ତିଗତ, ତା'ର ଭଲମନ୍ଦ ଦିଗ ପ୍ରତି ଦୃଷ୍ଟିଦେବା ସ୍ୱାମୀର କର୍ତ୍ତବ୍ୟ ହୋଇଥାଏ। ସେହିପରି ନିଜ ଧନ, ସମ୍ପତ୍ତି ପ୍ରତି ସତର୍କ ଦୃଷ୍ଟି ନ ଦେଲେ ତାହା ନଷ୍ଟ ବା ଚୋରି ହୋଇଯିବାର ଆଶଙ୍କା ରହିଥାଏ। ତେଣୁ ଏସବୁ ଉପରେ ସର୍ବଦା ଦୃଷ୍ଟିଦେବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଘଇତାର ଷାଠିଏ କାହାଣ ଋଣ,**
**ମାଇପ ବୋଲେ ମୋ ପେଇଁ ପଇଞ୍ଚ ପଟେ ଆଣ ।**

ସ୍ୱାମୀର ରୋଜଗାର ଉପରେ ସ୍ତ୍ରୀର ଅଧିକାର ଥାଏ। ସ୍ୱାମୀର ଆୟ ଦେଖି ନିଜର ଆବଶ୍ୟକତା ପୂରଣ କରିବା ସ୍ତ୍ରୀ ପକ୍ଷେ ଶୋଭାପାଇଥାଏ। ପରନ୍ତୁ ସ୍ୱାମୀ ଯେତେବେଳେ ଋଣଗ୍ରସ୍ତ ସେତେବେଳେ ସ୍ତ୍ରୀ ଧର୍ମ ରକ୍ଷା ନ କରି ନିଜ ସଉକ ପୂରଣ ପାଇଁ ଅଡିବସିବା ସ୍ତ୍ରୀ ପକ୍ଷେ ଅବିବେକୀର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଏମ୍‌ସ ସାଟେଲାଇଟ୍ ସେଣ୍ଟର ଲାଗି ଶିଳାନ୍ୟାସ

# 'ବିକାଶରେ ଯୋଡ଼ିହେଲା ସ୍ୱର୍ଣ୍ଣିମ ଅଧ୍ୟାୟ'

ବାଲେଶ୍ୱର ଅଫିସ/ରେମୁଣା, ୨୫।୮(ଡି.ଏନ.ଏ.)

ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍‌ସ)ର ଉପକେନ୍ଦ୍ର ଭାବେ ବାଲେଶ୍ୱରଠାରେ ପ୍ରସ୍ତାବିତ ସାଟେଲାଇଟ୍ ସେଣ୍ଟର ପ୍ରତିଷ୍ଠା ଲାଗି ଶନିବାର ଅପରାହ୍ନରେ ଶିଳାନ୍ୟାସ କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଏବଂ କେନ୍ଦ୍ର ପେଟ୍ରୋଲିୟମ୍ ଓ ଦକ୍ଷତା ବିକାଶ ବିଭାଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଭିତ୍ତିପ୍ରସ୍ତର ସ୍ଥାପନ କରି ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇଥିଲେ। କୌଣସି କାମ ଏକକାଳୀନ ଶେଷ ହୋଇପାରେ ନାହିଁ। ପର୍ଯ୍ୟାୟକ୍ରମେ କରିବାକୁ ପଡିଥାଏ। ବାଲେଶ୍ୱରଠାରେ ଏହି ସେଣ୍ଟର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଲୋକଙ୍କୁ ଉତ୍ତମମାନର ଚିକିତ୍ସା ସେବା ଯୋଗାଇ ଦିଆଯିବ। ରାଜନୀତିଠାରୁ ଏହାକୁ ଉର୍ଦ୍ଧ୍ୱରେ ରଖି କାର୍ଯ୍ୟ କରାଯିବ। ଏଠାରେ ଏମ୍‌ସ ସାଟେଲାଇଟ ସେଣ୍ଟର ସ୍ଥାପନ ବିକାଶ କ୍ଷେତ୍ରରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ନଡ୍ଡା ବକ୍ତବ୍ୟରେ କହିଥିଲେ।

ସାଢେ ୪ ବର୍ଷ ଶାସନକାଳ ମଧରେ କେନ୍ଦ୍ରରେ ଏନଡିଏ ସରକାର ପୂର୍ବ ପ୍ରସ୍ତାବିତ ଏହି ସେଣ୍ଟର ନିର୍ମାଣ କାର୍ଯ୍ୟ କରିପାରି ନ ଥିବାରୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। କେନ୍ଦ୍ରମନ୍ତ୍ରୀ ନଡ୍ଡାଙ୍କ ଭାଷଣରେ ଏହି ସମାଲୋଚନାର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ବାଲେଶ୍ୱର ଜିଲାର ଅନ୍ୟ ବିଧାୟକମାନଙ୍କର ଅନୁପସ୍ଥିତି ବାରି ହୋଇପଡିଥିଲା। ବାଲେଶ୍ୱର ସଦର ୧୬ନଂ ଜାତୀୟ ରାଜପଥ ନିକଟସ୍ଥ ରେମୁଣା ବ୍ଲକ ବାମପଦାଠାରେ ସାଟେଲାଇଟ୍ ସେଣ୍ଟର ନିର୍ମାଣ ଲାଗି ରାଜ୍ୟ ସରକାର ଯୋଗାଇ ଦେଇଥିବା ୨୫ ଏକର ଜମିରେ ଏହି ସେଣ୍ଟର ନିର୍ମାଣ କରାଯିବ। ଉକ୍ତ ଏମ୍‌ସ ପଡ଼ିଆ ପରିସରରେ ଆୟୋଜିତ ସଭାରେ କେନ୍ଦ୍ରମନ୍ତ୍ରୀ ନଡ୍ଡା କେନ୍ଦ୍ରସରକାରଙ୍କର 'ଆୟୁଷ୍ମାନ ଭାରତ ଯୋଜନା' ଉପରେ ଆଲୋକପାତ କରି ରାଜ୍ୟ ସରକାର 'ଆଧାର' ଆଳରେ ଏହାକୁ ରାଜନୀତୀକରଣ କରିବା ଦୁଃଖର ବିଷୟ ବୋଲି ପ୍ରକାଶ କରିଥିଲେ। ଉକ୍ତ ଯୋଜନାରେ ସାଧାରଣ ଲୋକେ ୫ଲକ୍ଷ ଟଙ୍କା ଲେଖାଏଁ ସ୍ୱାସ୍ଥ୍ୟବୀମା ସୁବିଧା ପାଇ ପାରିବେ। ବାଲେଶ୍ୱରବାସୀ ବମ୍ବେ, ଦିଲ୍ଲୀ, ଚେନ୍ନାଇ, କୋଲକାତା ଭଳି ସହରରେ ରହୁଥିଲେ ମଧ ଯୋଜନାର ସୁଫଳ ଓ ସ୍ୱାସ୍ଥ୍ୟସେବା ପାଇପାରିବେ। ଆଧାର ସହ ସେବାକୁ ଲିଙ୍କ୍ କରାଗଲେ ଅନ୍ୟ ପରିଚୟ ଆବଶ୍ୟକ ପଡିବ ନାହିଁ। ଓଡିଶାରେ ୯୩ ପ୍ରତିଶତ ଲୋକ ଆଧାର ସହିତ ଯୋଡ଼ି ହୋଇ ରହିଛନ୍ତି ବୋଲି ସେ କହିଥିଲେ। ଏହି ଅବସରରେ ପ୍ରତି ତିନି ସଂସଦୀୟ କ୍ଷେତ୍ରରେ ଗୋଟିଏ ମେଡିକାଲ କଲେଜ ଏବଂ ପ୍ରତି ରାଜ୍ୟରେ ଗୋଟିଏ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଲାଗି ମନ୍ତ୍ରାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ମୋଟ ୨୪ ନୂଆ ମେଡିକାଲ କଲେଜ ହେବ। ଏଥିମଧ୍ୟରେ ଭଦ୍ରକ, ଯାଜପୁର ଏବଂ ଢ଼େଙ୍କାନାଳ ସଂସଦୀୟ କ୍ଷେତ୍ରରେ ଗୋଟିଏ ଲେଖାଏ ମେଡିକାଲ କଲେଜ ହେବ। ସେହିପରି କଟକ, ବ୍ରହ୍ମପୁର ଓ ବୁର୍ଲା ମେଡିକାଲ କଲେଜରେ ସୁପର ସ୍ପେଶାଲିଟି ବ୍ଲକ ପାଇଁ ୫୬୦ କୋଟି ଟଙ୍କାର ବ୍ୟୟବରାଦ ହୋଇଛି ବୋଲି ସେ ସୂଚନା ଦେଇଥିଲେ।

- 'ଆୟୁଷ୍ମାନ ଭାରତ ଯୋଜନା' ପ୍ରସଙ୍ଗ ଉଠାଇଲେ ନଡ୍ଡା
- ଭଦ୍ରକ, ଯାଜପୁର, ଢେଙ୍କାନାଳରେ ହେବ ମେଡିକାଲ କଲେଜ
- କଟକ, ବ୍ରହ୍ମପୁର, ବୁର୍ଲା ମେଡିକାଲ କଲେଜରେ ସୁପର ସ୍ପେଶାଲିଟି ବ୍ଲକ ଲାଗି ବ୍ୟୟବରାଦ
- ଧର୍ମେନ୍ଦ୍ର କହିଲେ, 'ମୁଁ ନରେନ୍ଦ୍ର ମୋଦିଙ୍କ ହନୁମାନ, ଲାଙ୍ଗୁଡ଼ରେ ନିଆଁ ଲଗାଅ ନାହିଁ'

କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ପ୍ରଧାନ ସଭାରେ ଉଦ୍‌ବୋଧନ ଦେଇ କହିଥିଲେ, ଏମ୍‌ସ ସାଟେଲାଇଟ୍ ସେଣ୍ଟର ସ୍ୱାସ୍ଥ୍ୟସେବାରେ ନୂଆ ଆନ୍ଦୋଳନ ସୃଷ୍ଟି କରିବ। ପରେ ଏହାକୁ ୩ଶହ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶିଆଲିଟି ହସ୍‌ପିଟାଲରେ ପରିଣତ କରାଯିବ। ଏହି ଅବସରରେ ପେଟ୍ରୋଲ ଦର ବୃଦ୍ଧିର କାରଣ ଉପରେ ଟିପ୍ପଣୀ ଦେଇ ବକ୍ତବ୍ୟ ସୁଲଭ ଢଙ୍ଗରେ ସେ କହିଥିଲେ, 'ମୁଁ ନରେନ୍ଦ୍ର ମୋଦିଙ୍କ ହନୁମାନ। ମୋ ଲାଙ୍ଗୁଡ଼ରେ ନିଆଁ ଲଗାଅ ନାହିଁ। ଆୟୁଷ୍ମାନ ଯୋଜନା ଦେଶର ଗରିବଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସବୁଠୁ ବଡ ଯୋଜନା। ଏହାକୁ ରାଜ୍ୟ ପକ୍ଷରୁ ବିରୋଧ କରାଯିବା ଚିନ୍ତାର ବିଷୟ।'

ଶିଳାନ୍ୟାସ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ (ଆଇଟିଆର୍) ନିର୍ଦ୍ଦେଶକ ବିନୟ କୁମାର ଦାସ, କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ସୁନୀଲ କୁମାର ଶର୍ମା, ଉପସଚିବ ପ୍ରଦୀପ କୁମାର ରାୟ, ପୂର୍ବତନ ସଚିବ ସନ୍ଦୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱର ଏମ୍‌ସ ଶାଖା ନିର୍ଦ୍ଦେଶିକା ଡା. ଗୀତାଞ୍ଜଳି ସ୍ୱାଗତ ଭାଷଣ ଦେଇଥିଲେ। ସେ ମଧ ଅତିଥିମାନଙ୍କୁ ଉତ୍ତରୀୟ ଏବଂ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ। ଏମ୍‌ସର କର୍ମଚାରୀ ସୁବ୍ରତ ପତି ମଞ୍ଚ ପରିଚାଳନା କରିଥିଲେ।



ଏମ୍‌ସ ସାଟେଲାଇଟ୍ ସେଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଉପସ୍ଥିତ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ରବୀନ୍ଦ୍ର ଜେନା ଓ ରେମୁଣା ବିଧାୟକ ଗୋବିନ୍ଦ ଦାସ।



କାହାରି ଅନୁଗ୍ରହ ପ୍ରାର୍ଥୀ ହେବା ଅର୍ଥ ନିଜର ସ୍ୱାଧୀନତାକୁ ବିକି ଦେବା।
-ମହାତ୍ମାଗାନ୍ଧୀ



## ସଂକ୍ଷେପରେ

### କିଡ୍‌ନୀ ରୋଗାକ୍ରାନ୍ତ ବ୍ୟକ୍ତିଙ୍କ ମୃତ୍ୟୁ, ୮ ଆକ୍ରାନ୍ତ

ପଲମ,୨୫।୮(ଡି.ଏନ.ଏ.)
କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଭୀମକେଲା ପଞ୍ଚାୟତସ୍ଥିତ ଫଲସାପଡା ଗ୍ରାମର କିଡନୀ ରୋଗାକ୍ରାନ୍ତ କୁବେର ବାଗ(୪୫)ଙ୍କ ଶନିବାର ମୃତ୍ୟୁ ହୋଇଛି । ରୋଗାକ୍ରାନ୍ତ କୁବେରଙ୍କ ମୃତ୍ୟୁ ହେବା ପରେ ଗ୍ରାମରେ ଏକ ପ୍ରକାର ଆତଙ୍କ ସୃଷ୍ଟି ହୋଇଛି । ଆଉ ୮ଜଣ କିଡନୀ ରୋଗୀମାନେ ଚିନ୍ତାରେ ପଡିଛନ୍ତି । ଏହି କିଡନୀ ରୋଗୀ ହରିଜନ ପଡାରେ ହିଁ ୮ଜଣ ଅଛନ୍ତି । ପ୍ରଶାସନ ପକ୍ଷରୁ କୁବେରଙ୍କୁ କୌଣସି ପ୍ରକାର ସହାୟତା କରାଯାଇନଥିଲା । ଏବେ ପରିବାର ପ୍ରତିପୋଷଣରେ ଅସୁବିଧା ଘଟିବାର ସମ୍ଭାବନା ଦେଖାଦେଇଛି ।

### ସ୍ପିଡ ପୋଷ୍ଟର ଗତି କମୁଛି

ରିଷିଡ଼ା,୨୫।୮(ଡ଼ି.ଏନ.ଏ)
କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ସବ ପୋଷ୍ଟ ଅଫିସରୁ କଟକ ନୂଆବଜାର ପୋଷ୍ଟ ଅଫିସ ପର୍ଯ୍ୟନ୍ତ ସ୍ପିଡ ପୋଷ୍ଟ ଦୀର୍ଘ ୧ ସପ୍ତାହ ଲାଗିଥିବାରୁ ସ୍ପିଡ ପୋଷ୍ଟର ଗତି କମୁଛି ବୋଲି ଏଠାରେ ଆଲୋଚନା ହେଉଛି । ଏହି ଡାକଘରରେ ଗତ ୬ ତାରିଖରେ ସ୍ପିଡପୋଷ୍ଟ ବୁକିଂ କରାଯାଇଥିଲା । ଟ୍ରାକିଂ ସମୟରେ ଗତ ୧୧ ତାରିଖରେ ବଲାଙ୍ଗୀରରେ ପହଞ୍ଚିଥିବାବେଳେ ନିର୍ଦ୍ଧାରିତ ସ୍ଥାନରେ ୧୩ ତାରିଖରେ ପହଞ୍ଚିଥିବା ଜଣା ପଡିଥିଲା । ଫଳରେ ଡାକଘର ଉପରେ ସମ୍ପୂର୍ଣ୍ଣ ଭରସା ଥିବା ଗ୍ରାହକମାନେ ଓଡିଶା ଭିତରେ ସ୍ପିଡ ପୋଷ୍ଟ ଗତି ଉପରେ ଭରସା କରିବା ପ୍ରଶ୍ନବାଚୀ ସୃଷ୍ଟି କରିଛି । ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା କୁ ଦାବି ହେଉଛି ।

### ସିଟିଜେନ ଫୋରମର ବୈଠକ

ରିଷିଡ଼ା,୨୫।୮(ଡ଼ି.ଏନ.ଏ)
କର୍ଲାମୁଣ୍ଡା ବ୍ଲକ ରିଷିଡ଼ାଠାରେ କମିଟି ସିଟିଜେନ ଫୋରମର ବୈଠକ ଶନିବାର ପଞ୍ଚାୟତ ଭବନରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶିକ୍ଷାବିତ ଉପେନ୍ଦ୍ର ସାହୁ ଅଧକ୍ଷତା କରିଥିଲେ । ଏଥିରେ ଜିଲା ଫୋରମର ସଭାପତି ରାମଚନ୍ଦ୍ର ମହାପାତ୍ର, ବ୍ଲକ ସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁ, ନନ୍ଦକିଶୋର ରଣା, ଲୋକନାଥ ଗହୀର, ଯୋଗେଶ୍ବନ୍ଦ୍ର ଦୋରା, ପ୍ରେମାନିଧି ଦୋରା, ବୁଦ୍ଧୁ ପଧାନ, କମ୍ବୁପାଣି ସାହୁ, ନରୋତ୍ତମ ସେଲମା, ବୈକୁଣ୍ଠ ରଣା, ସମାଜ ସଂସ୍କାରକ ବାବା ଭଗବାନ ସାହୁ ପ୍ରମୁଖ ଯୋଗଦେଇଥିଲେ ।

### ହାଉସିଂ ବୋର୍ଡ ଅଧକ୍ଷଙ୍କ ଗସ୍ତ

ରିଷିଡ଼ା,୨୫।୮(ଡ଼ି.ଏନ.ଏ)
କର୍ଲାମୁଣ୍ଡା ବ୍ଲକର ରିଷିଡ଼ା ଜେଜେ କଲେଜକୁ ସମ୍ପ୍ରତି ହାଉସିଂବୋର୍ଡ ଅଧକ୍ଷ ତଥା ରିଷିଡା କଲେଜ ପରିଚାଳନା କମିଟିର ଅଧକ୍ଷ ଗସ୍ତ କରିଛନ୍ତି । କଲେଜ ଷ୍ଟାଫମାନଙ୍କ ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । କଠିନ ଅଧବସାୟ ଓ ପରିଶ୍ରମ ବଳରେ ଜଣେ ଉତ୍ତମ ଛାତ୍ର ହୋଇ ପାରିବେ ବୋଲି ମତ ଦେଇଥିଲେ ।

# ୨ଶହ ଏକରରୁ ଊର୍ଦ୍ଧ୍ୱ ଚାଷ ଜମି ନଷ୍ଟ

**କେଲିଆ ଗ୍ରାମ**
- ଦାଉ ସାଧିଲା ହାଲେର ଜୋର
- ସରକାରୀ ସହାୟତାକୁ ଅନାଇ ବସିଛନ୍ତି ଚାଷୀ
- ନିର୍ଦ୍ଦେଶ ଆସିଲେ ସହାୟତା ଦିଆଯିବ: ଅଧିକାରୀ

ଜୁନାଗଡ,୨୫।୭(ଡି.ଏନ୍.ଏ.)
କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କଳିଆକୁଣ୍ଡଳ ପଞ୍ଚାୟତ କେଲିଆ ଗ୍ରାମ ନିକଟରେ ପ୍ରବାହିତ ହେଉଥିବା ହାଲେର ଜୋରରେ ଗତ କିଛି ଦିନ ତଳେ ବନ୍ୟା ହୋଇଥିଲା । ଫଳରେ ଜୋର କଡରେ ଥିବା ଗ୍ରାମର ଶତାଧିକ ଏକର ଚାଷ ଜମି ଜଳମଗ୍ନ ହୋଇଥିଲା । ବନ୍ୟା ଛାଡିବା ପରେ ମଧ୍ୟ ଚାଷ ଜମିମାନଙ୍କରେ ପାଣି ଭର୍ତ୍ତି ହୋଇ ରହିଥିଲା । ଏବେ ସେହି ପାଣି କମିବା ପରେ ସେଠାରେ ଚାଷ ହୋଇଥିବା ଧାନ ଫସଲ ଗୁଡିକ ପଚି ଯାଇ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳୁଛି । ଫଳରେ ଗ୍ରାମର ଚାଷୀଙ୍କ ମଧ୍ୟରେ ଏବେ ଚିନ୍ତାର କାରଣ ପାଲଟିଛି । ଖାଲି ଧାନ ଚାଷ ନୁହଁ ଜୋର କୂଳରେ ହୋଇଥିବା ପନିପରିବା ଚାଷ ମଧ୍ୟ ବନ୍ୟା ଯୋଗୁ କ୍ଷତିଗ୍ରସ୍ତ ହୋଇଛି । ଗତ ଜୁଲାଇ ମାସରେ ଏଠାକାର ଚାଷୀମାନେ ଧାନ ବୁଣା ଆରମ୍ଭ କରିଥିଲେ । ଏହାର କିଛିଦିନ ପରେ ହାଲେର ଜୋରରେ ବନ୍ୟା ଆସିଥିଲା । ଫଳରେ ବନ୍ୟା ପାଣି ଚାଷ ଜମିମାନଙ୍କରେ ମାଡି ଯାଇ ସେଠାରେ ବୁଣା ହୋଇଥିବା ଧାନ ଫସଲ ଗୁଡିକୁ



ବନ୍ୟାରେ ଫସଲ ନଷ୍ଟ ହୋଇଥିବା ଜମିକୁ ଜଣେ ଚାଷୀ ଦେଖାଉଛନ୍ତି ।

ନଷ୍ଟ କରିଦେଇଥିଲା । ସେତେବେଳେ ଚାଷୀମାନେ ଏହି ଦୁଃଖକୁ ଭୁଲିଯାଇ ପୁଣି ଥରେ ଧାର କରଜ କରି ନିଜ ନିଜ ଚାଷ ଜମିରେ ଧାନ ରୋଇଥିଲେ । ତେବେ ଏଥର ମଧ୍ୟ ସେମାନଙ୍କ ବାଟରେ ବନ୍ୟା ବାଧକ ସାଜିଥିଲା । ବନ୍ୟା ଯୋଗୁ ଗ୍ରାମର ପ୍ରାୟ ୨ଶହ ଏକରରୁ ଊର୍ଦ୍ଧ୍ୱ ଚାଷ ଜମିରେ ହୋଇଥିବା ଧାନ ଫସଲ ନଷ୍ଟ ହୋଇଯାଇଥିବା ଜଣାପଡିଛି । ଫଳରେ ସ୍ଥାନୀୟ ଚାଷୀଙ୍କ ମୁଣ୍ଡରେ ପୁଣି ଚଡକ ପଡିଛି । ବିଶେଷ କରି ହାଲେର ଜୋର କଡରେ ଥିବା ଗ୍ରାମର ଜତିରାମ ନାଏକ, ଘନଶ୍ୟାମ ନାଏକ, ଗୋବିନ୍ଦ ପଟେଲ, ବସୁଦେବ ନାଏକ, ଶିଶିରାମ ନାଏକ, ଲଛମନ ପଟେଲ, ଭାଗିରଥି ପଟେଲ, ଗିରିଧାରୀ ନାଏକ ପ୍ରମୁଖଙ୍କ ଚାଷ କ୍ଷତିଗ୍ରସ୍ତ ହୋଇଛି । ଏପଟେ ଗ୍ରାମର ଚାଷୀମାନଙ୍କ ପାଖରେ ଏବେ ଅନ୍ୟ କୌଣସି ସମ୍ବଳ ନ ଥିବାରୁ ସେମାନେ ଚାଷ କରି ନ ପାରି କେବଳ ସରକାରୀ ସହାୟତା ଉପରେ ଅନାଇ ବସିଛନ୍ତି । ଅନ୍ୟ ପକ୍ଷରେ, ଜୁନାଗଡ କୃଷି ବିଭାଗର ଆକଳନ ଅନୁଯାୟୀ ହାଲେର ଜୋରରେ ବନ୍ୟା ଯୋଗ୍ୟ କଳିଆକୁଣ୍ଡଳ ପଞ୍ଚାୟତର ୨୪୨ହେକ୍ଟର ଚାଷ ଜମିରେ ଫସଲ ନଷ୍ଟ ହୋଇଥିବା ଜଣାପଡିଛି । ଏ ନେଇ ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହାଙ୍କୁ ପଚାରିବାରୁ ଫସଲ କ୍ଷୟକ୍ଷତି ଆକଳନ କରିବା ପାଇଁ କୃଷି ବିଭାଗକୁ ଦାୟିତ୍ୱ ଦିଆଯାଇଛି ବୋଲି କହିଥିଲେ । ସେହିପରି ଜୁନାଗଡ କୃଷି ବିଭାଗର ସହକାରୀ କୃଷି ଅଧିକାରୀ ନୌକେଶ୍ୱର ନାଗଙ୍କୁ ପଚାରିବାରୁ ପ୍ରଥମ ପର୍ଯ୍ୟାୟରେ କ୍ଷୟକ୍ଷତି ଆକଳନ ଗ୍ରାମ ୱାରୀ ସରିଯାଇଛି । ଯେଉଁଥିରେ କେଲିଆ ଗ୍ରାମ ମଧ୍ୟ ରହିଛି । ଉପରିସ୍ଥ ଅଧିକାରୀଙ୍କଠାରୁ ନିର୍ଦ୍ଦେଶ ଆସିଲା ପରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନଙ୍କୁ ଚିହ୍ନଟ କରାଯାଇ ସହାୟତା ପ୍ରଦାନ କରାଯିବ ବୋଲି କହିଥିଲେ ।

# ବଗାଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ

ଧର୍ମଗଡ,୨୫।୮(ଡି.ଏନ.ଏ.)
କଳାହାଣ୍ଡି ଜିଲା ବଗାଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଶନିବାର ମୋ ସ୍କୁଲ ଅଭିଯାନ ଏବଂ ସବୁଦିନ ଯିବା ସ୍କୁଲ, ବିଦ୍ୟାଳୟ ଉପସ୍ଥାନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଧର୍ମଗଡ ବ୍ଲକ ଶିକ୍ଷା ଅଧିକାରୀ କିଶୋର ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥଲା ଏହି କାର୍ଯ୍ୟକ୍ରମ । ଏଥିରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ ଯୋଗଦେଇଥିଲେ । ବିଦ୍ୟାଳୟ ସହିତ ଗ୍ରାମବାସୀଙ୍କ ସହ ସିଧାସଳଖ ଭାବେ ଯୋଡିବାର ପ୍ରୟାସ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଜିଲା ପ୍ରକଳ୍ପ ସଂଯୋଜକ ଗବାକ୍ଷ ନାଏକ, ଧର୍ମଗଡ ବିଆରସି ନବ କିଶୋର ସାହୁ, ଏବିଇଓ ଅରୁପାନନ୍ଦ ଭୋଇ ପ୍ରମୁଖ ଯୋଗଦେଇଥିବାବେଳେ ନିମନ୍ତ୍ରୀତ ଅତଥିଭାବେ କବିରାଜ ଦିର୍ଗା, ଅଚ୍ୟୁତ ନାଏକ, ପଦ୍ମଲୋଚନ ନାଏକ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱ ରଞ୍ଜନ ବେହେରା ପରିଚାଳନା କରିଥିବାବେଳେ ଶିକ୍ଷକ ଟିକେଶ୍ୱର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା ।




ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ମଞ୍ଚାସୀନ ଅତିଥି ।

# ୱାର୍ଡ ସଭ୍ୟାସଭ୍ୟଙ୍କ ଅନାସ୍ଥା ପ୍ରସ୍ତାବ

ଭବାନୀପାଟଣା,୨୫।୮(ଡି.ଏନ.ଏ.)
କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅର୍ନ୍ତଗତ ମାଲିଯୁବାଙ୍ଗ ଗ୍ରାମପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟଙ୍କର ସରପଞ୍ଚଙ୍କ ପ୍ରତି ଅନାସ୍ଥା ପ୍ରସ୍ତାବ ସହ ଶନିବାର ଭବାନୀପାଟଣା ଉପଜିଲାପାଳଙ୍କୁ ସାକ୍ଷାତ କରି ଏକ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ସରପଞ୍ଚ ଲାଲକୃଷ୍ଣ ମାଝି ଗ୍ରାମପଞ୍ଚାୟତର ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ କେବେ ପଞ୍ଚାୟତକୁ ଆସୁ ନ ଥିବା ତଥା ମାସିକ ବୈଠକ ଡାକୁ ନାହାନ୍ତି । ଏଥି ସହ ପଞ୍ଚାୟତକୁ ଆସୁଥିବା ଗରିବ ଲୋକମାନଙ୍କ ଅର୍ଣ୍ଣପୂର୍ଣ୍ଣା ଯୋଜନା ଅର୍ନ୍ତଗତ ଚାଉଳ ତଥା ହରିସ ଚନ୍ଦ୍ର ଯୋଜନା ଅନୁଦାନ ହିତାଧିକାରୀମାନଙ୍କୁ ପ୍ରଦାନ ନ କରି ନିଜେ ହଡପ କରୁଛନ୍ତି । ପୁଣି ଗ୍ରାମପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ନିଜେ ଠିକାଦାର ସାଜି କାର୍ଯ୍ୟ କରୁଥିବା ଏବଂ ୱାର୍ଡ ସଭ୍ୟାସଭମାନଙ୍କୁ ଅଣଦେଖା କରି ମନମୁଖି କାର୍ଯ୍ୟ



ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୱାର୍ଡ ସଭ୍ୟାସଭ୍ୟମାନେ ।

କରି ଚାଲିଥିବା ଏହି ଅଭିଯୋଗପତ୍ରରେ ଦର୍ଶାଯାଇଛି । ଏହା ସହ ସରପଞ୍ଚ ଜିଲା ପଞ୍ଚାୟତ ଅଧିକାରୀ ଓ ଉପରିସ୍ଥ ଅଧିକାରୀଙ୍କ ମତେ ତମେ ମାନେ କିଛି କରିବ ନାହିଁ ବୋଲି ଖୋଲାଖୋଲିଭାବେ ଚ୍ୟାଲେଞ୍ଜ କରୁଛନ୍ତି । ଅଭିଯୋଗକାରୀ ୱାଡ ସଭ୍ୟାସଭ୍ୟ ଗୁଣନିଧି ପଟେଲ, ସାଇବନୀ ମାଝି, ମିନ୍ଦୁ ମାଝି, ବୁକୁ ମାଝି, ଖିର ମାଝି, ମାଳତୀ ମାଝି, ମଞ୍ଜୁଳା ମାଝି ପ୍ରମୁଖ ପ୍ରକାଶ କରିବା ସହ ଶନିବାର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସରପଞ୍ଚ ଲାଲକୃଷ୍ଣ ମାଝିଙ୍କୁ ତୁରନ୍ତ ବହିଷ୍କାର କରିବାକୁ ଦୃଢ ଦାବି କରିଛନ୍ତି । ପ୍ରକାଶ ଯେ, କଳାହାଣ୍ଡି ଜିଲାର ସରପଞ୍ଚ, ପିଇଓ ଓ ଗ୍ରାମ ରୋଜଗାର ସେବକ ମିଶି ଆଦିବାସୀ ଓ ଦୁର୍ଗମ ଅଞ୍ଚଳରେ ମନମୁଖି କାର୍ଯ୍ୟ କରିବା ସହ ପଲ୍ଲୀସଭା, ଗ୍ରାମସଭା ଓ ଗ୍ରାମପଞ୍ଚାୟତ ବୈଠକ ନ କରି ସବୁ ଅନୁଦାନକୁ ହଡପ କରୁଥିବା ଅନେକ ଅଭିଯୋଗମାନ ରହିଛି ।

# ଛାତ୍ରୀଛାତ୍ରଙ୍କ ଦ୍ୱାରା ଡେଙ୍ଗୁ ସଚେତନତା ର୍ୟାଲି

ଧର୍ମଗଡ,୨୫।୮(ଡି.ଏନ.ଏ.)
କଳାହାଣ୍ଡି ଜିଲାରେ ବର୍ତ୍ତମାନ ଡେଙ୍ଗୁ ବିଭିନ୍ନ ଅଞ୍ଚଳକୁ କାୟା ବିସ୍ତାର କରିବାରେ ଲାଗିଛି । ଏହାକୁ ନେଇ ଭୟର ବାତାବରଣ ଦେଖାଦେଇଥିବାବେଳେ ପରିମଳ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ହିଁ ଏହାର ମୂଳ କାରଣ ପାଲଟିଛି । ତେବେ ଏହି ଡେଙ୍ଗୁ ସଚେତନତା ଉପରେ ବାର୍ତ୍ତା ଦେଇଛନ୍ତି ଛାତ୍ରୀଛାତ୍ର । ଏହି ପରିପେକ୍ଷୀରେ ଧର୍ମଗଡ ଗୁରୁଗୀତା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନତା ର୍ୟାଲି ସହର ପରିକ୍ରମା କରିଥିଲା । ନିଜ ଘର ପାଖ ପରିବେଶକୁ କିଭଳି ଭାବେ ସଫା ସୁତରା ରଖାଯିବ ତା'ଉପରେ ଛାତ୍ରୀଛାତ୍ରମାନେ ସ୍ଲୋଗାନ ମାଧ୍ୟମରେ ସ୍ଥାନୀୟ ଜନସାଧାରଣଙ୍କୁ ବାର୍ତ୍ତା ଦେଇଥିଲେ । ଏହି ର୍ୟାଲି ବିଦ୍ୟାଳୟ ପରିସରରୁ ବାହାରି ତିନି ଛକ ଦେଇ ଚାରିଛକ ଏବଂ ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା । ସେହିପରି ବିଦ୍ୟାଳୟ ତରଫରୁ କେରଳ ବନ୍ୟା ପିଡିତଙ୍କ ଉଦ୍ଦେଶ୍ୟରେ ୫୫୫୫ଟଙ୍କାର ସାହାଯ୍ୟ ରାଶି ଉପଜିଲାପାଳଙ୍କ ଜରିଆରେ କେରଳ ମୁଖ୍ୟମନ୍ତ୍ରୀ ପାଣ୍ଠିକୁ ପ୍ରଦାନ କରାଯାଇଥିଲା । ଏହି ଅର୍ଥ ରାଶି ପ୍ରଦାନ ସମୟରେ ବିଦ୍ୟାଳୟର ନିର୍ଦ୍ଦେଶକ କୃଷ୍ଣ ଅଗ୍ରୱାଲ, ପ୍ରଧାନ ଶିକ୍ଷକ ପ୍ରଶାନ୍ତ ପଣ୍ଡା, ସହ ପ୍ରଧାନ ଶିକ୍ଷକ ସନ୍ତୋଷ ନାୟକ, ନରେନ୍ଦ୍ର ସରାଫ, ଶାନ୍ତିଲତା ସାହୁ, ଶ୍ରଦ୍ଧାଞ୍ଜଳି ପାତ୍ର, ରଞ୍ଜିତା ସାହୁ, ପ୍ରଶାସନିକ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ବରଦା ପ୍ରସନ୍ନ ନାୟକ ପ୍ରମୁଖ ଉପସ୍ଥିତ ଥାଇ ଏହି ଅର୍ଥ ପ୍ରଦାନ କରିଥିଲେ ।

# କାଦୁଅ ରାସ୍ତାରେ ତଳି ରୋଇଲେ ମହିଳା

ଜୁନାଗଡ,୨୫।୮(ଡି.ଏନ୍.ଏ)
କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମହିଚଲା ପଞ୍ଚାୟତ ୨୬ନଂ ଜାତୀୟ ରାଜପଥରୁ ମୋହନପଡା ଓ ପଲସାପଡାକୁ ସଂଯୋଗ କରୁଥିବା ରାସ୍ତା ଦୀର୍ଘ ୨୦ ବର୍ଷ ହେବ ଶୋଚନୀୟ ହୋଇପଡିଛି । ଆବଶ୍ୟକ ରକ୍ଷାଣବେକ୍ଷଣ ଅଭାବରୁ ଏହି ରାସ୍ତାର ଅବସ୍ଥା ଏପରି ହୋଇଥିବା ଜଣାପଡିଛି । ଖରାମାସରେ ଏହି ରାସ୍ତାରେ ଯେମିତି ସେମିତି ଭାବରେ ଯାତାୟତ ହୋଇ ପାରୁଥିବାବେଳେ ବର୍ଷା ଦିନେ ଏହି ରାସ୍ତାର ଅବସ୍ଥା ସଙ୍ଗୀନ ହୋଇ ପଡିଥାଏ । ବର୍ତ୍ତମାନ ବର୍ଷା ଦିନ ହୋଇଥିବାରୁ ଏହି ରାସ୍ତାରେ ଖାଲ ଢିପ ହୋଇ ଆଣ୍ଠୁଏ କାଦୁଅ ହୋଇଥିବା ନଜରକୁ ଆସୁଛି । ତେବେ ଅନ୍ୟ କିଛି ଉପାୟ ନ ଥିବାରୁ ୨ପଡାବାସୀ ଏବେ ଆଣ୍ଠୁଏ କାଦୁଅରେ ଅତି କଷ୍ଟରେ ଯାତାୟତ କରୁଛନ୍ତି । ବିଶେଷ କରି ସ୍କୁଲ, କଲେଜ ଯାଉଥିବା ଛାତ୍ରୀଛାତ୍ରମାନେ ଏହି କାଦୁଅ ରାସ୍ତାରେ ଯାତାୟତ କଲାବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହୋଇଛନ୍ତି । ଏହି ରାସ୍ତାକୁ ମରାମତି କରିବା ପାଇଁ ୨ପଡାବାସୀ ପ୍ରଶାସନିକ ଅଧିକାରୀଙ୍କ ସହ ସ୍ଥାନୀୟ ରାଜନେତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ପ୍ରତିଶ୍ରୁତି ଛଡା ଅନ୍ୟ କିଛି ସୁଫଳ ମିଳି ପାରି ନାହିଁ । ଫଳରେ ରାସ୍ତାର ଦୁରାବସ୍ଥା ଦିନକୁ ଦିନ ବଢିବାରେ ଲାଗିଛି । ରାସ୍ତାର ଏପରି ଦୁରାବସ୍ଥା ଯୋଗୁ ଶୁକ୍ରବାର ସ୍ଥାନୀୟ କିଛି ମହିଳା ଉତ୍ୟକ୍ତ ହୋଇ ଏହି ରାସ୍ତାରେ ତଳି ରଉ ଥିବା ଦେଖିବାକୁ ମିଳିଛି । ଯାହା ଫଳରେ ବିକାଶର ନାରା ଦେଉଥିବା ସରକାରଙ୍କ ରାସ୍ତା ଯୋଜନାର ବାସ୍ତବିକ ଚିତ୍ର ଏଠାରେ ପଦାରେ ପଡିଛି । ଏପରିକି ସ୍ଥାନୀୟ ପଡାବାସୀଙ୍କ ଅଭିଯୋଗ ପରେ ଗତ ବର୍ଷ ଜୁନାଗଡ ବିଧାୟକ ଦିବ୍ୟ ଶଙ୍କର ମିଶ୍ର ମଧ୍ୟ ଏହି ରାସ୍ତାକୁ ପରିଦର୍ଶନ କରିବାକୁ ଆସିଥିଲେ । ରାସ୍ତାର ଉନ୍ନତି ଦିଗରେ ଯଥାଶୀଘ୍ର ପଦକ୍ଷେପ ନିଆଯିବ ବୋଲି ମଧ୍ୟ ବିଧାୟକ ମିଶ୍ର ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଅଦ୍ୟାବଧି ଏହି ରାସ୍ତାର ଦୁରବସ୍ଥା ବଦଳି ନ ଥିବାରୁ ୨ପଡାବସୀଙ୍କ ମଧ୍ୟରେ ଏବେ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପକ୍ଷରେ, ଏହି ରାସ୍ତାଟି ପୂର୍ବରୁ ବ୍ଲକ ଅଧିନରେ ଥିଲା । ତେବେ ସ୍ଥାନୀୟ ସରପଞ୍ଚ ଅଜୟ ବେହେରାଙ୍କ ଉଦ୍ୟମରେ ଗତ କିଛି ମାସ ତଳେ ଏହି ରାସ୍ତାକୁ ପଞ୍ଚାୟତରୁ ରେଜୁଲେସନ କରାଯାଇ ବ୍ଲକ ଜରିଆରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି । ଯାହାଫଳରେ ପଞ୍ଚାୟତ ଓ ବ୍ଲକ ମଧ୍ୟ ଏହି ରାସ୍ତାକୁ ମରାମତି କରି ପାରୁ ନ ଥିବା ଜଣାପଡିଛି । ବର୍ତ୍ତମାନ ଏହି ରାସ୍ତାର ଭାଗ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ରହିଛି ।



ମହିଳାମାନେ ରାସ୍ତାରେ ତଳି ରୋଉ ଛନ୍ତି ।

# ଇଣ୍ଡିଆନ୍ ଆଇଡଲ ଶ୍ରେଷ୍ଠ ୧୪ରେ କଳାହାଣ୍ଡିର ବିଶ୍ୱଜିତ୍

ଭବାନୀପାଟଣା,୨୫।୮(ଡି.ଏନ.ଏ.)
ସୋନି ଟିଭି ଦ୍ୱାରା ପ୍ରସାରିତ ଇଣ୍ଡିଆନ୍ ଆଇଡଲ ସିଜନ୍ ୧୦ର ଶ୍ରେଷ୍ଠ ୧୪ଜଣଙ୍କ ମଧ୍ୟରେ କଳାହାଣ୍ଡି ଜିଲାର ବିଶ୍ୱଜିତ୍ । ଭବାନୀପାଟଣା ସ୍ଥିତ ମନ୍ଦାରବଗିଚା ପଡାରେ ସୁଧାଂଶୁ ଶେଖର ମହାପାତ୍ର ଓ ଜୟନ୍ତୀ ମିଶ୍ରଙ୍କ ପୁଅ ବିଶ୍ୱଜିତ୍ । ଖବରଦାତା ଭାବେ ନିଜର ପ୍ରାଥମିକ ଜୀବନ ଆରମ୍ଭ କରି ସଙ୍ଗୀତ ପ୍ରତି ଆଗ୍ରହ ହେତୁ ସେ ଏହି କ୍ଷେତ୍ରରେ ବହୁ ସଫଳତା ସାଉଁଟିଛନ୍ତି । ଭଏସ ଅଫ ଓଡିଶା ସିଜନ-୨ରେ ରନର୍ସ ଅଫ ହୋଇ ନିଜେ ଭାଙ୍ଗି ନ ପଡି ସଙ୍ଗୀତ ସାଧନାର ଗତିକୁ ତୀବ୍ର କରିଥିଲେ । ଯାହା ଆଜି ତାଙ୍କୁ ସଫଳତାର ଶୀର୍ଷରେ ପହଁଚାଇବା ପାଇଁ ପ୍ରୟାସ କରିଛି । ବାପା ଜଣେ କ୍ଷୁଦ୍ର ବ୍ୟବସାୟୀ



ଥିବାବେଳେ ମା' ଅବସରପ୍ରାପ୍ତ ଶିକ୍ଷୟିତ୍ରୀ । ନିଜ ପୁଅକୁ ହିନ୍ଦୁସ୍ତାନୀ କ୍ଲାସିକାଲ୍ ସଙ୍ଗୀତରେ ମାତା ସଙ୍ଗୀତ ଶିକ୍ଷା ଦେଉଥିବାବେଳେ ଗୁରୁ ସନ୍ତୋଷ ଝା ଏବଂ ଚିତ୍ତରଞ୍ଜନ ପାଣି ସଙ୍ଗୀତ ସାଧନାରେ ତାଙ୍କର ମାର୍ଗ ଦର୍ଶକ ଥିଲେ । ବଡ ଭାଇ ସତ୍ୟଜିତ୍ ମହାପାତ୍ରଙ୍କ ପ୍ରେରଣାରେ ସଙ୍ଗୀତର ଜୟ ଯାତ୍ରାରେ ଆଗେଇଛନ୍ତି ବିଶ୍ୱଜିତ୍ । ସଫଳତାର ସହ ବହୁ ଓଲିଉଡ ସଙ୍ଗୀତ ଗାଇଛନ୍ତି । ୧୩ଟି ଚଳଚିତ୍ରରେ ନିଜର ପ୍ରଚ୍ଛଦପଟ୍ଟ ଗାୟକ ହିସାବରେ ଓଲିଉଡ ଜଗତରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି ।

# କୃଷି ମହାବିଦ୍ୟାଳୟଠାରେ ବକ୍ତୃତା ପ୍ରତିଯୋଗିତା

ଭବାନୀପାଟଣା,୨୫।୮(ଡି.ଏନ.ଏ.)
ଓଡିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର ୫୭ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସ୍ଥାନୀୟ ଓୟୁଏଟି ଦ୍ୱାରା ପରିଚାଳିତ ଭବାନୀପାଟଣା କୃଷି ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗତ ୨୪ତାରିଖ ଶୁକ୍ରବାର ଏକ ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ''ସୋସିଆଲ ନେଟ୍‌ୱାର୍କିଂ ଏଣ୍ଡ ପ୍ରେଜେଣ୍ଟ ଜେନେରେସନ୍'' ଶୀର୍ଷକ ଏହି ବକ୍ତୃତା ପ୍ରତିଯୋଗିତାରେ ମହାବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ଭବାନୀପାଟଣା କୃଷି ମହାବିଦ୍ୟାଳୟର ଏସୋସିଏଟ୍ ଡିନ୍ ପ୍ରଫେସର ଡଃ ଚନ୍ଦ୍ରମଣି ଖଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା ଏହି କାର୍ଯ୍ୟକ୍ରମ । ମହାବିଦ୍ୟାଳୟର ଡଃ ସନ୍ଦୀପ ନାୟକ, ଡଃ ଲକ୍ଷ୍ମୀକାନ୍ତ ଦାସ, ଡଃ ବଳଭଦ୍ର ପ୍ରସାଦ ଗନ୍ତାୟତ, ଡଃ ବିଶ୍ୱଜିତ ସିହ୍ନା, ଡଃ ରାଜେନ୍ଦ୍ର ରାଉତ, ଡଃ ରାଜୀବ ଲୋଚନ ମହାରଣା, ଡଃ ସୁଶାନ୍ତ ମହାନ୍ତି, ଡଃ ବିଭୁତି ଭୂଷଣ ସାହୁ, ଡଃ ସୁଜିତ ମାଝୀ, ଡଃ ନିରଞ୍ଜନ ମାଣ୍ଡି, ଡଃ ହୃଦାନନ୍ଦ ମଲ୍ଲିକ ଓ ଦୁର୍ଗାପ୍ରସନ୍ନ ମିଶ୍ର ପ୍ରମୁଖ ଉପସ୍ଥିତଥିଲେ । ପ୍ରତିଯୋଗିତାରେ ୩ୟ ବର୍ଷର ଛାତ୍ର ଜ୍ୟୋତିଶ୍ରୀ ଅଂଶୁମାନ ପ୍ରଥମ ସ୍ଥାନ ଅଧିକାର କରିଥିଲାବେଳେ ୩ୟ ବର୍ଷର ଛାତ୍ରୀ ପଲ୍ଲବୀ ସାହୁ ଓ ୧ମ ବର୍ଷର ଛାତ୍ର ବିବେକ ଶର୍ମା ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ଦ୍ୱିତୀୟ ବର୍ଷର ଛାତ୍ରୀ ଶ୍ରୀପାଲି ଭରଦ୍ୱାଜ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । କାର୍ଯ୍ୟକ୍ରମର ସଫଳତା ପାଇଁ ଶୁଭଜିତ୍ ଧୀର, ରାଜେଶ ସାହୁ, ପଲ୍ଲବୀ ସାହୁ, ନବଦୁର୍ଗା ସିଂ, ଭାଗ୍ୟଲକ୍ଷ୍ମୀ ସାହୁ ଏବଂ ଶ୍ରଦ୍ଧାସୁମନ ବାରିକ ପ୍ରମୁଖ ଛାତ୍ରୀଛାତ୍ର ସହଯୋଗ କରିଥିଲେ ।



୫୭ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମ ।

# ସାରର କଳାବଜାର ନେଇ ଚିନ୍ତାରେ ଚାଷୀ

**ଭବାନୀପାଟଣା ବ୍ଲକ୍**
- ଚାଷୀଙ୍କୁ ଚଢା ଦରରେ ବିକ୍ରି ହେଉଛି ସାର
- ବ୍ଲକରେ ୩୦ରୁ ଊର୍ଦ୍ଧ୍ୱ ଡିଲର୍ ଅଛନ୍ତି
- ଲିଖିତ ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ: ଅଧିକାରୀ

ଭବାନୀପାଟଣା,୨୫।୮(ଡି.ଏନ.ଏ.)
ସରକାର କୃଷି ନୀତିରେ ଅନେକ ଯୋଜନା କରି ଚାଷୀଙ୍କୁ ଉନ୍ନତମାନର ସାର, ବିହନ ତଥା କୃଷି ଯନ୍ତ୍ରପାତି କମ୍ ଦରରେ ଯୋଗାଇ ଦେଉଛନ୍ତି । କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ୍ ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖାଦେଇଛି । ସରକାରଙ୍କ ଦର ନିୟମାନୁଯାୟୀ ୟୁରିୟା ସାର ୪୫ କେଜି ବ୍ୟାଗ୍ ପ୍ରତି ୨୭୬ ଟଙ୍କା ଓ ୫୦ କେଜି ବ୍ୟାଗ ପ୍ରତି ୨୬୮ ଟଙ୍କା, ଡିଏପି ପ୍ୟାକେଟ୍ ପ୍ରତି ୧୨୯୫ ଟଙ୍କା ଏବଂ ମୋଭିଟା ୭୦୧ଟଙ୍କା ରହିଥିବାବେଳେ ରିଟେଲର୍‌ମାନେ ଚାଷୀମାନଙ୍କୁ ଚଢା ଦରରେ ବିକ୍ରି କରୁଥିବା ନଜରକୁ ଆସୁଛି । ଏପରିକି ଚାଷୀଙ୍କୁ ଏହାର ବିଲ୍ ଦେଉ ନାହାନ୍ତି । ଭବାନୀପାଟଣା ବ୍ଲକରେ ସାର ଓ ବିହନ ବିକ୍ରୟ କରିବା ପାଇଁ ୩୦ରୁ ଊର୍ଦ୍ଧ୍ୱ ଡିଲର୍ ରହିଛନ୍ତି । ପ୍ରଶାସନର ଦୃଷ୍ଟି ଆଢୁଆଳରେ ରିଟେଲରମାନେ ମନ ଇଚ୍ଛା ଚାଷୀମାନଙ୍କୁ ଶୋଷଣ କରୁଥିବା ଚାଷୀମାନେ ବାରମ୍ବାର ଅଭିଯୋଗ କରୁଛନ୍ତି । ହେଲେ ସେମାନଙ୍କ ପାଖରେ ଉପଯୁକ୍ତ ପ୍ରମାଣ ଅଭାବରୁ ଅସାଧୁ ରିଟେଲରମାନେ ପ୍ରଶାସନଠାରୁ ଖସିଯାଉଛନ୍ତି । ଏ ନେଇ ସୋମବାର ଜୁଗସାଇପାଟଣା ପଞ୍ଚାୟତ ଅନ୍ତର୍ଗତ ଦିବାକର ମାଝି, ସୁକେଶ ହରିଜନ ନାମକ ଚାଷୀ ସେମାନଙ୍କୁ ୟୁରିଯା ସାର ପ୍ୟାକେଟ ପ୍ରତି ୩୭୦ ରୁ ୩୮୦ ଟଙ୍କା ନେଉଥିବା ଅଭିଯୋଗ କରିଥିଲେ । ଏ ନେଇ ଭବାନୀପାଟଣା ସହକାରୀ କୃଷି ଅଧକାରୀଙ୍କୁ ଯୋଗାଯୋଗ କରାଯିବାରୁ ସେ ସିଧାସଳଖ ରିଟେଲରଙ୍କ ପାଖକୁ ଯାଇଥିଲେ । କିନ୍ତୁ ଯେଉଁଠାରେ ଚାଷୀମାନେ ଥିଲେ ସେଠାକୁ ସେ ଆସିପାରି ନ ଥିଲେ । ସେ କହିଥିଲେ ଯେ, ଯଦି ତାଙ୍କ ପାଖରେ କିଛି ପ୍ରମାଣ ଅଛି ସେମାନେ ଲିଖିତ ଅଭିଯୋଗ କଲେ ଆମ୍ଭେ ରିଟେଲରମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ । ପ୍ରାଶାସନର ଏତାଦ୍ ଦୃଶ୍ୟ କାର୍ଯ୍ୟକଳାପ ଚାଷୀମହଲରେ ସନ୍ଦେହ ସୃଷ୍ଟି କରିବା ଅନିବାର୍ଯ୍ୟ । ଅନ୍ୟପକ୍ଷରେ କଳାହାଣ୍ଡି ଉପକୃଷି ନିର୍ଦ୍ଦେଶକ ପ୍ରହ୍ଲାଦ ସାହୁଙ୍କୁ ଯୋଗାଯୋଗ କରିବାରୁ ସେ ମଧ୍ୟ ଲିଖିତ ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ । ଅନ୍ୟପକ୍ଷରେ କଳାବଜାରୀମାନେ ଚାଷୀମାନଙ୍କୁ ବିଭିନ୍ନ ଆଳ ଦେଖାଇ ରୋକଠୋକ ବିକ୍ରି କରି ରସିଦ୍ ନ ଦେବା ପାଇଁ ବାହାନା କରୁଥିବା ଅଭିଯୋଗ ହେଉଛି । ସାରର କଳାବଜାର ରୋକିବା, ଚାଷୀମାନେ ଯେପରି ଉଚିତ ମୂଲ୍ୟରେ ସାର, ବିହନ ଓ କୀଟନାଶକ ପାଇପାରିବେ ସେ ଦିଗରେ ପ୍ରଶାସନ ପଦକ୍ଷେପ ନେବା ପାଇଁ ଚାଷୀ ନେତା ସଚିଦାନନ୍ଦ ମହାକୁଡ, ନିରଞ୍ଜନ ପ୍ରଧାନ ଓ ଚାଷୀ ମହଲରେ ଦାବି ହେଉଛି ।

ଧରିତ୍ରୀ
DHARITRI
ସମ୍ବଲପୁର,ରବିବାର, ୨୬ ଅଗଷ୍ଟ, ୨୦୧୮



ବିଭିନ୍ନ ପ୍ରସଙ୍ଗକୁ ନେଇ ପଡୋଶୀଙ୍କ ସହ ମତଭେଦ ସତ୍ତ୍ୱେ ସୀମାରେ ଶାନ୍ତି ବଜାୟ ରଖିବା ଭାରତର ପରିପକ୍ୱତାର ପରିଚୟ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ସଂକ୍ଷେପରେ




### ପଞ୍ଚାୟତ ପ୍ରତିନିଧିଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର

ଲାଞ୍ଜିଗଡ଼,୨୫।୮(ଡି.ଏନ୍.ଏ.)
ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ତଥା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ବିଭିନ୍ନ ସାମାଜିକ ସଂସ୍ଥାର ସହଯୋଗ ନେଇ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ଓ ତାଲିମର ବ୍ୟବସ୍ଥା କରାଯାଇଛି । ଏହି କ୍ରମରେ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକରେ ସାମାଜିକ ସଂସ୍ଥା ମହାଶକ୍ତି ଫାଉଣ୍ଡେଶନ ପକ୍ଷରୁ ଏକ ତିନି ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ଛତ୍ରପୁର, ବିଶ୍ୱନାଥପୁର, ପୋଖରୀବନ୍ଧ ଓ ଚମ୍ପାଦେଇପୁର ପଞ୍ଚାୟତର ୩୫ ଜଣ ୱାର୍ଡ ସଭ୍ୟାସଭ୍ୟ ଭାଗ ନେଇ ତାଲିମ ଗ୍ରହଣ କରିଥିଲେ । ଶିବିରକୁ ବ୍ଲକ ଅଧକ୍ଷ ଇଂ ଫକୀର ମୋହନ ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ମନୋହର ହରପାଲ, ପୂର୍ବତନ ଉପାଧକ୍ଷ ଜଗଦୀଶ ବେନିଆଁ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ଉଦ୍‌ଯାପନୀ ଉତ୍ସବରେ ବ୍ଲକ ବିଡିଓ ବାସୁଦେବ ନାୟକ ଯୋଗଦେଇ ୱାର୍ଡ ସଭ୍ୟାସଭ୍ୟମାନଙ୍କୁ ସମ୍ମାନିତ କରିଥିଲେ । ମହାଶକ୍ତି ଫାଉଣ୍ଡେଶନର ସମ୍ପାଦକ ଯୋଗାନନ୍ଦ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ତାଲିମଦାତା ଭାବେ ଜିତେନ୍ଦ୍ର ସା ଓ ନିରାକାର ଦାସ ଯୋଗଦେଇ ତିନି ଦିନ ବ୍ୟାପି ୱାର୍ଡ ସଭ୍ୟାସଭ୍ୟମାନଙ୍କୁ ତାଲିମ ଦେଇଥିଲେ ।



### ଷ୍ଟୋନ ରାକ୍ଷୀର ଚାହିଦା ବଢୁଛି

ରିଷିଡ଼ା,୨୫।୮(ଡ଼ି.ଏନ.ଏ)
କର୍ଲାମୁଣ୍ଡା ବ୍ଲକର ରିଷିଡ଼ା ଅଞ୍ଚଳରେ ଷ୍ଟୋନ ରାକ୍ଷୀର ଚାହିଦା ବଢୁଛି । ରବିବାର ରକ୍ଷା ବନ୍ଧନ ଥିବା ଯୋଗୁ ଶନିବାର ହାଟରେ ୭ଟି ଦୋକାନ ଓ ବଜାର ଉପରେ ୬ଟି ଦୋକାନ ଖୋଲିଥିଲା । ବିଭିନ୍ନ ଦୋକାନରେ ଷ୍ଟୋନ ରାକ୍ଷୀର ଚାହିଦା ବଢୁଥିବା ଗ୍ରାହକ ଓ ଦୋକାନୀ ପ୍ରକାଶ କରିଛନ୍ତି । ଦୋକାନୀମାନେ ସେଥିପାଇଁ ଏହି ଷ୍ଟୋନ ରାକ୍ଷୀର ବିଭିନ୍ନ ଦାମର ବିକ୍ରି କରାଯାଉଛି । ଷ୍ଟୋନ ରାକ୍ଷୀ ୧୦ ଟଙ୍କାରୁ ଆରମ୍ଭ ହୋଇ ପ୍ରାୟ ୧୫୦ଟଙ୍କା ପର୍ଯ୍ୟନ୍ତ ଏଠାରେ ଉପଲବ୍ଧ ହେଉଛି । ସୂତା ରାକ୍ଷୀକୁ ଆଗଭଳି ଆଉ ପସନ୍ଦ କରାଯାଉ ନାହଁ । ଅନ୍ୟପକ୍ଷରେ ଗହ୍ମା ପର୍ବ ଥିବା ଯୋଗୁ ଗୋ ପୂଜନ କରାଯାଉଥିବାରୁ ଅଳ୍ପ ମୂଲ୍ୟର ସୂତା ରାକ୍ଷୀ ବିକ୍ରି ହୋଇଛି ।

# ୨୭୮ ପ୍ରକଳ୍ପ ପାଇଁ ୫.୮୨କୋଟି ମଞ୍ଜୁର

ନୂଆପଡା ଅଫିସ,୨୫।୮

ନୂଆପଡା ଜିଲା ସଦର ବ୍ଲକର ବିବିଧ କ୍ଷେତ୍ରରେ ଉନ୍ନତି ଆଣିବା ଲକ୍ଷ୍ୟରେ ଶନିବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୭୮ଟି ପ୍ରକଳ୍ପ ପାଇଁ ୫କୋଟି ୮୨ଲକ୍ଷ ୧୦ହଜାର ଟଙ୍କା ମଞ୍ଜୁର କରିଛନ୍ତି। ସ୍ଥାନୀୟ ମିନିଷ୍ଟାଡିୟମରେ ଅପରାହ୍ନରେ ଆୟୋଜିତ ଭିଡିଓ କନଫରେନ୍ସିଂ କାର୍ଯ୍ୟକ୍ରମ ଜରିଆରେ ମୁଖ୍ୟମନ୍ତ୍ରୀ ଏହା ଘୋଷଣା କରିଛନ୍ତି। ଏହା ଏକ ସରକାରୀ କାର୍ଯ୍ୟକ୍ରମ ଥିଲା। ହେଲେ ବିଜେଡି କର୍ମୀମାନେ ଜିନ୍ଦାବାଦ ନାରାବାଜି କରାଯିବାରୁ ଏହାକୁ ବିରୋଧ କରି ଜିଲା କଂଗ୍ରେସ ତରଫରୁ ମିନି ଷ୍ଟାଡିୟମ ବାହାରେ ଧାରଣା ଦିଆଯାଇଥିଲା।

ଅପରାହ୍ନ ୫ଟାବେଳେ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଜିଲାବାସୀଙ୍କ ସୁଖଦୁଃଖ ପଚାରି ବୁଝିଥିଲେ। ଏହି ଅବସରରେ ଜିଲାର ନୂଆପଡା ବ୍ଲକ ତରଫରୁ ମଞ୍ଜୁରୀ ସକାଶେ ପଠାଯାଇଥିବା ପ୍ରକଳ୍ପଗୁଡିକର ତାଲିକା ପାଠ କରାଯାଇଥିଲା। ଏଥିରେ ନୂଆପଡା ବ୍ଲକର ୩୧ଟି ଗ୍ରାମପଞ୍ଚାୟତର ମୋଟ ୨୭୮ଟି ପ୍ରକଳ୍ପ ତାଲିକା




ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ନେତୃବୃନ୍ଦ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛନ୍ତି।

ଉପରେ ମୁଖ୍ୟମନ୍ତ୍ରୀ ମୋହର ମାରିଥିଲେ । ବିଶେଷକରି ଗାଧୁଆ ଘାଟ, ଗୋଷ୍ଠୀ ଗୃହ ନିର୍ମାଣ କାମକୁ ତାଲିକାଭୁକ୍ତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ଉପାଧ୍ୟକ୍ଷ ଭାନୁପ୍ରତାପ ସିଂ ମାଝୀ ପରିଚାଳନା କରିଥିବାବେଳେ ଜିଲାପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ଡିଆରଡିଏ ପିଡି ବୃଷଭ ଚନ୍ଦ୍ର ନାଏକ, ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ, ଉପଜିଲାପାଳ ତରଣୀସେନ ନାୟକ, ନୂଆପଡା ବିଡିଓ ସୁନୀଲ କୁମାର କେର୍କେଟା, ବିଜେଡି ଜିଲା ସଭାପତି ରାଜେନ୍ଦ୍ର ପ୍ରସାଦ ଢୋଲକିଆ, ରାଜ୍ୟ ସମ୍ପାଦକ ସରୋଜ କୁମାର ସାହୁ,

**ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ**
- ଜିଲାବାସୀଙ୍କ ସହ ମୁଖ୍ୟମନ୍ତ୍ରୀ କଥା ହେଲେ
- ବିଜେଡିର ଜିନ୍ଦାବାଦ,କଂଗ୍ରେସର ଧାରଣା

ଖଡିଆଳ ବ୍ଲକ ଅଧ୍ୟକ୍ଷ ବାଳକୃଷ୍ଣ ଶବର ପ୍ରମୁଖ ଯୋଗ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଜିଲା ତଥା ରାଜ୍ୟର ବିକାଶ ଲୋକଙ୍କ ଦ୍ୱାରା, ଲୋକଙ୍କ ଅର୍ଥରୁ ହେଉଛି। ଏହାକୁ କିପରି ଶୀଘ୍ର କରାଯାଇପାରିବ ସେଥିପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଜେଡି ତରଫରୁ ରାଜ୍ୟର ଶ୍ରେଷ୍ଠ ବିଧାୟକ ଭାବେ ପୁରସ୍କୃତ ହୋଇଥିବା ରାଜେନ୍ଦ୍ର ଢୋଲକିଆଙ୍କୁ ଫୁଲମାଳ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଯୋଗଦେଇଥିବା କର୍ମୀମାନେ ବିଜେଡି ଏବଂ ଢୋଲକିଆଙ୍କ ଜିନ୍ଦାବାଦ ଧ୍ୱନୀ ଦେଇଥିଲେ । ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ସରକାରୀ କାର୍ଯ୍ୟକ୍ରମ ଚାଲିଛି। ସରକାରୀ କଳର ଉପସ୍ଥିତିରେ ମଞ୍ଚରେ ଶାସକ ଦଳର ପ୍ରଚାର କରାଯାଉଛି ବୋଲି କହି ଜିଲା କଂଗ୍ରେସ ବିରୋଧ କରିଛି। କାର୍ଯ୍ୟକ୍ରମ ବାହାରେ କଂଗ୍ରେସର ଜିଲା ସଭାପତି ଘାସିରାମ ମାଝୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହେବା ସହ ଧାରଣା ଦିଆଯାଇଥିଲା।

ଏହି କାର୍ଯ୍ୟକ୍ରମକୁ ବିରୋଧ ଘୋଷଣା କରିଥିବା ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ରବୀନ୍ଦ୍ର ମଙ୍ଗରାଜଙ୍କୁ ଥାନାରେ କାର୍ଯ୍ୟକ୍ରମ ଶେଷ ପର୍ଯ୍ୟନ୍ତ ଅଟକ ରଖାଯାଇଥିଲା। ଏ ସଂକ୍ରାନ୍ତରେ ପିଡି ନାୟକଙ୍କୁ ପଚାରିବାରୁ କାର୍ଯ୍ୟକ୍ରମରେ ବିଜେଡି କର୍ମୀମାନଙ୍କୁ କୌଣସି ପ୍ରକାର ନାରାବାଜି କରିବାକୁ ମନା କରାଯାଇଥିଲା। ଏହାକୁ ସେମାନେ ଉଲ୍ଲଂଘନ କରିଛନ୍ତି ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟ ଲମ୍ବୋଦର ନିଆଲ, ଜିଲା ସରପଞ୍ଚ ସଂଘ ସଭାପତି ଭରତଲାଲ ରାଉତ, ସମିତି ସଂଘ ସଭାପତି ହୀରାଲାଲ ପଟେଲ, ଅବନୀ ରଞ୍ଜନ ଯୋଷୀ, ଯୁବ ବିଜେଡି ସଭାପତି ରାଜେଶ କୁମାର ନିଗମ, ଚିନିଲାଲ ସାହୁ, ଧନୀରାମ ସାହୁ, ଜିଲା ପରିଷଦ ସଭ୍ୟା ଉଷା ଚନ୍ଦ୍ରକାର, ସୁଧିର ମିଶ୍ର, ବଷ୍ଟି ଡାଗା, ରମାକାନ୍ତ ସିଂ ଠାକୁର ପ୍ରମୁଖ ଯୋଗ ଦେଇଥିଲେ ।

## ସାନଚେରଗାଁରେ ଯାଦବ ସମ୍ମିଳନି

ଗୋଲାମୁଣ୍ଡା,ତା୨୫।୮(ଡିଏନଏ)

କଳାହାଣ୍ଡି ଜିଲା ଗୋଲାମୁଣ୍ଡାବ୍ଲକ ସାନଚେରଗାଁରେ ଗୋଲାମୁଣ୍ଡା ବ୍ଲକର ଯାଦବ ବନ୍ଧୁମାନଙ୍କୁ ନେଇ ଏକ ସମ୍ମିଳନି ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକର ସମସ୍ତ ଗ୍ରାମପଞ୍ଚାୟତରୁ ବହୁ ସଂଖ୍ୟାରେ ଯାଦବ ମହିଳା, ଯୁବକ ଓ ପୁରୁଷମାନେ ଯୋଗଦେଇଥିଲେ । ଖଲିଆପାଲିର ପୂର୍ବତନ ସରପଞ୍ଚ ଲଛମନ ଚଲାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଯାଦବ ଜାତିକୁ ନେଇ କିଛି ନ୍ୟସ୍ତ ସ୍ୱାର୍ଥପର ଗୋଷ୍ଠୀ ଚଳାଇଥିବା ରାଜନୀତିକୁ ତିବ୍ର ବିରୋଧ କରାଯାଇଥିଲା । ଆଗାମୀ ଦିନରେ ଯାଦବମାନଙ୍କୁ ଏକତ୍ରିତ କରି ବିକାଶ ଦିଗରେ ଆଗ୍ରସର ହେବାକୁ ଉକ୍ତ ସମ୍ମିଳନୀରେ ଆହ୍ୱାନ ଦେଇଥିଲେ ବକ୍ତାମାନେ । ସମଗ୍ର ଜିଲାରେ ଚାଲିଥିବା ହିନ ରାଜନୀତିରୁ ସମସ୍ତ ଯାଦବ ବନ୍ଧୁମାନଙ୍କୁ ଦୂରରେ ରହିବାକୁ ଆହ୍ୱାନ ଦିଆଯାଇଥିବାବେଳେ ଆଗାମୀ ଦିନରେ ଏପରି ହୀନ ରାଜନୀତିକୁ ପ୍ରଶୟ ଦିଆଯିବ ନାହିଁ ବୋଲି କହିଥିଲେ । ଖଲିଆପାଲି ସମିତି ସଭ୍ୟା ଲୋହିତା ଚଲାନ ସ୍ୱାଗତ ଭାଷଣ ଦେଇଥିବାଲେ। ଉକ୍ତ କାର୍ଯ୍ୟକ୍ରମରେ ଯୁବ ଯାଦବ ସଂଗଠକ ଦିନେଶ ବଗର୍ତ୍ତୀ, କୌତୁକ ଗହିର, ଗୋଲାମୁଣ୍ଡା ଯୁବ ଯାଦବ ସଭାପତି ମହାଦେବ କାଣ୍ଡ, କୈବର୍ତ୍ତ ଯୁଆଡ, ବରୁଣ କେତକି, ପ୍ରମୁଖ ଉପସ୍ଥିତଥିଲେ ।

# ପାଇଖାନା ଭିତରେ ବିତୁଛି ଅଭିଶପ୍ତ ଜୀବନ

ଖଡ଼ିଆଳ, ୨୫।୮(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ବ୍ଲକ ଢୁକଲା ଗାଁ କଲୋନୀ ପଡାର ପରିକ୍ଷିତ ମାଝୀ ଓ ସୋମବାରୀ ମାଝିଙ୍କ ଝିଅ ରତ୍ନା ୧୪ ବର୍ଷ ହେଲା ଅଭିଶପ୍ତ ଜୀବନ ବିତାଉଛନ୍ତି। ଘର ଲୋକଙ୍କୁ ବାଦଦେଲେ କାହା ସହିତ କଥାବାର୍ତ୍ତା କରୁନାହାନ୍ତି। ପାଇଖାନା ଭିତରେ ଅଭିଶପ୍ତ ଜୀବନ ବିତାଉଛନ୍ତି। ପରିକ୍ଷିତ ଓ ସୋମବାରୀଙ୍କ ୩ ପୁଅ ଓ ୩ଝିଅଙ୍କ ମଧ୍ୟରୁ ଦୁଇ ନମ୍ବର ଝିଅ ରତ୍ନା। ଗତ ୧୪ବର୍ଷ ହେଲା କଣ ହେଲା କେଜାଣି ଅନ୍ୟ କାହାକୁ ଦେଖିଲେ ଲାଜକୁଳି ଲତାପରି ହୋଇ ଘରୁ ପଦାକୁ ନ ବାହାରି ଘରର ଏକ କୋଣରେ ଜୀବନ ଅତିବାହିତ କରି ଆସୁଥିଲେ। ଗତ ୧ବର୍ଷ ହେଲା ସରକାରଙ୍କ ପକ୍ଷରୁ ମିଳିଥିବା ସ୍ୱଚ୍ଛ ଭାରତ ମିଶନ ଯୋଜନାର ପାଇଖାନାରେ ଅଭିଶପ୍ତ ଅବସ୍ଥାରେ ଜୀବନ ବିତାଉଥିବା ଦେଖିବାକୁ ମିଳିଛି। ବାପା ପରିକ୍ଷିତ ଓ ମାଆ ସୋମବାରୀଙ୍କ କହିବା ଅନୁସାରେ ରତ୍ନା ଛୋଟବେଳେ ଗାଁ ସ୍କୁଲରେ ପ୍ରଥମ ଶ୍ରେଣୀରେ ପାଠ ପଢୁଥିଲେ। ପାଠପଢା ସମୟରେ ଚୁପଚାପ ରହୁଥିବାବେଳେ କାହାରି ସହ ବିଶେଷ କଥାବାର୍ତ୍ତ ହେଉ ନ ଥିଲେ। ତେବେ କଣ ହେଲା କେଜାଣି ଧୀରେ ଧୀରେ ଘର ଲୋକଙ୍କୁ ଛାଡି ଅନ୍ୟ କାହାକୁ ଦେଖିଲେ ନିଜେ ମୁହଁକୁ ତଳକୁ କରିବାକୁ ଲାଗିଲେ। ଏହା ଦେଖି ଅନ୍ଧ ବିଶ୍ୱାସ ହିସାବରେ ଘରକୁ ବଇଦ,



ମା' ବାପାଙ୍କ ସହ ରତ୍ନା।

ଗୁଣିଆଙ୍କୁ ଡାକି ଝଡାଫୁଙ୍କା କରିଥିଲେ। ଏହା ସହ ଚିକିତ୍ସା ପାଇଁ ଖଡିଆଳ ସରକାରୀ ଡାକ୍ତରଖାନାଠୁ ଆରମ୍ଭ କରି ସ୍ଥାନୀୟ ମିଶନ ହସ୍ପିଟାଲ ଏବେ ବଲାଙ୍ଗୀର, ସମ୍ବଲପୁର, ବୁର୍ଲା ଆଦି ସ୍ଥାନକୁ ଯାଇ ନିଜର ଶକ୍ତି ସାମର୍ଥ୍ୟ ଅନୁଯାୟୀ ଚିକିତ୍ସା କଲେ। ହେଲେ ଡାକ୍ତର ରୋଗ ଚିହ୍ନିପାରିଲେ ନାହିଁ କି ଆରୋଗ୍ୟ ମଧ୍ୟ କରିପାରିଲେ ନାହିଁ। ଏପରିକି କୌଣସି ସୁଫଳ ମିଳିଲା ନାହିଁ। ଫଳରେ ରତ୍ନା ମାନସିକ ବିକୃତ ରୋଗୀ ପରି ଘରୁ ପଦାକୁ ବାହାରିଲେ ନାହିଁ। ଘରର ଏକ କୋଣରେ ରହିବାକୁ ଲାଗିଲେ। ଦେଖୁ ଦେଖୁ ୧୫ବର୍ଷ ବିତିଗଲା। ୩ ଭାଇ ୨ ଭଉଣୀ ମଧ୍ୟରୁ ୩ଭାଇ ଏବଂ ବଡଭଉଣୀ ବାହାହୋଇ ଘର ସଂସାର କରିଛନ୍ତି। ରତ୍ନା କିନ୍ତୁ ସେସବୁଠାରୁ ଦୂରରେ। ଗତ ୧ବର୍ଷ ହେଲା ବାପା ପରିକ୍ଷିତଙ୍କ ନାଁରେ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ମିଳିଥିବା ପାଇଖାନାରେ ଅଭିଶପ୍ତ ଜୀବନ ବିତାଉଛନ୍ତି। ପରିକ୍ଷିତଙ୍କର ଜମିବାଡି କିଛି ନାହିଁ। ସମ୍ପତ୍ତି କହିଲେ ଘର ଡିହ। ପର ଘରେ କୁଲି ମଜୁରୀ କଲେ ଯାହା ମିଳେ ସେଥିରେ କଷ୍ଟେମଷ୍ଟେ ପରିବାର ଚାଲିଥାଏ। ତେବେ ବର୍ତ୍ତମାନ ରତ୍ନା ଅବସ୍ଥା ଦେଖି ଚିକିତ୍ସା କରି ନ ପାରି ସ୍ୱାମୀ ସ୍ତ୍ରୀ ଦୁହେଁ ଭାଙ୍ଗି ପଡିଛନ୍ତି। ସରକାରୀ ସାହାଯ୍ୟ କହିଲେ ପରିକ୍ଷିତଙ୍କ ନାଁରେ ଗତବର୍ଷ ଏକ ବିଜୁ ପକ୍କା ଘର ମିଳିଛି। ରତ୍ନା ଗତ ୨୦୧୨ ଅଗଷ୍ଟ ମାସରୁ ଭିନ୍ନକ୍ଷମ ଭତ୍ତା ସ୍ୱରୂପ ମାସିକ ୩୦୦ଟଙ୍କା ପାଉଛନ୍ତି। ତେବେ ଏହା ମଧ୍ୟ ସମୁଦ୍ରକୁ ଶଙ୍ଖେ ସଦୃଶ। ଅନ୍ୟ କିଛି ସାହାର୍ଯ୍ୟ ମିଳିନାହିଁ। ବର୍ତ୍ତମାନ ରତ୍ନା ମାଆ ସୋମବାରୀଙ୍କୁ ଛାଡିଦେଲେ ଘରର ଅନ୍ୟ କାହା ସହ କଥାବାର୍ତ୍ତା କରୁ ନ ଥିବାବେଳେ କେତେବେଳେ ମନେ ପଡିଲେ ଖାଇବାକୁ ମାଗିଥାନ୍ତି। କେତେବେଳେ ନାହିଁ। ତାଙ୍କର ସମସ୍ତ ବୋଝ ମାଆ ଉପରେ। ଏପରିସ୍ଥିତିରେ ଗୋଟିଏ ପଟେ ପରିବାର ଚଳାଇବାର ଚିନ୍ତା ତ ଅନ୍ୟ ପଟେ ରତ୍ନାର ଚିକିତ୍ସା ପାଇଁ ଅର୍ଥ ଯୋଗାଡ କରିବାର ଚିନ୍ତା। ଯାହାକୁ ନେଇ ପରିକ୍ଷିତ ଓ ସୋମବାରୀ ଦୁଃଖରେ ଭାଙ୍ଗି ପଡିଛନ୍ତି। ଏଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଚିକିତ୍ସା ପାଇଁ ସହାୟତା ଯୋଗାଇବା ଦିଗରେ ପଦକ୍ଷେପ ନେବାକୁ ଜନସାଧାରଣରେ ଦାବି ହେଉଛି।

## କାଉଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ
# ପରିଚାଳନା କମିଟିର ନୂଆ କର୍ମକର୍ତ୍ତା

ଲାଞ୍ଜିଗଡ଼,୨୫।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ କାଉଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଓ ଅଭିଭାବକ ସମ୍ମିଳନୀ ତଥା ବିଦ୍ୟାଳୟ ପରିଚାଳନା କମିଟିର ନୂଆ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ମଙ୍ଗଳ ଅଧିକାରୀ ଲୋକନାଥ ଅଧିକାରୀ ଯୋଗଦେଇଥିବାବେଳେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗେନ୍ଦ୍ର ଜେନା । ଏହି ଅବସରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଶତାଧିକ ଅଭିଭାବକ ଯୋଗଦେଇ ନିଜ ନିଜ ମତ ରଖିଥିବାବେଳେ ବିଦ୍ୟାଳୟ ଓ ଅନ୍ତେବାସୀ ଛାତ୍ରୀଛାତ୍ରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଶଦ ଆଲୋଚନା କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର କାର୍ଯ୍ୟକାଳ ଶେଷ ହୋଇଥିବାରୁ ନୂଆ କମିଟି ଗଠନ ସହିତ ନୂଆ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଥିରେ ସଭାପତି ଭାବେ ଗୋପାଳବାସ ମହାନନ୍ଦ, ଉପସଭାନେତ୍ରୀ ଭାବେ ପିଙ୍କି ମାଝି, ସଦସ୍ୟ ଭାବେ ଈଶ୍ୱର ବଗର୍ତ୍ତି, ସେନାପତି ରଣା, ଲୋଚନ ଶବର, ଦଶରଥ ଶବର, ସୁରେନ୍ଦ୍ର ଶବର, ୱାର୍ଡ ସଭ୍ୟା ପଦ୍ମା ଶବର, ମହିଳା ସ୍ୱାସ୍ଥ୍ୟ କର୍ମୀ ସୁଷମା ଦାସ, ଆଶା କର୍ମୀ ଲକ୍ଷ୍ମୀ ବାଗ, ଶିକ୍ଷକ ପ୍ରତିନିଧି ସନ୍ଦୀପ ମିଶ୍ରଙ୍କ ସମେତ ଦୁଇଜଣ ଛାତ୍ର ପ୍ରତିନିଧି ପରିଚାଳନା କମିଟିକୁ ମନୋନୀତ ହୋଇଥିଲେ । ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ମନୋରଞ୍ଜନ ପଣ୍ଡିତ । ଆଜିର ସଭା ପରିଚାଳନା ଓ କମିଟି ଗଠନରେ ବରିଷ୍ଠ ଶିକ୍ଷକ ଲକ୍ଷ୍ମୀ ନାରାୟଣ ଗୋଲାପ, ଗୋକୁଳ ପାତ୍ର, ସନ୍ତୋଷ ପାତ୍ର, ଜଗନ୍ନାଥ ନାଏକ, ଅମୂଲ୍ୟ ନାଏକ ଓ କୋକିଳ ଶବରଙ୍କ ସମେତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ ।




ଶିକ୍ଷକ ଓ ଅଭିଭାବକ ସମ୍ମିଳନୀରେ ଯୋଗଦେଇଥିବା ମଞ୍ଚାସୀନ ଅତିଥି।

# ପାଣି ପାଉଚରେ ପୋକ ବାହାରୁଛି

ଖଡ଼ିଆଳ, ୨୫।୮(ଡି.ଏନ.ଏ.)

ସ୍ୱଚ୍ଛ ଓ ବିଶୁଦ୍ଧ ପାଣି ବଜାରରେ ବ୍ୟବସାୟ କରିବା ପାଇଁ ରାଜ୍ୟ ସରକାର ପିଇବା ପାଣି ଫ୍ୟାକ୍ଟ୍ରି ଖୋଲିବା ପାଇଁ ଅନୁମତି ଦେବା ସହ ଲାଇସେନ୍ସ ପ୍ରଦାନ କରିଛନ୍ତି । ହେଲେ ନୂଆପଡା ଜିଲା ଖଡିଆଳ ସହରରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଖଡିଆଳ ସହରର ବିଜେପୁର ଗାଁ ନିକଟରେ ଥିବା ଶ୍ୟାମ ଜୀ ଜଳ ପିଇବା ପାଣି ଫ୍ୟାକ୍ଟ୍ରିରେ। ବଜାରରେ ସ୍ୱଚ୍ଛ ଓ ବିଶୁଦ୍ଧ ପିଇବା ପାଣି ବଦଳରେ ପାଣି ପାଉଚରେ ପୋକ ଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମିଳିଥିବା ସୂଚନା ଅନୁସାରେ ଶ୍ୟାମଜୀ ଜଳ ପିଇବା ପାଣି ଫ୍ୟାକ୍ଟ୍ରିରୁ ବଜାରକୁ ବ୍ୟବସାୟ କରିବା ଉଦ୍ଦେଶ୍ୟ ନେଇ ପାଣି ପାଉଚରେ ଏକ ମୃତ ଅସରପା ପୋକ ଭାସୁଥିବା ଦେଖିବାକୁ ମିଳିଥିଲା, ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯିବା ପରେ ଉତ୍ତେଜନା ପ୍ରକାଶ ପାଇଛି। ତେବେ ଏ ନେଇ ଶ୍ୟାମଜୀ ଜଳ ପିଇବା ପାଣି ଫ୍ୟାକ୍ଟ୍ରି ମାଲିକ ଫୋନ ନଂ ୭୦୭୭୯୯୦୩୦୩ ଯୋଗାଯୋଗ କରିବାର ଘଟଣାକୁ ହାଲୁକା ଭାବେ ନେଇ ମୁଁ ବର୍ତ୍ତମାନ ଖଡିଆଳ ସହର ବାହାରେ ଅଛି , କିଛି ଜାଣିନାହିଁ ବୁଝି କହିବି ବୋଲି କହି ଏଡାଇ ଦେଇଥିଲେ। ତେବେ ଏହା ପୂର୍ବରୁ ମଧ୍ୟ ଶ୍ୟାମଜୀ ଜଳ ପିଇବା ପାଣି ଫ୍ୟାକ୍ଟ୍ରିରୁ ଅନେକ ସମୟରେ ଜୀବାଣୁ ଆଦି ବାହାରୁ ଥିବା ନଜିର ରହି ଆସିଥିବାବେଳେ ପାଣି ମଧ୍ୟ ଦୁର୍ଗନ୍ଧ ହେଉଥିବା ଅଭିଯୋଗ ହେବା ସହ ପାଣି ଜାରକୁ ମଧ୍ୟ ଠିକ୍ ଭାବରେ ସଫାସୁତୁରା କରାଯାଉ ନ ଥିବା ବାରମ୍ବାର ଅଭିଯୋଗ ହେଉଛି। ଖଡିଆଳ ଅଞ୍ଚଳରେ ବିଶେଷ କରି ଲୋକେ ନଳକୂପ ଓ କୂଅଁ ପାଣି ବ୍ୟବହାର କରି କିଡନୀ ଓ ଅନେକ ରୋଗବ୍ୟାଧୀର ଶିକାର ହେଉଥିବାରୁ ବେସରକାରୀ ଶ୍ୟାମଜୀ ଜଳ ଫ୍ୟାକ୍ଟ୍ରି କରି ଫ୍ୟାକ୍ଟ୍ରି ଉପରେ ନିର୍ଭର କରି ଆସୁଥିବାବେଳେ ବର୍ତ୍ତମାନ ଉକ୍ତ ପାଣିରେ ପୋକ ସହ ବିଭିନ୍ନ ସମୟରେ ଜୀବାଣୁ ବାହାରୁଥିବା ଯୋଗୁ ଖଡିଆଳ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯିବା ସହ ଆତଙ୍କିତ ହୋଇପଡିଛନ୍ତି। ତେବେ ପ୍ରଶାସନ ଏପରିସ୍ଥିତିରେ ଶ୍ୟାମଜୀ ଜଳ ଫ୍ୟାକ୍ଟ୍ରିର ପାଣିର ମାନ ଯାଞ୍ଚ କରିବା ସହ ଫ୍ର୍ୟାକ୍ଟ୍ରି ମାଲିକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି ।




ପାଣି ପାଉଚରେ ପୋକ।

# ଏକ୍ସପ୍ରେସ ଟ୍ରେନ ରହଣି ଦାବି ତେଜୁଛି

ନୂଆପଡା ଅଫିସ,୨୫।୮

ନୂଆପଡା ଏକ ଜିଲା ସଦର ମହକୁମା ହୋଇଥିବା ସତ୍ତ୍ୱେ ରେଳ ବିଭାଗ ତରଫରୁ ଜିଲାକୁ ଅବହେଳା କରାଯାଉଛି। ଗୋଟିଏ ଦ୍ୱିତା ଏକ୍ସପ୍ରେସ ଟ୍ରେନକୁ ଛାଡିଦେଲେ ବାକି ଏକ୍ସପ୍ରେସ ଟ୍ରେନ ଗୁଡିକର ରହଣୀ ଦାବି କରିବାକୁ ପ୍ରସ୍ତୁତି ହୋଇଛି। ଶୁକ୍ରବାର ରାତିରେ ସର୍ବଦଳୀୟ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିବାବେଳେ ଏଥିରେ ଆଗାମୀ ଦିନରେ ରେଲରୋକୋ ଆନ୍ଦୋଳନ କରାଯିବ ବୋଲି ସ୍ଥିର ହୋଇଛି। ସ୍ଥାନୀୟ ସର୍ବଦଳୀୟ କାର୍ଯ୍ୟାଳୟରେ ଆବାହକ ଟିଟୁ ପଣ୍ଡା ଏବଂ ସରୋଜ କୁମାର ସାହୁଙ୍କ ଆହ୍ୱାନରେ ଆୟୋଜିତ ସଭାରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ସିଭିଲ ବାର ଆସୋସିଏଶନ ସଭାପତି ଘାସିରାମ ମାଝୀ, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁପ୍ରତାପ ସିଂ ମାଝୀଙ୍କ ସମେତ ଭାଜପା, ବିଜେଡି ଏବଂ କଂଗ୍ରେସର ପ୍ରମୁଖ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଏଥିରେ ନୂଆପଡା ସମେତ ଆଖପାଖ ଅଞ୍ଚଳର ବିକାଶ ନିମନ୍ତେ ଏଠାରେ ସବୁ ଏକ୍ସପ୍ରେସ ଟ୍ରେନର ରହଣୀ ଜରୁରୀ ବୋଲି ବକ୍ତାମାନେ ମତ ରଖିଥିଲେ। ଏଥିପାଇଁ ସମସ୍ତଙ୍କୁ ଏକଜୁଟ ହୋଇ ଲଢିବାକୁ ପଡିବ ବୋଲି ଚର୍ଚ୍ଚା ହୋଇଛି। ଏହି ଅବସରରେ ନୂଆପଡାର ସର୍ବାଙ୍ଗୀନ ବିକାଶ ନିମନ୍ତେ ନୂଆପଡା ବିକାଶ ମଞ୍ଚ ନାମରେ ଏକ ସର୍ବଦଳୀୟ ସଙ୍ଗଠନ ଗଠନ କରାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ କୁମାତ ପତି, ସୁଧିର ମିଶ୍ର, ସଞ୍ଜୁ ପୁରୋହିତ, ବିଜୟ ଚନ୍ଦ୍ରପାର, କମଳେଶ ଠାକୁର, ଟେକରାମ ସାହୁ, ଶମ୍ଭୁ ଗୁପ୍ତା, ରାମକୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ସର୍ବଦଳୀୟ ବୈଠକରେ ଯୋଗ ଦେଇଥିବା କର୍ମକର୍ତ୍ତା।

- ନୂଆପଡାରେ ସର୍ବଦଳୀୟ ବୈଠକ
- ଆଗାମୀ ଦିନରେ ରେଲରୋକୋ କରାଯିବ
- ନୂଆପଡାକୁ ଅବମାନନା ଅଭିଯୋଗ